# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୩/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, August 3/2019 | ★★★★★★

୪୫ଶ ଭାଗ ୨୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ରୋରି ବର୍ନ୍ସଙ୍କ ଲଢୁଆ ବ୍ୟାଟିଂ**

ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଆଶେସ ଟେଷ୍ଟ ମ୍ୟାଚରେ ଇଂଲଣ୍ଡ ଓପନର ରୋରି ବର୍ନ୍ସ ଲଢୁଆ ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି । ୧୮

୦୮ **ଭାରତୀୟ ଲଳନା ମିସ୍ ଇଂଲଣ୍ଡ ମୁକୁଟ ବିଜୟିନୀ**

ଭାରତୀୟ ଲଳନା ଭାଷା ମୁଖାର୍ଜୀ ସୁନ୍ଦରୀ ପ୍ରତିଯୋଗିତାରେ ୧୨ଜଣ ମଡେଲଙ୍କୁ ପଛରେ ପକାଇ ମିସ୍ ଇଂଲଣ୍ଡ ମୁକୁଟ ବିଜୟିନୀ ହୋଇଛନ୍ତି ।





ମାଲକାନଗିରି ଜିଲା କାଲିମେଳା ବ୍ଲକ୍‌ର କାଙ୍ଗୁରୁକୋଣ୍ଡା ପୋଲ ଉପରେ ଶୁକ୍ରବାର ବନ୍ୟାଜଳ ପ୍ରବାହିତ ହେଉଛି । (ରିପୋର୍ଟ: ପୃଷ୍ଠା-୩)

■ କୁନ୍ଦୁଲି ଗଣବଳାତ୍କାର, ଆତ୍ମହତ୍ୟା ମାମଲା

# ୪ ସପ୍ତାହରେ ତଦନ୍ତ ଶେଷ କର

**କଟକ ଅଫିସ, ୨।୮**

ବହୁଚର୍ଚ୍ଚିତ କୁନ୍ଦୁଲି ଗଣବଳାତ୍କାର ଓ ଆତ୍ମହତ୍ୟା ମାମଲାର ତଦନ୍ତ ୪ ସପ୍ତାହ ମଧ୍ୟରେ ଶେଷ କରିବାକୁ ଶୁକ୍ରବାର ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ତଦନ୍ତରେ ସନ୍ତୁଷ୍ଟ ନ ହେଲେ ସ୍ପେଶାଲ ଇନଭେଷ୍ଟିଗେଶନ ଟିମ୍ (ଏସ୍ଆଇଟି) ଦ୍ୱାରା ତଦନ୍ତ କରାଯିବ ବୋଲି ହାଇକୋର୍ଟ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି । ଏସ୍ଆଇଟିରେ ରାଜ୍ୟସ୍ତରୀୟ ଓ କେନ୍ଦ୍ର ଏଜେନ୍ସି ଅଧିକାରୀଙ୍କୁ ସାମିଲ କରିବା ଲାଗି ହାଇକୋର୍ଟ ପ୍ରସ୍ତାବ ଦେଇଛନ୍ତି । ଭାଜପା ନେତା ଖାରବେଳ ସ୍ୱାଇଁ ଏବଂ ପୀଡ଼ିତାଙ୍କ ମା' ଓ ଭାଇଙ୍କ ଦ୍ୱାରା ହୋଇଥିବା ଆବେଦନ ଉପରେ ହାଇକୋର୍ଟ ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଏସ୍ଆଇଟି ତଦନ୍ତ ପାଇଁ ଆବେଦନକାରୀ ୬ ଜଣଙ୍କ ନାମ ସୁପାରିସ କରିପାରିବେ ଓ ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ହାଇକୋର୍ଟ ମନୋନୀତ କରିବେ । ଏହି ଟିମ୍‌ରେ ୨ ଜଣ କେନ୍ଦ୍ରୀୟ ଏଜେନ୍ସି ଅଧିକାରୀ ଓ ଜଣେ ରାଜ୍ୟ ଏଜେନ୍ସି ଅଧିକାରୀ ରହିବେ ବୋଲି ହାଇକୋର୍ଟ କହିଛନ୍ତି ।

ସୂଚନାଯୋଗ୍ୟ, ୨୦୧୭ ଅକ୍ଟୋବର ୧୦ରେ ପୀଡ଼ିତା ସ୍କୁଲରୁ ଘରକୁ ଫେରୁଥିବା ବେଳେ ନିଛାଟିଆ ରାସ୍ତାରେ ତାଙ୍କୁ ଗଣବଳାତ୍କାର କରାଯାଇଥିଲା । ଅଭିଯୁକ୍ତମାନେ ଯବାନ ପୋଷାକ ପିନ୍ଧି ପୀଡ଼ିତାଙ୍କୁ ବଳାତ୍କାର କରି ଫେରାର ହୋଇଯାଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କୁନ୍ଦୁଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ତେବେ ନାବାଳିକାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ସୁସ୍ଥ ହେବା ପରେ ସେ ସୁଧାର ଗୃହକୁ ଫେରିଥିଲେ । ମାତ୍ର ପୁଣି ଥରେ ସ୍ୱାସ୍ଥ୍ୟ ଅବସ୍ଥାରେ ଅବନତି ଘଟିବାରୁ ତାଙ୍କୁ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସୁସ୍ଥ ହୋଇ ଘରକୁ ଫେରିବା ପରେ ସେ ଘରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ କୁନ୍ଦୁଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।



**ଏସ୍ଆଇଟି ଦ୍ୱାରା ତଦନ୍ତ କରାଯିବ**



**ବରିଷ୍ଠ ଟିଭି ଉପସ୍ଥାପକ ରବୀଶ କୁମାରଙ୍କୁ ରେମନ୍ ମାଗ୍‌ସେସେ**

........ ୨ ........

■ ଅଗଷ୍ଟ ୧୫ ପୂର୍ବରୁ ହୋଇପାରେ ବଡ଼ ନିଷ୍ପତ୍ତି

# ଆଶଙ୍କାରେ କଶ୍ମୀରବାସୀ

**ଶ୍ରୀନଗର, ୨।୮ (ଆଇଏଏନ୍ଏସ୍)**

ଜମ୍ମୁ-କଶ୍ମୀରକୁ ସପ୍ତାହକ ମଧ୍ୟରେ ଅତିରିକ୍ତ ୩୮,୦୦୦ ଯବାନଙ୍କୁ ପଠାଯିବା ପରେ ଉପତ୍ୟକାବାସୀ ଆଶଙ୍କାରେ ରହିଛନ୍ତି । କେନ୍ଦ୍ର ସରକାର ଗତ ୨୭ ତାରିଖରେ ୧୦ ହଜାର ଓ ଗୁରୁବାର ୨୮ ହଜାର କେନ୍ଦ୍ରୀୟ ଯବାନଙ୍କୁ କଶ୍ମୀରକୁ ପଠାଇଛନ୍ତି । ଆଭ୍ୟନ୍ତରୀଣ ନିରାପତ୍ତା ଆବଶ୍ୟକତା ପୂରଣ ପାଇଁ ଏପରି ପଦକ୍ଷେପ ନିଆଯାଇଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ହେଲେ ସମ୍ବିଧାନର ଅନୁଚ୍ଛେଦ ୩୫ଏକୁ ଉଚ୍ଛେଦ ପାଇଁ ଏପରି କରାଯାଉଥିବା ଉପତ୍ୟକାବାସୀ ସନ୍ଦେହ କରୁଛନ୍ତି । ଆସନ୍ତା ୧୫ ତାରିଖ ପୂର୍ବରୁ ଏନେଇ କିଛି ବଡ଼ ନିଷ୍ପତ୍ତି ନିଆଯାଇପାରେ । ସେହିପରି ଜମ୍ମୁ-କଶ୍ମୀରକୁ ତିନିଭାଗରେ ବିଭକ୍ତ କରି ଜମ୍ମୁ, ଉପତ୍ୟକା ଓ ଲଦାଖ ନାମରେ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରାଯାଇପାରେ ବୋଲି କୁହାଯାଉଛି । ସେଠାରେ ଏତେସଂଖ୍ୟକ ସୁରକ୍ଷା ବଳଙ୍କ ଉପସ୍ଥିତି ସ୍ଥାନୀୟ ଲୋକଙ୍କ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରିଛି । ଏବେ ସାଧାରଣ କଶ୍ମୀରୀଙ୍କ ପ୍ରାଥମିକତା ହେଉଛି ଔଷଧ, ତେଲ, ଲୁଣ, ଚା ଓ ପନିପରିବା । ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ସଜାଗ ରହିବା ପାଇଁ ସୁରକ୍ଷା ବଳକୁ ନିର୍ଦ୍ଦେଶ ଦିଆଯାଇଥିବାରୁ କେତେବେଳେ କ'ଣ ଘଟିବ ନେଇ ଉପତ୍ୟକାବାସୀ ଦ୍ୱନ୍ଦ୍ୱରେ ରହିଥିବାବେଳେ ଗୁଜବକୁ ବିଶ୍ୱାସ ନ କରିବା ପାଇଁ ରାଜ୍ୟପାଳ ସତ୍ୟପାଳ ମଲିକ ପରାମର୍ଶ ଦେଇଛନ୍ତି ।

**ମଧ୍ୟସ୍ଥତା ଉଦ୍ୟମ ବିଫଳ**
**୬ରୁ ଅଯୋଧ୍ୟା ମାମଲାର ଶୁଣାଣି**

........ ୨ ........

# ୪ରୁ ୭ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୨।୮ (ବ୍ୟୁରୋ)**

**ଲଘୁଚାପ**
- ■ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା
- ■ ୫ ଜିଲାରେ ଅତିପ୍ରବଳ ବର୍ଷା
- ■ ଜିଲାପାଳଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ

ଉତ୍ତର ପୂର୍ବ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ସମଗ୍ର ରାଜ୍ୟରେ ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି । ବିଶେଷକରି ଉପକୂଳ ଓ ଉତ୍ତର ଓଡ଼ିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, କଟକ, ଗଜପତି, ଗଞ୍ଜାମ, କଳାହାଣ୍ଡି, ଜଗତ୍‌ସିଂହପୁର, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼, ପୁରୀ ଏବଂ ରାୟଗଡ଼ାରେ ଘଡ଼ଘଡ଼ି ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ଏଥିସହ କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି । ଲଘୁଚାପ ଯୋଗୁ ୩ ତାରିଖ ରାତିରୁ ବର୍ଷା ଆରମ୍ଭ ହେବ । ୪ ଓ ୫ ତାରିଖରେ ଉପକୂଳ, ଉତ୍ତର ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ହେବ । ଅଗଷ୍ଟ ୭ ଯାଏ ବର୍ଷା ଲାଗିରହିବ । ତେବେ ଦକ୍ଷିଣ ଓଡ଼ିଶାରେ ବର୍ଷାର ପରିମାଣ ସାମାନ୍ୟ କମ୍ ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଲଘୁଚାପ ଯୋଗୁ ସମୁଦ୍ର ଅଶାନ୍ତ ରହୁଥିବାରୁ ଆସନ୍ତା ୪ରୁ ୬ ତାରିଖ ଯାଏ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି । ଲଘୁଚାପ ଯୋଗୁ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର ଜିଲାରେ ଥିବା ନଦୀଗୁଡ଼ିକ ଫୁଲିବା ସମ୍ଭାବନା ରହିଛି ।

ଆସନ୍ତା ୫ ଦିନ ଯାଏ ବର୍ଷା ଲାଗି ରହିବ । ମାଲକାନଗିରି, କୋରାପୁଟ, କଳାହାଣ୍ଡି, ନବରଙ୍ଗପୁର ଏବଂ ନୂଆପଡା ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସୂଚନା ଦେବା ପରେ ରାଜ୍ୟ ସରକାର ମଧ୍ୟ ସତର୍କ ହୋଇଯାଇଛନ୍ତି । ଉକ୍ତ ଜିଲାଗୁଡ଼ିକର ଜିଲାପାଳଙ୍କୁ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ଅନ୍ୟ ଜିଲାର ଜିଲାପାଳମାନେ ମଧ୍ୟ ଏ ନେଇ ପ୍ରସ୍ତୁତ ରହିବାକୁ କୁହାଯାଇଛି । ଖାଦ୍ୟ ସାମଗ୍ରୀ, ପାନୀୟ ଜଳ, ଔଷଧ ଇତ୍ୟାଦି ଗଚ୍ଛିତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ବର୍ଷାଜନିତ ବନ୍ୟା ପରେ ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ ଖାଦ୍ୟ ସାମଗ୍ରୀ ଯୋଗାଇବାକୁ ପରାମର୍ଶ ଦିଆଯାଇଛି ।


**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


**ଆଜିର ସମ୍ପାଦକୀୟ**

**ପରିପତ୍ରରୁ ବାବୁ ଦୁଇଭାଗ**

**ଆଜିର ମନ୍ତବ୍ୟ**

" ଉନ୍ନାଓ ମାମଲାରେ ସୁପ୍ରିମକୋର୍ଟ ରାୟ ଉତ୍ତରପ୍ରଦେଶ ସରକାରଙ୍କ ବିଫଳତା ଉପରେ ମୋହର ।

-ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦକ

**କିଛି ତଥ୍ୟ**

ସରକାରଙ୍କ ପବ୍ଲିକ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ ଗଭର୍ନମେଣ୍ଟ ଇ-ମାର୍କେଟପ୍ଲେସରେ ୨.୫ ଲକ୍ଷ ସେଲର, ସେବା ପ୍ରଦାନକାରୀ ପଞ୍ଜୀକୃତ ଅଛନ୍ତି ।

– ଡିଆଇପିପି


NECC NATIONAL EGG CO-ORDINATION COMMITTEE 02.08.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 65 | 113 | 123 |
| CTC | 65 | 113 | 123 |
| DKL | 62 | 109 | 119 |
| BDK | 66 | 114 | 124 |
| BLS | 67 | 115 | 125 |
| ANG | 63 | 110 | 120 |
| BHM | 62 | 109 | 119 |

*Conditions Apply

Eggs Retail Price- 41/-Dozen
Issued in the Interest of Consumers


# ସମ୍ପରେ ଫଶି ଠିକାଦାରଙ୍କ ସମେତ ୩ ମୃତ

**ରାଜଧାନୀରେ ଦୁଃଖଦ ଘଟଣା**

■ ତଦନ୍ତ ନିର୍ଦ୍ଦେଶ ଦେଲେ ଶ୍ରମମନ୍ତ୍ରୀ

**ଭୁବନେଶ୍ୱର, ୨।୮ (ବ୍ୟୁରୋ)**

ଏକ ନିର୍ମାଣାଧୀନ ଘରର ପାଣି ସମ୍ପରେ ଫସି ଜଣେ ଶ୍ରମିକ ଠିକାଦାର ଓ ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପୁରୀ ବାଇପାସ୍ ରୋଡ୍ ପାର୍ଶ୍ୱ ପଳାଶୁଣୀ ଓ ପାଣ୍ଡରା ଛକ ମଧ୍ୟବର୍ତ୍ତୀ ଅଞ୍ଚଳରେ ଘଟିଛି ଏହି ଦୁଃଖଦ ଘଟଣା । ମୃତ ୩ଜଣ ହେଲେ ପଶ୍ଚିମବଙ୍ଗ ପୂର୍ବ ମେଦିନାପୁର ଅଞ୍ଚଳର ଶ୍ରମିକ ଠିକାଦାର ସମିରନ୍ ମୁନିୟାନ, ଶ୍ରମିକ ଭ୍ରିଗୁରାମ ମଣ୍ଡଳ ଓ ବାସୁଦେବ ମଣ୍ଡଳ । ପୋଲିସ ଓ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ପାଣିରେ ଭାସୁଥିବା ଅବସ୍ଥାରେ ମୃତଦେହଗୁଡିକୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା । ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବାବେଳେ ମୃତଦେହଗୁଡିକୁ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖାଯାଇଛି । ପରିବାର ଲୋକେ ପହଞ୍ଚିବା ପରେ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି । ଅନ୍ୟପକ୍ଷରେ ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ । ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ସେ ଶ୍ରମ ବିଭାଗ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।



ଉକ୍ତ ନିର୍ମାଣାଧୀନ ଘରଟି ଅନୁଗୋଳସ୍ଥିତ ନାଲ୍‌କୋରେ କାର୍ଯ୍ୟରତ ଶ୍ରୀକାନ୍ତ ମହାନ୍ତିଙ୍କର ବୋଲି ଜଣାପଡିଛି । ଲକ୍ଷ୍ମଣ କରଣ ନାମକ ଜଣେ ଠିକାଦାର ଉକ୍ତ ଘର ନିର୍ମାଣ କରୁଥିବାବେଳେ ମୃତ ସମିରନ୍ ଶ୍ରମିକ ଠିକାଦାର ଥିଲେ । ସମିରନ୍, ଭ୍ରିଗୁରାମ, ବାସୁଦେବଙ୍କ ସମେତ ପ୍ରଶାନ୍ତ ପାତ୍ର, କାଳିପଦ କ୍ରାମନା, ଉତ୍ପଲ ଦାସ ଓ ବିଶାରୂପ ରଞ୍ଜିତ ସେଠାରେ ରହି କାର୍ଯ୍ୟ କରୁଥିଲେ । ମିଳିଥିବା ସୂଚନାନୁସାରେ, ଶୁକ୍ରବାର ସକାଳ ୭ଟା ସମୟରେ ଉତ୍ପଲ ଓ ବିଶାରୂପ ଅନ୍ୟତ୍ର କାମକୁ ଚାଲିଯାଇଥିଲେ । ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ଶ୍ରମିକ ଠିକାଦାର ସିମ୍‌ରନ ଓ ଭ୍ରିଗୁରାମ ସେଣ୍ଟ୍ରି କାର୍ଯ୍ୟ କରୁଥିବାବେଳେ ବାସୁଦେବ ରୋଷେଇ କରୁଥିଲେ । ଏହି ସମୟରେ ପ୍ରଶାନ୍ତ ରୁଟି କାଟିବାକୁ ଯାଇ ମଧ୍ୟାହ୍ନ ପ୍ରାୟ ୧୨ଟାରେ ଫେରିଥିଲେ । ହେଲେ ରୋଷେଇ ଅଧା ରହିଥିବା ଓ ଘରେ କେହି ନ ଥିବା ଦେଖି ଖୋଜାଖୋଜି କରିଥିଲେ । ନିର୍ମାଣାଧୀନ ସମ୍ପର ମୁହଁ ଖୋଲା ରହିଥିବା ଓ ପାଖରେ ଜଣଙ୍କର ଚପଲ ପଡ଼ିଥିବା ଦେଖି ସନ୍ଦେହ ହୋଇଥିଲା । ସମ୍ପ ଭିତରକୁ ଚାହିଁବାରୁ କେହି ପାଣିରେ ଭାସୁଥିବା ଦେଖି ଚିତ୍କାର କରି ବାହାରକୁ ଦୌଡ଼ି ଆସି ନିକଟରେ ଅନ୍ୟ ଏକ ଘର କାର୍ଯ୍ୟ କରୁଥିବା

☞ ପୃଷ୍ଠା-୪






"ଧର୍ମ ଆଧାରରେ ବିଭାଜନକୁ ପ୍ରତ୍ୟାଖ୍ୟାନ କରି ଧର୍ମନିରପେକ୍ଷ ଭାରତକୁ ଗ୍ରହଣ କରିଥିବା ଏକମାତ୍ର ମୁସଲିମ୍ ବହୁଳ ରାଜ୍ୟକୁ କେନ୍ଦ୍ର ସରକାର ପ୍ରେମରେ ଜିତି ପାରିନାହାନ୍ତି। ଶେଷରେ ମୁଖା ଖୋଲିଯାଇଛି ଏବଂ ଭାରତ ଲୋକଙ୍କୁ ନୁହେଁ, ବରଂ ଭୂଖଣ୍ଡକୁ ବାଛିଛି।

-ମେହବୁବା ମୁଫ୍ତି, ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ



## ସଂକ୍ଷେପରେ

### ରବୀଶ କୁମାରଙ୍କୁ ରେମନ୍ ମାଗ୍‌ସେସେ

**ନୂଆଦିଲ୍ଲୀ,୨।୮(ପି.ଟି.):** ବରିଷ୍ଠ ସାମ୍ବାଦିକ ତଥା ଟିଭି ଉପସ୍ଥାପକ ରବୀଶ କୁମାରଙ୍କୁ ଚଳିତବର୍ଷର ସମ୍ମାନଜନକ ରେମନ୍ ମାଗ୍‌ସେସେ ପୁରସ୍କାର ପ୍ରଦାନ କରାଯିବ। ୧୯୭୪ ଡିସେମ୍ବର ୫ରେ ବିହାରର ମୋତିହାରିରେ ଜନ୍ମିତ ରବୀଶ କୁମାର ସମ୍ପ୍ରତି ଏନ୍‌ଡିଟିଭି ଇଣ୍ଡିଆର ବରିଷ୍ଠ କାର୍ଯ୍ୟନିର୍ବାହୀ ସମ୍ପାଦକ ଭାବେ କାର୍ଯ୍ୟରତ। ୪୫ ବର୍ଷୀୟ ରବୀଶ ଭାରତର ଅନ୍ୟତମ ପ୍ରଭାବଶାଳୀ ଟିଭି ସାମ୍ବାଦିକ ବୋଲି ରେମନ୍ ମାଗ୍‌ସେସେ ଆୱାର୍ଡ ଫାଉଣ୍ଡେଶନ୍ ପକ୍ଷରୁ କୁହାଯାଇଛି। ଏହି ଅବସରରେ ରବୀଶଙ୍କ ନିକଟକୁ ଶୁକ୍ରବାର ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି, କ୍ଷମତାରେ ଥିବା ଲୋକଙ୍କୁ ନିର୍ଭୀକ ଭାବେ ବାସ୍ତବତାର ଦର୍ପଣ ଦେଖାଇଥିବା ରବୀଶ କୁମାର ରେମନ୍ ମାଗ୍‌ସେସେ ଆୱାର୍ଡ ପାଇଁ ମନୋନୀତ ହେବା ଗର୍ବର ବିଷୟ। ଭାରତୀୟ ସାମ୍ବାଦିକତା କ୍ଷେତ୍ରରେ ରବୀଶଙ୍କୁ ଜଣେ ବ୍ୟତିକ୍ରମ ଭାବେ ଅଭିହିତ କରି ଫେସ୍‌ବୁକ୍ ଓ ଟୁଇଟର୍‌ରେ ଅଭିନନ୍ଦନ ଜଣାଇଛନ୍ତି ରାହୁଲ। ସେହିପରି ୨୦୦୬ରେ 'ଉଦୀୟମାନ ନେତୃତ୍ୱ' ପାଇଁ ଏହି ସମ୍ମାନ ପାଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତି ଓ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀଙ୍କ ସମେତ ଅନେକ ନେତା ଏବଂ ବିଶିଷ୍ଟ ବ୍ୟକ୍ତି ରବୀଶଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହା ପୂର୍ବରୁ ଆର୍.କେ. ଲକ୍ଷ୍ମଣ, ପି. ସାଇନାଥ, ଅରୁଣ ସୌରୀ, କିରନ୍ ବେଦୀ ମଧ ରେମନ୍ ମାଗ୍‌ସେସେ ଆୱାର୍ଡ ପାଇସାରିଛନ୍ତି। ଏସିଆର ନୋବେଲ ପୁରସ୍କାର ବୋଲି ବିବେଚନା ହେଉଥିବା ଏହି ସମ୍ମାନ ପାଇଁ ଚଳିତବର୍ଷ ଆଉ ୪ ଜଣ ମନୋନୀତ ହୋଇଛନ୍ତି। ସେହି ସହବିଜେତାମାନେ ହେଲେ କୋ ସ୍ୱେ (ମ୍ୟାନ୍‌ମାର), ଅଙ୍ଗଖାନା ନୀଲାପାଇଜିତ୍ (ଥାଇଲାଣ୍ଡ), ରେମଣ୍ଡେ ପୁଜାନ୍ତେ କାୟାବ୍ୟାବ (ଫିଲିପାଇନ୍ସ) ଏବଂ କିମ୍ ଜୋଙ୍ଗ୍-କି (ଦକ୍ଷିଣ କୋରିଆ)।

### ନୂଆ ତିନି ତଲାକ୍ ଆଇନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ,୨।୮(ପି.ଟି.):** ନୂଆ ତିନି ତଲାକ ଆଇନକୁ ଶୁକ୍ରବାର ସୁପ୍ରିମକୋର୍ଟ ଓ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। କେରଳର ମୁସଲମାନ ସଂଗଠନ 'ସମସ୍ତ କେରଳ ଜାମିଆଥୁଲା ଉଲେମା' ସୁପ୍ରିମକୋର୍ଟରେ ଏବଂ ଆଇନଜୀବୀ ଶାହିଦ ଅଲି ଦିଲ୍ଲୀ ହାଇକୋର୍ଟରେ ପିଟିଶନ୍ ଦାଏର କରିଛନ୍ତି। ମୁସଲମାନ ମହିଳା (ବିବାହ ଅଧିକାର ସୁରକ୍ଷା) ଆଇନ, ୨୦୧୯ ମୁସଲମାନ ସ୍ୱାମୀମାନଙ୍କ ମୌଳିକ ଅଧିକାରର ଉଲ୍ଲଂଘନ କରୁଥିବା ଉଭୟ ଅଭିଯୋଗ କରିଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୧୪, ୧୫ ଏବଂ ୨୧ ଉଲ୍ଲଂଘନ ହେଉଥିବାରୁ ଉକ୍ତ ଆଇନକୁ ରଦ୍ଦ କରିବା ପାଇଁ ସେମାନେ ଦାବି କରିଛନ୍ତି। ତିନି ତଲାକ୍ ବିଲ୍ ଆଇନରେ ପରିଣତ ହେବାର ଦିନକ ପରେ ଏହାକୁ ଚ୍ୟାଲେଞ୍ଜ କରାଯାଇଛି। ଏହି ଆଇନରେ ତତ୍କାଳ ତିନି ତଲାକକୁ ଅପରାଧ ବିବେଚନା କରାଯାଇଥିଲାବେଳେ ଏହାର ଉଲ୍ଲଂଘନ ପାଇଁ ସ୍ୱାମୀଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡ ବ୍ୟବସ୍ଥା ରହିଛି।

### ଜାଲିଆନାୱାଲାବାଗ୍ ବିଲ୍‌କୁ ଲୋକ ସଭାର ମଞ୍ଜୁରୀ

**ନୂଆଦିଲ୍ଲୀ,୨।୮(ପି.ଟି.):** ବିରୋଧୀ ସଦସ୍ୟମାନଙ୍କ ବିରୋଧ ଓ କକ୍ଷତ୍ୟାଗ ମଧ୍ୟରେ ଜାଲିଆନାୱାଲାବାଗ୍ ଜାତୀୟ ସ୍ମାରକୀ (ସଂଶୋଧନ) ବିଲ୍ ଶୁକ୍ରବାର ଲୋକ ସଭାରେ ଗୃହୀତ ହୋଇଛି। ଏହା କାର୍ଯ୍ୟକାରୀ ହେଲେ ଜାଲିଆନାୱାଲା ବାଗ୍ ଟ୍ରଷ୍ଟରୁ କଂଗ୍ରେସ ଅଧ୍ୟକ୍ଷ ବାଦ୍ ପଡିବେ। ସଂସ୍କୃତି ମନ୍ତ୍ରୀ ପ୍ରହ୍ଲାଦ ପଟେଲ ବିଲ୍ ଉପରେ ଆଲୋଚନା କରି ଜାତୀୟ ସ୍ମାରକୀ ରାଜନୈତିକ ସ୍ମାରକୀ ହୋଇପାରିବ ନାହିଁ। ଏଥିପାଇଁ ରାଜନୈତିକ ବ୍ୟକ୍ତିବିଶେଷଙ୍କୁ ସେଥିରୁ ବାଦ୍‌ଦେବା ଆବଶ୍ୟକ ବୋଲି କହିଥିଲେ। ଏହାକୁ ବିରୋଧ କରି କଂଗ୍ରେସ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଅଣାଯାଇଥିବା ସଂଶୋଧନ ପ୍ରସ୍ତାବ କାଟ୍ ଖାଇଯାଇଥିଲା। ସଂଶୋଧନ ପ୍ରସ୍ତାବ ସପକ୍ଷରେ ୩୦ ଭୋଟ ପଡିଥିବାବେଳେ ବିପକ୍ଷରେ ୨୧୪ ଭୋଟ ଯାଇଥିଲା। ସମ୍ପ୍ରତି ଜାଲିଆନାୱାଲାବାଗ୍ ସ୍ମାରକୀର ପରିଚାଳନା କରୁଥିବା ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଧାନମନ୍ତ୍ରୀ ରହିଥିବାବେଳେ କଂଗ୍ରେସ ଅଧ୍ୟକ୍ଷ, ସଂସ୍କୃତି ମନ୍ତ୍ରୀ, ଲୋକ ସଭାରେ ବିରୋଧୀ ଦଳ ନେତା, ପଞ୍ଜାବ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ସଦସ୍ୟ ଅଛନ୍ତି।

## ■ କଶ୍ମୀରରେ ପଶିଛନ୍ତି ପାକିସ୍ତାନୀ ଆତଙ୍କବାଦୀ

# ଟାର୍ଗେଟରେ ଅମରନାଥ ଯାତ୍ରୀ

**ଶ୍ରୀନଗର,୨।୮(ପି.ଟି./ ଆଇଏଏନ୍‌ଏସ୍)**



ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରୁ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ସମେତ ଆଉ କେତେକ ସଙ୍ଗଠନର ଆତଙ୍କବାଦୀମାନେ ଉପତ୍ୟକାରେ ଅନୁପ୍ରବେଶ କରିଛନ୍ତି। ଜୁଲାଇ ଶେଷ ସପ୍ତାହରେ ୫ ସଶସ୍ତ୍ର ଆତଙ୍କବାଦୀ ନିୟନ୍ତ୍ରଣରେଖା (ଏଲ୍‌ଓସି) ଅତିକ୍ରମ କରି ଜମ୍ମୁ-କଶ୍ମୀରରେ ବୁଲୁଛନ୍ତି। ପାକିସ୍ତାନରେ ଉଚ୍ଚ ତାଲିମ୍‌ପ୍ରାପ୍ତ ଏହି ଆତଙ୍କବାଦୀମାନେ ଅମରନାଥ ଯାତ୍ରୀ ଓ ସୁରକ୍ଷା ଦାୟିତ୍ୱରେ ଥିବା ଯବାନମାନଙ୍କୁ ଆକ୍ରମଣ କରିପାରନ୍ତି ବୋଲି ଗୋଇନ୍ଦା ସୂଚନା ମିଳିବା ପରେ ଉପତ୍ୟକାରେ ହାଇଆଲର୍ଟ ଜାରି କରାଯାଇଛି। ସେହିପରି ଅମରନାଥ ରାସ୍ତାରେ ପାକିସ୍ତାନ ନିର୍ମିତ ମାଇନ୍ ଓ ଅସ୍ତ୍ରଶସ୍ତ୍ର ମିଳିବା ପରେ ଶୁକ୍ରବାର ତୁରନ୍ତ ଫେରିଆସିବା ପାଇଁ ଯାତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଫେବୃୟାରୀ ୧୪ ପୁଲୱାମା ଆକ୍ରମଣରେ ୫୦ ସିଆର୍‌ପିଏଫ୍ ଯବାନଙ୍କ ଜୀବନ ନେଇଥିବା ଜେଇଏମ୍ ଜମ୍ମୁ-କଶ୍ମୀରରେ ପୁଣି ଏକ ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ ଘଟାଇବା ପାଇଁ ପ୍ରସ୍ତୁତ ହେଉଛି। ଏହିକ୍ରମରେ ଶୁକ୍ରବାର ସକାଳେ ପୁଲୱାମାର ଜାହିଦ୍‌ବାଗ୍‌ରେ ୫୫ ରାଷ୍ଟ୍ରୀୟ ରାଇଫଲ୍ସର ଏକ ଗାଡ଼ିକୁ ଆତଙ୍କବାଦୀ ଟାର୍ଗେଟ କରିଥିଲେ। ସେମାନେ ବିକଶିତ ବିସ୍ଫୋରକ ଉପକରଣ (ଆଇଇଡି) ବିସ୍ଫୋରଣ କରିଥିଲେ। ହେଲେ ଏଥିରେ କେହି ମୃତାହତ ହୋଇନାହାନ୍ତି। ସେପଟେ ଅମରନାଥର ପବିତ୍ର ଗୁମ୍ଫାକୁ ଯାଇଥିବା ବାଟାଲ ଓ ପହଲଗାମ୍ ରାସ୍ତାରେ ତଲାସି ବେଳେ ପାକିସ୍ତାନ ନିର୍ମିତ ମାଇନ୍ ଓ ବିପୁଳ ଅସ୍ତ୍ରଶସ୍ତ୍ର ଠାବ ହୋଇଛି। ପାକିସ୍ତାନୀ ସେନା ସହାୟତାରେ ଆତଙ୍କବାଦୀମାନେ ଯାତ୍ରୀଙ୍କୁ ଆକ୍ରମଣ ପାଇଁ ପ୍ରସ୍ତୁତ ହୋଇ ରହିଥିବା ନେଇ ବିଗତ ୩ରୁ ୪ ଦିନ ମଧ୍ୟରେ ନିର୍ଦ୍ଦିଷ୍ଟ ଭାବେ ସୂଚନା ମିଳିଛି। କେତେକ

**ହାଇଆଲର୍ଟ ଜାରି**

- ■ଅମରନାଥ ରାସ୍ତାରେ ମିଳିଲା ପାକିସ୍ତାନ ନିର୍ମିତ ମାଇନ, ଅସ୍ତ୍ରଶସ୍ତ୍ର
- ■ତୁରନ୍ତ ଫେରିବାକୁ ଯାତ୍ରୀଙ୍କୁ ନିର୍ଦ୍ଦେଶ

ଆଇଇଡିକୁ ନିଷ୍କ୍ରିୟ କରାଯାଇଛି। ସେହିପରି ଗୋଟିଏ ଆମେରିକୀୟ ଏମ୍-୨୪ ସ୍ନାଇପର ରାଇଫଲ ଓ ପାକିସ୍ତାନ ଗୋଳାବରୁଦ କାରଖାନାରେ ନିର୍ମିତ ମାଇନ୍ ମଧ ମିଳିଥିବା ସେନାର ୧୫ କର୍ପ ଲ୍ୟୁଟ୍‌ନାଣ୍ଟ ଜେନେରାଲ କେ.ଜେ.ଏସ୍. ଢିଲୋଁ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଯାତ୍ରୀ ଓ ପର୍ଯ୍ୟଟକମାନଙ୍କ ଉପରେ କୌଣସି ପ୍ରକାର ଆକ୍ରମଣକୁ ଏଡ଼ାଇବା ଲାଗି ସେମାନଙ୍କୁ ତୁରନ୍ତ ଫେରିଆସିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଯାତ୍ରୀମାନେ ଯଥାଶୀଘ୍ର ସମ୍ଭବ ଫେରିଆସନ୍ତୁ ବୋଲି ପ୍ରଧାନ ସଚିବ (ଗୃହ) ଏକ ସୁରକ୍ଷା ନିର୍ଦ୍ଦେଶନାମା ଜାରି କରିଛନ୍ତି।



ଶ୍ରୀନଗରସ୍ଥିତ ବାଦାମୀବାଗ୍ ପୋଲିସ ମୁଖ୍ୟାଳୟରେ ଲ୍ୟୁଟ୍‌ନାଣ୍ଟ ଜେନେରାଲ କେ.ଜେ.ଏସ୍. ଢିଲୋଁଙ୍କ ସହ ଡିଜିପି ଦିଲ୍‌ବାଗ୍ ସିଂ।

### ୮୩% ଆତଙ୍କବାଦୀ ଟେକାମାଡ଼କାରୀ

**ଶ୍ରୀନଗର,୨।୮**

ଜମ୍ମୁ-କଶ୍ମୀରରେ ଅସ୍ତ୍ର ଧରୁଥିବା ୮୩% ଆତଙ୍କବାଦୀ ପୂର୍ବରୁ ଟେକାମାଡ଼କାରୀ ଥିଲେ। ସେମାନେ ଆତଙ୍କବାଦୀ ସାଜିବା ପରେ ଅଧିକ ସମୟ ବଞ୍ଚି ପାରିବେ ନାହିଁ।

୧୦ ଦିନ ମଧ୍ୟରେ ଅସ୍ତ୍ର ଧରିଥିବା ଆତଙ୍କବାଦୀଙ୍କ ମଧ୍ୟରୁ ୭% ନିହତ ହୋଇସାରିଲେଣି ବୋଲି ଶ୍ରୀନଗରସ୍ଥିତ ୧୫ କର୍ପ ଲ୍ୟୁଟ୍‌ନାଣ୍ଟ ଜେନେରାଲ କେ.ଜେ.ଏସ୍. ଢିଲୋଁ ଶୁକ୍ରବାର କହିଛନ୍ତି। ଏହାସହ ନିଜ ପିଲାମାନଙ୍କୁ ଅସ୍ତ୍ର ଧରିବାର ସୁଯୋଗ ନ ଦେବା ପାଇଁ ସେ ମା'ମାନଙ୍କୁ ପରାମର୍ଶ ଦେଇଛନ୍ତି। ମିଳିତ ଖବରଦାତା ସମ୍ମିଳନୀରେ ଜମ୍ମୁ-କଶ୍ମୀର ପୋଲିସ ମହାନିର୍ଦ୍ଦେଶକ ଦିଲବାଗ୍ ସିଂ ଏବଂ ସିଆର୍‌ପିଏଫ୍ ଏଡିଜି ଜୁଲଫିକର୍ ହାସନ ଉପସ୍ଥିତ ଥିଲେ।

## ■ କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା ଲାଗି ପ୍ରସ୍ତୁତ: ଟ୍ରମ୍ପ

# ପ୍ରସ୍ତାବକୁ ଜୟଶଙ୍କରଙ୍କ ପ୍ରତ୍ୟାଖ୍ୟାନ

**ୱାଶିଂଟନ/ବ୍ୟାଙ୍କକ୍,୨।୮(ପି.ଟି.)**

କଶ୍ମୀର ସମସ୍ୟା ହେଉଛି ଦ୍ୱିପାକ୍ଷିକ ପ୍ରସଙ୍ଗ। ଯଦି ଭାରତ ଓ ପାକିସ୍ତାନ ଏହାର ସମାଧାନ ଲାଗି ମୋତେ ମଧ୍ୟସ୍ଥତା କରିବାକୁ କହନ୍ତି, ତେବେ ମୁଁ ଖୁସିହେବି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁକ୍ରବାର ପ୍ରକାଶ କରିଛନ୍ତି। ତେବେ ଟ୍ରମ୍ପଙ୍କ ଏଭଳି ମନ୍ତବ୍ୟକୁ ନେଇ ଭାରତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ବ୍ୟାଙ୍କକ୍‌ରେ ଅନୁଷ୍ଠିତ ନବମ ପୂର୍ବ ଏସିଆ ବହିର୍ବ୍ୟାପାର ମନ୍ତ୍ରୀ ସମ୍ମିଳନୀ ଅବସରରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏନେଇ ଆମେରିକା ପ୍ରତିପକ୍ଷ ମାଇକ୍ ପୋମ୍ପିଓଙ୍କ ସହ ଆଲୋଚନା କରିଥିଲେ। ଏଥିରେ କଶ୍ମୀର ହେଉଛି ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ପ୍ରସଙ୍ଗ ବୋଲି ଜୟଶଙ୍କର ସ୍ପଷ୍ଟ କରିଥିଲେ। ଏହି ପ୍ରସଙ୍ଗରେ କାହାର ମଧ୍ୟସ୍ଥତା ଦରକାର ନାହିଁ। ଏଥିସହ ବିଭିନ୍ନ ଆଞ୍ଚଳିକ ପ୍ରସଙ୍ଗ ଉପରେ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା କରାଯାଇଥିଲା। ବିଭିନ୍ନ ବୈଠକରେ ଯୋଗ ଦେବାଲାଗି ବ୍ୟାଙ୍କକ୍ ଯାଇଥିବା ଜୟଶଙ୍କର ଆସିଆନ୍-ଭାରତ ମନ୍ତ୍ରୀ ସ୍ତରୀୟ ବୈଠକ, ନବମ ପୂର୍ବ ଏସିଆ ବୈଦେଶିକ ମନ୍ତ୍ରୀ ସ୍ତରୀୟ ସମ୍ମିଳନୀ, ୨୬ତମ ଆସିଆନ୍ ରିଜିଓନାଲ ଫୋରମ୍ ଆଦି ବୈଠକରେ ଭାରତର ପ୍ରତିନିଧିତ୍ୱ କରୁଛନ୍ତି। ପ୍ରକାଶଥାଉ କି, ଗତ ସପ୍ତାହରେ ଟ୍ରମ୍ପ ମଧ କଶ୍ମୀର ପ୍ରସଙ୍ଗରେ ମୁହଁଖୋଲି ମଧ୍ୟସ୍ଥତା କରିବା ଲାଗି କହିଥିଲେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନେଇ ଜାପାନରେ ଅନୁଷ୍ଠିତ ଜି-୨୦ ବୈଠକବେଳେ ତାଙ୍କୁ କହିଥିବା ଟ୍ରମ୍ପ ନିଜ ମନ୍ତବ୍ୟରେ ଉଲ୍ଲେଖ କରିଥିଲେ, ଯାହାକୁ ନେଇ ଭାରତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲା।

### ସମାଜବାଦୀ ପାର୍ଟି ଏମ୍‌ପିଙ୍କ ଇସ୍ତଫା

**ନୂଆଦିଲ୍ଲୀ,୨।୮(ପି.ଟି.)**

ସମାଜବାଦୀ ପାର୍ଟି (ଏସ୍‌ପି) ଏମ୍‌ପି ସୁରେନ୍ଦ୍ର ସିଂ ନାଗର ରାଜ୍ୟ ସଭାରୁ ଶୁକ୍ରବାର ଇସ୍ତଫା ଦେଇଛନ୍ତି। ସେ ଭାଜପାରେ ଯୋଗଦେବେ ବୋଲି ଜଣାପଡ଼ିଛି। ଏଥିସହ ରାଜ୍ୟ ସଭାରେ ଏସ୍‌ପି ସଦସ୍ୟ ସଂଖ୍ୟା ୧୧କୁ ଖସିଆସିଛି। ଗତମାସ ୧୫ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ପୁଅ ନୀରଜ୍ ଶେଖର ଏସ୍‌ପି ଛାଡ଼ି ଭାଜପାରେ ଯୋଗ ଦେଇଥିଲେ। ନାଗରଙ୍କ କାର୍ଯ୍ୟକାଳ ୨୦୨୨ ପର୍ଯ୍ୟନ୍ତ ଥିଲା। ୨୦୧୪ ଲୋକ ସଭା ନିର୍ବାଚନ ପରେ ସେ ଏସ୍‌ପିରେ ଯୋଗ ଦେଇଥିଲେ।

## ■ ମଧ୍ୟସ୍ଥତା ଉଦ୍ୟମ ବିଫଳ

# ୬ରୁ ଅଯୋଧ୍ୟା ଶୁଣାଣି

**ନୂଆଦିଲ୍ଲୀ,୨।୮(ପି.ଟି.)**



ମଧ୍ୟସ୍ଥତା ମାଧ୍ୟମରେ ଅଯୋଧ୍ୟା ଜମି ବିବାଦର ଆପୋସ ସମାଧାନ ଉଦ୍ୟମ ବିଫଳ ହୋଇଛି। ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ଏହି ମାମଲାର ଦୈନନ୍ଦିନ ଶୁଣାଣି ଆସନ୍ତା ୬ରୁ ଆରମ୍ଭ କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ନିଷ୍ପତ୍ତି ନେଇଛନ୍ତି। ସର୍ବୋଚ୍ଚ ଅଦାଲତର ପୂର୍ବତନ ବିଚାରପତି ଜଷ୍ଟିସ୍ ଏଫ୍.ଏମ୍.ଆଇ. କଲିଫୁଲ୍ଲାଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ମଧ୍ୟସ୍ଥ କମିଟି ୪ ମାସ ଧରି ଉଦ୍ୟମ କରିଥିଲେ ହେଁ କୌଣସି ଚୂଡ଼ାନ୍ତ ଫଳାଫଳ ମିଳିପାରି ନାହିଁ। ତେଣୁ ଅଦାଲତଙ୍କୁ ମାମଲା ଉପରେ ନିଷ୍ପତ୍ତି ନେବାକୁ ହେବ ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ଖଣ୍ଡପୀଠ କହିଛନ୍ତି।

ବିଭିନ୍ନ ପକ୍ଷଙ୍କ ଜବାବସୁଆଲ ଶେଷ ହେବା ପର୍ଯ୍ୟନ୍ତ ମାମଲାର ଦୈନନ୍ଦିନ ଶୁଣାଣି ହେବ। ମଧ୍ୟସ୍ଥ କମିଟି ଜୁଲାଇ ୩୧ ସୁଦ୍ଧା ମାମଲାରେ କେତେ ଅଗ୍ରଗତି କରିଛି ତା'ର ରିପୋର୍ଟ ଅଗଷ୍ଟ ୧ରେ ଦାଖଲ କରିବା ପାଇଁ ଖଣ୍ଡପୀଠ ଜୁଲାଇ ୧୮ରେ ନିର୍ଦ୍ଦେଶ ଦେଇଥିଲେ। ହିନ୍ଦୁ ଓ ମୁସଲମାନ ପକ୍ଷ ଏହି ବିବାଦର ସମାଧାନ ସୂତ୍ର ବାହାର କରିବାରେ ବିଫଳ ହୋଇଥିବା ମଧ୍ୟସ୍ଥ କମିଟି ଅଦାଲତଙ୍କୁ ଜଣାଇଥିଲେ।

ମୁସଲମାନ ପକ୍ଷର ଓକିଲ ରାଜୀବ ଧାୱନ କେତେକ ବୈଷୟିକ ପ୍ରସଙ୍ଗ ଉଠାଇ ଯୁକ୍ତି ଉପସ୍ଥାପନ ଲାଗି ୨୦ ଦିନ ସମୟ ଆବଶ୍ୟକ ବୋଲି କହିଥିଲେ। ଭାଜପା ନେତା ସୁବ୍ରମଣ୍ୟମ ସ୍ୱାମୀ ଓ ମୁସଲମାନ ସଂଗଠନ ପକ୍ଷରୁ ଦାଏର ରିଟ୍ ପିଟିଶନ ବିଚାର ଅପେକ୍ଷାରେ ପଡ଼ିରହିଥିବା କଥା ମଧ ସେ ଉଠାଇଥିଲେ।

ଅଯୋଧ୍ୟାର ବିବାଦୀୟ ଜମିରେ ଷୋଡ଼ଶ ଶତାବ୍ଦୀରୁ ନିର୍ମିତ ବାବ୍ରୀ ମସ୍‌ଜିଦ୍‌କୁ ୧୯୯୨ ଡିସେମ୍ବର ୬ରେ ହିନ୍ଦୁ କରସେବକମାନେ ଭାଙ୍ଗିଦେଇଥିଲେ। ୨.୭୭ ଏକର ବିବାଦୀୟ ଜମିକୁ ତିନି ପକ୍ଷ ସୁନ୍ନୀ ୱାକଫ୍ ବୋର୍ଡ, ନିର୍ମୋହୀ ଆଖଡ଼ା ଏବଂ ରାମଲାଲାଙ୍କ ମଧ୍ୟରେ ସମାନ ଭାବେ ଭାଗ କରିବା ପାଇଁ ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ରାୟ ଦେଇଥିଲେ। ଏହା ବିରୋଧରେ ସୁପ୍ରିମକୋର୍ଟରେ ୧୪ଟି ପିଟିଶନ୍ ଦାଏର ହୋଇଥିଲା।

## ■ ସୁପ୍ରିମକୋର୍ଟ ନିର୍ଦ୍ଦେଶ ସ୍ଥଗିତ ରଖିଲେ

# ଉନ୍ନାଓ ଦୁର୍ଘଟଣା ମାମଲା ଦିଲ୍ଲୀ ଯିବନି

**ନୂଆଦିଲ୍ଲୀ,୨।୮(ପି.ଟି.)**

**ଶୀଘ୍ର ତଦନ୍ତ ଲାଗି ଅଧିକ ୨୦ ଅଫିସରଙ୍କୁ ନିୟୋଜିତ କଲା ସିବିଆଇ**

ଉନ୍ନାଓ ବଳାତ୍କାର ପୀଡିତା ଦୁର୍ଘଟଣା ମାମଲା ରାଏବରେଲିରୁ ଦିଲ୍ଲୀ କୋର୍ଟକୁ ସ୍ଥାନାନ୍ତର କରିବା ଲାଗି ଦେଇଥିବା ନିର୍ଦ୍ଦେଶକୁ ସୁପ୍ରିମକୋର୍ଟ ଶୁକ୍ରବାର ସ୍ଥଗିତ ରଖିଛନ୍ତି। ରବିବାର ଏହି ଦୁର୍ଘଟଣା ଘଟିଥିଲା ଏବଂ ତଦନ୍ତ ଜାରି ରହିଥିବାରୁ ମାମଲା ସ୍ଥାନାନ୍ତର ନ କରିବା ପାଇଁ ସିବିଆଇ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା କୋର୍ଟଙ୍କୁ କହିଥିଲେ। ଫଳରେ ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ମାମଲା ଦିଲ୍ଲୀ ସ୍ଥାନାନ୍ତର ନିର୍ଦ୍ଦେଶ ସ୍ଥଗିତ ରହିଲା ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ରବିବାର ଉନ୍ନାଓ ପୀଡିତା ଓ ତାଙ୍କ ପରିବାର ସଦସ୍ୟ ଏକ କାରରେ ଯାଉଥିବାବେଳେ ରାଏବରେଲିରେ ଟ୍ରକ୍ ଧକ୍କାଦେବାରୁ ପୀଡିତାଙ୍କ ଦୁଇଜଣ ସମ୍ପର୍କୀୟଙ୍କ ମୃତ୍ୟୁ ହୋଇଥିଲା। ପୀଡିତା ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।

ଲକ୍ଷ୍ନୌ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ପୀଡ଼ିତାଙ୍କୁ ତାଙ୍କ ପରିବାର ଚାହିଁଲେ ଏମ୍ସ ସ୍ଥାନାନ୍ତର କରିପାରିବେ ବୋଲି ସୁପ୍ରିମକୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ପୀଡିତା ଏବେ ବି ସଂଜ୍ଞାହୀନ ଓ ଭେଣ୍ଟିଲେଟରରେ ରହିଥିବା ବରିଷ୍ଠ ଆଇନଜୀବୀ ଭି. ଗିରି ଜଣାଇବା ପରେ ଖଣ୍ଡପୀଠ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ଅନ୍ୟପକ୍ଷରେ ଉନ୍ନାଓ ପୀଡିତା ଦୁର୍ଘଟଣା ମାମଲାର ତଦନ୍ତ ଶୀଘ୍ର ସାରିବା ପାଇଁ ସିବିଆଇ ଅଧିକ ୨୦ ଜଣ ଅଫିସରଙ୍କୁ ନିୟୋଜିତ କରିଛି। ଫଳରେ ତଦନ୍ତ ଟିମ୍‌ର ଅଫିସର ସଂଖ୍ୟା ୨୫ରେ ପହଞ୍ଚିଛି।




ଉନ୍ନାଓ ବଳାତ୍କାର ପ୍ରତିବାଦରେ କୋଲ୍‌କାତାସ୍ଥିତ ରାଜ୍ୟ ଭାଜପା ମୁଖ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ଯୁବ କଂଗ୍ରେସ କର୍ମୀ।

## ■ ନଦୀବନ୍ଧ ନିରାପତ୍ତା ବିଲ୍ ଲୋକ ସଭାରେ ଗୃହୀତ

# ରାଜ୍ୟକୁ କ୍ଷମତା ଦେବା ପାଇଁ ବିଜେଡିର ଦାବି

**ନୂଆଦିଲ୍ଲୀ,୨।୮**

ଦେଶର ନଦୀବନ୍ଧଗୁଡିକର ଅନୁଧ୍ୟାନ, ପରିଚାଳନା ଆଦି ପାଇଁ ଆନୁଷ୍ଠାନିକ ବ୍ୟବସ୍ଥା ନିମନ୍ତେ ନଦୀବନ୍ଧ ନିରାପତ୍ତା ବିଲ୍ ଶୁକ୍ରବାର ଲୋକ ସଭାରେ ଗୃହୀତ ହୋଇଛି। ଏହାଦ୍ୱାରା ରାଜ୍ୟଗୁଡ଼ିକର କ୍ଷମତା ଦଖଲ କରିବା ଉଦ୍ଦେଶ୍ୟ କେନ୍ଦ୍ରର ନାହିଁ ବୋଲି ଜଳଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ କହିଥିଲେ। ନଦୀବନ୍ଧଗୁଡ଼ିକର ନିରାପତ୍ତା ଚିନ୍ତାଜନକ ବୋଲି ବିଜୁ ଜନତା ଦଳ (ବିଜେଡି) କହିବା ସହିତ ଏଥିପାଇଁ ରାଜ୍ୟ ସରକାରମାନଙ୍କୁ କ୍ଷମତା ପ୍ରଦାନ କରିବାକୁ କେନ୍ଦ୍ରକୁ ଅନୁରୋଧ କରିଛି। ଆଲୋଚନାରେ ଭାଗନେଇ ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବ କହିଥିଲେ, ବିଲ୍‌ରେ ଅନେକ ଅସଙ୍ଗତି ରହିଛି। ନଦୀବନ୍ଧ ପରିଚାଳନାରେ ବିଫଳତା ବଡ଼ ତ୍ରୁଟି। ଏଥିପାଇଁ ଅନେକ ଲୋକ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ସମାଧାନ ଲାଗି ରାଜ୍ୟମାନଙ୍କୁ କ୍ଷମତା ଦିଆଯିବା ଉଚିତ ବୋଲି ସେ ପ୍ରସ୍ତାବ ଦେଇଥିଲେ। ନଦୀବନ୍ଧ ନିରାପତ୍ତା ଦାୟିତ୍ୱ ନେବା ଲାଗି କେନ୍ଦ୍ର ବିଲ୍ ମାଧ୍ୟମରେ କ୍ଷମତା ହାତେଇବାକୁ ଚାହୁଁଛି ବୋଲି ଭର୍ତ୍ତୃହରି କହିଥିଲେ। ଉପା ସରକାର ବେଳେ ଏହି ବିଲ୍ ଆଗତ ହୋଇଥିଲା ଏବଂ ନଦୀବନ୍ଧର ବିଫଳତାରୁ ହେଉଥିବା ବିପର୍ଯ୍ୟୟ ପାଇଁ ବିପନ୍ନ ଲୋକଙ୍କୁ କ୍ଷତିପୂରଣ ଯୋଗାଇଦେବାକୁ ଷ୍ଟାଣ୍ଡିଂ କମିଟି ସୁପାରିସ କରିଥିଲେ। ବର୍ତ୍ତମାନର ବିଲ୍‌ରେ କ୍ଷତିପୂରଣ ବ୍ୟବସ୍ଥା ନ ଥିବା ବିଜେଡି ଏମ୍‌ପି କହିଥିଲେ।

# ୟୁଏପିଏ ବିଲ୍ ପାର୍ଲାମେଣ୍ଟରେ ଗୃହୀତ

**ନୂଆଦିଲ୍ଲୀ,୨।୮(ପି.ଟି.)**



**ସନ୍ଦିଗ୍ଧଙ୍କୁ ଆତଙ୍କବାଦୀ ଘୋଷଣା କରିପାରିବ ଏନ୍‌ଆଇଏ**

ଆତଙ୍କବାଦ ନିରୋଧୀ ଆଇନ (ୟୁଏପିଏ)ରେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନକୁ ଶୁକ୍ରବାର ପାର୍ଲାମେଣ୍ଟ ଅନୁମୋଦନ କରିଛି। ଫଳରେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ କେନ୍ଦ୍ର ଓ ରାଜ୍ୟ କର୍ତ୍ତୃପକ୍ଷ ଆତଙ୍କବାଦୀ ଘୋଷଣା କରିବା ସହ ତାଙ୍କ ସମ୍ପତ୍ତିକୁ ଜବତ କରିପାରିବେ। ୧୯୬୭ର ଆଇନରେ ସଂଶୋଧନ ପାଇଁ ସରକାର ଆଣିଥିବା ବେଆଇନ କାର୍ଯ୍ୟକଳାପ ନିବାରଣ (ସଂଶୋଧନ) ବିଲ୍‌କୁ ଶୁକ୍ରବାର ରାଜ୍ୟ ସଭା ଅନୁମୋଦନ କରିଛି। ବିଲ୍ ସପକ୍ଷରେ ୧୪୭ ଭୋଟ ପଡ଼ିଥିବାବେଳେ ବିପକ୍ଷରେ ୪୨ଟି ଭୋଟ ଯାଇଥିଲା। ବିଲ୍‌କୁ କଂଗ୍ରେସ ଓ ବିଏସ୍‌ପି ସମର୍ଥନ କରିଥିଲେ। ବିଲ୍‌କୁ ସିଲେକ୍ଟ କମିଟିକୁ ପଠାଇବା ପାଇଁ ବିରୋଧୀ ଦଳ ଆଣିଥିବା ପ୍ରସ୍ତାବ କାଟ୍ ଖାଇଯାଇଥିଲା। ପ୍ରସ୍ତାବ ସପକ୍ଷରେ ୮୫ ଭୋଟ ମିଳିଥିବାବେଳେ ବିପକ୍ଷରେ ୧୦୪ ଭୋଟ ପଡ଼ିଥିଲା। ଗତ ୨୪ ତାରିଖରେ ବିଲ୍ ଲୋକ ସଭାରେ ଗୃହୀତ ହୋଇଥିଲା।

ଆଲୋଚନାର ଉତ୍ତର ରଖି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ କହିଥିଲେ, ସଂଶୋଧିତ ଆଇନ କେବଳ ଆତଙ୍କବାଦ ଦମନ ପାଇଁ ବ୍ୟବହାର କରାଯିବ। ସଂଶୋଧିତ ଆଇନର ଅପବ୍ୟବହାର ହୋଇପାରେ ବୋଲି ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଚିନ୍ତାବ୍ୟକ୍ତ କରାଯାଇଥିବାବେଳେ ଏହାକୁ ଖଣ୍ଡନ କରି କାହାର ମାନବାଧିକାରର ଉଲ୍ଲଂଘନ ହେବ ନାହିଁ ବୋଲି ଶାହ ଗୃହକୁ ପ୍ରତିଶ୍ରୁତି ଦେଇଥିଲେ। କୌଣସି ବ୍ୟକ୍ତିଙ୍କୁ ଆତଙ୍କବାଦୀ ଘୋଷଣା କରିବା ପୂର୍ବରୁ ୪ ଥାକିଆ ଯାଞ୍ଚ ବ୍ୟବସ୍ଥା ରହିଛି। ଏଥିସହିତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅପିଲ୍ କରିବା ସୁଯୋଗ ବିଲ୍‌ରେ ରହିଛି। ଜଣେ ବ୍ୟକ୍ତି ଆତଙ୍କବାଦ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ, ଆତଙ୍କବାଦର ପ୍ରସାର ପାଇଁ କାର୍ଯ୍ୟ କରୁଥିଲେ କିମ୍ବା ଏଥିପାଇଁ ପ୍ରସ୍ତୁତି ଚଳାଇଥିଲେ ତାଙ୍କୁ ଆତଙ୍କବାଦୀ ଘୋଷଣା କରାଯାଇପାରିବ। ଆତଙ୍କବାଦର କୌଣସି ଧର୍ମ ନାହିଁ, ଏହା ମାନବତା ବିରୋଧୀ। ତେଣୁ ଆତଙ୍କବାଦ ବିରୋଧରେ କଠୋର ଆଇନକୁ ସବୁ ଦଳ ସମର୍ଥନ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅନୁରୋଧ କରିଥିଲେ।

### କୋଡ୍ ଅନ୍ ୱେଜ୍ ବିଲ୍‌କୁ ମଞ୍ଜୁରୀ

**ନୂଆଦିଲ୍ଲୀ,୨।୮(ଆଇଏଏନ୍‌ଏସ୍)**

ବ୍ରିଟିଶ ଅମଳର କେତେଗୁଡିଏ ଶ୍ରମ ଆଇନକୁ ଏକାଠି କରି ଗୋଟିଏ କୋଡ୍ ପ୍ରସ୍ତୁତ କରିବା ସହ ସର୍ବନିମ୍ନ ମଜୁରୀ ଧାର୍ଯ୍ୟ ଲାଗି କେନ୍ଦ୍ର ସରକାରଙ୍କୁ କ୍ଷମତା ଦେବା ନିମନ୍ତେ ଅଣାଯାଇଥିବା କୋଡ୍ ଅନ୍ ୱେଜ୍ ବିଲ୍ ଶୁକ୍ରବାର ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିଛି। ଏହା କାର୍ଯ୍ୟକାରୀ ହେଲେ ଦେଶର ପାଖାପାଖି ୫୦ କୋଟି ଶ୍ରମିକ ଓ କର୍ମଚାରୀ ଉପକୃତ ହେବେ। ସାରା ଦେଶରେ କୃଷି କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ, ସିକ୍ୟୁରିଟି ଗାର୍ଡ, ଘରୋଇ ସହାୟିକା ଭାବେ କାର୍ଯ୍ୟ କରୁଥିବା ମହିଳା ଓ ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରୀ ଠିକ୍ ସମୟରେ ପୈଠ କରିବା ନିମନ୍ତେ ଏହା ଏକ ଐତିହାସିକ ନିଷ୍ପତ୍ତି ବୋଲି ଶ୍ରମ ଓ ନିୟୋଜନ ମନ୍ତ୍ରୀ ସନ୍ତୋଷ କୁମାର ଗଙ୍ଗୱାର କହିଛନ୍ତି।




# ସ୍ୱତନ୍ତ୍ର ଅତିରିକ୍ତ ବ୍ୟୟବରାଦ ବିଲ୍ ଗୃହୀତ

ଭୁବନେଶ୍ୱର,୨।୮(ବ୍ୟୁରୋ)

- ଭାଜପାର କକ୍ଷତ୍ୟାଗ
- ୧୪ ଶହ ୪୩ କୋଟି ୧୨ ଲକ୍ଷ ୪୪ ହଜାର ଟଙ୍କାର ଅନୁଦାନ

ରାଜ୍ୟ ସରକାର ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଆଣିଥିବା ସ୍ୱତନ୍ତ୍ର ଅତିରିକ୍ତ ବ୍ୟୟବରାଦ ବିଲ୍ ଶୁକ୍ରବାର ବିଧାନସଭାରେ ଗୃହୀତ ହୋଇଛି। ଦ୍ୱିତୀୟାର୍ଦ୍ଧରେ ଏହା ଉପରେ ବିତର୍କ ହେବା ସହ ଗୃହୀତ ହୋଇଥିଲା। ହେଲେ ରାଜ୍ୟ ସରକାର ଆକସ୍ମିକ ପାଣ୍ଠିର ଉଚିତ ବିନିଯୋଗ କରୁ ନ ଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏପରି କି ଏ ସମ୍ପର୍କରେ ଦଳ ପକ୍ଷରୁ ବିରୋଧୀ ମୁଖ୍ୟ ସଚେତକ ମୋହନ ମାଝି ଗୃହରେ ବକ୍ତବ୍ୟ ରଖିବା ପରେ ଅନ୍ୟ ସଦସ୍ୟଙ୍କ ସହ ସେ କକ୍ଷତ୍ୟାଗ କରିଥିବା ଦେଖିବାକୁ ମିଳିଥିଲା। ଅପରପକ୍ଷରେ କଂଗ୍ରେସ ଓ ବିଜେଡି ସଭ୍ୟମାନେ ବିଲ୍ ଉପରେ ବକ୍ତବ୍ୟ ରଖିଥିଲେ।

ବିଲ୍ ଗୃହୀତ ପୂର୍ବରୁ ଉତ୍ତର ରଖି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି ଯେ, ବିଲ୍ ଗୃହୀତ ହେବା ଦ୍ୱାରା ଓଡ଼ିଶା ଆକସ୍ମିକ ପାଣ୍ଠିରୁ ନିଆଯାଇଥିବା ଅଗ୍ରିମ ଭରଣା ହେବ ଏବଂ ଅତ୍ୟାବଶ୍ୟକସ୍ଥଳେ ଆକସ୍ମିକ ପାଣ୍ଠିରୁ ଅଗ୍ରିମ ମଧ୍ୟ ନିଆଯିବ। କାଳିଆ ଯୋଜନା ବାବଦରେ ଜରୁରିକାଳୀନ ସହାୟତା ରାଶି ପ୍ରଦାନ ସମ୍ପର୍କିତ ବ୍ୟବସ୍ଥାକୁ ମନ୍ତ୍ରୀ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ସେହିପରି କଂଗ୍ରେସ ବିଧାୟକ ଦଳ ନେତା ଇଂଲିଶ ଶବ୍ଦ 'ଅନଫୋରସିନ୍' ଶବ୍ଦର ବ୍ୟାଖ୍ୟା କରିବାକୁ ଯାଇ ଅଗ୍ରିମର ବୈଧତା ନେଇ କରିଥିବା ପ୍ରଶ୍ନରେ ଅର୍ଥମନ୍ତ୍ରୀ ଅସହମତି ପ୍ରକାଶ କରିଥିଲେ। ସେହିପରି ବର୍ତ୍ତମାନ ଯଦି ଓଡ଼ିଶା ଆକସ୍ମିକ ପାଣ୍ଠିରୁ ମଞ୍ଜୁର ହୋଇଥିବା ଅଗ୍ରିମ ପରିମାଣକୁ ଭରଣା କରା ନ ଯାଏ, ତେବେ ସମ୍ପୂର୍ଣ୍ଣ କର୍ପସ ଶେଷ ହେଲେ ଭବିଷ୍ୟତରେ କୌଣସି ଅତ୍ୟାବଶ୍ୟକ ଖର୍ଚ୍ଚ ପାଇଁ ଅଗ୍ରିମ ମଞ୍ଜୁର କରାଯାଇପାରିବ ନାହିଁ। ତେଣୁ ରାଜ୍ୟ ସରକାର ୧୪ ଶହ ୪୩ କୋଟି ୧୨ ଲକ୍ଷ ୪୪ ହଜାର ଟଙ୍କାର ଅଗ୍ରିମ ଭରଣା ପାଇଁ ସ୍ୱତନ୍ତ୍ର ଅତିରିକ୍ତ ବ୍ୟୟ ତାଲିକା ୨୦୧୯-୨୦ ଉପସ୍ଥାପନା କରିଥିବା ମନ୍ତ୍ରୀ କହିଥିଲେ। ଆଲୋଚନାରେ ଭାଗନେଇ ଭାଜପା ସଭ୍ୟ ମୋହନ କହିଥିଲେ ଯେ, ସ୍ୱତନ୍ତ୍ର ବ୍ୟୟମଞ୍ଜୁରୀ ଖର୍ଚ୍ଚ ଦାବିକୁ ଅଗଣତାନ୍ତ୍ରିକ ଭାବେ ଗୃହୀତ କରାଗଲା। ବିନା ବିରୋଧୀରେ ଏହାକୁ ଗୃହୀତ କରାଯାଇଛି, ଯାହାକି ପୂର୍ବରୁ କେବେ ଦେଖିବାକୁ ମିଳି ନ ଥିଲା। ଆକସ୍ମିକ ପାଣ୍ଠି ଖର୍ଚ୍ଚ କରିବା ପୂର୍ବରୁ ଗୃହର ଅନୁମତି ନିଆଯାଇ ନ ଥିଲା। କେନ୍ଦ୍ର ପକ୍ଷରୁ ବିପର୍ଯ୍ୟୟ ପରିଚାଳନା ପାଇଁ ଅନୁଦାନ ବ୍ୟବସ୍ଥା ଥିବାବେଳେ ରାଜ୍ୟ ସରକାର ନିଜସ୍ୱ ପାଣ୍ଠି ସୃଷ୍ଟି କରିନାହାନ୍ତି। କେବଳ ନିର୍ବାଚନକୁ ଆଖି ଆଗରେ ରଖି ସରକାରୀ ଦଳ ଏପରି କରିଥିବା ମୋହନ କହିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ ଯେ, ରାଜ୍ୟ ସରକାର କେନ୍ଦ୍ର ଉପରେ ଅଧିକ ନିର୍ଭରଶୀଳ ହେବା ସହ ଭୟଭୀତ ହୋଇଯାଇଛନ୍ତି। ସୂଚନା ଅଧିକାର ଆଇନ ସଂଶୋଧନ ଏବଂ ତିନି ତଲାକ୍‌ରେ ସମର୍ଥନ ଦେଇଛନ୍ତି। ମଧୁବାବୁ ପେନ୍‌ସନ ଏବଂ ବରିଷ୍ଠ ନାଗରିକଙ୍କୁ ଦିଆଯାଉଥିବା ଭତ୍ତା ପରିମାଣ ୧୦୦୦ ଟଙ୍କାକୁ ଏବଂ ବିଧାୟକ ଉନ୍ନୟନ ପାଣ୍ଠିକୁ ୫ କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହେଉ। ସମସ୍ତ ଚାଷୀଙ୍କୁ ମାଗଣା ବିଜୁଳି ସହ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିକୁ ୧୦୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଉ। ପ୍ରତି ବ୍ଲକରେ ମଡେଲ ସ୍କୁଲ ସହ ଶୀତଳଭଣ୍ଡାର ଖୋଲାଯାଉ। ଖାଲିଥିବା ସମସ୍ତ ଡାକ୍ତରୀ ଏବଂ ଶିକ୍ଷକ ପଦବୀ ପୂରଣ କରାଯାଉ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦର କାର୍ଯ୍ୟାଳୟ ସେହି ଅଞ୍ଚଳକୁ ନିଆଯାଉ। କେବିକେ ଜିଲାର କେନ୍ଦ୍ରୀୟ ଅନୁଦାନ ହ୍ରାସ ହୋଇଥିବାରୁ ରାଜ୍ୟ ପାଣ୍ଠିକୁ ୨୫୦ କୋଟି ଟଙ୍କା କରାଯାଉ ବୋଲି ନରସିଂହ କହିଥିଲେ। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି ଆଉଟ୍‌ସୋର୍ସିଂ ନିଯୁକ୍ତିକୁ ବନ୍ଦ କରିବା ସହ ଚାଷୀଙ୍କଠାରୁ ଉଚିତ ମୂଲ୍ୟରେ ଠିକ୍ ସମୟରେ ଧାନକ୍ରୟ ପାଇଁ ମତ ରଖିଥିଲେ।

ସେହିପରି ସୁର ରାଉତରାୟ କହିଥିଲେ ଯେ, ଭୁବନେଶ୍ୱର ଓ ଜଟଣୀର ସବୁ ଅଞ୍ଚଳକୁ ମୋ ବସ୍ ଚଳାଚଳ କରୁ। ଦାରୁଠେଙ୍ଗରୁ ଡମ୍ପିଂୟାର୍ଡ ସ୍ଥାନାନ୍ତର କରାଯାଉ। ଲିଙ୍ଗରାଜ ମନ୍ଦିରକୁ ଯାତ୍ରୀବସ୍ ଚାଲୁ। ବିନା ଯୋଜନାରେ ହୋଇଥିବା କୋଠାବାଡ଼ି ଭଙ୍ଗାଯାଉ। କାଳିଆ ଯୋଜନାର ନାମ ପରିବର୍ତ୍ତନ କରାଯାଉ। ରାଜ୍ୟପାଳ ଅଭିଭାଷଣରେ କହିଥିଲେ ବି ବଜେଟରେ ମେଟ୍ରୋ ପାଇଁ କୌଣସି ବ୍ୟୟବରାଦ କରାଯାଇନାହିଁ। ତୃଣମୂଳସ୍ତରୀୟ ପୋଲିସ ଅଧିକାରୀଙ୍କୁ ଅଧିକ ନିଯୁକ୍ତି ପାଇଁ ସୁର ଦାବି କରିଥିଲେ। ବିଜେଡି ପକ୍ଷରୁ ପ୍ରତାପ କେଶରୀ ଦେବ, ପ୍ରଫୁଲ୍ଲ ସାମଲ, ପ୍ରୀତିରଞ୍ଜନ ଘଡ଼ାଇ ଏବଂ ଅମର ଶତପଥୀ ପ୍ରମୁଖ ଭାଗ ନେଇଥିଲେ। ଆଲୋଚନା ଚାଲିଥିବାବେଳେ ସୁର ରାଉତରାୟ ଖବରଦାତାଙ୍କୁ ସ୍ୱତନ୍ତ୍ର ସୁବିଧା ପ୍ରଦାନ ନେଇ ପଏଣ୍ଟ ଅଫ୍ ଅର୍ଡର ଜରିଆରେ ଦାବି କରିଥିଲେ।

# ଜଳବନ୍ଦୀରେ ଜିଲା ସଦର ମହକୁମା

ମାଲକାନଗିରି,୨।୮ (ଡି.ଏନ୍.ଏ.)

- ମାଲକାନଗିରିରେ ବନ୍ୟା ପରିସ୍ଥିତି
- ପୋଲଗୁଡ଼ିକ ଉପରେ ୫ ଫୁଟରୁ ଊର୍ଦ୍ଧ୍ୱ ପାଣି ପ୍ରବାହିତ
- ବିଦ୍ୟାଳୟ ୨ ଦିନ ଛୁଟି ଘୋଷଣା କଲେ ଜିଲାପାଳ

ଲଗାଣ ବର୍ଷା ଯୋଗୁ ମାଲାକାନଗିରି ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ ବାହ୍ୟଜଗତରୁ ଏକ ପ୍ରକାର ବିଚ୍ଛିନ୍ନ ହୋଇପଡିଛି। ମାଲକାନଗିରି ସହର ମୁଖ୍ୟ ରାସ୍ତା, ପୁରୁଣା ଆର୍‌ଟିଓ କାର୍ଯ୍ୟାଳୟ, ପାତ୍ରଗୁଡା, ସାମ୍ଭାୟାଗୁଡା ନିକଟରେ ବର୍ଷାଜଳ ପ୍ରବାହିତ ହେଉଛି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଅନେକ ଘରେ ପାଣି ପଶିଯାଇଛି। ଜିଲା ସଦର ମହକୁମା ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇଛି। ଏଥିଯୋଗୁ ମାଲକାନଗିରିରୁ ଜୟପୁର, ବିଜୟନଗରମ, ବିଶାଖାପାଟଣା, ଭୁବନେଶ୍ୱର, କଟକ, ସମ୍ବଲପୁର, ରାୟପୁର, ଜଗଦଲପୁର, ସୁକମା, ଭଦ୍ରାଚଲମ୍, ହାଇଦ୍ରାବାଦକୁ ଯାତାୟାତ ଠପ୍ ହୋଇ ପଡିଛି। ଶୁକ୍ରବାର ସକାଳ ୮ଟା ସୁଦ୍ଧା ମାଲକାନଗିରି ଜିଲାରେ ମୋଟ ୮୧୧ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। କାଳିମେଳା ବ୍ଲକରେ ସର୍ବାଧିକ ୧୪୫ ମିଲିମିଟର ବର୍ଷା ହୋଇଛି। ସେହିପରି ଖଇରପୁଟରେ ୧୦୦ ମିଲିମିଟର, କୁଡୁମୁଲୁଗୁମାରେ ୧୨୦ ମିମି, କୋରୁକୋଣ୍ଡାରେ ୯୫ ମିମି, ମାଥିଲି ଓ ପଡିଆ ବ୍ଲକରେ ୧୧୭ ମିମି ବର୍ଷା ରେକର୍ଡ କରାଯାଇଛି। ବର୍ଷା ଯୋଗୁ ଜିଲାର ବିଦ୍ୟାଳୟଗୁଡ଼ିକୁ ଜିଲାପାଳ ମନୀଷ ଅଗ୍ରୱାଲ ୨ ଦିନ ପାଇଁ ଛୁଟି ଘୋଷଣା କରିଛନ୍ତି।

ଜିଲାର ପୋଲଗୁଡ଼ିକ ଉପରେ ୪ରୁ ୫ ଫୁଟରୁ ଊର୍ଦ୍ଧ୍ୱ ଉଚ୍ଚରେ ପାଣି ପ୍ରବାହିତ ହେଉଛି। କାଳିମେଳାରୁ ମାଲକାନଗିରି ଯିବା ରାସ୍ତାର ୩୨୬ନଂ ଜାତୀୟ ରାଜପଥର କାଙ୍ଗୁରୁକୋଣ୍ଡା ପୋଲ ଉପରେ ଶୁକ୍ରବାର ସକାଳୁ ପ୍ରାୟ ୪ଫୁଟର ବନ୍ୟାଜଳ ପ୍ରବାହିତ ହେଉଥିବାରୁ ମାଲକାନଗିରି-କାଳିମେଳା ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଏଠାରେ ଉଭୟ ପାର୍ଶ୍ୱରେ ଲୋକମାନେ ଘଣ୍ଟା ଘଣ୍ଟା ଧରି ଯାତାୟାତ ଲାଗି ଅପେକ୍ଷା କରି ରହିଛନ୍ତି। ସେହିପରି କାଳିମେଳା-ପଡ଼ିଆ ରାସ୍ତାର କନ୍ୟାଶ୍ରମ ପୋଲ ଉପରେ ୪ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ କାଳିମେଳାରୁ ପଡ଼ିଆ ବ୍ଲକକୁ ଯୋଗାଯୋଗ ବନ୍ଦ ରହିଛି। ଏଥିସହ ଏମଭି-୯୦ ଗୁବୁଲୁର ନାଳ ଏବଂ କାଳିମେଳା ଏମଭି-୭୯ ମଧ୍ୟଭାଗରେ ଥିବା ଏମଭି-୯୬ ନାଳ ଉପରେ ମଧ୍ୟ ୪ ଫୁଟ ଉଚ୍ଚରେ ବନ୍ୟାଜଳ ବନ୍ୟାଜଳ ପ୍ରବାହିତ ହେଉଛି। ଏଥିଯୋଗୁ କାଳିମେଳା-ମୋଟୁକୁ ଯୋଗାଯୋଗ ଠପ୍ ହୋଇଯାଇଛି। ତମସା ପୋଲ ଉପରେ ପ୍ରାୟ ୫ ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ମାଲକାନଗିରିରୁ ଛତିଶଗଡ଼ର ସୁକମାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବହୁ ଗ୍ରାମ ପାଣିଘେରରେ ରହିଛି। ଲୋକେ ଜଳବନ୍ଦୀ ଜୀବନ ବିତାଉଛନ୍ତି ।

# ଶଙ୍କରାଚାର୍ଯ୍ୟ ପ୍ରସ୍ତାବ ଦେଇପାରିବେ

## ସୁପ୍ରିମକୋର୍ଟରେ ଶ୍ରୀମନ୍ଦିର ମାମଲା

**ନୂଆଦିଲ୍ଲୀ,୨।୮:** ଶ୍ରୀମନ୍ଦିର ସଂସ୍କାର ସମ୍ପର୍କରେ ପୁରୀ ଶଙ୍କରାଚାର୍ଯ୍ୟ ଆମିକସ୍ କ୍ୟୁରୀ ଏବଂ ସମସ୍ତ ପକ୍ଷଙ୍କୁ ପ୍ରସ୍ତାବ ଦେଇପାରିବେ। ସୁପ୍ରିମକୋର୍ଟ ଶୁକ୍ରବାର ଏଥିପାଇଁ ଅନୁମତି ଦେଇଛନ୍ତି। ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ ଏବଂ ବି.ଆର୍. ଗଭାଇଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣିକୁ ସ୍ଥଗିତ ରଖିଛନ୍ତି। ୬ ସପ୍ତାହ ପରେ ମଙ୍ଗଳବାରରୁ ଗୁରୁବାର ମଧ୍ୟରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଶଙ୍କରାଚାର୍ଯ୍ୟଙ୍କୁ ଏହି ମାମଲାରେ ପକ୍ଷ ଭାବେ ଗ୍ରହଣ କରିବାକୁ ତାଙ୍କ ଓକିଲ ଶୁଣାଣି ବେଳେ ଅନୁରୋଧ କରିଥିଲେ। ହେଲେ ସେ ପ୍ରସ୍ତାବ ଦେଇପାରିବେ କିନ୍ତୁ ପକ୍ଷଭୁକ୍ତ ହୋଇପାରିବେ ନାହିଁ ବୋଲି ଖଣ୍ଡପୀଠ ଅନୁଭବ କରିଥିଲେ। ଅନ୍ୟପକ୍ଷରେ ଶ୍ରୀଜଗନ୍ନାଥଙ୍କ ଜମି ହେରଫେର ନେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଆନ୍ତଃମହାଦେଶୀୟ ଆଇନଜୀବୀ ସଂଘ ପକ୍ଷରୁ ଓକିଲ ଦେବାଶିଷ ମିଶ୍ର ଅଭିଯୋଗ ଆଣିଥିଲେ। ଶ୍ରୀଜଗନ୍ନାଥଙ୍କର ପାଖାପାଖି ୬୨ ହଜାର ଏକର ଜମିକୁ ଏକ ଘରୋଇ ସଂସ୍ଥାକୁ ଦିଆଯାଇଛି। ଏଥିରେ ୧୧୧ କୋଟି ଟଙ୍କା ହେରଫେର ହୋଇଛି। ମୁଖ୍ୟମନ୍ତ୍ରୀ ଜଗନ୍ନାଥଙ୍କ ସମ୍ପତ୍ତିର ସଂରକ୍ଷକ ହୋଇଥିବାରୁ ସେ ଏଥିପାଇଁ ଦାୟୀ ବୋଲି ଦେବାଶିଷ ଅଦାଲତଙ୍କୁ କହିଥିଲେ।

# ଓଡ଼ିଆ ବିଦ୍ୟାର୍ଥୀଙ୍କ ପାଇଁ ରହୁ ୨୫ % ସଂରକ୍ଷଣ

## ଏନଏଲୟୁ: କୁଳପତିଙ୍କୁ ଚିଠି ଲେଖିଲେ ବିଭାଗୀୟ ସଚିବ

**କଟକ ଅଫିସ,୨।୮:** କଟକ ଜିଲା ନରାଜସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ(ଏନଏଲୟୁ)ରେ ସ୍ନାତକ ପାଠ୍ୟକ୍ରମରେ ଓଡ଼ିଆ ବିଦ୍ୟାର୍ଥୀଙ୍କୁ ସଂରକ୍ଷଣ ସିଟ୍ ପ୍ରଦାନ କରାଯିବା ନେଇ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ତତ୍ପରତା ପ୍ରକାଶ କରିଛି। ଶୁକ୍ରବାର ବିଭାଗର କମିଶନର ତଥା ସଚିବ ଶାଶ୍ୱତ ମିଶ୍ର ଏନଏଲୟୁ କୁଳପତିଙ୍କୁ ଏ ସଂକ୍ରାନ୍ତରେ ଚିଠି(ନଂ.୧୫୬୧୫) ଲେଖିଛନ୍ତି। ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶରେ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ୨୦୦କୋଟି ଟଙ୍କା ଖର୍ଚ୍ଚ କରି ସାରିଲେଣି। ଏଣୁ ଏନଏଲୟୁର ସମ୍ବିଧାନ ଧାରା ୧୧(୨) ଅନୁଯାୟୀ, ଓଡ଼ିଶା ବିଦ୍ୟାର୍ଥୀଙ୍କୁ ୨୫ ପ୍ରତିଶତ ସଂରକ୍ଷଣ ସିଟ ପ୍ରଦାନ କରିବାକୁ ସଚିବ ମିଶ୍ର ଚିଠିରେ ନିବେଦନ କରିଛନ୍ତି। ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ଯୋଗେଶ ପ୍ରତାପ ସିଂଙ୍କୁ ପଚାରିବାରୁ ସେ କହିଛନ୍ତି, ଆସନ୍ତା ୧୦ରେ ବିଶ୍ୱବିଦ୍ୟାଳୟର ସାଧାରଣ ପରିଷଦ ଓ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ସଂରକ୍ଷଣ ସିଟ୍ ପ୍ରଦାନ ନେଇ ଏହି ଦୁଇ ପରିଷଦ ନିଷ୍ପତ୍ତି ନେଇ ପାରିବ। ପୂର୍ବରୁ ଏ ଦିଗରେ ଆଲୋଚନା ହୋଇଛି। ସମ୍ଭବତଃ ଆଗାମୀ ବୈଠକରେ ସଂରକ୍ଷଣ ନିଷ୍ପତ୍ତି ଚୂଡ଼ାନ୍ତ ହୋଇ ଓଡ଼ିଆ ବିଦ୍ୟାର୍ଥୀଙ୍କ ପାଇଁ ସୁଯୋଗ ସୃଷ୍ଟି ହେବ ବୋଲି କୁଳସଚିବ କହିଥିଲେ। ସୂଚନାଥାଉ କି, ୨୦୧୮ ଏପ୍ରିଲ ୨୪ରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ପୂର୍ବରୁ ମଧ୍ୟ ଚିଠି(ନଂ-୧୧୯୨୭) ଲେଖାଯାଇଥିଲା। କୁଳସଚିବଙ୍କ ଉଦ୍ଦେଶ୍ୟରେ ଉକ୍ତ ଚିଠି ଦିଆଯାଇଥିଲା। ଇତିମଧ୍ୟରେ ଏକବର୍ଷ ପୂରଣ ହୋଇଥିଲେ ମଧ୍ୟ ଉକ୍ତ ଚିଠିର ଉତ୍ତର ବିଶ୍ୱବିଦ୍ୟାଳୟ ପକ୍ଷରୁ ଦିଆଯାଇନାହିଁ। ଯୁକ୍ତ ୨ରେ ୬୦ ପ୍ରତିଶତ ମାର୍କ ରଖିଥିବା ଛାତ୍ରୀଛାତ୍ରଙ୍କୁ ସ୍ନାତକ ପାଠ୍ୟକ୍ରମରେ ସଂରକ୍ଷଣ ସିଟ୍ ପ୍ରଦାନ କରିବାକୁ ଚିଠିରେ ଦର୍ଶାଯାଇଛି।



ଭାଜପା ବିଧାୟକ ଦଳ ଉପନେତା ବିଷ୍ଣୁ ସେଠୀଙ୍କ ବିରୋଧରେ ଶୁକ୍ରବାର ଓଡ଼ିଶା ମୁସ୍‌ଲିମ୍ ଫୋରମ ସଦସ୍ୟାମାନେ ରାଜଭବନରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିବାକୁ ଯାଉଛନ୍ତି।

# ବିଷ୍ଣୁଙ୍କ ଦୁଃଖ ପ୍ରକାଶ ପରେ ସ୍ୱାଭାବିକ ହେଲା ଗୃହ

ଭୁବନେଶ୍ୱର,୨।୮(ବ୍ୟୁରୋ)

## ତିନି ତଲାକ୍ ମନ୍ତବ୍ୟ

ଗୁରୁବାର ବିଧାନସଭା ଶୂନ୍ୟକାଳରେ ସେ ତିନି ତଲାକ୍ ଏବଂ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ନେଇ ଦେଇଥିବା ବିବାଦୀୟ ବୟାନ ପାଇଁ ଶେଷରେ ଦୁଃଖ ପ୍ରକାଶ କରିଛନ୍ତି ଭାଜପା ବିଧାୟକ ଦଳ ଉପନେତା ବିଷ୍ଣୁଚରଣ ସେଠୀ। ସେ କହିଛନ୍ତି ଯେ, କୌଣସି ଧର୍ମୀୟ ଭାବନାକୁ ଆଘାତ ଦେବା ତାଙ୍କର ଉଦ୍ଦେଶ୍ୟ ନ ଥିଲା। ନିଜ ବିବୃତି ନେଇ ଦୁଃଖ ପ୍ରକାଶ କରିବା ପରେ ଏହାକୁ ବିଧାନସଭା ବିବରଣୀରୁ ବାଦ୍ ଦେବାକୁ ସେ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ରୁଲିଂ ଦେଇ ବିଷ୍ଣୁଙ୍କ ବୟାନକୁ ବିଧାନସଭା ବିବରଣୀରୁ ବାଦ୍ ଦେଇଛନ୍ତି। ଆଗକୁ ଏ ସମ୍ପର୍କରେ କୌଣସି ଖବର ଗଣମାଧ୍ୟମରେ ପ୍ରସାର ନ କରିବାକୁ ମଧ୍ୟ ବାଚସ୍ପତି ରୁଲିଂ ଦେଇଛନ୍ତି।

ଶୁକ୍ରବାର ପୂର୍ବାହ୍ନ ୧୦ଟା ୩୦ ମିନିଟରେ ବାଚସ୍ପତି ସଭାକାର୍ଯ୍ୟ ଚଳାଇବା ପାଇଁ ଗୃହକୁ ପ୍ରବେଶ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ମାତ୍ରେ କଂଗ୍ରେସ ଦଳ ସଭ୍ୟ ତାରାପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ, ମହମ୍ମଦ ମୋକିମ୍, ସନ୍ତୋଷ ସିଂ ସାଲୁଜାଙ୍କ ସମେତ ଅନ୍ୟ ସଭ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଇଗୋଳ କରିଥିଲେ। କଂଗ୍ରେସ ସଭ୍ୟମାନେ ବିରୋଧୀ ଦଳ ଉପନେତା ସମଗ୍ର ମହିଳା ଜାତିକୁ ଅପମାନିତ କରିଛନ୍ତି। ଏ ନେଇ ସେ ଗୃହରେ କ୍ଷମା ମାଗନ୍ତୁ ଓ ଦେଇଥିବା ମନ୍ତବ୍ୟକୁ ଗୃହର ବିବରଣୀରୁ ବାଦ୍ ଦିଆଯାଉ ବୋଲି ଦାବି କରିଥିଲେ। ପାଟିତୁଣ୍ଡ ମଧ୍ୟରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଆଗକୁ ନେବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା। ହଇଗୋଳ ନ ଥମିବାରୁ ବାଚସ୍ପତି ମାତ୍ର ୧ ମିନିଟ୍ ପରେ ଗୃହକୁ ୧୦ଟା ୩୧ରୁ ୧୧ଟା ୩୦ ଯାଏ ମୁଲତବୀ ଘୋଷଣା କରିଥିଲେ। ତେବେ ବିରୋଧୀ ଦଳ ଉପନେତା ନିଜ ଜିଦ୍‌ରେ ଅଟଳ ରହିଥିଲେ। ସେ କୌଣସି ସେଭଳି ଭୁଲ୍ କରିନାହାନ୍ତି ବୋଲି କହିଥିଲେ। ତେବେ ଗୃହର ଅଚଳାବସ୍ଥା ଦୂର କରିବା ସକାଶେ ବାଚସ୍ପତି ତାଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ଶେଷରେ ବିଷ୍ଣୁ ଗୃହରେ ଦୁଃଖ ପ୍ରକାଶ କରିଥିଲେ। ଏହାପରେ କଂଗ୍ରେସ ସଭ୍ୟମାନେ ନିଜ ଦାବିରୁ ଓହରି ଯାଇଥିଲେ। ପୂର୍ବାହ୍ନ ୧୧ଟା ୩୦ରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ବିଧାନସଭା ବାହାରେ ଗଣମାଧ୍ୟମକୁ ବିଷ୍ଣୁ କହିଥିଲେ ଯେ, ଆମେ ତ ମଣିଷ, ମାରିନୁ କି ରାହାଜାନି କରିନୁ, ପଶ୍ଚାତ୍ତାପ କାହିଁକି କରିବୁ। ୧୯୮୪ ଓ ୮୫ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସାହାବାନୁ କେସ୍‌ରେ ଅଧ୍ୟାଦେଶ ଆଣି ସମ୍ବିଧାନ ପରିବର୍ତ୍ତନ କରିଦେଇଥିଲେ। ସେଇଟା କିଛି ହେଲାନି। ଆମେ ନିର୍ଯାତିତ ମୁସଲମାନ ମହିଳାଙ୍କ ପାଇଁ ହେଉଥିବା ଏକ ଆନ୍ଦୋଳନରେ ସାମିଲ ହୋଇଛୁ। ଏହା ଉପରେ ମୁଜାଫରନଗର ଓ ଗାଜିଆବାଦ୍‌ରେ କୁହାଯାଇଛି। ମୋ ପାଖରେ ସେ ସବୁର ଖବର କ୍ଲିପ୍ ଅଛି। ୱାନ୍ ନେଶନ ୱାନ୍ ରିଲିଜିଅନ କଥା ଯେଉଁମାନେ କହୁଛନ୍ତି, କେଉଁଟା ଅଧିକ ଗର୍ହିତ ତାହା ଆପଣମାନେ ବିଚାର କରନ୍ତୁ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ। ଚାପରେ ନୁହେଁ, ବିଭିନ୍ନ କ୍ଷେତ୍ରରେ ସବୁ କଥାରେ ଆମେ ତ ସର୍ବୋଚ୍ଚରେ ନାହୁଁ। ସେହି ଦୃଷ୍ଟିରୁ ଦୁଃଖ ପ୍ରକାଶ କଲୁ ବୋଲି ସେ କହିଥିଲେ।


## UNION PUBLIC SERVICE COMMISSION
## PROGRAMME OF EXAMINATIONS/RECRUITMENT TESTS (RTs) -2020

**No.22/3/2019-E.I(B) - The Commission's Programme of Examinations and Recruitment Tests (RTs) for the year 2020 is given below for the information of candidates. The annual calendar has also been placed on the Commission's website (www.upsc.gov.in). Aspirants and candidates are advised to retain this advertisement for use as a ready reckoner for applying for the Commission's Examinations in 2020.**

| S. No. | Name of Examination | Date of Notification | Last Date for receipt of Applications | Date of commencement of Exam | Duration of Exam |
|---|---|---|---|---|---|
| 1. | Engineering Services (Preliminary) Examination, 2020 | 25.09.2019 | 15.10.2019 | 05.01.2020 (SUNDAY) | 1 DAY |
| 2. | Combined Geo-Scientist (Preliminary) Examination, 2020 | 25.09.2019 | 15.10.2019 | 19.01.2020 (SUNDAY) | 1 DAY |
| 3. | Reserved for UPSC RT/ Examination | | | 19.01.2020 (SUNDAY) | 1 DAY |
| 4. | C.D.S. Examination (I), 2020 | 30.10.2019 | 19.11.2019 | 02.02.2020 (SUNDAY) | 1 DAY |
| 5. | Reserved for UPSC RT/ Examination | | | 23.02.2020 (SUNDAY) | 1 DAY |
| 6. | CISF AC(EXE) LDCE-2020 | 04.12.2019 | 24.12.2019 | 01.03.2020 (SUNDAY) | 1 DAY |
| 7. | Reserved for UPSC RT/ Examination | | | 08.03.2020 (SUNDAY) | 1 DAY |
| 8. | N.D.A. & N.A. Examination (I), 2020 | 08.01.2020 | 28.01.2020 | 19.04.2020 (SUNDAY) | 1 DAY |
| 9. | Civil Services (Preliminary) Examination, 2020 | 12.02.2020 | 03.03.2020 | 31.05.2020 (SUNDAY) | 1 DAY |
| 10. | Indian Forest Service (Preliminary) Examination, 2020 through CS(P) Examination 2020 | | | | |
| 11. | I.E.S./I.S.S. Examination, 2020 | 25.03.2020 | 13.04.2020 | 26.06.2020 (FRIDAY) | 3 DAYS |
| 12. | Combined Geo-Scientist (Main) Examination, 2020 | | | 27.06.2020 (SATURDAY) | 2 DAYS |
| 13. | Engineering Services (Main) Examination, 2020 | | | 28.06.2020 (SUNDAY) | 1 DAY |
| 14. | Reserved for UPSC RT/ Examination | | | 05.07.2020 (SUNDAY) | 1 DAY |
| 15. | Combined Medical Services Examination, 2020 | 08.04.2020 | 28.04.2020 | 19.07.2020 (SUNDAY) | 1 DAY |
| 16. | Central Armed Police Forces (ACs) Examination, 2020 | 22.04.2020 | 12.05.2020 | 09.08.2020 (SUNDAY) | 1 DAY |
| 17. | Reserved for UPSC RT/ Examination | | | 23.08.2020 (SUNDAY) | 1 DAY |
| 18. | N.D.A. & N.A. Examination (II), 2020 | 10.06.2020 | 30.06.2020 | 06.09.2020 (SUNDAY) | 1 DAY |
| 19. | Reserved for UPSC RT/ Examination | | | 13.09.2020 (SUNDAY) | 1 DAY |
| 20. | Civil Services (Main) Examination, 2020 | | | 18.09.2020 (FRIDAY) | 5 DAYS |
| 21. | Reserved for UPSC RT/ Examination | | | 04.10.2020 (SUNDAY) | 1 DAY |
| 22. | C.D.S. Examination (II), 2020 | 05.08.2020 | 25.08.2020 | 08.11.2020 (SUNDAY) | 1 DAY |
| 23. | Indian Forest Service (Main) Examination, 2020 | | | 22.11.2020 (SUNDAY) | 10 DAYS |
| 24. | S.O./Steno (GD-B/GD-I) LDCE | 16.09.2020 | 06.10.2020 | 12.12.2020 (SATURDAY) | 2 DAYS |
| 25. | Reserved for UPSC RT/ Examination | | | 20.12.2020 (SUNDAY) | 1 DAY |

Note: The dates of notification, commencement and duration of Examinations/ RTs are liable to alteration, if the circumstances so warrant.

**Candidates are advised to visit the Commission's website regularly for updates, detailed information, and frequently asked questions regarding the Commission's Examinations and Recruitments, as well as for making online applications and downloading e-admit cards and e-summon letters.**

**Government strives to have a workforce which reflects gender balance and women candidates are encouraged to apply.**

davp 55101/14/0002/1920

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ପ୍ରିନ୍ସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

■ ମନା କଲା ଭୁବନେଶ୍ୱର ଏମ୍ସ

# ଏସ୍‌ସିବିରେ ରହିବେ ଜଗା-କାଳିଆ: ସ୍ୱାସ୍ଥ୍ୟମନ୍ତ୍ରୀ

**ଭୁବନେଶ୍ୱର,୨।୮(ବ୍ୟୁରୋ)**

ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଥିବା ଜଗା-କାଳିଆ ଖୁବ୍‌ଶୀଘ୍ର ଓଡ଼ିଶା ଫେରିବେ। ଭୁବନେଶ୍ୱର ଏମ୍ସ କର୍ତ୍ତୃପକ୍ଷ ଏଠାରେ ରଖି ଚିକିତ୍ସା ପାଇଁ ମନା କରିଦେବା ପରେ ସେମାନଙ୍କୁ କଟକସ୍ଥିତ ଏସ୍‌ସିବିରେ ରଖାଯିବା ସହ ସମସ୍ତ ପ୍ରକାର ଅତ୍ୟାଧୁନିକ ସେବା ପ୍ରଦାନ କରାଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି। ମନ୍ତ୍ରୀ ଦାସ କହିଛନ୍ତି, ଦିଲ୍ଲୀ ଏମ୍ସରେ ଚିକିତ୍ସିତ ଦୁଇଶିଶୁଙ୍କ ମାତାପିତା ଆଉ ସେଠାରେ ରହିବାକୁ ରାଜି ନୁହନ୍ତି। ଚିକିତ୍ସାଧୀନ ଶିଶୁମାନେ ଓଡ଼ିଶା ଫେରିଲେ ସେମାନଙ୍କୁ ଭୁବନେଶ୍ୱର ଏମ୍ସରେ ରଖି ଚିକିତ୍ସା ଲାଗି ଦିଲ୍ଲୀ ଏମ୍ସ କର୍ତ୍ତୃପକ୍ଷ ପ୍ରସ୍ତାବ ଦେଇଥିଲେ। ହେଲେ ଭୁବନେଶ୍ୱର ଏମ୍ସ କର୍ତ୍ତୃପକ୍ଷ ଦୁଇ ଶିଶୁଙ୍କୁ ରଖିପାରିବେ ନାହିଁ ବୋଲି ଲିଖିତ ଭାବେ ଜଣାଇ ଦେଇଛନ୍ତି। କେନ୍ଦ୍ରୀୟ ସଂସ୍ଥାର ଏଭଳି ମନୋଭାବ ପରେ ରାଜ୍ୟ ସରକାର ଦୁଇ ଶିଶୁଙ୍କୁ ଏସ୍‌ସିବିରେ ରଖି ଚିକିତ୍ସା ଲାଗି ସମସ୍ତ ପ୍ରକାର ବ୍ୟବସ୍ଥା କରୁଛନ୍ତି। ଦୁଇଶିଶୁଙ୍କ ଚିକିତ୍ସା ଲାଗି ଡାକ୍ତରୀଦଳ ଗଠନ ସହ ସମସ୍ତ ପ୍ରକାର ସେବା ଯୋଗାଯିବ ବୋଲି ମନ୍ତ୍ରୀ ଦାସ କହିଛନ୍ତି। ଉଲ୍ଲେଖଥାଉ କି, କନ୍ଧମାଳର ଯୋଡାମୁଣ୍ଡ ଶିଶୁ



ଜଗା-କାଳିଆଙ୍କ ଚିକିତ୍ସା ଲାଗି ରାଜ୍ୟ ସରକାର ୧ କୋଟି ଟଙ୍କାର ଅର୍ଥ ସହାୟତା ସହ ଏମ୍ସରେ ଚିକିତ୍ସା ଲାଗି ସମସ୍ତ ପ୍ରକାର ବ୍ୟବସ୍ଥା ଯୋଗାଇ ଦେଉଛନ୍ତି। ଅପରେଶନ ଦ୍ୱାରା ଦୁଇ ଶିଶୁଙ୍କ ମୁଣ୍ଡ ଅଲଗା ହେବାପରେ ପ୍ରାୟ ଦୁଇବର୍ଷ ହେଲା ସେମାନେ ଦିଲ୍ଲୀ ଏମ୍ସରେ ରହି ଚିକିତ୍ସିତ ହେଉଛନ୍ତି। ଜଗା-କାଳିଆଙ୍କ ଚିକିତ୍ସା ଉପରେ ମଧ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିୟମିତ ଭାବେ ନଜର ରଖାଯାଉଛି। ତେବେ ଶୁକ୍ରବାର ମନ୍ତ୍ରୀ ଦାସ ଦୁଇଶିଶୁଙ୍କ ଓଡ଼ିଶା ଫେରିବା ନେଇ ସୂଚନା ଦେବାପରେ ସେମାନେ ଦିଲ୍ଲୀରୁ ଆସି କଟକସ୍ଥିତ ଏସ୍‌ସିବିରେ ଚିକିତ୍ସିତ ହେବା ସ୍ପଷ୍ଟ ହୋଇଛି।

## ସମ୍ପରେ ଫସି ଠିକାଦାରଙ୍କ ...

**ପ୍ରଥମ ପୃଷ୍ଠାରୁ...**

ଶ୍ରମିକଙ୍କୁ ଡାକ ପକାଇଥିଲେ। ଏଥିସହ ତାଙ୍କ ସହ ରହି ଅନ୍ୟତ୍ର କାମ କରିବାକୁ ଯାଇଥିବା ସାଥୀ ଶ୍ରମିକ ଓ ଘରର ଠିକାଦାରଙ୍କୁ ଖବର ଦେଇଥିଲେ। କିଛି ସମୟ ପରେ ଉତ୍ପଳ ଓ ବିଶ୍ୱରୂପ ପହଞ୍ଚିବା ପରେ ସମ୍ପରୁ ୩ଜଣଙ୍କ ମୃତଦେହ ବାହାରକୁ ଆଣିଥିଲେ। ଖବର ପାଇ ପୋଲିସ ପହଞ୍ଚି ଆମ୍ବୁଲାନ୍ସ ଓ ପିସିଆର ଭ୍ୟାନ୍‌ରେ ମୃତଦେହକୁ ହସ୍ପିଟାଲ ନେଇଥିଲା। ଘଟଣା ସଂକ୍ରାନ୍ତରେ ଥାନା ଅଧିକାରୀ ଯତୀନ୍ଦ୍ରନାଥ ସେଠୀ କୁହନ୍ତି, ୩ ଜଣଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ମୃତକମାନେ ମଦ୍ୟପାନ କରିଥିବା ସନ୍ଦେହ କରାଯାଉଛି। ସେମାନଙ୍କୁ କୌଶଳକ୍ରମେ ହତ୍ୟା କରାଯାଇଛି ନା ମଦ୍ୟପାନ କରି ଶ୍ୱାସରୁଦ୍ଧ ହୋଇ ଜୀବନ ଯାଇଛି ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡିବ।

■ ରାଜନଗର-ଭିତରକନିକା ରାସ୍ତାରେ ସଡ଼କ ଦୁର୍ଘଟଣା

# ସାହସିକତା ପୁରସ୍କାରପ୍ରାପ୍ତ ସିତୁଙ୍କ ସହ ୨ମୃତ



ଉତ୍ତ୍ୟକ୍ତ ଲୋକଙ୍କ ଦ୍ୱାରା ରାସ୍ତା ଅବରୋଧ ।



ସିତୁ ମଲିକ

**ରାଜନଗର,୨।୮(ଡି.ଏନ.ଏ.)**

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଭିତରକନିକା ଜାତୀୟ ଉଦ୍ୟାନକୁ ସଂଯୋଗ କରୁଥିବା ମୁଖ୍ୟ ସଡ଼କର ଜଳି ଛକ ନିକଟରେ ଶୁକ୍ରବାର ସନ୍ଧ୍ୟା ୬ଟାରେ ଏକ ଦୁର୍ଘଟଣା ଘଟିଛି। ଏକ ଚିପ୍ସ ବୋଝେଇ ହାଇୱା ଧକ୍କାରେ ଚଳିତବର୍ଷ ରାଷ୍ଟ୍ରପତିଙ୍କଠାରୁ ଜାତୀୟ ସାହସିକତା ପୁରସ୍କାର ପାଇଥିବା ଛାତ୍ର ସିତୁ ମଲିକ (୧୬)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ସହିତ ତାଙ୍କ ପିଉସୀ ପୁଅ ଭାଇ ରାଜକନିକା ବ୍ଲକ ଖୁଣ୍ଟା ଗ୍ରାମର ଗୁଟୁ ମଲିକ (୧୭) ମଧ ପ୍ରାଣ ହରାଇଛନ୍ତି। ଏଥିସହ ପଦ୍ମନାଭପୁର ଗାଁର ପିଣ୍ଟୁ ମଣ୍ଡଳ ଓ ରବୀନ୍ଦ୍ର ମଣ୍ଡଳ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ଦୁର୍ଘଟଣାସ୍ଥଳରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା।

ପ୍ରକାଶ ଯେ, ରାଜନଗର ବ୍ଲକ କଣ୍ଡିରା ଗ୍ରାମର ସିତୁ ଓ ତାଙ୍କ ପିଉସୀ ପୁଅ ଭାଇ ଗୁଟୁ କୌଣସି ଘରୋଇ କାମରେ ଏକ ବାଇକରେ ଗାଁରୁ ଜଗିମୂଳକୁ ଯାଉଥିଲେ। ସେମାନଙ୍କ ପାଖ ଦେଇ ଅନ୍ୟ ଏକ ବାଇକ୍‌ରେ ପଦ୍ମନାଭପୁର ଗାଁର ପିଣ୍ଟୁ ଓ ରବୀନ୍ଦ୍ର ମଧ ଜଗିମୂଳ ଯାଉଥିଲେ। ଏହି ସମୟରେ ଜଗିମୂଳ ପଟୁ ଦ୍ରୁତଗତିରେ ଆସୁଥିବା ଏକ ଚିପ୍ସ ବୋଝେଇ ହାଇୱା ( ନଂ ଓଆର-୦୪- ଜେ-୩୫୬୩ ) ପ୍ରଥମେ ସିତୁ ଚଳାଉଥିବା ବାଇକକୁ ଧକ୍କା ଦେଇଥିଲା। ହାଇୱା ତାଙ୍କ ବାଇକକୁ ୫୦ଫୁଟ ଘୋଷାଡି ନେବା ଭିତରେ ପିଣ୍ଟୁ ଓ ରବୀନ୍ଦ୍ର ଯାଉଥିବା ବାଇକକୁ ଧକ୍କା ଦେଇଥିଲା। ଦୁଇଟି ବାଇକ୍‌କୁ ଧକ୍କା ଦେବା ପରେ ହାଇୱାଟି ଭାରସାମ୍ୟ ହରାଇ ରାସ୍ତାକଡ ନାଳ ଭିତରକୁ ଓଲଟି ପଡିଥିଲା। ହାଇୱା ତଳେ ସିତୁ ଓ ଗୁଟୁ ରହିଯାଇଥିଲେ। ସିତୁଙ୍କ ମୁଣ୍ଡରେ ମାଡ ହୋଇଥିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଜେସିବି ସାହାଯ୍ୟରେ ହାଇୱାକୁ ଟେକି ଗୁଟୁଙ୍କୁ ଉଦ୍ଧାର କରାଯିବା ଲାଗି ଉଦ୍ୟମ କରାଯାଇଥିଲେ ହେଁ କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣାରେ ଗୁଟୁଙ୍କ ଦୁଇ ଗୋଡ ଛିଣ୍ଡିକି ରହିଥିବା ଦେଖିବାକୁ ମିଳିଥିଲା। ସେହିଭଳି ପିଣ୍ଟୁ ଓ ରବୀନ୍ଦ୍ରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଆହତ ୨ଜଣଙ୍କୁ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଟ୍ରକ ଡ୍ରାଇଭରଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚୁରା ଚଳାଇଛି। ଅଗ୍ନିଶମ ବାହିନୀ ସହାୟତାରେ ୨ ନାବାଳକଙ୍କ ମୃତଦେହକୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଛି। ସିତୁ ଦଶମ ଶ୍ରେଣୀର ଛାତ୍ର ଥିଲେ।

ସୂଚନାଯୋଗ୍ୟ ଯେ, ଗତ ଜାନୁୟାରୀ ୨୫ ତାରିଖରେ ସିତୁ ନୂଆଦିଲ୍ଲୀର ଇଣ୍ଡିଆନ ହାବିଟାଟ ସେଣ୍ଟରରେ ସମ୍ମାନଜନକ ବାପୁ ଗାଇଧାନୀ ଜାତୀୟ ସାହସିକତା ପୁରସ୍କାର ପାଇଥିଲେ। କୁମ୍ଭୀର ମୁହଁରୁ ସାହସର ସହ ନିଜ ଦାଦାଙ୍କୁ ବଞ୍ଚାଇ ଥିବାରୁ ସେ ଏହି ପୁରସ୍କାର ପାଇ ରାଜନଗର ପାଇଁ ଗର୍ବ ଓ ଗୌରବ ଆଣିଥିଲେ। ଯେଉଁ ସିତୁ ସାହସିକତା ପୁରସ୍କାର ପାଇବା ପରେ ରାଜନଗର ବ୍ଲକ ଦିଲ୍ଲୀ ଦରବାରରେ ଉଚ୍ଚ ପ୍ରଶଂସିତ ହୋଇଥିଲା। ଶୁକ୍ରବାର ତାଙ୍କର ସଡକ ଦୁର୍ଘଟଣାରେ ଅକାଳ ମୃତ୍ୟୁ ଘଟିବାରୁ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିବା ସହ ଉଭୟଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆକସ୍ମିକ ସ୍ୱାସ୍ଥ୍ୟହାନିଜନିତ, ଶତ୍ରୁତା କାରଣରୁ କିମ୍ବା ଭାଇ, ପଡ଼ୋଶୀମାନଙ୍କ ସହ ସୁସମ୍ପର୍କ ଅଭାବଜନିତ ଦୁଶ୍ଚିନ୍ତା ସୃଷ୍ଟିହେବ। ବିଭିନ୍ନ ପ୍ରକାରର ସାହାଯ୍ୟ ସହଯୋଗ ପାଉଥିବା ଲୋକଟି ସାଧାରଣ ସ୍ୱାର୍ଥହାନି ହେତୁ କୁତ୍ସାରଟନା କରିବା ପରିଲକ୍ଷିତ ହୋଇପାରେ। ଯେତେ ଭଲ କାମ କଲେ ମଧ ପରିବାରରୁ ପ୍ରଶଂସା ପାଇବେନି।

**ବୃଷ** ଭଲ ସମ୍ପର୍କ ରହିଥିବା କୌଣସି ଆତ୍ମୀୟଙ୍କ ପାରିବାରିକ ସମସ୍ୟା ସମାଧାନ ସକାଶେ ଚିନ୍ତା ବଢ଼ିଯିବ। କର୍ମକ୍ଷେତ୍ରରେ କୌଶଳ ପ୍ରୟୋଗ କରି ସହକର୍ମୀଙ୍କ ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। ଆଜି ଇଚ୍ଛା ନ ଥିଲେ ମଧ ହଠାତ୍ ଆବଶ୍ୟକତା ଠାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ପଡୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ।

**ମିଥୁନ** ଭାବପ୍ରବଣତାବଶତଃ ଆଜି କହୁ କହୁ ଏପରି କିଛି କଥା କହିଦେବେ ଯେ-ଯଦ୍ୱାରାକି କଳହର ସୂତ୍ରପାତ ହୋଇପାରେ। ଅଫିସ କାମରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବା କାରଣରୁ ବ୍ୟସ୍ତ ରହିବେ। ପରିବାରରେ କୌତୁକିଆ କଥା କହି ବ୍ୟବସାୟ କିମ୍ବା ଅନ୍ୟ କୌଣସି କାମରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି।

**କର୍କଟ** ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସଫଳତାର ଶୀର୍ଷକୁ ନିଶ୍ଚିତ ସ୍ପର୍ଶ କରିବେ। ତଥାପି ଅପରାହ୍ନ ସମୟରେ ଅଫିସିଆଲି ଟେନସନ୍ କିଛି ମାତ୍ରାରେ ଲାଗିରହିବ। ଆମଦାନୀ କାରବାର, ବ୍ୟବସାୟୀଙ୍କ କାରବାରରେ ଉନ୍ନତି ହେବ ଓ ଲାଭର ମାତ୍ରା କିଛି କମିବ ନାହିଁ। ଆଇନ, ଅଦାଲତ ସମ୍ବନ୍ଧୀୟ କେତେକ ଦୁଶ୍ଚିନ୍ତା ମନକୁ ବିଶାଦିତ କରିବ।

**ସିଂହ** ଏକାଧିକ ଚିନ୍ତାଧାରାରେ ବିକ୍ଷିପ୍ତ ମନ ପରିସ୍ଥିତିକୁ ସୁଧାରିବାକୁ ଯାଇ ଧାର କରଜ କରି କାମ କରିବାକୁ ବାଧ୍ୟ ହେବେ। ଆକସ୍ମିକ ଭାବେ ଦୂର ଜାଗାକୁ ଯିବାକୁ ପଡିପାରେ। କୌଣସି ମୂଲ୍ୟବାନ ଦ୍ରବ୍ୟ ଆଣିବା ସକାଶେ ଘରୁ ବରାଦ ପାଇବେ। କ୍ରୀଡା, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ସମସ୍ୟାର ସମାଧାନ ହୋଇଯିବ।

**କନ୍ୟା** ଆଜିର କର୍ମକ୍ଷେତ୍ରରେ କିମ୍ବା ସାମାଜିକ ସ୍ତରରେ ସଂଘର୍ଷମୟ ପରିସ୍ଥିତିର ସାମନା କରିବାକୁ ପଡ଼ିପାରେ। ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢିଯିବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ବନ୍ଧୁମାନଙ୍କ ସମ୍ପର୍କ ହାନି ହେତୁ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ।

**ତୁଳା** ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟରେ କାମଗୁଡିକ ଆଜି ସନ୍ତୋଷ ଜନକ ହେବ ନାହିଁ ଏବଂ ପ୍ରତ୍ୟେକ କ୍ଷେତ୍ରରେ ବିରକ୍ତି ଲାଗିବ। ଋଣ ପରିଶୋଧ ପାଇଁ ବ୍ୟାକୁଳ ହେବେ କାରଣ ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇ ପାରନ୍ତି। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଇ ଦ୍ୱନ୍ଦ୍ୱରେ ପଡିପାରନ୍ତି।

**ବିଛା** ପୂର୍ବରୁ ଯେଉଁ କଳ୍ପନା କରି ଆସିଥିଲେ ତାହା କ୍ରମଶଃ ଫସର ଫାଟି ଯାଉଥିବା ଲକ୍ଷ୍ୟ କରି ମନ ଅଶାନ୍ତ ରହିବ। କର୍ମକ୍ଷେତ୍ରରେ ବିଶୃଙ୍ଖଳିତ କିମ୍ବା ଅସମାହିତ କର୍ମ ସକାଶେ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରି କୃତକାର୍ଯ୍ୟ ହେବେ। କଳା, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** କେତେକ ଅକୁହା କଥା ମନକୁ ସଂକୁଚିତ କରି ରଖିଥିଲେ ମଧ ମୁହଁ ଟାଣ ରଖି କଥା କହି ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସଫଳ ହେବେ। କୌଣସି ଲୋକ ବିଷୟରେ କିଛି ନ ଜାଣି ତାଙ୍କୁ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ବିଭିନ୍ନ ପ୍ରକାରର ପ୍ରତିବନ୍ଧକ ହେତୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବ।

**ମକର** ଆନୁଷ୍ଠାନିକ କାମରେ ସନ୍ଦେହ ଓ ଭୁଲ୍ ବୁଝାମଣା ଜନିତ ତିକ୍ତତା ଦେଖାଦେଇପାରେ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେବାର ସୂଚନା ପାଇପାରନ୍ତି। ଅଫିସରେ ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗିରହିବ।

**କୁମ୍ଭ** ସମସ୍ତ ପ୍ରକାରର ସୁବିଧା ଥାଇ ମଧ ଆଜି କାମଗୁଡିକ ବହୁତ ଅସୁବିଧା ଭିତରେ ସମ୍ପନ୍ନ ହେବ। କଳା, ସାହିତ୍ୟ ଓ ସଙ୍ଗୀତରୁ ପ୍ରଶଂସିତ ହେବେ ଓ ପୂର୍ବ ସମସ୍ୟାକୁ ସୁଧାରି ନେବାର ପ୍ରଯତ୍ନ କରିବେ। ସ୍ତ୍ରୀ, ଭାଇ କିମ୍ବା ବନ୍ଧୁଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ।

**ମୀନ** ଆଜି ଅଫିସ୍‌ରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ କିମ୍ବା ସଭାସମିତିରେ ପ୍ରଶଂସିତ ହେବେ। ଇଚ୍ଛା ବିରୋଧରେ କୌଣସି କାମ କରି ସମାଲୋଚିତ ହେବା କାରଣରୁ ଅନୁତାପ କରିବାକୁ ପଡ଼ିପାରେ। ନିଜ ଘର କଥା ନେଇ ସ୍ତ୍ରୀ ସ୍ୱାମୀଙ୍କ ସହ ତର୍କବିତର୍କ କରିପାରନ୍ତି।

ଆଜି ଶ୍ରାବଣ ଶୁକ୍ଳ ତୃତୀୟା ଶନିବାର, ଅଗଷ୍ଟ ୩ ତାରିଖ, ରାଶି ନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୧୧।୪୫ମି. ଗତେ ଘ୧।୨୬ମି. ମଧ୍ୟେ, ଘ୨।୫୮ମି. ଗତେ ଘ୪।୩୫ମି ମଧ୍ୟେ ଅମୃତବେଳା। ଦିବା ଘ୬।୫୦ମି. ଗତେ ଘ୮।୨୭ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୮।୪୦ମି. ଗତେ ଘ୧୦।୧୬ମି. ମଧ୍ୟେ ରାହୁକାଳ।


# classifieds Everyday
**0674-2580101, 2549302**

**real estate**

**SALE**

3500 sqft gharabari plot sale at Jagamara (Khandagiri), 30 feet road, Bhubaneswar. Contact Deepak-9937329999. D-66272

Gharabari, boundary, Electricity plot at Bhingarpur, Hanspal. Call: 9937816565, 9937568585. D-13653

Gharabari boundary plot Tamando MCL boundary side, direct owner: 8144391451. D-66739

SUM Hospital ନିକଟରେ ଏବଂ ତମାଣ୍ଡୋ ବଜାର ପଛପଟେ ଘରବାରି plot ମିଳୁଅଛି। 9439864322. D-66752

Ready to move 4BHK flat near Hotel Mayfair, Jaydev Vihar, price Rs. 5500/- per sqft & triplex and duplex at Rangabazar near BJEM English Medium School-II. Price start Rs. 45lakhs. Call: 9040046767, 9040007267. D-67340

2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs, Contact - 9937059891, 8908292617. D-13507

ଭୁବନେଶ୍ୱର ବାଳକାଟି ବଜାରରୁ 2km. boundary ଘରବାରି plot ଇଲେକ୍ଟ୍ରିସିଟି ସୁବିଧାଥାଇ sqft.-550/- (Spot possession then registration). 9348020724, 7978939440. D-66744

ଭୁବନେଶ୍ୱର AIIMS Medical ଠାରୁ 500 mtr ଦୂରତାରେ yellowzone ଘରବାରି boundary 30' ରାସ୍ତାଥାଇ sqft- 1850/-ରେ plot ବିକ୍ରିହେବ। 6370292040. D-66746

3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617. D-13500

ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ 9114955347, 8658962508. D-66753

4BHK duplex with gated community at Balianta (land- 1400 construction-2200 @ 55lakh and 2600 @ 65lakh). Contact: mplanets-9938219397, 9861022055. D-13652

Booking 2BHK simplex 1500 sqft land 27,40,000/-, Tankapani road,Sai Temple, simplex BJEM-(2) 1200 SQFT LAND 15,80,000/-. 7735738102. D-13713

2Bedroom ready to move flat at Pokhariput, Bhubaneswar. Genuine buyers directly contact: Deepak- 9937329999. D-66274

Bhubaneswar Patia ଅଞ୍ଚଳରେ ଜଗନ୍ନାଥ ମନ୍ଦିର ପାଖରେ yellowzone, boundary ସୁବିଧା ଥାଇ ଜାଗା କିଣନ୍ତୁ। 8249693292. D-13707

2600 sqft corner plot sale at SUM Hospital (CET College), 30 feet road, Bhubaneswar. Contact: Deepak- 9937329999. D-66273

Ready to construction BDA yellowzone boundary, Electricity plot near VSS Nagar, Chakeisihani. 7978666923, 7326065426. D-66751

Residential house at Rasulgarh, plots sale at AIIMS. Contact: 8249317990. D-13714

ଭୁବନେଶ୍ୱର ଜଟଣୀ ଗେଟ୍ NH5 ରୁ ଅଳ୍ପଦୂରତାରେ 1200sqft, 2,16,000/, IIT Argul ରେଲୱେ ଷ୍ଟେସନଠାରେ 1200sqft 2,00,000/-ରେ outright ରେ ମିଳୁଅଛି । 9776974912, 8144706560. D-66750

ନଖରା ତ୍ରିନାଥବଜାରଠାରେ SC plot ଘରବାରି ପାଚେରି ସହ 1500କୁ 5,25,000/, general plot sqft- 400/- outrightରେ ମିଳୁଅଛି। 9348847649, 8249243709. D-66749

ORERA registered 1BHK studio flats @ Narendrakona, Puri, construction in full-swing. Mobile: 9238356740, 9437030740. D-67339

**construction**

Construct your dream home with pillar beam and interior design from the experts. Contact: 7008550473. D-13651

Built Your residential and commercial project with best quality material @ 1349/- onwards with 20 years experienced technical team. We provide Architecture, structural & BDA plan approval. SMPL Infratech 9040008777. D-13722

**to-let**

3BHK 1800 sqft. house near ITER College, Dumduma. Phone- 8179751075. D-66266

Open space for rent at Jaipur Mauja near Pahala, Hanspala, about 18000 sqft. 9853631559, 9338562829. D-13648

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗିନ ଟ ୪୨୦/- ରେ (ଫଟୋ ସହ) । ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**healthcare**

Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Summer special mesmerizing offer expert therapeutic refreshing massage appointment: 9668374480. D-67322

Kajal ayurvedic massage club fully relaxed by smart lady, home service available. 9937637219. D-66934

Ayurvedic full body massage ladies & gents smart therapist. 9040900385. D-66935

Ayurvedic full body massage ladies/gents smart experts therapist. 9114697517. D-66936

Full body herbal massage with refreshment expert therapist. 7381239385, 06742540855. D-67337

Experience full body massage with us (expert). Call: 7377048581, 06742597822. D-67338

Herbal full body massage by smart / expert therapist. Contact: 8338067247. D-67335

Summer special mesmerizing offer expert therapeutic refreshing massage appointment. 9668374480. D-67336

Welcome to Sevacare enjoy sensual service by smart therapist. 6371291612. D-65673

**astrology**

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13718

**LOST**

I, Bikash Gadua, S/o: Kamalakanta Gadua, aforesaid I have passed Vidyalankar (B.A Sanskrit Honours) in the session 2017-2018 from Gurukal Kangri University, Haridwar. I lost my marksheet of 6th semester, Roll no- 154141011. D-13719

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ଜିଲା ଟିଟି
## ନବରଙ୍ଗପୁର

# ସ୍ୱଚ୍ଛତା ବାଟବଣା

ସ୍ୱଚ୍ଛ ଭାରତ ଯୋଜନାରେ ସରକାର ବିଦ୍ୟାଳୟଗୁଡିକରେ ଶୌଚାଳୟ ନିର୍ମାଣ କରିଛନ୍ତି। ଏଥିପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଇଛି । କିନ୍ତୁ ନିମ୍ନମାନର ନିର୍ମାଣ ଏବଂ ଆବଶ୍ୟକ ରକ୍ଷଣାବେକ୍ଷଣା ଅଭାବ ଯୋଗୁ ଶୌଚାଳୟଗୁଡିକ ଏବେ ବ୍ୟବହାର ଉପଯୋଗୀ ହୋଇପାରୁ ନାହିଁ । ଜିଲାରେ ସେତେବେଳେ ସର୍ବଶିକ୍ଷା ଅଭିଯାନ ପକ୍ଷରୁ କନିଷ୍ଠ ବୈଷୟିକ କର୍ମଚାରୀମାନେ ବ୍ଲକ ଅନୁଯାୟୀ ନିଜ ନାମରେ ଶୌଚାଳୟ ନିର୍ମାଣ ପାଇଁ କାର୍ଯ୍ୟାଦେଶ ନେଇଥିଲେ । ତେବେ ଅଧିକାଂଶ ଶୌଚାଳୟର କାର୍ଯ୍ୟ ଅତି ନିମ୍ନମାନର କରାଯାଇଥିବା ଅଭିଯୋଗ ହୋଇଥିଲା । ବିଦ୍ୟାଳୟ କମିଟି ଠାରୁ ଆରମ୍ଭ କରି ଲୋକ ପ୍ରତିନିଧିମାନେ ମଧ୍ୟ ଜିଲା ପରିଷଦ ବୈଠକରେ ଏଭଳି ନିମ୍ନମାନର କାର୍ଯ୍ୟ ଉପରେ ପ୍ରଶ୍ନ ଉଠାଇଥିଲେ । ନିର୍ମାଣର ବର୍ଷେ ନ ପୂରୁଣୁ କେତେକ ଶୌଚାଳୟ କାନ୍ଥ ଗୁଡିକ ଫାଟି ଆଁ କରିଛି । ଶୌଚାଳୟକୁ ପାଣି ବ୍ୟବସ୍ଥା କରାଯାଇ ନାହିଁ। ଅନେକ ସ୍ଥାନରେ ପାଇଖାନାଗୁଡିକର ଟାଙ୍କି ନିର୍ମାଣ ନ କରାଯାଇ ବିଲ୍ କରାଯାଇଛି । ଯେଉଁଠି ପାଇଖାନା ଟାଙ୍କି ରହିଛି ତାହା ଉପରେ ଆଚ୍ଛାଦିତ ସ୍ଲାବ ଭାଙ୍ଗିଗଲାଣି । ଅନେକ ବିଦ୍ୟାଳୟରେ ଶୌଚାଳୟ କାର୍ଯ୍ୟ ଶେଷ ନ ହେଉଣୁ ସମ୍ପୂର୍ଣ୍ଣ ବିଲ୍ ହୋଇ ସାରିଛି । ଜିଲାରେ ବିଦ୍ୟାଳୟଗୁଡିକରେ ଶୌଚାଳୟ ଅବସ୍ଥା ଏପରି ଥିବାରୁ ଏହା ଛାତ୍ରୀଛାତ୍ରଙ୍କ ବ୍ୟବହାର ଉପଯୋଗୀ ହୋଇପାରୁ ନାହିଁ। ଶୌଚାଳୟଗୁଡିକ ଏବେ ତାଲା ପଡି ରହିଛି । କୋମଳମତି ଛାତ୍ରୀଛାତ୍ର ବାହାରକୁ ଶୌଚ ହେବାକୁ ଯାଉଛନ୍ତି । ଏନେଇ ଅନେକ ରାଜନୈତିକ ଦଳ ସ୍ୱର ଉତ୍ତୋଳନ ମଧ୍ୟ କରି ସାରିଛନ୍ତି । ଭିଜିଲାନ୍ସ ବିଭାଗ ମଧ୍ୟ ସମ୍ପୃକ୍ତ ବିଭାଗରୁ ଫାଇଲ ମଗାଇ ଯାଞ୍ଚ କଲେ । କିନ୍ତୁ କିଛି ପଦାକୁ ଆସିଲା ନାହିଁ । ବୈଷୟିକ କର୍ମଚାରୀମାନେ ପୁଣି ଅଧୁରା ଥିବା ଶୌଚାଳୟ ଗୁଡିକ ନିର୍ମାଣ କାର୍ଯ୍ୟ ଆରମ୍ଭ କଲେ । ଏବେବି ସମ୍ପୂର୍ଣ୍ଣ ବୋଲି ଦର୍ଶାଯାଉଥିବା ଶୌଚାଳୟର କାର୍ଯ୍ୟ ଅତି ନିମ୍ନମାନର ଓ ବ୍ୟବହାର ଉପଯୋଗୀ ନୁହେଁ ବୋଲି ଅଭିଯୋଗ ହେଉଛି । ନବରଙ୍ଗପୁର ଭଳି ପଛୁଆ ଜିଲାରେ ଲୋକଙ୍କ ସରଳତାର ଫାଇଦା ଉଠାଇବାରେ ଲାଗିଛନ୍ତି କର୍ମଚାରୀ । ଯେଉଁ ବିଦ୍ୟାଳୟ କମିଟି ଅଭିଯୋଗ ଆଣୁଛନ୍ତି ତାଙ୍କୁ କିଭଳି ଚୁପ କରାଇ ଦେବା ସେନେଇ ଦୁଇଜଣ କର୍ମଚାରୀ ଦାୟିତ୍ୱରେ ରହିଛନ୍ତି । ଏହାର ବିଧିବଦ୍ଧ ତଦନ୍ତ ହେବା ଆବଶ୍ୟକ । ତାହା ନହେଲେ ଜିଲାରେ ସ୍ୱଚ୍ଛ ଭାରତ ଭଳି ଏକ ହୀତକର ଯୋଜନା ଫସର ଫାଟି ବାଟବଣା ହେବ । ବୈଷୟିକ କର୍ମଚାରୀମାନେ ନିମ୍ନମାନର ଓ ଅଧୁରା କାର୍ଯ୍ୟ କରି ମାଲାମାଲ ହୋଇ ରହିବେ ଏଥିରେ ଦ୍ୱିମତ ନାହିଁ ।

– ସଦାଶିବ ପ୍ରହରାଜ

# ଚାଷୀ ଆତ୍ମହତ୍ୟା ମାନୁନାହାନ୍ତି ସରକାର: କଂଗ୍ରେସ

**ଭୁବନେଶ୍ୱର,୨।୮(ବ୍ୟୁରୋ):** ଚାଷୀ ଆତ୍ମହତ୍ୟାକୁ ନେଇ ଶୁକ୍ରବାର ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ଏବଂ କୃଷିମନ୍ତ୍ରୀ ଅରୁଣ ସାହୁ ମୁହାଁମୁହିଁ ହୋଇଛନ୍ତି। ଚାଷୀ ଆତ୍ମହତ୍ୟାକୁ ନେଇ କଂଗ୍ରେସ ଦଳ ନେତା ନରସିଂହ ମିଶ୍ର ମୁଲତବୀ ପ୍ରସ୍ତାବ ଆଣି କୃଷିମନ୍ତ୍ରୀ ଅରୁଣ ସାହୁଙ୍କୁ କଡ଼ା ସମାଲୋଚନା କରିଥିଲେ। ମନ୍ତ୍ରୀ ମଧ୍ୟ ନରସିଂହଙ୍କୁ କଡ଼ା ଜବାବ ଦେଇଥିଲେ। ଉଭୟଙ୍କ ଆରୋପ ପ୍ରତ୍ୟାରୋପକୁ ନେଇ ଗୃହ ସରଗରମ ହୋଇଥିଲା।

ବିଧାନସଭାରେ ମୁଲତବୀ ଆଲୋଚନା ବେଳେ ନରସିଂହ କହିଥିଲେ ଯେ, ରାଜ୍ୟରେ ଚାଷୀ ଆତ୍ମହତ୍ୟାକୁ ସରକାର ରୋକିବାରେ ବିଫଳ ହୋଇଛନ୍ତି। ଶସ୍ୟହାନି ଏବଂ ଋଣଗ୍ରସ୍ତ ହୋଇ ଗତ ଜୁଲାଇ ମାସରେ ୪ ଜଣ ଚାଷୀ ଆତ୍ମହତ୍ୟା କରିଛନ୍ତି। ମାତ୍ର ଏହାକୁ ସରକାର ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି। ରାଜ୍ୟ ସରକାର ଏ ନେଇ ରିପୋର୍ଟ ଦିଅନ୍ତୁ। ବଲାଙ୍ଗୀର, ବରଗଡ଼, ବାଲେଶ୍ୱର ଏବଂ ଜଗତ୍ସିଂହପୁର ଜିଲାରେ ସ୍ୱଳ୍ପବୃଷ୍ଟି ଯୋଗୁ ଧାନଫସଲ ଉଜୁଡି ଯାଇଛି। ଚାଷ ଉଜୁଡିଯାଉଥିବାରୁ ଚାଷୀ ବାଧ୍ୟହୋଇ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ଗ୍ରହଣ କରୁଛି। ସରକାର ଜମିକୁ ପାଣି ଯୋଗାଇବାରେ ବିଫଳ ହେଉଥିବାରୁ ଚାଷୀ ଚାଷ ପାଇଁ ବର୍ଷା ଉପରେ ନିର୍ଭର କରୁଛନ୍ତି। ବର୍ଷା ନ ହେବାରୁ ଫସଲ ନଷ୍ଟ ହୋଇଯାଉଛି। ସରକାର କେବଳ କାଗଜକଲମରେ ଜଳସେଚନ ସୁବିଧା ଯୋଗାଇବା କଥା କହୁଛନ୍ତି ବୋଲି ନରସିଂହ କହିଥିଲେ। କେନ୍ଦ୍ରର ମୋଦି ସରକାରଙ୍କୁ ମଧ୍ୟ ନରସିଂହ ଚାଷୀ ପ୍ରସଙ୍ଗରେ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ ଯେ, ନରେନ୍ଦ୍ର ମୋଦି ସରକାର ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ୨୦୧୪ ନିର୍ବାଚନ ପୂର୍ବରୁ ଭାଜପା ଭୋଟ ହାତେଇବା ପାଇଁ ଚାଷୀଙ୍କୁ ତାଙ୍କ ଉତ୍ପାଦିତ ମୂଲ୍ୟର ଦେଢ଼ଗୁଣା ଦେବାକୁ ପ୍ରତିଶ୍ରୁତି ଦେଇଥିଲା। ନିର୍ବାଚନ ଜିତିବା ପରେ ଭାଜପା ପ୍ରତିଶ୍ରୁତିକୁ ଭୁଲିଗଲା। ଉଭୟ ବିଜେଡି ଓ ଭାଜପା ଚାଷୀ ବିରୋଧୀ ବୋଲି ନରସିଂହ କହିଛନ୍ତି। ରାଜ୍ୟରେ ହେଉଥିବା ଚାଷୀ ଆତ୍ମହତ୍ୟା ଘଟଣାର ମାଜିଷ୍ଟ୍ରେଟ୍ କିମ୍ବା ଜଣେ ସବ୍‌ଡିଭିଜନ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ତଦନ୍ତ କରାଯାଇ ଗୃହରେ ରିପୋର୍ଟ ଉପସ୍ଥାପନ କରାଯାଉ। ଏଥିସହିତ ଆତ୍ମହତ୍ୟା କରିଥିବା ଚାଷୀଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ପରିବାରର ଜଣେ ବ୍ୟକ୍ତିଙ୍କୁ ସରକାରୀ ଚାକିରି ଦେବାକୁ ନରସିଂହ ଦାବି କରିଛନ୍ତି।

### କଂଗ୍ରେସ ଦଳ ନେତା ଅଭିଜ୍ଞ ହୋଇ ଅନଭିଜ୍ଞଙ୍କ ଭଳି ଆଚରଣ କରୁଛନ୍ତି: ମନ୍ତ୍ରୀ

କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ ସାହୁ ମଧ୍ୟ ନରସିଂହଙ୍କୁ ଶାଣିତ ଢଙ୍ଗରେ ଉତ୍ତର ଛଳରେ ଆକ୍ରମଣ କରିଥିଲେ । ସେ କହିଥିଲେ ଯେ, ଆତ୍ମହତ୍ୟା ପଛରେ ଚାଷ କାରଣ ନୁହେଁ। ଚାଷୀ ଆତ୍ମହତ୍ୟା କରୁଛନ୍ତି, ମାତ୍ର ତାହା ଚାଷ ପାଇଁ ନୁହେଁ। ଯେତେବେଳେ ଚାଷୀ ଆତ୍ମହତ୍ୟା କଥା ଆସୁଛି ସେତେବେଳେ ଜିଲାପାଳ ଏବଂ ଏସ୍‌ପି ମିଳିତ ଭାବେ ତଦନ୍ତ କରୁଛନ୍ତି। ୨୪ ଘଣ୍ଟା ମଧ୍ୟରେ ଗୃହ ବିଭାଗକୁ ରିପୋର୍ଟ ଦେଉଛନ୍ତି। ସରକାର ଆତ୍ମହତ୍ୟା ପ୍ରସଙ୍ଗକୁ ଏଡ଼ାଇ ଯାଉନାହାନ୍ତି। ଅନ୍ୟମାନଙ୍କ ଭଳି ଚାଷୀମାନେ ମଧ୍ୟ ବିଭିନ୍ନ କାରଣରୁ ଆତ୍ମହତ୍ୟା କରୁଛନ୍ତି। ନରସିଂହଙ୍କୁ ଆକ୍ଷେପ କରି ଅରୁଣ କହିଥିଲେ ଯେ, କଂଗ୍ରେସ ଦଳର ଜଣେ ବରିଷ୍ଠ ଅଭିଜ୍ଞ ନେତା କିପରି ଅନଭିଜ୍ଞଙ୍କ ଭଳି ଆଚରଣ କରୁଛନ୍ତି, ତାହା ମୋତେ ଆଶ୍ଚର୍ଯ୍ୟ କରୁଛି। ଚାଷ ଉପରେ କଂଗ୍ରେସ ବିଧାୟକ ଦଳର ନେତା କିଛି ଜ୍ଞାନ ଅର୍ଜନ କରନ୍ତୁ ବୋଲି ସେ କହିଥିଲେ। ଏଭଳି ଉତ୍ତର ଶୁଣି ନରସିଂହ ଉତ୍ତେଜିତ ହୋଇପଡିଥିଲେ। ପଏଣ୍ଟ ଅଫ୍ ଅର୍ଡର ଜରିଆରେ ସେ ପୁଣି କହିଥିଲେ ଯେ, ଓଡ଼ିଶାରେ ଚାଷୀ ଆତ୍ମହତ୍ୟା କରୁଥିବା ବିଷୟ ବିଜେଡି ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ରାଜ୍ୟ ସଭାରେ ଉଲ୍ଲେଖ କରୁଥିବା ବେଳେ ସେହି ଦଳର ମନ୍ତ୍ରୀ ଏହାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି। ଏହା ବିଜେଡିର ଦୋମୁହାଁ ନୀତି ନୁହେଁ କି ବୋଲି ନରସିଂହ କହିଥିଲେ। ଅନ୍ୟପକ୍ଷରେ ମୁଲତବୀ ଆଲୋଚନାରେ ଭାଜପା ସଭ୍ୟମାନେ ଅଂଶଗ୍ରହଣ ନ କରି

ବିଧାନସଭାରେ ସରକାର ରାଜ୍ୟ ଆପାତକାଳୀନ ପାଣ୍ଠିର ଅତିରିକ୍ତ ବଜେଟକୁ ନେଇ କୌଣସି ଆଲୋଚନା ନ କରି ଅନୁମୋଦନ କିପରି କଲେ ବୋଲି ପ୍ରଶ୍ନ କରିଥିଲେ। ଏହାକୁ ନେଇ ଭାଜପା ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ପାଟିତୁଣ୍ଡ କରିଥିଲେ। କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି ଚାଷୀ ଆତ୍ମହତ୍ୟା ପ୍ରସଙ୍ଗ ଓ ଚାଷକୁ ନେଇ ସରକାରଙ୍କ ଉପରେ ବର୍ଷିଥିଲେ।

# ଗଠନ ହେଲା କୃଷକ ଉତ୍ପାଦକ ସଂଗଠନ

**ଭୁବନେଶ୍ୱର,୨।୮(ବ୍ୟୁରୋ):** କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ କୃଷି ସାମଗ୍ରୀ, ବୈଷୟିକ ଜ୍ଞାନ ଓ ବଜାର ସୁବିଧା ସହଜରେ ଉପଲବ୍ଧ କରାଇବା ପାଇଁ ରାଜ୍ୟ ସରକାର କୃଷକ ଉତ୍ପାଦକ ସଙ୍ଗଠନ (ଫାର୍ମର ପ୍ରଡ୍ୟୁସର ଅର୍ଗାନାଇଜେଶନ) ଗଠନ କରିଛନ୍ତି। ଏହି ସଙ୍ଗଠନ କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ଖାଦ୍ୟ ପ୍ରକ୍ରିୟାକରଣ, ବଜାର ବ୍ୟବସ୍ଥା, ଗୋଦାମଘର, ଉତ୍ପାଦର ପରିବହନ ପାଇଁ ଭିତ୍ତିଭୂମି ପ୍ରସ୍ତୁତିରେ ସହାୟତା କରିବ। ଏଥିସହ କୃଷି କ୍ଷେତ୍ରରେ ଆର୍ଥିକ ବିକାଶ କରାଇବା ଏବଂ ଗ୍ରାମାଞ୍ଚଳରେ ନିଯୁକ୍ତି ସୁବିଧା ସୃଷ୍ଟି କରି ପାରିବ। ଶୁକ୍ରବାର ବିଧାନସଭାରେ ମୁଲତବୀ ଆଲୋଚନା ଜବାବରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ ସାହୁ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ କୃଷକମାନଙ୍କୁ ଆଧୁନିକ ବୈଜ୍ଞାନିକ ଜ୍ଞାନ କୌଶଳ ବିଷୟରେ ଅବଗତ କରାଇବା ପାଇଁ କୃଷି ସମ୍ପ୍ରସାରଣ କାର୍ଯ୍ୟକ୍ରମ ଭାବେ ପରିଭ୍ରମଣ, ତାଲିମ ଓ ପ୍ରଦର୍ଶନ କ୍ଷେତ୍ରମାନ କରାଯାଉଛି। ଚାଷୀଙ୍କ ଆକ୍ଲାନ୍ତ ପରିଶ୍ରମ ଯୋଗୁ ଓଡିଶା ଖାଦ୍ୟ ଉତ୍ପାଦନରେ ୭ ବର୍ଷ ମଧ୍ୟରେ ୫ ଥର କୃଷି କର୍ମଣ ପୁରସ୍କାର ପାଇବାରେ ସଫଳ ହୋଇଛି। ଆଦିବାସୀ ଅଧ୍ୟୁଷିତ ଜିଲାରେ ମାଣ୍ଡିଆ, କୋଦ, ସୁଆଁ ଭଳି ଶସ୍ୟର ଚାଷ ପରିମାଣ କମି କମି ଯାଉଛି। ଏହାର ଚାହିଦା ବୃଦ୍ଧି ପାଉଥିବାରୁ ସରକାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଲଘୁଶସ୍ୟ ଉତ୍ପାଦନ ପାଇଁ ଓଡିଶା ମିଲେଟ ମିଶନ ଭଳି ଯୋଜନା କାର୍ଯ୍ୟକାରୀ କରାଯାଉଛି। କୃଷି ଓ ଆନୁସଙ୍ଗିକ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ୨୦୧୪ରୁ ସ୍ୱତନ୍ତ୍ର କୃଷି ବଜେଟ ଉପସ୍ଥାପନ କରି ଆସୁଛନ୍ତି। ୨୦୧୯ରେ ଅଧିକ କ୍ରୀୟାଶୀଳ କୃଷି ନୀତି କରାଯାଇଛି। ବର୍ତ୍ତମାନ ଚାଷୀଙ୍କୁ ୧ ଲକ୍ଷ ଟଙ୍କା ଶସ୍ୟ ଋଣ ବିନା ସୁଧରେ ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।







## ଏନ୍‌ଟିପିସି, ଟିଟିପିଏସ୍‌ରେ ଉତ୍ପାଦନ ହ୍ରାସ

**ଭୁବନେଶ୍ୱର, ୨।୮(ବ୍ୟୁରୋ):** ଭରତପୁର ଖଣି ଦୁର୍ଘଟଣା ପରେ ଏମ୍‌ସିଏଲ୍‌ର ତାଳଚେର କୋଲ୍ ଫିଲ୍ଡସରେ ୯ଦିନ ଧରି ଆନ୍ଦୋଳନ ଚାଲୁ ରହିଥିବାରୁ ଏନ୍‌ଟିପିସିର କଣିହାଁ ଓ ତାଳଚେର ଥର୍ମାଲ ପ୍ଲାଣ୍ଟକୁ କୋଇଲା ଯୋଗାଣ ହୋଇପାରୁନି। ଫଳରେ ଉଭୟ ପ୍ଲାଣ୍ଟରେ ବିଦ୍ୟୁତ୍ ଉତ୍ପାଦନ ହ୍ରାସ ପାଇଛି। କଣିହାଁର ମୋଟ୍ ୬ଟି ୟୁନିଟ୍‌ରୁ ଏବେ ୩ଟି ଚାଲୁ ରହିଥିବାବେଳେ ମାତ୍ର ୯୦୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ହୋଇପାରୁଛି। ଅନ୍ୟପଟେ ତାଳଚେର ଥର୍ମାଲର ୬ଟି ୟୁନିଟ୍‌ରୁ ମାତ୍ର ଗୋଟିଏ ୟୁନିଟ୍ କର୍ଯ୍ୟକ୍ଷମ ଅଛି। ଏନ୍‌ଟିପିସି କଣିହାଁ ଓ ତାଳଚେର ଥର୍ମାଲ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହେବା ପାଇଁ ଯଥାକ୍ରମେ ୫୮ ହଜାର ମେଟ୍ରିକ୍ ଟନ ଏବଂ ୯ ହଜାର ମେଟ୍ରିକ ଟନ୍ କୋଇଲା ଆବଶ୍ୟକ। ଏବେ ବାହ୍ୟ ଉତ୍ସରୁ କୋଇଲା ସଂଗ୍ରହ କରି ବିଦ୍ୟୁତ୍ ଉତ୍ପାଦନ ଚାଲୁ ରଖିବାକୁ ଉଦ୍ୟମ ଜାରି ରହିଛି ବୋଲି ଏନଟିପିସି ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ଏଭଳି ଅବସ୍ଥା ଯଦି ଅଧିକ ଦିନ ଲାଗି ରୁହେ ତେବେ ଓଡ଼ିଶା ସହିତ ବିହାର, ଝାଡ଼ଖଣ୍ଡ, ଦକ୍ଷିଣାଞ୍ଚଳ ରାଜ୍ୟ ସମେତ ଓ ଉତ୍ତର-ପୂର୍ବ ରାଜ୍ୟଗୁଡିକ ମଧ୍ୟ ବିଦ୍ୟୁତ୍ ସଙ୍କଟର ସମ୍ମୁଖୀନ ହେବେ।

## ■ ଆଜିଠୁ 'ମେଟଲ୍ ମିଟ୍ ୨୦୧୯'
# ଚାମ୍ପିୟନ୍ ଟାଇଟଲ୍ ପାଇଁ ଅନେକ ଦାବିଦାର

**ଭୁବନେଶ୍ୱର,୨।୮(ବ୍ୟୁରୋ)**

ପ୍ରସ୍ତୁତି ଶେଷ। ଅପେକ୍ଷା କେବଳ ରାଜ୍ୟସ୍ତରୀୟ କୁଇଜିଂ ଇଭେଣ୍ଟ 'ମେଟଲ୍ ମିଟ୍– ୨୦୧୯' ଆରମ୍ଭ ହେବା ପାଇଁ, ଯେଉଁଠି ମୁହାଁମୁହିଁ ହେବେ ରାଜ୍ୟର ଶ୍ରେଷ୍ଠ ସ୍କୁଲ୍ ଓ କଲେଜଗୁଡ଼ିକ। ଓଡ଼ିଶାର ଛାତ୍ରୀଛାତ୍ରଙ୍କୁ ବୌଦ୍ଧିକ ପ୍ରତିଯୋଗିତା ପାଇଁ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ ଯୋଗାଇଦେବା ଲକ୍ଷ୍ୟରେ ଆୟୋଜିତ 'ମେଟଲ୍ ମିଟ୍' ଚଳିତବର୍ଷ ଆହୁରି ବ୍ୟାପକ ଓ ଆକର୍ଷଣୀୟ ହେଉଛି। ଓଡ଼ିଶାର ବିଭିନ୍ନ ସ୍କୁଲ୍ ଏବଂ କଲେଜ୍‌ରୁ ୯୦ ଟିମ୍ ଏହି 'ବ୍ୟାଟଲ୍ ଅଫ୍ ବ୍ରେନ୍' ପାଇଁ ନିଜକୁ ପ୍ରସ୍ତୁତ କରିସାରିଥିବାବେଳେ ପ୍ରାୟ ୪୦୦ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିବେ।

ସ୍ଥାନୀୟ ସ୍ୱସ୍ତି ପ୍ରିମିୟମ୍ ହୋଟେଲରେ ଶନିବାର 'ମେଟଲ ମିଟ୍'ର ପ୍ରିଲିମ୍ସ ରାଉଣ୍ଡ ହେଉଥିବାବେଳେ ରବିବାର ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହେବ। ଏଥର ଟିମ୍ ସଂଖ୍ୟା ବଢିଥିବାରୁ ପ୍ରତିଯୋଗିତା ଆହୁରି କଠିନ ହେବ ବୋଲି ଆଶା କରାଯାଉଛି। ଜୁନିୟର୍ ଏବଂ ସିନିୟର୍ କାଟେଗୋରୀ ମେଟଲ୍ ମିଟ୍ ଏଥର ପୂର୍ବବର୍ଷ ଅପେକ୍ଷା ଅଧିକ ପ୍ରତିଯୋଗିତାପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ଗତବର୍ଷ ସିନିୟର୍ ବିଭାଗରେ ବେଶ୍ ଚତୁରତାର ସହ ଖେଳି ଚାମ୍ପିୟନ୍ ହୋଇଥିବା ଭୁବନେଶ୍ୱରର କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି(ସିଇଟି) ଏଥର ମଧ୍ୟ ଟାଇଟଲ୍‌ର ପ୍ରମୁଖ ଦାବିଦାର ରହିଛି। ସେହିଭଳି କୁଇଜିଂ କ୍ଲବ୍ ମାଧ୍ୟମରେ ସର୍ବଦା ଅପ୍‌ଡେଟ୍ ରହୁଥିବା ଏନ୍‌ଆଇଟି ରାଉରକେଲା ୨୦୧୮ରେ ଶ୍ରେଷ୍ଠ ୩ ଟିମ୍ ମଧ୍ୟରେ ରହିପାରି ନ ଥିବା ବେଳେ ଏଥର କିନ୍ତୁ ଚାମ୍ପିୟନ୍ ଟାଇଟଲ ହାତେଇବାକୁ ଜୋରଦାର୍ ପ୍ରସ୍ତୁତି କରିଛି। ସେହିଭଳି ବିଜୟୀ




ଟିମ୍‌କୁ କଡ଼ା ଟକ୍କର ଦେଇ ପ୍ରଥମ ରନର୍ସଅପ୍ ହୋଇଥିବା କିଟ୍ ଆଗଧାଡ଼ିରେ ରହିଥିବା ବେଳେ ଅନ୍ୟ ଟିମ୍‌ଗୁଡ଼ିକ ମଧ୍ୟରେ ଆଇଆଇଟି ଭୁବନେଶ୍ୱର, ଏମ୍‌ସ ଭୁବନେଶ୍ୱର, ନାଇଜର୍, ଭିଏସ୍ଏସ୍‌ୟୁଟି ବୁର୍ଲା, ରେଭେନ୍‌ଶା, ଏସ୍‌ସିବି ମେଡିକାଲ କଲେଜ ଓ ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍ ଭଳି ଟାଇଟଲ୍ ଦାବିଦାରମାନେ ରହିଛନ୍ତି।

ସେହିଭଳି ଜୁନିୟର ବିଭାଗକୁ ଦେଖିଲେ, ଏଥର ତାଲିକାରେ ଲୋୟୋଲା ସ୍କୁଲ୍, ମଦର୍ସ ପବ୍ଲିକ୍ ସ୍କୁଲ୍, କିଟ୍ ଇଣ୍ଟରନ୍ୟାଶନାଲ, ସାଇ ଇଣ୍ଟରନ୍ୟାଶନାଲ, ଡୁନ୍ ଇଣ୍ଟରନ୍ୟାଶନାଲ, ରେଭେନ୍‌ଶା ହାଇସ୍କୁଲ୍, ରମାଦେବୀ ଜୁନିୟର କଲେଜ, ଡିଏଭି, ଡିପିଏସ୍, କେନ୍ଦ୍ରୀୟ ବିଦ୍ୟାଳୟ, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ୍, ଟାଇମ୍ସ ଗୁରୁକୁଳ, ଓଡିଏମ୍, ଷ୍ଟୁଆର୍ଟ, ସେଣ୍ଟ ଜାଭିୟର, ସେଣ୍ଟ ଜୋସେଫ୍, ସୈନିକ ସ୍କୁଲ୍ ଭଳି ଆଗଧାଡ଼ିର ସ୍କୁଲ୍‌ଗୁଡ଼ିକ ରହିଛନ୍ତି। ତେବେ ଗତବର୍ଷ ସମସ୍ତଙ୍କୁ ଚମକାଇ ଭୁବନେଶ୍ୱରର ମଦର୍ସ ପବ୍ଲିକ୍ ସ୍କୁଲ୍ ଚାମ୍ପିୟନ୍ ଟାଇଟଲ୍ ଜିତିଥିବା ବେଳେ ଏଥର ବି ସେମିତି କିଛି ଚମତ୍କାର ହୋଇପାରେ ବୋଲି ଆଶା କରାଯାଉଛି। ଗତଥର ପ୍ରଥମ ରନର୍ସଅପ୍ ହୋଇଥିବା କଟକ ସିଡିଏ ଡିଏଭି ପବ୍ଲିକ୍ ସ୍କୁଲ୍ ଓ ୨ୟ ରନର୍ସଅପ୍ ହୋଇଥିବା ଡିଏଭି ପବ୍ଲିକ୍ ସ୍କୁଲ, ପୋଖରୀପୁଟ ଏଥର ପୁଣିଥରେ ନିଜର କରିସ୍ମା ଦେଖାଉଛି ନା କିଟ୍, ସାଇ, ଲୋୟୋଲା ଭଳି ରାଜଧାନୀର ଆଗଧାଡ଼ିର ସ୍କୁଲଗୁଡ଼ିକ ଟାଇଟଲ ବିଜୟୀ ହେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି। ଜୁନିୟର୍‌ରେ ମୋଟ ୪୪ ଟିମ୍ ଓ ସିନିୟର୍‌ରେ ୪୬ ଟିମ୍ ଅଂଶଗ୍ରହଣ କରୁଥିବା ବେଳେ ଏଥର ପ୍ରଥମଥର ପାଇଁ କୁଇଜ୍‌ମାଷ୍ଟର ଅଜୟ ପୁନିଆ ଶୋ' ହୋଷ୍ଟ କରିବାକୁ ଯାଉଛନ୍ତି।

# ୩ ହଜାର ବର୍ଷ ପୂର୍ବେ ଓଡ଼ିଶାରେ ଥିଲା ସୂର୍ଯ୍ୟ ଉପାସନା

**ଭୁବନେଶ୍ୱର,୨।୮(ବ୍ୟୁରୋ)**

■ କୋଣାର୍କ ମନ୍ଦିର ନିର୍ମାଣ ପୂର୍ବରୁ ହେଉଥିଲା ସୂର୍ଯ୍ୟପୂଜା

■ ଏଏସ୍‌ଆଇକୁ ମିଳିଲା ପ୍ରମାଣ



ମିଳିଥିବା ମାଟି ସାମଗ୍ରୀରେ ସୂର୍ଯ୍ୟ ଚିହ୍ନ।

୩ ହଜାର ବର୍ଷ ପୂର୍ବେ ଓଡ଼ିଶାରେ ରହିଥିଲା ସୂର୍ଯ୍ୟ ଉପାସନା। କୋଣାର୍କ ସୂର୍ଯ୍ୟ ମନ୍ଦିର ଓଡ଼ିଶାରେ ସୂର୍ଯ୍ୟ ଉପାସନା ପରମ୍ପରାକୁ ପ୍ରମାଣ କରୁଥିବାବେଳେ ଏହା ନିର୍ମାଣ ହେବାର ବହୁ ପୂର୍ବରୁ କିନ୍ତୁ ଏଠାରେ ଲୋକେ ସୂର୍ଯ୍ୟଙ୍କୁ ପୂଜାର୍ଚ୍ଚନା କରୁଥିଲେ। ପ୍ରାଚୀନଦୀ ଅବବାହିକାରେ ଯେବେଠାରୁ ମନୁଷ୍ୟ ସଭ୍ୟତା ଆରମ୍ଭ ହୋଇଥିଲା ସେବେଠାରୁ ସେଠାକାର ଆଦିମ ଅଧିବାସୀମାନେ ସୂର୍ଯ୍ୟଙ୍କୁ ପୂଜା କରିଆସୁଥିଲେ। କେବଳ ଏତିକି ନୁହେଁ, ଚନ୍ଦ୍ରଭାଗାରେ ଏବେ ଯେଉଁ ପ୍ରସିଦ୍ଧ ମାଘସପ୍ତମୀ ବୁଡ଼ ଅନୁଷ୍ଠିତ ହେଉଛି ତାହା ସେହି ସମୟରୁ ହୋଇଆସୁଥିବା ଅନୁମାନ କରାଯାଉଛି। ଖ୍ରୀଷ୍ଟପୂର୍ବ ୧୦୯୯ ବେଳକୁ ଓଡ଼ିଶାରେ ସୂର୍ଯ୍ୟ ଉପାସନା ହେଉଥିବା ନେଇ ବୈଜ୍ଞାନିକ ପ୍ରମାଣ ପାଇଛି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ)। ୨୦୧୮ରେ ପ୍ରାଚୀନଦୀ କୂଳ ଭାରତୀହୁଡ଼ାରୁ ଏଏସ୍‌ଆଇକୁ ମିଳିଥିବା ଏକ ମାଟିପାତ୍ରରୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି, ଯାହାକି ଓଡ଼ିଶାରେ ସୂର୍ଯ୍ୟ ଉପାସନାର ପ୍ରାଚୀନ ପରମ୍ପରାକୁ ପ୍ରମାଣିତ କରିଛି।

ଭୁବନେଶ୍ୱରସ୍ଥିତ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଉତ୍ଖନନ ଶାଖା-୪ ପକ୍ଷରୁ ନିଆଳ ନିକଟ ପ୍ରାଚୀନଦୀ କୂଳ ଭାରତୀହୁଡ଼ାରେ କରାଯାଇଥିବା ଉତ୍ଖନନରୁ ବହୁ ବିରଳ ସାମଗ୍ରୀର ସନ୍ଧାନ ମିଳିଥିଲା। ହାଡ଼ରେ ତିଆରି ବର୍ଚ୍ଛା ଓ ତୀର ସହ ମାଛକଣ୍ଟା, ପକ୍ଷୀ ହାଡ଼, କଇଁଛ ହାଡ଼, କଳା ଓ ନାଲି ରଙ୍ଗର ମାଟିପାତ୍ର, ସିଲ୍‌ପିଢ଼, ପଥର କୁରାଢ଼ି ଆଦି ଏଠାରୁ ମିଳିଥିଲା। ପୂର୍ବରୁ ପ୍ରାଚୀନଦୀ କୂଳରେ ଗଢିଉଠିଥିବା ସଭ୍ୟତା କହିଲେ ମୁଖ୍ୟତଃ ମଧ୍ୟଯୁଗୀୟ ସଭ୍ୟତା ଓ ମଧ୍ୟଯୁଗୀୟ ମନ୍ଦିରକଳାକୁ ବୁଝାଉଥିବାବେଳେ ଏହି ଉତ୍ଖନନ ପରେ ସେଠାରେ ୩୬୦୦ବର୍ଷ ପୂର୍ବେ ପ୍ରଥମେ ମନୁଷ୍ୟ ସଭ୍ୟତା ଆରମ୍ଭ ହୋଇଥିବା ଜଣାପଡ଼ିଥିଲା। ଏହାପୂର୍ବରୁ ଏଠାରେ ସମୁଦ୍ର ଓ ଜଙ୍ଗଲ ରହିଥିଲା। ଗଣ୍ଡା, ହାତୀ, ହରିଣ ଆଦି ଏଠାରେ ବସବାସ କରୁଥିଲେ। ଧୀରେ ଧୀରେ ଏଠାରେ ମନୁଷ୍ୟ ବସବାସ କରିବା ସହ ଚାଷ ଓ ପଶୁପକ୍ଷୀ ଶିକାର କରି ଜୀବିକା ନିର୍ବାହ କରୁଥିଲେ। ତେବେ ଉତ୍ଖନନ ବେଳେ ସେଠାରୁ ମିଳିଥିବା ସୂର୍ଯ୍ୟଙ୍କ ଚିତ୍ର ଖୋଦିତ ଏକ ମାଟିପାତ୍ରରୁ ଅଧିକ ତଥ୍ୟ ହାସଲ ପାଇଁ ଏଏସ୍‌ଆଇ ଏହାକୁ ଇଣ୍ଟର ୟୁନିଭର୍ସିଟି ଆକ୍‌ସିଲରେଟର ସେଣ୍ଟର(ଆଇୟୁଏସି)କୁ ପଠାଇଥିଲା। ଆଇୟୁଏସି ଦ୍ୱାରା କରାଯାଇଥିବା ଏ.ଏମ୍.ଏସ୍ ଡେଟିଂ ରିପୋର୍ଟ ମୁତାବକ ଏହି ମାଟିପାତ୍ର ଖ୍ରୀଷ୍ଟପୂର୍ବ ୧୦୯୯ର ବୋଲି ପ୍ରମାଣ ମିଳିଛି। ଭାରତୀହୁଡ଼ା ଉତ୍ଖନନ ସ୍ଥଳ ସୂର୍ଯ୍ୟ ଉପାସନାର ପରମ୍ପରାକୁ ପ୍ରମାଣିତ କରୁଥିବା ବେଳେ ୩ ହଜାର ବର୍ଷ ପୂର୍ବେ ସେଠାରେ ସୂର୍ଯ୍ୟ ଉପାସନା କରାଯାଉଥିବା ଏଏସ୍‌ଆଇ ଉତ୍ଖନନ ଶାଖା-୪ର ସୁପରିଣ୍ଟେଣ୍ଡେଣ୍ଟ ଆର୍କିଓଲୋଜିଷ୍ଟ ଡ. ଡି.ବି. ଗଡନାୟକ କହିଛନ୍ତି। ଏହି ସ୍ଥାନ ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିରଠାରୁ ମାତ୍ର ୩୦ କିଲୋମିଟର ଦୂରରେ ରହିଛି। ନିକଟରେ ଥିବା ଚନ୍ଦ୍ରଭାଗାଠାରେ ପ୍ରତିବର୍ଷ ମାଘସପ୍ତମୀରେ ଦୂରଦୂରାନ୍ତରୁ ବହୁ ସୂର୍ଯ୍ୟ ଉପାସକ ଆସି ସୂର୍ଯ୍ୟଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ପ୍ରାଚୀନଦୀ ଚନ୍ଦ୍ରଭାଗାଠାରେ ସମୁଦ୍ରରେ ମିଶିଥିବାବେଳେ ସେ ଯୁଗର ଲୋକମାନେ ମଧ୍ୟ ମାଘସପ୍ତମୀରେ ଏଠାରେ ପୂଜା କରୁଥିବା ଜଣାପଡୁଛି। ତେଣୁ ସୂର୍ଯ୍ୟପୂଜାର ପରମ୍ପରା ଏହି ସ୍ଥାନରେ ମଣିଷ ସଭ୍ୟତାର ଆରମ୍ଭରୁ ରହିଆସିଛି ବୋଲି ଗଡ଼ନାୟକ କହିଛନ୍ତି।



ଧରିତ୍ରୀ
DHARITRI
ଶନିବାର, ୩ ଅଗଷ୍ଟ, ୨୦୧୯

> ଜୀବନର ଧାରାଠାରୁ ଆଧ୍ୟାତ୍ମିକତାକୁ ଗୋଟାଏ ବିଚ୍ଛିନ୍ନ ପୃଥକ୍ ବସ୍ତୁ ମନେ କରିବା ଭୁଲ। ଈଶୋପନିଷଦ କହେ– ସବୁ ତ୍ୟାଗ କର। ତେବେ ସବୁ ଭୋଗ କରିପାରିବ। ଅନ୍ୟ କାହାରି ବିତ୍ତକୁ ଲୋଭ କରନାହିଁ। ଜଗତରେ ତୁମର କର୍ତ୍ତବ୍ୟ କର୍ମ କରି ହିଁ – ତୁମେ ତୁମର ଶତବର୍ଷର ଜୀବନ ଯାପନ କରିବାକୁ ବାଞ୍ଛା କରିପାରିବ।
> –ଶ୍ରୀଅରବିନ୍ଦ



# ପରିପତ୍ରରୁ ବାବୁ ଦୁଇଭାଗ

## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନିକଟରେ ତାମିଲନାଡୁ ମୁଖ୍ୟ ଶାସନ ସଚିବ କେ. ଷଣ୍ମୁଗମ୍ ପ୍ରଶାସନିକ ବାବୁମାନଙ୍କୁ ଅଧିକ ଉତ୍ତରଦାୟୀ ହେବା ପାଇଁ ଏକ ସର୍କୁଲାର (ପରିପତ୍ର) ଜାରି କରିଛନ୍ତି। ଏହାକୁ ନେଇ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି। ତେବେ ବିଭିନ୍ନ ଜିଲାର ଜିଲା ମାଜିଷ୍ଟ୍ରେଟ୍ ଓ ଜିଲାପାଳମାନଙ୍କଠାରୁ ଷଣ୍ମୁଗମ୍ ଯେଉଁଭଳି ପ୍ରତିକ୍ରିୟା ପାଇଛନ୍ତି, ତାହା ସେ କେବେ ଆଶା କରି ନ ଥିଲେ। ପ୍ରାପ୍ତ ସୂତ୍ର ଅନୁଯାୟୀ, ସ୍ଥାନୀୟ ପ୍ରଶାସନିକ ଉନ୍ନତି ପାଇଁ ଷଣ୍ମୁଗମ୍ ୧୦-ସୂତ୍ରୀ ଯୋଜନା ବିଷୟରେ ଉଲ୍ଲେଖ କରିଛନ୍ତି। ଏହି ପରିପତ୍ରରେ ସେ ଜିଲା ମାଜିଷ୍ଟ୍ରେଟ୍ ଓ ଜିଲାପାଳମାନଙ୍କୁ ଅଧିକ କ୍ଷେତ୍ର ପରିଦର୍ଶନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷେତ୍ର ପରିଦର୍ଶନ ସମୟରେ ସେମାନେ ବିଭିନ୍ନ ଅଞ୍ଚଳର କୃଷି ତଥା ଆନୁଷଙ୍ଗିକ କାର୍ଯ୍ୟକଳାପ ଉପରେ ଦୃଷ୍ଟିଦେବା ଓ ଗ୍ରାମାଞ୍ଚଳର ଅର୍ଥନୈତିକ ବିକାଶ ତଥା ଜଳ ସଂରକ୍ଷଣ ଆଦିକୁ ଅଗ୍ରାଧିକାର ଦେବା ଲାଗି ଷଣ୍ମୁଗମ୍ ପରାମର୍ଶ କରିଛନ୍ତି। ତେବେ ତାଙ୍କର ଏହି ପରିପତ୍ର ସଂସ୍କାରଭିତ୍ତିକ ହୋଇଥିଲେ ବି ଏହାକୁ ନେଇ ଆଇଏଏସ୍ ବାବୁମାନେ ଦି' ଭାଗ ହେଲା ଭଳି ମନେହେଉଛି। ସେମାନଙ୍କ ମଧ୍ୟରୁ ଗୋଟିଏ ଗୋଷ୍ଠୀ ମୁଖ୍ୟ ଶାସନ ସଚିବଙ୍କ ଚିଠିରେ ଉଲ୍ଲେଖ କରାଯାଇଥିବା ଯୋଜନାକୁ ରାଜନୈତିକ ଦୃଷ୍ଟିକୋଣରୁ ବିଚାର କରିଛନ୍ତି। ରାଜନୈତିକ କ୍ଷେତ୍ରକୁ ସେମାନଙ୍କୁ ଟାଣିନେବାର ଏହା ଏକ ଯୋଜନା ବୋଲି କହୁଛନ୍ତି। ସେମାନେ ଯୁକ୍ତି ବାଢିଛନ୍ତି ଯେ, ସେମାନେ ଏହି କାର୍ଯ୍ୟ ପୂର୍ବରୁ କରିଆସୁଛନ୍ତି ଓ ନିଜର ପ୍ରଦର୍ଶନ ଲାଗି ବହୁମୁଖୀ ଯାଞ୍ଚ ପ୍ରକ୍ରିୟାରେ ଉତ୍ତରଦାୟୀ ମଧ୍ୟ ରହୁଛନ୍ତି। ଅନ୍ୟପକ୍ଷରେ ଆଉ ଏକ ଗୋଷ୍ଠୀ ମୁଖ୍ୟ ସଚିବଙ୍କ ଏଭଳି ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଏହା ଏକ ଭଲ ପଦକ୍ଷେପ ବୋଲି ସେମାନଙ୍କର ବିଶ୍ୱାସ। ସେମାନଙ୍କ ମତରେ ଗ୍ରାମାଞ୍ଚଳରେ ସରକାରୀ ଯୋଜନାଗୁଡ଼ିକର କାର୍ଯ୍ୟ ତଦାରଖ କରିବା ଲାଗି ଏହା ଏକ ଉତ୍ତମ ବ୍ୟବସ୍ଥା। ଏହା ସାଧାରଣ ବିବାଦରୁ ବାବୁମାନଙ୍କୁ ଦୂରେଇ ରଖିପାରିବ ବୋଲି ଏମାନେ ମତ ଦେଇଛନ୍ତି।

### ଗୋପନୀୟତା ଚିନ୍ତା

ଏହା କିଛି ନୂଆ କଥା ନୁହେଁ କି କାହାକୁ ଅଛପା ନାହିଁ ଯେ, ସୂଚନା ଚାନେଲଗୁଡ଼ିକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ ମୋଦି ସରକାର ଉଦ୍ୟମ କରୁଛନ୍ତି। ସରକାରୀ କଳରୁ ଯେଉଁସବୁ ତଥ୍ୟ ପ୍ରଦାନ କରାଯାଉଛି, ତାହା ଯେପରି ସରକାରୀ ନିୟନ୍ତ୍ରଣରେ ରହେ ଓ ସୁରକ୍ଷିତ ରହେ, ତାହା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ତେଣୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଜାରି କରିଥିବା ୨୪ ପୃଷ୍ଠାର ଏକ ଚିଠିରେ ବାବୁମାନଙ୍କୁ ତାଗିଦ କରିଛି କି କେହି ଯେପରି ବିନା ଅନୁମତିରେ ଅଫିସ କମ୍ପ୍ୟୁଟର ବା ମୋବାଇଲ ଫୋନରୁ ସୋସିଆଲ ମିଡିଆର ବ୍ୟବହାର ନ କରନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଥିବା ସାଇବର ଓ ସୂଚନା ସୁରକ୍ଷା ବିଭାଗ ସାଇବର ଅପରାଧ, ଜାତୀୟ ତଥ୍ୟ ସୁରକ୍ଷା ନୀତି ଏବଂ ଏହାର ନିର୍ଦ୍ଦେଶାବଳୀ ଓ ତାକୁ କାର୍ଯ୍ୟକାରୀ କରିବା ସମ୍ବନ୍ଧିତ ବିଷୟ ବୁଝୁଛି। ସରକାରଙ୍କର ଏବେକାର ପଦକ୍ଷେପ ସୁରକ୍ଷାରେ ସୃଷ୍ଟି ହେଉଥିବା ଗଳାବାଟକୁ ବନ୍ଦକରିବା ପାଇଁ ତଥା ସମ୍ବେଦନଶୀଳ ତଥ୍ୟର ସୁରକ୍ଷାକୁ ସୁନିଶ୍ଚିତ କରିବା ଲାଗି ନିଆଯାଇଛି। ଏହା ଠିକ୍ ଯେ, ସରକାର ତଥ୍ୟ ସୁରକ୍ଷା ନେଇ ଚିନ୍ତିତ ଥିବାବେଳେ ଦେଶର ଛାତ୍ରମାନଙ୍କ ସୋସିଆଲ ପ୍ରୋଫାଇଲ ପ୍ରତି ଆଗ୍ରହୀ। ଖବର ଅନୁସାରେ ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ଦେଶର ସବୁ ଉଚ୍ଚଶିକ୍ଷାନୁଷ୍ଠାନକୁ ଛାତ୍ରମାନଙ୍କ ସୋସିଆଲ ମିଡିଆ ଆକାଉଣ୍ଟକୁ ନିଜ ଅନୁଷ୍ଠାନ ସହ ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ସହ ଯୋଡ଼ିବାକୁ ନିର୍ଦ୍ଦେଶ ଦେଇଛି। ଶିକ୍ଷାନୁଷ୍ଠାନ ଦ୍ୱାରା କରାଯାଉଥିବା ଭଲକାମ ଓ ସଫଳତାକୁ ଶେୟାର କରିବା ଲାଗି ଛାତ୍ରମାନଙ୍କ ଫେସ୍‌ବୁକ୍, ଟୁଇଟର, ଇନ୍‌ଷ୍ଟାଗ୍ରାମ୍ ଆଦି ସୋସିଆଲ ମିଡିଆ ଆକାଉଣ୍ଟକୁ ନିଜ ଅନୁଷ୍ଠାନ ଓ ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ସହ ଯୋଡ଼ିବା ପାଇଁ କୁହାଯାଇଛି। ମାତ୍ର ୯୦୦ ବିଶ୍ୱବିଦ୍ୟାଳୟ ଓ ୩୦ ନିୟୁତ ଛାତ୍ରଙ୍କର ସୋସିଆଲ ମିଡିଆ ହ୍ୟାଣ୍ଡଲକୁ ଟ୍ରାକ୍ କରିବା ପାଇଁ ଏପରି କରାଯାଇଥିବା ଅନୁମାନ କରାଯାଉଛି। ତଥାପି ଏଭଳି ସନ୍ଦେହକୁ ଦୂରକରିବା ପାଇଁ ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ବିଭାଗୀୟ ସଚିବ ଆର୍. ସୁବ୍ରମଣ୍ୟମ୍ ଛାତ୍ରମାନେ ସୋସିଆଲ ମିଡିଆରେ କ'ଣ ପୋଷ୍ଟ କରୁଛନ୍ତି ତାହା ସରକାର ଜାଣିବାକୁ ଅଗ୍ରହୀ ବୋଲି ସବୁ ଉଚ୍ଚ ଶିକ୍ଷାନୁଷ୍ଠାନର ମୁଖ୍ୟମାନଙ୍କୁ ଚିଠି ଦେଇ ସ୍ପଷ୍ଟ କରିଛନ୍ତି।

### ଡେପୁଟେଶନ ସମସ୍ୟା

କେନ୍ଦ୍ର ସରକାର ଏବେ ଆଇଏଏସ୍ ଓ ଆଇପିଏସ୍ ଅଫିସରମାନଙ୍କ କେନ୍ଦ୍ରୀୟ ଡେପୁଟେଶନ (ପ୍ରତିନିଯୁକ୍ତି) କୋଟା ପୂରଣ କରିବା ପାଇଁ ରାଜ୍ୟଗୁଡିକୁ ମନେଇବା ଲାଗି କସରତ କରୁଛନ୍ତି। ମୋଦି ସରକାରଙ୍କ ପ୍ରଥମ ପାଳିରେ ବାବୁମାନେ କେନ୍ଦ୍ରୀୟ ପ୍ରତିନିଯୁକ୍ତିରୁ ମୁହଁ ମୋଡ଼ିବାକୁ ଆରମ୍ଭ କରିଥିଲେ। ଏହି ଧାରା ଏବେ ସରକାରଙ୍କ ଦ୍ୱିତୀୟ ପାଳିରେ ବି ଜାରିରହିଛି। ପ୍ରାପ୍ତ ସୂତ୍ର ଅନୁଯାୟୀ, କେନ୍ଦ୍ର ସରକାର ଲୋଭ ଦେଖାଇ କିମ୍ବା ଧମକ ଦେଇ ରାଜ୍ୟଗୁଡିକୁ କୋଟା ପୂରଣ କରିବା ପାଇଁ ମନେଇବାକୁ ଚେଷ୍ଟା କରୁଛନ୍ତି। ଏଥିରେ ବ୍ୟତିକ୍ରମ ହେଲେ ତା'ର ବିଚାର କ୍ୟାଡର ସମୀକ୍ଷା ସମୟରେ କରାଯିବ ବୋଲି ସରକାର ଚେତାଇଦେଇଛନ୍ତି। ସମୀକ୍ଷକମାନଙ୍କ ବିଶ୍ୱାସ ଅନୁସାରେ ଏଭଳି ଧମକ ସତ୍ତ୍ୱେ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଏହି ନର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବାରେ ସମସ୍ୟାର ସମ୍ମୁଖୀନ ହେବ। ସତକଥା ହେଲା, ବରିଷ୍ଠ ଅଧିକାରୀମାନେ ଡେପୁଟେଶନରେ ଯିବା ଓ କାମ କରିବା ଭଳି ଅଦୂରଦର୍ଶୀ ବ୍ୟବସ୍ଥାକୁ କେନ୍ଦ୍ର ସରକାର ହଟାଇନେଇ ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବାବୁମାନେ ଚାହାନ୍ତି। କେନ୍ଦ୍ର ସରକାର ପୁଣି ସତର୍କ କରାଇ ଦେଇଛନ୍ତି ଯେ, ଯଦି ରାଜ୍ୟ ସରକାରଗୁଡ଼ିକ ବାବୁମାନଙ୍କ ଡେପୁଟେଶନ ପାଇଁ ପର୍ଯ୍ୟାପ୍ତ ପ୍ରସ୍ତାବ କେନ୍ଦ୍ରକୁ ନ ପଠାନ୍ତି ତେବେ ଭବିଷ୍ୟତରେ ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ପାଇଁ ବରିଷ୍ଠ ପଦବୀ ସମାନୁପାତିକ ଭାବେ ହ୍ରାସ ପାଇବ। ସରକାରୀ ତଥ୍ୟରୁ ଜଣାପଡେ ଯେ, ପଶ୍ଚିମବଙ୍ଗ ସରକାର ଅଧିକାରୀମାନଙ୍କୁ କେନ୍ଦ୍ରକୁ ପଠାଇବାରେ ସବୁଠୁ ପଛୁଆ। ପଶ୍ଚିମବଙ୍ଗ ୮୧ ଜଣ ରାଜ୍ୟ କ୍ୟାଡର ଆଇଏଏସ୍ ଅଫିସରଙ୍କୁ କେନ୍ଦ୍ରକୁ ପଠାଇବାର ଥିବାବେଳେ ପଠାଇଛି ମାତ୍ର ୧୯ ଜଣଙ୍କୁ।

Email: dilipcherian@gmail.com

# ବନ୍ଧୁତାର ମହତ୍ତ୍ୱ

ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଇଂରେଜ କବି ହେନ୍‌ରି ଅଷ୍ଟିନ ଡବସନ୍ କହିଥିଲେ, ଯଶ ହେଉଛି ଏପରି ଏକ ଖାଦ୍ୟ ଯାହା କେବଳ ମୃତବ୍ୟକ୍ତି ଖାଇଥାନ୍ତି। (Fame is a food that dead men eat.)। ପୃଥିବୀର ବହୁ ମନୀଷୀ ସେମାନଙ୍କ ଅବଦାନ ପାଇଁ ଜୀବନକାଳ ମଧ୍ୟରେ ସ୍ୱୀକୃତି ପାଇ ନ ଥିଲେ। ମୃତ୍ୟୁ ପରେ ସେମାନେ ପାଇଲେ ସ୍ୱୀକୃତି ଓ ଯଶ। କୋପରନିକସ ଓ ଗାଲିଲିଓଙ୍କ ଭଳି ବୈଜ୍ଞାନିକମାନେ ମଧ୍ୟ ମୃତ୍ୟୁ ପରେ ହିଁ ପ୍ରଶଂସିତ ଓ ସ୍ୱୀକୃତ ହୋଇଥିଲେ। ଭାରତରେ ଅନୱାର ଜବଲପୁରୀ, ସମ୍ପଦ ରାମ୍‌ଟେକେ, ଦେବେନ୍ଦ୍ର ସ୍ୱରୂପ, କୁଲଦୀପ ନାୟାର ପ୍ରମୁଖ ଅନେକ ବିଶିଷ୍ଟ ବ୍ୟକ୍ତି ମରଣୋତ୍ତର ପଦ୍ମ ସମ୍ମାନ ପାଇଛନ୍ତି। ଏମାନଙ୍କ ଜୀବନ ଅନୁଧ୍ୟାନ କଲେ କବି ଡବସନ୍‌ଙ୍କ ଉକ୍ତି ଠିକ୍ ବୋଲି ଅନୁଭବ ହୁଏ। ଅପରପକ୍ଷରେ ବନ୍ଧୁତା ହେଉଛି ଏକ ମହତ୍ତର ଗୁଣ, କାରଣ ଯେତେବେଳେ ମଣିଷ ମୃତ୍ୟୁର ନିକଟତର ହୁଏ, ସେତେବେଳେ ସେ ତା'ର ବନ୍ଧୁକୁ ସ୍ମରଣ କରେ ଓ ତା'ର ସମସ୍ତ ଦୋଷତ୍ରୁଟିକୁ ଭୁଲିଯାଇ କେବଳ ସୁଗୁଣଗୁଡିକୁ ମନେ ପକାଇଥାଏ। ବଞ୍ଚିଥିବା ଅବସ୍ଥାରେ ହିଁ ଜଣେ ଉତ୍ତମ ବନ୍ଧୁ ସ୍ୱୀକୃତି ପାଏ। ଏଣୁ କବି ଲେଖିଥିଲେ :

For truly, when a man shall end,
He lives in memory of his friend,
Who doth his better part recall
And of his faults make funeral.

ମଣିଷ ଏକ ସାମାଜିକ ପ୍ରାଣୀ। ନିର୍ଜନତା ବା ନିଃସଙ୍ଗତା ତା' ପାଇଁ ଅସହ୍ୟ। ଏଣୁ 'ଦି ସଲିଚ୍ୟୁଡ୍ ଅଫ୍ ଆଲେକ୍‌ଜାଣ୍ଡାର ସେଲ୍‌କାର୍କ' କବିତାରେ କବି ଉଇଲିୟମ୍ କାଓପରଙ୍କ ନାୟକ ଏକ ନିର୍ଜନ ଦ୍ୱୀପରେ ରହି ପ୍ରଶ୍ନ କରିଛି– ବିଜନତା! କାହିଁ ତୋ ବେଶ ମୋହନ?/ଯେ ବେଶେ ମୋହିଲୁ ତୁ ମୁନିନୟନ (ଅନୁବାଦ: ମଧୁସୂଦନ ରାଓ)। ଇଂରେଜ ପ୍ରାବନ୍ଧିକ ଫ୍ରାନ୍‌ସିସ୍ ବେକନ ଯଥାର୍ଥରେ କହିଥିଲେ– ଯିଏ ନିର୍ଜନତାରେ ଆନନ୍ଦ ଉପଲବ୍ଧି କରେ ସେ ଏକ ବଣ୍ୟ ପଶୁ କିମ୍ବା ଦେବତା। ସମାଜରେ ବଞ୍ଚି ରହିବାକୁ ହେଲେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହେବାକୁ ପଡ଼େ। ଏହି ନିର୍ଭରଶୀଳତାରୁ ସୃଷ୍ଟି ହୁଏ ବନ୍ଧୁତା। ଏହି ବନ୍ଧୁତାର ବନ୍ଧନ ଏପରି ଦୃଢ଼ ହୁଏ ଯେ ଦୁର୍ଯ୍ୟୋଧନ ଖଳ ପ୍ରକୃତିର ଲୋକ ହୋଇଥିଲେ ମଧ୍ୟ ତା'ର ବିପଦ ସମୟରେ କର୍ଣ୍ଣ ତାକୁ ତ୍ୟାଗ କରିନାହିଁ। ବିଶିଷ୍ଟ ଇଂରେଜ ଲେଖକ ଇ.ଏମ୍. ଫୋଷ୍ଟର କହିଛନ୍ତି "ନିଜ ଦେଶ ପ୍ରତି ବିଶ୍ୱାସଘାତକତା କରିବା ଓ ବନ୍ଧୁ ପ୍ରତି ବିଶ୍ୱାସଘାତକତା କରିବା ମଧ୍ୟରେ ମୋତେ ଯଦି ବାଛିବାକୁ ହୁଏ, ମୁଁ ଦେଶକୁ ବିଶ୍ୱାସଘାତକତା କରିବାକୁ ପସନ୍ଦ କରିବି। ଫୋଷ୍ଟରଙ୍କ ଏହି ବକ୍ତବ୍ୟକୁ

### ଅଗଷ୍ଟ ୪ ଅନ୍ତର୍ଜାତୀୟ ବନ୍ଧୁତା ଦିବସ ଉପଲକ୍ଷେ

ଦେଶଦ୍ରୋହ କୁହାଯାଇପାରେ। ମାତ୍ର ତାଙ୍କ ଦୃଷ୍ଟିରେ ବନ୍ଧୁତା ହେଉଛି ମହତ୍ତର। ଇଂରେଜ ପ୍ରାବନ୍ଧିକ ବେକନ୍ ତାଙ୍କ ପ୍ରବନ୍ଧ 'ଅଫ୍ ଫ୍ରେଣ୍ଡଶିପ୍'ରେ ବନ୍ଧୁତାର ଜୟଗାନ କରି କହିଛନ୍ତି, ଜୀବନର ଝଡ଼ଝଞ୍ଜା ସମୟରେ ସାହାଯ୍ୟ କରେ ବନ୍ଧୁ, ବିବ୍ରତ ଅବସ୍ଥାର ଚିନ୍ତାକୁ ପ୍ରଶମିତ କରେ ବନ୍ଧୁ। ବିପଥଗାମୀ ଲୋକକୁ ଠିକ୍ ପଥକୁ ଆଣିବା ପାଇଁ ଉଚିତ ପରାମର୍ଶ ଦିଏ ବନ୍ଧୁ। ଜଣେ ସଂସ୍କୃତ କବି ମଧ୍ୟ ଅନୁରୂପ ଭାବରେ କହିଛନ୍ତି–

"ପାପାନ୍ନିବାରୟତି ଯୋଜୟତେ ହିତାୟ
ଗୁହ୍ୟଂ ନିଗୁହ୍ୟତି ଗୁଣାନ୍ ପ୍ରକଟୀକରୋତି।
ଆପଦ୍‌ଗତଂ ଚ ନ ଜହାତି ଦଦାତି କାଲେ
ସତ୍‌ମିତ୍ର ଲକ୍ଷଣମିଦଂ ପ୍ରବଦନ୍ତି ଧୀରାଃ॥"

ଅର୍ଥାତ୍ ପଣ୍ଡିତମାନେ ତାକୁ ସତ୍‌ମିତ୍ର କହନ୍ତି ଯିଏ ବନ୍ଧୁକୁ ପାପକର୍ମରୁ ଦୂରେଇ ରଖେ ଓ ହିତକର୍ମରେ ନିୟୋଜିତ କରେ। ବନ୍ଧୁର ଗୁପ୍ତକଥାକୁ ପ୍ରଘଟ କରେନାହିଁ ଓ ତା'ର ସୁଗୁଣକୁ ପ୍ରଚାର କରେ। ବିପଦ ସମୟରେ ତ୍ୟାଗ କରେନାହିଁ ଓ ଆବଶ୍ୟକ ସମୟରେ ଦାନ କରେ।

ଆଜି ସମୟ ବଦଳିଯାଇଛି। କେତେବେଳେ ଧନ ପାଇଁ ତ କେତେବେଳେ ପ୍ରେମ ପାଇଁ ବନ୍ଧୁକୁ ବନ୍ଧୁ ହତ୍ୟା କରିବାକୁ କୁଣ୍ଠାବୋଧ କରୁନାହିଁ। ଅତୀତରେ ବ୍ରୁଟାସ୍ ଅନ୍ତରଙ୍ଗ ବନ୍ଧୁ ରୋମ୍ ସମ୍ରାଟ ଜୁଲିୟସ ସିଜରଙ୍କୁ ହତ୍ୟା କରିଥିଲେ। ମାତ୍ର ଆଜି ଯେଉଁମାନେ ବନ୍ଧୁକୁ ହତ୍ୟା କରିଛନ୍ତି ସେମାନେ ବ୍ରୁଟାସ୍‌ଠାରୁ ବି ଆହୁରି ହୀନ, କାରଣ ସେଦିନ ବ୍ରୁଟାସ୍ ସିଜରଙ୍କ ବିରୋଧୀମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଭ୍ରାନ୍ତ ଧାରଣାର ବଶବର୍ତ୍ତୀ ହୋଇଥିଲେ। ତାଙ୍କର ଏକ ଧାରଣା ହୋଇଥିଲା ଯେ ଜୁଲିୟସ୍ ସିଜର ଥିଲେ ଏକଚ୍ଛତ୍ରବାଦୀ ଓ ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରତିଷ୍ଠା ପାଇଁ ସିଜରଙ୍କୁ ହତ୍ୟା କରିବା ଆବଶ୍ୟକ। ଠିକ୍ ହେଉ ବା ଭୁଲ୍ ହେଉ ବ୍ରୁଟାସ୍ ଅନ୍ତତଃ ଏକ ଆଦର୍ଶବୋଧରେ ଉଦ୍‌ବୁଦ୍ଧ ହୋଇ ବନ୍ଧୁହତ୍ୟା କରିଥିଲେ। ମାତ୍ର ଆଜି ଯେଉଁସବୁ ବନ୍ଧୁହତ୍ୟା ସଂଘଟିତ ହେଉଛି ତା' ପଛରେ କୌଣସି ଆଦର୍ଶବୋଧ ନାହିଁ, ରହିଛି ସ୍ୱାର୍ଥ, ଧନଲିପ୍ସା ଓ ପ୍ରେମ। ବନ୍ଧୁତାର ମହତ୍ତ୍ୱ ସମ୍ପର୍କରେ ଆଖି ଖୋଲିଦିଏ ଗ୍ରୀକ୍ କିମ୍ବଦନ୍ତୀ 'ଡାମୋନ୍ ଓ ପିଥିଅସ୍'। ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତକର କଥା। ରାଜା ଡାଇଓନିସିଆସ ଡାମୋନ୍ ନାମକ ଜଣେ ବ୍ୟକ୍ତିଙ୍କୁ ପ୍ରାଣଦଣ୍ଡ ଦେଇଥିଲେ। ଡାମୋନ୍ ଚାହିଁଲେ ମୃତ୍ୟୁ ପୂର୍ବରୁ ସେ ନିଜ ଗାଁକୁ ଯାଇ ତାଙ୍କ ପରିବାରଠାରୁ ଶେଷ ବିଦାୟ ନେଇ ଆସିବେ। ଏଥିପାଇଁ ସେ ପ୍ରାର୍ଥନା କରନ୍ତେ ରାଜା କହିଲେ ଯଦି ତାଙ୍କ ସ୍ଥାନରେ ଆଉ କେହି ଜାମିନରେ ରହିବେ ତାଙ୍କୁ ଛାଡି ଦିଆଯାଇପାରେ। ମାତ୍ର ଠିକ୍ ସମୟରେ ନ ପହଞ୍ଚିଲେ ଜାମିନରେ ଥିବା ବ୍ୟକ୍ତିର ମୁଣ୍ଡକାଟ ହେବ। ବିସ୍ମୟର କଥା ଏହିଭଳି ଏକ ଦାରୁଣ ସର୍ତ୍ତ ରକ୍ଷା କରିବା ପାଇଁ ଆଗେଇ ଆସିଲେ ଡାମୋନ୍‌ଙ୍କ ବନ୍ଧୁ ପିଥିଅସ୍। ସମସ୍ତେ କହିଲେ ପିଥିଅସ୍ ନିର୍ବୋଧ। ମାତ୍ର ନିଜ ବନ୍ଧୁଙ୍କ ଶେଷଇଚ୍ଛା ପୂରଣ କରିବାରେ ସାହାଯ୍ୟ କରିପାରୁଥିବାରୁ ସେ ଥିଲେ ଆନନ୍ଦିତ। ସର୍ତ୍ତ ଅନୁସାରେ ପିଥିଅସ୍ ଜାମିନରେ ରହିଲେ ଓ ଡାମୋନ୍ ଗାଁକୁ ଗଲେ। ମୃତ୍ୟୁଦଣ୍ଡ ମୁହୂର୍ତ୍ତ ପାଖେଇ ଆସିଲା, ମାତ୍ର ଡାମୋନ୍ ଫେରିଲେ ନାହିଁ। ସେଦିନ ପ୍ରଚଣ୍ଡ ବର୍ଷା ହେଉଥିବାରୁ ଡାମୋନ୍‌ଙ୍କ ଆସିବାରେ ବିଳମ୍ବ ହେଉଥାଏ। ଯଥା ସମୟରେ ସର୍ତ୍ତ ଅନୁସାରେ ପିଥିଅସ୍‌ଙ୍କୁ ବଧ୍ୟଭୂମିକୁ ନିଆଗଲା। ସମସ୍ତେ ଭାବୁଥାନ୍ତି ପିଥିଅସ୍ ବନ୍ଧୁ ଦ୍ୱାରା ବିଶ୍ୱାସଘାତକତାର ଶିକାର ହୋଇଛନ୍ତି। ଅସଂଖ୍ୟ ଜନତା ଏହି ଦୃଶ୍ୟ ଦେଖିବା ପାଇଁ ସମବେତ ହୋଇଥାନ୍ତି। ପିଥିଅସ୍ କାନ୍ଦୁଥାନ୍ତି। ରାଜା ତାଙ୍କ ଜାମିନ ରହିବା ନିଷ୍ପତ୍ତିକୁ ଉପହାସ କରନ୍ତେ ସେ କହିଲେ ମହାରାଜ, ମୋର ଏ ଅଶ୍ରୁ ଦୁଃଖଜନିତ ନୁହେଁ, ଏହା ହେଉଛି କୃତଜ୍ଞତାର ଅଶ୍ରୁ। ଆଜି ମୋର ସୌଭାଗ୍ୟ ଯେ ମୁଁ ମୋର ବନ୍ଧୁଙ୍କ ଜୀବନରକ୍ଷା କରିପାରିଛି। ଆପଣ ନିର୍ଦ୍ୱନ୍ଦ୍ୱରେ ମୋର ଶିରଚ୍ଛେଦ କରନ୍ତୁ। ରାଜକର୍ମଚାରୀ ଶିରଚ୍ଛେଦ କରିବା ପାଇଁ ଉଦ୍ୟତ ହୁଅନ୍ତେ, ଠିକ୍ ଏହି ସମୟରେ ଡାମୋନ୍ ପହଞ୍ଚିଗଲେ ଓ ପିଥିଅସ୍‌ଙ୍କୁ କୁଣ୍ଢାଇ ପକାଇ କାନ୍ଦି କାନ୍ଦି କହିଲେ, ହେ ଈଶ୍ୱର ଯଦି ମୋର ସାମାନ୍ୟ ବିଳମ୍ବ ହୋଇଥାନ୍ତା ମୋ ବନ୍ଧୁଙ୍କ ଶିରଚ୍ଛେଦ ହୋଇଥାନ୍ତା। "ସେ ବନ୍ଧୁ ପିଥିଅସ୍‌ଙ୍କ ଜୀବନ ରକ୍ଷା କରିପାରିଥିବାରୁ କୃତଜ୍ଞ ଅନୁଭବ କଲେ। ଦୁଇବନ୍ଧୁଙ୍କ ପରସ୍ପରର ଜୀବନ ରକ୍ଷା କରିବାର ସଙ୍କଳ୍ପ ଭାବବିହ୍ୱଳ କରିଦେଇଥିଲା ରାଜା ଡାଇଓନିସିଆସଙ୍କୁ। ସେ ସେମାନଙ୍କ ତୃତୀୟ ବନ୍ଧୁ ହେବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ଏହା ହେଉଛି ବନ୍ଧୁତାର ମହତ୍ତ୍ୱ। ଏଣୁ ବନ୍ଧୁତାକୁ କବି ଉଇଲିୟମ୍ କାଓପର ଏକ ଦିବ୍ୟଗୁଣ ଭାବରେ ବର୍ଣ୍ଣନା କରିଥିଲେ। ଭକ୍ତକବି ମଧୁସୂଦନଙ୍କ ଭାଷାରେ 'କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର/ଯାର ପ୍ରାପତି ଯୋଗୁ ଦେବତା ନର।'

ଟିଟିଲାଗଡ଼, ମୋ–୯୪୩୭୩୨୯୨୬୩

# ପରିବେଶକୁ ସଜାଡ଼ିବା ପ୍ରୟାସ

ଡ. ବିଜୟ କେତନ ପଟ୍ଟନାୟକ

ଗତ ମେ ୩ ତାରିଖରେ ଶ୍ରୀକ୍ଷେତ୍ର ପୁରୀ ନିକଟରେ ଭୂମିପାତ ହେବା ଅବସରରେ ମହାବାତ୍ୟା ଫନୀ ଭିତ୍ତିଭୂମିର ବ୍ୟାପକ କ୍ଷୟକ୍ଷତି ଘଟାଇଛି। ସବୁଠାରୁ ଅଧିକ ଧ୍ୱସ୍ତବିଧ୍ୱସ୍ତ ହୋଇଛି ପରିବେଶ। ସମ୍ପୂର୍ଣ୍ଣ ଭାବେ ଉଜୁଡିଯାଇଛି ପ୍ରାକୃତିକ ସବୁଜିମା। ରାସ୍ତା ପାର୍ଶ୍ୱରେ, ଗାଁଗଣ୍ଡା ସହରବଜାରରେ ଏବଂ ଜଙ୍ଗଲରେ ଲକ୍ଷ ଲକ୍ଷ ଗଛ ଭୂପତିତ ହୋଇଛି। ଫନୀ ବିଶେଷ ଭାବେ ରାଜ୍ୟର ପୁରୀ, ଖୋର୍ଦ୍ଧା ଓ କଟକ ଜିଲାର ପରିବେଶକୁ ସମ୍ପୂର୍ଣ୍ଣ ଉଜାଡି ଦେଇଛି। କେନ୍ଦ୍ରାପଡା, ଭଦ୍ରକ ଓ ବାଲେଶ୍ୱର ଜିଲାରେ ମଧ୍ୟ ଆଂଶିକ କ୍ଷୟକ୍ଷତି ଘଟିଛି।

ଭୁବନେଶ୍ୱରଠାରେ ଅବସ୍ଥିତ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଗବେଷଣାଗାର ପରିସର ଯଥା ଉତ୍କଳ ବିଶ୍ୱବିଦ୍ୟାଳୟ, ପଦାର୍ଥବିଜ୍ଞାନ ପ୍ରତିଷ୍ଠାନ, ଆଇଆଇଏମ୍‌ଟି (ପୂର୍ବାଞ୍ଚଳ ଗବେଷଣା କେନ୍ଦ୍ର), ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର, ରାଜ୍ୟ ଉଦ୍ୟାନ ବିଭାଗ ପରିସର, ଔଷଧୀୟ ଉଦ୍ୟାନ, ସ୍ମୃତିବନ, ଜୟଦେବବାଟିକା, ନନ୍ଦନକାନନ ଓ ଫରେଷ୍ଟ ପାର୍କ, ଇନ୍ଦିରା ଗାନ୍ଧୀ ପାର୍କ ଏବଂ ମଧୁସୂଦନ ପାର୍କ ଆଦି ବୁଲି ଦେଖିବା ଅବସରରେ ମନେହେଲା, ଯେପରି ଫନୀ ତାଣ୍ଡବରେ ବିବର୍ଣ୍ଣ ହୋଇଯାଇଥିଲା ପ୍ରକୃତିର ସବୁଜିମା।

ଏବେ ବର୍ଷାଋତୁ ଆସିଯାଇଛି। ଚାରାରୋପଣ କରିବାର ପ୍ରକୃଷ୍ଟ ସମୟ। ସାରା ରାଜ୍ୟରେ, ବିଶେଷକରି ଏହି ତିନୋଟି ଜିଲାରେ ଉଜୁଡିଯାଇଥିବା ପରିବେଶକୁ ସଜାଡିବା ନିମନ୍ତେ ରାଜ୍ୟ ବନ ବିଭାଗ ପ୍ରୟାସ ଆରମ୍ଭ କରିଛି। ଆମେ ସମସ୍ତେ ଜାଣୁ ଘରଟିଏ ଭାଙ୍ଗିଗଲେ ଛଅମାସ କିମ୍ବା ବର୍ଷେ ଭିତରେ ନୂଆ ଘରଟିଏ ତୋଳିଦେଇ ହେବ। କିନ୍ତୁ ଗଛଟିଏ ଉପୁଡିଗଲେ ଠିକ୍ ସେହିପରି ଗଛଟିଏ ଉତାରିବାକୁ ଅତି କମ୍‌ରେ ପନ୍ଦରରୁ କୋଡିଏ ବର୍ଷ ଲାଗିଯିବ। ଗଛଗୁଡିକ ପ୍ରାପ୍ତବୟସ୍କ ହେବା ପାଇଁ ଏହାଠାରୁ ଅଧିକ ସମୟ ମଧ୍ୟ ଲାଗିଯାଇପାରେ।

ରାଜ୍ୟ ବନ ବିଭାଗର ଆକଳନ ମୁତାବକ ଜଙ୍ଗଲ ଓ ପୁରୀ ବାଲୁଖଣ୍ଡ ଅଭୟାରଣ୍ୟରେ ଉପୁଡି ଯାଇଥିବା ବୃକ୍ଷ ସଂଖ୍ୟା ପ୍ରାୟ ୯ ଲକ୍ଷ, ଜଙ୍ଗଲ ବାହ୍ୟ ଅଞ୍ଚଳରେ ନଷ୍ଟ ହୋଇଥିବା ବୃକ୍ଷ ୫ ଲକ୍ଷ, ସହରାଞ୍ଚଳ ଓ ପଥପାର୍ଶ୍ୱ ବନୀକରଣରେ ନଷ୍ଟ ହୋଇଯାଇଥିବା ବୃକ୍ଷ ୭.୯୦ ଲକ୍ଷ ଓ ସର୍ବମୋଟ ପ୍ରାୟ ୨୨ ଲକ୍ଷ ବଡ ଗଛ ଉପୁଡି ପଡିଛି। ଏହା ବ୍ୟତୀତ ବେସରକାରୀ ଜମିରେ ନଷ୍ଟ ହୋଇଥିବା ବୃକ୍ଷକୁ ବିଚାରକୁ ନେଲେ ଏହି ସଂଖ୍ୟା ୨୫ ଲକ୍ଷକୁ ଟପିଯିବ। ପୁରୀ ସନ୍ନିକଟ ବାଲୁଖଣ୍ଡ ଅଭୟାରଣ୍ୟ ଏବଂ ସଂସ୍କୃତ ବିଶ୍ୱବିଦ୍ୟାଳୟ ଯେଉଁଠି ଫନୀ ବାତ୍ୟା ଭୂପୃଷ୍ଠରେ ପ୍ରବେଶ କରିଥିଲା, ସେଠାରେ ଥିବା ସମସ୍ତ ଗଛ ଧରାଶାୟୀ ହୋଇଛି। ଏହି ଗଛଗୁଡିକ ମଧ୍ୟରେ ଝାଉଁ, ୟୁକାଲିପଟାସ ଓ ଆକାଶିଆ ଆଦି ରହିଛି। ପୁରୀ-କୋଣାର୍କ ମେରାଇନ ଡ୍ରାଇଭ ରୋଡରେ ଲଗାଯାଇଥିବା ଗଛଗୁଡିକ ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।

ଚଳିତ ବର୍ଷ ରାଜ୍ୟ ବନ ବିଭାଗ ଫନୀ ପ୍ରଭାବିତ ଅଞ୍ଚଳରେ ଉପକୂଳବର୍ତ୍ତୀ ତଥା ସମୁଦ୍ର ତଟବର୍ତ୍ତୀ ବନୀକରଣ ମିଶନ ନାମରେ ଏକ ୬ ବର୍ଷିଆ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏଥିନିମନ୍ତେ ୧୮୫ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ୬ ବର୍ଷରେ ହେବାକୁ ଥିବା ମୋଟ ୬୦୦୦ ହେକ୍ଟର ତଟବର୍ତ୍ତୀ ଇଲାକାରେ ଝାଉଁ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟରୁ ୨୦୧୯-୨୦ରେ ୪୫୦ ହେକ୍ଟର ଜମିରେ ପ୍ରାୟ ୮୦,୦୦୦ ଗଛ ଲଗାଯିବାର ପ୍ରସ୍ତାବ ରହିଛି। ରାଜ୍ୟରେ ବାରମ୍ବାର ଘଟୁଥିବା ବାତ୍ୟା ପ୍ରକୋପକୁ ହ୍ରାସ କରିବାରେ ଝାଉଁ ଓ ହେନ୍ତାଳ ବନ ପ୍ରାକୃତିକ ପ୍ରତିବନ୍ଧକ ଭାବେ କାର୍ଯ୍ୟ କରିଥାଏ। ପୁରୀ ଜିଲାର ବାଲୁଖଣ୍ଡ ଅଭୟାରଣ୍ୟରେ ସ୍ଥାନୀୟ ଗ୍ରାମବାସୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ସହାୟତାରେ ୫୦ ଲକ୍ଷ ଚାରା ଲଗାଯିବାର ପ୍ରସ୍ତାବ ରହିଛି।

ବାତ୍ୟା ପରେ ପରେ ରାଜ୍ୟ ବନ ବିଭାଗର ଅନ୍ୟ ଏକ କାର୍ଯ୍ୟକ୍ରମ ଏଥର ବିଶେଷ ଭାବେ ଦୃଷ୍ଟି ଆକର୍ଷଣ କରିଛି। ତାହା ହେଉଛି ଅଧା ଉପୁଡି ପଡିଥିବା କିମ୍ବା ଅଧାରୁ ଭାଙ୍ଗିଯାଇଥିବା ଗଛଗୁଡିକୁ ପୂରାପୂରି କାଟି ନ ଦେଇ ତାକୁ କିପରି ପୁନଃ ସଂସ୍ଥାପନ କରି ଜୀବନ୍ୟାସ ଦିଆଯାଇପାରିବ, ସେ ଦିଗରେ ଉଦ୍ୟମ କରାଯାଇଛି। ବାତ୍ୟା ପରେ ବର୍ତ୍ତମାନ ସୁଦ୍ଧା ଭୁବନେଶ୍ୱରରେ ୮୦୦୦ ଭଙ୍ଗା ଗଛକୁ ଛିଡା କରାଯାଇଥିବା ବେଳେ, ପୁରୀରେ ୪୦୦୦ ଏବଂ କଟକରେ ୨୦୦୦ ଏବଂ ଅନ୍ୟତ୍ର ୧୦୦୦, ଏହିପରି ୧୫୦୦୦ ଗଛକୁ ଜୀବନ୍ୟାସ ଦିଆଯାଇପାରିଛି। ଏପରିକି ବେସରକାରୀ ଅନୁଷ୍ଠାନ ଏବଂ ବ୍ୟକ୍ତିଗତ ଜମିରେ ମଧ୍ୟ କିଛି ଗଛ ଅଧା ଉପୁଡି ପଡିଥିଲେ ସେଗୁଡିକୁ ପୁନର୍ବାର ଠିଆକରି ବଞ୍ଚେଇବା ପାଇଁ ବନ ବିଭାଗ ସହାୟତାର ହାତ ବଢାଇଛି। ଏହା ବ୍ୟତୀତ ବାତ୍ୟା ପ୍ରଭାବିତ ୩ଟି ଜିଲାରେ ୧୨୦ କିଲୋମିଟର ପଥପାର୍ଶ୍ୱ ବନୀକରଣ, ସଘନ ବନୀକରଣ ୧୦୦ ହେକ୍ଟର ଏବଂ ସହରାଞ୍ଚଳରେ ମଧ୍ୟ ବନୀକରଣ ନିମନ୍ତେ ଲକ୍ଷ୍ୟ ରଖାଯାଇଛି।

ରାଜ୍ୟ ବନ ବିଭାଗର ସୂଚନା ମୁତାବକ, ରାଜ୍ୟ ବାହାରୁ ୮୦,୦୦୦ ବାତ୍ୟା ପ୍ରତିରୋଧକ ଚାରା ଆଣି ଲଗାଇବାର ପ୍ରୟାସ ମଧ୍ୟ ଜାରି ରହିଛି। ଏଠି ପ୍ରଶ୍ନ ଉଠିପାରେ ବାତ୍ୟା ପ୍ରତିରୋଧକ ଗଛ କ'ଣ। ମୋ ମତରେ ଯେଉଁ ଗଛଗୁଡିକ ଶୀଘ୍ର ଶୀଘ୍ର ବା ଚଞ୍ଚଳ ବଢିଯାଏ, ସେଗୁଡିକ ମଟକା ବା ନହନହକା ହୋଇଥାଏ। ୟୁକାଲିପଟାସ, ଆକାଶିଆ, ଚାକୁଣ୍ଡା, କୃଷ୍ଣଚୂଡା, କଦମ୍ବ ଏହାର ଉଦାହରଣ। ସାମାନ୍ୟ ବାତ୍ୟାରେ ଏହି ଗଛଗୁଡିକ ଭାଙ୍ଗିପଡେ। ବାତ୍ୟା ବା ପବନର ତୀବ୍ରତା ସହ୍ୟ କରିପାରୁଥିବା ଗଛଗୁଡିକ ହେଉଛି କରଞ୍ଜ, କୁସୁମ, ନିମ୍ବ, ବଉଳ, ଆମ୍ବ, ପଣସ, ଜାମୁ, କୋଚିଲା, ଛତିଆନ, ବର, ଅଶ୍ୱତ୍ଥ, ଶିରୀଶ, ମେହଗାନି, ଅସନ, ପାହାଡି ଶିଶୁ, ଫାଁଶି, ତେନ୍ତୁଳି, ବାଉଁଶ ଇତ୍ୟାଦି। ପଥପାର୍ଶ୍ୱ ବୃକ୍ଷରୋପଣ ସମୟରେ ଏଥିପ୍ରତି ବିଶେଷ ଧ୍ୟାନ ଦେଇ ବଉଳ, ଅଶୋକ, ଛତିଆନ, ନିମ୍ବ, ଶିଶୁ ଆଦି ଚାରା ଲଗାଯାଇପାରେ। ତଟବର୍ତ୍ତୀ ଇଲାକାରେ ବା ଉପକୂଳ ବାଲିଆମାଟିରେ ଝାଉଁ, ହେନ୍ତାଳ ଓ ପୋଲାଙ୍ଗ ଆଦି ଗଛ ବାତ୍ୟାର ପ୍ରଭାବକୁ ପ୍ରତିହତ କରିବା ସହିତ ଉପକୂଳ ଅଞ୍ଚଳର ଚାଷଜମି, ଗ୍ରାମ, ବାସଗୃହ ତଥା ଗ୍ରାମାଞ୍ଚଳର ଅନ୍ୟାନ୍ୟ ଭିତ୍ତିଭୂମିକୁ ସୁରକ୍ଷା ଦେଇପାରିବ। ଉଜୁଡା ପରିବେଶକୁ ସଜାଡିବା ପାଇଁ ପ୍ରଯତ୍ନ କରିବା ଅବସରରେ ବନ ବିଭାଗ ଏହିସବୁ ଗଛ ଲଗାଇବା ଦିଗରେ ଯତ୍ନବାନ ହେବା ଉଚିତ।

୫୭, ଜଗମୋହନ ନଗର, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର, ମୋ–୯୪୩୭୦୦୦୯୦୪

## ଏଇ ଭାରତରେ

ଲାଞ୍ଚ ନ ଦେବାରୁ ଗରିବ ବିଧବାଙ୍କୁ କୋଟିପତି ଦର୍ଶାଗଲା। ଏପରି ଏକ ଘଟଣା ଅଯୋଧ୍ୟାରେ ଘଟିଛି। ଉତ୍ତରପ୍ରଦେଶର ବିକାପୁର ତହସିଲର ତାରାଦେବୀ ଗରିବ ଓ ବିଧବା। ନିକଟରେ ସେ ତାଙ୍କ ପୁଅ ଅମିତର ପାଠପଢ଼ା ଓ ଛାତ୍ରବୃତ୍ତି ପାଇଁ ବାର୍ଷିକ ଆୟ ପ୍ରମାଣପତ୍ର ବାହାର କରିବାକୁ ତହସିଲ କାର୍ଯ୍ୟାଳୟ ଯାଇଥିଲେ। ବହୁବାର ସେ ସେଠାକୁ ଦୌଡ଼ିବା ପରେ ମଧ୍ୟ ତାଙ୍କୁ ଏହି ପ୍ରମାଣପତ୍ର ମିଳି ନ ଥିଲା। ପୁଅର ଛାତ୍ରବୃତ୍ତି ପାଇଁ ଆବେଦନ ତାରିଖ ଜୁଲାଇ ୩୦ ଥିବାବେଳେ ତହସିଲ କାର୍ଯ୍ୟାଳୟରେ ଗୁହାରି କରିବାରୁ ସେଠାକାର ଜଣେ କର୍ମଚାରୀ ତାରାଦେବୀଙ୍କୁ ଏମିତି ଏକ ଆୟ ପ୍ରମାଣପତ୍ର ଦେଇଥିଲେ ଯାହା ଦେଖିବା ପରେ ସେ ଏହାକୁ ବିଶ୍ୱାସ କରିପାରି ନ ଥିଲେ। ଉକ୍ତ ପ୍ରମାଣପତ୍ରରେ ତାରାଦେବୀଙ୍କ ବାର୍ଷିକ ଆୟ ୫ କୋଟି ୨୦ ଲକ୍ଷ ଉଲ୍ଲେଖ କରାଯାଇଥିଲା। ଏହାକୁ ଦେଖିବା ପରେ ଉଭୟ ତାରାଦେବୀ ଓ ତାଙ୍କ ପୁଅ କିଛି ବୁଝି ପାରି ନ ଥିଲେ। ଶେଷରେ ପୁଅ ଅମିତ ମଧ୍ୟ ଛାତ୍ରବୃତ୍ତି ପାଇଁ ଆବେଦନ କରିପାରି ନ ଥିଲେ। ଏହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ତାରାଦେବୀ ଗୁହାରି କରିଥିବା କହିଛନ୍ତି। ତେବେ ଲାଞ୍ଚ ନ ଦେବାରୁ ଏପରି କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଉକ୍ତ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଚିରନ୍ତନୀ

ତୁମ ଅପମାନ, ପ୍ରିୟ
ମରଣ ହୁଁ ବଳି ଦେଉ ବ୍ୟଥା,
ତବ ଅପମାନ କଲେ
ମୂକ ହେଉ ମୋର ସବୁ କଥା।
(ଆସ୍ତିକର ଆକୁତି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୩ ଅଗଷ୍ଟ ୧୯୯୪**

- ବୋସନିଆ ଶାନ୍ତି କଥାବାର୍ତ୍ତାକୁ ପୁଣି ଶୀଘ୍ର ଆରମ୍ଭ କରିବା ପାଇଁ ବୋସନିଆ ସର୍ବୀୟ ନେତାଙ୍କ ପ୍ରସ୍ତାବକୁ ଆମେରିକା, ରୁଷିଆ, ବ୍ରିଟେନ ଓ ଜର୍ମାନୀର ପ୍ରତ୍ୟାଖ୍ୟାନ।
- ପ୍ରତିଭୂତି ହେରଫେର ସଂକ୍ରାନ୍ତ ଜେପିସି ସୁପାରିସ ଉପରେ ସରକାରଙ୍କ ଦ୍ୱାରା ଉପସ୍ଥାପିତ କାର୍ଯ୍ୟାନୁଷ୍ଠାନ ରିପୋର୍ଟକୁ ପ୍ରତ୍ୟାହାର କରିବା ଦାବି ନେଇ ଲୋକ ସଭାରେ ସମସ୍ତ ବିରୋଧୀ ଦଳ ସଦସ୍ୟ ସବୁ ସଂସଦୀୟ କମିଟିରୁ ଇସ୍ତଫା ଦେଲେ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | | | 8 | E | | | | | 6 | | | | | 2 |
| | | 0 | | | | | | 9 | | | | | | |
| 8 | 9 | 4 | 6 | A | | B | | | | E | | | | |
| | 5 | | | 2 | 9 | 3 | | 1 | | | 7 | D | | |
| | | | | | 4 | | 7 | | 5 | | | 9 | | C |
| | | | 3 | 6 | | | D | | | | 9 | B | 4 | |
| | | | 1 | | | | | | E | 3 | 2 | | | 5 |
| | | C | 9 | | | | 2 | | B | | | | | 8 |
| 7 | | | | 4 | B | | A | | | | D | | | 1 |
| | A | D | | 5 | | 6 | | | | 0 | | 2 | | E |
| A | 0 | B | | | | 1 | | | 8 | | | | | 7 |
| | 3 | | 2 | | | | | 5 | | | | 6 | | D |
| | C | 9 | | B | | | | | | | | | 8 | |
| | 7 | | | | | | | | | | | | 5 | A |
| 1 | | 8 | A | | | | | 4 | | | | 0 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 8 | C | 5 | 9 | B | 4 | 2 | 3 | A | 1 | 0 | 7 | E | 6 |
| 4 | B | 3 | 8 | 7 | D | 0 | 5 | A | 2 | 6 | E | C | 1 | 9 |
| 7 | 5 | 0 | 4 | 6 | 1 | E | 9 | C | 8 | 3 | D | B | A | 2 |
| A | 1 | 2 | E | 0 | C | 6 | 7 | B | 9 | 5 | 4 | 8 | D | 3 |
| 9 | 6 | E | A | 2 | 3 | D | 8 | 1 | B | C | 7 | 0 | 4 | 5 |
| 2 | A | 7 | C | E | 6 | 3 | 1 | D | 0 | B | 8 | 5 | 9 | 4 |
| 0 | C | 1 | 3 | 5 | 7 | 9 | 6 | E | D | 4 | A | 2 | B | 8 |
| E | 9 | 8 | B | A | 0 | C | 4 | 5 | 6 | 2 | 1 | 3 | 7 | D |
| B | D | 6 | 9 | 4 | 2 | 8 | A | 0 | 5 | 7 | 3 | E | C | 1 |
| 5 | 3 | 4 | 1 | D | 8 | 7 | B | 2 | C | E | 9 | 6 | 0 | A |
| 1 | E | A | 6 | 3 | 9 | B | C | 8 | 7 | D | 5 | 4 | 2 | 0 |
| C | 4 | B | 2 | 8 | A | 5 | 0 | 7 | 1 | 9 | 6 | D | 3 | E |
| 8 | 7 | D | 0 | 1 | 4 | 2 | E | 6 | 3 | A | C | 9 | 5 | B |
| 3 | 0 | 5 | 7 | B | E | 1 | D | 9 | 4 | 8 | 2 | A | 6 | C |
| 6 | 2 | 9 | D | C | 5 | A | 3 | 4 | E | 0 | B | 1 | 8 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କୀଟନାଶ ପାଇଁ ବତକ ରୋବଟ୍

ମହାଶୟ,

ନିକଟରେ ଜାପାନର କାର ନିର୍ମାଣ ସଂସ୍ଥା ନିଶାନ କୃଷିକ୍ଷେତ୍ର ପାଇଁ ବତକ ଆକୃତିର ଏକ ରୋବଟ୍ ଉଦ୍ଭାବନ କରିଛନ୍ତି। ଏହା ଫସଲରୁ କୀଟ ବିନାଶ ସମେତ ବାଲୁଙ୍ଗା ଉପାଡ଼ିବ ଏବଂ ଜମିରେ ଘାସ ବଢ଼ିବାକୁ ଦେବ ନାହିଁ। ବର୍ତ୍ତମାନ କୃଷିକ୍ଷେତ୍ର ପାଇଁ ଏହା ଏକ ସର୍ବୋତ୍କୃଷ୍ଟ ଉଦ୍ଭାବନ ବୋଲି ବିଚାର କରାଯାଉଛି। ସହଜେ ଦିନକୁ ଦିନ କୃଷି ଶ୍ରମିକଙ୍କ ଅଭାବ ଦେଖାଗଲାଣି। ତେଣୁ ଏହା ବେଶ୍ ସମୟୋପଯୋଗୀ। ଜାପାନକୁ ଅନୁକରଣ କରି ଆମ ଦେଶର କୃଷିବିଜ୍ଞାନୀମାନେ ଏପରି ରୋବଟ ଉଦ୍ଭାବନ କରି ଚାଷୀକୁଳକୁ ସହାୟ ହୁଅନ୍ତୁ ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ବିତର୍କ କାର୍ଯ୍ୟକ୍ରମରେ ଶାଳୀନତା ରହୁ

ବିଭିନ୍ନ ଟିଭି ଚାନେଲର ବିତର୍କ କାର୍ଯ୍ୟକ୍ରମରେ ଭାଗ ନେଉଥିବା ତର୍କବାଦୀମାନେ ନିଶ୍ଚୟ ସଚେତନ ଓ ବିଷୟବସ୍ତୁ ଉପରେ ପ୍ରାଜ୍ଞ। ତାଙ୍କର ରୁଚିସମ୍ପନ୍ନ ବକ୍ତବ୍ୟକୁ ଲକ୍ଷ ଲକ୍ଷ ଲୋକ ଦେଖନ୍ତି, ଶୁଣନ୍ତି ଓ ବିଚାର କରନ୍ତି। କିନ୍ତୁ ଏବେ ଦେଖାଯାଉଛି ମିଳିତ ଯନ୍ତ୍ରସଙ୍ଗୀତ ଭଳି ତର୍କବାଦୀମାନେ ଏକାବେଳକେ ପରସ୍ପରର ବକ୍ତବ୍ୟକୁ ବିରୋଧ କରି କହି ଚାଲୁଛନ୍ତି। ସଞ୍ଚାଳକଙ୍କ ପରାମର୍ଶକୁ ଅଣଦେଖା କରୁଛନ୍ତି। ଉପୁନ୍ନ କୋଳାହଳ ଅରୁଚିକର ହେଉଛି। ସେମାନଙ୍କ ଯୁକ୍ତିକୁ ତ ସ୍ପଷ୍ଟ ଶୁଣି ହେଉନି, ଶାଳୀନତା ଓ ସଂଯମର ଅଭାବକୁ ବି ସହ୍ୟ କରିହେଉନି। ବିତର୍କ ଶ୍ରାବ୍ୟ, ବୋଧଗମ୍ୟ ଓ ସଂସ୍କୃତିସମ୍ପନ୍ନ ହେଲେ କାର୍ଯ୍ୟକ୍ରମ ଉପଭୋଗ୍ୟ ହେବ। ତେଣୁ ତର୍କରେ ଅଂଶଗ୍ରହଣକାରୀମାନେ ଏଥି ପ୍ରତି ଯତ୍ନବାନ ହେବା ବିଧେୟ।

ଗନ୍ଧର୍ବ ଜେନା, ଡେଲାଙ୍ଗ, ପୁରୀ

### ରାଜ୍ୟ ସ୍ୱେରେଜ ବୋର୍ଡ କରୁଛି କ'ଣ

ରାଜ୍ୟ ସ୍ୱେରେଜ ବୋର୍ଡର ମୁଖ୍ୟ କାର୍ଯ୍ୟ ହେଉଛି ବର୍ଜ୍ୟ ଜଳର ପରିଚାଳନା ଓ ଏହାର ବିଶୋଧନ। ରାଜ୍ୟରେ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା କରି ସେଥିରେ ବର୍ଜ୍ୟ ଜଳକୁ ବିଶୋଧନ କରିବା ପରେ ବ୍ୟବହାର ଉପଯୋଗୀ କରିବା ଏହି ବୋର୍ଡର କାର୍ଯ୍ୟ। ମାତ୍ର ଗଣମାଧ୍ୟମରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଆଜି ସୁଦ୍ଧା ରାଜ୍ୟରେ ଗୋଟିଏ ବି ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା ହୋଇନାହିଁ। ଏଥିପାଇଁ ରାଜ୍ୟର ସମସ୍ତ ସହରର ଡାକ୍ତରଖାନା, କଳକାରଖାନା ଓ ହୋଟେଲ ଇତ୍ୟାଦିର ବର୍ଜ୍ୟ ଜଳ ନଦୀ ନାଳରେ ପ୍ରବେଶ କରି ସମସ୍ତ ଜଳଉତ୍ସକୁ ପ୍ରଦୂଷିତ କରିବାରେ ଲାଗିଛି। ସରକାରୀ ତଥ୍ୟ ଅନୁସାରେ ଓଡ଼ିଶାର ୧୬ଟି ନଦୀର ଜଳ ସମ୍ପୂର୍ଣ୍ଣ ପ୍ରଦୂଷିତ। ତେଣୁ ସାଧାରଣରେ ପ୍ରଶ୍ନ ହେବା ସ୍ୱାଭାବିକ ଯେ, ରାଜ୍ୟ ସ୍ୱେରେଜ ବୋର୍ଡ କରୁଛି କ'ଣ ? ବିଭାଗୀୟ ମନ୍ତ୍ରୀ ଏପରି ଏକ ସମ୍ବେଦନଶୀଳ ସମସ୍ୟା ପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେବା ଆବଶ୍ୟକ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପାଣ୍ଟାଲିଓଙ୍କୁ ଗୁଳି କରିବାକୁ ବିଚାରପତିଙ୍କ ରାୟ

■ ୨୦୧୪ରେ ଏରିକ୍ ଗାର୍ନର ସିଗାରେଟ ବିକୁଥିଲେ
■ ପୋଲିସ ଅଧିକାରୀ ପାଣ୍ଟାଲିଓ ପଛପଟୁ ଜାବୁଡ଼ି ଧରିବା ପରେ ତାଙ୍କର ମୃତ୍ୟୁ ହୋଇଥିଲା

**ନ୍ୟୁୟର୍କ,୨।୮:** ଶ୍ୱେତାଙ୍ଗ ପୋଲିସ ଅଧିକାରୀ ଡାନିଏଲ୍ ପାଣ୍ଟାଲିଓଙ୍କୁ ଗୁଳି କରିଦେବା ଉଚିତ ବୋଲି ଶୁକ୍ରବାର ନ୍ୟୁୟର୍କ ପୋଲିସ ଡିପାର୍ଟମେଣ୍ଟର ଜଣେ ପ୍ରଶାସନିକ ବିଚାରପତି ରାୟ ଦେଇଛନ୍ତି। ୫ ବର୍ଷ ତଳେ ଏରିକ୍ ଗାର୍ନର ନାମକ ଜଣେ ନିରସ୍ତ୍ର କୃଷ୍ଣକାୟଙ୍କୁ ଗିରଫ କରିବାବେଳେ ବାହୁରେ ପଛପଟୁ ଜାବୁଡ଼ି ଧରିଥିବାରୁ ପାଣ୍ଟାଲିଓଙ୍କ ବିରୋଧରେ ଏଭଳି ରାୟ ଦିଆଯାଇଛି। ଏହି ନିଷ୍ପତ୍ତି ଘୋଷଣା ପରେ ପାଣ୍ଟାଲିଓଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି।




୨୦୧୪ ଜୁଲାଇ ୧୭ରେ ଆମେରିକାସ୍ଥିତ ଷ୍ଟାଟେନ ଆଇଲାଣ୍ଡର ଏକ ରାସ୍ତାରେ କୃଷ୍ଣକାୟ ଏରିକ୍ ଗାର୍ନର ବେଆଇନ ଭାବେ ଅଣଟିକସଯୁକ୍ତ ସିଗାରେଟ ବିକ୍ରି କରୁଥିବାବେଳେ ଧରାପଡ଼ିଥିଲେ। ଶ୍ୱେତାଙ୍ଗ ପୋଲିସ ଅଧିକାରୀ ପାଣ୍ଟାଲିଓ ତାଙ୍କୁ ଗିରଫ କରିବା ପାଇଁ ପଶ୍ଚାତ୍‌କଣ୍ଠା କରିଥିଲେ। ଗିରଫ ଉଦ୍ୟମର କିଛି ସମୟ ପରେ ଏରିକ୍ ପ୍ରାଣ ହରାଇଥିଲେ। ମୃତ୍ୟୁ ପୂର୍ବରୁ ଏରିକ୍ 'ମୋ ଶ୍ୱାସକ୍ରିୟା ବନ୍ଦ ହୋଇଯାଉଛି' ବୋଲି କହିଥିଲେ, ଯାହାକି # ବ୍ଲାକ୍ ଲାଇଭ୍‌ସ ମ୍ୟାଟର ମୁଭ୍‌ମେଣ୍ଟରେ ଏକ ସ୍ଲୋଗାନରେ ପରିଣତ ହୋଇଥିଲା। ଏବେ ପାଣ୍ଟାଲିଓଙ୍କୁ ଗୁଳି କରିବା ପାଇଁ ବିଚାରପତିଙ୍କ ସୁପାରିସ ଏରିକ୍‌ଙ୍କ ପରିବାରକୁ ଆଶ୍ୱସ୍ତ କରିଛି। କିନ୍ତୁ ପାଣ୍ଟାଲିଓ କିଛି ଭୁଲ କରି ନ ଥିଲେ ବୋଲି ପକ୍ଷ ରଖୁଥିବା ପୋଲିସ ବାହିନୀକୁ ଏଥିରୁ ଝଟକା ଲାଗିଛି। ନ୍ୟୁୟର୍କ ସିଟି ମେୟର ବିଲ୍ ଡି ବ୍ଲାସିଓ ଅଧିକାରୀ ପାଣ୍ଟାଲିଓଙ୍କୁ ଗୁଳି କରି ନ ଥିବାରୁ ରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରଚାର ବେଳେ ଅନ୍ୟ ପ୍ରାର୍ଥୀମାନେ ତାଙ୍କୁ କଡ଼ା ସମାଲୋଚନା କରିଛନ୍ତି। ପୋଲିସ କମିଶନର ଜେମ୍ସ ଓ'ନିଲ ତୁରନ୍ତ ପାଣ୍ଟାଲିଓଙ୍କୁ ଗୁଳି କରନ୍ତୁ ବୋଲି ଏରିକ୍‌ଙ୍କ ପରିବାର ପକ୍ଷରୁ ଦାବି କରାଯାଇଛି। ଏରିକ୍‌ଙ୍କ ବିଧବା ସ୍ତ୍ରୀ ଏମ୍ମା ସ୍ନାଇପ୍ସ ଗାର୍ନର କହିଛନ୍ତି, ବହୁତ ହୋଇଗଲା। ପାଣ୍ଟାଲିଓ ଭୁଲ କରିଥିବା କେହି ହେଲେ କୁହନ୍ତୁ ବୋଲି ୫ ବର୍ଷ ଧରି ଅପେକ୍ଷା କରିଥିଲୁ। ଶେଷରେ ରାୟ ଆସିଛି। ତେଣୁ ଆମେ ଆଉ ଅପେକ୍ଷା କରିପାରିବୁ ନାହିଁ। ପୋଲିସ କମିଶନର ଜେମ୍ସ ଓ'ନିଲ୍ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଅନ୍ତୁ ବୋଲି ନିବେଦନ କରିଛନ୍ତି।

# ସରକାର ଆକସ୍ମିକ ପାଣ୍ଠିର ଅପବ୍ୟବହାର କରିଛନ୍ତି

ଭୁବନେଶ୍ୱର,୨।୮(ବ୍ୟୁରୋ)


ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ଭାଜପା ବିଧାୟକ ଦଳ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଶାସକ ବିଜେଡି ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ଆକସ୍ମିକ ପାଣ୍ଠିର ଅପବ୍ୟବହାର କରିଛି । ଏହି ପାଣ୍ଠିକୁ ଆପତକାଳୀନ ସ୍ଥିତିରେ ବ୍ୟବହାର କରାଯାଏ । ଶାସକ ବିଜେଡି କଣ୍ଟିନଜେନ୍ସି ଫଣ୍ଡକୁ ବୃଦ୍ଧି କରି ସେଥିରେ କାଳିଆ ଯୋଜନା, ମଧୁବାବୁ ପେନସନ ଯୋଜନାରେ ଏହି ଅର୍ଥକୁ ଖର୍ଚ୍ଚ କରିଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏଥିସହିତ ରାଜ୍ୟ ସରକାରଙ୍କ ଦ୍ୱାରା ସମ୍ବିଧାନର ଉଲ୍ଲଂଘନ କରି ଆର୍ଥିକ ଅନିୟମିତତା ଅଭିଯୋଗ ଅଣାଯାଇଛି। ସମ୍ବିଧାନର ସୁରକ୍ଷା ଏବଂ ଆକସ୍ମିକ ପାଣ୍ଠିର ଅନିୟମିତତା ବିରୋଧରେ ଶୁକ୍ରବାର ଭାଜପାର ସବୁ ବିଧାୟକମାନେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକଙ୍କ ନେତୃତ୍ୱରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟି ସ୍ମାରକ ପତ୍ର ପ୍ରଦାନ କରିବା ସହ ହସ୍ତକ୍ଷେପ ଲୋଡିଛନ୍ତି।

ବିରୋଧୀ ଦଳ ନେତା କହିଛନ୍ତି ଯେ, ୨୦୧୮-୧୯ ଆକସ୍ମିକ ପାଣ୍ଠିରେ ୪୦୦ କୋଟି ଟଙ୍କା ଥିବାବେଳେ ରାଜ୍ୟ ସରକାର ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ଏହାକୁ ୧୪୦୦ କୋଟିକୁ ବୃଦ୍ଧି କରିଥିଲେ ।

**ଭାଜପାର ଅଭିଯୋଗ**
■ ରାଜ୍ୟପାଳଙ୍କୁ ଫେରାଦ ହେଲା ଭାଜପା ବିଧାୟକ ଦଳ
■ ଅବଗତ ପରେ ପଦକ୍ଷେପ ନେବାକୁ ରାଜ୍ୟପାଳଙ୍କ ପ୍ରତିଶ୍ରୁତି

ଆଇନ ଅନୁଯାୟୀ କେବଳ ଆପତକାଳୀନ ସ୍ଥିତିରେ ହିଁ ଆକସ୍ମିକ ପାଣ୍ଠିକୁ ବ୍ୟବହାର କରାଯାଇ ପାରିବ । ଏହି ଅନୁଦାନ ଅର୍ଥକୁ ଏସଡିଆରଏଫ ନିୟମାବଳୀ ଅନୁସାରେ ସରକାର କେବଳ ବିପର୍ଯ୍ୟୟ ସମୟରେ ଉଦ୍ଧାର ଓ କ୍ଷୟକ୍ଷତି ପୁନର୍ଗଠନ ପାଇଁ ଖର୍ଚ୍ଚ କରିପାରିବେ। ଫନୀ ସମୟରେ ରାଜ୍ୟ ସରକାର ଲୋକଙ୍କୁ ସ୍ଥାନାନ୍ତର କରିଥିଲେ ମଧ୍ୟ ପ୍ରଭାବିତଙ୍କୁ ଖାଦ୍ୟ ଯୋଗାଇ ପାରି ନ ଥିବା ପ୍ରଦୀପ୍ତ କହିଛନ୍ତି।

ସେହିପରି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି ଯେ, ଆକସ୍ମିକ ପାଣ୍ଠିରୁ ରାଜ୍ୟ ସରକାର ଜାନୁୟାରୀରୁ ଅର୍ଥ ନେଇଥିଲେ । ସେଥିପାଇଁ ଫନୀ ଭଳି ପ୍ରାକୃତିକ ବିପର୍ଯ୍ୟୟର ଉଚିତ ମୁକାବିଲା ହୋଇପାରିଲା ନାହିଁ । କାଳିଆ ଯୋଜନାରେ ଚାଷୀମାନଙ୍କୁ ଚିହ୍ନଟ ନ କରି ଭୋଟ ହାତେଇବା ନାଁରେ ଯୋଜନା କରି ସମ୍ବିଧାନର ନିୟମକୁ ରାଜ୍ୟ ସରକାର ଉଲ୍ଲଂଘନ କରିଛନ୍ତି। ସମସ୍ତ ଘଟଣା ସମ୍ପର୍କରେ ଅବଗତ ହେବା ପରେ ରାଜ୍ୟପାଳ ପଦକ୍ଷେପ ନେବେ ବୋଲି ବିଧାୟକମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ମୋହନ କହିଛନ୍ତି।


# ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ବେଣୁଧର ମିଶ୍ର**
(ରାଷ୍ଟ୍ରପତି ଏବଂ ରାଜ୍ୟପାଳ ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ)
ଆବିର୍ଭାବ: ୦୨।୧୦।୧୯୩୯
ତିରୋଧାନ: ୨୫।୦୭।୨୦୧୯
(ଦିବା ୧୨ ଘ. ୫୫ ମି. ଗୁରୁବାର)
ଦଶାହ: ୦୩।୦୮।୨୦୧୯(ଶନିବାର)
ଆବାସ: ୪୨୪/୭୬୫୮, ସମେଇଗଡ଼ିଆ,ରସୁଲଗଡ,ଭୁବନେଶ୍ୱର- ୭୫୧୦୧୦
ପୂର୍ବସ୍ଥିତ ଆବାସ: ରାୟପୁର ଶାସନ, ମନ୍ଦାର, ଗନ୍ଦିଆ, ଢେଙ୍କାନାଳ।
**ଶୋକସନ୍ତପ୍ତ ପରିବାରବର୍ଗ:**
ପତ୍ନୀ: ଗୋଲାପ ମିଶ୍ର, ପୁତ୍ର: ରବି ନାରାୟଣ, ରୁଦ୍ର ନାରାୟଣ, ପୁତ୍ରବଧୂ: ବନିତା, ସ୍ମୃତିରେଖା, କନ୍ୟା: ଶକୁନ୍ତଳା, ନିର୍ମଳା, ଜ୍ୱାଇଁ: ଶଶାଙ୍କ ଶେଖର ଦାସ, ନାତୁଣୀ: ଅମୃତା, ଆଶ୍ରିତା,ଶିର୍ଷା, ତୁମୁ
ଧ-୧୩୬୬୬

**ଦଶାହ ଉପଲକ୍ଷେ**



**ସ୍ୱର୍ଗତ ସମୀର ସାହୁ (ପୁପୁନ୍)**
ହରଚଣ୍ଡୀ ସାହି, ପୁରୀ
ଆବିର୍ଭାବ: ୦୮।୦୩।୨୦୦୦
ତିରୋଧାନ: ୨୫।୦୭।୨୦୧୯
ତୋର ସ୍ନେହ, ଶ୍ରଦ୍ଧା ପ୍ରତ୍ୟେକ ମୁହୂର୍ତ୍ତରେ ଅନୁଭବ କରୁଛୁ। ତୋର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
**ଶୋକସନ୍ତପ୍ତ:**
ତୋର ହତଭାଗ୍ୟ ବାପା, ବୋଉ, ମାମୁଘର ପରିବାରବର୍ଗ।
ଧ-୬୪୦୮୧

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଶୈଳବାଳା ଦେବୀ**
ଆବିର୍ଭାବ: ୨୯।୧୦।୧୯୨୯
ତିରୋଧାନ: ୨୫।୦୭।୨୦୧୯
ଆପଣଙ୍କ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପଦାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ।
**ଶୋକସନ୍ତପ୍ତ:**
ପରିବାରବର୍ଗ
ଧ-୧୩୬୯୧

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ବିନୋଦିନୀ ନାୟକ**
ଶିକ୍ଷୟିତ୍ରୀ, ଭାଗବତ ବାସୁଦେବ ବିଦ୍ୟାପୀଠ, କନ୍ତିଆ
ଆବିର୍ଭାବ: ୨୦।୦୪।୧୯୭୦
ତିରୋଧାନ: ୨୪।୦୭।୨୦୧୯
(ମଧୁସୂଦନ ନଗର, ଜଟଣୀ)
ତୁମେ ଅକସ୍ମାତ ଆମକୁ ଶୋକସାଗରରେ ଭସାଇ ଅମର ପୁରକୁ ଚାଲିଗଲ। ତୁମ ନୀତି, ସ୍ନେହ, ଆଦର୍ଶ, ସରଳ ସ୍ୱଭାବ, କର୍ତ୍ତବ୍ୟନିଷ୍ଠା ଆମର ସର୍ବଦା ପାଥେୟ ହେଉ। ତୁମର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ସ୍ୱାମୀ: ଗୟାଧର ମହାପାତ୍ର, କନ୍ୟା: ଇତିଶ୍ରୀ ମହାପାତ୍ର, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ
ଧ-୧୩୭୧୬

**ଶ୍ରଦ୍ଧା ସୁମନ**



**ସ୍ୱର୍ଗତ ଅର୍ଜୁନ ଗରାବଡୁ**
ବଡ଼ଦାଣ୍ଡ ସାହି, ପୁରୁଣା ଭୁବନେଶ୍ୱର
ପ୍ରଭୁ ଶ୍ରୀ ଶ୍ରୀଲିଙ୍ଗରାଜ, ମା' ଗୋପାଲୁଣୀଙ୍କ ଆଶୀର୍ବାଦରୁ ଯେଉଁଠି ଅଛ ଭଲରେ ଥାଅ। ଆଶୀର୍ବାଦଭରା ହାତରେ ଘୋଡାଇ ରଖିଥାଅ।
**ଆଶୀର୍ବାଦଭିକ୍ଷୁ:**
ପୁତ୍ର: ବାସୁଦେବ ଗରାବଡୁ, ବନ୍ଧୁ ଓ ପରିବାରବର୍ଗ।
ଧ-୬୭୨୦୯

**ଶ୍ରଦ୍ଧା ସୁମନ**



**ସ୍ୱର୍ଗତା ହାରାମଣୀ ଗରାବଡୁ**
ସ୍ୱାମୀ:- ସ୍ୱର୍ଗତ ଅର୍ଜୁନ ଗରାବଡୁ
ବଡ଼ଦାଣ୍ଡ ସାହି, ପୁରୁଣା ଭୁବନେଶ୍ୱର
ପ୍ରଭୁ ଶ୍ରୀ ଶ୍ରୀଲିଙ୍ଗରାଜ, ମା' ଗୋପାଲୁଣୀଙ୍କ କୃପାରୁ ଯେଉଁଠି ଅଛ ଭଲରେ ଥାଅ। ମମତାର ପଣତ କାନିରେ ଘୋଡାଇ ରଖିଥାଅ।
**ଆଶୀର୍ବାଦାକାଂକ୍ଷୀ:**
ପୁତ୍ର: ବାସୁଦେବ ଗରାବଡୁ, ବନ୍ଧୁ ଓ ପରିବାରବର୍ଗ।
ଧ-୬୭୨୧୦

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ପ୍ରମୋଦିନୀ ସାହୁ**
ଆବିର୍ଭାବ: ୨୧।୦୨।୧୯୫୬
ତିରୋଧାନ: ୧୪।୦୮।୨୦୧୮
(ଶ୍ରାବଣ ଶୁକ୍ଳ ତୃତୀୟା)
ଆଜିର ଏହି ପୁଣ୍ୟ ତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ସ୍ୱାମୀ: ଶରତ ଚନ୍ଦ୍ର ସାହୁ, ପୁଅ: ସରୋଜ, ଶ୍ରୀକାନ୍ତ, ଝିଅ: ସସ୍ମିତା, ବୋହୂ: ଡଲି ଓ ବୈଶାଖୀ, ନାତୁଣୀ: ସାଇ ସମୀକ୍ଷାରାଣୀ ଓ ଆତ୍ମୀୟସ୍ୱଜନ
ଧ-୬୬୬୧୨

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**√ରଜନୀ ଦେବୀ**
ପୁରୁଣା ଭୁବନେଶ୍ୱର
ସମୟ ସ୍ରୋତରେ ତୁମେ ଆମ ପାଖରୁ ଦୀର୍ଘ ୫ ବର୍ଷ ହେଲାଣି ଚାଲିଗଲଣି, ହେଲେ ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଭଲ ପାଇବା ଆମ ପାଇଁ ଆଜି ବି ଉଜ୍ଜୀବିତ ହୋଇ ରହିଛି। ସ୍ୱର୍ଗରେ ଥାଇ ତୁମେ ଆମକୁ ଏମିତି ଆଶୀର୍ବାଦ କରୁଥାଅ, ଏତିକି ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପୁଅବୋହୂ, ନାତିନାତୁଣୀ, ଝିଅଜ୍ୱାଇଁ ବନ୍ଧୁପରିବାରବର୍ଗ ଓ
**ଉମା ଫ୍ରେମିଙ୍ଗ୍ ସେଣ୍ଟର**
**ଅଶୋକନଗର, ଭୁବନେଶ୍ୱର**
ଧ-୬୭୦୨୮

**୩୨ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**√ ଗୋବିନ୍ଦ ଚନ୍ଦ୍ର ମହାନ୍ତି**
ଗ୍ରାମ: ମଧୁଶାସନ, ପାଟକୁରା, କେନ୍ଦ୍ରାପଡା
ତିରୋଧାନ : ୨୭.୦୭.୧୯୮୭
ତୁମର ଏ ୩୨ତମ ଶ୍ରାଦ୍ଧବାର୍ଷିକୀରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଚରଣ କମଳରେ ଶ୍ରଦ୍ଧା ସୁମନ ଅର୍ପଣ କରୁଛୁ ।
-: ଶୋକ ସନ୍ତପ୍ତ :-
ବନ୍ଧୁ ଓ ପରିବାରବର୍ଗ
ଧ-୧୩୭୨୧


# ଚିଟ୍‌ଫଣ୍ଡ କମିଶନଙ୍କ କାର୍ଯ୍ୟକାଳ ବଢ଼ିଲା

**ଭୁବନେଶ୍ୱର, ୨।୮ (ବ୍ୟୁରୋ):** ରାଜ୍ୟରେ ଚିଟ୍‌ଫଣ୍ଡ ଦୁର୍ନୀତିର ତଦନ୍ତ କରୁଥିବା ଏମ୍.ଏମ୍. ଦାଶ କମିଶନଙ୍କ କାର୍ଯ୍ୟକାଳ ୬ ମାସ ବୃଦ୍ଧି କରାଯାଇଛି। ଚଳିତ ଅଗଷ୍ଟ ୪ରେ କମିଶନଙ୍କ କାର୍ଯ୍ୟକାଳ ସମାପ୍ତ ହେଉଥିଲା। ଏ ନେଇ ଗତ ଗୁରୁବାରଠାରୁ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ୨୦୧୩ ମସିହାରୁ ଆରମ୍ଭ ହୋଇଥିବା କମିଶନ ତଦନ୍ତର ୭ଟି ଅନ୍ତରୀଣ ରିପୋର୍ଟ ଦାଖଲ ହୋଇସାରିଛି। ଶେଷଥର ପାଇଁ ପ୍ରଦାନ କରାଯାଇଥିବା ରିପୋର୍ଟରେ କମିଶନଙ୍କ ଦ୍ୱାରା ଏକ ଲକ୍ଷରୁ ଅଧିକ ନିବେଶକଙ୍କ ନାଁ ଉଲ୍ଲେଖ କରାଯାଇଥିଲା। ଏହି ତାଲିକାରେ ୧୦,୦୦୦ ଟଙ୍କାରୁ କମ୍ ନିବେଶ କରିଥିବା ଜମାକାରୀଙ୍କୁ ସାମିଲ କରାଯାଇଛି। ସେହିପରି କ୍ଷୁଦ୍ର ଜମାକାରୀଙ୍କୁ ଟଙ୍କା ଫେରସ୍ତ ନେଇ କମିଶନ ସୁପାରିସ କରିସାରିଛି।

# ୧ ଲକ୍ଷ ବୁଢ଼ା କର୍ମଚାରୀ ବିଦା

**ଯୁବ ଟିମ୍ ତିଆରି କରୁଛି ଆଇବିଏମ୍**

**ସାନଫ୍ରାନ୍ସିସ୍କୋ,୨।୮:** ଆମେରିକାର ଆଇଟି କମ୍ପାନୀ ଆଇବିଏମ୍ ଯୁବ କର୍ମଚାରୀଙ୍କୁ ନେଇ ଏକ ଟିମ୍ ତିଆରି କରିବା ଉଦ୍ଦେଶ୍ୟରେ ଗତ କିଛି ବର୍ଷ ଭିତରେ ପ୍ରାୟ ୧ ଲକ୍ଷ ବ୍ୟକ୍ତିଙ୍କୁ ଚାକିରିରୁ ଛଟେଇ କରିଛି। ୬୧ ବର୍ଷୀୟ ଛଟେଇ କର୍ମଚାରୀ ଜୋନାଥନ ଲାଙ୍ଗଲି ଏହି ଅଭିଯୋଗ ଆଣି କମ୍ପାନୀ ବିରୋଧରେ ଏକ ମାମଲା ଦାଏର କରିଛନ୍ତି। ମାମଲାର ଶୁଣାଣି କରୁଥିବା ରେଜିଷ୍ଟ୍ରାରଙ୍କ କହିବାନୁସାରେ ଲାଙ୍ଗଲିଙ୍କ ପକ୍ଷରୁ ଆଗତ ମାମଲାରେ ଅନ୍ୟ ଜଣେ କର୍ମଚାରୀ ଏଲନ ୱାଇଲ୍ଡ ସାକ୍ଷ୍ୟପ୍ରଦାନ କରିଛନ୍ତି। ଗତ ୫ ବର୍ଷ ଭିତରେ କମ୍ପାନୀ ୫୦ ହଜାରରୁ ୧ ଲକ୍ଷ କର୍ମଚାରୀଙ୍କୁ ବୁଢ଼ା ହେବା କାରଣରୁ ଚାକିରିରୁ ବିଦା କରିଛି ବୋଲି ସେ ନିଜ ସାକ୍ଷ୍ୟପ୍ରଦାନରେ କହିଛନ୍ତି। ଆମାଜନ, ଗୁଗଲ ଓ ଫେସ୍‌ବୁକ୍ ସମେତ ଅନ୍ୟ କମ୍ପାନୀ ଭଳି ଆଇବିଏମ ନିଜକୁ ଏକ ଯୁବ ଟିମ୍ ନେଇ ଗଠିତ କମ୍ପାନୀ ବୋଲି ଦର୍ଶାଇବାକୁ ଚାହୁଁଛି ବୋଲି ସେ ଅଭିଯୋଗ କରିଛନ୍ତି।

# ବସ୍ ଓଲଟି ୨୦ ଯାତ୍ରୀ ଆହତ

ବିରିଡ଼ି/ ବାଲିଆ, ୨।୮ (ଡି.ଏନ.ଏ.) ଜଗତ୍‌ସିଂହପୁର ଜିଲା କନ୍ଦରପୁର-ମାଛଗାଁ। ଜାତୀୟ ରାଜପଥ ନଂ.୫୫ର ହାଜିପୁର ବଜାର ନିକଟରେ ଶୁକ୍ରବାର ଅପରାହ୍ନରେ ଅଭିରାମ ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ପ୍ରାୟ ୨୦ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ଜଣ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ୬ ଜଣ ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଆଉ ୬ଜଣଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଅନ୍ୟ କେତେଜଣ ଆହତ ନିଜେ ନିଜେ ଯାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ, ବସ (ନଂ. ଓଡ଼ି ୦୫ ଏମ ୫୬୪୪) ପାରାଦୀପରୁ ଭାୟା ଜଗତ୍‌ସିଂହପୁର ଦେଇ କଟକ ଅଭିମୁଖେ ଯାଉଥିଲା। ଏହି ସମୟରେ ହାଜିପୁର ନିକଟରେ କୌଣସି କାରଣରୁ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ବିଲ ମଧ୍ୟକୁ ଓଲଟି ପଡିଥିଲା।


**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.MCSW-Abrasive-19-20-15
**କାର୍ଯ୍ୟର ନାମ :** ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର ଠାରେ BG କୋଚ୍ ବଗି ଫ୍ରେମ୍ ଏବଂ କମ୍ପୋନେଣ୍ଟଗୁଡ଼ିକର ଏବ୍ରାସିଭ୍ ବ୍ଲାଷ୍ଟିଂ (Abrasive Blasting)।
**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 4,45,69,658.40, EMD (ଟଙ୍କାରେ) : 3,72,900/-, ଟେଣ୍ଡର କାଗଜପତ୍ରର ମୂଲ୍ୟ (ଟଙ୍କାରେ) : 10,000/-, ଶେଷ ହେବା ଅବଧି : 24 ମାସ।
ବିଡ଼୍ ଆରମ୍ଭ ହେବା ତାରିଖ : ତା.02.08.2019 ରିଖ,
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.16.08.2019 ରିଖ 1500 ଘଟିକାରେ।
ଏହି ଟେଣ୍ଡର ସମ୍ପର୍କରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର କାଗଜପତ୍ର www.ireps.gov.in ରେ ଉପଲବ୍ଧ ଅଟେ।
ଡେପୁଟି ଚିଫ୍ ମେକାନିକାଲ ଇଞ୍ଜିନିୟର(POH),
PR-266/K/19-20 ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର

**ପୂର୍ବ ତଟ ରେଳପଥ**
**ଭଡ଼ା ସୂତ୍ରରେ ଗାଡ଼ି**
ଟେଣ୍ଡର ବିଜ୍ଞପ୍ତି ସଂ.ST-OT-VEH-SSES-BBS-165, ତା.29.07.2019ରିଖ
**କାର୍ଯ୍ୟର ନାମ :** ଅବଶିଷ୍ଟ 24 ମାସ ଅବଧି ନିମନ୍ତେ ସିଗ୍ନାଲିଙ୍ଗ୍ ପରିସଂପତ୍ତି(Assets)ର ରକ୍ଷଣାବେକ୍ଷଣ, ବ୍ରେକ୍‌ଡାଉନ୍ ସ୍ଥଳରେ ଉପସ୍ଥିତ(Attending Breakdown) ହେବା ଏବଂ ଯାତ୍ରା ସମୟରେ ଅଟକ(enroute Detention)କୁ ଦୂର କରିବା ନିମନ୍ତେ ସିନିୟର ସେକ୍ସନ ଇଞ୍ଜିନିୟର/ସିଗ୍ନାଲ/ଭୁବନେଶ୍ୱର ଅଧୀନରେ ସିଗ୍ନାଲିଙ୍ଗ୍ କର୍ମଚାରୀ ଏବଂ ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ ଅହୋରାତ୍ର (Round the clock)ଚାଳକ ସହିତ TATA-207 DI କିମ୍ବା ଅନୁରୂପ ଗୋଟିଏ ବହୁ-ଉପଯୋଗିତା ଗାଡ଼ି ଭଡ଼ା ସୂତ୍ରରେ ନେବା।
**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 8,47,536/-, EMD (ଟଙ୍କାରେ) : 17,000/-, ଟେଣ୍ଡର କାଗଜପତ୍ରର ମୂଲ୍ୟ (ଟଙ୍କାରେ) : 2,360/-(18% GST ସହିତ)।
ବିଡ଼୍ ଆରମ୍ଭ ହେବା ତାରିଖ : ତା.06.08.2019ରିଖ,
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.20.08.2019 ରିଖ 1100 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନାଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର),
PR-268/K/19-20 ଖୋର୍ଦ୍ଧା ରୋଡ୍


# ଚାଇନା ସାମଗ୍ରୀରୁ ୧୦% ଚାର୍ଜ ଆଦାୟ କରିବ ଆମେରିକା

**ଟ୍ରେଡ୍ ୱାର୍ ଘନୀଭୂତ**

**ୱାଶିଂଟନ,୨।୮:** ଚାଇନାରୁ ଆସୁଥିବା ଅତିରିକ୍ତ ୩୦୦ ବିଲିୟନ ଡଲାର(୨୧ ଲକ୍ଷ କୋଟି ଟଙ୍କା) ସାମଗ୍ରୀ ଉପରେ ଆମେରିକା ସେପ୍ଟେମ୍ବର ପହିଲାରୁ ୧୦ ପ୍ରତିଶତ ଚାର୍ଜ(ଇମ୍ପୋର୍ଟ ଟାରିଫ) ଆଦାୟ କରିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁବାର ଘୋଷଣା କରିଛନ୍ତି। ଫଳରେ ଆମେରିକା ଓ ଚାଇନା ମଧ୍ୟରେ ଟ୍ରେଡ୍ ୱାର୍ ଆହୁରି ଘନୀଭୂତ ହେବ ବୋଲି ଆଶାକରାଯାଉଛି। ଚାଇନା ରାଷ୍ଟ୍ରପତି ଜି.ଜିନପିଙ୍ଗ ଯଥାଶୀଘ୍ର ବାଣିଜ୍ୟ ଚୁକ୍ତି ପାଇଁ ରାଜି ନ ହେଲେ ଆମେରିକା ଆହୁରି ଟାରିଫ ବୃଦ୍ଧି କରିବ ବୋଲି ଟ୍ରମ୍ପ ଧମକ ଦେଇଛନ୍ତି। ଏହି ଖବର ପ୍ରଚାରିତ ହେବା ମାତ୍ରେ ବିଶ୍ୱ ଷ୍ଟକ୍ ବଜାର ଏବଂ ଅନ୍ତର୍ଜାତୀୟ ତୈଳ ବଜାରରେ ହ୍ରାସ ପରିଲକ୍ଷିତ ହୋଇଛି। ଟ୍ରମ୍ପଙ୍କ ଘୋଷଣା ପରେ ଚାଇନାରୁ ଆସୁଥିବା ପ୍ରାୟ ସମସ୍ତ ସାମଗ୍ରୀ ଉପରେ ଆମେରିକା ଟାରିଫ ବୃଦ୍ଧି କରିଛି। ଟ୍ରେଡ୍ ୱାର୍‌କୁ ଶେଷ କରିବା ଲକ୍ଷ୍ୟରେ ଦୁଇଦେଶ ମଧ୍ୟରେ ଆରମ୍ଭ ହୋଇଥିବା ଆଲୋଚନା ବିଫଳ ହେବାର ଯଥେଷ୍ଟ ସମ୍ଭାବନା ଦେଖାଦେଇଛି। ରେଟିଂ ଏଜେନ୍ସି ମୁଡିଜ୍ ପକ୍ଷରୁ କୁହାଯାଇଛି ଯେ, ଟ୍ରମ୍ପଙ୍କ ସଦ୍ୟତମ ଘୋଷଣା ଦ୍ୱାରା ବିଶ୍ୱ ଅର୍ଥନୀତି ଉପରେ ଗଭୀର ପ୍ରଭାବ ପଡିବାକୁ ଯାଉଛି।


**BEFORE THE JUDGE FAMILY COURT, BHUBANESWAR**
CP Case No. - 291/2018
Ashwini Kumar Pani ... Petitioner
Vrs
Rajalaxmi Panda ... Respondent
**NOTICE U/O-5, RULE - 20 OF C.P.C.**
To
Smt. Rajalaxmi Panda, aged about 30 years, D/o. Late Hrushikesh Panda of Mandiapalli, Infront of G.S.T.K., P.O.- Mandiapalli, P.S.- Gopalpur, Berhampur, Dist.- Ganjam.
Take notice that, the above named petitioner has instituted a suit for divorce U/s-13(1) (ia) of Hindu Marriage Act. 1955 against you to dissolve the marriage solemnized on 03.12.2016. As you are avoiding to receive summons issued from the Court time and again, hence you are hereby directed to appear in person on the 18th day of September 2019 at 10.30 A.M. positively to answer the claim, if any. In default of your appearance on the above mentioned date and time, the suit shall be heard and determined in your absence.
Given under my hand and the seal of the court this 30th day of July 2019.
Sd./- (Sri. A.K. Singh)
Judge Family Court
Bhubaneswar
Dist.- Khurdha, Odisha

**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ସମ୍ବଲପୁର,
୧୮/୧, ଅଇଁଠାପାଲି ରୋଡ୍, ସମ୍ବଲପୁର, ଓଡ଼ିଶା-୭୬୮୦୦୪
**ୟୁକୋ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ବଲପୁର ଅନ୍ତର୍ଗତ ଶାଖା ଏବଂ କାର୍ଯ୍ୟାଳୟର ବୈଦ୍ୟୁତିକ କାମ ସମୀକ୍ଷା ନିମନ୍ତେ ପ୍ରମାଣିତ ବୈଦ୍ୟୁତିକ ସମୀକ୍ଷକମାନଙ୍କୁ ବଛାଯାଇ ତାଲିକାଭୁକ୍ତ କରିବା ନିମିତ୍ତ ବିଜ୍ଞାପନ**
ୟୁକୋ ବ୍ୟାଙ୍କ କାର୍ଯ୍ୟାଳୟ ସମ୍ବଲପୁର ଅଧୀନରେ ଥିବା ଅଫିସ ଓ ଶାଖାମାନଙ୍କରେ ବୈଦ୍ୟୁତିକ କାର୍ଯ୍ୟ ସମୀକ୍ଷା ନିମନ୍ତେ ପ୍ରମାଣିତ ବୈଦ୍ୟୁତିକ ସମୀକ୍ଷକମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଛନ୍ତି । ଆଗ୍ରହୀ ବ୍ୟକ୍ତି ବିଶେଷ/ସଂସ୍ଥା ତା.୨୦/୦୮/୨୦୧୯ ଅପରାହ୍ନ ୨.୩୦ ଘଟିକା ମଧ୍ୟରେ ଉପର ଦର୍ଶିତ ଠିକଣାରେ ଦରଖାସ୍ତ ଦାଖଲ କରିପାରିବେ । ସମ୍ପୂର୍ଣ୍ଣ ବିବରଣୀ ବ୍ୟାଙ୍କର ୱେବ୍‌ସାଇଟ୍ www.ucobank.com ରେ ଉପଲବ୍ଧ ଅଛି ।
ତା:୦୨.୦୮.୨୦୧୯ ଆଞ୍ଚଳିକ ପ୍ରବନ୍ଧକ
ସ୍ଥାନ: ସମ୍ବଲପୁର ୟୁକୋ ବ୍ୟାଙ୍କ

**CUTTACK MUNICIPAL CORPORATION**
**SHORT TENDER CALL NOTICE**
No.: 6704 Dt.02.08.19
Cuttack Municipal Corporation invites sealed tenders from reputed Manufacturers/Authorized Dealers/Suppliers for supplying of Allopathic Medicines, Surgical Items & Homoeopathy Medicines, for the year 2019-20.
Details of the requirement can be download from the official website **www.cmccuttack.gov.in**. The last date of submission of tender documents is upto 3.00 P.M. Dt.21.8.19.
Sd./- Commissioner
Cuttack Municipal Corporation

See Career Appointment on every Wednesday & Saturday

**କାନାରା ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଅଧିକୃତ ସଂସ୍ଥା)
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର, ୟୁନିକ ଡିଷ୍ଟ୍ରିବ୍ୟୁଟର୍ ଭବନ, କଟକ ରୋଡ୍, ଫ୍ଲାଏ ଓଭର ଆରମ୍ଭ, ଲକ୍ଷ୍ମୀ ସାଗର, ଭୁବନେଶ୍ୱର-୭୫୧୦୦୬, ଫୋନ୍ ନଂ.: ୦୬୭୪-୨୫୭୦୬୯୬
**ଗାଡି ବିକ୍ରୟ ନୋଟିସ୍**
ଏତଦ୍ୱାରା ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଗାଡିଗୁଡିକ କାନାରା ବ୍ୟାଙ୍କର ନିମ୍ନଦର୍ଶିତ ଶାଖା ଦ୍ୱାରା ଜବତ କରାଯାଇ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଟିକସ ଏବଂ ବୀମା ଦେୟ ସହିତ ବିକ୍ରି କରାଯିବା ପାଇଁ ସର୍ବସାଧାରଣଙ୍କ ଠାରୁ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି।

| ଶାଖାର ନାମ ଏବଂ ଠିକଣା / ଫୋନ୍ ନଂ. | ଋଣଗ୍ରହୀତାଙ୍କ ନାମ/ ଆକାଉଣ୍ଟ ନଂ. / ଋଣ ତାରିଖ | ଗାଡିର ବିବରଣୀ | ସଂରକ୍ଷିତ ମୂଲ୍ୟ |
|---|---|---|---|
| ଖୋର୍ଦ୍ଧା (୩୩୬୬)/ ୭୬୦୫୦୦୯୦୮୭ | ବସନ୍ତ ଭଞ୍ଜ / ୩୩୬୬୭୬୮୦୦୦୦୮୫ / ୨୫.୧୦.୨୦୧୭ | Kapl Reo Auto / OD02AU8638 | ଟ.୬୦,୦୦୦/- |
| ଖୋର୍ଦ୍ଧା (୩୩୬୬)/ ୭୬୦୫୦୦୯୦୮୭ | ଦେବାଶିଷ ମିଶ୍ର / ୩୩୬୬୭୬୮୦୦୦୦୬୮ / ୨୫.୦୯.୨୦୧୭ | Kapl Reo Auto / OD02AT0161 | ଟ.୫୫,୦୦୦/- |
| ଗୋପାଳପୁର (୫୯୩୧)/ ୭୬୦୫୦୦୯୦୭୬ | ସମୀର କୁମାର ମଲ୍ଲିକ / ୫୯୩୧.୭୬୮.୨୨ / ୨୦.୦୧.୨୦୧୬ | APE AUTO / OD 05 T 0519 | ଟ.୬୦,୦୦୦/- |
| କଳାପଥର (୪୧୩୬)/ ୭୬୦୫୦୦୯୦୮୪ | ମାୟାଧର ସ୍ୱାଇଁ / ୪୧୩୬୭୬୮୦୦୦୦୫୦ / ୦୩.୦୮.୨୦୧୭ | E RICKSHAW / OD 33 W 7222 | ଟ.୪୫,୦୦୦/- |
| ନରାଜ ମାର୍ଥାପୁର (୩୨୯୭)/ ୭୬୦୫୦୦୯୦୯୦ | ଚିନ୍ମୟ ସାହୁ / ୩୨୯୭୭୬୮୦୦୦୦୧୪ / ୩୧.୦୩.୨୦୧୬ | PIAGGIO DALA AUTO / OD 05 T 5806 | ଟ.୬୦,୦୦୦/- |
| ନୟାବଜାର (୪୯୧୯)/ ୭୬୦୫୦୦୯୦୭୮ | ପଦ୍ମନାଭ ପାତ୍ର / ୪୯୧୯୭୬୮୦୦୦୦୨୪ / ୧୬.୦୪.୨୦୧୫ | TVS KING AUTO / OD 05 N 1562 | ଟ.୩୫,୦୦୦/- |
| ନୟାବଜାର (୪୯୧୯)/ ୭୬୦୫୦୦୯୦୭୮ | ଜିତେନ୍ଦ୍ର ବାରିକ / ୪୯୧୯୭୬୮୦୦୦୦୨୯ / ୧୪.୦୫.୨୦୧୫ | RE OPTIMA AUTO / OD 05 N 4585 | ଟ.୪୦,୦୦୦/- |
| ବାରିପଦା (୧୪୨୯)/ ୭୬୦୫୦୦୯୧୦୮ | ଶ୍ରୀ ରଞ୍ଜିତ ମୁଖୀ / ୧୪୨୯୭୪୦୦୦୬୩୩୪ / ୨୨.୦୬.୨୦୧୩ | Atulsmart D (Autorickshaw) / OD11B-0071 | ଟ.୧୨,୦୦୦/- |
| ବାରିପଦା (୧୪୨୯)/ ୭୬୦୫୦୦୯୧୦୮ | ଶ୍ରୀମତୀ ସରସ୍ୱତୀ ହେମ୍ବ୍ରମ / ୧୪୨୯୬୦୩୦୦୬୩୪୩ / ୧୯.୧୨.୨୦୧୨ | Renault India pvt ltd / Scala (Motor Car) / OD11B-1234 | ଟ.୧,୦୦,୦୦୦/- |
| ବାରିପଦା (୧୪୨୯)/ ୭୬୦୫୦୦୯୧୦୮ | ଶ୍ରୀ ରଞ୍ଜନ ନାୟକ / ୧୪୨୯୭୪୦୦୦୬୩୫୪ / ୨୪.୦୨.୨୦୧୫ | ATUL PL(AUTO RICKSHAW) / OD11D-3226 | ଟ.୩୦,୦୦୦/- |
| ଜଳେଶ୍ୱର (୪୧୩୧)/ ୭୬୦୫୦୦୯୧୨୬ | ଶ୍ରୀ ଜଗନ୍ନାଥ ବେରା / ୪୧୩୧୭୬୮୦୦୦୦୦୯ / ୩୦.୦୧.୨୦୧୫ | Indofarm 3040SC DI40 (Tractor) / OD01G-4797 | ଟ.୧,୫୦,୦୦୦/- |
| ବାସୁଦେବପୁର (୬୧୨୩)/ ୭୬୦୫୦୦୯୧୧୦ | ରମେଶ ଚନ୍ଦ୍ର ସେଠୀ / ୬୧୨୩୭୬୮୦୦୦୦୦୫ / ୨୭.୦୪.୨୦୧୬ | Alfa Plus (Auto Rickshaw Goods) / OD22F-1340 | ଟ.୮୦,୦୦୦/- |

**ଆଗ୍ରହୀ ପକ୍ଷମାନେ ନିମ୍ନଲିଖିତ ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ପ୍ରସ୍ତାବ ମାନ ଦାଖଲ କରିପାରିବେ:**
୧. ଇଚ୍ଛୁକ ପ୍ରସ୍ତାବଦାତା ତାଙ୍କର ପ୍ରସ୍ତାବକୁ ବନ୍ଦ ଲଫାପାରେ ରଖି ଲଫାପା ଉପରେ "........................ କ୍ରୟ ନିମନ୍ତେ ପ୍ରସ୍ତାବ" ଉଲ୍ଲେଖ କରି ସମ୍ପୃକ୍ତ ଶାଖାର ଶାଖା ପ୍ରବନ୍ଧକଙ୍କ ଠାରେ ଏହି ନୋଟିସ ପ୍ରକାଶନର ୭ ଦିନ ମଧ୍ୟରେ ଅର୍ଥାତ୍ ତା.୧୨.୦୮.୨୦୧୯ରିଖ ପୂର୍ବରୁ ଦାଖଲ କରିବେ।
୨. ପ୍ରସ୍ତାବ ସହିତ ଟ.୧୦,୦୦୦/-ର ଅମାନତ ରାଶି ଡିମାଣ୍ଡ ଡ୍ରାଫ୍ଟ ଆକାରରେ କାନାରା ବ୍ୟାଙ୍କ ସପକ୍ଷରେ ଭୁବନେଶ୍ୱରକୁ ପୈଠ ଦର୍ଶାଇ ଦାଖଲ କରିବେ।
୩. ଗାଡି ଗୁଡିକୁ ଶାଖା ଅଧିକାରୀଙ୍କ ଠାରୁ ପୂର୍ବରୁ ଅନୁମତି ନେଇ ତା.୦୯.୦୮.୨୦୧୯ରିଖ ସୁଦ୍ଧା ଯାଞ୍ଚ କରିପାରିବେ ।
୪. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ପ୍ରସ୍ତାବର ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ / ପରିବର୍ଦ୍ଧନ / ସ୍ଥଗିତ /ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାର ସଂରକ୍ଷିତ ରଖିଛନ୍ତି। ବ୍ୟାଙ୍କ ନିମନ୍ତେ ଉପଲବ୍ଧ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନକୁ ଏହି ନୋଟିସ ପ୍ରତିହତ କରିବ ନାହିଁ।
୫. ସଫଳ ନିଲାମଧାରୀ ବିକ୍ରୟ ଚୂଡାନ୍ତ ହେବା ତାରିଖର ୭ଦିନ ମଧ୍ୟରେ ନିଲାମ ରାଶି (ଅମାନତ ଜମା ବ୍ୟତୀତ) ଦାଖଲ କରିବେ। ଯଦି ସଫଳ ନିଲାମଧାରୀ ଉପରୋକ୍ତ ମତେ ବିକ୍ରୟ ମୂଲ୍ୟ ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ସମସ୍ତ ରାଶି ବାଜ୍ୟାପ୍ତ କରାଯିବ ।
୬. ସଫଳ ନିଲାମଧାରୀ ରେଜିଷ୍ଟ୍ରେସନ୍ ସମୟରେ ସମସ୍ତ ଦେୟ / ଫିସ୍ ବହନ କରିବେ।
ଏହି ନୋଟିସ୍ ଦ୍ୱାରା ଗାଡିର ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦିଆଯାଉଛି କି ୭ଦିନ ମଧ୍ୟରେ ସର୍ବଶ୍ରେଷ୍ଠ ସମ୍ଭାବ୍ୟ ପ୍ରସ୍ତାବ ସହିତ କ୍ରେତାଙ୍କ ବ୍ୟବସ୍ଥା କରିପାରିବେ। ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କୌଣସି ପରବର୍ତ୍ତୀ ନୋଟିସ ନଦେଇ ଗାଡି ସର୍ବୋଚ୍ଚ ନିଲାମଧାରୀଙ୍କୁ ହସ୍ତାନ୍ତରିତ କରାଯିବ।
ସ୍ଥାନ: ଭୁବନେଶ୍ୱର, ତାରିଖ: ୦୨.୦୮.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



ବିଗ୍ ବି ଅମିତାଭ ଶୁକ୍ରବାର ଦ୍ୱିତୀୟ ଜନ୍ମଦିବସ ପାଳନ କରିଛନ୍ତି। ସେ ଯେଉଁଦିନ ମୃତ୍ୟୁମୁଖରୁ ଫେରିଆସିଥିଲେ ସେଦିନ ଥିଲା ଅଗଷ୍ଟ ୨। ସେହିଦିନ ଅମିତାଭ୍ ପୁନର୍ଜୀବନ ଲାଭ କରିଥିଲେ। ଦୀର୍ଘ ୩୭ବର୍ଷ ତଳେ ୧୯୮୨ରେ 'କୁଲି' ଚଳଚ୍ଚିତ୍ର ଶୁଟିଂ ବେଳେ ମେଗାଷ୍ଟାର ଅମିତାଭ ପାକସ୍ଥଳୀରେ ଗୁରୁତର ଆଘାତ ପାଇଥିଲେ। କିଛିଦିନ ଅଚେତନ ରହିବା ପରେ ଯେଉଁଦିନ ତାଙ୍କର ଚେତା ଆସିଲା ସେଦିନ ଥିଲା ଅଗଷ୍ଟ ୨।

# ଯୋଡ଼ାମୁଣ୍ଡ ଶିଶୁ ଅଲଗା ହେଲେ

## ୩୩ ଘଣ୍ଟାର ଅସ୍ତ୍ରୋପଚାର ସଫଳ



ଢାକା: ହଙ୍ଗେରୀର ଏକ ଚିକିତ୍ସକ ଦଳ ସଫଳତାର ସହିତ ବାଂଲାଦେଶର ମୁଣ୍ଡଯୋଡା ଯମଜ ଶିଶୁଙ୍କୁ ଅଲଗା କରିବାରେ ସଫଳ ହୋଇଛନ୍ତି। ଏଥିପାଇଁ ଉକ୍ତ ଡାକ୍ତରୀ ଟିମ୍‌କୁ ୩୩ଘଣ୍ଟାର ପରିଶ୍ରମ କରିବାକୁ ପଡିଥିଲା। ଉଭୟ ଶିଶୁଙ୍କ ଖପୁରି ଯୋଡି ହୋଇ ରହିଥିଲା। ସ୍ଥାନୀୟ ମିଲିଟାରି ହସ୍ପିଟାଲ୍‌ରେ ଏପରି ଏକ ବିରଳ ଅସ୍ତ୍ରୋପଚାର ସଫଳ ହେବା ପରେ ଶିଶୁଦ୍ୱୟଙ୍କ ମାତାପିତା ଆନନ୍ଦ ପ୍ରକାଶ କରିଛନ୍ତି। ବାଂଲାଦେଶ ସାମରିକ ବିଭାଗ ଇଣ୍ଟର-ସର୍ଭିସ ପବ୍ଲିକ୍ ରିଲେଶନ୍ସର ସହକାରୀ ନିର୍ଦ୍ଦେଶକ ମହମ୍ମଦ ନୁର ଇସଲାମ୍ ଖବରଦାତାଙ୍କୁ କହିଛନ୍ତି, ଗୁରୁବାର ଅସ୍ତ୍ରୋପଚାର କରାଯିବା ପରେ ବର୍ତ୍ତମାନ ଶିଶୁଦୁହିଁଙ୍କୁ ପର୍ଯ୍ୟବେକ୍ଷଣରେ ରଖାଯାଇଛି। ବୁଦାପେଷ୍ଟ ଭିତ୍ତିକ ମେଡିକାଲ ଏଡ୍ ଚାରିଟି ଆକ୍ସନ ଫର ଡିଫେନ୍ସଲେସ୍ ପିପୁଲ ଫାଉଣ୍ଡେଶନ୍(ଏଡିପିଏଫ୍)ର ଚିକିତ୍ସକ ଏବଂ ସ୍ଥାନୀୟ ଡାକ୍ତରମାନେ ଦୀର୍ଘ ୩୩ଘଣ୍ଟା ପରିଶ୍ରମ କରି ଯୋଡାଶିଶୁଙ୍କୁ ପୃଥକ୍ କରିବାରେ ସଫଳ ହୋଇଛନ୍ତି। ରବେୟା ଏବଂ ରୁକିୟା ନାମକ ଏହି ଦୁଇ ଶିଶୁଙ୍କ ବୟସ ଜୁଲାଇରେ ୩ବର୍ଷ ପୂରଣ ହୋଇଛି। ସେମାନଙ୍କ ପିତା ରଫିକୁଲ ଇସଲାମ୍ କହିଛନ୍ତି, ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ଭଲ ରହିଥିବା ଡାକ୍ତରଙ୍କଠାରୁ ସୂଚନା ମିଳିଛି। ଜନ୍ମର ୪ଦିନ ପରେ ଯୋଡ଼ାମୁଣ୍ଡ ଶିଶୁଙ୍କୁ ଢାକାର ବଙ୍ଗବନ୍ଧୁ ଶେଖ୍ ମୁଜିବ ମେଡିକାଲ ୟୁନିଭର୍ସିଟିକୁ ଚିକିତ୍ସା ପାଇଁ ନିଆଯାଇଥିଲା। କିନ୍ତୁ ଜଟିଳତା ଦୃଷ୍ଟିରୁ ଡାକ୍ତରମାନେ ସେତେବେଳେ ଅସ୍ତ୍ରୋପଚାର କରି ନ ଥିଲେ। ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଶିଶୁଙ୍କର ଏହି ଅବସ୍ଥା ଜାଣିବା ପରେ ଆବଶ୍ୟକୀୟ ଚିକିତ୍ସା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜାନୁୟାରୀ ୪ରେ ବାଂଲାଦେଶ ସ୍ୱାସ୍ଥ୍ୟମନ୍ତ୍ରୀ ମହମ୍ମଦ ନସିମ ଯୋଡାମୁଣ୍ଡ ଶିଶୁଙ୍କ ମାତାପିତାଙ୍କୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରିବା ପରେ ସେମାନେ ଶିଶୁଙ୍କୁ ନେଇ ହଙ୍ଗେରି ଯାତ୍ରା କରିଥିଲେ। ଯୋଡା ଶିଶୁଙ୍କୁ ଚଳିତବର୍ଷ ଜାନୁୟାରୀଠାରୁ ୭ମାସ ପର୍ଯ୍ୟନ୍ତ ହଙ୍ଗେରୀ ଡାକ୍ତରଙ୍କ ତତ୍ତ୍ୱାବଧାନରେ ରଖାଯାଇଥିଲା। ଜୁଲାଇ ୨୨ରେ ଦୁହିଁଙ୍କୁ ଢାକା ଅଣାଯାଇଥିଲା। ସାଙ୍ଗରେ ଥିଲେ ପାଖାପାଖି ୩୦ଜଣିଆ ଡାକ୍ତର ଟିମ୍। ସେମାନେ ଅପରେଶନ୍ କାର୍ଯ୍ୟ ସଫଳତାର ସହିତ ସମ୍ପାଦନ କରିଥିବାରୁ ରଫିକୁଲ ସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି, 'ଆମେ ଡାକ୍ତର ଟିମ୍ ଏବଂ ସାହାଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କ ପ୍ରତି ବାସ୍ତବରେ କୃତଜ୍ଞ। ଆମେ ଆଜି ପୁନର୍ଜୀବନ ଲାଭକରିବା ଭଳି ଅନୁଭବ କରୁଛୁ।' ୨୦୧୬ ଜୁଲାଇ ୧୬ରେ ପାବ୍‌ନା ଜିଲାର ଏକ ଚିକିତ୍ସାଳୟରେ ସିଜରିଆନ୍ ଅପରେଶନ୍ ଦ୍ୱାରା ଯୋଡା ଶିଶୁଙ୍କୁ ପ୍ରସବ କରାଯାଇଥିଲା। ଶିକ୍ଷକ ଦମ୍ପତି ରଫିକୁଲ ଏବଂ ତସ୍‌ଲିମା ଖାତୁନ ଯୋଡାଶିଶୁଙ୍କୁ ଅଲଗା କରାଯାଇଥିବାରୁ ସନ୍ତୋଷ ପ୍ରକାଶ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚିତ୍ତ ଦୃଢ଼ କରି ଶଠ ଲକ୍ଷଣ,**
**ଚିତାକାଟି ମାଳୀ କରେ ଭଜନ,**
**ଚାହେଁ ନେବା ପାଇଁ ପରର ଧନ,**
**କହେ ଦନାଇ ସେ ଠକ ଦର୍ଶନ ।**

ଶଠ ପ୍ରକୃତିର ବ୍ୟକ୍ତି ନିଜକୁ ଚିତା ଚଇତନରେ ସଜେଇ ଅନ୍ୟକୁ ପ୍ରଭାବିତ କରିବାରେ ବେଶ୍ ସିଦ୍ଧହସ୍ତ ହୋଇଥାନ୍ତି। ସରଳ ବିଶ୍ୱାସୀ ବ୍ୟକ୍ତି ଏପରି କପଟତାକୁ ବୁଝି ନ ପାରି ତାଙ୍କରି ଫାଶରେ ପଡ଼ିଯାଇ ସର୍ବହରା ହୋଇଯାଇଥାନ୍ତି। ଏପରି ମନ୍ଦପ୍ରକୃତି ବ୍ୟକ୍ତି ଅତୀବ ଧୂର୍ତ୍ତ ତଥା ଠକ ବୋଲାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଚୋରକୁ ଅଡୁଆ ଚାନ୍ଦିନୀ ରାତିଲୋ**
**ଦାରୀ କି ଅଡୁଆ ପୁଅ**
**ମାଳୀକି ଅଡୁଆ ଛେଳି ବଳଦ ଲୋ**
**ଦୁଃଖୀକି ଅଡୁଆ ଝିଅ ।**

ଅନ୍ଧାରରେ ଚୋରି କରିବା ସହଜ। ତେବେ ଚାନ୍ଦିନୀ ରାତିରେ ଚୋରଙ୍କ ପକ୍ଷେ ଚୋରି କରିବାରେ ଅନେକ ବିପଦ ବା ଅସୁବିଧା ରହିଥାଏ। କାରଣ ଆଲୁଅ ଯୋଗୁ ଧରାପଡ଼ିଯିବାର ଭୟ ରହିଥାଏ। ଦାରୀ ବା ବିଟପୀ ନାରୀର ବୃତ୍ତି ପକ୍ଷେ ପୁଅ ପ୍ରତିବନ୍ଧକ ସାଜିଥାଏ। ଛେଳି ବଳଦ ଗଛଡାଳ ଖାଇଯାଉଥିବାରୁ ତାଙ୍କୁ ପାଳିବା ମାଳୀପକ୍ଷେ ଅସୁବିଧାଜନକ ହୋଇଥାଏ। ସେହିପରି ଦୁଃଖୀରଙ୍କ ବ୍ୟକ୍ତି ବଡ଼ ଦୁଃଖକଷ୍ଟରେ ନିଜ ଗୁଜୁରାଣ ମେଣ୍ଟାଉଥିବା ସ୍ଥଳେ ଝିଅ ହେଲେ ତା'ର ବିବାହ କରାଇବା ତାଙ୍କ ପକ୍ଷେ ଦୁରୂହ ବ୍ୟାପାର ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
– ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.



ଶୁକ୍ରବାର ଅପରାହ୍ନ ୪ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୦ | ୨୪.୭ |
| ଚାନ୍ଦବାଲି | ୩୪.୭ | ୨୬.୦ |
| କଟକ | ୩୧.୨ | ୨୩.୫ |
| ପାରାଦ୍ୱୀପ | ୩୦.୦ | ୨୬.୧ |
| ଭୁବନେଶ୍ୱର | ୩୦.୦ | ୨୫.୬ |
| ଗୋପାଳପୁର | ୩୦.୦ | ୨୬.୨ |
| ପୁରୀ | ୩୧.୦ | ୨୫.୦ |
| ଅନୁଗୋଳ | ୩୩.୧ | ୨୧.୦ |
| ବାରିପଦା | ୩୪.୨ | ୨୬.୬ |
| ଝାରସୁଗୁଡ଼ା | ୩୦.୮ | ୨୪.୬ |
| କେନ୍ଦୁଝର | ୩୦.୬ | ୨୩.୫ |
| ସମ୍ବଲପୁର | ୩୧.୫ | ୨୪.୩ |
| ସୁନ୍ଦରଗଡ଼ | ୨୬.୦ | ୨୧.୦ |
| ହୀରାକୁଦ | ୨୮.୯ | ୨୪.୬ |
| ତାଳଚେର | ୩୧.୮ | ୨୫.୦ |
| ଭବାନୀପାଟଣା | ୨୮.୦ | ୨୪.୮ |
| ବଲାଙ୍ଗୀର | ୨୭.୫ | ୨୪.୨ |
| କୋରାପୁଟ | ୨୨.୬ | ୧୮.୨ |
| ଫୁଲବାଣୀ | ୨୭.୮ | ୨୩.୫ |
| ଟିଟିଲାଗଡ଼ | ୨୭.୦ | ୨୧.୦ |
| ମାଲକାନଗିରି | ୨୫.୦ | ୧୮.୨ |
| ସୋନପୁର | ୩୦.୦ | ୨୦.୮ |
| ଦାରିଙ୍ଗିବାଡ଼ି | ୨୪.୫ | ୧୮.୦ |

ଡିଗ୍ରୀ ସେଲ୍‌ସିୟସ୍

## ଇତିହାସର ଆଇନାରେ

### ଅଗଷ୍ଟ ୩ର ପ୍ରମୁଖ ଘଟଣା

୧୯୯୭ ଅଗଷ୍ଟ ୩ରେ ନ୍ୟୁଜିଲାଣ୍ଡର ଅକଲାଣ୍ଡଠାରେ ସ୍କାଏ ଟାୱାର ଅନାବରଣ ହେଲା। ଏହା ନିର୍ମାଣ ହେବାକୁ ଅଢ଼େଇବର୍ଷ ଲାଗିଥିଲା। ଉକ୍ତ ସ୍କାଏ ଟାୱାର ଟେଲିକମ୍ୟୁନିକେଶନ୍ସ ଏବଂ ଅବଜର୍‌ଭେଶନ୍ ଟାୱାର ଭାବେ କାର୍ଯ୍ୟ କରୁଛି। ୩୨୮ ମିଟର ଉଚ୍ଚତା ବିଶିଷ୍ଟ ଏହି ଢାଞ୍ଚା ବିଶ୍ୱର ୨୫ତମ ଟାୱାର ଏବଂ ଏହାର ସ୍ୱତନ୍ତ୍ର ଡିଜାଇନ୍ ଖୁବ୍ ଆକର୍ଷଣୀୟ।

୨୦୧୪ ଅଗଷ୍ଟ ୩ରେ ଚାଇନାର ୟୁନାନ୍ ପ୍ରଦେଶରେ ୬.୧ ତୀବ୍ରତାର ଭୂମିକମ୍ପ ହେବା ଯୋଗୁ ୬୧୭ ଲୋକଙ୍କ ମୃତ୍ୟୁ ଘଟିବା ସହିତ ୨୪୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଦକ୍ଷିଣ ପଶ୍ଚିମ ଚାଇନାର ୟୁନାନ ପ୍ରଦେଶର କ୍ଷେତ୍ରଫଳ ୩୯୪,୦୦୦ ବର୍ଗ କିଲୋମିଟର। ଏହାର ରାଜଧାନୀ କୁନମିଙ୍ଗ୍। ଏହି ପ୍ରଦେଶର ସୀମାକୁ ଲାଗି ଗୁଆଂଝୌ, ଗୁଇଝୋଉ, ସିଚୁଆନ୍ ଏବଂ ତିବ୍ବତ ସ୍ୱୟଂଶାସିତ ଅଞ୍ଚଳ ରହିଛି।

## ଭାରତୀୟ ବଂଶୋଦ୍ଭବଙ୍କୁ ମିସ୍ ଇଂଲଣ୍ଡ ମୁକୁଟ




**ଲଣ୍ଡନ:** ଭାରତୀୟ ବଂଶୋଦ୍ଭବ ୨୩ବର୍ଷୀୟା ଡାକ୍ତର ଭାଷା ମୁଖାର୍ଜୀ ମିସ୍ ଇଂଲଣ୍ଡ ମୁକୁଟ ବିଜୟିନୀ ହୋଇଛନ୍ତି। ଇଂଲଣ୍ଡ ସୁନ୍ଦରୀ ପ୍ରତିଯୋଗିତାରେ ୧୨ଜଣ ମଡେଲଙ୍କୁ ପଛରେ ପକାଇ ସେ ମୁକୁଟ ଜିତିଛନ୍ତି। ଭାଷା ଦୁଇଟି ପୃଥକ୍ ମେଡିକାଲ ଡିଗ୍ରୀ ହାସଲ କରିବା ସହିତ ଆଇକ୍ୟୁରେ ୧୪୬ ର୍‍ୟାଙ୍କ୍‌ରେ ରହିଛନ୍ତି। ସେ ୫ଟି ଭାଷାରେ ଅନର୍ଗଳ କହିପାରନ୍ତି ବୋଲି ଡେଲି ମେଲ୍‌ରେ ରିପୋର୍ଟ ପ୍ରକାଶ ପାଇଛି। ଗୁରୁବାର ସନ୍ଧ୍ୟାରେ ମିସ୍ ଇଂଲଣ୍ଡ ଫାଇନାଲ୍ ଶେଷ ହେବାର କିଛି ଘଣ୍ଟା ପରେ ବୋଷ୍ଟନସ୍ଥିତ ଲିଙ୍କନଶାୟାର ହସ୍ପିଟାଲ୍‌ରେ ସେ ଜଣେ କନିଷ୍ଠ ଡାକ୍ତର ଭାବେ ଚାକିରି ଜୀବନ ଆରମ୍ଭ କରିଛନ୍ତି। ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି, 'ମେଡିକାଲ ସ୍କୁଲ୍‌ରେ ପାଠପଢ଼ା ମଧ୍ୟଭାଗରେ ସୁନ୍ଦରୀ ପ୍ରତିଯୋଗିତାରେ ଭାଗନେବାକୁ କ୍ୟାରିୟର ଆରମ୍ଭ କରିଥିଲି। ଏଥିପାଇଁ ଖୁବ୍ ଖୁସି ଲାଗିଲା। କିନ୍ତୁ ପାଠପଢ଼ାରେ ଅଧିକ ମନୋନିବେଶ କରି ଏଥିରୁ କିଛିଦିନ ବିରତି ନେଲି। ପାଠପଢ଼ା ସରିବା ପରେ ପୁଣି ସୁନ୍ଦରୀ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହେଲି।' ଭାଷା ମୁଖାର୍ଜୀ ଭାରତରେ ଜନ୍ମଗ୍ରହଣ କରିଛନ୍ତି। ତାଙ୍କୁ ଯେତେବେଳେ ୯ବର୍ଷ ବୟସ, ତାଙ୍କ ପରିବାର ଭାରତ ଛାଡ଼ି ବ୍ରିଟେନ୍‌ରେ ଅବସ୍ଥାପିତ ହୋଇଥିଲେ। ନଟିଂହାମ୍ ୟୁନିଭର୍ସିଟିରୁ ସେ ମେଡିକାଲ୍ ସାଇନ୍ସ ଏବଂ ମେଡିସିନ୍ ଓ ସର୍ଜରିରେ ଦୁଇଟି ବ୍ୟାଚଲର ଡିଗ୍ରୀ ହାସଲ କରିଛନ୍ତି। ମିସ୍ ଇଂଲଣ୍ଡ ବିଜୟୀ ହୋଇଥିବାରୁ ଭାଷା ମୁଖାର୍ଜୀ ମିସ୍ ୱାର୍ଲଡ ପ୍ରତିଯୋଗିତାରେ ଭାଗନେବେ।


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

FINANCE
ବାଲାଜୀ ଋଣ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
3% ସୁଧ 25% ଛାଡ ୧୦ ବର୍ଷର ଏଗ୍ରୀମେଣ୍ଟ ସହିତ
କେବଳ ଆସାମ, ଓଡିଶା, ବିହାର, ଝାରଖଣ୍ଡ, ଗୁଜୁରାଟ ହାଇଦ୍ରାବାଦ, ହିମାଚଳ, ବେଙ୍ଗଲୁରୁ, ମଧ୍ୟପ୍ରଦେଶ ରେ
balajifinancegroupchd@yahoo.com
Plot No 4542, Shahnajaf Rd, Chandigarh 226001
09517415755
09598246628

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଇ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ–1% ।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

See Color Display Classified on every Tuesday & Friday

ଲୋନ! ଲୋନ! ଲୋନ
୧ ରୁ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ସତ୍ୟମ୍ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
B-36/7, A-Block, Vijay Enclave, Burari, New Delhi-74

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ପ୍ରାଇଭେଟ୍ କମ୍ପାନୀ ପ୍ରତି ସାବଧାନ
GRAMIN FINANCE
ଦ୍ୱାରା ସବୁ ପ୍ରକାର ଋଣ ନିଅନ୍ତୁ କମ୍ ସୁଧ + Subsidy, No File Charge, No Guarantor, Only Bank fees -
ଏ ସବୁକିଛି ଋଣ ମଞ୍ଜୁର ହେବା ପରେ
Miss Call Alert:
09610759333
S/O Durvijay Singh, 549/328, Shanti Nagar, Vakola, Santacruz, Mumbai- 400055

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

BUSINESS

ASTROLOGY

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍ + 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
8676907143
8877423997

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର




EDUCATION

ADMISSION 2019-2020
HEY HEY HURRY UP GOOD NEWS FOR YOU!
MAR GREGORIOS CONVENT SCHOOL
(MGCS), SONUGUDA, NABARANGPUR
(An Upcoming Prestigious Malankara Catholic Institution)
NURSERY TO STD I
CONTACT NUMBER :-
7735738185
7707073518
Goals:-
To Develop God's Fearing and Man Loving Personality
To Develop feeling of Love for Learning
To Know the Value of Peace and Non-Violence
Features:-
Emphasize in English, Pollution Free Atmosphere, Highly Qualified Faculty, Wide Compound, Committed Service, Personal Care


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ମଧ୍ୟପ୍ରଦେଶ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଅକିଲ୍ କୁରେଶିଙ୍କ ପଦୋନ୍ନତି ସମ୍ପର୍କରେ ଅଗଷ୍ଟ ୧୪ ସୁଦ୍ଧା ନିଷ୍ପତ୍ତି ନିଆଯିବ ବୋଲି କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ କହିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ରଞ୍ଜନ ଗୋଗୋଇଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଆଗରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା ହାଜର ହୋଇ ପାର୍ଲାମେଣ୍ଟ ଅଧିବେଶନ ଚାଲିଥିବାରୁ ଏଥିଲାଗି ଅଧିକ ୧୦ଦିନ ସମୟ ଲାଗି ଅନୁରୋଧ କରିଥିଲେ। ଗୁଜରାଟ ହାଇକୋର୍ଟ ଓକିଲ ସଂଘ ପକ୍ଷରୁ ଜଷ୍ଟିସ କୁରେଶିଙ୍କ ପଦୋନ୍ନତି ବିଳମ୍ବ ନେଇ ଆବେଦନ କରାଯାଇଥିଲା।



### ବ୍ଲୁମ୍‌ବର୍ଗ ଏନ୍‌ଇଏଫ୍ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ

# ଊର୍ଜାକ୍ଷେତ୍ର ବିଦେଶୀ ନିବେଶକଙ୍କୁ ଆକୃଷ୍ଟ କରୁଛି

ଭୁବନେଶ୍ୱର,୨।୮ (ବ୍ୟୁରୋ)

ଭାରତର ପ୍ରଗତିଶୀଳ ଊର୍ଜାକ୍ଷେତ୍ର ବିଦେଶୀ ପୁଞ୍ଜି ନିବେଶକଙ୍କୁ ଆକୃଷ୍ଟ କରୁଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସ୍ଥାୟୀ ଊର୍ଜା ଭବିଷ୍ୟତକୁ ସୁନିଶ୍ଚିତ କରିବା ପାଇଁ ଉଭୟ ଘରୋଇ ଏବଂ ବିଦେଶୀ ନିବେଶକଙ୍କୁ ଦେଶକୁ ସ୍ୱାଗତ ବୋଲି ନୂଆଦିଲ୍ଲୀଠାରେ ଆୟୋଜିତ ବ୍ଲୁମ୍‌ବର୍ଗ ଏନ୍‌ଇଏଫ୍ ସମ୍ମିଳନୀରେ ଯୋଗଦେଇ ଧର୍ମେନ୍ଦ୍ର ଏହି କଥା କହିଛନ୍ତି। ଦେଶର ଆର୍ଥିକ ବିକାଶ ପାଇଁ ସମସ୍ତଙ୍କୁ ସ୍ୱଚ୍ଛ ଓ ଶସ୍ତା ଇନ୍ଧନ ଯୋଗାଇଦେବା ଲାଗି କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷରେ ଭାରତ ୩ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବାକୁ ରହିଛି। ସେହିପରି ନିକଟ ଭବିଷ୍ୟତରେ ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ କରିବା ନେଇ ସରକାରଙ୍କ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ତେଣୁ ଦେଶକୁ ସୁରକ୍ଷିତ ରଖିବା ପାଇଁ ୧.୩ ବିଲିୟନ ଲୋକଙ୍କ ପାଖରେ ଊର୍ଜା ପହଞ୍ଚାଇବାର ଆବଶ୍ୟକତା ରହିଛି। ଅପରପକ୍ଷରେ ଊର୍ଜା ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ହାଇଡ୍ରୋ କାର୍ବନ କ୍ଷେତ୍ରରେ ପରୀକ୍ଷା କରାଯାଇ ବିକଳ୍ପ ଊର୍ଜା ବାହାର କରିବାର ଅନେକ ଉପାୟ ଅବଲମ୍ବନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଅର୍ଥ ବ୍ୟବସ୍ଥା ସୁଦୃଢ଼ ହୋଇପାରିଛି।




ପରିବେଶ ପ୍ରଦୂଷଣଜନିତ ସମସ୍ୟାକୁ ମୁକାବିଲା କରିବା ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଦେଶରେ ଆସନ୍ତା ୨୦୨୦ ଏପ୍ରିଲ ସୁଦ୍ଧା ବିଏସ୍-୬ ମାନର ଇନ୍ଧନକୁ ବ୍ୟବହାର କରାଯିବାର ଲକ୍ଷ୍ୟ ରଖାଯାଇଛି। ଦିଲ୍ଲୀରେ ଗତବର୍ଷ ଏପ୍ରିଲରୁ ବିଏସ୍-୬ ମାନର ଇନ୍ଧନ ବ୍ୟବହାର ଆରମ୍ଭ ହୋଇଛି। ରିଫାଇନାରି ସଂସ୍ଥାଗୁଡିକ ପକ୍ଷରୁ ବିଏସ୍-୬ ଗୁଣବତ୍ତାବିଶିଷ୍ଟ ଇନ୍ଧନ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ଏହାକୁ ୨୦୨୦ ଏପ୍ରିଲରୁ ସାରା ଦେଶରେ ଯୋଗାଇବା ପାଇଁ ପ୍ରାୟ ୩୦,୦୦୦ କୋଟି ଅର୍ଥ ପୁଞ୍ଜି ନିବେଶ କରାଯାଇଥିବା କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ସ୍ଥାୟୀ ଊର୍ଜା କ୍ଷେତ୍ରରେ ଭାରତ ଭବିଷ୍ୟତ ପାଇଁ ୧୭୦ ଗିଗା ୱାଟ୍ ନବୀକରଣ ଯୋଗ୍ୟ ଊର୍ଜା ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ହାନିକାରକ ଗ୍ୟାସ୍ ନିର୍ଗତର ତୀବ୍ରତାକୁ କମାଇବାକୁ ଭାରତ ପ୍ରତିଶ୍ରୁତିବଦ୍ଧ। କେନ୍ଦ୍ର ସରକାର ଦେଶର ଅପଷ୍ଟ୍ରିମ୍ କ୍ଷେତ୍ରକୁ ଅଧିକ ପ୍ରାଧାନ୍ୟ ଦେଇଛନ୍ତି। ସିଟି ଗ୍ୟାସ୍ ବିତରଣ ତଥା ସିଜିଡି ନେଟ୍‌ୱର୍କକୁ ବିସ୍ତାର କରାଯାଇଛି। ଦେଶ ଜନସଂଖ୍ୟାର ୭୦ ପ୍ରତିଶତ ଲୋକଙ୍କ ପାଖରେ ସିଜିଡି ନେଟ୍‌ୱର୍କ ପହଞ୍ଚିପାରିଥିବା ଜଣାପଡ଼ିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଆହୁରି କହିଛନ୍ତି ଯେ, ମୋଦି ସରକାର ସ୍ୱଚ୍ଛ ଇନ୍ଧନ ପାଇଁ ପ୍ରତିଶ୍ରୁତିବଦ୍ଧ। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୭.୫ କୋଟି ଗରିବ ଲୋକଙ୍କୁ ଏଲ୍‌ପିଜି ଗ୍ୟାସ୍ ମାଧ୍ୟମରେ ସ୍ୱଚ୍ଛ ଇନ୍ଧନ ଯୋଗାଯାଇ ସେମାନଙ୍କ ଜୀବନଶୈଳୀକୁ ପରିବର୍ତ୍ତନ କରାଯାଇଛି। ଏଲ୍‌ପିଜି ବ୍ୟବହାର ୨୦୧୪ରେ ୫୬ ପ୍ରତିଶତରୁ ବୃଦ୍ଧି ପାଇ ୯୫ ପ୍ରତିଶତରେ ପହଞ୍ଚିଛି। ବିଶ୍ୱବ୍ୟାଙ୍କ୍ ଇଜ୍ ଅଫ୍ ଡୁଇଂ ବିଜନେସ୍ ତାଲିକାରେ ଭାରତ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଧର୍ମେନ୍ଦ୍ର କହିଛନ୍ତି।

# ଅନୁଗୋଳରେ ସ୍ମାର୍ଟ ସର୍ଭିଲେନ୍ସ ଓ ଆଇଟିଏମ୍‌ଏସ୍ ଉଦ୍‌ଘାଟିତ




ଉଦ୍‌ଘାଟନୀ ସଭାରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ ଅଫିସ, ୨।୮

ଟ୍ରାଫିକ୍ ନିୟନ୍ତ୍ରଣ ସହ ଅପରାଧ ଘଟାଇବା ପୂର୍ବରୁ ଅପରାଧୀଙ୍କ ନିକଟରେ ପହଞ୍ଚିବା ପାଇଁ ଅନୁଗୋଳ ପୋଲିସ ଆପଣେଇଛି ଏକ ଉନ୍ନତ ଜ୍ଞାନକୌଶଳ। ଶୁକ୍ରବାର ଅନୁଗୋଳ ପୋଲିସ ମୁଖ୍ୟାଳୟ ତଥା ଏସ୍‌ପିଙ୍କ କାର୍ଯ୍ୟାଳୟରେ ସ୍ମାର୍ଟ ସର୍ଭିଲେନ୍ସ ଓ ଆଇଟିଏମ୍‌ଏସ୍ (ଇଣ୍ଟେଲିଜେଣ୍ଟ ଟ୍ରାଫିକ୍ ମ୍ୟାନେଜମେଣ୍ଟ ସିଷ୍ଟମ)କୁ ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ଉଦ୍‌ଘାଟନ କରିଛନ୍ତି। ପୂର୍ବରୁ ଦେଶରେ କେବଳ ହାଇଦ୍ରାବାଦ ପୋଲିସ ଏହି ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର କରିଛି।

ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ତଥା ଉପ ବାଚସ୍ପତି ରଜନୀକାନ୍ତ ସିଂ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଉତ୍ତରକେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ, ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି, ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର, ଢେଙ୍କାନାଳ ଏସ୍‌ପି ଅନୁପମା ଜେମ୍ସ, ଦେବଗଡ଼ ଏସ୍‌ପି ରାହୁଲ ଜୈନ ପ୍ରମୁଖ ଯୋଗଦେଇ ଅନୁଗୋଳରେ ଲାଗିଥିବା ଅତ୍ୟାଧୁନିକ ସିସିଟିଭିକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଉପବାଚସ୍ପତି ସିଂ କହିଥିଲେ ଯେ, ଏଣିକି ଅନୁଗୋଳ ସହରକୁ ଗୋଇନ୍ଦା କ୍ୟାମେରା ଜଗିବ। ତେବେ ଅପରାଧୀଙ୍କୁ ଧରିବାକୁ ହେଲେ ସାଧାରଣ ଲୋକମାନେ ପୋଲିସକୁ ସହଯୋଗ କରିବା ଆବଶ୍ୟକ ବୋଲି ଉପବାଚସ୍ପତି ମତ ଦେଇଥିଲେ। ଉଦ୍‌ଘାଟକ ଭାବେ ଯୋଗ ଦେଇଥିବା ପୋଲିସ ମହାନିର୍ଦ୍ଦେଶକ ଡା. ଶର୍ମା କହିଥିଲେ ଯେ, ଏହି ସ୍ମାର୍ଟ ସର୍ଭିଲେନ୍ସ ଓ ଆଇଟିଏମ୍‌ଏସ୍ ରାଜ୍ୟରେ ଶ୍ରେଷ୍ଠ ସର୍ଭିଲେନ୍ସ। ଭୁବନେଶ୍ୱର ସହ ରାଜ୍ୟର ୧୩ଟି ସହରରେ ସିସିଟିଭି ଖଞ୍ଜାଯାଇଛି। କିନ୍ତୁ ଅନୁଗୋଳ ଭଳି ଅତ୍ୟାଧୁନିକ ସିସିଟିଭି ଅନ୍ୟ କେଉଁ ସହରରେ ଲଗାଯାଇ ନାହିଁ। ଏଥିରେ ଥିବା ଫେସିଆଲ୍ ଆପ୍ ସହ ଅପରାଧୀଙ୍କ ଡାଟା ବେସ୍ ଷ୍ଟୋର କରାଯାଇଛି। ଫଳରେ ଅପରାଧୀମାନେ ଅନୁଗୋଳ ସହରରେ ଲାଗିଥିବା ଏହି କ୍ୟାମେରା ଲେନ୍ସରେ ଆସିବା ମାତ୍ରେ କଣ୍ଟ୍ରୋଲ ରୁମ୍‌ରେ ଆଲାମ୍ ବାଜିବ। ତାଳଚେର ବିଧାୟକ ପ୍ରଧାନ କହିଥିଲେ, ଆଗାମୀ ଦିନରେ ବଣ୍ଟଁରପାଳ, ଭୂଷଣ, ଜେଏସ୍‌ପିଏଲ ରୋଡ ଓ ପଞ୍ଚମହଲା ରାସ୍ତାରେ ସିସିଟିଭି ଲଗାଯିବ। ଲୋକଙ୍କ ପାଇଁ ଏହା ଏକ ମାଇଲ ଖୁଣ୍ଟ ହୋଇ ରହିବ ବୋଲି ସେ ମତ ଦେଇଥିଲେ। ଏହି ଅବସରରେ ଢେଙ୍କାନାଳ ଆଡିସିନାଲ ଏସ୍‌ପି ହରେକୃଷ୍ଣ ପ୍ରଧାନ, ନାବାଳିକା ବଳାତ୍କାର ମାମଲାର ତଦନ୍ତ ପାଇଁ ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ, ପିଟିସି ଇନ୍ସପେକ୍ଟର ପ୍ରୀତିମଞ୍ଜରୀ ମେଣ୍ଡୁଲି, ଇନ୍ସପେକ୍ଟର ନିର୍ମଳ ଚନ୍ଦ୍ର ନାୟକ, ଇନ୍ସପେକ୍ଟର ଅନୁପମା ସାହୁ, ଦେବଗଡ଼ ଜିଲାର ସବ୍‌ଇନ୍ସପେକ୍ଟର ସନ୍ତୋଷ କୁମାର ମିର୍ଦ୍ଧା ଓ ନାବାଳିକା ମାମଲା ପରିଚାଳନା କରିଥିବା ସ୍ପେଶାଲ ପି.ପି. ସରୋଜ କୁମାର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


## S.C.S. COLLEGE (AUTONOMOUS), PURI

### ADMISSION NOTICE: 2019-20

No.CAD-255:- Applications are invited for admission into the following Self-Financing Course offered under Utkal University for the session 2019-20 (PPP).

| Course | Annual Fee | Eligibility |
|---|---|---|
| 3-Yr. BBA Bachelor of Business Administration | Rs. 15,000/- | Minimum 40% in +2 or equivalent in any stream |

Scholarship: Available for eligible SC, ST, OBC & Minority Category.

The Application Form can be obtained from the college on all working days on payment of Rs. 100/- and the form duly filled in all respect should reach the Principal on or before 09.08.2019.

PRINCIPAL

06752-222310, 9776242247, 8249965294, 7873692880

11021/11/0001/1920



## OFFICE OF THE COLLECTOR & DISTRICT MAGISTRATE, KALAHANDI
(SOCIAL WELFARE SECTION)

No. 1406 Dt. 01.08.19

### Tender Call Notice

Sealed tenders are invited in the prescribed forms from the intending individuals/ Company/ Firms/ Corporations having valid agent's license for transportation of foodstuff under SNP/ SAG feeding Programme of Kalahandi District during the year 2019-20. The tender papers shall be received by the District Social Welfare Officer, Kalahandi by Regd. Post or Speed Post till 5 PM of 20.08.2019 and will be opened in the presence of the tenderers or their authorised representatives on dated 20.08.2019 at 5.30 PM at the office chamber of Collector, Kalahandi. The tender documents can be obtained from the District Social Welfare Officer, Kalahandi on payment of Rs. 10,000/- in shape of Bank Draft in favour of "District Social Welfare Officer, Kalahandi". The tender received beyond the date and time mentioned above shall not be taken into consideration. The cost of tender paper is not refundable.

Notwithstanding anything contained to the contrary in the tender document, the undersigned reserves the right to cancel or modify the "invitation for Bids" or to reject any or all of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision. The detailed terms and conditions may be downloaded from the District website www.kalahandi.nic.in.

Sd./- Collector, Kalahandi



ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ଇ-ନିଲାମ / ବିକ୍ରୟ ବିଜ୍ଞପ୍ତିର ଅବଶିଷ୍ଟାଂଶ.......

| କ୍ର. ନଂ. | ସଂରକ୍ଷିତ ମୂଲ୍ୟ | ଅମାନତ ଜମା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ସମ୍ପତ୍ତି କାଗଜ ପତ୍ର ତନଖିର ତାରିଖ | କ୍ଷମତାପ୍ରାପ୍ତ ଅଧିକାରୀ/ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମାର ପ୍ରମାଣ ଏବଂ ବିଡ୍/କେୱାଇସି କାଗଜପତ୍ର, ଅଂଶଗ୍ରହଣ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ | ଇ-ନିଲାମ ତାରିଖ ଏବଂ ସମୟ (ଯଦି କେହି ନିଲାମ ଶେଷ ୫ ମିନିଟ୍ ମଧ୍ୟରେ ନିଲାମ ଡାକ କରିଥାନ୍ତି ତେବେ ୫ ମିନିଟ୍ ଅସିମୀତ ସମୟ ସ୍ୱତଃ ବର୍ଦ୍ଧିତ ହେବ) |
|---|---|---|---|---|---|---|---|
| ୩୧. | ଟ.୮୪,୦୯,୧୦୦/- | ଟ.୮,୪୦,୯୧୦/- | ଟ.୧,୫୮,୭୭,୬୨୬/- + ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୧୮.୦୮.୨୦୧୬ / ୧୨.୧୨.୨୦୧୬ | ୧୩.୦୮.୨୦୧୯ ପର୍ଯ୍ୟନ୍ତ | ୧୭.୦୮.୨୦୧୯ ଅପରାହ୍ନ ୫.୦୦ଘଟିକା ପର୍ଯ୍ୟନ୍ତ | ୧୯.୦୮.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା |
| ୩୨. | ଟ.୧୦,୦୦,୦୦୦/- | ଟ.୧,୦୦,୦୦୦/- | ଟ.୮,୬୮,୮୯୧/- + ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୧୦.୦୩.୨୦୧୬ / ୨୦.୦୮.୨୦୧୬ | ୧୩.୦୮.୨୦୧୯ ପର୍ଯ୍ୟନ୍ତ | ୧୭.୦୮.୨୦୧୯ ଅପରାହ୍ନ ୫.୦୦ଘଟିକା ପର୍ଯ୍ୟନ୍ତ | ୧୯.୦୮.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା |
| ୩୩. | ଟ.୪୩,୮୨,୦୦୦/- | ଟ.୪,୩୮,୨୦୦/- | ଟ.୨୨,୩୪,୪୫୫/- + ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୨୫.୧୦.୨୦୧୬ / ୨୪.୦୧.୨୦୧୭ | ୧୩.୦୮.୨୦୧୯ ପର୍ଯ୍ୟନ୍ତ | ୧୭.୦୮.୨୦୧୯ ଅପରାହ୍ନ ୫.୦୦ଘଟିକା ପର୍ଯ୍ୟନ୍ତ | ୧୯.୦୮.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା |
| ୩୪. | | | ଟ.୧୭,୮୩,୮୧୧/- + ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | | | | |
| ୩୫. | ଟ.୨୮,୫୦,୦୦୦/- | ଟ.୨,୮୫,୦୦୦/- | ଟ.୧୩,୪୮,୦୩୭/- + ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୧୨.୦୮.୨୦୧୬ / ୦୮.୧୨.୨୦୧୬ | ୧୩.୦୮.୨୦୧୯ ପର୍ଯ୍ୟନ୍ତ | ୧୭.୦୮.୨୦୧୯ ଅପରାହ୍ନ ୫.୦୦ଘଟିକା ପର୍ଯ୍ୟନ୍ତ | ୧୯.୦୮.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା |
| ୩୬. | | | ଟ.୨୦,୭୩,୯୨୮/- + ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | | | | |
| ୩୭. | ଟ.୯,୪୦,୦୦୦/- | ଟ.୯୪,୦୦୦/- | ଟ.୧୭,୦୦,୧୭୨/- + ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୦୯.୦୧.୨୦୧୭ ଏବଂ (୨୦.୦୨.୨୦୧୭ ଖବର କାଗଜରେ ପ୍ରକାଶିତ / ୨୭.୦୪.୨୦୧୭ | ୧୩.୦୮.୨୦୧୯ ପର୍ଯ୍ୟନ୍ତ | ୧୭.୦୮.୨୦୧୯ ଅପରାହ୍ନ ୫.୦୦ଘଟିକା ପର୍ଯ୍ୟନ୍ତ | ୧୯.୦୮.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା |

**ନିୟମ ଏବଂ ସର୍ତ୍ତାବଳୀ :**

(୧) ସମ୍ପତ୍ତିଗୁଡିକ ବ୍ୟାଙ୍କ ଅନୁମୋଦିତ ସେବା ପ୍ରଦାନକାରୀ: **M/s C1 India Pvt. Ltd.**ଙ୍କ ଦ୍ୱାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରାଯିବ। (୨) ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମା, ଅନ୍‌ଲାଇନ ନିଲାମ ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ଆଦି ଇ-ନିଲାମ କାଗଜାତ୍ ୱେବ୍ ପୋର୍ଟାଲ **https://www.iob.bankeauctions.com**ରେ ଉପଲବ୍ଧ। (୩) ଇଚ୍ଛୁକ ନିଲାମଧାରୀମାନେ ଏକ ବୈଧ ଇମେଲ ଠିକଣା ରଖି, ଉପରୋକ୍ତ ସେବା ପ୍ରଦାନକାରୀଙ୍କର ୱେବ୍‌ସାଇଟରେ ଲଗଇନ୍ କରି ସେମାନଙ୍କର ନାମ/ଆକାଉଣ୍ଟ ପଞ୍ଜିକରଣ କରିବା ଦରକାର। ସେମାନଙ୍କୁ ସେବାପ୍ରଦାନକାରୀ ୟୁଜର ଆଇଡି ଏବଂ ପାସ୍‌ୱାର୍ଡ ପ୍ରଦାନ କରିବେ ଯାହାକୁ ସେମାନେ ଇ-ନିଲାମ ପ୍ରକ୍ରିୟାରେ ବ୍ୟବହାର କରିପାରିବେ। (୪) ବିଡ୍‌ଗୁଡିକ ଧାର୍ଯ୍ୟ ଫର୍ମାଟରେ "ଅନ୍ ଲାଇନ" ମାଧ୍ୟମରେ ପୋର୍ଟାଲ **https://www.iob.bankeauctions.com** କିମ୍ବା ବ୍ୟାଙ୍କର ମେଲ୍ ଆଇଡି **0815ro@iobnet.co.in** ଏବଂ **0815law@iob.in**ରେ ଅମାନତ ରାଶି (UTR ନମ୍ବର) ଦାଖଲର ପ୍ରମାଣ ଏବଂ ସ୍ୱହସ୍ତଲିଖିତ ଥିବା KYC କାଗଜପତ୍ରର ନକଲ ଯଥା: ଫଟୋ, ଭୋଟର ଆଇଡି କାର୍ଡ / ଡ୍ରାଇଭିଂ ଲାଇସେନ୍ସ/ ପାସ୍‌ପୋର୍ଟ / ପ୍ୟାନ୍‌କାର୍ଡ / ଆଧାରକାର୍ଡ ଏବଂ ଠିକଣା ପ୍ରମାଣପତ୍ର ଇତ୍ୟାଦି ସେବାପ୍ରଦାନକାରୀ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରେ କିମ୍ବା ସମ୍ପୃକ୍ତ ଶାଖାରେ ଉପରଦର୍ଶିତ ବିଡ୍ ଦାଖଲ ତାରିଖ ସୁଦ୍ଧା କିମ୍ବା ପୂର୍ବରୁ ଦାଖଲ କରିବେ। (୫) ଅମାନତ ରାଶି ଏବଂ ଅନ୍ୟାନ୍ୟ ଜମାଗୁଡିକ **EFT/NEFT/RTGS** ମାଧ୍ୟମରେ **"IOB E-Auction EMD Account", ସହୀଦ ନଗର ଶାଖା, ଭୁବନେଶ୍ୱରର ଆକାଉଣ୍ଟ ନଂ. 087302000001058, (IFSC: IOBA0000873)** ସପକ୍ଷରେ ପୈଠ କରାଯିବ ଏବଂ ଅମାନତ ରାଶି ଉପରେ କୌଣସି ସୁଧ ପ୍ରଦାନ କରାଯିବ ନାହିଁ। ସଫଳ ନିଲାମଧାରୀ ଦାଖଲ କରିଥିବା ଅମାନତ ରାଶିକୁ ବିକ୍ରୟ ମୂଲ୍ୟରେ ଭରଣା କରାଯିବ। (୬) ଅମାନତ ରାଶି ବିନା ପ୍ରସ୍ତାବଗୁଡିକ ବାତିଲ କରାଯିବ। (୭) ସମ୍ପତ୍ତିଗୁଡିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀଙ୍କ ମଧ୍ୟରେ ନିଲାମ ଡାକ ଦ୍ୱାରା ସମ୍ପନ୍ନ ହେବ। ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ନିମ୍ନରେ କ୍ଲଜ୍ ନଂ. ୧୯ରେ ଦର୍ଶିତ "ବିଡ୍ ବୃଦ୍ଧି ପରିମାଣ" ଅନୁସାରେ ବୃଦ୍ଧି କରିପାରିବେ। ଇ-ନିଲାମ ବନ୍ଦ ହେବାର ପୂର୍ବ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ। (୮) ସଫଳ ନିଲାମଧାରୀଙ୍କୁ ସମ୍ପତ୍ତି ବିକ୍ରୟ କରାଯିବ। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସଫଳ ନିଲାମଧାରୀ (କ୍ରେତା) ଘୋଷଣା ହେବାପରେ ସେ ସଙ୍ଗେସଙ୍ଗେ ବିକ୍ରୟ ମୂଲ୍ୟର ୨୫% (ଅମାନତ ରାଶି ଜମାକୁ ମିଶାଇ) ଦାଖଲ କରିବେ ଏବଂ ତାହା ପରବର୍ତ୍ତି କାର୍ଯ୍ୟ ଦିବସ ପରେ କିନ୍ତୁ ନୁହେଁ। ବିକ୍ରୟ ମୂଲ୍ୟର ଅବଶିଷ୍ଟ ଅର୍ଥରାଶି ନିଲାମ ବିକ୍ରୟ ଚୂଡାନ୍ତ ହେବାର ୧୫ ଦିନ ମଧ୍ୟରେ ପ୍ରଦାନ କରିବାକୁ ହେବ। ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମସ୍ତ ବିକ୍ରୟ ମୂଲ୍ୟ ପୈଠ ନକଲେ ବିକ୍ରୟ ମୂଲ୍ୟର ୨୫% ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବାଜ୍ୟାପ୍ତି କରାଯିବ ଏବଂ କ୍ରେତାଙ୍କ ସମ୍ପତ୍ତି ଉପରେ ସମସ୍ତ ଦାବି ବାଜ୍ୟାପ୍ତି କରାଯିବା ସହିତ ସମ୍ପତ୍ତି ପୁନଃ ବିକ୍ରୟ କରାଯିବ। (୯) ସମସ୍ତ ବିକ୍ରୟ ମୂଲ୍ୟ ଏବଂ ଅନ୍ୟାନ୍ୟ ଟିକସ/ଦେୟ ଯଦି ଥାଏ ତାହା ପ୍ରଦାନ କରିସାରିବା ପରେ କ୍ରେତାଙ୍କ ନାମରେ ବିକ୍ରୟ ସାର୍ଟିଫିକେଟ ପ୍ରଦାନ କରାଯିବ। (୧୦) ନିଲାମଧାରୀ/କ୍ରେତା ଜମି ହସ୍ତାନ୍ତରିତ ଫି ଯଥା: ରେଜିଷ୍ଟ୍ରେସନ ଫିସ୍, ଷ୍ଟାମ୍ପ ଡ୍ୟୁଟି, ଆଇନ୍‌ଗତ ଖର୍ଚ୍ଚ ଇତ୍ୟାଦି ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ତାହା ବହନ କରିବେ। (୧୧) କ୍ଷମତାପ୍ରାପ୍ତ ଅଧିକାରୀ/ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି ପ୍ରସ୍ତାବକୁ ଗ୍ରହଣ/ବାତିଲ କିମ୍ବା ବିକ୍ରୟକୁ ସ୍ଥଗିତ/ବାତିଲ କରିବାର ଅଖଣ୍ଡ କ୍ଷମତା ରହିଛି। (୧୨) ସମ୍ପତ୍ତିଗୁଡିକ **"ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି ଏବଂ ଯାହା ଯେପରି ସେଠାରେ ଅଛି"** ଭିତ୍ତିରେ ବିକ୍ରୟ କରାଯିବ। ବ୍ୟାଙ୍କ ସମସ୍ତ ଜ୍ଞାତ ଏନକମ୍ବ୍ରାନ୍ସ, ବୈଧାନିକ ଦେୟ ଯଦି କିଛି ଥାଏ ତାହା ପ୍ରକାଶ କରିଛି ଏବଂ ଏହା କ୍ରେତାଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ କି ସେ ନିଲାମରେ ଅଂଶ ଗ୍ରହଣ କରିବା ପୂର୍ବରୁ ନିଜ ଖର୍ଚ୍ଚରେ ନିଜେ ସମ୍ପତ୍ତିର ସ୍ୱତନ୍ତ୍ର ଅନୁସନ୍ଧାନ କରିବା ଉଚିତ୍। (୧୩) ଉପରଦର୍ଶିତ ବୈଧାନିକ ଦେୟ ଠାରୁ ବ୍ୟାଙ୍କର ଦେୟକୁ ଅଗ୍ରାଧିକାର ଦିଆଯିବ। ଏହାବ୍ୟତିତ ଯଦି କିଛି ବୈଧାନିକ ଦେୟ ଥାଏ ତାହାକୁ କ୍ରେତା ବହନ କରିବେ ଏବଂ ବ୍ୟାଙ୍କର ଏବିଷୟରେ କୌଣସି ଦାୟୀତ୍ୱ ରହିବ ନାହିଁ। (୧୪) ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବିକ୍ରୟ ଚୂଡାନ୍ତ ହେବ। (୧୫) ସମ୍ପତ୍ତିଗୁଡିକର ଇ-ନିଲାମ ସମାପ୍ତ ପରେ ଅସଫଳ ନିଲାମଧାରୀମାନଙ୍କୁ ସେମାନଙ୍କର ଅମାନତ ରାଶି ବିଡ୍ ଫର୍ମରେ ସେମାନେ ଦର୍ଶାଇଥିବା ସେମାନଙ୍କ ଆକାଉଣ୍ଟ ନମ୍ବରକୁ EFT/NEFT/RTGS ମାଧ୍ୟମରେ ଫେରସ୍ତ କରାଯିବ ଏବଂ ସେମାନଙ୍କ ଇ-ମେଲ ଆଇଡି ମାଧ୍ୟମରେ ଜଣାଇ ଦିଆଯିବ। (୧୬) ଇ-ନିଲାମ ବିଜ୍ଞାପନଟି ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିନିଧିତ୍ୱ କିମ୍ବା କୌଣସି ପ୍ରତିଶୃତି ବହନ କରୁଛି ବୋଲି ବିଚାର କରାଯିବ ନାହିଁ। କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷର ଦାବି/ଅଧିକାର/ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। (୧୭) ଆୟକର ଆଇନ ୧୯୬୧ ଧାରା ୧୯୪ ଆଇ.ଏ. ଅନୁସାରେ ସଂରକ୍ଷିତ ମୂଲ୍ୟର ୧% ଆୟକର କାଟିଦିଆଯିବ ଏବଂ ତାହା କ୍ରେତାଙ୍କ ପ୍ୟାନ୍ ନମ୍ବରରେ ଜମା କରାଯିବ। ଯେହେତୁ ସଂରକ୍ଷିତ ମୂଲ୍ୟ ଉପରେ ଟ୍ୟାକ୍ସ ଗଣନା କରାଯାଇଛି, ତେଣୁ ନିଲାମଧାରୀ ବିଡ୍‌ର ଗୁଣିତକ ରାଶି ଉପରେ ୧% ଆୟକର ପରିମାଣ ବହନ କରିବେ ଏବଂ ଏଥିରେ ବ୍ୟାଙ୍କ କୌଣସି ଦାୟିତ୍ୱ ନେବନାହିଁ। (୧୮) ଇ-ନିଲାମ/ ସମ୍ପତ୍ତି ଯାଞ୍ଚ ଓ ସବିଶେଷ ବିବରଣୀ ପାଇଁ ଇଚ୍ଛୁକ ନିଲାମଧାରୀମାନେ ଯୋଗାଯୋଗ କରନ୍ତୁ: ସଂପୃକ୍ତ ଶାଖା ପ୍ରବନ୍ଧକ କିମ୍ବା **Chief Manager cum Authorized Officer, Mob.: 7077643300, 9962126173 & Asst. General Manager cum Authorised Officer, Mob: 8758623041, Indian Overseas Bank, Regional Office, Bhubaneswar, Phone No. : 0674-2540032, E-mail: 0815ro@iobnet.co.in & 0815law@iob.in** କିମ୍ବା ବ୍ୟାଙ୍କର ଅନୁମୋଦିତ ସେବା ପ୍ରଦାନକାରୀ: **M/s C1 India Pvt. Ltd., Udyog Vihar, Phase-2, Gulf Petrochem Building, Building No.: 301, Gurgaon, Haryana, Pin-122015, Support Mail id: support@bankeauctions.com, Support Land Line No.: +91 124 4302020/2021/2023/2024, Support Mobiles Nos.: +917291981124/25/26, Portal: https://www.bankeauctions.com, Web: www.c1india.com, Email ID: support@c1india.com, Contact Person: Mr. Kingshuk Ghosh, Mob: 9836311889, E-mail: kolkata@c1india.com** . (୧୯) ଉପରଦର୍ଶିତ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ବିଡ୍ ବୃଦ୍ଧି ରାଶି **ଟ.୩୦,୦୦୦/-** ରଖାଯାଇଛି। (୨୦) ଏହି ପ୍ରକାଶନଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ ୯(୧) ଅନୁଯାୟୀ ଉପରୋକ୍ତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନିମନ୍ତେ ୧୫ ଦିନିଆ ନୋଟିସ୍ ଅଟେ।

ତାରିଖ: ୦୨.୦୮.୨୦୧୯, ସ୍ଥାନ: ଭୁବନେଶ୍ୱର — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ



## ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

**No. RDM-LAA-JAJ-0008-2019/ 17827 R&DM, Dated 26.06.2019**

**No. XXIV-20:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଯାଜପୁର ଜିଲ୍ଲାର ରେଙ୍ଗାଲୀ ବାମପାର୍ଶ୍ୱ କେନାଲର ସୁକିନ୍ଦା କେନାଲ ଓ ମାଧପୁର କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ମାଧପୁର (ପଞ୍ଚମ ଅତିରିକ୍ତ), ଥାନା- ସୁକିନ୍ଦା ନଂ.୧୦୩, ତହସିଲ- ସୁକିନ୍ଦା, ଜିଲ୍ଲା- ଯାଜପୁରରେ ନିମ୍ନ ତଫସିଲମତେ ପ୍ରାୟ ଏ.୪.୨୪ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ରେଙ୍ଗାଲୀ ବାମପାର୍ଶ୍ୱ କେନାଲର ସୁକିନ୍ଦା କେନାଲ ଓ ମାଧପୁର କେନାଲ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ବାମପାର୍ଶ୍ୱ କେନାଲ ଡିଭିଜନ-୧, ସୁକିନ୍ଦା।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଯାଜପୁର | ସୁକିନ୍ଦା | ମାଧପୁର (ପଞ୍ଚମ ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୧୧.୫୩ | ଏ. ୪.୨୪ | ଏଥିସହିତ ସଂଲଗ୍ନ |

• ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏକର ୦.୭୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁକିନ୍ଦା, ଜିଲ୍ଲା- ଯାଜପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ

ସ୍ୱା./- (ଅଭୟ କୁମାର ନାୟକ) ଅତିରିକ୍ତ ଶାସନ ସଚିବ

## ଜମି ଅନୁସୂଚୀ

ଗ୍ରାମର ନାମ: ମାଧପୁର (ପଞ୍ଚମ ଅତିରିକ୍ତ), ଥାନାର ନାମ: ସୁକିନ୍ଦା ନଂ. ୧୦୩, ତହସିଲ: ସୁକିନ୍ଦା, ଜିଲ୍ଲା: ଯାଜପୁର

ଜମି ଅଧିଗ୍ରହଣ କେସ୍ ନଂ.: /

| କ୍ର. ନଂ. | ଖତିୟାନ ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା (ଏକରରେ) | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧୩ | ୨୦୫୧ | ୧.୮୩ | ୦.୦୪ | ଅଲେଖ ପ୍ରସାଦ ପଟ୍ଟନାୟକ, ପିତା: ନିଶାକର ପଟ୍ଟନାୟକ, ଜା: କରଣ, ବା: ନିଜଗାଁ | |
| ୨ | ୨୪ | ୧୮୭୯ | ୦.୨୬ | ୦.୧୬ | ଅଲମା ନିଶା ବିବି, ସ୍ୱାମୀ: ଅଜମିର ଖାଁ, ଜା: ମୁସଲମାନ, ବା: ନିଜିଗଡ଼ | |
| ୩ | ୭୬ | ୧୯୧୨ | ୦.୩୦୭ | ୦.୦୬ | କୃଷ୍ଣଚନ୍ଦ୍ର ବେହେରା, ପିତା: ମୁରଲିଧର ବେହେରା, ଜା: ଭଣ୍ଡାରି, ବା: ନିଜଗାଁ | |
| ୪ | ୯୨ | ୧୫୨୫ | ୦.୪୪ | ୦.୩୯ | ଖଗେଶ୍ୱର ବେହୁରା, ପିତା: ଗଦାଧର ବେହୁରା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୫ | ୧୧୨ | ୧୮୭୮/୨୮୩୧ | ୦.୨୦ | ୦.୧୦ | ଗଣେଶ ଚନ୍ଦ୍ର ଓଝା, ପିତା: କାଳନ୍ଦି ଓଝା ଓଗେର, ଜା: ବଢ଼େଇ, ବା: ନିଜିଗଡ଼ | |
| ୬ | ୧୮୩ | ୨୦୫୦ | ୧.୪୧ | ୦.୩୨ | ଦାମୋଦର ବେହୁରା, ପିତା: ପ୍ରଭାକର ଉଦୟ ସିଂ, ଜା: ଖଣ୍ଡାୟତ, ବା: ନିଜିଗଡ଼ | |
| ୭ | ୪୨୨ | ୧୮୮୫ | ୦.୪୫ | ୦.୨୦ | ରତ୍ନାକର ବେହୁରା, ପିତା: ଗଦାଧର ବେହୁରା, ଜା: ଖଣ୍ଡାୟତ, ବା: ନିଜିଗଡ଼ | |
| ୮ | ୪୨୮ | ୨୦୫୩/୨୬୭୪ | ୦.୨୯ | ୦.୨୯ | ରବିନ୍ଦ୍ର କୁମାର ବେହୁରା, ପିତା: ଦାମୋଦର ବେହୁରା, ଜା: ଖଣ୍ଡାୟତ, ବା: ନିଜିଗଡ଼ | |
| ୯ | ୪୫୬ | ୧୫୧୮ | ୦.୩୪ | ୦.୨୭ | ଲକ୍ଷ୍ମୀଧର ବାରିକ, ପିତା: ଶ୍ରୀଧର ବାରିକ ଓଗେର, ଜା: ଭଣ୍ଡାରି, ବା: ନିଜିଗଡ଼ | |
| ୧୦ | ୪୭୦ | ୧୨୪୪ | ୦.୨୪ | ୦.୧୯ | ଅବଦୁଲ ସକୁର, ଅବଦୁଲ ସଲାମ, ପିତା: ସେକ୍ ଅବଦୁଲ, ବା: ଢେଙ୍କାନାଳ | |
| ୧୧ | ୪୯୦ | ୧୫୧୫ | ୦.୧୪ | ୦.୦୧ | ଶରତ ଚନ୍ଦ୍ର ବେହୁରା, ପିତା: ଦାମୋଦର ବେହୁରା, ଜା: ଖଣ୍ଡାୟତ, ବା: ନିଜିଗଡ଼ | |
| ୧୨ | | ୧୫୨୧ | ୦.୨୪ | ୦.୨୪ | ଶରତ ଚନ୍ଦ୍ର ବେହୁରା, ପିତା: ଦାମୋଦର ବେହୁରା, ଜା: ଖଣ୍ଡାୟତ, ବା: ନିଜିଗଡ଼ | |
| ୧୩ | ୪୯୪ | ୧୮୭୮ | ୦.୧୫ | ୦.୧୫ | ସରସ୍ୱତୀ ଦାସ, ସ୍ୱାମୀ: ଲକ୍ଷ୍ମଣ ଦାସ, ଜା: ଖଣ୍ଡାୟତ, ବା: ନିଜିଗଡ଼ | |
| ୧୪ | | ୧୮୮୪ | ୦.୮୭ | ୦.୩୫ | ସରସ୍ୱତୀ ଦାସ, ସ୍ୱାମୀ: ଲକ୍ଷ୍ମଣ ଦାସ, ଜା: ଖଣ୍ଡାୟତ, ବା: ନିଜିଗଡ଼ | |
| ୧୫ | ୫୫୪ | ୧୮୭୭ | ୦.୨୫ | ୦.୨୧ | ହାରୁନ୍ ନିଶା ବିବି, ସ୍ୱାମୀ: ସେକ୍ ମହମ୍ମଦ, ବା: ନିଜିଗଡ଼ | |
| ୧୬ | ୫୬୪/୧୨୩ | ୧୮୮୧ | ୦.୫୫ | ୦.୧୨ | ହେମନ୍ତ କୁମାରୀ ସିଂଦେଓ, ସ୍ୱାମୀ: ମୃତ୍ୟୁଞ୍ଜୟ ସିଂ ଦେଓ, ଜା: କ୍ଷତ୍ରିୟ, ବା: ନିଜିଗଡ଼ | |
| ୧୭ | ୫୬୪/୧୩୫ | ୧୨୪୮/୩୧୫୦ | ୧.୧୨ | ୦.୨୨ | ସନାତନ ମହାନ୍ତ, ପିତା: ଚାମୁଣ୍ଡ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୧୮ | ୫୬୪/୨୦୬ | ୧୫୧୭ | ୦.୧୧ | ୦.୦୩ | ଲକ୍ଷ୍ମୀଧର ବେହୁରା, ପିତା: କାର୍ତ୍ତିକ ବେହୁରା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୯ | | ୧୫୨୦ | ୦.୧୧ | ୦.୦୪ | ଲକ୍ଷ୍ମୀଧର ବେହୁରା, ପିତା: କାର୍ତ୍ତିକ ବେହୁରା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୦ | ୫୬୪/୩୦୨ | ୧୫୩୩ | ୦.୩୯ | ୦.୧୫ | ସୁରମା ବଳ, ସ୍ୱାମୀ: ପିତାମ୍ବର ବଳ, ଜା: ଖଣ୍ଡାୟତ, ବା: ରାଉରକେଲା (ବାସନ୍ତିନଗର) | |
| ୨୧ | ୧୩ | ୨୦୫୧ | ୧.୮୩ | ୦.୭୦ | ଅଲେଖ ପ୍ରସାଦ ପଟ୍ଟନାୟକ, ପିତା: ନିଶାକର ପଟ୍ଟନାୟକ | ଶ୍ମଶାନ ବଦଳି |
| | | | ମୋଟ | ୪.୨୪ | | |

ଗ୍ରାମର ମୋଟ ପ୍ଲଟ୍ ସଂଖ୍ୟା: ୨୦ (କୋଡ଼ିଏ), ମୋଟ ଅଧିଗୃହୀତ ଜମି: ୪.୨୪ ଏକର

24001/14/0084/1920



ନିଜକୁ ସମାଲୋଚନା କରିବାର କଳା ଯେ ଶିଖିଛି,
ସେ ଉନ୍ନତି ପଥରେ ନିଶ୍ଚୟ ଆଗେଇ ଯାଇଛି।
- ଫ୍ରାଙ୍କ୍ଲିନ୍



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ସଙ୍ଗିନୀ ଗ୍ରୁପ୍ସ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ଶ୍ରାବଣ ସନ୍ଧ୍ୟା', ଭାରତୀୟ ବିଦ୍ୟା ଭବନ , ୟୁନିଟ-୩, ଅପରାହ୍ନ ୪ଟା।
- ଉତ୍ତରପୁରୁଷ ପକ୍ଷରୁ 'ନାଟ୍ୟଶାଳା ରଙ୍ଗ ଭାରତୀ-୧୨', ରେଡକ୍ରସ ଭବନ, ସନ୍ଧ୍ୟା ୬ଟା ୩୦ରୁ ରାତି ୯ଟା।
- ସଂସ୍କୃତି ବିକାଶ ସଂସଦ ପକ୍ଷରୁ ମୂକାଭିନୟ ନାଟକ, ବିଜୁ ନାଟ୍ୟକେନ୍ଦ୍ର ମଞ୍ଚ, ଭିଆଇପି କଲୋନୀ, ନୟାପଲ୍ଲୀ, ସନ୍ଧ୍ୟା ୭ଟା।

କୋଣାର୍କ

- କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମର ପ୍ରତିଷ୍ଠା ଦିବସ, ଶିକ୍ଷାଶ୍ରମ ପରିସର, କୋଣାର୍କ, ପୂର୍ବାହ୍ନ ୧୦ଟା ୩୦।

## ଇଣ୍ଡିଆନ ଆଇଡଲ ଅଡିଶନ ଦେଲେ ୬୮୨ ପ୍ରତିଯୋଗୀ

**ଭୁବନେଶ୍ୱର,୨-୮:** ସୋନି ଟିଭି ପକ୍ଷରୁ ଇଣ୍ଡିଆନ ଆଇଡଲର ଅଡିଶନ ସ୍ଥାନୀୟ ଡୁନ୍ ଇଣ୍ଟରନ୍ୟାଶନାଲ ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଇଣ୍ଡିଆନ ଆଇଡଲର ପୂର୍ବ ପ୍ରତିଯୋଗୀ ରେଣୁ ନାଗର ଏବଂ ବିଶ୍ୱଜିତ୍ ମହାପାତ୍ର ଉପସ୍ଥିତ ରହି ପ୍ରତିଭାଙ୍କୁ ଚୟନ କରିଥିଲେ। ମୋଟ ୬୮୨ ପ୍ରତିଯୋଗୀ ଅଡିଶନରେ ଭାଗ ନେଇଥିଲେ। ପ୍ରତିଯୋଗୀମାନେ ସେମାନଙ୍କ ମ୍ୟୁଜିକାଲ ଟ୍ୟାଲେଣ୍ଟକୁ ଏଠାରେ ପ୍ରଦର୍ଶନ କରିଥିଲେ। ଦେଶର ଡେରାଡୁନ, କଲିକତା, ଲକ୍ଷ୍ନୌ, ଇନ୍ଦୋର, ଚଣ୍ଡିଗଡ, ନାଗପୁର ଭଳି ସହରରେ ଅଡିଶନମାନ ଅନୁଷ୍ଠିତ ହେବ। ସେହିଭଳି ପରବର୍ତ୍ତୀ ଅଡିଶନ ୪ ଅଗଷ୍ଟରେ ଗୁଆହାଟୀଠାରେ ହେବ।

## ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଅବଧି ବଢ଼ାଇବା ଦାବି

**ଭୁବନେଶ୍ୱର,୨।୮(ବ୍ୟୁରୋ):** ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଶସ୍ୟବୀମା ଯୋଜନା ଅନ୍ତର୍ଭୁକ୍ତ ହେବାର ଅବଧି ଜୁଲାଇ ୩୧ରେ ଶେଷ ହୋଇଯାଇଛି। ରାଜ୍ୟର ଲକ୍ଷ ଲକ୍ଷ ଚାଷୀ ବୀମା କରି ପାରିନାହାନ୍ତି। ସ୍ୱଳ୍ପ ବୃଷ୍ଟିପାତ ଓ ମୌସୁମୀ ଆସିବାରେ ବିଳମ୍ବ ଯୋଗୁ ରାଜ୍ୟର ଚାଷ କାର୍ଯ୍ୟ ପଛେଇ ଯାଇଛି। ଅନେକ ସ୍ଥାନରେ ତଳି ରୁଆ ହେବାକୁ ବସିଲାଣି। ଆଗାମୀ ଦିନରେ ଯଦି ମରୁଡ଼ି ପରିସ୍ଥିତି ସୃଷ୍ଟି ହୁଏ ତେବେ ରାଜ୍ୟର ବହୁ ଚାଷୀ ଶସ୍ୟବୀମା ଯୋଜନାରେ ବୀମା ରାଶି ପାଇବାରୁ ବଞ୍ଚିତ ହେବେ। ତେଣୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାକୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ ବଢ଼େଇବାକୁ ସମାଜବାଦୀ ପାର୍ଟି ଦାବି କରିଛି। ଏ ନେଇ ସମାଜବାଦୀ ପାର୍ଟିର ରାଜ୍ୟ ସଭାପତି ରବି ବେହେରା ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ସାହାଯ୍ୟରେ ଅବଗତ କରାଇଛନ୍ତି। ଉକ୍ତ ଚିଠିରେ ଶସ୍ୟବୀମାର ଅବଧି ୨ ସପ୍ତାହ ବୃଦ୍ଧି କରିବା ଲାଗି ଉଲ୍ଲେଖ କରିଛନ୍ତି।

## ପ୍ରତି ରବିବାର ସଫା ହେବ ମହାପୁରୁଷଙ୍କ ପ୍ରତିମୂର୍ତ୍ତି

**ଭୁବନେଶ୍ୱର,୨।୮(ବ୍ୟୁରୋ):** ସହରର ବିଭିନ୍ନ ଛକରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ଆଉ ଅପରିଷ୍କାର ହୋଇ ପଡ଼ି ରହିବନି। ଏଣିକି ପ୍ରତି ରବିବାର ମହାପୁରୁଷଙ୍କ ମୂର୍ତ୍ତି ସଫା କରିବା ଲାଗି ଗଠନ କରାଯାଇଛି 'ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ'। ବରିଷ୍ଠ ସାମ୍ବାଦିକ ତଥା ଅଭିଯାନର ଅଧକ୍ଷ ପ୍ରଦ୍ୟୁମ୍ନ ଶତପଥୀଙ୍କ ନେତୃତ୍ୱରେ ଗଠନ କରାଯାଇଛି ଏହି ଅଭିଯାନ। ସବୁ ରବିବାର ସକାଳ ୮ଟା ରୁ ୧୦ଟା ଯାଏ ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସଫା କରାଯିବ। ଶୁକ୍ରବାର ପ୍ରଥମେ ଆରମ୍ଭ କରି ଗୋପବନ୍ଧୁ ଛକରେ ଥିବା ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ପ୍ରତିମୂର୍ତ୍ତିକୁ ସଫା କରି ସେଠାରେ ସେବତୀ ଓ ବଉଳ ଚାରା ମଧ ଲଗାଯାଇଛି। ଇଚ୍ଛୁକ ବ୍ୟକ୍ତିମାନେ ଆସନ୍ତା ରବିବାର ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତି ନିକଟରେ ସକାଳ ୮ଟା ପୂର୍ବରୁ ପହଞ୍ଚି ଶ୍ରମଦାନ କରିପାରିବେ ବୋଲି ଅଭିଯାନର ଅଧକ୍ଷ ଶତପଥୀ କହିଛନ୍ତି। ପ୍ରଥମ ଦିନର କାର୍ଯ୍ୟକ୍ରମରେ ସଂଯୋଜକ କିଶନ ବରାଇ, ବିଜୟ ପରିଡ଼ା, ନାରାୟଣ ଚନ୍ଦ୍ର ଓଝା, ମୋହନ ବଳିୟାରସିଂ, ବିଶ୍ୱଜିତ୍ ସ୍ୱାଇଁ, ଅସିତ୍ ଦାସ, ନବକିଶୋର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଶ୍ରମଦାନ କରିଥିଲେ।

# ମୃତ୍ୟୁର ଆଁ ମେଲିଥିଲା
# ରହସ୍ୟମୟ ପାଣି ସମ୍ପ



**ଭୁବନେଶ୍ୱର, ୨।୮ (ବ୍ୟୁରୋ)**

ସତେ ଯେମିତି ମୃତ୍ୟୁର ଆଁ ମେଲି ରହିଥିଲା ସେହି ନିର୍ମାଣାଧୀନ ଘରର ପାଣି ସମ୍ପ୍। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପୁରୀ ବାଇପାସ୍ ରୋଡ୍ ପାର୍ଶ୍ୱ ପଳାଶୁଣୀ ଓ ପାଣ୍ଡରା ଛକ ମଧବର୍ତ୍ତୀ ଅଞ୍ଚଳରେ ଥିବା ଏହି ସମ୍ପ୍ ୩ଜଣଙ୍କ ଜୀବନ ନେବା ପରେ ଘଟଣା ପୂରା ରହସ୍ୟମୟ ହୋଇଯାଇଛି। ଏଠାରେ କାର୍ଯ୍ୟକରୁଥିବା ଶ୍ରମିକ ଠିକାଦାର ପଶ୍ଚିମବଙ୍ଗ ପୂର୍ବ ମେଦିନାପୁର ଅଞ୍ଚଳର ସମିରନ୍ ମୁନିୟାନ, ଶ୍ରମିକ ଭ୍ରିଗୁରାମ ମଣ୍ଡଳ ଓ ବାସୁଦେବ ମଣ୍ଡଳଙ୍କ ମୃତଦେହ ସମ୍ପ୍ ପାଣିରୁ ଉଦ୍ଧାର କରାଯାଇଥିଲା। ତେବେ କେମିତି, କାହିଁକି ଓ କେଉଁ ପରିସ୍ଥିତିରେ ୩ ଜୀବନ ଅକାଳରେ ଚାଲିଗଲା ତାହାକୁ ନେଇ ଏବେ ଉଠିଛି ପ୍ରଶ୍ନ।




### ଶ୍ୱାସରୁଦ୍ଧ ହୋଇ ପାଣିରେ ବୁଡ଼ିଯାଇଥିବା ଆଶଙ୍କା

ଉକ୍ତ ନିର୍ମାଣାଧୀନ ଘରେ ରହି ମୃତ ତିନିଜଣଙ୍କ ସହ ପ୍ରଶାନ୍ତ ପାତ୍ର, କାଳିପଦ କ୍ରାମନା, ଉତ୍ପଳ ଦାସ ଓ ବିଶାରୂପ ରଞ୍ଜିତ କାର୍ଯ୍ୟ କରୁଥିଲେ। ପ୍ରଶାନ୍ତଙ୍କ କହିବାନୁସାରେ, ସମ୍ପଟି ୧୦ ଫୁଟ ଓସାର ୧୨ ଫୁଟ ଲମ୍ବର ହୋଇଥିବାବେଳେ ଗଭୀର ପାଖାପାଖି ୧୦ ଫୁଟ ଥିଲା। ସମିରନ ଓ ଭ୍ରିଗୁରାମ କାମ କରୁଥିବାବେଳେ ବାସୁଦେବ ରୋଷେଇ କରୁଥିଲେ। ନିକଟରେ ସମ୍ପଟିର ଉପର ଛାତ ପଡ଼ିଥିଲା। ସିଣ୍ଟରିଂ ଖୋଲିବା ପାଇଁ ସମିରନ ଓ ଭ୍ରିଗୁରାମ ତାହା ଭତରକୁ ପଶିଥିବା ଆଶା କରାଯାଉଛି। ଭିତରେ ଶ୍ୱାସରୁଦ୍ଧ ହୋଇ ଚିତ୍କାର କରିବା ପରେ ରୋଷେଇ କରୁଥିବା ବାସୁଦେବ ତା' ଭିତରକୁ ପଶିବା ପରେ ସେ ମଧ ଫସିଯାଇଛନ୍ତି। ଉଦ୍ଧାର କରିବାକୁ ଚେଷ୍ଟା କରି ନିଜେ ବିପଦରେ ପଡିଯାଇଛନ୍ତି। ତେବେ ଅସୁସ୍ଥ ହୋଇପଡିବା ପରେ ଉପରକୁ ଉଠିବାର ସୁବିଧା ନ ଥିବାରୁ ସମସ୍ତେ ପାଣିରେ ବୁଡ଼ିଯାଇଥାଇ ପାରନ୍ତି ବୋଲି ପ୍ରଶାନ୍ତ କହିଛନ୍ତି।

### ସିମେଣ୍ଟ-ରେ ମିଶିଥିଲା କେମିକାଲ

ଅନ୍ୟପକ୍ଷରେ ଦେଖିବାକୁ ଗଲେ ଲୁହାରେ କଳଙ୍କି ଓ ଉଈ ନ ଲାଗିବା ପାଇଁ ସିମେଣ୍ଟରେ ଏକ ପ୍ରକାର କେମିକାଲ ଦିଆଯାଇଥାଏ। ଉକ୍ତ ନିର୍ମାଣାଧୀନ ଘରୁ କେମିକାଲ ଡବା ମଧ ମିଳିଛି। ଛାତ ପଡ଼ିବା ପରେ ପ୍ରାୟ ୨ ମାସ ହେବ ସମ୍ପଯି ବନ୍ଦ ହୋଇ ରହିଥିଲା। ତେଣୁ ସ୍ୱାଭାବିକ ଭାବେ ସମ୍ପ୍ ଭିତରେ ଅମ୍ଳଜାନ ଅଭାବ ରହିଥିବ। ପୁଣି କେମିକାଲ ଗ୍ୟାସ୍ ଆହୁରି ମାରାତ୍ମକ ହୋଇଥିବ। ମୃତଦେହଗୁଡିକୁ ଉଦ୍ଧାର କରିବା ସମୟରେ ଅନ୍ୟ ଶ୍ରମିକମାନେ ମଧ ସେଭଳି କିଛି ଅନୁଭବ କରିଥିଲେ। କିଛି ସମୟ ପାଇଁ ମୁଣ୍ଡ ବୁଲାଇବା ସହ ବନ୍ତି ଲାଗିଥିଲା ବୋଲି ଉତ୍ପଳ କହିଛନ୍ତି।







### ଅଧା ରହିଗଲା ରୋଷେଇ

ରୋଷେଇ ଦାୟିତ୍ୱରେ ଥିଲେ ବାସୁଦେବ। ଭାତ ରୋଷଇ ସାରି ଦେଇଥିବାବେଳେ ପରିବା ଓ ମାଛ କାଟି ରଖିଥିଲେ। ଆଉ କିଛି ସମୟ ପରେ ରୋଷେଇ ସରିଥାନ୍ତା। ସମସ୍ତେ ମିଳିମିଶି ଖାଇଥାନ୍ତେ। ହେଲେ ଏହାପୂର୍ବରୁ ବାସୁଦେବଙ୍କ ସମେତ ୩ ଜୀବନ ନେଇଗଲା ନିଜେ ତିଆରି କରୁଥିବା ପାଣି ସମ୍ପ୍। ମୃତଦେହକୁ ଉଦ୍ଧାର କରିସାରିବା ପରେ ରୋଷେଇ ଘରେ ବାହୁନି କାନ୍ଦୁଥିଲେ ସହଯୋଗୀ ଶ୍ରମିକ ପ୍ରଶାନ୍ତ ଓ ଉତ୍ପଳଙ୍କ ସମେତ ଅନ୍ୟମାନେ। ବନ୍ଧୁଙ୍କୁ ହରାଇ ସମସ୍ତେ ପୂରା ଭାଙ୍ଗିପଡିଛନ୍ତି।

### ବିନା ସୁରକ୍ଷାରେ କାର୍ଯ୍ୟ କରୁଥିଲେ

ନିର୍ମାଣାଧୀନ ଘରେ କାର୍ଯ୍ୟରତ ଶ୍ରମିକମାନେ ଅସୁରକ୍ଷିତ ଭାବେ ରହୁଥିଲେ। ଏପରିକି କାର୍ଯ୍ୟ କରୁଥିବା ସମୟରେ କୌଣସି ସୁରକ୍ଷା ସରଞ୍ଜାମ ବ୍ୟବହାର କରୁ ନ ଥିଲେ। ସମ୍ପ୍ ଭିତରେ ଅମ୍ଳଜାନ ଅଭାବ ହେଉ ଅବା ବିଷାକ୍ତ କେମିକାଲ ଜୀବନ ନେଇଥାଉ, ଶ୍ରମିକମାନେ ସୁରକ୍ଷା ସରଞ୍ଜାମ ବ୍ୟବହାର କରିଥିଲେ ହୁଏତ ଏପରି ଦୁଃଖଦ ଘଟଣା ଘଟି ନ ଥାନ୍ତା ବୋଲି ଘଟଣାସ୍ଥଳରେ ଉପସ୍ଥିତି ଲୋକେ ଓ ଅଗ୍ନିଶମ କର୍ମଚାରୀ କହିଛନ୍ତି। ଠିକାଦାରମାନେ ଅଧିକ ଲାଭ ଆଶାରେ ଏଭଳି ରାଜଧାନୀର ଅଧିକାଂଶ ସ୍ଥାନରେ ଶ୍ରମିକମାନଙ୍କୁ ବିନା ସୁରକ୍ଷା ବ୍ୟବସ୍ଥାରେ ବିପଜ୍ଜନକ କାର୍ଯ୍ୟରେ ନିୟୋଜିତ କରୁଥିବା ନଜର ରହିଛି।


ପ୍ରଶାନ୍ତ


ନାଟ୍ୟସଂସ୍ଥା ଜୀବନରେଖା ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ପରିବେଷିତ ନାଟକ 'ଚୁପ ! କୋର୍ଟଚାଲିଛି'ର ଏକ ଦୃଶ୍ୟ।

## ଗାଡ଼ି ଧକ୍କାରେ ଯୁବକ ମୃତ

**ଭୁବନେଶ୍ୱର, ୨।୮(ବ୍ୟୁରୋ)**

ମଞ୍ଚେଶ୍ୱର ଥାନା ଗଙ୍ଗୁଆ ଓଭରବ୍ରିଜ ଉପରେ ଶୁକ୍ରବାର ରାତି ୯ଟାରେ ଏକ ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କର ପରିଚୟ ଜଣାପଡି ନାହିଁ। ସୂଚନା ମୁତାବକ, ଯୁବକ ଜଣକ ଏକ ବାଇକ(ଓଆର ୦ ୪ଏନ୍ ୨୦୩୨)ରେ କଟକରୁ ଭୁବନେଶ୍ୱର ଫେରୁଥିବାବେଳେ ଏକ ଗାଡ଼ି ପଛପଟୁ ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଫଳରେ ସେ ଛିଟିକି ପଡି ଗୁରୁତର ହୋଇଥିଲେ। ପୋଲିସ ପହଞ୍ଚି ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କର ମୃତ ଘୋଷଣା କରିଥିଲେ।

# ନାବାଳକଙ୍କ ଗୋଡ଼ରେ ବେଡ଼ି ପକାଇ ନିର୍ଯାତନା

**ଭୁବନେଶ୍ୱର,୨।୮(ବ୍ୟୁରୋ)**

ଭୁବନେଶ୍ୱର ରେଳଷ୍ଟେଶନରେ ଜଣେ ନାବାଳକଙ୍କୁ ଗୋଡ଼ରେ ଲୁହା ବେଡ଼ି ପଡ଼ିଥିବା ଅବସ୍ଥାରେ ଦେଖିବାକୁ ମିଳିଥିଲା। ଚାଇଲ୍ଡ ଲାଇନ ସଦସ୍ୟମାନେ ତାଙ୍କୁ ଗୁରୁବାର ଉଦ୍ଧାର କରିଥିଲେ। ତାଙ୍କ ବୟସ ୧୬ ବର୍ଷ ହୋଇଥିବାବେଳେ ସେ ଗଞ୍ଜାମ ଜିଲା ଛତ୍ରପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ଚାଇଲ୍ଡ ଲାଇନ ସଦସ୍ୟମାନେ କଟର ଦ୍ୱାରା ଲୁହା ବେଡ଼ି କାଟି ଖୋଲିଥିଲେ। ଦେହରେ ମାଡ଼ ଓ କିଛି କ୍ଷତ ଚିହ୍ନ ଥିବାରୁ ତାଙ୍କୁ ଚିକିତ୍ସା କରାଯାଇଛି। ହେଲେ ତାଙ୍କର ଏଭଳି ଅବସ୍ଥା ପାଇଁ ବାପା ଓ ଭାଇଙ୍କୁ ଦାୟୀ କରିଛନ୍ତି ନାବାଳକ ଜଣକ।

ଚାଇଲ୍ଡ ଲାଇନ୍ ସଦସ୍ୟଙ୍କୁ ନାବାଳକଙ୍କ କହିବା ମୁତାବକ, ତାଙ୍କ ପରିବାର କହିଲେ ବାପା, ମା' ଓ ବଡ଼ ଭାଇ। ବାପା ଓ ମା' ମୁଢ଼ି ବ୍ୟବସାୟ କରି ପରିବାର ଚଳାନ୍ତି। ହେଲେ ଛୋଟ ଛୋଟ କଥାକୁ ନେଇ ବାପା ଓ ବଡ଼ ଭାଇ ତାଙ୍କୁ ନିର୍ଘାତ ବାଡ଼ାନ୍ତି। ଫଳରେ ଭୟରେ ସେ ଅନେକ ଥର ଘର ଛାଡ଼ି ଚାଲିଯିବାକୁ ଉଦ୍ୟମ କରିଥିଲେ। ତେଣୁ ବାପା ଓ ଭାଇ ତାଙ୍କ ଗୋଡ଼ରେ ବେଡ଼ି ପକାଇବା ସହ ବେକକୁ କୁକୁର ଚେନ୍‌ରେ ବାନ୍ଧି ରଖୁଥିଲେ। ସେ ଚିତ୍କାର କଲେ ତାଙ୍କୁ ଉଭୟ ବାଡ଼ି ଓ ଲୁହାରଡ୍‌ରେ ପିଟୁଥିଲେ। ଏହିଭଳି ୨ମାସ ଧରି ସେମାନେ ନାବାଳକଙ୍କୁ ଘର ଭିତରେ ବେଡି ପକାଇ ଚେନ୍‌ରେ ବାନ୍ଧି ରଖିଥିଲେ। ପଡୋଶୀମାନେ ତାଙ୍କ ବିଷୟରେ ପଚାରିଲେ ସେ ପାଗଳ ହୋଇଯାଇଥିବା ବାପା ଓ ଭାଇ ଉତ୍ତର ଦେଉଥିଲେ। ୪ଦିନ ବାପା ଓ ମା' ମୁଢ଼ି ବ୍ୟବସାୟ କରିବାକୁ ଯାଇଥିବା ବେଳେ ବଡ଼ ଭାଇ କୌଣସି କାମରେ ବାହାରକୁ ଯାଇଥିଲେ। ଏହାର ସୁଯୋଗରେ ନାବାଳକ ଜଣକ ବେକରେ ବନ୍ଧା ଯାଇଥିବା ଚେନ୍‌କୁ ଛିଣ୍ଡାଇ ଏବଂ କବାଟ ଲକ୍ ଭାଙ୍ଗି ଘରୁ ବାହାରି ଆସିଥିଲେ। ଏହାପରେ ସେ ଛତ୍ରପୁର ରେଳଷ୍ଟେଶନ ଯାଇ ପ୍ଲାଟ୍‌ଫର୍ମରେ ବହୁ ସମୟ ବସିବା ପରେ ଏକ ଟ୍ରେନ୍‌ରେ ଚଢି ଯାଇଥିଲେ। ସେ କୁଆଡ଼େ ଯିବେ ଜାଣି ନ ଥିଲେ। ଟ୍ରେନ୍‌ଟି ଭୁବନେଶ୍ୱର ଷ୍ଟେଶନରେ ବହୁ ସମୟ ରହିବା ପରେ ସେ ଓହ୍ଲାଇ ପଡିଥିଲେ। ଗୁରୁବାର ପ୍ଲାଟ୍‌ଫର୍ମରେ ବସି କାନ୍ଦୁଥିବାବେଳେ କେତେଜଣ ଚାଇଲ୍ଡଲାଇନ ସଦସ୍ୟଙ୍କ ନଜରକୁ ଆସିଥିଲେ। ସେମାନେ ତାଙ୍କୁ ପଚରାଉଚରା କରିବା ପରେ ଉଦ୍ଧାର କରି ଶୈଶବ କେନ୍ଦ୍ର 'ରୁଚିକା'ରେ ରଖିଥିଲେ। ଜ୍ୱର ହୋଇଥିବାରୁ ତାଙ୍କୁ ଔଷଧ ଦିଆଯିବା ପରେ ଶୁକ୍ରବାର ସେ ସୁସ୍ଥ ହୋଇଛନ୍ତି। ଏନେଇ ଚାଇଲ୍ଡ ଲାଇନ୍ ପକ୍ଷରୁ ଛତ୍ରପୁର ଥାନା ଅଧିକାରୀ ଓ ବ୍ରହ୍ମପୁର ସିଡବ୍ଲୁସିକୁ ଜଣାଇଛନ୍ତି। ଶନିବାର ସିଡବ୍ଲୁସି ପକ୍ଷରୁ ଥାନାରେ ନାବାଳକଙ୍କ ବାପା ଓ ଭାଇଙ୍କ ନାମରେ ଏକ ଅଭିଯୋଗ କରାଯିବ ବୋଲି ଚାଇଲ୍ଡ ଲାଇନ୍ ନିର୍ଦ୍ଦେଶକ ବେଣୁଧର ସେନାପତି କହିଛନ୍ତି।



- ଦୁଇ ମାସ ହେଲା ଲୁହା ଚେନ୍‌ରେ ବାନ୍ଧି ପିଟୁଥିଲେ ବାପା, ଭାଇ
- ଭୁବନେଶ୍ୱର ରେଳଷ୍ଟେଶନରୁ ଉଦ୍ଧାର କଲା ଚାଇଲ୍ଡ ଲାଇନ୍

## ସେଲ୍ଫି କର୍ନର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfi/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com


ଦୀପ୍ତି


ପପୁନି


ଦେବୀପ୍ରସାଦ


ପୁରୁଷୋତ୍ତମ


ଶ୍ରୀମନ୍ତ


ବିଶ୍ୱଜିତ


ସନ୍ତୋଷ


ସତ୍ୟନାରାୟଣ



ଅନ୍ୟର ଆନୁଗତ୍ୟରେ ରହିଥିବା ଦେଶ ବା ଜାତି କେବେ ବି ଆଗେଇ ପାରିବ ନାହିଁ।
-ନେତାଜୀ ସୁଭାଷ ବୋଷ



## ସଂକ୍ଷେପରେ

### ପ୍ରକାଶ ଲାଲଜୀଙ୍କ ସ୍ମୃତି ଦିବସ ପାଳିତ

**ଭୁବନେଶ୍ୱର,୨।୮(ବ୍ୟୁରୋ):** ଭାରତୀୟ ଯୋଗ ପ୍ରତିଷ୍ଠାନର ପ୍ରତିଷ୍ଠାତା ପ୍ରକାଶ ଲାଲଜୀଙ୍କ ଦଶମ ସ୍ମୃତି ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ସ୍ଥାନୀୟ ଭିଏସ୍ଏସ୍ନଗରସ୍ଥିତ ଇଡ୍‌କୋ କମ୍ୟୁନିଟି ହଲରେ ଆୟୋଜିତ ଏହି ସମାରୋହରେ ମଞ୍ଚେଶ୍ୱର ଯୋଗ ଜିଲାର ଜିଲା ପ୍ରଧାନ ପ୍ରତାପଜୀ, ଭିଏସ୍ଏସ୍ନଗର ଯୋଗ ଜିଲାର ଜିଲା ପ୍ରତିନିଧି ବୁଦ୍ଧଦେବଜୀ ଓ ଜିଲା ପ୍ରଭାରୀ ରଘୁନାଥଜୀ ଉପସ୍ଥିତ ରହି ଆସନ, ପ୍ରାଣାୟାମ ଓ ଧାନ ଉପରେ ଆଲୋକପାତ କରିଥିଲେ। ଏଥିସହ ସେମାନେ ସ୍ୱର୍ଗୀୟ ପ୍ରକାଶ ଲାଲଜୀଙ୍କ ବ୍ୟକ୍ତିତ୍ୱ, ନିଷ୍କାମ ମାନବ ସେବା, ସମାଜ ପ୍ରତି ତ୍ୟାଗ ଓ ବଳିଦାନକୁ ସ୍ମରଣ କରାଇଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୫୦ରୁ ଊର୍ଦ୍ଧ୍ୱ ସାଧିକାସାଧକ ଯୋଗ ଦେଇଥିଲେ।

### ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୨।୮(ବ୍ୟୁରୋ):** ଭିଏସ୍ଏସ୍ନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଅନୁପମା ନନ୍ଦଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କୈଳାସ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟତ୍ରୀଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ନନ୍ଦ ଥିଲେ ଅତ୍ୟନ୍ତ ଛାତ୍ରବତ୍ସଳା। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନେ ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦଙ୍କ ସହ କାଟିଥିବା ମୁହୂର୍ତ୍ତକୁ ମନେ ପକାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ଏକ ମାନପତ୍ର ପ୍ରଦାନ କରାଯାଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ରାଓ ଧନ୍ୟବାଦ ଦେଇଥିଲେ।

### ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ୮ମ ଦୀକ୍ଷାରମ୍ଭ ଉତ୍ସବ

**ନରାଜ,୨।୮(ଡି.ଏନ୍.ଏ.):** ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ୮ମ ଦୀକ୍ଷାରମ୍ଭ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ନବାଗତ ଶିକ୍ଷାର୍ଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହ ଚଳିତ ବର୍ଷର ନୂତନ ପାଠ୍ୟକ୍ରମ ଆରମ୍ଭ ହୋଇଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମୁଖ୍ୟ ଶାସନ ସଚିବ ନିକୁଞ୍ଜବିହାରି ଧଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ନୀତି ଆଦର୍ଶ ଉପରେ ଉପଦେଶ ଦେବାସହ ଏକ ଦାୟିତ୍ୱବାନ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଓପିପିଆଇ ନିର୍ଦ୍ଦେଶକ କାଞ୍ଚନ ଟିକେ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସଭାପତି ରଜିତା କୂଲକର୍ଣ୍ଣି, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କାର୍ଯ୍ୟନିର୍ଦ୍ଦେଶକ ନରେନ୍ଦ୍ର ଲାମ୍ବା ସ୍ୱାଗତ ଭାଷଣ ଦେଇଥିଲେ। ଆର୍ଟ ଅଫ ଲିଭିଙ୍ଗ ଫାଉଣ୍ଡେଶନର ବରିଷ୍ଠ ସଦସ୍ୟ ଡ. ବିରାଟ ଚିରନିଆ, କୁଳପତି ଡ. ଅଜୟ ସଂ ଯୋଗଦେଇ ନୂତନ ଛାତୀଛାତ୍ରଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟରେ ଏକ ଏନ୍ଏସ୍ଏସ୍ ଶାଖା ଉନ୍ମୋଚିତ ହୋଇଥିଲା ଏବଂ ସିଆଇଆଇ ଭୁବନେଶ୍ୱର ଶାଖା ସହ ଏକ ଏମଓୟୁ ସ୍ୱାକ୍ଷର ହୋଇଥିଲା। କୁଳସଚିବ କମୋଡର ଘନଶ୍ୟାମ ଓଝା ଧନ୍ୟବାଦ ଦେଇଥିଲେ।

## ■ ଘୋଷଣାକୁ ବିତିଲା ୮ବର୍ଷ

# ନିରାଶ୍ରୟଙ୍କୁ ଆଶ୍ରୟ ଦେଇପାରୁନି ବିଏମ୍ସି

**କଟକ ରୋଡ,୨।୮(ଡି.ଏନ୍.ଏ.)**



ଏକ ଦୋକାନ ବାରଣ୍ଡାରେ ଆଶ୍ରୟ ନେଇଥିବା ନିରାଶ୍ରୟମାନେ।

ରାସ୍ତା କଡ଼ରେ ବାସହରା, ଅସହାୟ ବ୍ୟକ୍ତି ଶୋଇବେ ନାହିଁ। ରାତ୍ରି ଆଶ୍ରୟସ୍ଥଳି ସହରରେ ନିର୍ମାଣ ହେବ। ଆଶ୍ରୟସ୍ଥଳିରେ ରହୁଥିବା ଲୋକଙ୍କୁ ମାଗଣା ଖାଦ୍ୟ, କମଳ, ମଶାରି ସହ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ହେବ। ୨୦୧୧ ରେ ଏଭଳି ନିର୍ଦ୍ଦେଶନାମା ଜାରି କରିଥିଲେ ସୁପ୍ରିମକୋର୍ଟ। ଏହି ନିର୍ଦ୍ଦେଶକୁ ୮ବର୍ଷ ବିତିଯାଇଥିଲେ ମଧ୍ୟ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ନିରାଶ୍ରୟଙ୍କ ମନ ଜିଣିପାରୁ ନାହିଁ। ଫଳରେ ଏବେ ବି ରାସ୍ତାକଡ଼, ଦୋକାନ ବାରଣ୍ଡା ଅସହାୟଙ୍କ ଆଶ୍ରୟସ୍ଥଳି ପାଲଟିଛି।

ସୂଚନା ଅନୁଯାୟୀ, ୨୦୧୧ରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ୨୦୧୨ରେ ଭୁବନେଶ୍ୱର ସହରରେ ଏହା ଠିକ୍ କାର୍ଯ୍ୟକାରୀ ହୋଇପାରୁ ନ ଥିବା ନେଇ ନଗର ଉନ୍ନୟନ ବିଭାଗ ଜଣାଯାଇଥିଲା। ଫଳରେ ଏ ନେଇ ବିଭାଗ ବିଏମ୍ସିକୁ ତୁରନ୍ତ ସହରରେ ୭ଟି ଆଶ୍ରୟସ୍ଥଳି ଖୋଲିବା ପାଇଁ ନିର୍ଦ୍ଦେଶ ଦେବା ସହ ବସଷ୍ଟାଣ୍ଡ, ଷ୍ଟେଶନ ସହ ମୁଖ୍ୟ ରାସ୍ତା କଡରେ ରହୁଥିବା ଲୋକଙ୍କୁ ସଚେତନ କରିବା ପାଇଁ ଦାୟିତ୍ୱ ଦିଆଯାଇଥିଲା। ଏ ନେଇ ତତ୍କାଳୀନ ବିଏମ୍ସି କମିଶନର ବିଶାଳ କୁମାର ଦେବଙ୍କ ସହ ଏକ ଟିମ ହଠାତ ରେଲୱେ ଷ୍ଟେଶନ ଓ ଆଖପାଖ ଅଞ୍ଚଳରେ ପହଞ୍ଚି ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଠାବ କରିଥିଲେ। ତୁରନ୍ତ ଆଶ୍ରୟସ୍ଥଳୀ ନିର୍ମାଣ ହୋଇପାରି ନ ଥିବା ବେଳେ ପ୍ରାଥମିକ ପର୍ଯ୍ୟାୟରେ ସେମାନଙ୍କୁ ୟୁନିଟ-୩ କମ୍ୟୁନିଟି ସେଣ୍ଟର ଓ ପୁରୁଣା ଭୁବନେଶ୍ୱର ଜ୍ଞାନନଗର କମ୍ୟୁନିଟି ସେଣ୍ଟରରେ ଥଇଥାନ କରାଯାଇଥିଲା। ଇତି ମଧ୍ୟରେ ଗଙ୍ଗନଗର, ଭୀମପୁର, ଅଶୋକନଗର, ୟୁନିଟ-୩, ଚନ୍ଦ୍ରଶେଖରପୁର, ଘାଟିକିଆ ଓ ବରମୁଣ୍ଡାରେ ଆଶ୍ରୟସ୍ଥଳି ନିର୍ମାଣ ସରିଛି। ବହୁ ଅର୍ଥ ବ୍ୟୟରେ ତିଆରି ହେବା ସହ ୨ଟି ଏଜେନ୍ସିକୁ ଲୋକଙ୍କୁ ଆଶ୍ରୟସ୍ଥଳିକୁ ବୁଝାଯାଇ ଅଣାଯିବ, ନିରାଶ୍ରୟଙ୍କୁ ଖାଦ୍ୟ ପ୍ରଦାନ ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଦେବା ପାଇଁ ପ୍ରତି ଆଶ୍ରୟସ୍ଥଳି ପିଛା ପ୍ରାୟ ୭୦ହଜାର ଟଙ୍କାରୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାସିକ ବିଏମ୍ସି ସମ୍ପୃକ୍ତ ଏଜେନ୍ସିକୁ ଅର୍ଥ ପଇଠ କରୁଥିବା ମହାନଗର ନିଗମ ପକ୍ଷରୁ ସୂଚନା ମିଳିଛି। ବିଭାଗୀୟ ଅଧିକାରୀଙ୍କ ସୂଚନା ମୁତାବକ, ମାସିକ ପ୍ରାୟ ୭ଲକ୍ଷ ଟଙ୍କା ଏଜେନ୍ସି ଅର୍ଥ ନେଉଥିବା ବେଳେ

■ କେଉଁଠି ଲଗାଯାଇନି ହୋର୍ଡିଂ
■ ରାସ୍ତା କଡ଼, ଦୋକାନ ବାରଣ୍ଡାରେ ରାତି କଟୁଛି

କିନ୍ତୁ ସଚେତନ ବାବଦରେ ସେଭଳି କିଛି ପଦକ୍ଷେପ ନ ନେବା ଯୋଗୁ ସହରର ବିଭିନ୍ନ ସ୍ଥାନରେ ଅସହାୟ ବର୍ଷା ଦିନରେ ରାସ୍ତା କଡ଼ରେ ଶୋଇଥିବା ପରିଲକ୍ଷିତ ହୋଇଛି। ମୁଖ୍ୟତଃ ରେଲୱେ ଷ୍ଟେଶନ ସମ୍ମୁଖ, ବସଷ୍ଟାଣ୍ଡ, କଳ୍ପନା ଛକ, କଟକ ରୋଡ, ବିଭିନ୍ନ ଓଭରବ୍ରିଜ ତଳେ ଅସହାୟ ରାତ୍ରିଯାପନ କରୁଛନ୍ତି। କଟକରେ ୩ ଅସହାୟଙ୍କୁ ହତ୍ୟା କରାଯିବା ପରେ ମଧ୍ୟ ବିଏମ୍ସି ନିରାଶ୍ରୟଙ୍କୁ ମନାଇବା ପାଇଁ ସେଭଳି କିଛି ତତ୍ପରତା ପ୍ରକାଶ କରିନାହିଁ। ବିଏମ୍ସିର କାର୍ଯ୍ୟ ପ୍ରଣାଳୀ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ସହରର ପ୍ରମୁଖ ସ୍ଥାନ ତଥା ଛକ ଅଞ୍ଚଳରେ ନିରାଶ୍ରୟ ଓ ବାସହରାଙ୍କୁ ସଚେତନ କରିବା ସହ ରାଜଧାନୀରେ ଖୋଲିଥିବା ଆଶ୍ରୟସ୍ଥଳି ବାବଦରେ ସୂଚନା ଓ ଠିକଣା ପ୍ରଦାନ ନେଇ ସୁପ୍ରିମକୋର୍ଟ ନିର୍ଦ୍ଦେଶନାମା ଜାରି କରିଛନ୍ତି। କିନ୍ତୁ ଏଯାବତ ସହରରେ ହୋର୍ଡିଂ କିମ୍ବା ବ୍ୟାନରରେ ଲଗାଯାଇନାହିଁ। ଫଳରେ ବିଏମ୍ସି କର୍ତ୍ତୃପକ୍ଷ ଏଦିଗରେ କେତେ ସଫଳତା ହାସଲ କରିଛନ୍ତି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। କଳ୍ପନା ଛକର ଏକ ଦୋକାନ ବାରଣ୍ଡାରେ ଶୋଇଥିବା ଗଞ୍ଜାମ ଜିଲା ବେଲଗୁଣ୍ଠା ଥାନା ନୂଆଗାଁ ଗ୍ରାମର ରମେଶ ବେହେରା କୁହନ୍ତି, କଟକ ଘଟଣା ଶୁଣିବା ପରେ ଆମ୍ଭମାନଙ୍କ ମଧ୍ୟରେ ଭୟ ଦେଖାଦେଇଛି। ପୋଲିସ କିମ୍ବା ମ୍ୟୁନିସିପାଲିଟି କେହି କେବେ ଲୋକଙ୍କୁ ବୁଝାଇବା ଦେଖିନାହିଁ। କିଛି ଦିନ ହେବ ରାତିରେ ଲୁଟ ହେଉଥିବା ଜାଣିବା ପରେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଅନିଦ୍ରା ରହୁଛୁ ବୋଲି କୁହନ୍ତି ଶ୍ରମିକ ଶରତ ଗଉଡ। ଏ ସମ୍ପର୍କରେ ବିଏମ୍ସି ଡେପୁଟି କମିଶନର(ୱେଲଫେୟାର) ସଂଘମିତ୍ରା ବେହେରା କୁହନ୍ତି, ଏ ବିଷୟରେ ସୂଚନା ଦେବା ପାଇଁ ଆଶ୍ରୟସ୍ଥଳି ଦାୟିତ୍ୱରେ ଥିବା ବିଏମ୍ସି ଟିମ ଲିଡରଙ୍କୁ କହିଥିଲେ। ବିଏମ୍ସି ଟିମ ଲିଡରଙ୍କ କହିବାନୁଯାୟୀ, ମଝିରେ ମଝିରେ ଡେପୁଟି କମିଶନର ଓ ମୁଁ ଏଜେନ୍ସି ଲୋକଙ୍କୁ ନେଇ ବିଭିନ୍ନ ସ୍ଥାନରେ ନିରାଶ୍ରୟଙ୍କୁ ଅଶ୍ରୟସ୍ଥଳି ଆସକୁ ଆଣିବା ପାଇଁ ବୁଝାଉଛୁ। କିନ୍ତୁ ସେମାନେ ଆସିବାକୁ ମଙ୍ଗୁନାହାନ୍ତି। ଷ୍ଟେଶନ ଛକରେ ଥିବା ହୋର୍ଡିଂ ବାତ୍ୟା ଫନୀରେ ଭାଙ୍ଗିଯାଇଛି। ଅନ୍ୟାନ୍ୟ ଅଞ୍ଚଳରେ ହୋର୍ଡିଂ ଲଗାଇବା ପାଇଁ ସେଭଳି କିଛି ପଦକ୍ଷେପ ଅଦ୍ୟାବଧି ନିଆଯାଇନାହିଁ। ଖୁବଶୀଘ୍ର ସମସ୍ତ ପ୍ରମୁଖ ଛକରେ ହୋର୍ଡିଂ ଲଗାଯିବା ସହ ସଚେତନତା ବଢ଼ାଇବା ପାଇଁ ଉଦ୍ୟମ ଆରମ୍ଭ ହେବ ବୋଲି କହିଥିଲେ।

### ୬.୫ କ୍ୱିଣ୍ଟାଲ ପଲିଥିନ ଜବତ, ୧,୩୦,୫୫୦ ଟଙ୍କା ଜରିମାନା ଆଦାୟ

**ଭୁବନେଶ୍ୱର,୨।୮(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ପକ୍ଷରୁ ବିଗତ ୪ ମାସରେ ପ୍ଲାଷ୍ଟିକର ନିୟନ୍ତ୍ରିତ ବ୍ୟବହାର ଏବଂ ଏହାର ସଚେତନତାକୁ ଗୁରୁତ୍ୱ ଦିଆଯାଇଛି। ଏ ନେଇ ବିଭିନ୍ନ ଦୋକାନ ଓ ବଜାରରେ ଚଢାଉ କରାଯିବା ସହ ସଚେତନ କରିବାର ପ୍ରୟାସ କରାଯାଇଛି। ଏହି ଅଭିଯାନ କ୍ରମଶଃ ଦିନକୁ ଦିନ ସଫଳ ହେବାରେ ଲାଗିଛି। ଯାହାର ପ୍ରତିଫଳନରେ ଚଳିତମାସରେ ୬.୫ କ୍ୱିଣ୍ଟାଲର ପଲିଥିନ ଜବତ ହୋଇଥିବା ବେଳେ ୧ ଲକ୍ଷ ୩୦ ହଜାର ୫୫୦ ଟଙ୍କାର ଜରିମାନା ଆଦାୟ କରାଯାଇଛି। କେନ୍ଦ୍ରୀୟ ସ୍କ୍ୱାଡ ଅନ୍ୟାନ୍ୟ ଦାୟିତ୍ୱ ସାଙ୍ଗରେ ସହରର ବିଭିନ୍ନ ବଜାର ହାଟ ସ୍ଥାନକୁ ଯାଇ ନିୟମିତ ପ୍ଲାଷ୍ଟିକ୍ ବ୍ୟବହାର ବ୍ୟାଗ ଏବଂ ଆନୁଷଙ୍ଗିକ ଥର୍ମୋକୁଲ ଦ୍ରବ୍ୟକୁ ଜବତ କରିବା ଦ୍ୱାରା ବିଏମ୍ସିକୁ ଏହି ବଡ଼ ସଫଳତା ମିଳିଛି। ତେବେ ଜୁଲାଇ ୨ରୁ ୩୧ ତାରିଖ ମଧ୍ୟରେ ୨୨୫ ଜଣଙ୍କ ପ୍ଲାଷ୍ଟିକ୍ ବ୍ୟବହାରକରୀଙ୍କ ନାମରେ ରସିଦ କଟାଯାଇଥିବା ବେଳେ ସେମାନଙ୍କଠାରୁ ଜରିମାନା ଆଦାୟ ହୋଇଛି। ଅନ୍ୟପକ୍ଷରେ ନିର୍ମାଣ ଏବଂ ଭଗ୍ନାବଶେଷ ବର୍ଜ୍ୟବସ୍ତୁର ଅପବ୍ୟବହାର କରୁଥିବା ଲୋକଙ୍କଠାରୁ ମଧ୍ୟ ଜରିମାନା ଆଦାୟ କରାଯାଇଛି। ଏ ନେଇ ସମୁଦାୟ ୩୦ଟି ନୋଟିସ୍ ଦିଆଯାଇଥିବାବେଳେ ୧୦ ହଜାର ୫ଶହ ଟଙ୍କା ଆଦାୟ କରାଯାଇଛି। 'ସ୍ୱଚ୍ଛତା ହିଁ ସୁସ୍ଥତା'କୁ ଆଧାର କରି ବିଏମ୍ସି ଚଳିତମାସଠାରୁ ଏହି ପଦକ୍ଷେପ ଆରମ୍ଭ କରିଛି।

## ବ୍ଲକ ଅଧ୍ୟକ୍ଷଙ୍କ ସରକାରୀ ଅଫିସ ଜବରଦଖଲ

**ନରାଜ,୨।୮(ଡି.ଏନ୍.ଏ.)**

**ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କଲେ ଲୋକପ୍ରତିନିଧି**

ବାରଙ୍ଗ ବ୍ଲକରେ ସରକାରୀ ଅଧିକାରୀମାନଙ୍କ ପାଇଁ ସରକାରୀ ବାସଭବନ ନିର୍ମାଣ ହେଉ ନ ଥିବାବେଳେ ପୁରୁଣା ବାସଭବନରେ ସେମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ବାରଙ୍ଗ ବ୍ଲକର ଅଧ୍ୟକ୍ଷ ସରୋଜ କୁମାର ସାହୁ ବ୍ଲକର ଏକ ଅଫିସ ଗୃହକୁ ପ୍ରାୟ କିଛିମାସ ହେବ ପରିବାର ସହ ବ୍ୟବହାର କରୁଛନ୍ତି। ଯାହାକୁ କେନ୍ଦ୍ରକରି ଏଠାରେ ଆଇନଗତ ସମସ୍ୟା ଦେଖାଦେଇଛି। ତେଣୁ ସେହି ଅଫିସ ଗୃହକୁ ଛାଡିବା ପାଇଁ ସାଧାରଣରେ ଦାବି ହୋଇଛି। ତୁରନ୍ତ ଏହାର ପଦକ୍ଷେପ ଗ୍ରହଣ କରିବା ପାଇଁ ବାଙ୍କୀ-ବାରଙ୍ଗ ଯୁବ ପରିଷଦର ସଭାପତି ତୁଷାରକାନ୍ତ ଚକ୍ରବର୍ତ୍ତି, ଉପାଧ୍ୟକ୍ଷା ସୁମିତ୍ରା ବେହେରା, ସରପଞ୍ଚ ଯତୀନ୍ଦ୍ର କୁମାର ସାହୁ, ଶିଶିର କୁମାର ଜେନା, ସମିତିସଭ୍ୟ ଭୂପତି ଭୂଷଣ ପାଣି, ସଞ୍ଜୀବ କୁମାର ସାହୁ, ଦେବାଶିଷ ରାଉତ ଓ କୁନମୁନ ସଂ ପ୍ରମୁଖ ଜିଲାପାଳ କଟକ, ପ୍ରକଳ୍ପ ନିର୍ଦ୍ଦେଶକ ଜିଲାଗ୍ରାମ୍ୟ ଉନ୍ନୟନ ସଂସ୍ଥା କଟକଙ୍କୁ ବିଡିଓ ବାରଙ୍ଗଙ୍କ ଜରିଆରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ବାବଦରେ ବାରଙ୍ଗ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆକୁଳ ଚନ୍ଦ୍ର ମଲ୍ଲିକ ପଚାରିବାରୁ ସେ କିପରି ଏଠାରେ ରହୁଛନ୍ତି ସେ ବିଷୟରେ ମୁଁ କିଛି ଜାଣିନି। ପୂର୍ବରୁ ଏଥିପାଇଁ ଅଭିଯୋଗ ଆସିଥିଲା, ଏଥିପାଇଁ ମୁଁ ଉପରସ୍ଥ ଅଧିକାରୀଙ୍କୁ ଏହି ବିଷୟରେ ଜଣାଇଛି ବୋଲି କହିଛନ୍ତି। ଏ ନେଇ ବ୍ଲକ ଅଧ୍ୟକ୍ଷ ସାହୁ କୁହନ୍ତି, ମୋ ନାଁରେ ଯଦି କିଛି ଅଭିଯୋଗ ଅଛି, ତେବେ ପଞ୍ଚାୟତ ସମିତି ବୈଠକରେ ଆଲୋଚନା କରିପାରିବେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାବେ ମୋର ଏଠାରେ ସବୁବେଳେ କାମ ରହୁଥିବାରୁ ମୋର ଘରର ଆବଶ୍ୟକତା ଥିଲା। ସେଥିପାଇଁ ଏଠାରେ ମୁଁ ରହିଛି, ଏଥିପାଇଁ ଯଦି ଦେୟ ଦେବାକୁ ପଡେ, ତାହା ଦେବି।




ରାଜଭବନ ସମ୍ମୁଖରେ ଶୁକ୍ରବାର ଏନ୍ଆର୍ଆର୍ଆଇ ଚୁକ୍ତିଭିତ୍ତିକ ଶ୍ରମିକ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଧାରଣା ଦିଆଯାଇଛି।

### ସୁଧୁରୁନି ବିଏମ୍ସି ହସ୍ପିଟାଲ ସମସ୍ୟା: ଫେରିଲେ ୩ ପ୍ରସୂତି

**ପୁରୁଣା ଭୁବନେଶ୍ୱର,୨।୮ (ଡି.ଏନ.ଏ.)**

ସ୍ଥାନୀୟ ଅଞ୍ଚଳର ବିଏମ୍ସି ହସ୍ପିଟାଲଟିର ସମସ୍ୟା ସୁଧୁରୁନି। ଡାକ୍ତର ଅଭାବ ସାଙ୍ଗକୁ ଯନ୍ତ୍ରପାତି ଅଚଳ ପାଇଁ ରୋଗୀଙ୍କୁ ଅନ୍ୟତ୍ର ପଠାଯାଉଥିବା ନଜିର ରହିଛି। ଏକମାତ୍ର ପ୍ରସୂତି ବିଭାଗରେ ଭରସା ରଖିଥିବା ରୋଗୀମାନେ ଏବେ ନିରାଶ୍ରୟ ହେଉଛନ୍ତି। ଶୁକ୍ରବାର ବିଭାଗରେ ନିଶ୍ଚେତକ ଡାକ୍ତର ନ ଥିବାରୁ ୩ ଜଣ ପ୍ରସୂତିଙ୍କୁ କାର୍ଯ୍ୟରତ ଡାକ୍ତର ଅନ୍ୟତ୍ର ପଠାଇ ଦେଇଛନ୍ତି। ସକାଳ ୬ଟା ୩୦ରେ ବ୍ରହ୍ମେଶ୍ୱରପାଟଣାରୁ ଆସିଥିବା ନମିତା ଏବଂ ସକାଳ ୭ଟା ୩୦ରେ ଆସିଥିବା ବାଲିପାଟଣା ବାଗଲପୁରର ଲିଲି ଏବଂ ସକାଳ ସାଢେ ୮ଟାରେ ଆସିଥିବା ପିପିଲିର ପାଟଣାହାଣୀପୁର ଶାସନର ସସ୍ମିତା ନାମ୍ନୀ ପ୍ରସୂତିଙ୍କୁ ଆଡ଼ମିଶନ କରାଯାଇଥିଲା। ପୂର୍ବାହ୍ନ ୧୧ଟାରେ ସମସ୍ତଙ୍କୁ ଅନ୍ୟତ୍ର ପଠାଯାଇଥିବା ଖବର ମିଳିଥିଲା। ଯାହାକୁ ନେଇ କେବଳ ରୋଗୀ ନୁହନ୍ତି ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏ ନେଇ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଗଣେଶ ପ୍ରସାଦ ଦାସ କୁହନ୍ତି, ଜୁଲାଇ ୧୫ରୁ ନିଶ୍ଚେତକ ଡାକ୍ତର ଛୁଟିରେ ଅଛନ୍ତି। ଜନନୀ ସୁରକ୍ଷା ଯୋଜନା ସ୍କିମ୍‌ରେ ଏନ୍ଏଚଏମ୍ ପକ୍ଷରୁ ଦୁଇଜଣଙ୍କୁ ଡକାଇଥିଲୁ। ସେମାନେ ଗୋଟିଏ ଅପରେଶନ ପିଛା ୧୫୦୦ଟଙ୍କା ନେଇଥାନ୍ତେ। ସେ ଦୁଇଜଣ ଷ୍ଟାଫ୍ ମଧ୍ୟ ବାହାରେ ଥିବା ଓ ଅନ୍ୟ କାରଣରୁ ଫେରା ଯାଇ ଥାଇପାରେ ବୋଲି ସେ କହିଥିଲେ।

## ଉତ୍କଳର ମାନ ରଖିବାକୁ ପ୍ରୟାସ ଆବଶ୍ୟକ




କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ଅନ୍ୟମାନେ।

**ଭୁବନେଶ୍ୱର,୨।୮(ବ୍ୟୁରୋ)**

ସାପ୍ତାହିକ ସମ୍ବାଦପତ୍ର 'ଭୋକିଲା ପେଟ' ଓ ଲୋକ ବିକାଶ ଫାଉଣ୍ଡେଶନର ୬ଷ୍ଠ ବାର୍ଷିକ ସ୍ୱନକ୍ଷତ୍ର ଏବଂ ସମ୍ବର୍ଦ୍ଧନା ଉତ୍ସବ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସେ ନିଜକୁ ରାଜ୍ୟର ପାଳକ ନୁହେଁ ବରଂ ରାଜ୍ୟର ବାଳକ ହେବାପାଇଁ ଇଚ୍ଛା ପ୍ରକଟ କରିଥିଲେ। ଏଥିସହିତ ସୁସ୍ଥ ସମାଜ ତଥା ଉତ୍କଳ ପ୍ରଦେଶର ମାନ ରଖିବା ପାଇଁ ସମସ୍ତେ ନିରନ୍ତର ପ୍ରୟାସ କରିବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଭୁବନେଶ୍ୱର ଉତ୍କଳ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସର ନିର୍ଦ୍ଦେଶକ ବୀରେନ୍ଦ୍ର କିଶୋର ଦାଶ, ବରିଷ୍ଠ ଖବରଦାତା ପ୍ରଦ୍ୟୁମ୍ନ ଶତପଥୀ ସଭାପତି ଦାୟିତ୍ୱ ତୁଲାଇଥିଲେ। 'ଭୋକିଲା ପେଟ' ସମ୍ପାଦକ ସୁଧୀରଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ରାଜ୍ୟପାଳ ପ୍ରଫେସର ଲାଲ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାଙ୍କୁ 'ବାଙ୍କୀ ସାରସ୍ୱତ ପ୍ରତିଭା ସମ୍ମାନ' ଓ ସେବାରତ୍ନ ସମ୍ମାନ ପ୍ରଦାନ କରିଥିଲେ। ମନୋଜ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ।

## ସ୍ୱଚ୍ଛତା ପଖୋଡ଼ା କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଭୁବନେଶ୍ୱର,୨।୮(ବ୍ୟୁରୋ)-** ଭୁବନେଶ୍ୱରସ୍ଥିତ ସ୍ଥିତପ୍ରଜ୍ଞା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ପକ୍ଷରୁ ଶୁକ୍ରବାର ଏକ ସ୍ୱଚ୍ଛତା ପଖୋଡ଼ା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ୧୫ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ସାମ୍ବାଦିକା ଲିଜାରାଣୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିବା ସହିତ ବୃକ୍ଷର ଉପକାରିତା ବିଷୟରେ ବକ୍ତବ୍ୟ ରଖିଥିଲେ। ଚାରାଟିଏ ମାଟିରେ ପୋତିଦେଲେ କର୍ତ୍ତବ୍ୟ ସରି ଯାଏନି, ଛୋଟ ଶିଶୁ ଭଳି ତାର ଯତ୍ନ ନେଇ ତାକୁ ବଡ କରିବାକୁ ଚେଷ୍ଟା କରିବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଶଶାଙ୍କ ଶେଖର ଷଡ଼ଙ୍ଗୀ, ଅଧ୍ୟାପିକା ଲିପିକା ଦାସ ଯୋଗଦେଇ ବୃକ୍ଷ ମଣିଷର କିପରି ବନ୍ଧୁ ପାଲଟିଥାଏ ତାହା ଉପରେ ବକ୍ତବ୍ୟ ରଖିଥିଲେ। ଏନ୍ଏସ୍ଏସ୍ ସଂଯୋଜକ ପ୍ରିୟଙ୍କା ରାୟ ଏବଂ ସୁକାନ୍ତ କୁମାର ବିଶ୍ୱାଳ ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ କ୍ଷୀରୋଦିନ ବେହେରା, ପୂଜା ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ କଲେଜ ପରିସରରେ ବିଭିନ୍ନ ଚାରା ରୋପଣ କରାଯାଇଥିଲା।

## ■ ଜଟଣୀ ମ୍ୟୁନିସିପାଲିଟି

# ୫ ଲକ୍ଷ ଫନୀ ଟଙ୍କା ହଡ଼ପ

**ଜଟଣୀ,୨।୮(ଡି.ଏନ.ଏ.)**

■ ଧରାପଡ଼ିବା ପରେ ଫେରାଉଛନ୍ତି ସମ୍ପୃକ୍ତ କର୍ମଚାରୀ

ବିଗତ ଦିନରେ ଲାଞ୍ଚ ନେବା, ଭତ୍ତା ଟଙ୍କା ହଡ଼ପ କରିବା ଆଦି ବିଭିନ୍ନ ଦୁର୍ନୀତିମୂଳକ କାର୍ଯ୍ୟ କରି ଜଟଣୀ ମ୍ୟୁନିସିପାଲିଟିର କେତେଜଣ କର୍ମଚାରୀ ଭିଜିଲାନ୍ସ ହାତରେ ଧରାପଡ଼ିବା ନଜିର ରହିଛି। ଲାଞ୍ଚ ନେବା ସମୟରେ ଲଳିତ କପୁର ନାମ୍ନୀ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ପୂର୍ବରୁ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ଏବେ ବାତ୍ୟା ଫନୀ ପାଇଁ ଆସିଥିବା ଟଙ୍କା ମଧ୍ୟ ଦାୟିତ୍ୱରେ ଥିବା ମ୍ୟୁନିସିପାଲିଟିର କେତେଜଣ କର୍ମଚାରୀ ଚଳୁ କରି ଦେଇଛନ୍ତି। ଯାଞ୍ଚ ସମୟରେ ସନ୍ଦେହ ହେବାରୁ ନିର୍ବାହୀ ଅଧିକାରୀ ଏହା ଜାଣି ପାରିଥିଲେ। ପରେ ଏପରି ଘଟଣା ପଦାକୁ ଆସିଛି। ବେନିୟମ ପନ୍ଥା ଅବଲମ୍ବନ କରି କେତେଜଣ କର୍ମଚାରୀ ପାଖାପାଖି ୫ ଲକ୍ଷ ବାତ୍ୟା ଫନୀ ଟଙ୍କା ହଡ଼ପ କରି ନେଇଛନ୍ତି। ତଦନ୍ତ ଚାଲିଥିବାରୁ ହଡ଼ପ ଟଙ୍କାର ପରିମାଣର ଆହୁରି ବଢ଼ିବାର ସମ୍ଭାବନା ରହିଛି।

ସୂଚନାଯୋଗ୍ୟ ବାତ୍ୟା ପରେ ରାଶନକାର୍ଡ଼ଧାରୀଙ୍କୁ ସହାୟତା ସ୍ୱରୂପ ୨ ହଜାର ଓ ପଲିଥିନ ବାବଦରେ ୫ ଶହ କରି ଅଢ଼େଇ ହଜାର ଟଙ୍କା ପ୍ରଦାନ କରାଯାଉଥିଲା। ହେଲେ ଅନେକ ରାଶନକାର୍ଡ଼ଧାରୀ ଅଢ଼େଇ ହଜାର କରି ଦୁଇଥର ତଥା ୫ ହଜାର ଟଙ୍କା ନେଇଥିବା ଯାଞ୍ଚ ସମୟରେ ଧରାପଡ଼ିଥିଲା। ଗୋଟିଏ ତାଲିକାରେ ରାଶନକାର୍ଡ଼ଧାରୀଙ୍କ ଦସ୍ତଖତ ଥିବା ବେଳେ ଅନ୍ୟ ଏକ ଖାତାରେ ସମାନ ନାମରେ ଟିପ ଚିହ୍ନଥିବା ଦେଖିବାକୁ ମିଳିଥିଲା। ବାତ୍ୟା କ୍ଷତିଗ୍ରସ୍ତଙ୍କ ପାଇଁ ଆସିଥିବା ସହାୟତା ଅର୍ଥ ରାଶିର ଖର୍ଚ୍ଚ ରିପୋର୍ଟ ସରକାରଙ୍କୁ ପ୍ରଦାନ ପାଇଁ ରେକର୍ଡ ପ୍ରସ୍ତୁତ ହେଉଥିବା ସମୟରେ ନିର୍ବାହୀ ଅଧିକାରୀଙ୍କ ନଜରକୁ ପ୍ରଥମେ ଏହା ଆସିଥିଲା। ଜଣେ ରାଶନକାର୍ଡଧାରୀଙ୍କ ଗୋଟିଏ ସ୍ଥାନରେ ଦସ୍ତଖତ ଓ ଅନ୍ୟଟିରେ ଟିପ ଚିହ୍ନ ଥିବା ଯାଞ୍ଚ ବେଳେ ସନ୍ଦେହକୁ ଅଧିକ ଦୃଢ଼ୀଭୂତ କରିଥିଲା। ଫଳରେ ଏହାର ତଦନ୍ତ ପାଇଁ କମ୍ୟୁନିଟି ଅର୍ଗାନାଇଜରଙ୍କୁ ନିର୍ବାହୀ ଅଧିକାରୀ ଦାୟିତ୍ୱ ଦେଇଥିଲେ। ସେମାନେ ଘରକୁ ଘର ବୁଲି ଏହାର ଅନୁଧ୍ୟାନ କରିଥିଲେ। ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ପରି ପ୍ରକୃତ ଘଟଣା ପଦାକୁ ଆସିଥିଲା। ପ୍ରଥମ ପର୍ଯ୍ୟାୟ ତଦନ୍ତ ସମୟରେ ୨୪୩ ଜଣଙ୍କ ନାମରେ ୨ ଥର ଲେଖାଏ ଟଙ୍କା ଉଠିଥିବା ନେଇ ଦେଖାଯାଇଥିବା ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର କହିଛନ୍ତି। ଟଙ୍କା ବାଣ୍ଟିବା ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କୁ ଏ ନେଇ ପଚରାଉଚୁରା କଲା ପରେ ହଡ଼ପ କରିଥିବା କର୍ମଚାରୀ ୪ ଲକ୍ଷ ୨୬ ହଜାର ଟଙ୍କା ଫେରସ୍ତ କରି ସାରିଲେଣି। ଆହୁରି ୩୦ ଜଣ ନାମରେ ହଡ଼ପ ହୋଇଥିବା ଟଙ୍କାକୁ ସମ୍ପୃକ୍ତ କର୍ମଚାରୀମାନେ ଶୀଘ୍ର ଫେରାଇବେ ବୋଲି ନିର୍ବାହୀ ଅଧିକାରୀ ମହାପାତ୍ର କହିଛନ୍ତି। ହଡପ କରି ଧରା ପଡ଼ିବା ପରେ ଟଙ୍କା ଫେରସ୍ତ କରିଥିବା କର୍ମଚାରୀଙ୍କ ବିରୋଧରେ ଏଯାବତ୍ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି କେତେଜଣ କଣ୍ଟ୍ରୋଲ ଡିଲର ଓ ମ୍ୟୁନିସିପାଲିଟି କର୍ମଚାରୀଙ୍କ ଅସାଧୁ ମେଣ୍ଟରେ ଲକ୍ଷାଧିକ ବାତ୍ୟା ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ ହେଉଛି। ଡିଲରମାନେ ରଖିଥିବା ଭୂତ ରାଶନକାର୍ଡ ମାଧ୍ୟମରେ ଟଙ୍କା ହଡ଼ପ କରାଯାଇଛି। ଏଥିରେ ମ୍ୟୁନିସିପାଲିଟିର କେତେଜଣ କର୍ମଚାରୀଙ୍କ ସମ୍ପୃକ୍ତି ରହିଥିବା ଅଭିଯୋଗରୁ ଜଣାପଡ଼ିଛି। ଏହାର ତଦନ୍ତ କରାଗଲେ ଆଉ ଏକ ବଡ଼ ଦୁର୍ନୀତିର ପର୍ଦ୍ଦାଫାଶ ହୋଇପାରନ୍ତା ବୋଲି ସାଧାରଣରେ ଦାବି ହୋଇଛି।

### ବିଷ୍ଣୁ ସେଠୀଙ୍କ ସଭ୍ୟ ପଦ ରଦ୍ଧ କରାଯାଉ

**ଭୁବନେଶ୍ୱର,୨।୮(ବ୍ୟୁରୋ)-** ଗୁରୁବାର ବିଧାନସଭାରେ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ମୁସ୍‌ଲିମ୍ ମହିଳାଙ୍କ ଉପରେ ଦେଇଥିବା ବୟାନକୁ ବିରୋଧ ସହ ସଭ୍ୟ ପଦ ରଦ୍ଧ ଲାଗି ଶୁକ୍ରବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଓଡ଼ିଶା ମୁସଲିମ୍ ଫୋରମ ପତ୍ର ପ୍ରେରଣ କରିଛି। ଫୋରମ ଅଭିଯୋଗ କରିଛି, ଉପନେତା ସେଠୀ ସମଗ୍ର ନାରୀ ଜାତିକୁ ଅପମାନିତ କରିଛନ୍ତି। ଏଭଳି ବ୍ୟକ୍ତିଙ୍କ ଲାଗି ବିଧାନସଭାରେ କୌଣସି ସ୍ଥାନ ନାହିଁ ବୋଲି କହି ଫୋରମ ନିନ୍ଦା କରିଛି।

# ଲକ୍ଷ୍ୟରୁ ଦୂରେଇଛି ଜୀବନ୍ତଖାଦ୍ୟ ପ୍ରଜନନ କେନ୍ଦ୍ର

**ବାରଙ୍ଗ,୨।୮(ଡି.ଏନ୍.ଏ.)**

**ନନ୍ଦନକାନନ**
■ ପୂର୍ବାପେକ୍ଷା ପ୍ରଜନନ କମୁଛି
■ ବାହାରୁ କିଣାହେଉଛି ଖାଦ୍ୟ

ନନ୍ଦନକାନନର ଶେଷଭାଗ ୧ନଂ ଫାଟକ ପାଖରେ ରହିଛି ଜୀବନ୍ତଖାଦ୍ୟ ପ୍ରଜନନ କେନ୍ଦ୍ର। ଏହି କେନ୍ଦ୍ର ଉପରେ ନନ୍ଦନକାନନର ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପ୍ରାଣୀ ନିର୍ଭରଶୀଳ। କେନ୍ଦ୍ରରେ ପ୍ରଜନନ କରାଯାଇ ଆବଶ୍ୟକ ଦେଖି ଜୀବନ୍ତଖାଦ୍ୟ ସବୁ ବିଭିନ୍ନ ପ୍ରାଣୀଙ୍କୁ ଖାଇବାକୁ ଦିଆଯାଏ। କିନ୍ତୁ ଏହି କେନ୍ଦ୍ର ଏବେ ନିଜ ଲକ୍ଷ୍ୟରୁ ବିଚ୍ୟୁତ ହୋଇଥିବା ପରିଲକ୍ଷିତ ହେଉଛି। କେନ୍ଦ୍ରକୁ ପରିଚାଳନା ପାଇଁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ ସତ୍ତ୍ୱେ ମୂଳ ଲକ୍ଷ୍ୟ ପୂରଣ ଅଦ୍ୟାବଧି ହୋଇପାରି ନାହିଁ। ଠିକାଦାରମାନଙ୍କ ବେପରୁଆ ମନୋଭାବ ଓ ପ୍ରାଣୀମାନଙ୍କ ଖାଦ୍ୟଯୋଗାଣରେ ଅବହେଳା ଯୋଗୁ କର୍ତ୍ତୃପକ୍ଷ କରିଥିବା ପରିକଳ୍ପନା ସାକାର ହୋଇପାରୁ ନାହିଁ। ଇଚ୍ଛାଶକ୍ତିର ଅଭାବ ଯୋଗୁ ପ୍ରଜନନ କେନ୍ଦ୍ରରେ ଆବଶ୍ୟକତା ମୁତାବକ ପ୍ରଜନନ ହୋଇପାରୁ ନାହିଁ। ଫଳରେ ଆବଶ୍ୟକତା ଦେଖି ଜୀବନ୍ତଖାଦ୍ୟ ବାହାରୁ କିଣା ହୋଇ ପ୍ରାଣୀମାନଙ୍କୁ ଦିଆଯାଉଛି।

ସୂଚନା ଅନୁଯାୟୀ, ନନ୍ଦନକାନନରେ ଥିବା ୨୧୩ ଏନକ୍ଲୋଜରରେ ୧୫୬ ପ୍ରଜାତିର ୩୫୧୮ ପ୍ରାଣୀମାନଙ୍କ ପାଇଁ ଦୈନନ୍ଦିନ ଖାଦ୍ୟର ଆବଶ୍ୟକତା ରହିଛି। ଏହିସବୁ ଖାଦ୍ୟ ନନ୍ଦନକାନନର ଯୋଗାଣ ବିଭାଗ ରେଞ୍ଜ ଅଫିସରଙ୍କ ଦାୟିତ୍ୱରେ ରହିଛି। ଏହାପୂର୍ବରୁ ଖାଦ୍ୟ ପାଇଁ ନନ୍ଦନକାନନ ଠିକାଦାରମାନଙ୍କ ଉପରେ ନିର୍ଭର କରୁଥିଲା। ପରେ ଠିକାଦାରଙ୍କ ଅନିୟମିତତା ଯୋଗୁ ପର୍ଯ୍ୟାୟକ୍ରମେ କିଛିକିଛି ଖାଦ୍ୟ ନିଜ ଦାୟିତ୍ୱରେ ରଖିବାର ଯୋଜନା କରିଥିଲା ନନ୍ଦନକାନନ। ପ୍ରଥମେ ଘାସଫାର୍ମ କରି ତୃଣଭୋଜି ପ୍ରାଣୀମାନଙ୍କୁ ଘାସ ଯୋଗାଇଥିଲା। ଦ୍ୱିତୀୟରେ ହରିଣ ଦାନାକୁ ନିଜେ ଓମଫେଡଠାରୁ କ୍ରୟ କରିଥିଲା। ଏହାପରେ ଧଳାମୂଷା, ବିଲାତିମୂଷା, ଠେକୁଆ, ପୋକ, ଗେଣ୍ଡା, କୁକୁଡାଚିଆଁ, ମାଛଜାଆଁଳ ଆଦି ଖାଦ୍ୟକୁ ମଧ୍ୟ ଠିକେଦାରମୁକ୍ତ କରାଇବା ସହ ନିଜେ ଯୋଗାଇବାର ନିଷ୍ପତ୍ତି ନେଇଥିଲା। ଏଥିପାଇଁ ନୂଆକରି ଏକ କେନ୍ଦ୍ରର ପରିକଳ୍ପନା କରାଯିବା ସହ ୮ ଜୁଲାଇ ୨୦୧୫ରେ ନନ୍ଦନକାନନର ଶେଷଭାଗ ୧ନଂ ଫାଟକ ପାଖରେ ଜୀବନ୍ତଖାଦ୍ୟ ପ୍ରଜନନ କେନ୍ଦ୍ର ନିର୍ମାଣ ହୋଇଥିଲେ। କେନ୍ଦ୍ର କିଛି ଦିନ ଚାଲିବା ପରେ ଖର୍ଚ୍ଚ ବେଶି ଓ ସତେଜ ଖାଦ୍ୟ ଦେବାରେ ଅବହେଳା ହେବାରୁ ଉତ୍ପାଦନକୁ କମ କରାଗଲା। କେନ୍ଦ୍ରରେ ୫ଟି ପ୍ରକୋଷ୍ଠ ରହିଥିବାବେଳେ ଛୋଟଛୋଟ ୧୬୦ଟି ବାକ୍ସ ରହିଛି। ଏବେ କେବଳ ପୋକ ଓ ଧଳାମୂଷା ପ୍ରଜନନରେ ସୀମିତ ରହିଛି। ମାଛଯାଆଁଳ ଓ ଠେକୁଆ ପ୍ରଜନନ ପାଇଁ ଅଦ୍ୟାବଧି ଉଦ୍ୟମ ହୋଇ ନ ଥିବାବେଳେ ବିଲାତିମୂଷା, କୁକୁଡାଚିଆଁ ଓ ଗେଣ୍ଡା ଏବେ କିଣାଯାଉଛି। ବିଶେଷକରି ପେଚା, ଛଞ୍ଚାଣ, ଚିଲ, ବିଭିନ୍ନ ପ୍ରଜାତିର ଫିଜାଣ୍ଟ, ଶାଗୁଣା, ଅସୁସ୍ଥ ପ୍ରାଣୀ ଓ ସାପମାନଙ୍କ ଖାଦ୍ୟ ପାଇଁ ଏହି କେନ୍ଦ୍ର କରାଯାଇଛି। କିନ୍ତୁ କେନ୍ଦ୍ରରେ ପ୍ରଜନନ ପାଇଁ ଉଦ୍ୟମ କରାଯାଉ ନ ଥିବାରୁ ଆବଶ୍ୟକ ଖାଦ୍ୟ ଯୋଗାଣ ବିଭାଗ କିଣି ଆଣୁଥିବାର ଦେଖିବାକୁ ମିଳିଛି। କିନ୍ତୁ ଅଧିକାରୀଙ୍କ ଖାମଖିଆଲ ମନୋଭାବ ଯୋଗୁ ନନ୍ଦନକାନନକୁ ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ଏ ବିଷୟରେ କେନ୍ଦ୍ରର ଦାୟିତ୍ୱରେ ଥିବା ରେଞ୍ଜ ଅଫିସର ରଞ୍ଜନ କୁମାର ମହାନ୍ତ କୁହନ୍ତି, ଏଠାରେ କିଛି ପ୍ରଜନନ ହେଉନାହିଁ। ସବୁ କିଣା ହୋଇଆସୁଛି।



ଅଧ୍ୟବସାୟ ସଙ୍ଗେ ସଙ୍ଗେ ସୌଭାଗ୍ୟ ଛାଇ ଭଳି ଚାଲିଥାଏ।
- ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ଟଙ୍କା ଚୋରି

ଜଟଣୀ,୨।୮(ଡି.ଏନ.ଏ.): ଜଟଣୀ ଥାନା ନିରଞ୍ଜନପୁର ଗ୍ରାମରେ ଯୋଗେନ୍ଦ୍ର ଭୁଜବଳଙ୍କ ଘରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଘରେ କେହି ନ ଥିବା ସୁଯୋଗରେ ଦୁର୍ବୃତ୍ତମାନେ ଆଲମିରା ଭାଙ୍ଗି ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ୩୫ଟି ସୁନା ମୁଦି, ପଲା, କାନର, ୧୦ ହଜାର ଟଙ୍କା ଚୋରି କରି ନେଇଛନ୍ତି। ଅଭିଯୋଗ ପରେ ପୋଲିସ, ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ଘଟଣାସ୍ଥଳ ତଦନ୍ତ କରି ଫେରି ଆସିଛନ୍ତି। ଏହି ଘଟଣାରେ ପୋଲିସ ସନ୍ଦେହରେ କେତେଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡିଛି।

### ଓଏସ୍‌ଡିଏ ଅଧ୍ୟକ୍ଷଙ୍କୁ ଭେଟିଲେ ବିଶ୍ୱ ଦକ୍ଷତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ

ଭୁବନେଶ୍ୱର,୨।୮(ବ୍ୟୁରୋ): ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଭାଗନେବାକୁ ଥିବା ତିନିଜଣ କୃତୀ ପ୍ରତିଯୋଗୀ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀଙ୍କ ସହ ସାକ୍ଷାତ କରିଛନ୍ତି। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ କାର୍ଯ୍ୟାଳୟରେ ଶୁକ୍ରବାର ହୋଇଥିବା ଏହି କାର୍ଯ୍ୟକ୍ରମରେ ସିଟିଟିସିର ସିଏନ୍‌ସି ଟର୍ଣ୍ଣିଂର ଅବିନାଶ ସ୍ୱାଇଁ, ଏମ୍-କାଡ୍‌ର ଜେନୋଫୋନ ଦାସ ଏବଂ ସିଭି ରମଣ ଇଞ୍ଜିନିୟରିଂ କଲେଜର ୱାଟର ଟେକ୍‌ନୋଲୋଜିରେ ଅଧ୍ୟୟନରତ ଥିବା ଅଶ୍ୱଥ ନାରାୟଣ ଋଷିଆର କାଜାନ ସହରଠାରେ ହେବାକୁ ଥିବା ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଅବିନାଶ ଏବଂ ଜେନୋଫୋନ୍ ବିଶ୍ୱର ୩୦ଟି ଦେଶ ଏବଂ ଅଶ୍ୱଥ ୧୧ଟି ଦେଶର ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ପ୍ରତିଯୋଗିତା କରିବେ। ସମସ୍ତ ପ୍ରତିଯୋଗୀ ୧୨ ଅଗଷ୍ଟରେ ଦିଲ୍ଲୀ ଅଭିମୁଖେ ଯାତ୍ରା କରି ୧୯ ଅଗଷ୍ଟରେ କାଜାନ ଗସ୍ତ କରିବେ। ସମସ୍ତ ପ୍ରତିଯୋଗୀ ୨୭ ଅଗଷ୍ଟରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ। ପ୍ରତିଯୋଗୀମାନେ ସର୍ବୋତ୍ତମ ସ୍କିଲ ପ୍ରଦର୍ଶନ କରି ରାଜ୍ୟ ତଥା ଦେଶର ନାମ ରଖିବାକୁ ବାଗ୍‌ଚୀ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଶାସନ ସଚିବ ସଞ୍ଜୟ କୁମାର ସିଂ, ନିଯୋଜନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ତଥା ସିଇଓ, ଓଏସ୍‌ଡ଼ିଏ ରଶ୍ମିତା ପଣ୍ଡା, ଡିଟିଇଟିର ନିର୍ଦ୍ଦେଶକ ରେଘୁ ଜି ଏବଂ ସିସ୍କୋ ସିଏସ୍‌ଆର୍ ମୁଖ୍ୟ ଅନୁରାଗ ଶ୍ରୀବାସ୍ତବ ଉପସ୍ଥିତ ଥିଲେ।

### ଡକାୟତି ଉଦ୍ୟମ, ୪ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨।୮(ବ୍ୟୁରୋ): ଖାରବେଳନଗର ଥାନା ଅଞ୍ଚଳରେ ଡକାୟତି ଉଦ୍ୟମ କରୁଥିବାବେଳେ ପୋଲିସ ଚଢ଼ାଉ କରି ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖାରବେଳନଗର ଥାନା ଅଞ୍ଚଳର ମନୋଜ ବେହେରା, ରାଜେଶ ବେହେରା, ଚିଣ୍ଟୁ ଦାସ ଓ ପୁରୀ ଜିଲା ଡେଲାଙ୍ଗ ଅଞ୍ଚଳର ଚିତ୍ତରଞ୍ଜନ ରଥ। ଏମାନଙ୍କ ନିକଟରୁ ଗୋଟିଏ କଟୁରି, ମାର୍ଟ୍ତୁଲ, ଛୁରି ଓ ଲଙ୍କାଗୁଣ୍ଡ ପ୍ୟାକେଟ ଜବତ ହୋଇଛି। ଗୁରୁବାର ରାତିରେ ଏସ୍‌ଆଇ ବି.ଡି. ରାଉତରାଏ ରାତ୍ରି ପାଟ୍ରୋଲିଂ ବେଳେ ଅଭିଯୁକ୍ତମାନେ ରାତି ପ୍ରାୟ ଗୋଟାଏ ବେଳେ ସରକାରୀ ପ୍ରେସ୍ ନିକଟରେ ଡକାୟତି ଯୋଜନା କରୁଥିବା ଖବର ପାଇଥିଲେ। ସେଠାରେ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲେ। ଅନ୍ଧାରର ସୁଯୋଗ ନେଇ ଜଣେ ଅଭିଯୁକ୍ତ ଖସିଯିବାରେ ସକ୍ଷମ ହୋଇଥିଲା। ଥାନାରେ ୧୯୦/୧୯ରେ ମାମଲା ରୁଜୁ ହୋଇଛି।

## ବାତ୍ୟାକୁ ପୂରିଲା ୩ ମାସ

# ପୁରୀ ଜିଲାରେ ଅସଜଡ଼ା ଶିକ୍ଷା ଭିତ୍ତିଭୂମି

- ଅନ୍ୟତ୍ର ପଢୁଛନ୍ତି ୫୮ ବିଦ୍ୟାଳୟର ଛାତ୍ରଛାତ୍ରୀ
- ମରାମତି ହୋଇନି ବାଳିକା ଉଚ୍ଚ ବିଦ୍ୟାଳୟ ପରିସ୍ରାଗାର



ଇତିମଧ୍ୟରେ ବାତ୍ୟା ଫନୀକୁ ୩ ମାସ ପୂରିଛି। ହେଲେ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ସଜାଡ଼ି ହୋଇପାରିନି ପୁରୀ ଜିଲାର ଶିକ୍ଷା ଭିତ୍ତିଭୂମି। କେଉଁଠି ଭଙ୍ଗା ଦଦରା ସ୍କୁଲ କୋଠା ଏବେ ବି ବାତ୍ୟାର ସ୍ମୃତିକୁ ତାଜା କରିଦେଉଥିବାବେଳେ ଆଉ କେତେକ ଜାଗାରେ ବିପଦସଙ୍କୁଳ ଅବସ୍ଥାରେ ଅଧ୍ୟୟନ କରୁଛନ୍ତି ପିଲା। ପୁରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସ୍ରାଗାର କବାଟ ଭାଙ୍ଗିଯାଇଥିବାରୁ ଛାତ୍ରୀମାନେ ହଇରାଣ ହେଉଛନ୍ତି। ମରାମତି ହୋଇ ନ ଥିବାରୁ ଏବେ ବି ୫୮ ବିଦ୍ୟାଳୟର ପିଲା କୋଠଘର, ନିକଟ ସ୍କୁଲ ଓ ବାତ୍ୟା ଆଶ୍ରୟସ୍ଥଳରେ ପଢୁଛନ୍ତି।

ପୁରୀ ଅଫିସ, ୨।୮

୨୦୧୯ ମେ ୩ ତାରିଖ। ଉପକୂଳବର୍ତ୍ତୀ ପୁରୀ ଜିଲା ପାଇଁ ଅଭିଶପ୍ତ ଦିନଟିଏ। ଏହିଦିନ ପୁରୀକୁ ଛାରଖାର କରିଦେଇଥିଲା ବାତ୍ୟା ଫନୀ। ଶନିବାର ବାତ୍ୟାକୁ ୩ମାସ ପୂରୁଛି। ବିଭିନ୍ନ କ୍ଷେତ୍ରରେ ଯଦିଓ ସ୍ୱାଭାବିକ ଅବସ୍ଥା ଫେରିଛି କିନ୍ତୁ ଏ ପର୍ଯ୍ୟନ୍ତ ଜିଲାର ଶିକ୍ଷା ବ୍ୟବସ୍ଥା ସଜଡ଼ା ଯାଇପାରିନାହିଁ। ଅସଜଡ଼ା ଭିତ୍ତିଭୂମି ଯୋଗୁ ଏକପ୍ରକାର ଭୁଶୁଡ଼ିପଡ଼ିଛି ଶିକ୍ଷାଦାନ ବ୍ୟବସ୍ଥା। ବିଦ୍ୟାଳୟ ପରିସରରେ ଅର୍ଦ୍ଧଭଗ୍ନ କୋଠା ଏବେ ବି ସେମିତି ମୁଣ୍ଡଟେକି ରହିଛି। ଖରା, ବର୍ଷା ଖାଇ ଏହି କୋଠାଗୁଡ଼ିକ ବିପଦସଙ୍କୁଳ ହୋଇପଡ଼ିଥିଲେ ବି ଏଥିପ୍ରତି ବିଶେଷ ଧ୍ୟାନ ଦିଆଯାଇନାହିଁ। ଅନେକ ବିଦ୍ୟାଳୟରେ ପିଲାମାନେ ଭୟଭୀତ ଅବସ୍ଥାରେ ପଢୁଛନ୍ତି। ସବୁଠୁ ପରିତାପର ବିଷୟ ହେଉଛି ଏପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ବିଦ୍ୟାଳୟର ମରାମତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇନାହିଁ। ଏଥିଯୋଗୁ ଜିଲାର ୫୮ଟି ସ୍କୁଲର ପିଲା ଗାଁ କୋଠଘର, ବାତ୍ୟା ଆଶ୍ରୟସ୍ଥଳ ଏବଂ ନିକଟସ୍ଥ ବିଦ୍ୟାଳୟକୁ ପଢିବାକୁ ଯାଉଛନ୍ତି।



କୌଣସି ଗାଁ ଗହଳି ନୁହେଁ ଖୋଦ୍ ପୁରୀ ସହର ମଧ୍ୟସ୍ଥଳରେ ଥିବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ଦୃଷ୍ଟାନ୍ତ ଭାବେ ନିଆଯାଇପାରେ। ପୁରୀ ସହରର ଏହା ଏକ ପୁରାତନ ଶିକ୍ଷାନୁଷ୍ଠାନ। ଏଠାରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୫୦ ଛାତ୍ରୀ ପଢୁଛନ୍ତି। ବାତ୍ୟାରେ ଏହି ସ୍କୁଲରେ ବ୍ୟାପକ କ୍ଷୟକ୍ଷତି ହୋଇଛି। କମ୍ପ୍ୟୁଟର ଏବଂ ଏନ୍‌ସିସି କକ୍ଷ ସମେତ ୩ବଖରା ଆଜବେଷ୍ଟସ ଘର ନଷ୍ଟ ହୋଇଯାଇଛି। ପବନରେ ଆଜବେଷ୍ଟସ ଉଡ଼ିଯିବା ପରେ ଏହି ୩ଟି ପ୍ରକୋଷ୍ଠରେ ଥିବା ସବୁ ଜିନିଷ ପାଣି ପଶି ନଷ୍ଟ ହୋଇଛି। ସେହିପରି ପ୍ରବେଶ ପଥ ଗ୍ରୀଲ, କ୍ୟାଣ୍ଟିନ, ପରିସ୍ରାଗାର କବାଟ ସମେତ ସ୍କୁଲ ପରିସରରେ ବ୍ୟାପକ ଗଛ ଭାଙ୍ଗିଯାଇଛି। ପାଚେରି ଭାଙ୍ଗି ମୁକୁଳା ପଡ଼ିଛି। ଏ ପର୍ଯ୍ୟନ୍ତ କିଛି ମରାମତି କରାଯାଇନାହିଁ। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପଙ୍କଜିନୀ ମହାନ୍ତି କହିଛନ୍ତି, ବାତ୍ୟାରେ ସ୍କୁଲର ୩ଟି ଆଜବେଷ୍ଟସ କୋଠା ଓ ପରିସ୍ରାଗାର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ପୁରୁଣା କୋଠା ପାଣି ପବନ ଖାଇ ବିପଦସଙ୍କୁଳ ହୋଇପଡ଼ିଥିବାରୁ ଭାଙ୍ଗିବା ତୁରନ୍ତ ଦରକାର ପଡୁଛି। ପିଲାମାନେ ବିପଦସଙ୍କୁଳ ଅବସ୍ଥାରେ ଯିବା ଆସିବା କରୁଛନ୍ତି। ମୁଖ୍ୟ ଫାଟକ ଓ ପାଚେରି ଭାଙ୍ଗି ଯାଇଥିବାରୁ ସ୍କୁଲଟି ଖୋଲାପଡ଼ିଛି। ସ୍କୁଲ ଛୁଟି ପରେ ଏହି ସ୍ଥାନ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟୁଛି। ପାଣି ଟ୍ୟାପ୍, ଝରକାରେ ଲାଗିଥିବା ଗ୍ରୀଲ ଆଦି ଚୋରି ହେଉଛି। ଜଣେ ୱାଚ୍‌ମ୍ୟାନଙ୍କ ପକ୍ଷେ ଜଗାରଖା କରିବା ସମ୍ଭବ ହେଉନାହିଁ। ଅନ୍ୟ କିଛି କାମ ହେବା ପୂର୍ବରୁ ପ୍ରଥମେ ୩ଟି ପ୍ରକୋଷ୍ଠର ଅର୍ଦ୍ଧଭଗ୍ନ କୋଠା ଭଙ୍ଗାଯିବା ଓ ଶୌଚାଳୟ ମରାମତି ହେବା ଆବଶ୍ୟକ ବୋଲି ମହାନ୍ତି ମତବ୍ୟକ୍ତ କରିଛନ୍ତି। ନବମ ଶ୍ରେଣୀ ଛାତ୍ରୀ ଅଲିଭା ଦାଶ କହିଛନ୍ତି, ବାତ୍ୟା ପରେ ସ୍କୁଲ ଅସୁରକ୍ଷିତ ହୋଇପଡ଼ିଛି। ଫାଟକ ଓ ପାଚେରି ଭାଙ୍ଗିପଡ଼ିଥିବାରୁ ବାହାର ଲୋକ ଏପରିକି ଷଣ୍ଢ, ଗାଈ ଆଦି ପଶି ଆସୁଛନ୍ତି। ପରିସ୍ରାଗାର ଭାଙ୍ଗିଯାଇଥିବାରୁ ଟଏଲେଟ୍ ଯିବା ବଡ଼ ସମସ୍ୟା ହୋଇଛି। ଏନ୍‌ସିସି ଏବଂ କମ୍ପ୍ୟୁଟର ରୁମ୍ ନଷ୍ଟ ହୋଇଯାଇଛି। ବିପଦସଙ୍କୁଳ କୋଠା ଭାଙ୍ଗିପଡ଼ିବାର ଆଶଙ୍କା ଥିବାରୁ ଆମେ ଭୟଭୀତ ଅବସ୍ଥାରେ ପାଠ ପଢୁଛୁ । ଏ ନେଇ ଶିକ୍ଷୟିତ୍ରୀମାନେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅନେକ ଥର ଅବଗତ କରାଇଲେ ମଧ୍ୟ କେହି କିଛି କରୁନାହାନ୍ତି ବୋଲି କହିଛନ୍ତି ଅଲିଭା।

ଫନୀ ମାଡ଼ରେ ଏଭଳି ଭାବେ ଜିଲାର ଅନେକ ସ୍କୁଲର ଭିତ୍ତିଭୂମି ଉଜୁଡ଼ିଯାଇଛି। ଏ ପର୍ଯ୍ୟନ୍ତ ସ୍କୁଲ ମରାମତି ହୋଇ ନ ଥିବାରୁ ପିଲାମାନେ ଅନ୍ୟତ୍ର ପଢୁଛନ୍ତି। ନିମାପଡ଼ା ବ୍ଲକରେ ୧୧ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ୧୭ଟି ବ୍ଲକଗ୍ରାଣ୍ଟ ସ୍କୁଲ ଏବେ ଗାଁ କୋଠଘର, ନିକଟସ୍ଥ ବିଦ୍ୟାଳୟ ଓ ବାତ୍ୟା ଆଶ୍ରୟସ୍ଥଳୀରେ ଚାଲିଛି। ଏହି ବ୍ଲକର କୋପିନ୍ଦା ପାତଳି ଏବଂ ବଢ଼ିରିକୋଲ ଗ୍ରାମ ପ୍ରାଥମିକ ବିଦ୍ୟାଳୟ ଗାଁ କୋଠଘରେ ଏବଂ ବଉଳପଦା ପଞ୍ଚାୟତ ହାଇସ୍କୁଲ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳୀରେ ଚାଲିଥିବା ନିମାପଡ଼ା ବ୍ଲକ ଶିକ୍ଷାଧିକାରୀ ବିଜୟ ବେହେରା କହିଛନ୍ତି। ଏ ନେଇ ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟମଞ୍ଜରୀ ଦାଶ କହିଛନ୍ତି, ବର୍ତ୍ତମାନ ଜିଲାର ୫୮ଟି ସ୍କୁଲର ଛାତ୍ରୀଛାତ୍ର ନିକଟସ୍ଥ ବିଦ୍ୟାଳୟ, ବାତ୍ୟା ଆଶ୍ରୟସ୍ଥଳ ଆଦିକୁ ଯାଇ ପଢୁଛନ୍ତି। ଏହି ସ୍କୁଲଗୁଡ଼ିକ ବାତ୍ୟାରେ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି। ତୁରନ୍ତ ମରାମତି ସରିବା ପରେ ପୁଣି ପିଲାମାନେ ନିଜ ସ୍କୁଲକୁ ଫେରିବେ। ସେହିପରି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ଅତ୍ୟାବଶ୍ୟକ ମରାମତି ପାଇଁ କ୍ଷତିଗ୍ରସ୍ତ ବିଦ୍ୟାଳୟଗୁଡ଼ିକୁ ୨ଲକ୍ଷ ଟଙ୍କା ଲେଖାଏ ଦିଆଯାଇଥିଲା। ଏବେ ୯୬ କୋଟି ଟଙ୍କା ଅନୁଦାନ ଆସିଛି। ଖୁବ୍‌ଶୀଘ୍ର କ୍ଷତିଗ୍ରସ୍ତ ବିଦ୍ୟାଳୟଗୁଡ଼ିକର ସ୍ଥାୟୀ ମରାମତି କାମ ଆରମ୍ଭ ହେବ। ତେବେ ପୁରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ପର୍କରେ ସ୍ଥାନୀୟ ବିଧାୟକ ଲିଖିତ ଭାବେ ଜଣାଇଲେ ତୁରନ୍ତ ପଦକ୍ଷେପ ନିଆଯିବ। ସେ ଖୁବଶୀଘ୍ର ପୁରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବେ ବୋଲି ପ୍ରକାଶ କରିଛନ୍ତି।

ରିପୋର୍ଟ- ହେମନ୍ତ କୁମାର ନାୟକ

## ସଂଯୋଗ ସତ୍ତ୍ୱେ ଅଘୋଷିତ ବିଦ୍ୟୁତ୍ କାଟ ଜାରି

### ପର୍ଯ୍ୟଟନ ଶିଳ୍ପ ପାଇଁ ଦିଲ୍ଲୀ, କୋଲକାତାରେ ହେବ ପ୍ରେସ୍ ମିଟ୍

ପୁରୀ ଅଫିସ, ୨।୮

ବାତ୍ୟାରେ ଛାରଖାର ହୋଇଯାଇଥିଲା ପର୍ଯ୍ୟଟନ ସହର ପୁରୀ। ହୋଟେଲ ଶିଳ୍ପ ମଧ୍ୟ ବିଶେଷ କ୍ଷତିଗ୍ରସ୍ତ ହୋଇଥିଲା। ଶନିବାର ବାତ୍ୟା ଫନୀକୁ ୩ମାସ ପୂରୁଛି। ବାତ୍ୟା ପରେ ବିଦ୍ୟୁତ୍ ସେବା ସ୍ୱାଭାବିକ ନେଇ ବହୁବାର ଆନ୍ଦୋଳନ ହୋଇଥିଲା। ଇତିମଧ୍ୟରେ ପୁରୀ ଜିଲାର ପ୍ରାୟ ସବୁ ଗ୍ରାହକଙ୍କୁ ସଂଯୋଗ ଦିଆଯାଇଥିଲେ ମଧ୍ୟ ଅଘୋଷିତ ବିଦ୍ୟୁତ୍‌କାଟ ବନ୍ଦ ହୋଇନାହିଁ। ସେହିପରି ଏ ପର୍ଯ୍ୟନ୍ତ ପୁରୀ ପର୍ଯ୍ୟଟନ ଶିଳ୍ପ ଜୋର୍ ଧରିନାହିଁ। ତେଣୁ ହୋଟେଲ ଆସୋସିଏଶନ ପକ୍ଷରୁ ଦିଲ୍ଲୀ ଓ କୋଲକାତାରେ ପ୍ରେସ୍ ମିଟ୍ କରାଯାଇ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯିବାକୁ ଯୋଜନା ହେଉଛି।

ସେସୁ ପୁରୀ ଡିଭିଜନର ନିର୍ବାହୀଯନ୍ତ୍ରୀ ଶିବପ୍ରସାଦ ସ୍ୱାଇଁ କହିଛନ୍ତି, ବାତ୍ୟାରେ ପୁରୀ ଜିଲା ବିଦ୍ୟୁତ୍ ବିଭାଗର ବ୍ୟାପକ କ୍ଷତି ହୋଇଥିଲା। ରାଜ୍ୟ ବାହାରୁ ଶ୍ରମିକଙ୍କୁ ଅଣାଯାଇ ଯୁଦ୍ଧକାଳୀନ ଭିତ୍ତିରେ କାମ କରାଯାଇଥିଲା। ପୁରୀ ଡିଭିଜନର ୧,୬୩,୦୦୦ ଗ୍ରାହକଙ୍କୁ ସଂଯୋଗ ଦିଆସରିଛି। କେବଳ କୃଷ୍ଣପ୍ରସାଦ ବ୍ଲକର ସିପକୁଦା ଗାଁକୁ ସଂଯୋଗ ଦିଆଯାଇ ପାରିନାହିଁ। ଏହି ଗାଁରେ ପ୍ରାୟ ୧୭୫ ଉପଭୋକ୍ତା ଅଛନ୍ତି। ଏଥିଲାଗି ଦ୍ରୁତଗତିରେ କାମ ଚାଲିଛି। ସେହିପରି ନିମାପଡ଼ା ସବ୍‌ଡିଭିଜନରେ ୫୮,୦୦୦ ଉପଭୋକ୍ତା ଥିବାବେଳେ ସବୁ ଗାଁକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି ବୋଲି ଏସ୍‌ଡିଓ ଡ. ଜୟକୁମାର କହିଛନ୍ତି। ୩ଟି ସେକ୍ସନ (କାକଟପୁର-୧, କାକଟପୁର-୨ ଓ ଅସ୍ତରଙ୍ଗ)କୁ ନେଇ ଗଠିତ କାକଟପୁର ବିଦ୍ୟୁତ୍ ଉପଖଣ୍ଡ ଅଧୀନରେ ୩୮,୨୯୫ ଗ୍ରାହକ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ସମସ୍ତଙ୍କୁ ସଂଯୋଗ ଦିଆଯାଇଥିବା ସହକାରୀ ଯନ୍ତ୍ରୀ ଦୀପକ ମହାନ୍ତି କହିଛନ୍ତି। ଅନ୍ୟପକ୍ଷେ ଅଘୋଷିତ ବିଦ୍ୟୁତ୍ କାଟ ଜାରି ରହିଛି। କାକଟପୁର ବିଦ୍ୟୁତ୍ ସେକ୍ସନ-୨ ଅନ୍ତର୍ଗତ ତୁଳସୀପୁର ଗ୍ରାମର ହରିହର ସାହୁ କହିଛନ୍ତି, ଏପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ୨୪ଘଣ୍ଟିଆ ହୋଇପାରିନାହିଁ। ପ୍ରତିଦିନ ଅଘୋଷିତ ବିଦ୍ୟୁତ୍ କାଟ ହେଉଛି। ବାତ୍ୟା କ୍ଷତିଗ୍ରସ୍ତ ଗାଁରେ ବିଦ୍ୟୁତ୍ ସମସ୍ୟା ଦୂର ପାଇଁ ସୋଲାର ଲଣ୍ଠନ ବଣ୍ଟାଯାଉଛି। ଶୁକ୍ରବାର ପୁରୀ ସଦର ବ୍ଲକ ଆଳିକିଆ ଗାଁରେ ମିଶନ ଓଡ଼ିଶା ପକ୍ଷରୁ ୧୫ ପରିବାରକୁ ସୌର ଲଣ୍ଠନ ଦିଆଯାଇଛି।

ସେହିପରି ଅନେକଙ୍କ ପାଖରେ ଘରଭଙ୍ଗା ସହାୟତା ପହଞ୍ଚିନାହିଁ। ଏ ନେଇ ଆସିଥିବା ଆପତ୍ତି ଅଭିଯୋଗଗୁଡ଼ିକର ତଦନ୍ତ ଚାଲିଛି। ବଳିଆପଣ୍ଡା ବସ୍ତିର ୨,୨୦୦ କ୍ଷତିଗ୍ରସ୍ତଙ୍କ ଫଟୋ ଉଠାଯାଇ ତଥ୍ୟ ନିଆଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୫୦ ଜଣଙ୍କୁ ସହାୟତା ରାଶି ଦିଆଯାଇଛି ବୋଲି ମନୋଜ ମଣ୍ଡଳ କହିଛନ୍ତି। ଅନ୍ୟପକ୍ଷରେ ପୁରୀ ପର୍ଯ୍ୟଟନ ଶିଳ୍ପ ଏ ପର୍ଯ୍ୟନ୍ତ ଜୋର୍ ଧରିନାହିଁ। ପ୍ରାୟ ୮୦ ପ୍ରତିଶତ ହୋଟେଲ ପ୍ରସ୍ତୁତ ହୋଇଯାଇଥିବା ପୁରୀ ହୋଟେଲ ଆସୋସିଏଶନ ସମ୍ପାଦକ ରାଜକିଶୋର ପାତ୍ର କହିଛନ୍ତି। ସେହିପରି ସଭାପତି ରାମକୃଷ୍ଣ ଦାସମହାପାତ୍ର କହିଛନ୍ତି, ବାତ୍ୟାରେ ବହୁ ହୋଟେଲ କ୍ଷତିଗ୍ରସ୍ତ ହୋଇଥିଲା। ପୁନରୁଦ୍ଧାର ପାଇଁ ସରକାରଙ୍କ ପାଖରେ କେତେକ ଦାବି ରଖିଥିଲୁ। ମାତ୍ର କୌଣସି ପ୍ରକାର ସାହାଯ୍ୟ, ସହଯୋଗ ମିଳିନାହିଁ। ପୁରୀ ସହରକୁ କେମିତି ଆଗଭଳି ପର୍ଯ୍ୟଟକ ଆସିବେ ସେଥିଲାଗି କୋଲକାତା ଓ ଦିଲ୍ଲୀରେ ପ୍ରେସ୍ କରିବା ଲାଗି ଯୋଜନା ହୋଇଛି। ପର୍ଯ୍ୟଟକ ଆସିଲେ କେବଳ ହୋଟେଲ ମାଲିକ ନୁହଁନ୍ତି, ଅନ୍ୟମାନେ ବି ଉପକୃତ ହୋଇପାରିବେ।

## ବିଜେଇଏମ୍ ସ୍କୁଲରେ ଏମ୍ୟୁଏନ୍ ଉଦ୍‌ଘାଟିତ



ଭୁବନେଶ୍ୱର,୨।୮(ବ୍ୟୁରୋ)

ବକ୍ସି ଜଗବନ୍ଧୁ ଇଂଲିଶ ମାଧ୍ୟମ ବିଦ୍ୟାଳୟ ପ୍ରତି ସମୟରେ କିଛି କିଛି ନୂତନ କାର୍ଯ୍ୟକ୍ରମ କରିଆସିଛି। ଚଳିତବର୍ଷ ବିଦ୍ୟାଳୟ ଦ୍ୱାରା ଆୟୋଜିତ ବିଜେଇଏମ୍ ଏମ୍.ୟୁ.ଏନ୍ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ତିନିଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସକୁ ମୁଖ୍ୟ ଅତିଥି ଭାବେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ୍ ରଘୁନାଥ ମିଶ୍ର, ମ୍ୟାନେଜର ପ୍ରତାପ କୁମାର ଜେନା, ଆଡିସିନାଲ୍ ମ୍ୟାନେଜର ଚିତ୍ତରଞ୍ଜନ ବୈରିଶାଲ୍, ଅଧ୍ୟକ୍ଷା ସନ୍ଧ୍ୟା ଜେନା, ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଜେଇଏମ୍ ଏମ୍ୟୁଏନ୍‌ର ନୂତନ ସେକ୍ରେଟେରୀ ଜେନେରାଲ ସ୍ୱରାଜ ବରାଳକୁ ସମ୍ବର୍ଦ୍ଧିତ କରିବା ସହ କମିଟି ଘୋଷଣା କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ପିଏନ୍‌ଭି ଗ୍ରୁପ୍‌ର ନିର୍ଦ୍ଦେଶକ ତଥା ମୋ ସହର ସମ୍ପର୍କର ସମ୍ପାଦକ ସତ୍ୟବ୍ରତ ସାନୁ ରଥ ଯୋଗଦେଇ ସମ୍ପ୍ରତି ସାମାଜିକ, ରାଜନୈତିକ ସମସ୍ୟା ତଥା ବିଶ୍ୱଶାନ୍ତି ନିମନ୍ତେ ସୃଜନଶୀଳତା, ସମ୍ପର୍କ, ସହଯୋଗିତାର ଆବଶ୍ୟକତା ରହିଛି। ତେଣୁ ଏପରି କାର୍ଯ୍ୟକ୍ରମ ମାଧ୍ୟରେ ପିଲାମାନଙ୍କୁ ଅବବୋଧ କରାଇ ବିଭିନ୍ନ ସମସ୍ୟାର ସମାଧାନର ସୂତ୍ର ବାହାର କରାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ କିଟ୍, ବିଜେଇଏମ୍, ସେଣ୍ଟ ଜାଭିୟର୍ସ, ବିକାଶ ସ୍କୁଲ, ମଦର୍ସ ପବ୍ଲିକ୍ ସ୍କୁଲ, ଭେଙ୍କଟେଶ୍ୱର ସ୍କୁଲ, ବିଜେଇଏମ୍-୨ ଆଦି ଅନେକ ସ୍କୁଲରୁ ପ୍ରାୟ ୬୦୦ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

### ବିଜିୟୁର ନବାଗତ ବିଏଜେଏମ୍‌ସି ଏବଂ ଏମ୍ଏଜେଏମ୍‌ସି ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

## ଡିଜିଟାଲ ଗଣମାଧ୍ୟମ ସାମ୍ବାଦିକତାର ଭବିଷ୍ୟତ

ଭୁବନେଶ୍ୱର,୨।୮(ବ୍ୟୁରୋ)

ବିର୍ଲା ଗ୍ଲୋବାଲ ୟୁନିଭରସିଟିର ବିର୍ଲା ସ୍କୁଲ ଅଫ କମ୍ୟୁନିକେଶନ ପକ୍ଷରୁ ନବାଗତ ସପ୍ତମ ବ୍ୟାଚ୍‌ର ଏମ୍ଏଜେଏମ୍‌ସି ଏବଂ ତୃତୀୟ ବ୍ୟାଚ୍‌ର ବିଏଜେଏମ୍‌ସି(ଅନର୍ସ) ଛାତ୍ରୀଛାତ୍ରମାନଙ୍କର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଶିକ୍ଷାନୁଷ୍ଠାନର ଗୋଠପାଟଣା କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହିଷ୍ଟ୍ରି ଟିଭି ୧୮ର ବରିଷ୍ଠ ପ୍ରଯୋଜକ ମୋନିକା ନନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ସନ୍ମାର୍ଗର ମୁଖ୍ୟ ମହାପ୍ରବନ୍ଧକ ଡ. ଅଶୋକ କୁମାର ପଣ୍ଡା ଏବଂ ମୁଖ୍ୟବକ୍ତା ଭାବେ ଓଡିଶା ଲାଇଭ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନୀଳାମ୍ବର ରଥ ଯୋଗ ଦେଇଥିଲେ। ବର୍ତ୍ତମାନ ସାମ୍ବାଦିକତା ମୁଦ୍ରିତ ଗଣମାଧ୍ୟମରୁ ଆରମ୍ଭ କରି ଡିଜିଟାଲ ଯୁଗରେ ପଦାର୍ପଣ କରିଛି ବୋଲି ମୋନିକା ନନ୍ଦ କହିଥିଲେ। ଛାତ୍ରୀଛାତ୍ରମାନେ ଜନସମ୍ପର୍କ ଅଧିକାରୀ, ବିଜ୍ଞାପନ, ୱେବ ଜର୍ନାଲିଜିମ୍, ମୋବାଇଲ ଜର୍ନାଲିଜିମ୍ ଆଦି ବିଭିନ୍ନ କ୍ଷେତ୍ରରେ ନିଜ କ୍ୟାରିୟର ଗଢିପାରିବେ ବୋଲି ସେ କହିଥିଲେ। ଡିଜିଟାଲ ମିଡିଆକୁ ପ୍ରାଧାନ୍ୟ ଦେବା ସହ ଏହାହିଁ ଭବିଷ୍ୟତରେ ପ୍ରମୁଖ ମାଧ୍ୟମ ପାଲଟିବ ବୋଲି ନୀଳାମ୍ବର ରଥ କହିଥିଲେ। ଜଣେ ପେସାଦାର ସାମ୍ବାଦିକ ହେବାପାଇଁ ସଫଳ ଯୋଗାଯୋଗ, ସାହସୀ ଓ ଉତ୍ସର୍ଗୀକୃତ ହେବା ଆବଶ୍ୟକ ବୋଲି ଅଶୋକ ପଣ୍ଡା କହିଥିଲେ। ବିଜିୟୁର ରେଜିଷ୍ଟ୍ରାର ଡ. ବି.କେ. ଦାଶ ବିଜିୟୁର ଶିକ୍ଷା ଏବଂ ପ୍ରଶିକ୍ଷଣ ଛାତ୍ରୀଛାତ୍ରମାନଙ୍କୁ ଭବିଷ୍ୟତରେ ଭଲ ସାମ୍ବାଦିକ ରୂପେ ଗଢିତୋଳିବ ବୋଲି କହିଥିଲେ। ବିର୍ଲା ସ୍କୁଲ ଅଫ କମ୍ୟୁନିକେଶନର ମୁଖ୍ୟ ଶିବଶଙ୍କର ଦାସ ସ୍ୱାଗତ ଭାଷଣ ଓ ପ୍ରଫେସର ତୁଲୀକା ଧନ୍ୟବାଦ ଅର୍ପଣ କରିଥିଲେ।




## ବୈଷୟିକ ଶିକ୍ଷାନୁଷ୍ଠାନରେ ଡିଜିଟାଲ୍ ସ୍କିଲିଂକୁ ଗୁରୁତ୍ୱ

ଭୁବନେଶ୍ୱର, ୨।୮ (ବ୍ୟୁରୋ)

ବୈଷୟିକ ଶିକ୍ଷାନୁଷ୍ଠାନରେ ଡିଜିଟାଲ୍ ସ୍କିଲିଂ ବା ଡିଜିଟାଲ କ୍ଷେତ୍ରରେ ଦକ୍ଷତା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯିବ। ଯୁବଗୋଷ୍ଠୀଙ୍କୁ ଡିଜିଟାଲ୍ ସ୍କିଲିଂ ପ୍ରଦାନ କରି ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ହେଉଛି ଲକ୍ଷ୍ୟ। ଏଥିପାଇଁ ସିସ୍କୋ ନେଟ୍‌ୱର୍କିଂ ଏକାଡେମୀ ଦ୍ୱାରା ସ୍ଥାନୀୟ କୃଷିଭବନଠାରେ ଶୁକ୍ରବାର ଇଂଜିନିୟରିଂ କଲେଜ ଛାତ୍ରୀଛାତ୍ରମାନଙ୍କୁ ଦକ୍ଷତା ପ୍ରଶିକ୍ଷଣ ଦିଆଯାଇଛି। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଏବଂ ରାଜ୍ୟ ବୈଷୟିକ ଶିକ୍ଷା ଏବଂ ପ୍ରଶିକ୍ଷଣ ପରିଷଦର ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ମୁଖ୍ୟଅତିଥିଭାବେ ଯୋଗଦେଇଥିବାବେଳେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଶାସନ ସଚିବ ସଞ୍ଜୟ କୁମାର ସିଂ, ନିଯୋଜନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ତଥା ଓଏସ୍‌ଡିଏ ସିଇଓ ରଶ୍ମିତା ପଣ୍ଡା, ଡିଟିଇଟିର ନିର୍ଦ୍ଦେଶକ ରେଘୁ ଜି ଏବଂ ସିସ୍କୋ ସିଏସ୍‌ଆର୍ ମୁଖ୍ୟ ଅନୁରାଗ ଶ୍ରୀବାସ୍ତବ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଯୁବଗୋଷ୍ଠୀଙ୍କ ଡିଜିଟାଲ୍ ସ୍କିଲିଂ ପାଇଁ ସିସ୍କୋ ସହ ଚୁକ୍ତି କରାଯାଇଛି ବୋଲି ମନ୍ତ୍ରୀ ନାୟକ କହିଥିଲେ। ରାଜ୍ୟର ୧ ଲକ୍ଷ ୧୫ ହଜାର ଛାତ୍ରୀଛାତ୍ରଙ୍କୁ ଦକ୍ଷତା ପ୍ରଶିକ୍ଷଣ ପ୍ରଦାନ ସହ ଛାତ୍ରଛାତ୍ରୀଙ୍କୁ ବିଶ୍ୱସ୍ତରୀୟ ନିଯୁକ୍ତି ଦେବା ନିମନ୍ତେ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ବାଗ୍‌ଚୀ କହିଥିଲେ। ଚଳିତବର୍ଷ ଆଇଟିଆଇ ଏବଂ ପଲିଟେକ୍‌ନିକ୍‌ର ପ୍ରଶିକ୍ଷକ ଟିଭିଇଟି ପ୍ରଶିକ୍ଷଣ ନିମନ୍ତେ ସିଙ୍ଗାପୁର ଗସ୍ତ କରିବେ ବୋଲି ବିଭାଗୀୟ ଶାସନ ସଚିବ ସିଂ ସୂଚନା ଦେଇଥିଲେ। ଜୁନ୍ ଏବଂ ଜୁଲାଇରେ ଆଇଟିଆଇରୁ ୮୩ ଓ ପଲିଟେକ୍‌ନିକ୍‌ରୁ ସିସ୍କୋ ନେଟ୍‌ୱର୍କିଂ ପ୍ରଶିକ୍ଷଣ ନେଇଥିବା ୭୫ ପ୍ରଶିକ୍ଷକଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

## ଫଟୋରେ ଖବର



ରାଜଧାନୀରେ ପ୍ରବଳ ବର୍ଷା: ଭୁବନେଶ୍ୱର ପିଏମ୍‌ଜିଠାରେ ବିକ୍ଷୋଭରେ ସାମିଲ ହେବାକୁ ଆସିଥିବା ଲୋକମାନେ ବର୍ଷା ହେବାରୁ ମୁଣ୍ଡରେ ବ୍ୟାନର ଘୋଡାଇଛନ୍ତି।




ଭୁବନେଶ୍ୱରର ଏକ ହୋଟେଲରେ ଶୁକ୍ରବାର ଓଡ଼ିଆ ଚଳଚ୍ଚିତ୍ର 'ଫ୍ରମ୍ ମି ଟୁ ୟୁ'ର ଅଡ଼ିଓ ସିଡି ଉନ୍ମୋଚନ ଉତ୍ସବରେ ଅଭିନେତା, କଣ୍ଠଶିଳ୍ପୀ ଓ ଅନ୍ୟମାନେ।



ଅତି ସରଳ ଭାବରେ ଯେ କହି ପାରିଲା ସିଏ ହିଁ ସୁବକ୍ତା।

- ଶିଶିରୋ



## ସଂକ୍ଷେପରେ

### ପରୀ- ୩ ଆରମ୍ଭ: ୭ ଶିଶୁ ଶ୍ରମିକ ଉଦ୍ଧାର

**ପୁରୀ ଅଫିସ, ୨।୮:** ନିଖୋଜ ଶିଶୁ ଓ ଶିଶୁ ଶ୍ରମିକଙ୍କୁ ଉଦ୍ଧାର ଲାଗି ଶୁକ୍ରବାରଠାରୁ ପୁରୀ ପୋଲିସ ପକ୍ଷରୁ ପରୀ-୩ ଅଭିଯାନ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ସିଂହଦ୍ୱାର ନିକଟ ଦୋକାନ ଗୁଡ଼ିକରୁ ୭ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଏମାନେ ସେମାନଙ୍କ ମଧ୍ୟରୁ ୨ଜଣ କେନ୍ଦୁଝର ଅଞ୍ଚଳର। ୬ଶିଶୁଙ୍କୁ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତରିତ କରାଯାଇଥିବାବେଳେ ଜଣଙ୍କୁ ବାଳାଶ୍ରମରେ ରଖାଯାଇଛି। ଅଗଷ୍ଟ ୧୩ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ। ଏଥିଲାଗି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟିମ୍ ଜିଲାର ବିଭିନ୍ନ ସ୍ଥାନ ବୁଲି ଶିଶୁଙ୍କୁ ଉଦ୍ଧାର କରିବ ବୋଲି ଏସ୍‌ପି ଡା. ଉମାଶଙ୍କର ଦାଶ କହିଛନ୍ତି।

### ୨୬ ଗ୍ରାମ ବ୍ରାଉନ ସୁଗାର ଜବତ, ୪ ଗିରଫ

**ଭୁବନେଶ୍ୱର, ୨।୮(ବ୍ୟୁରୋ):** ନୟାପଲୀ ଥାନା ପୋଲିସ ଓ କ୍ୟୁଏଟି ସାଲିଆସାହି ନିରଙ୍କାରୀ ନଗରରେ ଚଢ଼ାଉ କରି ୩ ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ପୋଲିସ ୧୫ ଗ୍ରାମର ବ୍ରାଉନ୍‌ସୁଗାର, ନଗଦ୬ ହଜାର ୩ ଶହ ଟଙ୍କା ଓ ୩ଟି ମୋବାଇଲ୍ ଫୋନ୍‌କୁ ଜବତ କରିଛି। ଗିରଫ ୩ ଅଭିଯୁକ୍ତ ହେଲେ ସାଲିଆସାହିର ସନ୍ତୋଷ ମହାରଣା,ରଶ୍ମି ରଞ୍ଜନ ବାରିକ ଓ ଏମ୍‌ଡି ଶାକାବତ। ଏ ନେଇ କେସ୍ ନଂ. ୩୪୩/୧୯ରେ ଏକ ଏନ୍‌ଡିପିଏସ୍ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି। ସୂଚନା ଅନୁଯାୟୀ,୩ ଅଭିଯୁକ୍ତ ବାଲେଶ୍ୱରରୁ ବ୍ରାଉନ୍‌ସୁଗାର ଆଣି ସାଲିଆସାହି ଓ ଏହାର ଆଖପାଖ ଅଞ୍ଚଳରେ ବ୍ୟବସାୟ କରନ୍ତି। ମାସରେ କମିଶନରେଟ ପୋଲିସ ପକ୍ଷରୁ ସ୍ପେଶାଲ ଡ୍ରାଇଭ ଚାଲୁଥିବାରୁ ବ୍ରାଉନ ସୁଗାର ବେପାରୀଙ୍କୁ ପୋଲିସ ଗୋଡାଇ ଗୋଡାଇ ଧରୁଛି। ଏଭଳି ସ୍ଥିତିରେ ଗିରଫ ୩ ବ୍ୟବସାୟୀଙ୍କ ଉପରେ ପୋଲିସ ତିକ୍ଷ୍ଣ ନଜର ରଖିଥିଲା। ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟା ସମୟରେ ସାଲିଆସାହି ନିକଟରେ ବ୍ରାଉନ ସୁଗାର ଦେବାପାଇଁ କଷ୍ଟମର ଅପେକ୍ଷାରେ ଥିବା ବେଳେ ପୋଲିସ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲା।

ମଞ୍ଚେଶ୍ୱର ଥାନା ଅଞ୍ଚଳରେ ବ୍ରାଉନ୍‌ସୁଗାର ବେପାରରେ ସଂପୃକ୍ତ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଶୁକ୍ରବାର ଗିରଫ କରିବା ସହ ତାଙ୍କ ନିକଟରୁ ୧୧ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ସେ ହେଲେ ଢେଙ୍କାନାଳ ଜିଲା ଗୋଣ୍ଡିଆ ଥାନା ଅଞ୍ଚଳର ଦୀପକ କୁମାର ସାହୁ। ସେ ମଞ୍ଚେଶ୍ୱର ଥାନା ଅଧୀନ ଭୋଟପଡା ଅଞ୍ଚଳରେ କିଛି ବର୍ଷ ହେବ ରହି ବ୍ରାଉନସୁଗାର କାରବାର ଚଳାଇଥିଲେ। ଆଖଣ୍ଡଳମଣୀ ମନ୍ଦିର ଆଖପାଖ ଅଞ୍ଚଳରେ ଖୁଲମଖୁଲା ବ୍ରାଉନସୁଗାର ବେପାର ଚାଲିଥିବା ନେଇ କେତେଜଣ ସ୍ଥାନୀୟ ଯୁବକ ଗୁରୁବାର ୪ଟା ବେଳେ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଏସ୍‌ଆଇ ସନ୍ତୋଷ କୁମାର ଶତପଥୀ ଏକ ଟିମ୍ ଧରି ଅଚାନକ ଚଢ଼ାଉ କରିଥିଲେ। ଅଭିଯୁକ୍ତ ସନ୍ତୋଷଙ୍କ ପକେଟ ଯାଞ୍ଚ କରିବା ପରେ ତାଙ୍କ ପକେଟରୁ ୧୧ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଥିଲା। ଏ ନେଇ ପୋଲିସ ନଂ ୩୧୦/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ପଚରା ଉଚରା ପରେ କୋର୍ଟ ଚାଲାଣ କରିଛି।

## ପ୍ଲାଷ୍ଟିକମୁକ୍ତ ପୁରୀ ଅଭିଯାନ

# ଖଲିପତ୍ର ଥାଳି, କପଡ଼ା ବ୍ୟାଗ ବ୍ୟବହାରକୁ ଗୁରୁତ୍ୱ

- ୧୦୦ କେଜିରୁ ଅଧିକ ଆବର୍ଜନା ବାହାରୁଥିଲେ ବସାଇବେ ନିଜସ୍ୱ ପ୍ଲାଣ୍ଟ
- କଠିନ ବର୍ଜ୍ୟବସ୍ତୁ ପରିଚାଳନା ଆଇନ-୨୦୧୬ କଡ଼ାକଡ଼ି ହେବ

**ପୁରୀ ଅଫିସ, ୨।୮**

ପର୍ଯ୍ୟଟନ ସହର ପୁରୀ। ଏଠାକୁ ଦୈନିକ ଦେଶ ବିଦେଶର ପର୍ଯ୍ୟଟକ ଆସୁଛନ୍ତି। ତେଣୁ ସହରକୁ ସ୍ୱଚ୍ଛ ଓ ପରିଷ୍କାର ରଖିବାକୁ ହେବ। ଏଭଳି ଅଭିଯାନ ଆରମ୍ଭ କରିଛି ଜିଲା ପ୍ରଶାସନ। 'ମୋ ବିଚ୍' ଅଭିଯାନରେ ବେଳାଭୂମି ସଫେଇ ଜାରି ରଖିଥିବା ବେଳେ ଏବେ ପ୍ଲାଷ୍ଟିକ ଓ ପଲିଥିନମୁକ୍ତ ପୁରୀ ପାଇଁ ଉଦ୍ୟମ ଆରମ୍ଭ କରିଛି। ଏଣେତେଣେ କିପରି ଅଳିଆ ଆବର୍ଜନା ନ ପଡ଼ିବ ସେଥିଲାଗି ଶୁକ୍ରବାର ଟାଉନ ହଲ୍ ପରିସରରେ ଜିଲାପାଳ ବଲୱନ୍ତ ସିଂ ହୋଟେଲ ବ୍ୟବସାୟୀ, ବଡ ଦୋକାନୀ ଏବଂ ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିଛନ୍ତି। ହୋଟେଲ ଏବଂ କଲ୍ୟାଣ ମଣ୍ଡପରେ ପ୍ଲାଷ୍ଟିକ ଥାଳି ବଦଳରେ ଖଲିପତ୍ର ଥାଳି ବ୍ୟବହାର ପାଇଁ ଜିଲାପାଳ ପରାମର୍ଶ ଦେଇଛନ୍ତି।

କଠିନ ବର୍ଜ୍ୟବସ୍ତୁ ପରିଚାଳନା-୨୦୧୬ ଆଇନକୁ ଏଣିକି କଡ଼ାକଡ଼ି ଭାବେ ପାଳନ କରାଯିବ। ଅଧିକ ଆବର୍ଜନା ଅର୍ଥାତ୍ ଦୈନିକ ୧୦୦ କିଗ୍ରାରୁ ଅଧିକ ଆବର୍ଜନା ବାହାରୁଥିବା ହୋଟେଲ, ଦୋକାନୀ କିମ୍ବା ସଂସ୍ଥା ସେମାନଙ୍କ ନିଜସ୍ୱ ଖର୍ଚ୍ଚରେ ପ୍ଲାଣ୍ଟ ବସାଇ ଏହାକୁ କମ୍ପୋଷ୍ଟ କରିବେ। ଆବର୍ଜନାକୁ ପୃଥକୀକରଣ କରିବା ପରେ ଖତ ତିଆରି କରିବେ।



ବୈଠକରେ ଉପସ୍ଥିତ ହୋଟେଲ ବ୍ୟବସାୟୀ, ଦୋକାନୀ ଏବଂ ବୁଦ୍ଧିଜୀବୀଙ୍କୁ ଜିଲାପାଳ ବଲୱନ୍ତ ସିଂ ଉଦ୍‌ବୋଧନ ଦେଉଛନ୍ତି।

ସେହିପରି ପଲିଥିନ ମହଜୁଦକାରୀଙ୍କ ଉପରେ ଚଢ଼ାଉ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପଲିଥିନ ପ୍ରସ୍ତୁତ କରୁଥିବା କମ୍ପାନୀର ନାମ ପ୍ରିଣ୍ଟ ଥାଇ ଯଦି ସହରରେ ଏହାର ବହୁଳ ବ୍ୟବହାର ହୁଏ ତେବେ ଆବର୍ଜନା ଉଠାଇବା ଖର୍ଚ୍ଚ ପରିମାଣ ସେହି ସେହି ସଂସ୍ଥାଠାରୁ ଆଦାୟ କରାଯିବ। ନିର୍ଦ୍ଦିଷ୍ଟ ସଂସ୍ଥା ଦ୍ୱାରା ପ୍ରତ୍ୟେକ ଘରୁ ଆବର୍ଜନା ସଂଗ୍ରହ କରାଯିବ। ସହରବାସୀଙ୍କୁ ଉକ୍ତ ଅଭିଯାନରେ ସାମିଲ କରିବା ପାଇଁ ୧ମାସ ଧରି ଏଥିଲାଗି ସଚେତନତା ସୃଷ୍ଟି କରାଯିବ। କାଗଜ ଠୁଙ୍ଗା, ଖଲିପତ୍ର ଥାଳି ଏବଂ କପଡ଼ା ବ୍ୟାଗ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯିବା ସହ ଏଥିଲାଗି ସମ୍ପୃକ୍ତ ବ୍ୟବସାୟୀଙ୍କୁ ପ୍ରୋତ୍ସାହିତ କରାଯିବ। ପ୍ରାଥମିକ ସର୍ଭେ ପରେ ବିଭିନ୍ନ ୱାର୍ଡରେ ଆବର୍ଜନା ସଂଗ୍ରହ ଗାଡ଼ି ବୁଲିବ ବୋଲି ଆଲୋଚନା ହୋଇଛି । ଏହି ବୈଠକରେ ପୁରୀ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଜିଲାପାଳ କହିଛନ୍ତି, କଠିନ ବର୍ଜ୍ୟବସ୍ତୁ ପରିଚାଳନା ପଲିସି ପରିବର୍ତ୍ତନ ହେବାକୁ ଯାଉଛି। ପୂର୍ବରୁ ଏକ ସଂସ୍ଥା ଅଳିଆ ଆବର୍ଜନା ନେଇ ଗୋଟିଏ ଜାଗାରେ ପକାଉଥିଲା। ଏବେ ଯେଉଁ ନୂଆ ନିୟମ ଆସିବ ସେଥିରେ ୪/୫ ହଜାର ଘରକୁ ନେଇ ଗୋଟିଏ ପ୍ଲାଣ୍ଟ ବସାଯିବ। ଆବର୍ଜନାଗୁଡ଼ିକ କମ୍ପୋଷ୍ଟ କରାଯିବ। ଯେଉଁଗୁଡ଼ିକ କମ୍ପୋଷ୍ଟ ହୋଇପାରିବ ନାହିଁ ଅର୍ଥାତ୍ ପ୍ଲାଷ୍ଟିକ ଭଳି ଆବର୍ଜନା ବିକ୍ରି ହେବ। ପ୍ରତ୍ୟେକ ଘର ଏବଂ ପରିବାରକୁ ଆବର୍ଜନା ପୃଥକ୍ କରି ରଖିବା ଲାଗି ସଚେତନ କରାଯିବ। ସେହିପରି ଯେଉଁ ହୋଟେଲ, ବଡ଼ ବ୍ୟବସାୟୀ ବା ସଂସ୍ଥାରୁ ଦୈନିକ ୧୦୦ କେଜିରୁ ଅଧିକ ଆବର୍ଜନା ବାହାରୁଥିବ ସେମାନେ ତାଙ୍କ ନିଜ କ୍ୟାମ୍ପ ପରିସରରେ କମ୍ପୋଷ୍ଟ ପ୍ଲାଣ୍ଟ କରିବେ।ଏଥିପାଇଁ ସେମାନଙ୍କୁ ୨/୩ ମାସ ସମୟ ଦିଆଯାଇଛି। ଏହି ସମୟ ମଧ୍ୟରେ ପୌରସଂସ୍ଥା ସେମାନଙ୍କଠାରୁ ଆବର୍ଜନା ସଂଗ୍ରହ କରିବା ଲାଗି ଏକ୍ସପ୍ରେସ୍ ସର୍ଭିସ ଦେବ। ସେମାନେ କଲ୍ କଲେ ସଙ୍ଗେ ସଙ୍ଗେ ତାଙ୍କ ପାଖରେ ଗାଡ଼ି ପହଞ୍ଚିବ। ସେମାନେ ଆବର୍ଜନା ସେହି ଗାଡ଼ିରେ ଦେବେ। ହୋଟେଲଗୁଡ଼ିକରୁ ବାହାରୁଥିବା ଅଳିଆ ଆବର୍ଜନା ଯେପରି ବାହାରେ ନ ପଡିବ ସେଥିପ୍ରତି ଧ୍ୟାନ ଦେବାକୁ କୁହାଯାଇଛି। ସମସ୍ତେ ଏଥିରେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜିଲାପାଳ ପ୍ରକାଶ କରିଛନ୍ତି।

### ତାଲିମ ସମୟରେ ପ୍ରଶିକ୍ଷାର୍ଥୀଙ୍କୁ ମିଳିବ ୨୫୦୦ ଟଙ୍କା

**ଭୁବନେଶ୍ୱର,୨।୮(ବ୍ୟୁରୋ)**

ରାଜ୍ୟ ବୈଷୟିକ ଶିକ୍ଷା ଓ ଧନ୍ଦାମୂଳକ ପ୍ରଶିକ୍ଷଣ ପରିଷଦସ୍ଥିତ ସମ୍ମିଳନୀ କକ୍ଷରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ୨୦୧୯-୨୦ ଏବଂ ଆଗାମୀ ଶିକ୍ଷା ବର୍ଷରେ ଡୁଆଲ୍ ସିଷ୍ଟମ୍ ଟ୍ରେନିଂ (ଡିଏସ୍‌ଟି) ପ୍ରଣୟନ ନେଇ ରାଜ୍ୟର ୭ ଆଇଟିଆଇ ଏବଂ ଓଡ଼ିଶା ପାୱାର ଟ୍ରାନ୍ସମିଶନ୍ କର୍ପୋରେସନ୍ ଲିମିଟେଡ୍ (ଓପିଟିସିଏଲ୍) ମଧ୍ୟରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଡିଟିଇଟି ନିର୍ଦ୍ଦେଶକ ରେଘୁ ଜି ଏବଂ ଓପିଟିସିଏଲ୍ ସିନିୟର ଜିଏମ୍, ଏଚ୍.ଆର୍ ଏ.ପି. ପଣ୍ଡାଙ୍କ ଉପସ୍ଥିତିରେ ୭ଟି ଆଇଟିଆଇର ଅଧ୍ୟକ୍ଷ ଏବଂ ଓପିଟିସିଏଲ୍‌ର ନିର୍ଦ୍ଦେଶକ ଆର୍. କେ. ସେନାପତିଙ୍କ ମଧ୍ୟରେ ଏହି ଚୁକ୍ତିନାମା ସ୍ୱାକ୍ଷର କରାଯାଇଛି। ଡିଏସ୍‌ଟି ହେଉଛି ଜର୍ମାନୀର ଏକ ଧନ୍ଦାମୂଳକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଯାହାକୁ ନୂଆଦିଲ୍ଲୀର ଡାଇରେକ୍ଟର ଜେନେରାଲ୍ ଅଫ୍ ଟେକ୍‌ନୋଲୋଜି ପ୍ରଚଳନ କରାଇଥିଲେ। ୨୦୧୯ରେ ଏହାକୁ ପାଇଲଟ୍ ପ୍ରୋଜେକ୍ଟ ଭାବେ ଓଡ଼ିଶାରେ କାର୍ଯ୍ୟକାରୀ କରାଯାଇଥିଲା। ଆଇଟିଆଇ ଭୁବନେଶ୍ୱର, ପୁରୀ, ନୟାଗଡ଼, କଟକ, ବଲାଙ୍ଗୀର, ଏସ୍‌ଆଇପିଟି, ପଟ୍ଟାମୁଣ୍ଡାଇ ଏବଂ ଏମ୍‌ଆଇଟିଆଇ, କଟକର ଇଲେକ୍ଟ୍ରିସିଆନ୍ ଟ୍ରେଡର ୧୪୦ ଜଣ ପ୍ରଶିକ୍ଷାର୍ଥୀ ୮ ମାସ ନିମନ୍ତେ ଏହି ପ୍ରଶିକ୍ଷଣ ନେବେ। ପ୍ରଶିକ୍ଷଣ ସମୟରେ ପ୍ରତ୍ୟେକ ପ୍ରଶିକ୍ଷାର୍ଥୀଙ୍କୁ ୨୫୦୦ ଟଙ୍କା ଇନ୍‌ଟର୍ଣ୍ଣସିପ୍ ପ୍ରଦାନ କରାଯିବ। ନିଯୁକ୍ତି ଯୋଗ୍ୟ କରିବା ନିମନ୍ତେ ଓପିଟିସିଏଲ୍ ଅଧୀନ ଇଏଚ୍‌ଟି ଏବଂ ଓଏଣ୍ଡଏମ୍ ବିଭାଗରେ ତାଲିମ ପ୍ରଦାନ କରାଯିବ।





ଓଡ଼ିଶା ରାଜ୍ୟ ସଂସ୍କୃତି ବିଭାଗ ଏବଂ ରୁମକୁ ଝୁମା ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ଶୁକ୍ରବାର ଆୟୋଜିତ 'ଆମ ମାଟିର କଳା' କାର୍ଯ୍ୟକ୍ରମରେ ପରିବେଷିତ ସମ୍ବଲପୁରୀ ନୃତ୍ୟ।

## 'ଆମ ମାଟିର କଳା-୨୦୧୯' ମହୋତ୍ସବ ପାଳିତ

# କଳାକାର ସଂସ୍କୃତିର ଶ୍ରେଷ୍ଠ ବିନ୍ଧାଣି

**ଭୁବନେଶ୍ୱର,୨।୮(ବ୍ୟୁରୋ)**

କଳାର ପ୍ରଚାରପ୍ରସାର ସହିତ କଳାକାରଙ୍କୁ ଉପଯୁକ୍ତ ସମ୍ମାନ ମିଳିବା ଆବଶ୍ୟକ। କଳାକାର ହେଉଛନ୍ତି ସଂସ୍କୃତିର ଶ୍ରେଷ୍ଠ ବିନ୍ଧାଣୀ ବୋଲି ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଶୁକ୍ରବାର ପ୍ରକାଶ କରିଛନ୍ତି। ଶୁକ୍ରବାର ସ୍ଥାନୀୟ ସୁଚନା ଭବନରେ ଆୟୋଜିତ 'ଆମ ମାଟିର କଳା-୨୦୧୯' ଉତ୍ସବରେ ଯୋଗ ଦେଇ ସେ ଏହା ପ୍ରକାଶ କରିଛନ୍ତି। ରୁମକୁ ଝୁମା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମଟି ୨ଟି ପର୍ଯ୍ୟାୟରେ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମତ୍ସ୍ୟ, ପଶୁସମ୍ପଦ ବିଭାଗ ମନ୍ତ୍ରୀ ଅରୁଣ କୁମାର ସାହୁ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର, ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ, ପ୍ରଭାସ ସିଂ, କବି ହୁସେନ୍ ରବି ଗାନ୍ଧୀ, ଗୁରୁ ରାମହରି ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କଳା, ସାହିତ୍ୟ ଓ ସଂସ୍କୃତି ଓ ପରମ୍ପରା ଉପରେ ଆଲୋଚନା ହେବା ସହ ଓଡ଼ିଶାର ବିଭିନ୍ନକ୍ଷେତ୍ରରେ କୃତୀତ୍ୱ ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହିତ ଓଡ଼ିଆ ସ୍ୱାଭିମାନ ପାଇଁ ଯେଉଁ ବୀରପୁତ୍ରମାନେ ନିଜ ଜୀବନକୁ ଉତ୍ସର୍ଗୀକୃତ କରିଛନ୍ତି, ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ମରଣିକା 'ସ୍ଥାପନା' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ବରଗଡ଼, ରାୟଗଡ଼ା, କଳାହାଣ୍ଡି, ସମ୍ବଲପୁର, ଦେବଗଡ, ଅନୁଗୁଳ, କଟରୁ ବହୁ କଳାକାର ପାରମ୍ପରିକ ନୃତ୍ୟସଙ୍ଗୀତ ପରିବେଷଣ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଫନୀ ଦୁର୍ଗତଙ୍କ ସହାୟତା ନିମନ୍ତେ ବିଭିନ୍ନ ସଂସ୍ଥା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ

**ଭୁବନେଶ୍ୱର,୨।୮(ବ୍ୟୁରୋ):** ବାତ୍ୟା ଫନୀ ଦୁର୍ଗତଙ୍କ ସହାୟତା ଓ ପୁନରୁଦ୍ଧାର ନିମନ୍ତେ ଶୁକ୍ରବାର ବହୁ ସଂସ୍ଥା ଓ ବ୍ୟକ୍ତିବିଶେଷ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରିଛନ୍ତି। ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ସର୍ବାଧିକ ୫ କୋଟି ଟଙ୍କା ଦାନ ଦିଆଯାଇଥିବା ବେଳେ ବ୍ୟାଙ୍କ ପକ୍ଷରୁ ଏହାର ଚିଫ୍ ଜେନେରାଲ ମ୍ୟାନେଜର ପ୍ରବିନା କାଲ୍ଲା ଲୋକସେବା ସଦନରେ ମୁଖ୍ୟମନ୍ତ୍ରୀଙ୍କୁ ଏହି ଚେକ୍ ପ୍ରଦାନ କରିଛନ୍ତି। ସେହିପରି ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର କର୍ମଚାରୀମାନଙ୍କ ପକ୍ଷରୁ ୬୫ ଲକ୍ଷ ୭୧ ହଜାର ୬୯୯ଟଙ୍କା, ସ୍ୱିଡେନ ଇଣ୍ଡିଆ ଆସୋସିଏଶନ ପକ୍ଷରୁ ୮ ଲକ୍ଷ ୫୭ ହଜାର ୩୬୮ଟଙ୍କା, ଷ୍ଟକ୍ ହୋଲ୍ଡିଂ କର୍ପୋରେଶନ ଅଫ ଇଣ୍ଡିଆ ପକ୍ଷରୁ ୪ ଲକ୍ଷ ୪୪ହଜାର ୪୮୧ଟଙ୍କା, ରାଜ୍ୟ ଏଜି ଅଫିସରେ କାର୍ଯ୍ୟରତ ଜି ଆଣ୍ଡ ଏସ୍‌ଏସଏର କର୍ମଚାରୀମାନଙ୍କ ଦ୍ୱାରା ୧ ଲକ୍ଷ ୧୬ ହଜାର ୯୪୮ଟଙ୍କା, ବାଙ୍କୀର ବାଉଁଶପୁଟ ଗ୍ରାମ ପଞ୍ଚାୟତ ପକ୍ଷରୁ ୧ ଲକ୍ଷ ଓ ତ୍ରିପୁରା ଓଡ଼ିଆ ସମାଜ ପକ୍ଷରୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହିପରି ଶୁକ୍ରବାର ମୋଟ ୫ କୋଟି ୮୧ଲକ୍ଷ ୧୦ହଜାର ୪୧୬ଟଙ୍କା ଆସିଛି। ଓଡ଼ିଶାବାସୀଙ୍କ ବିପଦରେ ସମୟରେ ସେମାନଙ୍କୁ ସହାୟତା କରିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# କେନ୍ଦ୍ରୀୟ ଟ୍ରେଡ ୟୁନିୟନ ମଜୁରି କୋଡ ବିଲ୍-୨୦୧୯ ବିରୋଧରେ ବିକ୍ଷୋଭ

**ଭୁବନେଶ୍ୱର,୨।୮(ବ୍ୟୁରୋ)**

ମଜୁରି କୋଡ ବିଲ୍-୨୦୧୯ ଜରିଆରେ କର୍ପୋରେଟର ସ୍ୱାର୍ଥସାଧନକୁ ବିରୋଧ, ଶ୍ରମ ଆଇନ ସଂଶୋଧନ ବନ୍ଦ, ଟ୍ରେଡ ୟୁନିୟନ ଅଧିକାର ଛଡ଼ାଇ ନେଇ ଶ୍ରମିକଙ୍କୁ ଗୋଲାମ କରିବାକୁ ବିରୋଧ, ସର୍ବନିମ୍ନ ମଜୁରି ୨୦ ହଜାର ଟଙ୍କାକୁ ବୃଦ୍ଧି ଓ ସାମାଜିକ ସୁରକ୍ଷା ପ୍ରଦାନ ଦାବିରେ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଓ କର୍ମଚାରୀ ଫେଡେରେଶନର ମିଳିତ ମଞ୍ଚ ପକ୍ଷରୁ ଶୁକ୍ରବାର ଲୋୟର ପିଏମଜିଠାରେ ବିକ୍ଷୋଭ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗତ ଜୁଲାଇ ୨୩ରେ ଲୋକ ସଭାରେ ମଜୁରି କୋଡ ବିଲ୍ ଉପସ୍ଥାପିତ ହୋଇଥିଲା। ଯେଉଁଥିରେ ସର୍ବନିମ୍ନ ମଜୁରି ଆଇନ, ବୋନସ ଧାରା ଓ ସମାନ ପାରିଶ୍ରମିକ ଧାରା- ୧୯୬୭କୁ ଉଚ୍ଛେଦ କରିବା ପାଇଁ ଆଗତ କରାଯାଇଥିଲା। ଯାହା ସମ୍ପୂର୍ଣ୍ଣ ରୂପେ ଶ୍ରମିକମାରଣ ନୀତି ବୋଲି ଶୁକ୍ରବାର ମିଳିତ ମଞ୍ଚ ଅଭିଯୋଗ କରିଛି। ତା'ସହ ବର୍ତ୍ତମାନର ଗୁରୁତ୍ୱପୂର୍ଣ୍ଣ ୧୩ଟି ଶ୍ରମ ଆଇନ ଉଚ୍ଛେଦ ହୋଇଯିବ ବୋଲି ମିଳିତ ମଞ୍ଚ ଉଲ୍ଲେଖ କରିଥିଲା। ଭାଜପା ସରକାର 'ସବ୍‌କା ସାଥ୍ ସବକା ବିଶ୍ୱାସ' ନାରା ଦେଉଥିଲେ ବି ଅଗଣତାନ୍ତ୍ରିକ ଭାବେ କାର୍ଯ୍ୟ କରୁଛି ବୋଲି ମିଳିତ ମଞ୍ଚ କହିଛି। ବିକ୍ଷୋଭରେ ଆଇ.ଏନ.ଟି.ୟୁସିର ସାଧାରଣ ସମ୍ପାଦକ କିଶୋର ଜେନା, ଏଆଇଟିୟୁସିର ସାଧାରଣ ସମ୍ପାଦକ ସୌରିବନ୍ଧୁ କର, ସିଆଇଟିୟୁର ସଭାପତି ଲମ୍ବୋଦର ନାୟକ, ଉପସଭାପତି ଜନାର୍ଦ୍ଦନ ପତି, କେନ୍ଦ୍ରୀୟ ସଭାପତି ବିଷ୍ଣୁ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।





କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଓ କର୍ମଚାରୀ ଫେଡେରେଶନର ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ।

## ମାନବିକତା ଭୁଲିଗଲେ ପୁଅବୋହୂ

# ପାଇଖାନା ଘରେ ରହୁଛନ୍ତି ୮୨ ବର୍ଷର ମା'

**ଗୋପ, ୨।୮(ଡି.ଏନ୍.ଏ.)**

ଦଶମାସ ୧୦ ଦିନ ଗର୍ଭରେ ଧରି ସନ୍ତାନଙ୍କୁ ଜନ୍ମ ଦେଇଥିବା ବୃଦ୍ଧା ମା' ଆଜି ପାଇଖାନା ଘରେ। ନିଜର ୪ ପୁଅବୋହୂ ଥିବାବେଳେ ଜନ୍ମକଲା ମା'ର ଯତ୍ନ ନେବାକୁ ସେମାନେ ବୋଝ ବୋଲି ମନେକରୁଛନ୍ତି। ଏଭଳି ଏକ ଅମାନବୀୟ ତଥା ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି ଗୋପ ଥାନା ବୀରତୁଙ୍ଗ ପଞ୍ଚାୟତ ଅନ୍ତର୍ଗତ ସାଉରିଆ ଗ୍ରାମରେ। ଗ୍ରାମର ଧନୀ ମଲ୍ଲିକ୍(୮୨) ଏବେ ଚାରିପୁଅଙ୍କ ଲାଗି ଅଲୋଡ଼ା ହୋଇ ପାଇଖାନା ଘରେ ଜୀବନ ବିତାଉଛନ୍ତି।

ଧନୀଙ୍କର ୪ପୁଅ ବିବାହ କରିସାରିଥିବାବେଳେ ୧୧ ଜଣ ନାତିନାତୁଣୀ ଅଛନ୍ତି। ବୟସର ଅପରାହ୍ନରେ ପହଞ୍ଚିଥିବା ଧନୀ ଏବେ ପରିବାର ପାଇଁ ବୋଝ ପାଲଟି ଯାଇଛନ୍ତି। ବଡ଼ପୁଅ ବାନାମ୍ବରଙ୍କ ନିର୍ମାଣାଧୀନ ପାଇଖାନା ଘରେ ବୃଦ୍ଧା ଧନୀ କେବଳ ମୃତ୍ୟୁ ସହ ସଂଗ୍ରାମ କରିବା ସାର ହୋଇଛି। ଧନୀଙ୍କ ନାମରେ ଥିବା



ଜମିକୁ ପୁଅମାନେ ନିଜ ନିଜ ଭିତରେ ବାଣ୍ଟି ନେଇଥିବାବେଳେ ମା'ଙ୍କୁ ଅସହାୟ ଅବସ୍ଥାରେ ଛାଡ଼ିଦେଇଛନ୍ତି। ମା'ଙ୍କ ଯତ୍ନ ନେବାକୁ କେହି ଆଗ୍ରହ ପ୍ରକାଶ କରି ନାହାନ୍ତି। ଏପରି ଏକ ସମ୍ବେଦନଶୀଳ ଘଟଣା ଜଣାପଡ଼ିବା ପରେ ଆମ ପ୍ରତିନିଧି ସେଠାକୁ ଯାଇ ବୃଦ୍ଧା ଧନୀଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ଥରିଲା କଣ୍ଠରେ ସେ କୁହନ୍ତି, ଯେଉଁ ପୁଅମାନଙ୍କ ଲାଗି ଏତେକଷ୍ଟ କରିଥିଲି ସେମାନେ ମୋତେ ଆଜି ଏପରି ଅବସ୍ଥାରେ ରଖିଛନ୍ତି। ସେମାନଙ୍କ କଥା କେବଳ ଭଗବାନ ବିଚାର କରିବେ ବୋଲି କାନ୍ଦି କାନ୍ଦି କହିଥିଲେ ବୃଦ୍ଧା ଜଣକ। ଏ ସମ୍ପର୍କରେ ବଡ଼ପୁଅ ବାନାମ୍ବରଙ୍କୁ ପଚାରିବାରେ ଘରେ ସ୍ଥାନରେ ଅଭାବ ଯୋଗୁ ମା'ଙ୍କୁ ପାଇଖାନା ଘରେ ରଖିବା ପାଇଁ ବାଧ ହେଉଛି। ଅନ୍ୟ ଭାଇମାନେ ନ ପଚାରିବା ହେତୁ ଏଭଳି ସମସ୍ୟା ଉପୁଜିଛି। ଏ ସମ୍ପର୍କରେ ଗୋପ ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁଙ୍କୁ ପଚାରିବାରେ ଅଭିଯୋଗ ମିଳିବା ପରେ ୪ଭାଇଙ୍କୁ ଥାନାକୁ ଡକାଯାଇଛି। ଏହି ସମସ୍ୟାର ସମାଧାନ ପଞ୍ଚାୟତ ମାଧ୍ୟମରେ ହେବ ବୋଲି ସେ କହିଥିଲେ।

# ଚୋରା ପଥରଖଣି ବ୍ୟବସାୟ: ଅଭିଯୁକ୍ତ ଗିରଫ

- ଧରାପଡିବା ଭୟରେ ଜଙ୍ଗଲରେ ଘର କରି ରହୁଥିଲେ
- ଚୋରା ବନ୍ଧୁକ, ଅପହରଣ, ଦାଦାବଟି, ହତ୍ୟା ଉଦ୍ୟମ ମାମଲା ରହିଛି
- ୪ଦିନିଆ ରିମାଣ୍ଡରେ ଆଣିବାକୁ ଆବେଦନ କରିବ ଏସ୍‌ଟିଏଫ୍
- ଫସିବେ ରାଜନେତା, ଗ୍ୟାଙ୍ଗ୍‌ଷ୍ଟର

**ଖୋର୍ଦ୍ଧା ଅଫିସ/ ଭୁବନେଶ୍ୱର, ୨।୮(ବ୍ୟୁରୋ)**

ଖୋର୍ଦ୍ଧା ଅଞ୍ଚଳରେ ଆତଙ୍କ ଖେଳାଇଥିବା ଚୋରା ପଥର ଖଣିର ଅନ୍ୟତମ ମାଷ୍ଟରମାଇଣ୍ଡ୍ ପ୍ରଦୀପ ବେହେରା ଓରଫ କାଲୁ(୨୬) ଶୁକ୍ରବାର ଧରାପଡ଼ିଛନ୍ତି। କ୍ରାଇବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍ ସ୍ଥାନୀୟ ଜଙ୍ଗଲରେ ଚଢ଼ାଉ କରି ଏକ ଘରୁ ତାଙ୍କୁ ଗିରଫ କରିଛି। ସେଠାରୁ କିଛି ମାରଣାସ୍ତ୍ର ମିଳି ନ ଥିବାବେଳେ ସେ ଚୋରା ବନ୍ଧୁକ ରଖୁଥିବା ନେଇ ଅଭିଯୋଗ ଥିବାରୁ ଏହାର ଖୋଳତାଡ଼ ଆରମ୍ଭ ହୋଇଛି। ପ୍ରଦୀପଙ୍କ ନାମରେ ବିଭିନ୍ନ ଥାନାରେ ଅପହରଣ, ଦାଦା ବଟି ଓ ହତ୍ୟା ଉଦ୍ୟମ ଭଳି ବହୁ ମାମଲା ରହିଛି। ତାଙ୍କୁ ରିମାଣ୍ଡରେ ଆଣି ଆପରାଧିକ ସାମ୍ରାଜ୍ୟକୁ ଧ୍ୱଂସ କରିବାକୁ ଯୋଜନା ରଖିଛି ଏସ୍‌ଟିଏଫ୍।

ଏସ୍‌ଟିଏଫ୍‌ର ସୂଚନାନୁସାରେ, ପ୍ରଦୀପ ଖୋର୍ଦ୍ଧା ଓ ଆଖପାଖ ଅଞ୍ଚଳରେ ବେଆଇନ ଭାବେ ପଥର ଖନନ କରିବା ସହ ଚାଲାଣ କରନ୍ତି। ବିଳମ୍ବିତ ରାତିରେ ପଥର ବ୍ଲାଷ୍ଟିଂ କରନ୍ତି। ଗୋଟିଏ ଟ୍ରିପ୍ ପଥରକୁ ୨ ହଜାର ଟଙ୍କା ଲେଖାଏରେ ବିକ୍ରି କରନ୍ତି। ରାତିକୁ ପ୍ରାୟ ଦୁଇଶହ ଟ୍ରିପ୍ ପଥର ଚାଲାଣ କରି ମାସକୁ ୬୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ରୋଜଗାର କରନ୍ତି। ଉକ୍ତ ଟଙ୍କାରୁ କେତେଜଣ ରାଜନେତା, ସ୍ଥାନୀୟ ଥାନାର ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କୁ ଦେଇ ଅନାୟାସରେ ସାମ୍ରାଜ୍ୟ ବିସ୍ତାର କରିଚାଲିଥିଲେ। ବିଶେଷକରି ପଥର ବ୍ଲାଷ୍ଟିଂ ଯୋଗୁ ଆଖପାଖ ଅଞ୍ଚଳର ଲୋକେ ଆତଙ୍କିତ ଅବସ୍ଥାରେ ରହୁଥିଲେ ମଧ୍ୟ ପ୍ରତିବାଦ କରିବାକୁ ସାହସ କରିପାରୁ ନ ଥିଲେ। ଚୋରା ପଥର ଖଣି ଉପରେ ଏସ୍‌ଟିଏଫ୍‌ର ନଜର ପଡ଼ିବା ପରଠାରୁ ଖଣି ମାଫିଆଙ୍କ ମଧ୍ୟରେ ପଡ଼ିଥିଲା ଭାଳେଣି। ବ୍ରାଉନସୁଗାର ବ୍ୟବସାୟୀ ତଥା ଚୋରା ପଥର ଖଣି ଇଲାକାରେ ରାଜୁତି କରୁଥିବା ଛୋଟା ଓରଫ ସୁଧାଂଶୁ ପରିଡ଼ା ଓ ଅନ୍ୟ କେତେଜଣ ଜେଲ୍‌ଯିବା ପରେ ସମ୍ପୃକ୍ତ ଗ୍ୟାଙ୍ଗ୍‌ଷ୍ଟର ଓ ଅନ୍ୟମାନେ ଭୟରେ ଉଭାନ ହୋଇଯାଇଛନ୍ତି। ତେବେ ଏସ୍‌ଟିଏଫ୍ ସେମାନଙ୍କ ତାଲିକା କରି ଗୋଟିଗୋଟିକରି ଖୋଜି ଧରୁଛି। ଏସ୍‌ଟିଏଫ୍ କେସ୍ ନଂ-୭/୧୯ରେ ଏକ ମାମଲା ରୁଜୁ କରି ପ୍ରଦୀପଙ୍କୁ ଖୋଜୁଥିଲା। ପ୍ରଦୀପ ଓ ଅନ୍ୟ ୪ଜଣ ଖୋର୍ଦ୍ଧା ସହରର କିଛି ଦୂରରେ ଥିବା ଏକ ଜଙ୍ଗଲରେ ଘର କରି ରହୁଥିବା ଓ ସେଠାରେ ମଦମାଂସର ଆସର ଜମୁଥିବା ଏସ୍‌ଟିଏଫ୍ ନିକଟରେ ଖବର ପହଞ୍ଚିଥିଲା। ଏପରିକି ଧରା ନ ପଡ଼ିବା ପାଇଁ ସେଠାରେ କେହି ହେଲେ ମୋବାଇଲ୍ ଫୋନ୍ ବ୍ୟବହାର କରୁ ନ ଥିଲେ। ଶେଷରେ ଏସ୍‌ଟିଏଫ୍ ଉକ୍ତ ସ୍ଥାନକୁ ଠାବ କରିବା ପରେ ଗୁରୁବାର ରାତିରେ ଏକ ଟିମ୍ ଜଙ୍ଗଲରେ ପଶି ଉକ୍ତ ଘର ଉପରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ସମସ୍ତେ ମଦପିଇ ମଉଜ କରୁଥିଲେ। ହେଲେ ଏସ୍‌ଟିଏଫ୍ ଅଧା ମଦ ପିଆରୁ ୫ଜଣଙ୍କୁ ଉଠାଇ ଆଣିଥିଲା। ପ୍ରଦୀପଙ୍କୁ ଏସ୍‌ଟିଏଫ୍ ଗିରଫ କରିବା ସହ ଅନ୍ୟ ୪ଜଣଙ୍କର ଆପରାଧିକ ଲିଙ୍କ୍ ଖୋଜିଥିଲା। ମାତ୍ର ସେପରି କିଛି ନ ମିଳିବାରୁ ସେମାନଙ୍କୁ ଛାଡ଼ି ଦେଇଥିଲା। ତେବେ ପଚରାଉଚରା ପରେ ଏସ୍‌ଟିଏଫ୍‌କୁ ବହୁ ତଥ୍ୟ ମିଳିଛି। ଗିରଫ ଭୟରେ ପ୍ରଦୀପ ଜଙ୍ଗଲ ଭିତରେ ଘର କରି ଲୁଚି ରହିଥିଲେ। ଭୟ ଲାଗୁଥିବାରୁ ସେ ୪ଜଣ ସାଙ୍ଗଙ୍କୁ ମଦ ଓ ମାଂସ ଦେଇ ପାଖରେ ରଖିଥିଲେ। ଅନ୍ୟପକ୍ଷରେ ଗିରଫ ପ୍ରଦୀପଙ୍କୁ ପଚରାଉଚରାବେଳେ ସେ ତାଙ୍କ ଆପରାଧିକ ସାମ୍ରାଜ୍ୟ ସହ ଲିଙ୍କ୍‌ରେ ଥିବା ସହଯୋଗୀଙ୍କ ନାମ କହିଛନ୍ତି। ଏପରିକି ତାଙ୍କୁ ସୁରକ୍ଷା ଦେଉଥିବା ରାଜନେତା ଓ ଗ୍ୟାଙ୍ଗ୍‌ଷ୍ଟାରଙ୍କ ସମ୍ପର୍କରେ ମଧ୍ୟ ଏସ୍‌ଟିଏଫ୍ ବହୁତ କିଛି ଜାଣିବାକୁ ପାଇଛି। ତେଣୁ ୪ଦିନିଆ ରିମାଣ୍ଡରେ ଆଣିବା ପାଇଁ କୋର୍ଟରେ ଆବେଦନ କରାଯିବ ବୋଲି ଏସ୍‌ଟିଏଫ୍ ଏସ୍‌ପି ରାହୁଲ ପିଆର୍ କହିଛନ୍ତି। ତେଣୁ ଆଗକୁ ବହୁ ନେତା ଓ ଗ୍ୟାଙ୍ଗ୍‌ଷ୍ଟର ଏସ୍‌ଟିଏଫ୍ ଜାଲରେ ଫସିବେ ବୋଲି ଆଶଙ୍କା କରାଯାଉଛି।



ଇଣ୍ଡୋନେସିଆ ଶୁକ୍ରବାର ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୭ ବୋଲି ଜଣାପଡ଼ିଛି। ଏଥିଲାଗି ସୁନାମୀ ସତର୍କତା ମଧ୍ୟ ଜାରି କରାଯାଇଛି। ଉପକୂଳ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ଉଚ୍ଚ ତଥା ସୁରକ୍ଷିତ ଜାଗାକୁ ଚାଲିଯିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଜାଭା ଓ ସୁମାତ୍ରା ଏହାଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଇଛି। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ କ୍ଷୟକ୍ଷତି ସମ୍ପର୍କରେ କୌଣସି ସୂଚନା ନ ଥିବା ଜଣାପଡ଼ିଛି।

### ଯୋଡାରେ ରାଜ୍ୟ ନଗର ଉନ୍ନୟନ ସଂସ୍ଥାର ଅତିରିକ୍ତ ନିର୍ଦ୍ଦେଶକ

# କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ତଦାରଖ କଲେ



ନଗର ଉନ୍ନୟନ ସଂସ୍ଥାର ଅତିରିକ୍ତ ନିର୍ଦ୍ଦେଶକ ସାରଦା ପ୍ରସାଦ ପଣ୍ଡା ପ୍ଲାଣ୍ଟ ଅନୁଧ୍ୟାନ କରୁଛନ୍ତି।

ଯୋଡ଼ା, ୨।୮ (ଡି.ଏନ.ଏ.)

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଉପଶାସନ ସଚିବ ତଥା ରାଜ୍ୟ ନଗର ଉନ୍ନୟନ ସଂସ୍ଥାର ଅତିରିକ୍ତ ନିର୍ଦ୍ଦେଶକ ସାରଦା ପ୍ରସାଦ ପଣ୍ଡା ଶୁକ୍ରବାର କେନ୍ଦୁଝର ଜିଲା ଯୋଡା ଗସ୍ତରେ ଆସି ପୌରପାଳିକାରେ ନିର୍ମାଣଧୀନ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ କାର୍ଯ୍ୟ ତଦାରଖ କରିଥିଲେ। ସେ ପୂର୍ବାହ୍ନରେ ପ୍ଲାଣ୍ଟ ପରିଦର୍ଶନ କରିବା ପରେ ପୌରପାଳିକା କାର୍ଯ୍ୟାଳୟକୁ ଯାଇ ପୌରାଞ୍ଚଳର ବସ୍ତି ଓ ହଟିଂ ଅଞ୍ଚଳରୁ ପୌରପାଳିକା ଦ୍ୱାରା ନିୟୋଜିତ ଗାଡିରେ କିପରି ଅଳିଆ ଆବର୍ଜନା ସଂଗ୍ରହ କରି ପ୍ଲାଣ୍ଟକୁ ଅଣାଯିବ ସେ ନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟ୍ଟଯୋଶୀଙ୍କ ସହ ଆଲୋଚନା କରିଥିଲେ। ବର୍ଜ୍ୟବସ୍ତୁ ପରିଚାଳନା ନେଇ ସମଗ୍ର ରାଜ୍ୟରେ ପ୍ରଥମ ଥର ଯୋଡାରେ ଏହି ପ୍ଲାଣ୍ଟ ସ୍ଥାପନ କରାଯାଉଛି। ସ୍ଥାନୀୟ ଜନସାଧାରଣ ଓ ବରିଷ୍ଠ ନାଗରିକଙ୍କ ସହଯୋଗରେ ସହରକୁ ସ୍ୱଚ୍ଛ, ସୁନ୍ଦର କରି ଗଢ ତୋଳିବା ଲାଗି ସଚେତନତା ସୃଷ୍ଟି କରିବା ଜରୁରୀ ବୋଲି ଅତିରିକ୍ତ ନିର୍ଦ୍ଦେଶକ ସାରଦା ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ବେଳେ କହିଥିଲେ। ଆସନ୍ତା ୧୫ ତାରିଖରେ ବାଟୁ ହଟିଂଠାରେ ନିର୍ମାଣ ହୋଇଥିବା କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟର ଶୁଭାରମ୍ଭ ହେବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ସୂଚନା ଦେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀକାନ୍ତଙ୍କ ଖୋଲା ଚିଠି

ଭୁବନେଶ୍ୱର, ୨।୮ (ବ୍ୟୁରୋ)

■ ଦିଲ୍ଲୀ ବିଦ୍ୟୁତ୍ ଦର ରାଜ୍ୟରେ ଲାଗୁ କରାଯାଉ

ଦିଲ୍ଲୀବାସୀଙ୍କୁ ସେଠାକାର କ୍ଷମତାସୀନ ରାଜ୍ୟ ସରକାର ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ଶୁଳ୍କ ଛାଡ଼ କରିବା ନେଇ ଘୋଷଣା କରିଛନ୍ତି। ଏହି ଘୋଷଣାର ଦିନକ ପରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଏହି ନିୟମ ଓଡ଼ିଶାରେ ଲାଗୁ କରିବା ପାଇଁ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଶ୍ରୀକାନ୍ତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୁକ୍ରବାର ଏକ ଖୋଲା ଚିଠି ଲେଖିଛନ୍ତି। ଶ୍ରୀକାନ୍ତ କହିଛନ୍ତି ଯେ, ଦିଲ୍ଲୀର ବିଦ୍ୟୁତ୍ ଉପଭୋକ୍ତା ପ୍ରଥମ ୪୦୦ ୟୁନିଟ୍ ପାଇଁ ମାସକୁ ମାତ୍ର ୨୫୦ ଟଙ୍କା ଦେବେ। ହେଲେ ଓଡ଼ିଶାରେ ସମାନ ସଂଖ୍ୟକ ୟୁନିଟ୍ ଲାଗି ଉପଭୋକ୍ତା ୧୯୬୦ ଟଙ୍କା ଦେବାକୁ ବାଧ୍ୟ ହେଉଛନ୍ତି, ଯାହା ବ୍ୟୟବହୁଳ ସହର ଦିଲ୍ଲୀ ତୁଳନାରେ ୧୭୧୦ ଟଙ୍କା ଅଧିକ। ରାଜ୍ୟରେ କୋଇଲା ଓ ପାଣିରୁ ବହୁତ ଶସ୍ତାରେ ବିଜୁଳି ଉତ୍ପାଦନ ହେଉଛି। ଓଡ଼ିଶା ବିଜୁଳି ବିକ୍ରି କରୁଥିବା ଏକ ରାଜ୍ୟ, ଅପରପକ୍ଷରେ ଦିଲ୍ଲୀ ବିଦ୍ୟୁତ୍ ଶକ୍ତି କ୍ରୟ କରୁଥିବା ଏକ ରାଜ୍ୟ। କ୍ରୟ କରି ଦିଲ୍ଲୀ ଯଦି ଶସ୍ତାରେ ବିଜୁଳି ଯୋଗାଇ ପାରୁଛି, ତେବେ ଓଡ଼ିଶାରେ ଏହି ନିୟମ କାହିଁକି ଲାଗୁ କରାଯିବ ନାହିଁ ବୋଲି ଶ୍ରୀକାନ୍ତ ପ୍ରଶ୍ନ କରିଛନ୍ତି। ସେହିପରି ରାଜ୍ୟ ଶକ୍ତି ବିଭାଗ ଦୁର୍ନୀତି ଏବଂ ଚୋରିର ଏକ ଗନ୍ତାଘରରେ ପରିଣତ ହୋଇଛି। ପ୍ରତି ମାସରେ ବିନା ବାଧାରେ ହଜାର ହଜାର କୋଟି ଟଙ୍କା ଲୁଟ୍ ଚାଲିଛି, ଏହି କ୍ଷତି ରାଜ୍ୟର ଉପଭୋକ୍ତାମାନଙ୍କୁ ଶୁଳ୍କ ଦେଇ ଭରଣା କରିବାକୁ ପଡୁଛି। ଦିଲ୍ଲୀର ମୁଣ୍ଡପିଛା ଆୟ ଓଡ଼ିଶାବାସୀଙ୍କ ମୁଣ୍ଡପିଛା ଆୟଠାରୁ ପ୍ରାୟ ୧୦ ଗୁଣା ଅଧିକ। ହେଲେ ଦିଲ୍ଲୀରେ ୨୦୦ ୟୁନିଟ୍ ମାଗଣା, ଓଡ଼ିଶାରେ ନାହିଁ ନ ଥିବା ଦାମ୍ କାହିଁକି ବୋଲି କହି ଶ୍ରୀକାନ୍ତ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ତେଣୁ ରାଜ୍ୟ ସରକାର ଦିଲ୍ଲୀ ଦରକୁ ତୁରନ୍ତ ଲାଗୁ କରିବା ସହ ଚାଷୀଙ୍କୁ ପଞ୍ଜାବ ଭଳି ମାଗଣା ବିଦ୍ୟୁତ୍ ଯୋଗାଇବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଛନ୍ତି। ଶକ୍ତି ବିଭାଗରେ ଦୁର୍ନୀତି ବ୍ୟାପକ ପରିମାଣରେ ହୋଇଥିବାରୁ ଏହାକୁ ଧରିବା ପାଇଁ ଶ୍ରୀକାନ୍ତ ସ୍ୱତନ୍ତ୍ର ଅଡିଟ୍ ଦାବି କରିଛନ୍ତି।

ଏଠାରେ ଉଲ୍ଲେଖଥାଉ କି, ଓଡ଼ିଶାରେ ୦ରୁ ୫୦ ୟୁନିଟ୍ ପର୍ଯ୍ୟନ୍ତ ୟୁନିଟ୍ ପିଛା ୨.୫୦ ଟଙ୍କା, ୫୦-୧୦୦ ୟୁନିଟ୍ ପାଇଁ ୟୁନିଟ୍ ପିଛା ୪.୩୦, ୧୫୦-୨୦୦ ୟୁନିଟ୍ ପାଇଁ ୟୁନିଟ୍ ପିଛା ୫.୩୦ ଏବଂ ୨୦୦ରୁ ୪୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ପାଇଁ ୟୁନିଟ୍ ପିଛା ୫ ଟଙ୍କା ୭୦ ପଇସା ଦେବାକୁ ପଡୁଛି। ସେହିପରି ବିଦ୍ୟୁତ୍ ବିତରଣ କରୁଥିବା ଅନେକ ଫ୍ରାଞ୍ଚାଇଜ୍ କମ୍ପାନୀ ଓ ଶିଳ୍ପସଂସ୍ଥା ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ବାକି ରଖିଛନ୍ତି। ଏହାପରେ ଫ୍ରାଞ୍ଚାଇଜ୍‌ଗୁଡ଼ିକ କିପରି ପୁନର୍ବାର ଟେଣ୍ଡର ପାଇବେ, ସେଥିପାଇଁ ପଦକ୍ଷେପ ନିଆଯାଉଛି। ଶିଳ୍ପସଂସ୍ଥା ଉପରେ ଥିବା ବକେୟା ଆଦାୟ କରାଯାଉନାହିଁ। ହେଲେ ନିର୍ଦ୍ଧାରିତ ସମୟରୁ ସାମାନ୍ୟ ବିଳମ୍ବରେ ବିଦ୍ୟୁତ୍ ଶୁଳ୍କ ପୈଠ କଲେ ଜରିମାନା ଆଦାୟ କରାଯାଉଛି। ଗାଁଗଣ୍ଡା କଥା ଛାଡ଼, ଖୋଦ୍ ରାଜଧାନୀ ଭୁବନେଶ୍ୱରର ଭିଆଇପି ଅଞ୍ଚଳରେ ମଧ୍ୟ ବିଦ୍ୟୁତ୍ କାଟ୍ କରାଯାଉଛି।

## ମୃତ ଶ୍ରମିକଙ୍କ ପରିବାରକୁ ନାଲ୍‌କୋ ଦେବ ୧୫ ଲକ୍ଷ

ବଁଅରପାଳ, ୨।୮ (ଡି.ଏନ.ଏ.)

ଗତ ୨୩ ତାରିଖରେ ନାଲ୍‌କୋ ପ୍ଲାଣ୍ଟ ପରିସରରେ ଘଟିଥିବା ଦୁର୍ଘଟଣାରେ ଗୁରୁତର ମିଥୁନ ନାଥ ନାମକ ଜଣେ ଠିକା ଶ୍ରମିକଙ୍କ ଦିଲ୍ଲୀରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଏହି ଖବର ପାଇବା ପରେ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ମିଥୁନଙ୍କ ସ୍ତ୍ରୀଙ୍କୁ ନାଲ୍‌କୋରେ ନିଯୁକ୍ତି ଦାବିରେ ଶୁକ୍ରବାର ପ୍ଲାଣ୍ଟ ସମ୍ମୁଖରେ ଆନ୍ଦୋଳନ କରାଯାଇଥିଲା। ନାଲ୍‌କୋ ସିପିପି ଓ ଆସ୍‌ପଣ୍ଡଠାରେ ମଧ୍ୟ ଆନ୍ଦୋଳନ ହୋଇଥିଲା। ଏ ନେଇ ନାଲ୍‌କୋ ଟ୍ରେନିଂ ସେଣ୍ଟରଠାରେ ନାଲ୍‌କୋ ମାନବ ସମ୍ବଳ ମହାପ୍ରବନ୍ଧକ ଏସ୍.ଏନ୍. ସାହୁ, ଡିଜିଏମ୍ ଏସ୍.ଏସ୍. ପଣ୍ଡା, ବରିଷ୍ଠ ପ୍ରବନ୍ଧକ ରାଜାରାମ ମିଶ୍ର, ଅନୁଗୋଳ ଏସ୍‌ଡିପିଓ ଅଶ୍ୱିନୀ କୁମାର ସାହୁ ଓ ନାଲ୍‌କୋ ଥାନା ଆଇଆଇସି ଗୀତାଞ୍ଜଳି ସାହୁଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ପରେ ରାତି ପ୍ରାୟ ସାଢେ ୧୦ଟା ବେଳେ ମାନବ ସମ୍ବଳ ମହାପ୍ରବନ୍ଧକ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରଙ୍କୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ, ସ୍ତ୍ରୀଙ୍କୁ ନିଯୁକ୍ତି ସହ ଅନ୍ୟାନ୍ୟ ସହାୟତା ପ୍ରକଳ୍ପ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ଓଡ଼ିଶାରେ ଟସର ଚାଷ ସମ୍ପ୍ରସାରଣ କରିବାକୁ କେନ୍ଦ୍ରର ପରାମର୍ଶ

ଭୁବନେଶ୍ୱର, ୨।୮ (ବ୍ୟୁରୋ): କେନ୍ଦ୍ରୀୟ ରେଶମ ବୋର୍ଡର ୧୩୬ତମ ପରିଚାଳନା ପରିଷଦ ବୈଠକ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲ୍‌ରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ରେଶମ ବୋର୍ଡ ଚେୟାରମ୍ୟାନ୍ କେ.ଏମ୍. ହନୁମନ୍ତରାୟାପ୍ପାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୨୦ ରାଜ୍ୟର ସେରିକଲଚର ବିଭାଗ ସଚିବ, ନିର୍ଦ୍ଦେଶକ ଏବଂ ପରିଚାଳନା ପରିଷଦର ସଭ୍ୟମାନେ ଯୋଗଦେଇଥିଲେ। ଏଥିରେ ଓଡ଼ିଶାର ଟସର ଚାଷର ଉନ୍ନତୀକରଣ ନିମନ୍ତେ ବ୍ୟାପକ ଭାବେ ଆଲୋଚନା କରାଯିବା ସହ ଭବିଷ୍ୟତର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଥିଲା।

କେନ୍ଦ୍ର ମହାକାଶ ବିଭାଗ ଦ୍ୱାରା କରାଯାଇଥିବା ରିମୋଟ ସେନ୍‌ସିଂ ଏବଂ ଜିଆଇଏସ୍ ସର୍ଭେ ଅନୁସାରେ ଓଡ଼ିଶାର ବ୍ୟାପକ ଅଞ୍ଚଳ ଟସର ଚାଷ ପାଇଁ ଅତ୍ୟନ୍ତ ଅନୁକୂଳ ଥିବା ଜଣାପଡ଼ିଥିଲା। ଏ ଦିଗରେ ଓଡ଼ିଶା ସରକାରଙ୍କ ଦ୍ୱାରା ଗତ ୪ ବର୍ଷ ମଧ୍ୟରେ ନିଆଯାଇଥିବା ପଦକ୍ଷେପ ଉପରେ କେନ୍ଦ୍ରୀୟ ବୋର୍ଡ ଅଧ୍ୟକ୍ଷ କେ.ଏମ୍. ହନୁମନ୍ତରାୟାପ୍ପା ଏବଂ କେନ୍ଦ୍ରୀୟ ବୋର୍ଡର ସଦସ୍ୟ ସଚିବ ରଜତ ରଞ୍ଜନ ଓଖାଁଡିଆ ଆଲୋଚନା କରିଥିଲେ। ଭବିଷ୍ୟତରେ ଟସର ଚାଷ ମାଧ୍ୟମରେ ଓଡ଼ିଶାର ଆଦିବାସୀମାନଙ୍କର ଆର୍ଥିକ ଏବଂ ସାମଗ୍ରିକ ବିକାଶ ହୋଇପାରିବ। ଏଥିପାଇଁ ଟସର ଚାଷକୁ ସଂପ୍ରସାରଣ କରିବା ଲାଗି ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ସେମାନେ କହିଥିଲେ। ବୈଠକରେ ବୟନଶିଳ୍ପ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାଶ, ରେଶମ ଓଡ଼ିଶା ଯୁଗ୍ମନିର୍ଦ୍ଦେଶକ ସୂର୍ଯ୍ୟ ପଟ୍ଟନାୟକ ଏବଂ ଓଡ଼ିଶା ଟସର ମହାସଂଘ କର୍ମକର୍ତ୍ତା, ଓଡ଼ିଶାର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଶାସନ ସଚିବ ଶୁଭା ଶର୍ମା ଉପସ୍ଥିତ ଥିଲେ। କେନ୍ଦ୍ରୀୟ ବୋର୍ଡ ସଦସ୍ୟମାନେ ଶନିବାର ରାଜ୍ୟ ସରକାରଙ୍କ ଦ୍ୱାରା କେନ୍ଦୁଝର ଜିଲାର ହରିଚନ୍ଦନପୁର ବ୍ଲକ୍‌ରେ ପ୍ରତିଷ୍ଠା ହେବାକୁ ଥିବା ଟସର ସିଲ୍କ ପାର୍କ ଭଗାମୁଣ୍ଡାକୁ ପରିଭ୍ରମଣ କରିବେ।

### ମୃତ ବ୍ୟକ୍ତିଙ୍କ ନାମରେ ଅର୍ଥ ଆତ୍ମସାତ୍ ଘଟଣା

# ମାଷ୍ଟରମାଇଣ୍ଡ ଗିରଫ

ବାଲେଶ୍ୱର ଅଫିସ, ୨।୮

ବ୍ୟାଙ୍କ ଅଫ୍ ଇଣ୍ଡିଆ, ରେମୁଣା ଶାଖାରେ ମୃତ ବ୍ୟକ୍ତିଙ୍କୁ ଜୀବିତ ଦେଖାଇ ଟଙ୍କା ଆତ୍ମସାତ୍ ଘଟଣାର ମାଷ୍ଟରମାଇଣ୍ଡ ବ୍ରହ୍ମଜ୍ୟୋତି ବେହେରାଙ୍କୁ ଶୁକ୍ରବାର କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ଗିରଫ କରି କୋର୍ଟରେ ହାଜର କରିଛି। ବ୍ରହ୍ମଜ୍ୟୋତିଙ୍କ ଘର ଶିଳ୍ପାଞ୍ଚଳ ଥାନା ନରହରିପୁର ଗ୍ରାମରେ।

ଗତ ୨୦୧୮ ଡିସେମ୍ବର ୧୨ତାରିଖରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ମ୍ୟାନେଜର ସରୋଜ ମହାନ୍ତିଙ୍କ ଲିଖିତ ଅଭିଯୋଗ ଅନୁଯାୟୀ, ମନ୍ଦାରପୁର ଗ୍ରାମର ପର୍ଶୁରାମ ଗିରି ଏବଂ ନରହରିପୁର ଗ୍ରାମର ସାବିତ୍ରୀ ବେହେରା ୪ବର୍ଷ ପୂର୍ବରୁ ମୃତ୍ୟୁବରଣ କରିଥିଲେ ମଧ୍ୟ ବ୍ୟାଙ୍କର ଅସ୍ଥାୟୀ କର୍ମଚାରୀ ପ୍ରଭାତ ଦାସ ନକଲି ଲାଇଫ୍ ସାର୍ଟିଫିକେଟ୍ ତିଆରି ସହ ବ୍ୟାଙ୍କରେ ଦାଖଲ କରି ୩ଟି ଏଟିଏମ୍ ସହାୟତାରେ ପ୍ରତିମାସ ଟଙ୍କା ଉଠାଇ ନେଉଥିଲା। ଏକଥା ମ୍ୟାନେଜର ମହାନ୍ତି ଜାଣିବା ପରେ କଟକ କ୍ରାଇମବ୍ରାଞ୍ଚ ନିକଟରେ ଲିଖିତ ଅଭିଯୋଗ କରିଥିଲେ। କ୍ରାଇମବ୍ରାଞ୍ଚରେ ମାମଲା (ନଂ. ୨୬/୧୮) ରୁଜୁ କରାଯାଇ ଦଫା (୪୧୯, ୪୨୦, ୪୬୭, ୪୭୧, ୪୦୬/୬୬ ଡିଆଇଟିଆର୍)ରେ ୨୦୧୮ ଡିସେମ୍ବର ୧୫ତାରିଖରେ ପ୍ରଭାତଙ୍କ ଘର ଉପରେ ଚଢ଼ାଉ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା। ପରେ ଶାଖା ପ୍ରବନ୍ଧକ ଦୁର୍ଗାଚରଣ ଦାସଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତମାନେ ୧କୋଟି ୩୨ଲକ୍ଷ ଟଙ୍କା ଆତ୍ମସାତ୍ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ବ୍ରହ୍ମଜ୍ୟୋତି ୬୫ଲକ୍ଷ ଟଙ୍କା ଲୁଟ୍ କରିଥିବାର ଜଣାପଡ଼ିଥିଲା। ତେବେ ସେ ହାଇକୋର୍ଟଙ୍କ ଅନ୍ତରୀଣ ଜାମିନରେ ରହିଥିଲେ। ଶୁକ୍ରବାର କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ଶିଳ୍ପାଞ୍ଚଳ ଥାନା ପୋଲିସ ସହାୟତାରେ ନରହରିପୁରରୁ ବ୍ରହ୍ମଜ୍ୟୋତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ବଢ଼ିଲା ପୁରୀ-ହବିବ୍‌ଗଞ୍ଜ ସ୍ୱତନ୍ତ୍ର ଟ୍ରେନ ସେବା

ଭୁବନେଶ୍ୱର, ୨।୮ (ବ୍ୟୁରୋ)

ପୁରୀ-ହବିବ୍‌ଗଞ୍ଜ-ପୁରୀ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ ସେବାକୁ ଚଳିତବର୍ଷ ସେପ୍ଟେମ୍ବର ୨୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ଟ୍ରେନ ହବିବ୍‌ଗଞ୍ଜଠାରୁ ପ୍ରତି ମଙ୍ଗଳବାର ସକାଳ ୭.୨୦ରେ ଛାଡି ପୁରୀଠାରେ ତା'ପରଦିନ ପୂର୍ବାହ୍ନ ୧୦ଟାରେ ପହଞ୍ଚୁଛି। ସେହିଭଳି ପୁରୀଠାରୁ ପ୍ରତି ବୁଧବାର ଅପରାହ୍ନ ୩ଟାରେ ଛାଡି ତା'ପରଦିନ ଅପରାହ୍ନ ୩. ୨୫ ରେ ହବିବ୍‌ଗଞ୍ଜରେ ଲାଗୁଛି। ଜବଲପୁର ଷ୍ଟେଶନରେ ଆଧୁନିକୀକରଣ କାର୍ଯ୍ୟ ଯୋଗୁଁ ଏହି ଟ୍ରେନ ଅଗଷ୍ଟ ମାସ ୨୮ ପର୍ଯ୍ୟନ୍ତ ମାର୍ଗ ପରିବର୍ତ୍ତନ କରି ବିଦିଶା, ବୀଣା, ସଗୌର, ଦାମୋହ ଓ କାଟଣି ମୁରୱାରା ଷ୍ଟେଶନ ମାର୍ଗରେ ଚଳାଚଳ କରିବ। ଏହା ସେପ୍ଟେମ୍ବର ୩ଠାରୁ ଏହାର ସ୍ଥିରୀକୃତ ମାର୍ଗ ହୋଇ ଯାତାୟାତ କରିବ ବୋଲି ରେଳୱେ ପକ୍ଷରୁ ସୂଚନା ରହିଛି।

# ହସ୍ପିଟାଲରେ ନେଇଥିବା ରକ୍ତରୁ ଏଚ୍‌ଆଇଭି ସଂକ୍ରମଣ ସନ୍ଦେହ

### ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର ହେଲେ ବାଳକ

ବଲାଙ୍ଗୀର ଅଫିସ, ୨।୮

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲର ଶିଶୁ ବିଭାଗରୁ ବୌଦ୍ଧ ଜିଲାର ଏଚ୍‌ଆଇଭି ସଂକ୍ରମିତ ଜଣେ ୯ବର୍ଷର ବାଳକଙ୍କୁ ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ କେନ୍ଦ୍ର(ଏମ୍ସ) ହସ୍ପିଟାଲକୁ ସ୍ଥାନାନ୍ତରଣ କରାଯାଇଛି। ବାଳକ ଦେହରେ ସଂକ୍ରମିତ ରକ୍ତ ଦିଆଯିବାରୁ ସେ ଏଚ୍‌ଆଇଭି ସଂକ୍ରମିତ ହୋଇଥିବା ପରିବାର ଲୋକେ ସନ୍ଦେହ କରିବା ପରେ ଘଟଣାଟି ଚର୍ଚ୍ଚାର ବିଷୟ ହୋଇଛି।

ପରିବାର ଲୋକଙ୍କ କହିବା ମୁତାବକ, ପ୍ରାୟ ୫ ବର୍ଷ ତଳେ ସମ୍ପୃକ୍ତ ବାଳକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଥିଲା। ଏନେଇ ବାଳକଙ୍କୁ ପ୍ରଥମେ ବୌଦ୍ଧ ପରେ ବଲାଙ୍ଗୀର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ସମୟରେ ଡାକ୍ତରଙ୍କ ପରାମର୍ଶ କ୍ରମେ ସମ୍ପୃକ୍ତ ବାଳକ ଦେହରେ ରକ୍ତ କମ୍ ଥିବାରୁ ତାଙ୍କ ଦେହରେ ରକ୍ତଭଣ୍ଡାରରୁ ୨ ୟୁନିଟ୍ ରକ୍ତ ଆଣି ଦିଆଯାଇଥିଲା। ଆରୋଗ୍ୟଲାଭ ପରେ ସମ୍ପୃକ୍ତ ବାଳକଙ୍କୁ ଧରି ପରିବାର ଲୋକେ ଘରକୁ ଫେରିଆସିଥିଲେ। ଘଟଣାର ପ୍ରାୟ ୫ ବର୍ଷ ପରେ ସମ୍ପୃକ୍ତ ବାଳକଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ତାଙ୍କୁ କିଛିମାସ ତଳେ ବୁର୍ଲା ଭିମ୍‌ସାର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ରକ୍ତ ପରୀକ୍ଷା ପରେ ସେ ଏଚ୍‌ଆଇଭି ସଂକ୍ରମିତ ହୋଇଯାଇଥିବା ଜଣାପଡ଼ିଥିଲା। ସମ୍ପୃକ୍ତ ବାଳକଙ୍କ ମା' ଏଚ୍‌ଆଇଭି ସଂକ୍ରମିତ ହୋଇ ନ ଥିବାରୁ ଜନ୍ମରୁ ବାଳକ ଏଚ୍‌ଆଇଭି ସଂକ୍ରମିତ ନ ଥିଲେ ବୋଲି ପରିବାର ଲୋକେ କହିଛନ୍ତି। ତେବେ ପ୍ରାୟ ୫ ବର୍ଷ ତଳେ ବଲାଙ୍ଗୀର ହସ୍ପିଟାଲରେ ଦିଆଯାଇଥିବା ୨ ୟୁନିଟ୍ ରକ୍ତରୁ ପିଲାଟି ଏଚ୍‌ଆଇଭି ସଂକ୍ରମିତ ହୋଇଥିବା ସନ୍ଦେହ କରିଛନ୍ତି। ଅନ୍ୟପକ୍ଷେ ହସ୍ପିଟାଲରେ ଦିଆଯାଇଥିବା ରକ୍ତ ଏଚ୍‌ଆଇଭି ମୁକ୍ତ କି ନୁହେଁ ସେନେଇ ମଧ୍ୟ ସନ୍ଦେହ ଘନୀଭୂତ ହୋଇଛି। ସମ୍ପୃକ୍ତ ବାଳକ ବର୍ତ୍ତମାନ ଦୁର୍ବଳ ହୋଇପଡିବା ସହ ଆଖିକୁ ଦେଖାଯାଉନାହିଁ। କିଛିବର୍ଷ ତଳେ ତାଙ୍କର ବାପାଙ୍କ ଦେହାନ୍ତ ହୋଇଛି। ଏଭଳି ସ୍ଥିତିରେ ପୁଅକୁ ଧରି ମା' ଓ ଅଜା ଅସୁବିଧାରେ ପଡିଛନ୍ତି। ରକ୍ତଭଣ୍ଡାର ରକ୍ତରୁ ଏଚ୍‌ଆଇଭି ସଂକ୍ରମଣ ହୋଇଥିବା ପିଲାର ଅଜା ଓ ମା' ସନ୍ଦେହ ପ୍ରକଟ କରିଛନ୍ତି। ଘଟଣାଟି ସମ୍ବେଦନଶୀଳ ହୋଇଥିବାରୁ ଏହାର ତଦନ୍ତ କରାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଂଯୁକ୍ତା ସାହୁ ଗଣମାଧ୍ୟମକୁ କହିଛନ୍ତି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

ଜିଲା ଓ ବ୍ଲକସ୍ତରୀୟ ନିଯୁକ୍ତି
ନିଜ ନିଜ ଜିଲା ଓ ବ୍ଲକରେ କାମ କରିବା ପାଇଁ ପ୍ରାର୍ଥୀ ଆବଶ୍ୟକ। ବୟସ 30 ବର୍ଷ ମଧ୍ୟରେ। ଯୋଗ୍ୟତା: 8thରୁ +3. ଦରମା: 6500/- to 25,800/-.
ଯୋଗାଯୋଗ: 9583494854

କାର ଡ୍ରାଇଭର ଏବଂ ଟ୍ରକ ଡ୍ରାଇଭର ଆବଶ୍ୟକ
ଜଗତପୁର ଅଫିସ୍ ପାଇଁ
ଯୋଗାଯୋଗ ପାଇଁ :
7381075901
9437496020

APPOINTMENT
Experience Teacher's required for Udayanath Public School, At-Rench Sasan, Nimapara, Puri.
Subject : English & Computer
Contact :
9437489868, 6370204504
Email Resume :
udayanathpschool@gmail.com

ଆବଶ୍ୟକ (ରେଷ୍ଟୁରାଣ୍ଟ ଷ୍ଟାଫ୍)
SNACKS King ତା'ର ନୂତନ ଶାଖା ପାଇଁ କର୍ମଚାରୀ ଆବଶ୍ୟକ। Indian Cook, Chinise Cook, Tondoor Cook, South India Cook, ହେଲ୍‌ପର, ୱେଟର, କ୍ୟାପ୍ଟେନ୍, ହାଉସ୍ କିପିଙ୍ଗ୍, ସୁପରଭାଇଜର, ଡେଲିଭରି ବଏ
ଯୋଗାଯୋଗ (ରବି ଟକିଜ୍ ଛକ)
8879172945

ବ୍ଲକ / ଜିଲ୍ଲା ସ୍ତରୀୟ ନିଯୁକ୍ତି
Salary upto 30,000/-
Qualification :
9th, 10th, +2 & +3.
Age : 18-35 years.
9937611782

ଏୟାର କଣ୍ଡିଶନ ଓ ଫ୍ରିଜ କାମ କରିବା ପାଇଁ ମିସ୍ତ୍ରି ଏବଂ ହେଲ୍ପର ଆବଶ୍ୟକ, ଇଚ୍ଛୁକ ପ୍ରାର୍ଥୀ ତୁରନ୍ତ ଯୋଗାଯୋଗ କରନ୍ତୁ :
ହିନ୍ଦୁସ୍ତାନ ରେଫ୍ରିଜରେଶନ
9437566678
ସ୍ଥାନ-ନାଲ୍‌କୋ, ଅନୁଗୁଳ

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-.
(Part Time/Full Time)
Contact: 9938676412

Contact : 9938414918
Bhubaneswar ଅଫିସ୍ ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24,000/-.

Clinical Assistant (Female) required for a renowned dental clinic in Chandrasekharpur, BBSR.
Qualification.-
12th Pass onwards
Mob- 9556110011

REQUIRED
EXECUTIVE OFFICER Required for handle a team of Finance, Legal, Sales and administrative. For Corporate office. Any Retired officer, Military, Police Person preferred.
Email : mrpabitramohapatra@gmail.com
Call : 9437007738

Immediate Requirement of Computer Science / IT Fresher's for a Startup Company at Bhubaneswar.
Contact: 9663111200
9437234000
Email: futurebrains5@gmail.com

OrissaPOST English daily
WANTED
LAYOUT DESIGNERS
- Minimum 3 years+ experience in print media.
- Proficiency in Indesign 11, Photoshop cs3, PageMaker 7.0, CorelDRAW, QuarkXPress is a must.
Apply within 7 days to:
recruitment@orissapost.com
Pay & perks will be the best in the industry for deserving candidates.

WANTED
ଧରିତ୍ରୀ DHARITRI Oriya daily
is looking for
CIRCULATION MANAGER
- MBA Graduates, having good communication & leadership skills with 5 years+ experience in print media will be given preference.
- Proficiency in MS Office is a must.
CIRCULATION EXECUTIVES
- Graduates, having good communication skills with 3 years+ experience in print media will be given preference.
- Proficiency in MS Office is a must.
Apply immediately to :
recruitment@dharitri.com
Attractive salary commensurate with experience

Looking for full time Maids for Bhubaneswar. Basic knowledge of House keeping, Cooking. Age- 18 yrs. above.
Oriya / Hindi Speaking
For details contact:
7894402300, 8249145233

REFCEM® Situation Vacant
Since 1983.....
RRPL, Bhubaneswar invites application for the following Posts;

| Post | Qualification | Experience |
|---|---|---|
| 1. Accountant | B.com with Tally & above | Min 7 yrs |
| 2. Welder & Cutter | ITI & above | Min 5 yrs |
| 3. Electrician | ITI in Elect. Trade | Min 5 yrs |

Salary is based on industry and experience. Mail your CV / Contact on : rrpl2019@rediffmail.com,
Contact : 7381095402 & 7381095422

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., ମାସିକ ଦରମା upto Rs.25,000/-.
Contact Immediately
Mob: 8763257042

SHREE GANESH Buildcon Pvt. Ltd. We Understand Your Dreams
SGBPL, A Leading Real Estate Company of Odisha Requires the following personnel for its corporate office at N-1/A-21, IRC Village, Bhubaneswar.
1. CIVIL ENGINEER:
Qualification: Diploma in Civil having 5 years or more Experience in Building Construction works.
2. CASHIER (Male):
Qualification: Commerce Graduate. Experience in Cash handling and Cash Book, upto 3 years of Experience.
3. OFFICE PEON (Male):
Qualification: Matriculation (Pass or Fail)
Apply to appointment.sgbpl2000@gmail.com within 7 days. Mob: 9337707575

REQUIRED
A reputed business house in Bhubaneswar requires the following experienced and dynamic personnel:
1. SALES EXECUTIVE: Graduation with 3-5 year experience in Lubricants /Automobile / FMCG
2) ACCOUNTS ASSISTANT - Commerce with 2-3 year experience in Tally.
Interested candidate may send recent Photo with resume to
E-mail : hr.rctpl@gmail.com, Mob.: 9437329938

ସାଉଥ୍ ଆଫ୍ରିକାରେ ଚାକିରୀ
ଇନ୍‌ଫ୍ରାଷ୍ଟ୍ରକ୍ଚର କନ୍‌ଷ୍ଟ୍ରକ୍ସନ୍ - ସମସ୍ତ ପ୍ରକାର ୱାର୍କର ଏବଂ ଡ୍ରାଇଭର, ହେଲପର, ଅଫିସ୍ ଷ୍ଟାଫ୍ ଆବଶ୍ୟକ। ଦରମା - ୪୦,୦୦୦/- (୨ ବର୍ଷ କଣ୍ଟ୍ରାକ୍ଟ, ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ)
କମଲ ପ୍ଲେସ୍‌ମେଣ୍ଟ, ୪୧୫, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ୍, ଗୁଜୁରାଟ
M : 9157312448, 9157012447

WANTED TEACHERS
English, History, Science (PCM), GEOGRAPHY (TGT) (Hons with B.Ed), 3 yrs Teaching Experience CBSE / ICSE.
OFFICE ASSISTANT : Qualification +3 With Computer Knowledge
Address :- RAINBOW INTERNATIONAL SCHOOL
At-Nandan Vihar, Backside of Subhadra Apartment, KIIT, Bhubaneswar-24
Tel : 0674-2727005/9337193448
E-mail:- rainbowinternationalschool24@gmail.com, Web:- www.risbbsr.com
Walk in Interview : 11th & 18th August 2019 at 11 A.M. to 2 P.M. Principal

We are a Diversified Corporate Entity in Odisha with Interest in Manufacturing & Trading since 1975. Require Interested candidates for following positions:
1. Mgr. (Sales): Exp. in Govt. Sales will be preferred. Age: 35-40
2. Asst. Mgr. (Ops): Exp. 8-10 yrs., Good Communication skill in English & Hindi.
3. Digital Marketing: 3-4 yrs. Exp. in digital
4. Stockyard Supervisor: Ex-serviceman preferred.
5. Security Guards: 10th passout.
6. Machine Fabricators: 8-10 yrs. Exp.
7. Lathe Operators: 8-10 yrs. Exp.
8. Joint Venture: Mechanical Engineers with Knowledge in Automation.
(with Work Exp. 8-10 yrs) interested in STARTUP need only apply.
Kindly send your resume to-
LTNODISHA@GMAIL.COM | MOB: 7008629553, 8018010470

DIRECT JOINING
CALL CENTER
AIRTEL D2H
Qualification : 10th Above
Salary : 8000/- To 12000/-
CALL : 8338886404

WANTED
POST
1. B.Civil Engineer - 5 (M & F), 5 to 10 Years Exp.
2. Diploma Civil - 4 (M & F), 5 to 8 Years Exp.
3. M.B.A - 3 (M & F), 5 to 10 Years Exp.
4. B.Com & Accountant - 4 (M & F), 5 to 10 Years Exp.
Salary - Up To 45,000/-
Interview Time -10 A.M. to 4 P.M, Date : 4th & 10th Aug Sun & Sat
ADDRESS :- DUCON CONTRACTORS PVT. LTD.
Malick Complex, Lane No.9, Plot No.502/2
Jagamara, Khandagiri, BBSR
Mob.- 91-9663353856, 91-9439141831-What's App

See
CAREER APPOINTMENT
on every
Wednesday &
Saturday

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

| Dollar | Sensex | Nifty | Gold | Silver |
|---|---|---|---|---|
| 69.60 (54) | 99.90 ▲ 37,118.22 | 17.35 ▲ 10,997.35 | ₹165 ▼ 35,630.00 | ₹370 ▲ 41,900.00 |

ଦେଶରେ ଧୀରେ ଧୀରେ ସାମଗ୍ରୀ ଚାହିଦା ବଢ଼ିବାରେ ଲାଗିଛି। ଏଣୁ ଅର୍ଥନୀତିରେ ଦେଖାଦେଇଥିବା ମାନ୍ଦାବସ୍ଥା କ୍ଷଣସ୍ଥାୟୀ।
– ଦୀପକ ପାରେଖ, ଏଚ୍‌ଡିଏଫ୍‌ସି ଅଧ୍ୟକ୍ଷ



ଟେଲିକମ ସେକ୍ଟରରେ ଦର ବଢ଼ାଯିବାର ଆବଶ୍ୟକତା ରହିଛି। କାରଣ କଡା ପ୍ରତିଯୋଗିତା ଏବଂ ନିବେଶ ବୃଦ୍ଧି ଯୋଗୁ କମ୍ପାନୀଗୁଡ଼ିକର ଅବସ୍ଥା ବେହାଲ ହୋଇଛି।
– କୁମାର ମଙ୍ଗଳମ ବିର୍ଲା, ଭୋଡ଼ାଫୋନ ଆଇଡିଆ ଅଧ୍ୟକ୍ଷ



## ସଂକ୍ଷେପରେ

### ଦେବାଶିଷ ଚାଟାର୍ଜୀ ମାଇଣ୍ଡଟ୍ରି ସିଇଓ, ଏମ୍‌ଡି



ନୂଆଦିଲ୍ଲୀ,୨-୮: ଆଇଟି କମ୍ପାନୀ ମାଇଣ୍ଡଟ୍ରି ଲିମିଟେଡ କଗ୍ନିଜାଣ୍ଟର ପୂର୍ବତନ କାର୍ଯ୍ୟନିର୍ବାହୀ ଦେବାଶିଷ ଚାଟାର୍ଜୀଙ୍କୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଏବଂ ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଭାବେ ନିଯୁକ୍ତ କରିଥିବା ଶୁକ୍ରବାର ଘୋଷଣା କରିଛି। କମ୍ପାନୀ ଲାର୍ସେନ ଆଣ୍ଡ ଟୁବ୍ରୋ(ଏଲ୍ ଆଣ୍ଡ ଟି)ର ସିଇଓ ତଥା ଏମ୍‌ଡି ଏସ୍.ଏନ୍. ସୁବ୍ରମଣ୍ୟନଙ୍କୁ ଅଣ କାର୍ଯ୍ୟନିର୍ବାହୀ ଭାଇସ୍ ଚେୟାରମ୍ୟାନ ଭାବେ ଅବସ୍ଥାପିତ କରିସାରିଛି। ଉଭୟ ନିଯୁକ୍ତି ଶୁକ୍ରବାରଠାରୁ କାର୍ଯ୍ୟକାରୀ ହେବ ବୋଲି ମାଇଣ୍ଡଟ୍ରି ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି। ଉଲ୍ଲେଖଥାଉ କି, ମାଇଣ୍ଡଟ୍ରି ଲିମିଟେଡକୁ ଏଲ୍ ଆଣ୍ଡ ଟି ଅଧିଗ୍ରହଣ କରିଛି।

### ସୋମବାର ବ୍ୟାଙ୍କ ସିଇଓଙ୍କୁ ଭେଟିବେ ସୀତାରାମନ୍

ନୂଆଦିଲ୍ଲୀ,୨-୮: କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସୋମବାର ରାଷ୍ଟ୍ରାୟତ୍ତ ଓ କେତେକ ବୃହତ ଘରୋଇ ବ୍ୟାଙ୍କ(ପିଏସ୍‌ୟୁ)ର ସିଇଓଙ୍କୁ ଭେଟିବେ। ବ୍ୟାଙ୍କଗୁଡ଼ିକର ଆର୍ଥିକ ସ୍ଥିତିର ସମୀକ୍ଷା ସହ ଅର୍ଥନୀତିକୁ ଗତିଶୀଳ କରିବାକୁ ଯାଇ ଏମ୍‌ଏସ୍‌ଏମ୍‌ଇ, ଅଟୋମୋବାଇଲ ଓ ହାଉସିଂ ସେକ୍ଟରଙ୍କୁ ଋଣ ପ୍ରଦାନ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଏହି ବୈଠକରେ ଆଲୋଚନା ହେବ ବୋଲି ଜଣାପଡିଛି। ସେହିଭଳି ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍ ଅନୁଯାୟୀ ଅନାଦାୟ ଋଣ ସମ୍ପର୍କରେ ମଧ ଏହି ବୈଠକରେ ସମୀକ୍ଷା କରାଯିବ। ବ୍ୟାଙ୍କଗୁଡ଼ିକର ଆର୍ଥିକ ସ୍ଥିତିର ସମୀକ୍ଷା ସହ ଏହାର ଉନ୍ନତି ଲାଗି ଉପାୟ ଚିନ୍ତା କରାଯିବ। ସାଧାରଣତଃ କେନ୍ଦ୍ର ଅର୍ଥମନ୍ତ୍ରୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମୁଖ୍ୟମାନଙ୍କୁ ଭେଟିଥାନ୍ତି। ତେବେ ଚଳିତ ଥର ସେ ଘରୋଇ ସେକ୍ଟର ବ୍ୟାଙ୍କ ମୁଖ୍ୟମାନଙ୍କୁ ମଧ ଭେଟିବେ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଏକ ବିବୃତିରେ କୁହାଯାଇଛି। ଏହି ବୈଠକରେ ରାଜସ୍ୱ ଓ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ସଚିବ ମାନଙ୍କୁ ମଧ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ସିସିଡିର ନେତୃତ୍ୱ ନେବେ ସିଦ୍ଧାର୍ଥଙ୍କ ସ୍ତ୍ରୀ



ନୂଆଦିଲ୍ଲୀ,୨-୮: କ୍ୟାଫେ କଫି ଡେ(ସିସିଡି)ର ମାଲିକ ଭି.ଜି.ସିଦ୍ଧାର୍ଥଙ୍କ ଆକସ୍ମିକ ମୃତ୍ୟୁ ପରେ ଏହାର ନେତୃତ୍ୱ କିଏ ନେବ ବୋଲି ସାଧାରଣରେ ପ୍ରଶ୍ନ ଆସିଛି। ତେବେ ମିଡିଆ ରିପୋର୍ଟ ଅନୁଯାୟୀ ସିଦ୍ଧାର୍ଥଙ୍କ ସ୍ତ୍ରୀ ମାଳବିକା କମ୍ପାନୀକୁ ଚଳାଇବେ। ସେ ପୂର୍ବରୁ କମ୍ପାନୀ ବୋର୍ଡରେ ରହିଛନ୍ତି। କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏସ୍.ଏମ୍.କ୍ରିଷ୍ଣାଙ୍କ କନ୍ୟା ମାଳବିକା ବେଙ୍ଗାଲୁରୁ ବିଶ୍ୱବିଦ୍ୟାଳୟରୁ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଛନ୍ତି। ଅନ୍ୟପକ୍ଷରେ ସିସିଡିକୁ କିଣିବା ଲାଗି କୋକା କୋଲା, ଟାଟା ଗ୍ଲୋବାଲ ବେଭରେଜସ୍ ଏବଂ ଜୁବିଲିଏଣ୍ଟ ଫୁଡ୍‌ୱର୍କ୍ସ ଇଚ୍ଛୁକ ଥିବା ଜଣାପଡିଛି। ସ୍ୱାମୀଙ୍କ ମୃତ୍ୟୁ ପରେ ମାଳବିକା ଏବେ ଗଭୀର ଶୋକରେ ରହିଛନ୍ତି। ଏଣୁ ଯଥାଶୀଘ୍ର କମ୍ପାନୀ ସମ୍ଭାଳିବା ତାଙ୍କ ପକ୍ଷରେ ସମ୍ଭବ ହୋଇ ନ ପାରେ। ସିଦ୍ଧାର୍ଥଙ୍କ ପରଲୋକ ପରେ ସିସିଡି ବୋର୍ଡ ଜରୁରୀ ବୈଠକ ଡକାଇ ପୂର୍ବତନ ଆଇଏଏସ୍ ଅଧିକାରୀ ଏସ୍.ବି.ରଙ୍ଗନାଥଙ୍କୁ କମ୍ପାନୀ ଦାୟିତ୍ୱ ଦେଇଛି। ଏଥିସହିତ ବୋର୍ଡ ନୀତିନ ବାଗମାନେଙ୍କୁ ଅନ୍ତରୀଣ ଚିଫ୍ ଅପରେଟିଂ ଅଫିସର ଭାବେ ନିଯୁକ୍ତ କରିଛି।

# ୨୦୧୮ରେ ବିଶ୍ୱର ବୃହତ୍ ଅର୍ଥନୀତି
# ୭କୁ ଖସିଲା ଭାରତ

ନୂଆଦିଲ୍ଲୀ,୨-୮

ଅର୍ଥନୀତି କ୍ଷେତ୍ରରେ ମୋଦି ସରକାରଙ୍କୁ ଜୋର୍ ଝଟକା ଲାଗିଛି। ୨୦୨୪-୨୫ ସୁଦ୍ଧା ୫ ଲକ୍ଷ କୋଟି ଡଲାର ସହ ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ହେବ ବୋଲି ସ୍ୱପ୍ନ ଦେଖୁଥିବା ଭାରତ ୨୦୧୮ରେ ୭ମ ସ୍ଥାନକୁ ଖସିଯାଇଛି। ଜିଡିପି ହିସାବକୁ ନେଇ ବିଶ୍ୱବ୍ୟାଙ୍କ ପକ୍ଷରୁ ପ୍ରସ୍ତୁତ ତାଲିକା ଅନୁଯାୟୀ ୨୦୧୭ରେ ଭାରତ ୫ମ ସ୍ଥାନରେ ଥିଲା। ଅର୍ଥନୀତି ଧିମା ହେବା କାରଣରୁ ଦେଶ ହାସଲ କରିଥିବା ଗୌରବ ହରାଇଛି। ବିଶ୍ୱବ୍ୟାଙ୍କ ତଥ୍ୟ ଅନୁଯାୟୀ, ୨୦୧୮ ବର୍ଷରେ ବ୍ରିଟେନ ଓ ଫ୍ରାନ୍ସର ଅର୍ଥନୀତି ଭାରତ ତୁଳନାରେ ଅଧିକ ଅଭିବୃଦ୍ଧି ହାସଲ କରିଛି। ଏହି କାରଣରୁ ଏହି ଦୁଇଦେଶ ୧ ପାଦ ଉପରକୁ ଉଠି ଆସିଛନ୍ତି। ବ୍ରିଟେନ ୫ମ ସ୍ଥାନକୁ ଉନ୍ନୀତ ହୋଇଥିବା ବେଳେ ଫ୍ରାନ୍ସ ୬ଷ୍ଠା ସ୍ଥାନକୁ ଉଠି ଆସିଛି। ଫଳସ୍ୱରୂପ ଭାରତ ୫ମରୁ ୭ମ ସ୍ଥାନକୁ ଖସିଯାଇଛି। ତେବେ ଜିଡିପି ଦୃଷ୍ଟିରୁ ଆମେରିକା ଶୀର୍ଷସ୍ଥାନ ବଜାୟ ରଖିଛି। ତଥ୍ୟ ଅନୁଯାୟୀ, ଭାରତର ଅର୍ଥନୀତି ୨୦୧୮ ବର୍ଷରେ ମାତ୍ର ୩.୦୧ ପ୍ରତିଶତ ହାରରେ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ୨୦୧୭ରେ ଏହି ଅଭିବୃଦ୍ଧି ହାର ୧୫.୨୩ ପ୍ରତିଶତ ରହିଥିଲା। ଏଭଳି ଭାବେ ବ୍ରିଟେନର ଅର୍ଥନୀତି ୨୦୧୮ରେ ୬.୮୧ପ୍ରତିଶତ ବଢ଼ିଥିବା ବେଳେ ୨୦୧୭ରେ ଏହି ବୃଦ୍ଧି ମାତ୍ର ୦.୭୫% ରହିଥିଲା। ଫ୍ରାନ୍ସ ଅର୍ଥନୀତି ଉପରେ ଦୃଷ୍ଟି ଦେଲେ ଜଣାପଡୁଛି ଯେ, ଏହା ଆଲୋଚ୍ୟ ବର୍ଷରେ ୭.୩୩% ହାରରେ ବୃଦ୍ଧି ପାଇଛି। ଏହା ୨୦୧୭ରେ ମାତ୍ର ୪.୮୫% ହାରରେ ବଢ଼ିଥିଲା। ଏଭଳି ଦେଖିଲେ ଭାରତର ଅର୍ଥନୀତି ୨୦୧୭ ତୁଳନାରେ ୨୦୧୮ରେ ଅତ୍ୟନ୍ତ ଧିମା ହୋଇଥିଲା। ଫଳସ୍ୱରୂପ ଏହାର ର୍‍ୟାଙ୍କିଙ୍ଗ ହ୍ରାସ ପାଇଛି। ବିଶ୍ୱବ୍ୟାଙ୍କର ସଦ୍ୟତମ ତଥ୍ୟ ଅନୁଯାୟୀ ବ୍ରିଟେନର ଅର୍ଥନୀତି ବୃଦ୍ଧି ପାଇ ୨.୮୨ ଲକ୍ଷ କୋଟି ଡଲାର ହୋଇଥିବା ବେଳେ ଫ୍ରାନ୍ସର ୨.୭୮ ଲକ୍ଷ କୋଟି ଡଲାରରେ ପହଞ୍ଚିଯାଇଛି। ଅନ୍ୟପକ୍ଷରେ ଭାରତର ଜିଡିପି ଏହି ଅବଧିରେ ୨.୭୩ ଲକ୍ଷ କୋଟି ଡଲାର ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୭ ବର୍ଷରେ ଭାରତ(ପ୍ରାୟ ୧୮ ହଜାର ନିୟୁତ କୋଟି ଟଙ୍କା) ୫ମ ସ୍ଥାନରେ ରହିଥିଲା। ସେତେବେଳେ ବ୍ରିଟେନ ୬ଷ୍ଠ ଓ ଫ୍ରାନ୍ସ ୭ମ ସ୍ଥାନରେ ରହିଥିଲା। ଅର୍ଥନୀତିଜ୍ଞଙ୍କ ମତରେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ଦୁର୍ବଳ ହେବା କାରଣରୁ ଭାରତର ସ୍ଥାନ ହ୍ରାସ ପାଇଛି। ୨୦୧୭ରେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୩% ବୃଦ୍ଧି ପାଇଥିଲା। ଅନ୍ୟପକ୍ଷରେ ୨୦୧୮ରେ ଟଙ୍କା ୫% ହ୍ରାସ ପାଇଛି।




■ ବ୍ରିଟେନ ୫ମ, ଫ୍ରାନ୍ସ ୬ଷ୍ଠକୁ ଉନ୍ନୀତ
■ ଭାରତର ଜିଡିପି ୩.୦୧% ହାରରେ ବଢ଼ିଛି
■ ୨୦୧୭ରେ ଭାରତ ୫ମ ସ୍ଥାନରେ ଥିଲା

## ତନିଷ୍କର ଗ୍ରେଟ୍ ଡାଇମଣ୍ଡ ସେଲ୍




ଭୁବନେଶ୍ୱର,୨-୮

ପ୍ରମୁଖ ଜୁଏଲେରୀ ବ୍ରାଣ୍ଡ ତନିଷ୍କ ପକ୍ଷରୁ 'ଦି ଗ୍ରେଟ ଡାଇମଣ୍ଡ ସେଲ୍' ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ ତନିଷ୍କ ହୀରା ଗହଣା ଉପରେ ଗ୍ରାହକମାନେ ୨୦% ପର୍ଯ୍ୟନ୍ତ ରିହାତି ଲାଭ କରିପାରିବେ। କମ୍ପାନୀର ଷ୍ଟୋରଗୁଡିକରେ ଏହି ସମୟରେ ବିସ୍ତୃତ ଶୃଙ୍ଖଳାର ଡାଇମଣ୍ଡ ଜୁଏଲେରୀ ଉପଲବ୍ଧ ହେବ। ଏହି ଅଫର ସୀମିତ ସମୟ ଯାଏ ରହିଛି। ଏହି ସମୟରେ କୁନ୍ଦନ ପୋଲକୀ ଏବଂ ଓପନ ପୋଲକୀ ଗହଣାର ଗଢା ମୂଲ୍ୟ ଉପରେ ଗ୍ରାହକ ୨୫% ପର୍ଯ୍ୟନ୍ତ ରିହାତି ଲାଭ କରିପାରିବେ। ନୂଆ କରି ଆସିଥିବା ଅହଲ୍ୟା, ରେଡ୍ କାର୍ପେଟ କଲେକ୍ସନ, ପ୍ରିନ କଲେକ୍ସନ, ସ୍ୱୟମ କଲେକ୍ସନ ଏବଂ ରିବାହ ଡାଇମଣ୍ଡ ବ୍ରାଇଡ କଲେକ୍ସନ ରହିଛି। ଚଳିତ ବର୍ଷ ଡାଇମଣ୍ଡ ଜୁଏଲେରୀ ସେଲ୍ ସମ୍ପର୍କରେ ଘୋଷଣା କରି ଅତ୍ୟନ୍ତ ଖୁସି ବୋଲି ଟାଇଟନ କମ୍ପାନୀର ଜୁଏଲେରୀ ଡିଭିଜନ ଏଭିପି ଦୀପିକା ସଭ୍ରୱାଲ ତେୱାରୀ କହିଛନ୍ତି।

## ଆକାଶ ଇନଷ୍ଟିଚ୍ୟୁଟ ପକ୍ଷରୁ ସ୍କଲାରଶିପ ପରୀକ୍ଷା

ଭୁବନେଶ୍ୱର,୨-୮

ଆକାଶ ଏଜୁକେଶନାଲ ସର୍ଭିସେସ ଲିମିଟେଡ ପକ୍ଷରୁ ଆକାଶ ନ୍ୟାଶନାଲ ଟ୍ୟାଲେଣ୍ଟ ହଣ୍ଟ ଏକ୍‌ଜାମ୍(ଏଏନ୍‌ଟିଏଚ୍‌ଇ)ର ୧୦ମ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ବାର୍ଷିକ ସ୍କଲାରଶିପ ପରୀକ୍ଷା ଚଳିତ ବର୍ଷ ଅକ୍ଟୋବର ୨୦(ରବିବାର) ଅନୁଷ୍ଠିତ ହେବ। ଦେଶର ୨୪ଟି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ଏହା ଆୟୋଜନ କରାଯାଉଛି। ଏହି ପରୀକ୍ଷାରେ ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ରଙ୍କୁ ୧୦୦% ପର୍ଯ୍ୟନ୍ତ ସ୍କଲାରଶିପ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର ଏହି ପରୀକ୍ଷାରେ ଭାଗ ନେଇ ପାରିବେ। ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କ ସମର୍ଥନକୁ ନଜରରେ ରଖି ଏହି ପରୀକ୍ଷାକୁ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଉନ୍ମୁକ୍ତ କରାଯାଇଛି। ଏଥିଲାଗି ପଞ୍ଜୀକରଣର ଶେଷ ତାରିଖ ଅକ୍ଟୋବର ୧୫ ରହିଥିବା ଆକାଶ ପ୍ରତିଷ୍ଠାନ ପକ୍ଷରୁ ସୂଚନା ରହିଛି।

Aakash Medical | IIT-JEE | Foundations



ଆଇଡେଷ୍ଟିନିର ନୂଆ ଷ୍ଟୋର୍‌କୁ ଅଭିନେତ୍ରୀ ଏଲିନା ସାମନ୍ତରାୟ ଉଦ୍‌ଘାଟନ କରୁଛନ୍ତି।

## ଆଇଡେଷ୍ଟିନିର ନୂଆ ଷ୍ଟୋର ଶୁଭାରମ୍ଭ

ଭୁବନେଶ୍ୱର,୨-୮(ବ୍ୟୁରୋ)

ଆପଲ୍ ପ୍ରଡକ୍ଟର ପ୍ରିମିୟମ ଷ୍ଟୋର 'ଆଇଡେଷ୍ଟିନି' ଭୁବନେଶ୍ୱରର ଏସ୍‌ପ୍ଲାନେଡ ୱାନ ମଲ୍‌ଠାରେ ଖୋଲିଛି। ନୂଆ ଷ୍ଟୋରକୁ ଓଡ଼ିଆ ସିନେ ଅଭିନେତ୍ରୀ ଏଲିନା ସାମନ୍ତରାୟ ଏବଂ ସି.ଏସ୍. ଟ୍ରେଡ ଲିଙ୍କ ପ୍ରାଇଭେଟ ଲିମିଟେଡର ଡାଇରେକ୍ଟର ବିଜୟ ଦୁଗର ଶୁଭାରମ୍ଭ କରିଛନ୍ତି। ଗ୍ରାହକଙ୍କୁ ଆପଲ୍ ପ୍ରଡକ୍ଟର ଶ୍ରେଷ୍ଠ ଅନୁଭୂତି ପ୍ରଦାନ ଲାଗି ଏଭଳି ଏକ ଷ୍ଟୋର ଓଡ଼ିଶାରେ ପ୍ରଥମ ଥର ଲାଗି ଖୋଲାଯାଇଥିବା ଦୁଗର୍ କହିଛନ୍ତି। ଏଠାରେ ଆପଲ୍ ଆଇଫୋନ ଏକ୍ସଏସ୍, ଆଇଫୋନ ଏକ୍ସଆର୍, ମ୍ୟାକ୍‌ବୁକ ଏୟାର, ମ୍ୟାକ୍‌ବୁକ୍ ପ୍ରୋ ଏବଂ ଆପଲ୍ ୱାଚ୍ ସିରିଜ ରହିଛି। ଗ୍ରାହକଙ୍କୁ ସୁଲଭତା, ଭରସା, ଉନ୍ନତ ସେବା, ଉପଲବ୍ଧତା ଦ୍ୱାରା ସ୍ୱତନ୍ତ୍ର କ୍ରୟ ଅଭିଜ୍ଞତା ପ୍ରଦାନ ଲକ୍ଷ୍ୟ ରହିଥିବା ସେ ପ୍ରକାଶ କରିଛନ୍ତି। ମଲ୍‌ର ଅପର୍ ଗ୍ରାଉଣ୍ଡ ଫ୍ଲୋରରେ ଷ୍ଟୋରଟି ଅବସ୍ଥିତ। ଏଠାରେ ଏକ ତାଲିମପ୍ରାପ୍ତ ଟିମ୍ ରହିଛି।

ଏହା ବାଦ୍ ଷ୍ଟୋରରେ ହାଇଏଣ୍ଡ ମ୍ୟୁଜିକ ଉପକରଣ ଯଥା- ବୋସ ସ୍ପିକର, ହେଡ୍ ସେଟ, ଆଙ୍କର ସାଉଣ୍ଡ ସିଷ୍ଟମ, ବିଟ୍ ହେଡ୍‌ଫୋନ, ଆପଲ ଆସେସୋରିଜ, ଆଇଫୋନ କଭର ବ୍ୟତୀତ ଆଇଫୋନ ଉପରେ ୬ ମାସର ସ୍କ୍ରିନ ରିପ୍ଲେସମେଣ୍ଟ ମାଗଣାରେ ଉପଲବ୍ଧ। ଷ୍ଟୋରରେ ଇଏମ୍‌ଆଇ ସୁବିଧା ଏବଂ ବାଏବ୍ୟାକ୍ ସ୍କିମ ରହିଛି। ସହଜ କିସ୍ତିରେ ପ୍ରଡକ୍ଟ କିଣିବାକୁ ଗ୍ରାହକ ସକ୍ଷମ ହୋଇ ପାରିବେ। ୩ ମାସରୁ ୨ ବର୍ଷ ଅବଧିର ମାସିକ ସ୍କିମ ଗ୍ରାହକ ଚୟନ କରିପାରିବେ। ସେହିଭଳି ଛାତ୍ରୀଛାତ୍ର ଏବଂ ବ୍ୟବସାୟ ବର୍ଗର ଗ୍ରାହକଙ୍କ ଲାଗି ସ୍ୱତନ୍ତ୍ର ଅଫର ରହିଥିବା ଆଇଡେଷ୍ଟିନି ବିଜ୍‌ନେସ ହେଡ ରାଜଶ୍ରୀ ବାନାର୍ଜୀ କହିଛନ୍ତି।

## ଭାରତରେ ଶାଖା ଖୋଲିବ ବ୍ୟାଙ୍କ ଅଫ୍ ଚାଇନା

ମୁମ୍ବାଇ,୨-୮

ବିଶ୍ୱରେ ୫ମ ସ୍ଥାନ ହାସଲ କରିଥିବା ବ୍ୟାଙ୍କ ଅଫ୍ ଚାଇନା ଭାରତରେ ଏକ ଶାଖା ଖୋଲିବାକୁ ଯାଉଛି। ଏଥିପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଏହାକୁ ଅନୁମତି ପ୍ରଦାନ କରିଛି। ଗତବର୍ଷ ଏହାକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା। କେନ୍ଦ୍ରୀୟ ବ୍ୟାଙ୍କ ଆର୍‌ବିଆଇ ଆଇନ, ୧୯୩୪ର ଦ୍ୱିତୀୟ ସିଡ୍ୟୁଲରେ ଏହି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରିଛି। ଦେଶର ଅନ୍ୟ ପ୍ରମୁଖ ବ୍ୟାଙ୍କ ପୂର୍ବରୁ ଏହି ସିଡ୍ୟୁଲରେ ସାମିଲ ହୋଇଛନ୍ତି। ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାଇନା ରାଷ୍ଟ୍ରପତି ଜି. ଜିନ୍‌ପିଙ୍ଗଙ୍କ ସହ ଆଲୋଚନା କାଳରେ ଏହାକୁ ନେଇ ପ୍ରତିଶ୍ରୁତି ଦେଇଥିଲେ। ଚାଇନାର ଦ୍ୱିତୀୟ ବ୍ୟାଙ୍କ ଭାବେ ବ୍ୟାଙ୍କ ଅଫ୍ ଚାଇନା ଭାରତରେ ନିଜର ଶାଖା ଖୋଲିବାକୁ ଯାଉଛି। ମୁମ୍ବାଇରେ ଏହାର ପ୍ରଥମ ଶାଖା ଖୋଲାଯିବ। ଏହା ଚାଇନାର ଚତୁର୍ଥ ସର୍ବବୃହତ ବ୍ୟାଙ୍କ, ଯାହା କି, ହଂକଂ ଏବଂ ସାଂଘାଇ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ହୋଇଛି। ଏହାର ମାର୍କେଟ କ୍ୟାପିଟାଲାଇଜେଶନ ୧୫୮.୬ ବିଲିୟନ ଡଲାର ବା ୧୦.୮୫ ଲକ୍ଷ କୋଟି ଟଙ୍କା ରହିଛି। ବ୍ୟାଙ୍କ ଅଫ୍ ଚାଇନା ୨୦୧୬ ଜୁଲାଇରେ ସିକ୍ୟୁରିଟି କ୍ଲିୟରାନ୍ସ ଲାଗି ଆବେଦନ କରିଥିଲା।

## ଆନ୍ଧ୍ର ବ୍ୟାଙ୍କର ନୂତନ ମଣ୍ଡଳ ମୁଖ୍ୟ

ଭୁବନେଶ୍ୱର,୨-୮



ଆନ୍ଧ୍ର ବ୍ୟାଙ୍କ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ସମେତ ପୂର୍ବାଞ୍ଚଳର ନୂତନ ମଣ୍ଡଳ ମୁଖ୍ୟ ଭାବେ ରମାକାନ୍ତ ପ୍ରଧାନ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ବ୍ୟାଙ୍କର ଭୋପାଳସ୍ଥିତ କାର୍ଯ୍ୟାଳୟରେ ଆଞ୍ଚଳିକ ପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ୧୯୮୭ରେ ସେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ପ୍ରବେଶ କରିଥିଲେ। ଓଡ଼ିଶା, ବିହାର, ମଧ୍ୟପ୍ରଦେଶ, ଛତିଶଗଡ, ଗୁଜରାଟ, ଝାଡଖଣ୍ଡ ଭଳି ସ୍ଥାନରେ ସେ ବ୍ୟାଙ୍କର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ କାର୍ଯ୍ୟ କରିଛନ୍ତି। କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ବ୍ୟାଙ୍କିଙ୍ଗ ସହାୟତା କ୍ଷେତ୍ରରେ ତାଙ୍କର ଅଭିଜ୍ଞତା ରହିଛି। ପ୍ରଗତିଶୀଳ ବ୍ୟାଙ୍କିଙ୍ଗ୍‌ର ଅଭିବୃଦ୍ଧି, କୃଷି ଏବଂ ଏମ୍‌ଏସ୍‌ଏମ୍‌ଇକୁ ଅଧିକ ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି।

## ପୋଷ୍ଟ ଅଫିସ୍‌ରେ ମିଳିବ କ୍ଷୁଦ୍ର ଋଣ

ନୂଆଦିଲ୍ଲୀ,୨-୮




ଏନ୍‌ଡିଏ ସରକାର କ୍ଷମତାକୁ ଫେରିବା ପରେ ପୋଷ୍ଟ ଅଫିସ୍‌ର କାୟାକଳ୍ପ ବଦଳିବାରେ ଲାଗିଛି। ଚିଠି, ପାର୍ସଲ, ମନିଅର୍ଡର ବାଣ୍ଟୁଥିବା ପୋଷ୍ଟ ଅଫିସ ଆଜି ବ୍ୟାଙ୍କିଙ୍ଗ୍ ସେବା ଯୋଗାଇବାରେ ଲାଗିଛି। ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କ(ଆଇପିପିବି) ଖୋଲିଯିବା ପରେ ପୋଷ୍ଟ ଅଫିସରେ ଅନ୍‌ଲାଇନ ବ୍ୟାଙ୍କିଙ୍ଗ୍ ସୁବିଧା ମିଳୁଛି। ପୋଷ୍ଟ ଅଫିସ ଏବେ ସେଭିଙ୍ଗ୍‌ସ ଆକାଉଣ୍ଟ ଏବଂ ଫିକ୍ସଡ ଡିପୋଜିଟ ଭଳି ବ୍ୟାଙ୍କିଙ୍ଗ୍ ସେବା ଦେଉଥିବା ବେଳେ ଆଗାମୀ ଦିନରେ କ୍ଷୁଦ୍ରଋଣ ପ୍ରଦାନ ସୁବିଧା ଯୋଗାଇଦେବ। ଏଣିକି ଆବଶ୍ୟକ ଥିବା ବେଳେ ଯେ କୌଣସି ବ୍ୟକ୍ତି ଖାତାଧାରୀ ହୋଇଥିଲେ ଋଣ ନେଇପାରିବେ। ଆଇପିପିବିକୁ କ୍ଷୁଦ୍ର ଫାଇନାନ୍ସ ବ୍ୟାଙ୍କ ଭାବେ ପରିଚାଳିତ କରିବାକୁ ପୋଷ୍ଟାଲ ବିଭାଗ ନିଷ୍ପତ୍ତି ନେଇଛି। ଜୁଲାଇ ୨୯ରୁ ୩୧ ଯାଏ ଜମ୍ମୁ-କଶ୍ମୀରରେ ଅନୁଷ୍ଠିତ ବାର୍ଷିକ ହେଡ୍‌ସ ଅଫ୍ ସର୍କଲ୍ସ କନ୍‌ଫରେନ୍ସରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ନ୍ୟୁ ଇଣ୍ଡିଆ' ପଦକ୍ଷେପ ସହ ତାଳ ଦେଇ କାର୍ଯ୍ୟ କରିବା ଲକ୍ଷ୍ୟରେ ପୋଷ୍ଟାଲ ବିଭାଗ ପକ୍ଷରୁ ୫ ବର୍ଷିଆ ଲକ୍ଷ୍ୟ ନେଇ ୧୦୦ ଦିନିଆ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପୋଷ୍ଟ ଅଫିସ ବର୍ତ୍ତମାନ ଗ୍ରାହକଙ୍କୁ ସେଭିଙ୍ଗ୍‌ସ ଆକାଉଣ୍ଟ, କରେଣ୍ଟ ଆକାଉଣ୍ଟ ଖୋଲିବା, ଗ୍ରୁପ୍ ଟର୍ମ ଇନ୍‌ସ୍ୟୁରାନ୍ସ, ବିଲ୍ ପେମେଣ୍ଟସ ଓ ରିଚାର୍ଜ, ରେମିଟାନ୍ସ ଆଣ୍ଡ ଫଣ୍ଡ ଟ୍ରାନ୍ସଫର, ଡୋରଷ୍ଟେପ୍ ବ୍ୟାଙ୍କିଙ୍ଗ୍, ଡିଓପି ପ୍ରଡକ୍ଟ ପେମେଣ୍ଟ ଓ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର ସୁବିଧା ଯୋଗାଇ ଦେଉଛି। ଆଇପିପିବି ଖାତାକୁ ପୋଷ୍ଟ ଅଫିସ୍ ଋଣ ସହ ଯୋଡାଯାଇପାରିବ। ତେବେ ପୋଷ୍ଟ ଅଫିସ୍‌ରେ ଖୋଲାଯାଇଥିବା ଆର୍‌ଡି ଆକାଉଣ୍ଟ ଆଧାରରେ ଋଣ ମିଳିବ।

## ■ ଏୟାର ଏସିଆର ଟ୍ରାଭେଲ ଫେୟାର ଆରମ୍ଭ
# ଗ୍ରାହକଙ୍କ ପସନ୍ଦ ବାଲି, ବ୍ୟାଙ୍କକ୍

ଭୁବନେଶ୍ୱର,୨-୮(ବ୍ୟୁରୋ)



ପର୍ଯ୍ୟଟନ ବିକାଶକୁ ଧ୍ୟାନରେ ରଖି ପ୍ରମୁଖ ବିମାନ ସେବା ପ୍ରଦାନକାରୀ କମ୍ପାନୀ ଏୟାର ଏସିଆ ପକ୍ଷରୁ ସ୍ଥାନୀୟ ଏସ୍‌ପ୍ଲାନେଡ ୱାନ ମଲ୍‌ଠାରେ 'ଟ୍ରାଭେଲ ଫେୟାର' ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହା ତିନିଦିନ ବ୍ୟାପୀ ଚାଲିବାକୁ ଥିବା ବେଳେ ଦେଶ ତଥା ଅନ୍ତର୍ଜାତୀୟ ଉଡାଣ ଲାଗି ବୁକିଂ ଉପରେ ସିଧାସଳଖ ୨୦% ରିହାତି ଉପଲବ୍ଧ ହେଉଛି। ବୁକିଂ ବେଳେ ଭୁବନେଶ୍ୱରର ଗ୍ରାହକମାନେ ବାଲି ଏବଂ ବ୍ୟାଙ୍କକ ଭଳି ପର୍ଯ୍ୟଟନ ସ୍ଥାନଗୁଡିକୁ ଅଧିକ ପସନ୍ଦ କରୁଥିବା କମ୍ପାନୀ ସେଲ୍‌ସ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ସେ କହିଛନ୍ତି, ଅଫରର ଲାଭ ନେବାକୁ ଲୋକଙ୍କୁ ଫେୟାର ପରିଦର୍ଶନ ନେଇ ଆମନ୍ତ୍ରଣ କରାଯାଉଛି। ଆକର୍ଷଣୀୟ ଡିଲ ସହ ବିଭିନ୍ନ ସୁବିଧା ସୁଯୋଗ ଗ୍ରାହକଙ୍କ ଲାଗି ରହିଛି। ଗତ ବର୍ଷ ଏଭଳି ଫେୟାର ଉକ୍ତ ମଲ୍‌ରେ ଆୟୋଜନ କରିଥିଲୁ। ଏହା ଭଲ ରେସପନ୍ସ ପାଇଥିଲା। ବୁକିଂ ଉପରେ ଆକର୍ଷଣୀୟ ରିହାତି ଥିବାରୁ ଲୋକମାନେ ଏଠାକୁ ଆସି ବୁଝୁଛନ୍ତି। ଗ୍ରାହକଙ୍କୁ ସବୁ ପ୍ରସଙ୍ଗରେ ଜଣାଇବା ଲାଗି ସ୍ୱତନ୍ତ୍ର ଟିମ୍ ଏଠାରେ ରହିଛି। ଡିଲ୍ ନେଇ ଲୋକଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ରଖୁଛୁ। ପ୍ରଥମ ଦିନରେ ବୁକିଂ ଭଲ ରହିଛି। ବୁକିଂ ଉପରେ କୌଣସି ପ୍ରୋସେସିଂ ଫି ରଖାଯାଇ ନାହିଁ। ଗତ ବର୍ଷ ଭଳି ଚଳିତ ବର୍ଷ ମଧ ଭଲ ବୁକିଂ ମିଳିବା ନେଇ ଆଶାବାଦୀ ଥିବା ସେ ପ୍ରକାଶ କରିଛନ୍ତି।

ସେ ଆହୁରି ମଧ କହିଛନ୍ତି, ଅନ୍ୟ ପ୍ରମୁଖ ପର୍ଯ୍ୟଟନ ଡେଷ୍ଟିନେଶନଗୁଡିକ ମଧରେ କାମ୍ବୋଡିଆ, ଫିଲିପାଇନ୍ସ, ଅଷ୍ଟ୍ରେଲିଆ ଏବଂ ଇଣ୍ଡୋନେସିଆ ଭଳି ସ୍ଥାନ ରହିଛି। କେବଳ ଓଡ଼ିଶା ନୁହେଁ ସାରା ଦେଶରେ ବାଲି ଏବଂ ବ୍ୟାଙ୍କକ ଭଳି ସ୍ଥାନଗୁଡିକ ଲାଗି ଗ୍ରାହକଙ୍କ ଅଧିକ ବୁକିଂ ଲାଭ କରୁଥିବା ସେ ସ୍ପଷ୍ଟ କରିଛନ୍ତି। ଏୟାର ଏସିଆ ଇଣ୍ଡିଆ ୨୨ ବିମାନ ସହ ସେବା ଯୋଗାଉଥିବା ବେଳେ ଏୟାର ଏସିଆ ଗ୍ରୁପ ୩୦୦ରୁ ଅଧିକ ବିମାନ ସହ ସେବା ପ୍ରଦାନ କରୁଛି। ଅନ୍ୟ ବିମାନ କମ୍ପାନୀ ତୁଳନାରେ ଭଡା କମ୍ ରଖିଛୁ। ଏଭ୍ରି ୱାନ କ୍ୟାନ ଫ୍ଲାଏ (ସମସ୍ତେ ଉଡନ୍ତୁ) ନୀତି ଉପରେ କାର୍ଯ୍ୟ କରୁଛୁ। ଯାହାକୁ ନେଇ ଲୋକଙ୍କର ଭଲ ରେସପନ୍ସ ପାଉଛୁ।

“ପର୍ତ୍ତୁଗୀଜ ଫୁଟ୍‌ବଲ ଷ୍ଟାର କ୍ରିଷ୍ଟିଆନୋ ରୋନାଲ୍‌ଡୋ ମୋ ପ୍ରେରଣାର ଉତ୍ସ। ସେ ଯେଉଁ କ୍ଲବ ତରଫରୁ ଖେଳିବେ, ସେହି କ୍ଲବ ପ୍ରତି ମୋର ସମର୍ଥନ ରହିବ।
–ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ



“ଚଳିତ ଆଶେସ ସିରିଜରେ ଇଂଲଣ୍ଡ ଅଷ୍ଟ୍ରେଲିଆକୁ ପରାସ୍ତ କରିବ। ଏଥିରେ ଜୋ ରୁଟ୍ ସର୍ବାଧିକ ରନ ଏବଂ କ୍ରିସ୍ ଓକ୍ସ ସର୍ବାଧିକ ଉଇକେଟ ହାସଲ କରିବେ।
–ବ୍ରାଏନ ଲାରା, ୱେଷ୍ଟ ଇଣ୍ଡିଜର ମହାନ୍ ବ୍ୟାଟ୍ସମ୍ୟାନ



## ସଂକ୍ଷେପରେ

### ୪ ଫୁଟ୍‌ବଲର ଆଜୀବନ ବାସନ୍ଦ

କୁଆଲାଲମ୍ପୁର, ୨।୮ (ଏଏଫ୍‌ପି): ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନ କପ୍‌ରେ ମ୍ୟାଚ୍ ଫିକ୍ସିଂ କରିଥିବା ନେଇ ୪ ଜଣ ଫୁଟ୍‌ବଲରଙ୍କୁ ଏଏଫ୍‌ସି ପକ୍ଷରୁ ଶୁକ୍ରବାର ଆଜୀବନ ବାସନ୍ଦ କରାଯାଇଛି। ଡୋରଡୋଇ କ୍ଲବ ପାଇଁ ଖେଳୁଥିବା କିର୍ଗିଜ୍‌ସ୍ତାନର କୁର୍ସାନବେକ ଶେରାତୋଭ ୨୦୧୭ ଏଏଫ୍‌ସି କପ୍‌ରେ ମ୍ୟାଚ୍ ଫିକ୍ସିଂରେ ଜଡ଼ିତ ଥିଲେ। ତାଙ୍କ ବ୍ୟତୀତ ଭ୍ଲାଦିମିର ଭେରେକିନ ଓ ଲିଆଜ ଅଲିମୋଭ ତାଙ୍କ କ୍ଲବ ଏଫ୍‌ସି ଆଲାଇ ପାଇଁ ଗୋଟିଏ କିମ୍ବା ଅଧିକ ମ୍ୟାଚ୍ ଫିକ୍ସିଂ କରିଥିବା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଜିକ୍‌ସ୍ତାନର ଅବ୍‌ଦୁଜିଜ ମାକାମୋଭଙ୍କୁ ମଧ୍ୟ ସମାନ କାରଣ ପାଇଁ ଆଜୀବନ ବାସନ୍ଦ କରାଯାଇଛି। ଏଏଫ୍‌ସିର ଡିସିପ୍ଲିନାରି ଓ ଏଥିକ୍ସ କମିଟି ଏହି ଦଣ୍ଡାଦେଶ ଧାର୍ଯ୍ୟ କରିଛି।

### ବିନା ଷ୍ଟିୟରିଂରେ କାର୍‌ର ମଜା ନେଲେ ତେନ୍ଦୁଲକର

ନୂଆଦିଲ୍ଲୀ, ୨।୮ - ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କ ସୌଖୀନ ଗାଡ଼ିର ସଉକ ବିଷୟରେ କିଏ ବା ନ ଜାଣେ। ଶୁକ୍ରବାର ସଚିନ ସୋସିଆଲ ମିଡିଆରେ ଏକ ଭିଡିଓ ଶେୟାର କରିଛନ୍ତି। ଯେଉଁଥିରେ ତେନ୍ଦୁଲକର ଏକ କାରରେ ବସିଛନ୍ତି, ଯାହାକି ନିଜେ ପରିଚାଳିତ ହେଉଛି। ଏହି ଭିଡିଓଟିକୁ ଦେଖିଲେ ଲାଗୁଛି ଯେପରି କେହି ଅଦୃଶ୍ୟ ଡ୍ରାଇଭର ତାଙ୍କ କାରକୁ ଚଳାଉଛନ୍ତି। କାରଣ ସଚିନ ଡ୍ରାଇଭିଂ ସିଟ୍‌ରେ ନୁହେଁ ବରଂ ପାଖ ସିଟ୍‌ରେ ବସିଛନ୍ତି। କାରଟି ପାର୍କିଂ ଏରିଆରେ ନିଜେ ଆଗକୁ ଯାଉଛି ଏବଂ ଠିକଣା ସ୍ଥାନରେ ବ୍ରେକ୍ ଦେଇ ଆପେ ଅଟକି ଯାଉଛି। କାରଟି ସତେ ଯେପରି ମିଷ୍ଟର ଇଣ୍ଡିଆ (ଅନୀଲ କପୁର) ଚଳାଉଥିବା ମନେ ହେଉଛି ବୋଲି ମାଷ୍ଟର ବ୍ଲାଷ୍ଟର କହିଛନ୍ତି। ନିଜ ଗ୍ୟାରେଜ୍‌ରେ ସ୍ୱୟଂଚାଳିତ କାରର ମଜା ଏକ ରୋମାଞ୍ଚକ ଅନୁଭବ ବୋଲି ସଚିନ୍ କହିଛନ୍ତି। ଏହା ମୋର ପ୍ରଥମ ବିନା ଡ୍ରାଇଭର କାର୍ ବୋଲି ସେ କହିଛନ୍ତି।

### ଜୟଦୁର୍ଗାକୁ ହରାଇଲା ରାଧାରମଣ

କଟକ ଅଫିସ, ୨।୮ - କଟକରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌ରେ ରାଧାରମଣ କ୍ଲବ ବିଜୟୀ ହୋଇଛି। ରାଧାରମଣ ୪-୦ ଗୋଲ୍‌ରେ ଜୟଦୁର୍ଗା କ୍ଲବକୁ ପରାସ୍ତ କରିଥିଲା। ପଞ୍ଚମ ମିନିଟ୍‌ରେ ଧୀରଜ ପ୍ରକାଶ ମେହେର, ୧୭ତମ ମିନିଟ୍‌ରେ ଅର୍ଜୁନ ନାୟକ ଗୋଟିଏ ଲେଖାଏ ଗୋଲ୍ ଦେଇ ରାଧାରମଣକୁ ପ୍ରଥମାର୍ଦ୍ଧରେ ଅଗ୍ରଣୀ ରଖିଥିଲେ। ଦ୍ୱିତୀୟାର୍ଦ୍ଧର ୫୦ତମ ମିନିଟ୍‌ରେ ରାଧାରମଣର ଧନଞ୍ଜୟ ମାଝି ଦଳ ନିମନ୍ତେ ତୃତୀୟ ଗୋଲ୍ ସ୍କୋର କରିଥିଲେ। ୬୭ତମ ମିନିଟ୍‌ରେ ଜୟଦୁର୍ଗାର ଇମାନୁଏଲ ତିର୍କୀ ଏକ ଆତ୍ମଘାତୀ ଗୋଲ ଦେବା ଫଳରେ ରାଧାରମଣ ଉକ୍ତ ମ୍ୟାଚ୍‌କୁ ୪-୦ ଗୋଲ୍‌ରେ ଜିତିଛି।

# ଆଶେସ: ରୋରିଙ୍କ ଶତକ

ବର୍ମିଂହାମ, ୨।୮ (ପି.ଟି.)

ସ୍ଥାନୀୟ ଏଜ୍‌ବାଷ୍ଟନ ଗ୍ରାଉଣ୍ଡରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଆଶେସ୍ ଟେଷ୍ଟରେ ଘରୋଇ ଇଂଲଣ୍ଡ ପ୍ରାରମ୍ଭିକ ଝଟ୍‌କା ଖାଇବା ସତ୍ତ୍ୱେ ଭଲ ପ୍ରଦର୍ଶନ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ଅଭିଜ୍ଞ ଷ୍ଟିଭ୍ ସ୍ମିଥ୍‌ଙ୍କ ୧୪୪ ରନର ଶତକୀୟ ପାଳି ବଳରେ ୮୦.୪ ଓଭରରେ ୨୮୪ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଇଂଲଣ୍ଡ ଓପନର ରୋରି ବର୍ନ୍ସଙ୍କ ଅପରାଜିତ ଶତକ ସହାୟତାରେ ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୯୦ ଓଭରରେ ୪ ଉଇକେଟ ହରାଇ ୨୬୭ ରନ କରିଛି। ଫଳରେ ୬ ଉଇକେଟ ହାତରେ ରଖି ଇଂଲଣ୍ଡ ଏବେ ମାତ୍ର ୧୭ ରନ ପଛରେ ପଡ଼ିଛି। ଷ୍ଟମ୍ପ ଅପସାରଣ ବେଳକୁ ରୋରି ୧୨୫ (୨୮୨ ବଲ, ୧୬ ଚୌକା) ରନର ଶତକୀୟ ପାଳି ଖେଳି ଅପରାଜିତ ରହିଛନ୍ତି। ସେହିପରି ବେନ୍ ଷ୍ଟୋକ୍ସ ୩୮ ରନ କରି ଅପରାଜିତ ରହିଛନ୍ତି।

ପ୍ରଥମ ଦିନର ଅସମାପ୍ତ ସ୍କୋର ୧୦/୦ରୁ ଇଂଲଣ୍ଡ ଶୁକ୍ରବାର ଖେଳ ଆରମ୍ଭ କରିଥିଲା। ରୋରି ୪ ରନରୁ ଇନିଂସ ଆରମ୍ଭ କରି ଶତକ ହାସଲ କରିଥିଲେ। ସେହିପରି ଜାସନ ରୟ ୬ ରନରୁ ଖେଳ ଆରମ୍ଭ କରି ଆଉ ମାତ୍ର ୪ ରନ ଅଧିକ କରିବା ସହ ୧୦ ରନ କରି ଜେମ୍ସ ପାଟିନସନଙ୍କ ବଲ୍‌ରେ ସ୍ମିଥ୍‌ଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଅଧିନାୟକ ଜୋ ରୁଟ ୫୭ ରନର ଅର୍ଦ୍ଧଶତକୀୟ ପାଳି ଖେଳି କ୍ରିଜ୍‌ରେ ଜମିଆସୁଥିବା ବେଳେ ପିଟର ସିଡଲଙ୍କ ବଲ୍‌ରେ କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଏହାପରେ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଜୋ ଡେନ୍‌ଲି ୧୮ ରନ କରିଥିବା ବେଳେ ଜେମ୍ସ ପାଟିନସନଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ଆଉଟ ହୋଇଥିଲେ। ଏହା ପରେ ବ୍ୟାଟିଂ କରିବାକୁ ଆସିଥିବା ଜୋ ବଟଲର ମାତ୍ର ୫ ରନ କରି ପ୍ୟାଟ୍ କୁମିନ୍ସଙ୍କ ବଲ୍‌ରେ କାମେରୋନ ବ୍ୟାଙ୍କ୍‌ରଫ୍ଟଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ପାଟିନସନ ୨, କୁମିନ୍ସ ଓ ସିଡଲ ଗୋଟିଏ ଲେଖାଏ ଉଇକେଟ ହାସଲ କରିଛନ୍ତି।

ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆର ୫ଜଣ ବ୍ୟାଟ୍ସମ୍ୟାନଙ୍କୁ ବାଦ୍ ଦେଲେ ବାକି ସମସ୍ତେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ସ୍ମିଥ୍ ୧୪୪ରନର ଶତକୀୟ ପାଳି ଖେଳିଥିବା ବେଳେ ସିଡଲ ୪୪, ଟ୍ରାଭିସ୍ ହେଡ ୩୫, ଉସ୍‌ମାନ ଖ୍ୱାଜା ୧୩ ରନ କରି ଆଉଟ ହୋଇଥିଲେ। ନାଥନ ଲିୟନ ୧୨ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ଷ୍ଟୁଆର୍ଟ ବ୍ରଡ ସର୍ବାଧିକ ୫, ଓକ୍ସ ୩, ଷ୍ଟୋକ୍ସ ଓ ମୋଇନ ଅଲି ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ– ୮୦.୪ ଓଭରରେ ୨୮୪ ଅଲଆଉଟ୍ (ସ୍ମିଥ୍– ୧୪୪, ସିଡଲ– ୪୪, ବ୍ରଡ– ୫/୮୬, ଓକ୍ସ– ୩/୫୮)।

ଇଂଲଣ୍ଡ ପ୍ରଥମ ଇନିଂସ– ୯୦ ଓଭରରେ ୨୬୭/୪ (ରୋରି– ୧୨୫*, ଷ୍ଟୋକ୍ସ– ୩୮*, ରୁଟ୍– ୫୭, ପାଟିନସନ– ୨/୫୪)


ପ୍ରଥମ ଟେଷ୍ଟ ଶତକ ହାସଲ ଅବସରରେ ଶଟ୍ ଖେଳୁଛନ୍ତି ରୋରି ବର୍ନ୍ସ।

# ଓସିଏ: ଖେଳାଳି ଚୟନରେ ଅନିୟମିତତା ଅଭିଯୋଗ

କଟକ ଅଫିସ, ୨।୮

ଖେଳାଳି ଚୟନରେ ପୁଣି ହୋଇଛି ଅନିୟମିତତା। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଲୋଧା କମିଟିର ସୁପାରିସକୁ ଉଲ୍ଲଘଂନ କରିଛି। ବିନା ଟ୍ରାଏଲ ମ୍ୟାଚ୍ କିମ୍ବା ମନୋନୟନ କମିଟିର ପରାମର୍ଶରେ ଗତ ୧୭ ତାରିଖରେ ରାଜ୍ୟ ସିନିୟର ସମ୍ଭାବ୍ୟ ଦଳ ଚୟନ କରାଯାଇଛି। ଏହି ଅଭିଯୋଗ ଆଣିଛି ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଂଗଠନ। ସଂଗଠନର ଆବାହକ ଆଇନଜୀବୀ ସୁବ୍ରତ କୁମାର ନନ୍ଦ ଏ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ), କମିଟି ଅଫ୍ ଆଡମିନିଷ୍ଟ୍ରେଟର୍ସ (ସିଓଏ)କୁ ଚିଠି ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗତ ଜୁଲାଇ ୧୭ ତାରିଖରେ ଓସିଏର ୩୦ ଜଣିଆ ସିନିୟର ସମ୍ଭାବ୍ୟ ଖେଳାଳି ତାଲିକା ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ୨୦୧୮ ଅଗଷ୍ଟ ୯ ତାରିଖରେ ସୁପ୍ରିମକୋର୍ଟଙ୍କ ପକ୍ଷରୁ ଏକ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା। ଯେଉଁଥିରେ ପାଞ୍ଚ ଜଣିଆ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇ ଦଳ ଚୟନ କରିବାକୁ ନିର୍ଦ୍ଦେଶ ଥିଲା। ୨୬(କ)୧ ଧାରାକୁ ଉଲ୍ଲଘଂନ କରାଯାଇ ଓସିଏ ପକ୍ଷରୁ ଖେଳାଳି ଚୟନ କରାଯାଇଛି ବୋଲି ସଂଗଠନ ପକ୍ଷରୁ ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଏହାଛଡ଼ା ଓସିଏର ଜଣେ ବରିଷ୍ଠ ଅଧିକାରୀଙ୍କ ଦୁଇ ସମ୍ପର୍କୀୟ ୩୦ଜଣିଆ ଦଳରେ ସ୍ଥାନ ପାଇଛନ୍ତି, ଯାହା ବିସିସିଆଇର ସମ୍ବିଧାନ ୩୮(ଭି) ଅନୁଯାୟୀ, ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ପରିସ୍ଥିତି ସୃଷ୍ଟି ହୋଇଛି। ଆଗାମୀ ଦିନରେ ଓସିଏର ନିର୍ବାଚନ ଥିବା ବେଳେ ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ଏପରି କରାଯାଇଛି। କୌଣସି ଖେଳାଳି ଟ୍ରାଏଲକୁ ଓହ୍ଲାଇ ନାହାନ୍ତି। ତଥାପି କିପରି ଖେଳାଳି ବଛାଗଲା ବୋଲି ସଂଗଠନ ଆବାହକ ସୁବ୍ରତ ପ୍ରଶ୍ନ କରିଛନ୍ତି। ଲୋଧା କମିଟିର ସୁପାରିଶକୁ ଅଣଦେଖା କରାଯାଉଥିବାରୁ ଆଗାମୀ ଦିନରେ ଏହା ଭାରି ପଡ଼ିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଓସିଏ ସିନିୟର ଦଳ ଚୟନ କମିଟି ଅଧ୍ୟକ୍ଷ ବିଷ୍ଣୁଦେବ ମହାନ୍ତିଙ୍କୁ ପଚାରିବାରୁ ସେ କହିଥିଲେ, ରଣଜୀ ଦଳ ଚୟନ କରାଯାଇଛି ବୋଲି ଯେଉଁ ଖବର ପ୍ରଚାର ହେଉଛି ତାହା ମିଛ। କେବଳ ସିନିୟର ଖେଳାଳି ନୁହଁନ୍ତି ୩୦ଜଣରେ ୨୩ବର୍ଷରୁ ଓ ୧୯ବର୍ଷରୁ କମ ଖେଳାଳି ମଧ୍ୟ ଅଛନ୍ତି। ଗତ ସିଜନରେ ବିଭିନ୍ନ ବୟସ ବର୍ଗରେ ଯେଉଁମାନେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ ସେମାନେ ଏହି ୩୦ଜଣିଆ ଦଳରେ ଅଛନ୍ତି। ରାଜ୍ୟରେ କିଛି ଖେଳାଳି ଅଛନ୍ତି ଯେଉଁମାନଙ୍କୁ ଆଗାମୀ ସିଜନରେ ମଧ୍ୟ ବାଦ ଦିଆଯାଇ ପାରିବ ନାହିଁ। କେବଳ ଫିଟନେସ୍ ବଜାୟ ରଖିବାକୁ ଏହି ତାଲିକା ଘୋଷଣା ହୋଇଛି ବୋଲି ବିଷ୍ଣୁଦେବ କହିଛନ୍ତି।


କଟକରେ ଚାଲିଥିବା ପ୍ରଥମ ଡିଭିଜନ ଫୁଟବଲ ଲିଗ୍‌ର ଶୁକ୍ରବାର ରାଧାରମଣ ଓ ଜୟଦୁର୍ଗା କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ରସେଲଙ୍କ ସ୍ଥାନରେ ମହମ୍ମଦ

ଲଡରହିଲ୍ (ଯୁକ୍ତରାଷ୍ଟ୍ର ଆମେରିକା), ୨।୮ (ପି.ଟି.) ଆଘାତପ୍ରାପ୍ତ ୱେଷ୍ଟଇଣ୍ଡିଜ ଖେଳାଳି ଆନ୍ଦ୍ରେ ରସେଲ ଭାରତ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜର ପ୍ରଥମ ଦୁଇଟି ମ୍ୟାଚ ଖେଳି ପାରିବେ ନାହିଁ। ତାଙ୍କ ସ୍ଥାନରେ ଜାସନ ମହମ୍ମଦଙ୍କୁ ଦଳରେ ସାମିଲ କରିବା ଲାଗି ଶୁକ୍ରବାର ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ, ୩୨ବର୍ଷୀୟ ମହମ୍ମଦ ପୂର୍ବରୁ ସୀମିତ ଓଭରର ଦୁଇଟି ଫର୍ମାଟରେ ୱେଷ୍ଟଇଣ୍ଡିଜ ଦଳର ଅଧିନାୟକତ୍ୱ କରିସାରିଛନ୍ତି। ଏକ ବର୍ଷ ପରେ ସେ ଅନ୍ତର୍ଜାତୀୟ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକାରେ ଖେଳାଯିବାକୁଥିବା ଭାରତ ବିପକ୍ଷ ପ୍ରଥମ ଦୁଇଟି ଟି୨୦ ପାଇଁ ରସେଲ ୱେଷ୍ଟଇଣ୍ଡିଜର ୧୪ ଜଣିଆ ଦଳରେ ସ୍ଥାନ ପାଇଥିଲେ। ମାତ୍ର ଏହି ଅଲ୍‌ରାଉଣ୍ଡର କାନାଡାରେ ଜିଟି୨୦ ଟୁର୍ନାମେଣ୍ଟ ଖେଳୁଥିବାବେଳେ ଆଘାତପ୍ରାପ୍ତ ହୋଇଥିଲେ। ୱେଷ୍ଟଇଣ୍ଡିଜର କାମଚଳା ମୁଖ୍ୟ କୋଚ୍ ଫ୍ଲଏଡ୍ ରିଫର କହିଛନ୍ତି ମହମ୍ମଦଙ୍କର ସମସ୍ତ ତିନୋଟି ଫର୍ମାଟରେ ବହୁ ଅଭିଜ୍ଞତା ରହିଛି। ତାଙ୍କୁ ଦଳକୁ ସ୍ୱାଗତ କରାଯାଉଛି। ତେବେ ଆନ୍ଦ୍ରେ ରସେଲଙ୍କ ଭଳି ଖେଳାଳିଙ୍କ ଅଭାବ ପୂରଣ କରି ହେବନାହିଁ। ରସେଲ ଟି୨୦ କ୍ରିକେଟରେ ସମଗ୍ର ବିଶ୍ୱରେ ପ୍ରଭାବ ବିସ୍ତାର କରିଛନ୍ତି। ୱେଷ୍ଟଇଣ୍ଡିଜକୁ ଦୁଇଥର ଆଇସିସି ଟି୨୦ ବିଶ୍ୱକପ୍ ଜିତାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।

# ଜାତୀୟ ଟେନିସ କ୍ରିକେଟରେ ଭାଗନେବ ଓଡ଼ିଶା

ଭୁବନେଶ୍ୱର, ୨।୮ (କ୍ରୀଡ଼ା ପ୍ରତିନିଧି)

ଆସନ୍ତା ସେପ୍ଟେମ୍ବର-ଅକ୍ଟୋବରରେ ୩ଟି ଜାତୀୟ ଟେନିସ୍ କ୍ରିକେଟ ପ୍ରତିଯୋଗିତା ଦେଶର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବ। ଟେନିସ୍ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆ ଅନୁମୋଦନକ୍ରମେ ମଧ୍ୟପ୍ରଦେଶ ଟେନିସ୍ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଇନ୍ଦୋରଠାରେ ଜାତୀୟ ସବ୍‌ଜୁନିୟର (୧୪ବର୍ଷରୁ କମ୍), ଉତ୍ତରପ୍ରଦେଶ ଟେନିସ୍ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ମଥୁରାଠାରେ ଜାତୀୟ ଜୁନିୟର(୧୭ବର୍ଷରୁ କମ୍) ଏବଂ ଛତିଶଗଡ଼ ଟେନିସ୍ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ବିଳାସପୁରଠାରେ ଜାତୀୟ ସିନିୟର ପୂର୍ବାଞ୍ଚଳ ଟେନିସ୍ କ୍ରିକେଟ ପ୍ରତିଯୋଗିତା ଆୟୋଜିତ ହେବ। ଏହି ୩ଟି ଯାକ ପ୍ରତିଯୋଗିତାରେ ଓଡ଼ିଶା ଅଂଶଗ୍ରହଣ କରିବ ବୋଲି ଓଡ଼ିଶା ରାଜ୍ୟ ଟେନିସ୍ କ୍ରିକେଟ ଆସୋସିଏଶନ ସମ୍ପାଦକ ରିଣ୍ଟୁ ମିତ୍ର ପ୍ରକାଶ କରିଛନ୍ତି। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳର ମନୋନୟନ ପ୍ରକ୍ରିୟା ଆରମ୍ଭ ହେବ। ଏଥିପାଇଁ ନହରକଣ୍ଟାସ୍ଥିତ ଜୟଦେବ କଲେଜ ପଡ଼ିଆରେ ଆସନ୍ତା ୧୦ରୁ ଚୟନ ଟ୍ରାଏଲ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ଯେକୌଣସି ସ୍ଥାନରୁ ଖେଳାଳିମାନେ ଅଂଶଗ୍ରହଣ କରିପାରିବେ ବୋଲି ରିଣ୍ଟୁ ସ୍ପଷ୍ଟ କରିଛନ୍ତି। ଓଡ଼ିଶାରେ ଟେନିସ୍ କ୍ରିକେଟର ପ୍ରଚାର ପ୍ରସାର ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ତେଣୁ ରାଜ୍ୟର ଯେକୌଣସି ସ୍ଥାନରୁ ପ୍ରତିଭାସମ୍ପନ୍ନ ଖେଳାଳି ମିଳିଲେ, ଆମେ ତାଙ୍କୁ ନିଶ୍ଚିତ ସୁଯୋଗ ଦେବୁ ବୋଲି ସେ କହିଛନ୍ତି। ପ୍ରକାଶଯୋଗ୍ୟ, ଜାତୀୟ ପ୍ରତିଯୋଗିତାରେ ପ୍ରଦର୍ଶନ ଭିତ୍ତିରେ ଭାରତୀୟ ଦଳ ଚୟନ ହେବ। ଭାରତୀୟ ଦଳ ଶ୍ରୀଲଙ୍କା ଗସ୍ତ କରି ସେଠାରେ ସିରିଜ ଖେଳିବ। ଏଠାରେ ସୂଚାଇ ଦିଆଯାଇପାରେ ଯେ, ଭାରତୀୟ ଦଳ ଆସନ୍ତା ଏପ୍ରିଲରେ ଆମେରିକାର ନ୍ୟୁଜର୍ସିଠାରେ ଏକ ତ୍ରିରାଷ୍ଟ୍ରୀୟ ଟୁର୍ନାମେଣ୍ଟ ୱେଷ୍ଟଇଣ୍ଡିଜ ଓ ନ୍ୟୁଜିଲାଣ୍ଡ ସହିତ ଖେଳିବ।

# ‘ଫୁଟ୍‌ବଲ ପାଇଁ ପ୍ରତିଭା ଅନ୍ୱେଷଣ ଗୁରୁତ୍ୱପୂର୍ଣ୍ଣ’

ଭୁବନେଶ୍ୱର, ୨।୮ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ଏବଂ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର ମିଳିତ ଆନୁକୂଲ୍ୟରେ ଏକ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଫୁଟ୍‌ବଲ ଟିମ୍‌ର ନବ ନିଯୁକ୍ତ ବୈଷୟିକ ନିର୍ଦ୍ଦେଶକ ଇସାକ୍ ଦୋରୁଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ଫୁଟ୍‌ବଲ ପାଇଁ ପ୍ରତିଭା ଖୋଜି ବାହାର କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଏହି ଅବସରରେ ଦୋରୁ ପ୍ରକାଶ କରିଛନ୍ତି। ଏହାଛଡ଼ା ରାଜ୍ୟରେ ଫୁଟ୍‌ବଲର ବିକାଶ ଏବଂ ପ୍ରତିଭା ଅନ୍ୱେଷଣ ସମ୍ପର୍କରେ ରହିଥିବା ବିଭିନ୍ନ ପ୍ରକାର ପଦ୍ଧତି ଉପରେ ସେ ବ୍ୟାଖ୍ୟା କରିଥିଲେ। ଜ୍ଞାନ ଏବଂ ଅଭିଜ୍ଞତା ବଣ୍ଟିବା ପାଇଁ କର୍ମଶାଳା ହେଉଛି ଏକ ଭଲ ପ୍ଲାଟଫର୍ମ। ଏଥିରେ ଅଂଶଗ୍ରହଣ ଦ୍ୱାରା କୋଚ୍‌ମାନେ ବିଭିନ୍ନ ସ୍ପୋର୍ଟ୍ସ ହଷ୍ଟେଲରୁ ପ୍ରତିଭା ସମ୍ପନ୍ନ ଖେଳାଳିଙ୍କୁ ଚିହ୍ନଟ କରିବାର ଉପାୟ ଜାଣିପାରିବେ। ଉଦୀୟମାନ ଫୁଟ୍‌ବଲ ଖେଳାଳିଙ୍କୁ ଉନ୍ନତ ତାଲିମ ଦେଇପାରିବେ। ରାଜ୍ୟ ସରକାର ଓଡ଼ିଶାରେ ଫୁଟ୍‌ବଲ ଖେଳର ସାମଗ୍ରିକ ବିକାଶ ପାଇଁ ଆଗ୍ରହୀ। ଏହିଭଳି କର୍ମଶାଳାର ଆୟୋଜନ ଦ୍ୱାରା ଉନ୍ନତମାନର କୋଚ୍ ସୃଷ୍ଟି ହୋଇପାରିବେ ବୋଲି ଦୋରୁ କହିଛନ୍ତି।


କର୍ମଶାଳାରେ ନିଜର ମତ ରଖୁଛନ୍ତି ଇସାକ୍ ଦୋରୁ।

# ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲରେ ୨୪ ଦଳ

ଭୁବନେଶ୍ୱର, ୨।୮ (କ୍ରୀଡ଼ା ପ୍ରତିନିଧି)

ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଲାଇଟ୍ କପ୍ ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଚଳିତମାସ ୫ରୁ ଆରମ୍ଭ ହେବ। ୟୁନିଟ୍-୬ ବାଳକ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଏହା ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଚାଲିବ। ଟୁର୍ନାମେଣ୍ଟର ୩୦ତମ ସଂସ୍କରଣରେ ଏଥର ମୋଟ ୨୪ଟି ଦଳ ଅଂଶଗ୍ରହଣ କରିବେ। ଦଳଗୁଡ଼ିକୁ ୮ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ପ୍ରତି ଗ୍ରୁପ୍‌ରେ ୩ଟି ଲେଖାଏ ଦଳକୁ ସ୍ଥାନିତ କରାଯାଇଛି। ଗ୍ରୁପ୍ ଏ’ରେ ୟୁନିଟ୍-୨ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, କିସ୍, ଆଇଆର୍‌ସି ସରକାରୀ ଉଚ୍ଚ ବିଦ୍ୟାଳୟ, ଗ୍ରୁପ୍ ବି’ରେ କଳିଙ୍ଗ ବିଦ୍ୟାପୀଠ, ଗଣ୍ଡରପୁର ଶ୍ରୀ ଅରବିନ୍ଦ ନୋଡାଲ ବିଦ୍ୟାପୀଠ, ଲୟୋଲା ଓଡ଼ିଆ ସ୍କୁଲ, ଗ୍ରୁପ୍ ସି’ରେ ଡିଏଭି ଚନ୍ଦ୍ରଶେଖରପୁର, ମଦର୍ସ ପବ୍ଲିକ ସ୍କୁଲ, ରାମକୃଷ୍ଣ ଶିକ୍ଷାକେନ୍ଦ୍ର, ଗ୍ରୁପ୍ ଡି’ରେ ଟାଇମ୍ସ ଗୁରୁକୁଳ, ବିଜେଇଏମ୍-୧, ଡିଏମ୍ ସ୍କୁଲ, ଗ୍ରୁପ୍ ଇ’ରେ ଫ୍ୟୁଚର ଭୁବନେଶ୍ୱର ସ୍କୁଲ, ଡିଏଭି ପୋଖରୀପୁଟ, ସୈନିକ ସ୍କୁଲ, ଗ୍ରୁପ୍ ଏଫ୍’ରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ଜାଭିୟର ଖଣ୍ଡଗିରି, ୟୁନିଟ୍-୧ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଏବଂ ଗ୍ରୁପ୍ ଏଚ୍’ରେ ବିକାଶ ରେସିଡେନ୍ସିଆଲ ସ୍କୁଲ, ବିଜେଇଏମ୍-୨, ୟୁନିଟ-୩ କ୍ୟାପିଟାଲ ହାଇସ୍କୁଲ ସ୍ଥାନ ପାଇଛନ୍ତି। ଟୁର୍ନାମେଣ୍ଟର ଲିଗ୍ ମ୍ୟାଚ୍‌ଗୁଡ଼ିକ ଅଗଷ୍ଟ ୫ରୁ ୨୪ ପର୍ଯ୍ୟନ୍ତ ଚାଲିବ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦଳ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ନକ୍‌ଆଉଟ ଭିତ୍ତିରେ କ୍ୱାର୍ଟର ଫାଇନାଲ ଅଗଷ୍ଟ ୨୬ ଓ ୨୭, ସେମିଫାଇନାଲ ୨୯ ଓ ୩୦ ଏବଂ ଫାଇନାଲ ସେପ୍ଟେମ୍ବର ୧ ତାରିଖରେ ଅନୁଷ୍ଠିତ ହେବ ବୋଲି ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ ଆସୋସିଏଶନ ସମ୍ପାଦକ ଦିଲୀପ ଦାସ ସୂଚନା ଦେଇଛନ୍ତି।

ପ୍ରତି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାରରେ ସମ୍ମାନିତ କରାଯିବ। ଏଥର ଟୁର୍ନାମେଣ୍ଟରେ ଲୟୋଲା ଓଡ଼ିଆ ସ୍କୁଲ ପ୍ରଥମଥର ପାଇଁ ଭାଗନେବାକୁ ଯାଉଛି। ସେହିପରି ଦୀର୍ଘ ବ୍ୟବଧାନ ପରେ ଡିଏମ୍ ସ୍କୁଲ ପୁଣି ପ୍ରତିଯୋଗିତାକୁ ଫେରିଛି। ପ୍ରତି ସ୍କୁଲରୁ ୧୮ ଖେଳାଳି, କୋଚ୍ ଓ ମ୍ୟାନେଜର ମିଶି ୨୦ ଜଣ ଅଂଶଗ୍ରହଣ କରିବେ। ଭାଗନେବାକୁ ଯାଉଥିବା ଖେଳାଳିଙ୍କ ବୟସସୀମା ୧୭ ବର୍ଷ ଧାର୍ଯ୍ୟ କରାଯାଇଛି। ରାଜ୍ୟରେ ପ୍ରଥମଥର ପାଇଁ ଅଂଶଗ୍ରହଣକାରୀ ଖେଳାଳିଙ୍କୁ ଆୟୋଜକ ଆସୋସିଏଶନ ପକ୍ଷରୁ ବୀମା ପରିସରଭୁକ୍ତ କରାଯାଇଛି, ଯାହାର ବୈଧତା ୧ ବର୍ଷ ରହିବ। ପ୍ରତିଯୋଗିତା ପାଇଁ ୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି ବୋଲି ଦିଲୀପ କହିଛନ୍ତି। ଟୁର୍ନାମେଣ୍ଟର ସଫଳ ଆୟୋଜନ ପାଇଁ ପ୍ରିୟନାଥ ମିଶ୍ରଙ୍କୁ ସଂଗଠନ କମିଟିର ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ରାଜ୍ୟରେ ବିଶେଷକରି ଭୁବନେଶ୍ୱରରେ ଫୁଟ୍‌ବଲର ପ୍ରଚାର ପ୍ରସାର ପାଇଁ ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନର ଉଦ୍ୟମ ଅବ୍ୟାହତ ରହିଛି। ସାମୁଦ୍ରିକ ଝଡ଼ ଫନୀ ପ୍ରଭାବରେ ଭିତ୍ତିଭୂମିର ବ୍ୟାପକ କ୍ଷୟକ୍ଷତି ହୋଇଥିଲେ ହେଁ ୩ ବୟସ ବର୍ଗରେ ୧୦୦ରୁ ଅଧିକ ଖେଳାଳିଙ୍କୁ ନେଇ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ତାଲିମ ଶିବିର ସଫଳତାର ସହ ସମ୍ପନ୍ନ ହୋଇଛି ବୋଲି ସମ୍ପାଦକ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ଆସୋସିଏଶନ ସଭାପତି ତପନ ମହାନ୍ତି, ଉପସଭାପତି ନବରଞ୍ଜନ ପଟ୍ଟନାୟକ, ପ୍ରଫୁଲ୍ଲ ମିଶ୍ର, ଯୁଗ୍ମ ସମ୍ପାଦକ ଗିରିଜା ଦାସ, ପରାମର୍ଶଦାତା ତଥା ଭଲିବଲ ପ୍ରଶିକ୍ଷକ ଅମିୟ ମିଶ୍ର, ଅବ୍‌ଦୁଲ କରିମ୍ ଖାଁ, ପ୍ରଦୀପ ଦାସ ଓ ପ୍ରିୟନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



କର୍ମକର୍ତ୍ତାମାନେ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।



ବଲ୍ ଟ୍ୟାମ୍ପରିଂ ମାମଲା ଯୋଗୁ ଖେଳକୁ ଫେରିବା ନେଇ ମୋର ସନ୍ଦେହ ଥିଲା, ମାତ୍ର ଆଶେସ ଓପନିଂ ଟେଷ୍ଟରେ ଶତକ ପରେ ଏହି ଆଶଙ୍କା ଦୂର ହୋଇଛି।
–ଷ୍ଟିଭ୍ ସ୍ମିଥ୍, ଅଷ୍ଟ୍ରେଲିଆ ପୂର୍ବତନ ଅଧିନାୟକ



ଭାରତୀୟ କ୍ରିକେଟ ଦଳର କୋଚ୍ ହେବାକୁ ମୋର ଇଚ୍ଛା ଅଛି, କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଏହି ହାଇପ୍ରୋଫାଇଲ ପଦବୀ ପାଇଁ ମୁଁ ଆଗ୍ରହୀ ନୁହେଁ।
–ସୌରଭ ଗାଙ୍ଗୁଲି, ପୂର୍ବତନ ଅଧିନାୟକ

## ସଂକ୍ଷେପରେ

### କୋହଲିଙ୍କ ଫଟୋ ଉପରେ ପ୍ରଶ୍ନ ଉଠାଇଲେ ପ୍ରଶଂସକ

ନୂଆଦିଲ୍ଲୀ,୨।୮- ଭାରତୀୟ କ୍ରିକେଟ ଦଳ ୱେଷ୍ଟଇଣ୍ଡିଜ ବିପକ୍ଷରେ ଦୁଇ ଟି ୨୦ ମ୍ୟାଚ୍ ଖେଳିବା ପାଇଁ ଆମେରିକା ଗସ୍ତରେ ଯାଇଛି। ଫ୍ଲୋରିଡାଠାରେ ଶନିବାର ପ୍ରଥମ ଟି ୨୦ ମ୍ୟାଚ୍ ଖେଳାଯିବା ପୂର୍ବରୁ ଖେଳାଳିମାନେ ଅଭ୍ୟାସ କରିବା ସହ ସୋସିଆଲ ମିଡିଆରେ ଫଟୋ ଶେୟାର କରୁଛନ୍ତି। ନିକଟରେ ଅଧିନାୟକ ବିରାଟ କୋହଲି ମଧ ଦଳର ଅନ୍ୟ ସଦସ୍ୟଙ୍କ ସହ ଫଟୋକୁ ଟୁଇଟରରେ ଶେୟାର କରିଥିଲେ। ସେ ଏହାର କ୍ୟାପଶନ ଦେଇଥିଲେ 'ସ୍କ୍ୱାଡ'। ଏହି ଫଟୋରେ ରବୀନ୍ଦ୍ର ଜାଡେଜା, ନବଦୀପ ସାଇନି, ଖଲିଲ ଅହମ୍ମଦ, ଶ୍ରେୟାସ ଆୟାର, କ୍ରୁନାଲ ପାଣ୍ଡ୍ୟା, ଭୁବନେଶ୍ୱର କୁମାର ଓ ଲୋକେଶ ରାହୁଲ ଥିଲେ। କିନ୍ତୁ ଉପଅଧିନାୟକ ରୋହିତ ଶର୍ମା ନ ଥିଲେ। ଏଥିନେଇ ପ୍ରଶଂସକମାନେ ପ୍ରଶ୍ନ ଉଠାଇଛନ୍ତି। ବର୍ତ୍ତମାନ ଦଳର ଅଧିନାୟକ ଓ ତାଙ୍କ ଡେପୁଟିଙ୍କ ମଧ୍ୟରେ ମତପ୍ରାର୍ଥକ୍ୟ ନେଇ ଆଲୋଚନା ହେଉଥିବାବେଳେ କୋହଲିଙ୍କ ଫଟୋରେ ରୋହିତଙ୍କ ଅନୁପସ୍ଥିତିରେ ନିଆଁରେ ଘିଅ ଢାଳିବା ଭଳି କାର୍ଯ୍ୟ କରିଛି। ବହୁ ପ୍ରଶଂସକ ରୋହିତ କେଉଁଠାରେ ବୋଲି ପ୍ରଶ୍ନ ଉଠାଇଛନ୍ତି। ଉଲ୍ଲେଖଥାଉ କି, ସେମିଫାଇନାଲରେ ପରାସ୍ତ ହୋଇ ଭାରତ ବିଶ୍ୱକପ୍ରୁ ବିଦାୟ ନେବା ପରେ ଦୁଇ ଖେଳାଳିଙ୍କ ମତ ପାର୍ଥକ୍ୟ ନେଇ ଗଣମାଧ୍ୟମରେ ଚର୍ଚ୍ଚା ଚାଲିଛି। ତେବେ ୱେଷ୍ଟଇଣ୍ଡିଜ ଗସ୍ତ ପୂର୍ବରୁ କୋହଲି ଖବରଦାତା ସମ୍ମିଳନୀରେ ମତପାର୍ଥକ୍ୟ ଥିବା ଚର୍ଚ୍ଚାକୁ ଖଣ୍ଡନ କରିଥିଲେ।

### ସେମିରେ ରାଙ୍କୀରେଡ୍ଡୀ-ଶେଟ୍ଟି

ବ୍ୟାଙ୍କକ୍,୨।୮ (ପିଟି)- ଭାରତୀୟ ସାତ୍ୱିକ ସାଇରାଜ ରାଙ୍କୀରେଡ୍ଡୀ ଓ ଚିରାଗ ଶେଟ୍ଟିଙ୍କ ପୁରୁଷ ଡବଲ୍ସ ଯୋଡ଼ି ଏଠାରେ ଚାଲିଥିବା ଥାଇଲାଣ୍ଡ ଓପନ୍ର ସେମିଫାଇନାଲରେ ପ୍ରବେଶ କରିଥିଲେ। ରାଙ୍କୀରେଡ୍ଡୀ ଓ ଶେଟ୍ଟି ୨୧-୧୭, ୧୭-୨୧, ୨୧-୧୯ ଗେମ୍ରେ କ୍ୱାଲିଫାୟର ଚୋଇ ସୋଲ୍ଗ୍ୟୁ ଓ ସିଓ ସିଅଙ୍ଗଙ୍କୁ ପରାସ୍ତ କରିଛନ୍ତି। ଏହି କୋରିଆନ ଖେଳାଳି ଦ୍ୱୟଙ୍କ ବିପକ୍ଷରେ ଭାରତୀୟ ଯୋଡ଼ିଙ୍କ ର ଏହା ପ୍ରଥମ ବିଜୟ। ୧୬ତମ ର୍ୟାଙ୍କ୍ ରାନକୀରେଡ୍ଡୀ-ଶେଟି ସେମିଫାଇନାଲରେ କୋ ସଙ୍ଗ୍ ହ୍ୟୁନ୍ ଓ ଶିନ୍ ବେକ ଚେଓଲଙ୍କ ଯୋଡ଼ି ସହ ମୁକାବିଲା କରିବେ।

### ତେଲୁଗୁ ଟାଇଟାନ୍ସ-ୟୁପି ଯୋଦ୍ଧା ମ୍ୟାଚ୍ ଟାଇ

ମୁମ୍ବାଇ, ୨।୮ (ପି.ଟି.): ଚଳିତ ପ୍ରୋ-କବାଡି ଲିଗ୍ରେ ଶୁକ୍ରବାର ତେଲୁଗୁ ଟାଇଟାନ୍ସ ଓ ୟୁପି ଯୋଦ୍ଧା ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୨୦-୨୦ରେ 'ଟାଇ' ଭାବେ ଶେଷ ହୋଇଛି। ଫଳରେ ଦୁଇ ଦଳ ପଏଣ୍ଟ ବଣ୍ଟୁଆରା କରିଛନ୍ତି। ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚରେ ଗୁଜରାଟ ଫର୍ଚୁନଜିଆଣ୍ଟ୍ସ ବିପକ୍ଷରେ ୟୁ ମୁମ୍ବା ୩୨-୨୦ରେ ସହଜ ବିଜୟ ହାସଲ କରିଛି। ଗୁଜରାଟ ଏପର୍ଯ୍ୟନ୍ତ ଖେଳିଥିବା ୪ଟି ମ୍ୟାଚ ମଧ୍ୟରେ ଦଳର ଏହା ହେଉଛି ପ୍ରଥମ ପରାଜୟ। ମ୍ୟାଚରେ ଏହାର ରେଡର ଏବଂ ଡିଫେଣ୍ଡରମାନେ ମୁମ୍ବାଇ ଖେଳାଳିଙ୍କ ସମତୁଲ ହୋଇ ପାରି ନ ଥିଲେ।

# ଭାରତ-ୱେଷ୍ଟଇଣ୍ଡିଜ୍ ପ୍ରଥମ ଟି୨୦ ଆଜି

ଲଡରହିଲ୍ (ଆମେରିକା), ୨।୮ (ପି.ଟି.)

ବିଶ୍ୱକପ୍ ପରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପ୍ରଥମଥର ପାଇଁ ଅନ୍ତର୍ଜାତୀୟ ମ୍ୟାଚ୍ରେ ଅବତୀର୍ଣ୍ଣ ହେବାକୁ ଯାଉଛି। ବିଶ୍ୱକପ୍ରେ ହଟ୍ ଫେଭରାଇଟ ବିବେଚିତ ହେଉଥିବା ଭାରତ ସେମିଫାଇନାଲରେ ଅପ୍ରତ୍ୟାଶିତ ଭାବେ ପରାସ୍ତ ହୋଇ ବିଦାୟ ନେଇଥିଲା। ଏହି ବିଫଳତାକୁ ପଛରେ ପକାଇ ଭାରତ ୱେଷ୍ଟଇଣ୍ଡିଜ ଗସ୍ତରେ ଶନିବାର ଫ୍ଲୋରିଡାର ସ୍ଥାନୀୟ ସେଣ୍ଟ୍ରାଲ ବ୍ରୱାର୍ଡ ରିଜିଓନାଲ ପାର୍କ ଷ୍ଟାଡିୟମରେ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜର ପ୍ରଥମ ମୁକାବିଲାରେ ଅବତୀର୍ଣ୍ଣ ହେବ। ଆସନ୍ତାବର୍ଷ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଆୟୋଜନ ହେବ। ଫଳରେ ଭାରତ ଏହି ସିରିଜରୁ ତା'ର ପ୍ରସ୍ତୁତି ଆରମ୍ଭ କରିବା ଲକ୍ଷ୍ୟରେ ରହିଛି।

ଏହି ଗସ୍ତ ପାଇଁ ଭାରତ ଛାଡିବା ପୂର୍ବରୁ କୋହଲି ଟି୨୦ ଓ ଦିନିକିଆ ସିରିଜର ଗୁରୁତ୍ୱ ସମ୍ପର୍କରେ ଗଣମାଧ୍ୟମକୁ କହିଥିଲେ। ଏହି ଦୁଇଟି ସୀମିତ ଓଭର ସିରିଜରେ ଚୟନକର୍ତ୍ତାଙ୍କ ମନରେ ଥିବା ଯୁବ ଖେଳାଳିଙ୍କ ପ୍ରଦର୍ଶନକୁ ପରୀକ୍ଷା ନିରୀକ୍ଷା କରାଯିବ। ସୀମିତ ଓଭର ମ୍ୟାଚ୍ଗୁଡିକରେ କୋହଲି ବିଶ୍ରାମ ନେବେ ବୋଲି ଆଶା କରାଯାଉଛି। ତେବେ ତାରକା ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍ରାଙ୍କ ବିନା ଏକ ପୂର୍ଣ୍ଣ ଭାରତୀୟ ଶକ୍ତିଶାଳୀ ଦଳ ପଡିଆକୁ ଓହ୍ଲାଇବ। ଅଗଷ୍ଟ ୨୨ରୁ ଆରମ୍ଭ ହେବାକୁ ଥିବା ଟେଷ୍ଟ ସିରିଜରେ ବୁମ୍ରା ଦଳରେ ସାମିଲ ହେବେ। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ପୂରା ଗସ୍ତରୁ ବିଶ୍ରାମ ଦିଆଯାଇଛି।

ବିଶ୍ୱକପ୍ରୁ ବାଦ୍ ପଡିଥିବା ଶ୍ରେୟାସ ଆୟାର ଓ ମନୀଷ ପାଣ୍ଡେ ଏହି ସିରିଜରେ ଦଳ ତରଫରୁ ପ୍ରତିନିଧିତ୍ୱ କରିବେ। ୨୦୧୮ ନଭେମ୍ବରରେ ପାଣ୍ଡେ ଶେଷଥର ଭାରତ ପାଇଁ ମ୍ୟାଚ୍ ଖେଳିଥିଲେ। ସେହିପରି ୨୦୧୮ ଫେବୃୟାରୀରେ ଆୟର ଭାରତ ତରଫରୁ ତାଙ୍କ ଶେଷ ମ୍ୟାଚ୍ ଖେଳିଥିଲେ। ଭାରତୀୟ ମିଡଲ ଅର୍ଡର ଅସ୍ଥିର ପ୍ରଦର୍ଶନ କରୁଥିବା ବେଳେ ଏହି ଦୁଇ ବ୍ୟାଟ୍ସମ୍ୟାନ ଆଗାମୀ ୬ଟି ମ୍ୟାଚରେ ନିଜକୁ ପ୍ରମାଣ କରିବା ପାଇଁ ସୁଯୋଗ ହାସଲ କରିଛନ୍ତି। ୱେଷ୍ଟଇଣ୍ଡିଜ୍ରେ ସଦ୍ୟ ସମାପ୍ତ ଏ' ସିରିଜରେ ପାଣ୍ଡେ ଓ ଆୟାର ବହୁ ପରିମାଣରେ ରନ୍ ସଂଗ୍ରହ କରି ସିନିୟର ଦଳରେ ସ୍ଥାନ ପାଇଛନ୍ତି। ସ୍ପିନ୍ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ଓ ଦ୍ରୁତ ବୋଲର ଖଲିଲ ଅହମ୍ମଦ ଓ ଦୀପକ ଚହର ଟି୨୦ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଯୁବ ଦ୍ରୁତ ବୋଲର ନବଦୀପ ସଇନି ଓ ଦୀପକଙ୍କ ଭାଇ ରାହୁଲ ଭାରତ ପାଇଁ ପଦାର୍ପଣ କରିବାର ସୁଯୋଗ ହାସଲ କରିଛନ୍ତି।

ରୋହିତ ଶର୍ମା ଓ ଫିଟନେସ ହାସଲ କରି ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଶିଖର ଧାୱନ ଇନିଂସ ଓପନ୍ କରିବେ। ୪ ନମ୍ବରରେ ଲୋକେଶ ରାହୁଲ ବ୍ୟାଟିଂ କରିବା ଆଶା କରାଯାଉଛି। ୩ ବର୍ଷ ପୂର୍ବରୁ ରାହୁଲ ଏହି ଗ୍ରାଉଣ୍ଡରେ ଅପରାଜିତ ୧୧୦ ରନର ଶତକୀୟ ପାଳି ଖେଳିଥିଲେ। ରୋହିତ୍ ବିଶ୍ୱକପ୍ରେ ରେକର୍ଡ ୫ଟି ଶତକ ହାସଲ କରିବା ସହ ଟପ୍ ସ୍କୋରର ସାବ୍ୟସ୍ତ ହୋଇଥିଲେ। ଏବେ ସେ ଏହି ଫର୍ମକୁ ଜାରି ରଖିବେ ବୋଲି ଆଶା କରାଯାଉଛି। କୋହଲି ଓ ଉପ- ଅଧିନାୟକ ରୋହିତଙ୍କ ମଧ୍ୟରେ ମତ ପାର୍ଥକ୍ୟ ଅଛି ବୋଲି କୁହାଯାଉଥିଲେ ମଧ ଏହାକୁ ଅସ୍ୱୀକାର କରାଯାଇଛି। ଏହି ସିରିଜଠାରୁ ଆଗକୁ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନଙ୍କୁ ଅଧିକ ଦାୟିତ୍ୱର ସହ ଖେଳିବାକୁ ପଡିବ। ଚୟନକର୍ତ୍ତାମାନେ ତାଙ୍କୁ ସବୁ ଫର୍ମାଟ୍ରେ ୧ ନମ୍ବର ଉଇକେଟକିପର ବ୍ୟାଟ୍ସମ୍ୟାନ ରୂପେ ବିବେଚନା କରୁଛନ୍ତି। ଯଦିଓ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କ ଭବିଷ୍ୟତ ନେଇ କିଛି ସ୍ପଷ୍ଟ କରାଯାଇ ନାହିଁ।

ଅପରପକ୍ଷରେ ଟି୨୦ରେ ୱେଷ୍ଟଇଣ୍ଡିଜ୍ ସବୁଠାରୁ ବିପଜ୍ଜନକ ଦଳ ବିବେଚିତ ହେଉଛି। ତେବେ ଏହା ସତ୍ତ୍ୱେ ଭାରତ ସିରିଜ ହାତେଇବା ଆଶା କରାଯାଉଛି। ବିସ୍ଫୋରକ ବ୍ୟାଟ୍ସମ୍ୟାନ କିରନ ପୋଲାର୍ଡ ଓ ସ୍ପିନର ସୁନୀଲ ନାରିନ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅଭିଜ୍ଞ ଓପନର କ୍ରିସ୍ ଗେଲ ଦିନିକିଆ ସିରିଜ ଖେଳିବେ। ବିଶ୍ୱକପ୍ରେ ଖରାପ୍ ପ୍ରଦର୍ଶନ କରିଥିବା ୱେଷ୍ଟଇଣ୍ଡିଜ ଭାରତ ବିପକ୍ଷରେ ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି। ସିରିଜ ବେଶ୍ ସଂଘର୍ଷପୂର୍ଣ୍ଣ ଓ ମନୋରଞ୍ଜକ ହେବ ବୋଲି ୱେଷ୍ଟଇଣ୍ଡିଜ୍ କୋଚ୍ ଫ୍ଲଏଡ ରେଇଫର କହିଛନ୍ତି। ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ୱେଷ୍ଟଇଣ୍ଡିଜ୍ ଦଳ ବେଶ୍ ସନ୍ତୁଳିତ। ସିରିଜରେ ଚୌକା ଓ ଛକାର ବର୍ଷା ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।



ଅଭ୍ୟାସ ସେସନରେ ଭାରତୀୟ ଦଳ।

**ୱେଷ୍ଟଇଣ୍ଡିଜ ଦଳ**

କାର୍ଲୋସ ବ୍ରାଥୱେଟ (ଅଧିନାୟକ), ଜନ୍ କ୍ୟାମ୍ପବେଲ, ଏଭିନ ଲୁଇସ୍, ଶିମରନ ହେଟମେୟର, ନିକୋଲାସ ପୁରାନ, କିରନ ପୋଲାର୍ଡ, ରୋଭମ୍ୟାନ ପାୱେଲ, କିମୋ ପଲ, ସୁନୀଲ ନାରିନ, ଶେଲଡନ କୋଟ୍ରେଲ, ଓଶେନ ଥୋମାସ୍, ଆନ୍ଥୋନୀ ବ୍ରାମ୍ବଲ, ଜାସନ ମହମ୍ମଦ ଓ ଖାରୀ ପିଏରେ।

**ଭାରତୀୟ ଦଳ**

ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ଲୋକେଶ ରାହୁଲ, ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, ରିଷଭ ପନ୍ତ, କ୍ରୁନାଲ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ରାହୁଲ ଚହର, ଭୁବନେଶ୍ୱର କୁମାର, ଖଲିଲ ଅହମ୍ମଦ, ଦୀପକ ଚହର ଓ ନବଦୀପ ସଇନି।

**ସମୟ: ରାତି ୮ଟା, ସ୍ଥାନ: ଲଡରହିଲ, ଫ୍ଲୋରିଡା, ପ୍ରସାରଣ: ସୋନୀ ନେଟୱର୍କ**




ଆଇଏଏଏଫ ୱାର୍ଲ୍ଡ ରେସ୍ ୱାକିଂ କପ୍

## ୭ ବର୍ଷ ପରେ ଭାରତୀୟ ଦଳକୁ ବ୍ରୋଞ୍ଜ ପଦକ

ନୂଆଦିଲ୍ଲୀ, ୨।୮ (ପି.ଟି.)

ରୁଷିଆରେ ଆଇଏଏଏଫ୍ ୱାର୍ଲ୍ଡ ରେସ୍ ୱାକିଂ କପ୍ ଆୟୋଜନର ୭ ବର୍ଷ ପରେ ଭାରତୀୟ ଦଳକୁ ବ୍ରୋଞ୍ଜ ପଦକ ମିଳିଛି। ଏହି ପ୍ରତିଯୋଗିତାରେ ୪ର୍ଥ ସ୍ଥାନରେ ରହିଥିବାରୁ ଭାରତୀୟ ଦଳ ଅଳ୍ପକେ ପୋଡିୟମ୍ ଫିନିଶ୍ କରିପାରି ନ ଥିଲା। ମାତ୍ର ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ପାଇଥିବା ୟୁକ୍ରେନ୍ ଦଳର ଜଣେ ସଦସ୍ୟ ଡୋପ୍ ଟେଷ୍ଟରେ ବିଫଳ ହୋଇଥିବାରୁ ଅପ୍ଗ୍ରେଡ୍ ନିୟମରେ ଭାରତକୁ ତୃତୀୟ ସ୍ଥାନ ମିଳିଛି। କେ.ଟି. ଇନ୍ଫ୍ରା, ବାବୁଭାଇ ପନୁଚା ଓ ସୁରିନ୍ଦର ସିଂଙ୍କୁ ନେଇ ଗଠିତ ଭାରତୀୟ ଦଳ ପୁରୁଷ ୨୦ କିଲୋମିଟର ଟିମ୍ ଇଭେଣ୍ଟରେ ୪ର୍ଥ ସ୍ଥାନ ପାଇଥିଲା। ୨୦୧୨ ମେ'ରେ ସାରାନସ୍କରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଚାଇନା, ୟୁକ୍ରେନ୍ ଓ ଅଷ୍ଟ୍ରେଲିଆ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିଲେ। ମାତ୍ର ୟୁକ୍ରେନ ରେସ୍ ୱାକର ରୁସ୍ଲାନ ଡିମିଟ୍ରେଙ୍କୋ ବାୟୋଲୋଜିକାଲ ପାସ୍ପୋର୍ଟ ବିଶ୍ଳେଷଣ ଭିତ୍ତିରେ ୭ ବର୍ଷ ପରେ ଅଯୋଗ୍ୟ ଘୋଷିତ ହୋଇଥିବାରୁ ପରବର୍ତ୍ତୀ ଦଳଗୁଡ଼ିକ ଅପ୍ଗ୍ରେଡ ହିସାବରେ ଫାଇଦା ପାଇଛନ୍ତି। ଅଷ୍ଟ୍ରେଲିଆ ରୌପ୍ୟ ପଦକ ହାସଲ କରିଥିବାବେଳେ ଭାରତକୁ ବ୍ରୋଞ୍ଜ ପଦକ ପ୍ରଦାନ କରାଯାଇଛି।

ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ଶ୍ରେଷ୍ଠ ସମୟ ନେଇଥିବା ୩ ଫିନିଶରଙ୍କୁ ନେଇ ଟିମ୍ ର୍ୟାଙ୍କିଂ ହୋଇଥିଲା। ଏହି ଭିତ୍ତିରେ ଭାରତ ୬୮ ପଏଣ୍ଟ ପାଇ ୪ର୍ଥରେ ସନ୍ତୁଷ୍ଟ ହୋଇଥିଲା। ଡୋପିଂ ଅପରାଧ ଯୋଗୁ ଡିମିଟ୍ରେଙ୍କୋଙ୍କ ଟାଇମିଂକୁ ବାଦ୍ ଦିଆଯିବା ପରେ ଭାରତ ଓ ୟୁକ୍ରେନ୍ର ପଏଣ୍ଟ ସମାନ ହୋଇଯାଇଥିଲା। ମାତ୍ର ଭାରତର ତୃତୀୟ ସ୍ଥାନୀୟ ୱାକର ୨୯ତମ ସ୍ଥାନ ପାଇଥିବାବେଳେ ୟୁକ୍ରେନ୍ ୫୧ତମ ସ୍ଥାନ ପାଇଥିବାରୁ ଭାରତର ପଲା ଭାରି ରହିଥିଲା। ଡିମିଟ୍ରେଙ୍କୋ ବ୍ୟକ୍ତିଗତ ବିଭାଗରେ ପାଇଥିବା ବ୍ରୋଞ୍ଜ ପଦକକୁ ମଧ ପ୍ରତ୍ୟାହାର କରି ନିଆଯାଇଛି।

## ରୋହିତଙ୍କ ପାଇଁ ରେକର୍ଡ ଭାଙ୍ଗିବା ସୁଯୋଗ

ଲଡରହିଲ୍(ଆମେରିକା), ୨।୮ (ପି.ଟି.)

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଟି୨୦ ସିରିଜର ପ୍ରଥମ ମ୍ୟାଚ୍ ଶନିବାର ଏଠାରେ ଖେଳାଯିବ। ଏଥିରେ ଭାରତର ରନ୍ ମେଶିନ ରୋହିତ ଶର୍ମାଙ୍କ ପାଇଁ ଏକ ରେକର୍ଡ ଭାଙ୍ଗିବା ସୁଯୋଗ ରହିଛି। ରୋହିତ ଆଉ ୪ଟି ଛକା ମାରିପାରିଲେ ୱେଷ୍ଟଇଣ୍ଡିଜର କ୍ରିସ୍ ଗେଲ୍ଙ୍କ ସର୍ବାଧିକ ଟି୨୦ ଅନ୍ତର୍ଜାତୀୟ ଛକା ରେକର୍ଡକୁ ଅତିକ୍ରମ କରିପାରିବେ। କ୍ୟାରିୟରରେ ୯୪ଟି ଟି୨୦ ଖେଳିଥିବା ରୋହିତ ୧୦୨ଟି ଛକା ମାରିସାରିଛନ୍ତି। ସେହି ତୁଳନାରେ ଦେଖିବାକୁ ଗଲେ ଜାମାଇକାର ହାର୍ଡ ହିଟର ବ୍ୟାଟ୍ସମ୍ୟାନ ଗେଲ୍ ୫୮ଟି ଟି୨୦ରୁ ୧୦୫ଟି ଛକା ମାରି ଆଗରେ ରହିଛନ୍ତି। ନ୍ୟୁଜିଲାଣ୍ଡର ମାର୍ଟିନ ଗୁପ୍ଟିଲ ୭୬ ମ୍ୟାଚ୍ରୁ ୧୦୩ ଛକା ମାରି ଗେଲ୍ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଭାରତ-ୱେଷ୍ଟଇଣ୍ଡିଜ ୩ ମ୍ୟାଚ୍ବିଶିଷ୍ଟ ସିରିଜରେ ୩୯ ବର୍ଷୀୟ ଗେଲ୍ ସାମିଲ ନାହାନ୍ତି। ତେଣୁ ରୋହିତଙ୍କ ପାଇଁ ସମ୍ଭାବନା ଦୃଢ଼ୀଭୂତ ହୋଇଛି। ଏହି ଭାରତୀୟ ଓପନର ଟି୨୦ରେ ସର୍ବାଧିକ ସ୍କୋରର ହେବାର ସୌଭାଗ୍ୟ ପାଇସାରିଛନ୍ତି। ସେ ୪ ଶତକ ଓ ୧୬ ଅର୍ଦ୍ଧଶତକ ସହ ୩୨.୩୭ ଆଭରେଜ୍ରେ ୨୩୩୧ ରନ୍ ସଂଗ୍ରହ କରିଛନ୍ତି। ଗତ ଆଇସିସି ବିଶ୍ୱକପ୍ରେ ରୋହିତ ରେକର୍ଡ ୫ଟି ଶତକ ହାସଲ କରିଥିଲେ। ତେଣୁ ଆଗାମୀ ଟି୨୦ ସିରିଜରେ ମଧ ସେ ଭଲ ପ୍ରଦର୍ଶନ କରିବା ଆଶା ରହିଛି।



ରୋହିତ ଶର୍ମା

### କୋହଲିଙ୍କ ଫେଭରାଇଟ୍ ରୋନାଲ୍ଡୋ

ଜୁରିକ୍,୨।୮ (ପିଟି)

ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ଜଣେ ବଡ଼ ଫୁଟ୍ବଲ ପ୍ରଶଂସକ। ଏ କଥା କାହାକୁ ଅଛପା ନାହିଁ। ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ଆର୍ଜେଣ୍ଟିନା ଷ୍ଟାର ଲିଓନେଲ ମେସିଙ୍କ ମଧ୍ୟରେ କିଏ ଶ୍ରେଷ୍ଠ ବୋଲି ଫୁଟ୍ବଲ ପ୍ରଶଂସକଙ୍କ ମଧ୍ୟରେ ସର୍ବଦା ଆଲୋଚନା ହୁଏ। କୋହଲି ଏଥିରେ ସାମିଲ ହୋଇ ପର୍ତ୍ତୁଗାଲ ଅଧିନାୟକ ରୋନାଲ୍ଡୋଙ୍କ ସପକ୍ଷରେ ମତ ବାଢ଼ିଛନ୍ତି। କିମ୍ବଦନ୍ତୀ ଲିଓନେଲ ମେସିଙ୍କଠାରୁ ରୋନାଲ୍ଡୋ ବହୁତ ଅଧିକ ଚ୍ୟାଲେଞ୍ଜ ଗ୍ରହଣ କରି ସମସ୍ତ ସଫଳତା ପାଇସାରିଛନ୍ତି। ତାଙ୍କ ଭଳି ସମ୍ପୂର୍ଣ୍ଣ ଖେଳାଳି ମୁଁ ଦେଖିନାହିଁ। ମୋ ପାଇଁ ରୋନାଲ୍ଡୋ ସଭିଙ୍କଠାରୁ ଉପରେ। ତାଙ୍କ କମିଟ୍ମେଣ୍ଟ ଓ କାର୍ଯ୍ୟପନ୍ଥା କାହା ସହ ତୁଳନୀୟ ନୁହେଁ। ସେ ଯେଉଁ କ୍ଲବ ପକ୍ଷରୁ ଖେଳନ୍ତି, ମୁଁ ତାକୁ ସମର୍ଥନ କରେ। ସେ ମୋ ଲାଗି ପ୍ରେରଣାର ଉତ୍ସ ବୋଲି ଶୀର୍ଷ ର୍ୟାଙ୍କଧାରୀ ବ୍ୟାଟ୍ସମ୍ୟାନ ଫିଫା ଡଟ୍ କମ୍କୁ କହିଛନ୍ତି।

### ଟିମ୍ ଇଣ୍ଡିଆର କୋଚ୍ ପଦ ଲାଗି ୨ ହଜାର ଆବେଦନ

ମୁମ୍ବାଇ,୨।୮

ଭାରତୀୟ କ୍ରିକେଟ ଦଳର ବିଭିନ୍ନ କୋଚିଂ ଷ୍ଟାଫ ପଦ ଲାଗି ୨ ହଜାର ଆବେଦନ ଦାଖଲ ହୋଇଛି। ଏ ନେଇ ଇଂଲିଶ ଖବରକାଗଜ ମୁମ୍ବାଇ ମିରରରେ ଏକ ରିପୋର୍ଟ ପ୍ରକାଶ ପାଇଛି। କିନ୍ତୁ ଏମାନଙ୍କ ମଧ୍ୟରେ ଖୁବ୍କମ ବଡ଼ ନାମ ରହିଛି। ରବି ଶାସ୍ତ୍ରୀଙ୍କ ନେତୃତ୍ୱାଧୀନ କୋଚିଂ ଟିମ୍ର କାର୍ଯ୍ୟକାଳ ୨୦୧୯ ଆଇସିସି ବିଶ୍ୱକପ୍ରେ ଶେଷ ହେଉଥିଲା। କିନ୍ତୁ ନୂଆ କୋଚ୍ ନିଯୁକ୍ତି ପ୍ରକ୍ରିୟା ଲାଗି କିଛି ସମୟ ଦରକାର ଥିବାରୁ ଶାସ୍ତ୍ରୀଙ୍କ ଟିମ୍ର କାର୍ଯ୍ୟକାଳ ବୃଦ୍ଧି କରାଯାଇଥିଲା। ବ୍ୟାଟିଂ କୋଚ୍ ସଞ୍ଜୟ ବାଙ୍ଗର, ବୋଲିଂ କୋଚ୍ ଭରତ ଅରୁନ ଓ ଫିଲ୍ଡିଂ କୋଚ୍ ଏସ୍. ଶ୍ରୀଧର ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ୍ ଶେଷ ହେବା ପରେ ପଦ ଛାଡ଼ିବେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଜୁଲାଇ ୧୬ ତାରିଖରେ କୋଚ୍ ଓ ସପୋର୍ଟ ଷ୍ଟାଫ୍ଙ୍କ ପଦ ଲାଗି ବିଜ୍ଞାପନ ଦେଇଥିଲା।

## ବିବାହ ତାରିଖ ଘୋଷଣା କଲେ ହସନ ଅଲି

କରାଚୀ, ୨।୮ (ପି.ଟି.)

ପାକିସ୍ତାନ ପେସ୍ ବୋଲର ହସନ ଅଲିଙ୍କ ଜଣେ ଭାରତୀୟଙ୍କୁ ବିବାହ ନେଇ ଯେଉଁ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା, ତାହାର ଅବସାନ ଘଟିଛି। ଅଗଷ୍ଟ ୨୦ରେ ଦୁବାଇରେ ଶାମିଆ ଆର୍ଜୁଙ୍କ ସହିତ ତାଙ୍କର ବିବାହ ସମ୍ପନ୍ନ ହେବ ବୋଲି ହସନ ଶୁକ୍ରବାର ଘୋଷଣା କରିଛନ୍ତି। ଦୁବାଇରେ ଅବସ୍ଥାନ କରୁଥିବା ଶାମିଆ ଏମିରେଟ୍ସ ଏୟାରଲାଇନ୍ସରେ ଜଣେ ଇଂଜିନିୟର ଭାବେ କାର୍ଯ୍ୟରତ। ତାଙ୍କ ପରିବାରବର୍ଗ କିନ୍ତୁ ଦିଲ୍ଲୀରେ ସ୍ଥାୟୀ ଭାବେ ବସବାସ କରୁଛନ୍ତି। ହସନ ତାଙ୍କ ନିଜ ସହର ଗୁଜରାନୱାଲାଠାରେ ଏକ ଖବରଦାତା ସମ୍ମିଳନୀରେ ତାଙ୍କ ବିବାହ ତାରିଖ ସ୍ପଷ୍ଟ କରିଥିଲେ। ବିବାହ ଉତ୍ସବ ବଡ଼ ଆକାରରେ ନ କରିବା ଲାଗି ଉଭୟ ପରିବାର ସ୍ଥିର କରିଛନ୍ତି। ବିବାହ ପରେ ଶାମିଆ ଗୁଜରାନୱାଲାରେ ବାସ କରିବେ। ସୂଚନାଯୋଗ୍ୟ, ଶାମିଆ ମାନବ ରଚନା ୟୁନିଭର୍ସିଟିରୁ ଏରୋନଟିକ୍ସରେ ଡିଗ୍ରୀ ହାସଲ କରିଛନ୍ତି। ସେ ଆହୁରି ମଧ ଇଂଲଣ୍ଡରେ ପାଠ ପଢିଛନ୍ତି। ହସନ କହିଛନ୍ତି ବିବାହ ଦିନ ସେ କଳା ଓ ଲାଲ୍ ରଙ୍ଗର ଶେରୱାନୀ ପରିଧାନ କରିବେ। ଶାମିଆ ଇଣ୍ଡିଆନ ଷ୍ଟାଇଲ୍ ପୋଷାକ ପରିଧାନ କରିବେ। ହସନ କହିଛନ୍ତି, ବର୍ଷକ ପୂର୍ବେ ଦୁବାଇଠାରେ ଶାମିଆଙ୍କ ସହିତ ତାଙ୍କର ପ୍ରଥମ ଭେଟ ହୋଇଥିଲା। ଉଭୟଙ୍କ ମଧ୍ୟରେ କ୍ରମେ ବନ୍ଧୁତା ବୃଦ୍ଧି ପାଇଥିଲା। ଶେଷରେ ଆମେ ବିବାହ କରିବାକୁ ଯାଉଛୁ। ଭାରତୀୟ କନ୍ୟାକୁ ବିବାହ କରିବାରେ ଜାହିର ଆବାସ, ମୋହସିନ ଖାଁ ଓ ଶୋଏବ ମଲିକଙ୍କ ପରେ ହସନ ହେଉଛନ୍ତି ଚତୁର୍ଥ ପାକିସ୍ତାନୀ କ୍ରିକେଟର। ମଲିକ ୨୦୧୦ରେ ଭାରତୀୟ ଟେନିସ ଷ୍ଟାର ସାନିଆ ମିର୍ଜାଙ୍କୁ ବିବାହ କରିଥିଲେ। ଉଭୟଙ୍କର ଏକ ପୁତ୍ର ସନ୍ତାନ ରହିଛି। ଭାରତୀୟ ମହିଳାଙ୍କୁ ବିବାହ କରିବାରେ ଜାହିର ଆବାସ ହେଉଛନ୍ତି ପାକିସ୍ତାନୀ ଖେଳାଳି।



ହସନ ଅଲି
ଶାମିଆ ଆର୍ଜୁ

## କ୍ୱାର୍ଟର ଫାଇନାଲରେ ଆଶୁତୋଷ

**ଅଲ୍ଇଣ୍ଡିଆ ଓପନ ସ୍ନୁକର**

ଚେନ୍ନାଇ, ୨।୮ (ପି.ଟି.)

ଏଠାରେ ଚାଲିଥିବା କ୍ୟୁ-ଲଙ୍ଗ୍ ଅଲ୍ ଇଣ୍ଡିଆ ଓପନ୍ ସ୍ନୁକର ଚାମ୍ପିୟନଶିପ୍ରେ ଓଡ଼ିଶା କ୍ୟୁ ସ୍ପୋର୍ଟ୍ସ ତାରକା ଆଶୁତୋଷ ପାଢ଼ୀଙ୍କ ଆକର୍ଷଣୀୟ ପ୍ରଦର୍ଶନ ଅବ୍ୟାହତ ରହିଛି। ଶୁକ୍ରବାର ଅନୁଷ୍ଠିତ ପ୍ରି-କ୍ୱାର୍ଟର ଫାଇନାଲରେ ଏହି ଓଡ଼ିଆ ଖେଳାଳି ଜାତୀୟ ଜୁନିୟରର ୨ ନମ୍ବର ର୍ୟାଙ୍କ୍ରେ ଥିବା ମହାରାଷ୍ଟ୍ରର କ୍ରିଶ୍ ଗୁରବକ୍ସାନିଙ୍କୁ ୪-୨ ଫ୍ରେମ୍ରେ ପରାସ୍ତ କରିଛନ୍ତି। ପ୍ରଥମ ଗେମ୍କୁ ୨୮-୯୯ରେ ହାରିଥିଲେ ହେଁ ଏକାଗ୍ରତା ନ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ ଆଶୁତୋଷ। ଦ୍ୱିତୀୟ ଓ ତୃତୀୟ ଗେମ୍ରେ ସେ ଯଥାକ୍ରମେ ୭୦-୧୫, ୭୭-୦ରେ ଜିତି ଅଗ୍ରଣୀ ହାସଲ କରିଥିଲେ। ଗୁରବକ୍ସାନି ୪ର୍ଥ ଗେମ୍କୁ ୬୦-୨୦ରେ ଜିତି ମ୍ୟାଚ୍କୁ ସମାନ ସ୍ତରକୁ ଆଣିଥିଲେ ହେଁ ଅଭିଜ୍ଞତାର ଉପଯୋଗ କରି ଆଶୁତୋଷ ପରବର୍ତ୍ତୀ ୨ ଗେମ୍କୁ ଯଥାକ୍ରମେ ୭୪-୭୨ ଓ ୬୨-୨୩ ପଏଣ୍ଟରେ ଜିତି ମ୍ୟାଚ୍ ବିଜୟୀ ହୋଇଥିଲେ। କ୍ୱାର୍ଟର ଫାଇନାଲରେ ଏହି ଓଡ଼ିଶା ଖେଳାଳି ଲକ୍ଷ୍ମଣ ରାୱତଙ୍କୁ ଭେଟିବେ। ରାୱତ ପ୍ରି-କ୍ୱାର୍ଟର ଫାଇନାଲରେ ୪-୦ ଫ୍ରେମ୍ରେ ହରି ରାଜାମଣିଙ୍କୁ ପରାସ୍ତ କରିଥିଲେ। ଅନ୍ୟ ୩ଟି କ୍ୱାର୍ଟର ଫାଇନାଲ ରାଫାତ ହବିବ-ପଣ୍ଡୁରଙ୍ଗିଆ, ଗିରିଶ-ବରୁଣ କୁମାର, ଦିଲୀପ କୁମାର-ଯୋଗେଶ କୁମାରଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ପ୍ରି-କ୍ୱାର୍ଟରରେ ବରୁଣ ୪-୨ରେ ଅନୁଜ ଉପ୍ପଲ, ପଣ୍ଡୁରଙ୍ଗିଆ ୪-୨ରେ ଦକ୍ଷ ରେଡ୍ଡୀ, ଦିଲୀପ କୁମାର ୪-୨ରେ ନିଖିଲ, ଗିରିଶ ୪-୨ରେ ବିଜୟ ନିଚାନି ଏବଂ ଯୋଗେଶ ୪-୦ ଫ୍ରେମ୍ରେ ପିଟର ପଲ୍ଙ୍କୁ ପରାସ୍ତ କରିଥିଲେ।



ଆଶୁତୋଷ ପାଢ଼ୀ

### ବିଶ୍ୱ ଚାମ୍ପିୟନଙ୍କୁ ହରାଇଲେ ନୀରଜ

ନୂଆଦିଲ୍ଲୀ,୨।୮ (ପି.ଟି.)

ରୁଷିଆର କାସ୍ପିସ୍କଠାରେ ଚାଲିଥିବା ମାଗୋମେଡ ସଲାମ ଉମାଖାନୋଭ ସ୍ମାରକୀ ଅନ୍ତର୍ଜାତୀୟ ବକ୍ସିଂ ଟୁର୍ନାମେଣ୍ଟରେ ଭାରତ ନୀରଜ ଫାଇନାଲରେ ପ୍ରବେଶ କରିଛନ୍ତି। ଇଣ୍ଡିଆ ଓପନ ଗୋଲ୍ଡ ମେଡାଲିଷ୍ଟ ନୀରଜ ସେମିଫାଇନାଲରେ ୨୦୧୬ ବିଶ୍ୱ ଚାମ୍ପିୟନ ଆଲେସିଆ ମେସିଆନୋଙ୍କୁ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ୫୭ କେ.ଜି. ବର୍ଗ ମୁକାବିଲାରେ ଷ୍ଟ୍ରାଣ୍ଡଜା ମେମୋରିଆଲ ବ୍ରୋଞ୍ଜ୍ ପଦକ ବିଜେତା ନୀରଜ ୩-୨ରେ ମେସିଆନୋଙ୍କୁ ହରାଇ ଫାଇନାଲକୁ ଉଠିବା ସହ ଅତିକମ୍ରେ ରୌପ୍ୟ ପଦକ ନିଶ୍ଚିତ କରିଛନ୍ତି। ଏହି ନିର୍ଣ୍ଣାୟକ ମ୍ୟାଚ୍ରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ତେବେ ଫାଇନାଲ ରାଉଣ୍ଡରେ ନୀରଜ କେତୋଟି କ୍ଲିୟର ପଞ୍ଚ୍ ମାରି ମ୍ୟାଚ୍କୁ ହାତେଇ ନେଇଥିଲେ।

ପୂର୍ବରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜେତା ଗୌରବ ସୋଲାଙ୍କି ଓ ୨୦୧୯ ଇଣ୍ଡିଆ ଓପନ ରୌପ୍ୟ ପଦକ ବିଜେତା ଗୋବିନ୍ଦ ସାହାଣୀ ଗୁରୁବାର ସେମିଫାଇନାଲରେ ପ୍ରବେଶ କରି ଦୁଇଟି ପଦକ ନିଶ୍ଚିତ କରିଥିଲେ। ଚଳିତ ବର୍ଷ ଇଣ୍ଡିଆ ଓପନ୍ରେ ବ୍ରୋଞ୍ଜ୍ ପଦକ ଜିତିଥିବା ଗୌରବ ରୁଷିଆର ମାକସିମ ଚେରନିଶେଭଙ୍କୁ ସ୍ପ୍ଲିଟ୍ ଭର୍ଡିକ୍ଟ ଜରିଆରେ ୩-୨ରେ ହରାଇ ୫୬ କେ.ଜି. ବର୍ଗର ସେମିଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ଗୋବିନ୍ଦ ତାଜିକିସ୍ତାନର ଶେରମୁଖମ୍ମଦ ରୁଷ୍ଟାମୋଭଙ୍କୁ ୪୯ କେ.ଜି. ବର୍ଗରେ ଟୁର୍ନାମେଣ୍ଟରେ ପ୍ରଥମ ବିଜୟ ହାସଲ କରିଥିଲେ।

## ସଂକ୍ଷେପରେ

ଡାଲମିଆ ଭାରତ ସିମେଣ୍ଟ କାରଖାନାର ବେଆଇନ ଗେଟ୍ ନିର୍ମାଣ ମାମଲା

### ଜିଲାପାଳଙ୍କ ଆଦେଶକୁ ଖାରଜ କଲେ ହାଇକୋର୍ଟ

**କଟକ ଅଫିସ, ୨।୮:** ରାଜଗାଙ୍ଗପୁର ସହରରେ ଥିବା ଡାଲମିଆ ଭାରତ ସିମେଣ୍ଟ କାରଖାନା ପକ୍ଷରୁ ଜନସାଧାରଣଙ୍କ ରାସ୍ତା ଉପରେ ଏକ ଗେଟ୍ ନିର୍ମାଣ କରାଯାଇଥିଲା। ଏହାକୁ ସ୍ଥାନୀୟ ଜିଲାପାଳ ସ୍ୱୀକୃତି ପ୍ରଦାନ କରିଥିଲେ। ତେବେ ଏ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଏହି ମାମଲାର ଶୁଣାଣି କରି ଜିଲାପାଳଙ୍କ ନିର୍ଦ୍ଦେଶକୁ ଖାରଜ କରିଦେଇଛନ୍ତି। ସୂଚନା ଅନୁଯାୟୀ, ଉକ୍ତ କମ୍ପାନୀ ପକ୍ଷରୁ ନିର୍ମାଣ କରାଯାଇଥିବା ଗେଟ୍‌କୁ ନେଇ ପ୍ରଥମେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ସ୍ଥାନୀୟ ତହସିଲଦାରଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ତଦନ୍ତ ବେଳେ ନୂଆଗେଟ୍ ନିର୍ମାଣ କରିବାର ଯଥାର୍ଥତା ନାହିଁ ହୃଦ୍‌ବୋଧ କରି ନିର୍ମାଣ କାମ ବନ୍ଦ କରିଥିଲେ। ଏହି ନିଷ୍ପତ୍ତି ବିରୋଧରେ କମ୍ପାନୀ ପକ୍ଷରୁ ଚ୍ୟାଲେଞ୍ଜ କରାଯାଇ ନ ଥିଲା। ପରବର୍ତ୍ତୀ ସମୟରେ ସୁନ୍ଦରଗଡ଼ ଜିଲାପାଳ ଏକ ବୈଠକ ଡାକି କମ୍ପାନୀକୁ ଗେଟ୍ ନିର୍ମାଣ କରିବାକୁ ଅନୁମତି ଦେଇଥିଲେ। ଏହା ପରେ ସୁଧାଂଶୁ ରଞ୍ଜନ ସାହୁ, ସୁମିତ ନିଲମ ସାହୁ ହାଇକୋର୍ଟରେ ଆଉ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ।

# କୂଳ ଲଂଘୁଛି ସମୁଦ୍ର

**ପୁରୀ ଅଫିସ, ୨।୮**



ବାତ୍ୟା ଫନୀର ୩ମାସ ପରେ ପୁଣି କୂଳ ଲଂଘିଛି ସମୁଦ୍ର। ଦେଖାଇଛି ଭୟଙ୍କର ରୂପ। କିଛିଦିନ ଧରି ଉଚ୍ଚ ଜୁଆର ଦେଖିବାକୁ ମିଳୁଛି। ସ୍ୱର୍ଗଦ୍ୱାର ସମ୍ମୁଖରେ ଏହି ଜୁଆର କୂଳ ଖାଉଛି। ଜୁଆର ମାଡ଼ରେ ବାଲି ଅତଡ଼ା ମଧ୍ୟ ଧସୁଛି। ଶୁକ୍ରବାର ସକାଳେ ପ୍ରାୟ ୪/୫ ଫୁଟ ଉଚ୍ଚ ଜୁଆର ମାଡ଼ି ଆସି ଉଠାଦୋକାନୀଙ୍କ ପସରାକୁ ଭସେଇ ନେଇଛି। ଫଳରେ ବେଳାଭୂମିର ବ୍ୟବସାୟୀମାନେ ଭୟଭୀତ ହୋଇପଡ଼ିବା ସହ ସେମାନଙ୍କ ଦୋକାନକୁ ରାସ୍ତା ଉପରକୁ ଉଠାଇ ନେଇଛନ୍ତି। ସେହିପରି ପର୍ଯ୍ୟଟକଙ୍କୁ ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିକୁ ଯିବା ଲାଗି ବାରଣ କରାଯାଇଛି।

ଏହାର ପ୍ରତିକାର କରା ନ ଗଲେ ସମୁଦ୍ର ବେଳାମାର୍ଗ ନିକଟତର ହେବା ସମ୍ଭାବନା ରହିଛି। ଗତବର୍ଷ ଏହି ସ୍ଥାନରେ ସମୁଦ୍ର କୂଳ ଖାଉଥିଲା। ଏହାକୁ ନେଇ ବ୍ୟବସାୟୀମାନେ ମଧ୍ୟ ଭୟଭୀତ ହୋଇପଡ଼ିଥିଲେ। ପ୍ରତିକାର ଲାଗି ଚେନ୍ନାଇରୁ ଏକ ବିଶେଷଜ୍ଞ ଟିମ୍ ପୁରୀ ଆସି ଅନୁଧ୍ୟାନ କରିଥିଲେ। ବେଳାଭୂମିରେ ଜିଓ ସିନ୍ଥେଟିକ ପ୍ରାଚୀର ନିର୍ମାଣ କରିବା ପାଇଁ ପରାମର୍ଶ ଦେଇଥିଲେ। ମାତ୍ର ବେଳାଭୂମିର ସୌନ୍ଦର୍ଯ୍ୟ ପାଇଁ ତାହା କାର୍ଯ୍ୟକାରୀ କରାଯିବା ସମ୍ଭବ ନ ହେବାରୁ ଅନ୍ୟ କିଛି ପ୍ରତିକାର ଲାଗି ଯୋଜନା ହୋଇଥିଲା। ପରେ ଏହାକୁ ସମସ୍ତେ ଭୁଲି ଯାଇଥିଲେ। ଏବେ ପୁଣି ସମୁଦ୍ର କୂଳ ଲଂଘୁଥିବାରୁ ସମସ୍ତଙ୍କ ଚିନ୍ତା ବଢ଼ିଛି। ଅନ୍ୟପକ୍ଷରେ ଗୁରୁବାର ଅମାବାସ୍ୟା ଥିବାରୁ ସମୁଦ୍ରରେ ଉଚ୍ଚ ଜୁଆର ସୃଷ୍ଟି ହୋଇଥିବା ଅନେକ ମତବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ବଲୱନ୍ତ ସିଂ କହିଛନ୍ତି,

■ଜୁଆର ଭସାଇନେଲା ଉଠାଦୋକାନ

■ପଦକ୍ଷେପ ପାଇଁ ଖୁବ୍‌ଶୀଘ୍ର ବୈଠକ ବସିବ

ବେଳାଭୂମିର ବହୁତ ଜାଗା ଜବରଦଖଲ କରାଯାଇଛି। ଦିଗବାରେଣୀ ପାଖରେ ସମୁଦ୍ର ପାଣି ପାଖାପାଖି କେତେକ ଉଠାଦୋକାନୀ ବସିଛନ୍ତି। ଖୁବ୍‌ଶୀଘ୍ର ପୌରସଂସ୍ଥା ପକ୍ଷରୁ ଉଠାଦୋକାନୀ ସଂଘ ସହ ବୈଠକ ହେବ। ତେବେ ଆମକୁ ବେଳାଭୂମିର କିଛି ସ୍ଥାନ ଆଗକୁ ଛାଡ଼ି ପଛକୁ ଘୁଞ୍ଚି ଆସିବାକୁ ପଡ଼ିବ। ସମୁଦ୍ର ପାଣି ଆସିଲେ ଯେମିତି କାହାର କିଛି କ୍ଷତି ନ ହେବ ଏବଂ ପର୍ଯ୍ୟଟକମାନେ ବୁଲାବୁଲି କରିବାରେ ଯେପରି ସମସ୍ୟାରେ ନ ପଡ଼ିବେ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ପ୍ରଶାସନ ପକ୍ଷରୁ ବୈଠକ ବସି ଏହାର ସମାଧାନ ଲାଗି ପଦକ୍ଷେପ ନିଆଯିବ।

## ଭୟଭୀତ ଅବସ୍ଥାରେ ଚନ୍ଦ୍ରଭାଗା ତେଲୁଗୁ ବସ୍ତିବାସିନ୍ଦା

**କୋଣାର୍କ, ୨।୮(ଡି.ଏନ୍.ଏ.)**

ଦିନକୁ ଦିନ ଅଶାନ୍ତ ଓ ଉଗ୍ରରୂପ ଧାରଣ କରି ସମୁଦ୍ର କୂଳ ଲଙ୍ଘୁଥିବାରୁ ଭୟଭୀତ ଅବସ୍ଥାରେ ରହିଛନ୍ତି କୋଣାର୍କ ଏନ୍‌ଏସି ଅଧୀନସ୍ଥ ଚନ୍ଦ୍ରଭାଗା ତେଲୁଗୁ ବସ୍ତିର ଲୋକେ। ବିଗତ କେତେଦିନ ଧରି ଜୁଆର ମାଡ଼ ଯୋଗୁ ଚନ୍ଦ୍ରଭାଗା ତେଲୁଗୁ ବସ୍ତି ଏବଂ କୋଣାର୍କ ପୁରୀ ମେରାଇନ୍ ଡ୍ରାଇଭ ରାସ୍ତାପାର୍ଶ୍ୱରେ ବଡ଼ ବଡ଼ ଅତଡ଼ାମାନ ଖସି କୂଳ ଖାଇବାରେ ଲାଗିଛି। ସମୁଦ୍ର ଢେଉରୁ ତେଲୁଗୁ ବସ୍ତି ଓ କୋଣାର୍କ ପୁରୀ ମେରାଇନ୍ ଡ୍ରାଇଭ ରାସ୍ତାକୁ ସୁରକ୍ଷିତ ରଖିବା ପାଇଁ ବନ ବିଭାଗ ପକ୍ଷରୁ ହେନ୍ତାଳ ବନ ସୃଷ୍ଟି ସହ ପଥର ନିର୍ମିତ ପ୍ରାଚୀର ପାଇଁ ସାଧାରଣରେ ଦାବି ହେଉଛି। ଏହାସହ ଚନ୍ଦ୍ରଭାଗା କୂଳରେ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ ଲାଇଫ୍‌ଗାର୍ଡ ନିଯୁକ୍ତ କରାଯାଇ ନ ଥିବାରୁ ବିଗତ କିଛିଦିନ ଧରି ଅନେକ ପର୍ଯ୍ୟଟକଙ୍କର ସମୁଦ୍ରରେ ପ୍ରାଣହାନି ଘଟିଥିବା ନଜିର ରହିଛି। ଯଦି ପ୍ରଶାସନ ପକ୍ଷରୁ ଏନେଇ କୌଣସି ପଦକ୍ଷେପ ନିଆ ନ ଯାଏ, ତେବେ ସମୁଦ୍ରର କରାଳ ଗର୍ଭରେ ଏହି ବସ୍ତି ବିଲୀନ ହୋଇଯିବ ବୋଲି ପରିବେଶବିତ୍‌ମାନେ ମତବ୍ୟକ୍ତ କରିଛନ୍ତି। ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ସମୁଦ୍ରତଟରେ ତୁରନ୍ତ ଲାଇଫ୍‌ଗାର୍ଡ ନିଯୁକ୍ତ କରିବା ପାଇଁ ପୁରୀ ଜିଲାପାଳ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ କୋଣାର୍କ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।



## ହତ୍ୟାକାରୀଙ୍କୁ ଗିରଫ ପାଇଁ ଏନ୍‌ଏଚ୍‌ଆର୍‌ସିରେ ପିଟିଶନ

**ଭୁବନେଶ୍ୱର, ୨।୮(ବ୍ୟୁରୋ)**

**ଲୁଣାନଦୀରୁ ମା' ଓ ଶିଶୁକନ୍ୟା ମୃତଦେହ ମିଳିବା ଘଟଣା**

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ କରଞ୍ଜ ଗ୍ରାମ ନିକଟ ଲୁଣା ନଦୀରୁ ଗୁରୁବାର ସସ୍ମିତା ସେଠୀ ଓ ତାଙ୍କର ୧୪ ମାସର ଶିଶୁକନ୍ୟାଙ୍କ ମୃତଦେହ ମିଳିଥିଲା। ଯୌତୁକ ପାଇଁ ଶାଶୁଘର ଲୋକେ ମା'ଝିଅଙ୍କୁ ମାରି ନଦୀରେ ଫିଙ୍ଗି ଦେଇଥିବା ମୃତା ମହିଳାଙ୍କ ଦାଦା ଅଭିଯୋଗ କରିଥିଲେ। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ପରିବାର ଲୋକଙ୍କୁ ୨୦ଲକ୍ଷ ଟଙ୍କାର କ୍ଷତିପୂରଣ ପାଇଁ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ ହୋଇଛି। ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଅନ୍‌ଲାଇନ୍ ମାଧ୍ୟମରେ ଏଭଳି ଅଭିଯୋଗ କରିଛନ୍ତି। ହିମାଂଶୁ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ, କ୍ଷତିପୂରଣ ଓ କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତରେ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ମୁଖ୍ୟଶାସନ ସଚିବଙ୍କୁ କମିଶନର ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ ନିବେଦନ କରିଛନ୍ତି। ଅଭିଯୋଗ ଅନୁସାରେ, ଗତ ୩ବର୍ଷ ତଳେ କରଞ୍ଜ ଗ୍ରାମର ଅବନ୍ତୀ ସେଠୀଙ୍କ ସାନ ପୁଅଙ୍କୁ କେନ୍ଦ୍ରାପଡା ଅଯୋଧ୍ୟାନଗର ଗ୍ରାମର ରମେଶ ସେଠୀଙ୍କ ଝିଅ ସସ୍ମିତା ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପରେ ଶାଶୁଘର ଲୋକେ ଯୌତୁକ ପାଇଁ ତାଙ୍କୁ ବାରମ୍ବାର ନିର୍ଯାତନା ଦେଉଥିଲେ। ବୁଧବାର ରାତିରୁ ସସ୍ମିତା(୨୫) ଓ ଶିଶୁକନ୍ୟା ସୁନି ସହ ନିଖୋଜ ଥିଲେ। ଗୁରୁବାର ସକାଳେ ଲୁଣା ନଦୀରେ ପ୍ରଥମେ ଶିଶୁକନ୍ୟାର ମୃତଦେହ ଭାସୁଥିବା ଦେଖି ଗ୍ରାମର ଲୋକେ ପୋଲିସକୁ ଖବର ଦେଇଥିଲେ। ଏନେଇ ପୋଲିସ କେସ୍ ନଂ.୧୮୪/୧୯ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

■ ଚିକିତ୍ସା ଅବହେଳାରୁ ନାବାଳିକାଙ୍କ ମୃତ୍ୟୁ ଘଟଣା

## ୧୨ଲକ୍ଷ ଟଙ୍କା କ୍ଷତିପୂରଣ ପାଇଁ ଏନ୍‌ଏଚ୍‌ଆର୍‌ସିରେ ପିଟିଶନ

**ଭୁବନେଶ୍ୱର, ୨।୮(ବ୍ୟୁରୋ)**

ଚିକିତ୍ସା ଅବହେଳାରୁ ଗୁରୁବାର କାକଟପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଥିଲା। ସ୍ୱାସ୍ଥ୍ୟ କେନ୍ଦ୍ର ଆଗରେ ମୃତ ନାବାଳିକାଙ୍କ ପରିବାର ସଦସ୍ୟ ଓ ସମ୍ପର୍କୀୟ ରାସ୍ତାରୋକୋ କରିଥିଲେ। ଏହି ଘଟଣାକୁ ନେଇ ଶୁକ୍ରବାର ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ ହୋଇଛି। ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ତାଙ୍କ ପିଟିସନ୍‌ରେ ଉଲ୍ଲେଖ କରିଛନ୍ତି ଯେ, ତୁରନ୍ତ ମୃତ ନାବାଳିକାଙ୍କ ପରିବାରଙ୍କୁ ୧୨ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ। ଏଥିସହ ଅବହେଳା କରିଥିବା ଡାକ୍ତରଙ୍କୁ କାରଣ ଦର୍ଶାଅ ନୋଟିସ୍ କରିବା ପାଇଁ ସ୍ୱାସ୍ଥ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେବାକୁ ସେ କମିଶନଙ୍କୁ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ଅସ୍ତରଙ୍ଗ ବ୍ଲକ ବାଲିସାହି ଗ୍ରାମର ମିତାଲି ନାୟକ(୧୪) ମାମୁଘର କାକଟପୁର ଥାନା ପଥରପକା ଗ୍ରାମର ମିଥୁନ ସ୍ୱାଇଁଙ୍କ ଘରେ ରହି ପାଠ ପଢୁଥିଲେ। ବୁଧବାର ମିତାଲିଙ୍କୁ ଜ୍ୱର ହେବାରୁ ତାଙ୍କୁ ଚିକିତ୍ସା ପାଇଁ କାକଟପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ମିତାଲିଙ୍କୁ ଚିକିତ୍ସା କରୁଥିବା ଡା. ପ୍ରିୟରଞ୍ଜନ ବେହେରା ୩ଟି ଇଞ୍ଜେକ୍ସନ ଦେଇଥିଲେ। ମିତାଲି ସୁସ୍ଥ ଅନୁଭବ କରିବାରୁ ଡାକ୍ତର ତାଙ୍କୁ ଘରକୁ ପଠାଇ ଦେଇଥିଲେ। ମାମୁ ଘରେ ପହଞ୍ଚିବା ପରେ ମିତାଲି ପୁଣି ଅସୁସ୍ଥ ହୋଇପଡିବାରୁ ତାଙ୍କୁ ଉକ୍ତ ହସ୍ପିଟାଲ ନିଆଯାଇଥିଲା। ଡାକ୍ତର ଜ୍ୱର ପରୀକ୍ଷା ନ କରି ତୁରନ୍ତ ଆଉ ୩ ଇଞ୍ଜେକ୍ସନ ଦେଇଥିଲେ। ଫଳରେ ମିତାଲିଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ସଂକଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ୧୦୮ ଆମ୍ବୁଲାନ୍ସରେ ନିଆଯାଇଥିଲା। ହେଲେ କ୍ୟାପିଟାଲ ହସ୍ପିଟାଲର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତର ଭୁଲ ଇଞ୍ଜେକ୍ସନ ଦେଇ ମାରିଦେଇଥିବା ନେଇ ଅଭିଯୋଗ କରି ଲୋକେ କାକଟପୁର ସ୍ୱାସ୍ଥ୍ୟ କେନ୍ଦ୍ର ଆଗରେ ରାସ୍ତାରୋକୋ କରିଥିଲେ।




### ପରିତ୍ୟକ୍ତ ଅବସ୍ଥାରେ ଶିଶୁପୁତ୍ର ଉଦ୍ଧାର

**ବାଳକାଟୀ, ୨।୮(ଡି.ଏନ୍.ଏ.)**

ବାଳକାଟୀ ନିକଟସ୍ଥ ବିଶୁନିଆପଡ଼ା ଗ୍ରାମ ପାଣିଟାଙ୍କି ରାସ୍ତାକଡ଼ର ଏକ ପରିତ୍ୟକ୍ତ ସ୍ଥାନରୁ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ଲୋକେ ଏକ ଶିଶୁପୁତ୍ରକୁ ଉଦ୍ଧାର କରି ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରିଛନ୍ତି। ସୂଚନା ମୁତାବକ, ଉକ୍ତ ଗ୍ରାମର ପାଣିଟାଙ୍କିର ରାସ୍ତାକଡ଼ରେ ଏକ କପଡ଼ା ଗୁଡାହୋଇ ସଦ୍ୟଜାତ ଶିଶୁପୁତ୍ରକୁ କେହି ପକାଇ ଚାଲିଯାଇଥିଲା। ଏହି ସମୟରେ ଶିଶୁପୁତ୍ରର କାନ୍ଦିବାର ଶୁଣି ସ୍ଥାନୀୟ ଅଞ୍ଚଳର ଜନୈକ ବ୍ୟକ୍ତି ତାକୁ ଉଦ୍ଧାର କରି ଚିକିତ୍ସା ଲାଗି ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରେ ଶିଶୁପୁତ୍ରର ନାଭି କଟାଯାଇ ଚିକିତ୍ସା କରାଯାଇଥିଲା। ଶିଶୁଟି ସୁସ୍ଥ ହେବା ପରେ ପାଇଥିବା ବ୍ୟକ୍ତିଜଣଙ୍କ ତାକୁ ଲାଳନପାଳନ ପାଇଁ ଇଚ୍ଛାପ୍ରକାଶ କରି ନିଜ ଘରକୁ ନେଇଯାଇଥିଲେ। କିନ୍ତୁ ଏ ସମ୍ପର୍କରେ ଖବରପାଇ ଅପରାହ୍ନ ୫ଟାରେ ଭୁବନେଶ୍ୱରର ସାମନ୍ତରାପୁରରେ ଥିବା ଚାଇଲ୍ଡଲାଇନ କର୍ମଚାରୀ ବିଶୁନିଆପଡ଼ା ଗ୍ରାମରେ ପହଞ୍ଚି ଶିଶୁପୁତ୍ର ରଖିଥିବା ବ୍ୟକ୍ତିଙ୍କ ପାଖରୁ ଉଦ୍ଧାର କରିଛି। ତେବେ ଶିଶୁପୁତ୍ରଟି କାହାର, କେଉଁ ପରିସ୍ଥିତିରେ ପଡି ଏଭଳି ଅବସ୍ଥାରେ ଛାଡ଼ିଚାଲଗଲା ତାହା ଚକିତ କରିଛି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଅନ୍ୟର ଆନୁଗତ୍ୟରେ ରହିଥିବା ଦେଶ ବା ଜାତି କେବେ ବି ଆଗେଇ ପାରିବ ନାହିଁ।
-ନେତାଜୀ ସୁଭାଷ ବୋଷ



## ସଂକ୍ଷେପରେ

### ପାରିବାରିକ ସମସ୍ୟା ନଦୀକୁ ଡେଇଁ ଯୁବକ ଗୁରୁତର

**ସାଲେପୁର,୨।୮(ଡି.ଏନ.ଏ.):** ପାରିବାରିକ ସମସ୍ୟାକୁ ନେଇ ସ୍ଥାନୀୟ ନଇଗୁଆଁ ଗ୍ରାମର ଡମ୍ବରୁଧର ବେହେରାଙ୍କ ପୁଅ ସୁଦର୍ଶନ ଶୁକ୍ରବାର ସକାଳ ପ୍ରାୟ ୮ରେ ହିରଚନ୍ଦନପୁର ନିକଟସ୍ଥ ଚିତ୍ରୋତ୍ପଳା ବ୍ୟାରେଜ୍ ଉପରୁ ନଦୀ ଗର୍ଭକୁ ଡେଇଁ ପଡ଼ିଥିଲେ। ଏହାଦେଖି ସଙ୍ଗେସଙ୍ଗେ ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ସାଲେପୁର ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ପଠାଇ ଦିଆଯାଇଛି। ସେଠାରେ ସେ ଏବେ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁସାରେ, ସୁଦର୍ଶନ କୌଣସି କାରଣରୁ ତାଙ୍କ ସ୍ତ୍ରୀ ଦୀପାଙ୍କ ଉପରେ ଅସନ୍ତୋଷ ପ୍ରକାଶ କରି ହଠାତ୍ ଘରୁ ବାଇକ୍ ଧରି ବ୍ୟାରେଜ୍ ପାଖକୁ ଆସିଥିଲେ। ବ୍ୟାରେଜ୍ ବ୍ରିଜ୍ ଉପରେ ବାଇକ୍‌ଟି ରଖି କାହା ସହ ଫୋନ୍ କରି କଥା ହୋଇଥିଲା। ଏହାପରେ ହଠାତ୍ ବ୍ୟାରେଜ୍ ବ୍ରିଜ୍ ଉପରୁ ଡେଇଁ ପଡ଼ିଥିଲେ ବୋଲି କେତେଜଣ ଲୋକ ଦେଖିଥିବା କହିଛନ୍ତି। ସୁଦର୍ଶନ ଓ ଦୀପାଙ୍କ ମଧ୍ୟରେ କୌଣସି କାରଣ ନେଇ ପୂର୍ବରୁ ମନୋମାଳିନ୍ୟ ଥିବାରୁ ଏଭଳି କାଣ୍ଡ ସୁଦର୍ଶନ କରିଥିବା କୁହାଯାଉଛି। ଏନେଇ ପୋଲିସ ନିକଟରେ କୌଣସି ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି।

### ପୋଲଗଣା ପୋକ ନିୟନ୍ତ୍ରଣ ପ୍ରଶିକ୍ଷଣ

**ବାଙ୍କୀ,୨।୮(ବି.ପ୍ର.):** ବାଙ୍କୀ ବ୍ଲକ କୃଷି ସୂଚନା କେନ୍ଦ୍ର ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ କୃଷକ ସଚେତନତା ଓ ରୋଗ ପୋକ ନିୟନ୍ତ୍ରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖରିଫ ଋତୁରେ ପ୍ରଭାବ ବିସ୍ତାର କରୁଥିବା ପୋକ ଯାହାର ବୈଜ୍ଞାନିକ ନାମ ଫଲ୍ ଆର୍ମି ୱାର୍ମ (ପୋଲଗଣା ଜାତୀୟ ପୋକ)ନିୟନ୍ତ୍ରଣ କରିବା ପାଇଁ କୃଷି କର୍ମଚାରୀ କୃଷକ ସାଥୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ବାଙ୍କୀ କୃଷି ଜିଲା ଅଧିକାରୀ କୈଳାସ ଚନ୍ଦ୍ର ସାମନ୍ତରାୟ ମୁଖ୍ୟଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ରୋଗପୋକ ନିୟନ୍ତ୍ରଣ ଓ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ସହକାରୀ କୃଷି ଅଧିକାରୀ ସ୍ମୃତିଝରା ସାହୁଙ୍କ ସଞ୍ଚାଳନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୀଟତତ୍ତ୍ୱବିଦ୍ ହରିହର ବାରିକ, ସୁଜାତା ପଟ୍ଟନାୟକ, ଦୀନବନ୍ଧୁ ସାହୁ, ସ୍ୱାଗତା ମହାପାତ୍ର ପ୍ରମୁଖ ଯୋଗଦେଇ ବିଷୟଗତ ଆଲୋଚନା କରିଥିଲେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଉଥିବା ମୁଖ୍ୟଅତିଥି ସୂଚନା ଦେଇଥିଲେ। କୃଷି ସୂଚନାକେନ୍ଦ୍ରର କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ସହକାରୀ କୃଷି ଅଧିକାରୀ ସାହୁ ଧନ୍ୟବାଦ ଦେଇଥିଲେ।

### ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

**ବଡ଼ମ୍ବା,୨।୮(ଡି.ଏନ.ଏ.):** ବଡ଼ମ୍ବାରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପାଳନ କମିଟି ଅଧ୍ୟକ୍ଷ ତଥା ତହସିଲଦାର ଅନିଲ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ସ୍କୁଲ, କଲେଜ, ବଣିକ ସଂଘ, ନାଗରିକମଞ୍ଚ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଗଣମାଧ୍ୟମ କର୍ମକର୍ତ୍ତା, ଓକିଲ ସଂଘ କର୍ମକର୍ତ୍ତା, ବିକାଶ ପରିଷଦ କର୍ମକର୍ତ୍ତା, ବୁଦ୍ଧିଜୀବୀ ଓ ବିଭିନ୍ନ ସରକାରୀ କର୍ମଚାରୀ ଯୋଗଦେଇ କିପରି ଦିବସକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବ ତା'ଉପରେ ମତାମତ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ଅନୁଷ୍ଠିତ ହେବାକୁଥିବା ବିଭିନ୍ନ ପ୍ରତିଯୋଗିତାଗୁଡିକ ଠିକ୍ ସମୟରେ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ସେହପରି ପରେଡ୍ ପଡିଆ ସଫେଇ, ଗାନ୍ଧୀ ଛକସ୍ଥିତ ଗାନ୍ଧିମୂର୍ତ୍ତି ରଙ୍ଗ କରାଯିବା, ପରେଡ୍ ସମୟରେ ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ଦେବାପାଇଁ ପୋଲିସ୍, ଅଗ୍ନିଶମ କର୍ମଚାରୀ ଓ ଆମ୍ବୁଲାନ୍ସ ସହିତ ସ୍ୱାସ୍ଥ୍ୟ କର୍ମଚାରୀ ନିୟୋଜିତ ରହିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି।। ବୈଠକରେ ବିଡିଓ ସଦାନନ୍ଦ ସେଠୀ ଯୋଗଦେଇ ଉତ୍ସବକୁ ମହାସମାରୋହରେ ପାଳନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଶେଷରେ ତହସିଲଦାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଯୌତୁକ ପାଇଁ ନବବଧୂଙ୍କୁ ହତ୍ୟା ଅଭିଯୋଗ

## ସ୍ୱାମୀ, ଶ୍ୱଶୁର ଅଟକ

**ମାହାଙ୍ଗା/ଲଳିତଗିରି,୨।୮(ସ୍ୱ.ପ୍ର.)**

ଯୌତୁକ ପାଇଁ ଜଣେ ନବବଧୂଙ୍କୁ ଶାଶୁ ଘର ଲୋକେ ହତ୍ୟା କରିଥିବା ମାହାଙ୍ଗା ଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ନଂ-୧୪୦/୧୯ରୁଜୁ କରିବା ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇଛି। ଏଥିସହିତ ମହିଳାଙ୍କ ସ୍ୱାମୀ, ଶ୍ୱଶୁରଙ୍କୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଏହି ଘଟଣାକୁ ମହିଳାଙ୍କ ସ୍ୱାମୀ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି, ଗୁରୁବାର ରାତିରେ ଫୋନ୍‌ରେ କଥା ହେବାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଶୁକ୍ରବାର ବିଲକୁ ଯାଇଥିବାବେଳେ ତାଙ୍କ ସ୍ତ୍ରୀ ରଶିଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

ମିଳିଥିବା ସୂଚନା ଅନୁସାରେ, ଥାନା ଅନ୍ତର୍ଗତ ପଲ୍ଲୀସାହି ପଞ୍ଚାୟତ ତୁଳସୀପୁର ଗ୍ରାମର କରୁଣାକର ବାରିକଙ୍କ ପୁଅ ସୁବାସଙ୍କ ସହିତ ନିଶ୍ଚିନ୍ତକୋଇଲି ଥାନା ଜୁଲୁକିପଡା ଗ୍ରାମର ପ୍ରସନ୍ନ ବାରିକଙ୍କ ଝିଅ ଲକ୍ଷ୍ମୀପ୍ରିୟା(୨୧)ଙ୍କ ମେ' ୭ରେ ବୈଦିକ ରିତି ଅନୁଯାୟୀ ବିବାହ ହୋଇଥିଲା। ବିବାହ ସମୟରେ ବରପକ୍ଷ ଦାବି ମୁତାବକ ସମସ୍ତ ଯୌତୁକ ଦିଆଯାଇଥିଲା। କିନ୍ତୁ ବିବାହର ୨ ମାସ ପରେ ଅଧିକ ୫୦ ହଜାର ଟଙ୍କା ଓ ଏକ ଟିଭି ପାଇଁ ଲକ୍ଷ୍ମୀପ୍ରିୟାଙ୍କୁ ଶାଶୁ ଘର ଲୋକେ ଚାପ ପ୍ରୟୋଗ କରିଥିଲେ। ଲକ୍ଷ୍ମୀପ୍ରିୟାଙ୍କ ବାପା ଅଧିକ ଯୌତୁକ ଦେବା ପାଇଁ ଅକ୍ଷମତା ପ୍ରକାଶ କରିବାରୁ ସ୍ୱାମୀ, ଶାଶୁ, ଶ୍ୱଶୁର, ଯାଆ, ଦେଢଶୁର ଓ ଯାଆଙ୍କ ବାପା ଶାରିରୀକ ଏବଂ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଶୁକ୍ରବାର ସକାଳ ୧୦ଟାରେ ଲକ୍ଷ୍ମୀପ୍ରିୟାଙ୍କ ସ୍ୱାମୀ ତାଙ୍କ ଶ୍ୱଶୁର ଘରକୁ ଫୋନ ଯୋଗେ ଜଣାଇଥିଲେ ଯେ, ତୁମ ଝିଅ ରଶି ଲଗାଇ ଆତ୍ମହତ୍ୟା କରିଛି। ଫୋନ ପାଇ ଲକ୍ଷ୍ମୀପ୍ରିୟାଙ୍କ ବାପା ଶାଶୁ ଘରେ ପହଞ୍ଚିଲା ପରେ ଝିଅକୁ ମାହାଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆସିଥିବା ଜାଣିବାକୁ ପାଇଥିଲେ। ସେଠାରେ ପହଞ୍ଚିବା ପରେ ଝିଅର ମୃତଦେହ ଦେଖିଥିଲେ। ଏଣୁ ଅଧିକ ଯୌତୁକ ପାଇଁ ମୋ ଝିଅକୁ ସେମାନେ ହତ୍ୟା କରିଥିବା ଥାନାରେ ଅଭିଯୋଗ କରିଥିଲେ।

## ବରପୁଟ ପଞ୍ଚାୟତରେ ଗୋପଦ କାର୍ଯ୍ୟକ୍ରମ



ପ୍ରଶାସନିକ ଅଧିକାରୀମାନେ ବିଭିନ୍ନ ଗ୍ରାମ ବୁଲି ଲୋକଙ୍କ ସମସ୍ୟା ବୁଝୁଛନ୍ତି।

**ବାଙ୍କୀ,୨।୮(ବି.ପ୍ର.)**

କଟକ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବାଙ୍କୀ ବ୍ଲକ ଅଞ୍ଚଳରେ ଗୋପଦ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇଛି। ଏହିକ୍ରମରେ ଶୁକ୍ରବାର ବ୍ଲକ ପଞ୍ଚାୟତ ଅଧିକାରୀ କୁମର ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଦାସରଥୀ ଜେନା, କନିଷ୍ଠ ଯନ୍ତ୍ରୀ ଅନ୍ତର୍ଯାମୀ ବିଶ୍ୱାଳ, ରାଜସ୍ୱ ନିରୀକ୍ଷକ ପ୍ରସନ୍ନ ନାୟକ, ବାଙ୍କୀ ତହସିଲ ନାଜର ଅଜୟ କୁମାର ମୁଦୁଲି, ଜିଆରଏସ୍ କିର୍ତ୍ତୀରଞ୍ଜନ ପ୍ରଧାନ ପ୍ରମୁଖ ବରପୁଟ ପଞ୍ଚାୟତର ସବର ସାହିରେ ପହଞ୍ଚି ଘରଘର ବୁଲି ଲୋକଙ୍କ ସମସ୍ୟା ବୁଝିଥିଲେ। ସାମାଜିକ କର୍ମୀ ଜୟକୃଷ୍ଣ ମିଶ୍ର, ତ୍ରିନାଥ ବେହେରା, ହରେକୃଷ୍ଣ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଗ୍ରାମ ରାସ୍ତା, ଡ୍ରେନେଜ୍, ପାଇଖାନା, ରାଶନ କାର୍ଡ, ପାନୀୟ ଜଳ, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ସମ୍ପର୍କିତ ୨୯ ଅଭିଯୋଗ ହୋଇଥିଲା।

# ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା



ଅତିଥିଙ୍କ ଗହଣରେ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର ।

**ବାଙ୍କୀ,୨।୮(ସ୍ୱ.ପ୍ର.)**

ବାଙ୍କୀ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ସୂଚନା ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲରେ ଶୁକ୍ରବାର ବିଦ୍ୟାଳୟସ୍ତରୀୟ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବିଭାଗରେ ଶିମିଳିପୁର-ହରିରାଜପୁର ଆଞ୍ଚଳିକ ବିଦ୍ୟାପୀଠର ଅଲିଭା ମହାପାତ୍ର ୧ମ, ବାଙ୍କୀ ସରସ୍ୱତୀ ବିଦ୍ୟାମନ୍ଦିରର ପ୍ରସତି ପ୍ରିୟଦର୍ଶିନୀ ସ୍ୱାଇଁ ୨ୟ ଓ ଅନ୍ଧାରୁଆ ମନମୋହନ ବିଦ୍ୟାପୀଠର ସୋନାଲି ନାୟକ ୩ୟ ସ୍ଥାନ ଅଧିକାର କରିଛନ୍ତି। କନିଷ୍ଠ ବିଭାଗରେ ଗୋବିନ୍ଦପୁରର ଆଦର୍ଶ ବିଦ୍ୟାଳୟ ଶୁଭମ୍ ସାମଲ ୧ମ, ରଗଡ଼ି ସରକାରୀ ବିଶ୍ୱନାଥ ଶ୍ରୀଚନ୍ଦନ ନୋଡାଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ତେଜସ୍ୱିନୀ ମହାପାତ୍ର ୨ୟ ଓ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟ ଅନୁଆରୀର କୁମାର ଭଗତୋଷ ୩ୟ ସ୍ଥାନ ଅଧିକାର କରିଛନ୍ତି। ସର୍ବକନିଷ୍ଠ ବିଭାଗରେ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ବାଙ୍କୀର ଶ୍ରଦ୍ଧାଞ୍ଜଳି ମିଶ୍ର ୧ମ, କୁସୁପଙ୍ଗି ପ୍ରାଥମିକ ବିଦ୍ୟାଳୟର ବଜେନ୍ଦ୍ର ଗୋପାଳ ବେହେରା ୨ୟ ଓ ହରିରାଜପୁର ତୋଟାସାହି ପ୍ରାଥମିକ ବିଦ୍ୟାଳୟର ସାହିଲ୍ ନାୟକ ୩ୟ ସ୍ଥାନ ଅଧିକାର କରିଛନ୍ତି। ବିଚାରକ ଭାବେ ସୁରେନ୍ଦ୍ର ମହାପାତ୍ର, ଦେବୀଦତ୍ତ ବିଭୂତିରାୟ ଓ ବିଭୂପ୍ରସାଦ ସାମଲ କାର୍ଯ୍ୟ ତୁଲାଇଥିଲେ। ଉପଖଣ୍ଡ ସୂଚନା ଲୋକସମ୍ପର୍କ ଅଧିକାରୀ ଶାରଦା ମହାନ୍ତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୂଚନା ଲୋକ ସମ୍ପର୍କ ବିଭାଗ କର୍ମଚାରୀ କାଳିଚରଣ ତ୍ରିପାଠୀ, ଦୁର୍ଯ୍ୟୋଧନ ପରିଡା ଓ ସୁଦର୍ଶନ ବେହେରା ସହଯୋଗ କରିଥିଲେ।

## ମାଗଣା ଚକ୍ଷୁ ଚିକିତ୍ସା ଶିବିର

**ସାଲେପୁର,୨।୮(ଡି.ଏନ.ଏ.)**

ସାଲେପୁର କେଶବ ମଣ୍ଡପ ପରିସରରେ ବିକଳାନନ୍ଦ କର ମେମୋରିଆଲ୍ ଟ୍ରଷ୍ଟ ଆନୁକୂଲ୍ୟ ଓ କଟକ ଜେପିଏମ୍ ରୋଟାରୀ ଚକ୍ଷୁ ଚିକିତ୍ସାଳୟ ସହଯୋଗରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବିକଳାନନ୍ଦ କର ଟ୍ରଷ୍ଟ ପ୍ରତିଷ୍ଠାତା ପ୍ରଶାନ୍ତ କୁମାର କର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ୯୦ଜଣଙ୍କ ଚକ୍ଷୁ ଚିକିତ୍ସା କରାଯାଇ ୧୮ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ନିମନ୍ତେ ଜେପିଏମ୍ ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଥିଲା। ଟ୍ରଷ୍ଟି ହିମାଂଶୁ ଶେଖର ଦାଶ, ବିଭୂତି ଭୂଷଣ ଦାସ, ଅବତନ ଷଡ଼ଙ୍ଗୀ, ଜୟଦେବ ଷଡ଼ଙ୍ଗୀ, ଦେବେନ୍ଦ୍ର ନାୟକ, ସତ୍ୟମ୍ କର, ବିଶ୍ୱରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ଏହାକୁ ପରିଚାଳନା କରିଥିଲେ। ଚିକିତ୍ସାଳୟ ତରଫରୁ ଜାହିରୁଦ୍ଦିନ୍ ଶାହା, ଅର୍ଚ୍ଚନା ମହାନ୍ତି, ବିନୋଦିନୀ ଦାସ, ଅନନ୍ୟା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ରହି ଚକ୍ଷୁ ଚିକିତ୍ସା କରାଇଥିଲେ।

## କଲେଜ ପରିସରରେ ଛାତ୍ରଙ୍କ ବେପରୁଆ କାର୍ ଚାଳନା

# ଭାଙ୍ଗିଲା ୬ ସାଇକେଲ

**ସାଲେପୁର,୨।୮(ଡି.ଏନ.ଏ.)**

ବେପରୁଆ କାର୍ ଚାଳନା ଯୋଗୁ ଶୁକ୍ରବାର ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ୬ ସାଇକେଲ୍ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କଲେଜ ଗେଟ୍‌ଦେଇ ଧନ୍ଦାମୂଳକ ଶିକ୍ଷା ଅଧ୍ୟୟନ କରୁଥିବା ଦୁଇ ଛାତ୍ର ଏକ ଅଲ୍‌ଟୋ କାର୍‌ରେ ହଠାତ୍ ପଶି ଆସିଥିଲେ। ଏହି ସମୟରେ ସେଠାରେ ଥିବା ହମ୍ପସ୍ ନିକଟରେ କାର୍‌ଟି କୌଣସି କାରଣରୁ ବ୍ରେକ୍ ଫେଲ୍ ହେବାରୁ ଡାହାଣପଟରେ ଥୁଆହୋଇଥିବା ସାଇକେଲ୍‌ଗୁଡ଼ିକ ଉପରେ କାର୍ ଚଢ଼ିଯାଇଥିଲା। ସାଇକେଲ୍ ପାଖରେ କୌଣସି ଛାତ୍ରୀଛାତ୍ର ନ ଥିବାରୁ ବଡ଼ ବିପଦ ଟଳି ଯାଇଥିଲା। ମାତ୍ର ୬ଟି ସାଇକେଲ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିଲା। ୫ରୁ ଅଧିକ ସାଇକେଲ୍ ଅଳ୍ପ ଭାଙ୍ଗିଛି। ଘଟଣା ନେଇ ଛାତ୍ରୀଛାତ୍ର କଲେଜ ଅଧ୍ୟକ୍ଷଙ୍କୁ ଜଣାଇବା ପରେ ଅଧ୍ୟକ୍ଷ ସରୋଜ କୁମାର ମହାନ୍ତି କାର୍ ଚଳାଉଥିବା ପିଲାଙ୍କୁ ଡାକିବା ସହ ସେମାନଙ୍କ ଅଭିଭାବକଙ୍କୁ ଡକାଇ ଅସନ୍ତୋଷ ପ୍ରକାଶ କରିଥିଲେ। କେତେଜଣ ଛାତ୍ରୀଙ୍କ ଅଭିଭାବକ ପହଞ୍ଚି ଥାନାରେ ଅଭିଯୋଗ କରିବେ ବୋଲି କହିଥିଲେ। ତେବେ ଭାଙ୍ଗିଥିବା ସାଇକେଲ୍‌ର କ୍ଷତିପୂରଣ ଦବାକୁ ପ୍ରତିଶ୍ରୁତି ମିଳିବା ପରେ ଅଭିଭାବକ ଓ ଛାତ୍ରୀ ଶାନ୍ତ ପଡ଼ିଥିଲେ। ଘଟଣା ପରେ ଛାତ୍ରୀଛାତ୍ର ଭୟଭୀତ ହୋଇ ପଡ଼ିଛନ୍ତି।

# ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥାର ଶିଳାନ୍ୟାସ

**ସାଲେପୁର,୨।୮(ଡି.ଏନ.ଏ.)**

ସାଲେପୁର ସମେତ ଆଖପାଖ ବଜାର ରାସ୍ତାକୁ ଆଲୋକୀକରଣ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏହିକ୍ରମରେ ଶୁକ୍ରବାର ବିଧାୟକ ପ୍ରଶାନ୍ତ ବେହେରା ପ୍ରଥମ କରି ସାଲେପୁର ବଜାରର ବି.କେ. ଟକିଜ୍ ନିକଟରେ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥାର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ବେହେରା କହିଥିଲେ, ଜନସାଧାରଣଙ୍କୁ ଉନ୍ନତ ସେବା ଯୋଗାଇ ଦେବାପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି।





ବିଧାୟକ ପ୍ରଶାନ୍ତ ବେହେରା ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

ସାଲେପୁର ଜନସାଧାରଣଙ୍କ ଦୀର୍ଘଦିନର ସମସ୍ୟାକୁ ଉପଲବ୍ଧି କରି ସ୍ୱତନ୍ତ୍ର ଉନ୍ନୟନ ପାଣ୍ଠିରୁ ୨୫ଲକ୍ଷ ଟଙ୍କା ବ୍ୟୟରେ ବଜାର ଅଞ୍ଚଳରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଯୋଗାଇ ଦିଆଯିବାକୁ କାର୍ଯ୍ୟ ଆରମ୍ଭ ହୋଇଛି। ବିଧାୟକ ବେହେରାଙ୍କୁ ସାଲେପୁର ବଜାରର ବିଭିନ୍ନ କମିଟି ଓ ଦଳ ପକ୍ଷରୁ ଶୋଭାଯାତ୍ରାରେ ଶିଳାନ୍ୟାସ ସ୍ଥଳକୁ ଅଣାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଜେନା, ଦିଲୀପ ଦାଶ, ନବକିଶୋର କର, ତପନ ଭୂୟାଁ, ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ନାରାୟଣ ପତି, ଯୁବ ବିଜେଡି ସଭାପତି ସଞ୍ଜିତ୍ ଦାଶ, ଛାତ୍ର ବିଜେଡି ସଭାପତି ଶୁଭମ୍ ଦାଶ, ଜିଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ଛାତ୍ର ବିଜେଡି ନେତା କେଦାରସନ୍ ସାହୁଙ୍କ ସମେତ ବହୁ କର୍ମୀ ଓ ଲୋକ ପ୍ରତିନିଧି ଉପସ୍ଥିତ ରହି ସହଯୋଗ କରିଥିଲେ।

# ଭାଜପା ଯୁବମୋର୍ଚ୍ଚାର ସଙ୍ଗଠନ ସଦସ୍ୟତା ପ୍ରସ୍ତୁତି ବୈଠକ



ବୈଠକରେ ଭାଜପା ଯୁବ ମୋର୍ଚ୍ଚାର କର୍ମକର୍ତ୍ତା ଓ ଅନ୍ୟମାନେ ।

**ଆଠଗଡ଼,୨।୮(ସ୍ୱ.ପ୍ର.)**

ଆଠଗଡ଼ ନିର୍ବାଚନମଣ୍ଡଳୀ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସଙ୍ଗଠନ ସଦସ୍ୟତା ଲାଗି ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଗାନ୍ଧୀମାର୍ଗସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବମୋର୍ଚ୍ଚା ସମ୍ପାଦକ ତପନ ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ କଟକ ଜିଲା ଯୁବମୋର୍ଚ୍ଚା ସଭାପତି ଭକ୍ତବତ୍ସଳ ବସ୍ତିଆ ମୁଖ୍ୟଅତିଥି ଏବଂ ଭାଜପା ଜିଲା ସାଧାରଣ ସମ୍ପାଦକ ରାମନାରାୟଣ ମହାନ୍ତି ଯୋଗଦେଇ ଯୁବମୋର୍ଚ୍ଚାକୁ ଅଧିକ କ୍ରୀୟାଶୀଳ କରିବା ଲାଗି ଅଧିକରୁ ଅଧିକ ଯୁବଛାତ୍ରଙ୍କୁ ସଦସ୍ୟତା ଅଭିଯାନରେ ସାମିଲ କରିବା ଜରୁରୀ ବୋଲି ମତ ପ୍ରକାଶ କରିଥିଲେ। ବରିଷ୍ଠ ନେତା ତଥା ବିଧାୟକ ପ୍ରାର୍ଥୀ ବ୍ରଜେନ୍ଦ୍ର ରାୟଙ୍କ ନେତୃତ୍ୱରେ ସଙ୍ଗଠନକୁ ଆହୁରି ମଜଭୁତ୍ କରିବାଲାଗି ଦଳୀୟ କାର୍ଯ୍ୟକର୍ତ୍ତା ଆନ୍ତରିକତାର ସହ କାର୍ଯ୍ୟ କରିବା ଲାଗି ବସ୍ତିଆ ଓ ମହାନ୍ତି ଆହ୍ୱାନ ଜଣାଇଥିଲେ। ବୈଠକରେ ଯୁବମୋର୍ଚ୍ଚା ସମ୍ପାଦକ ମନୋଜ ଦଳାଇ, ସଦସ୍ୟତା ପ୍ରଭାରୀ ରଞ୍ଜିତ ପଣ୍ଡା, ଖୁଣ୍ଟୁଣୀ ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ଶୋଭମ ପ୍ରିୟଦର୍ଶୀ, ବରୁଣ ନାୟକ, ତାରାକାନ୍ତ ସାହୁ, ମିଥୁନ ମଲ୍ଲିକ, ଆଶିଷ ସିଂହ ଓ ନାରାୟଣ ସାହୁଙ୍କ ସମେତ ବିଭିନ୍ନ ମଣ୍ଡଳର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଜୋର ଧରିଲା ସବ୍‌ଜଜ୍ କୋର୍ଟ ପ୍ରତିଷ୍ଠା ଦାବି

# ୯ରେ ନରସିଂହପୁର ବନ୍ଦ ଡାକରା

**ନରସିଂହପୁର,୨।୮(ସ୍ୱ.ପ୍ର.)**

ନରସିଂହପୁରରେ ସବଜଜ୍ କୋର୍ଟ ପ୍ରତିଷ୍ଠା ସହ ନରସିଂହପୁର ସଦର ମହକୁମାକୁ ଏନ୍‌ଏସି ଘୋଷଣା ଓ ସବ୍‌ଡିଭିଜନ ମାନ୍ୟତା ପାଇଁ ସ୍ଥାନୀୟ ଓକିଲ ସଂଘ ପକ୍ଷରୁ ଦାବି ଜୋର ଧରିଛି। ଏ ନେଇ କ୍ରିୟାନୁଷ୍ଠାନ କମିଟି ଆବାହକ ତଥା ବରିଷ୍ଠ ଆଇନଜୀବୀ ତ୍ରିଲୋଚନ ମହାପାତ୍ର ଏକ ଖବରଦାତା ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି। ଏହି ଆନ୍ଦୋଳନକୁ ଜନ ଆନ୍ଦୋଳନ କରିବା ପାଇଁ ଆସନ୍ତା ୫ରେ ସର୍ବଦଳୀୟ ବୈଠକ ଡକାଯିବ। ଏହାପରେ ୯ତାରିଖରେ ନରସିଂହପୁର ବନ୍ଦ ଡାକରା ଦିଆଯିବ ବୋଲି ସଙ୍ଘ ପକ୍ଷରୁ କୁହାଯାଇଛି। ସମ୍ମିଳନୀରେ ସଙ୍ଘ ଉପସଭାପତି ଗୋଲକ ବିହାରୀ ସାହୁ, ସମ୍ପାଦକ ବିଭୂପ୍ରସାଦ ମିଶ୍ର, ସୂର୍ଯ୍ୟନାରାୟଣ ପାତ୍ର, ପ୍ରଫୁଲ୍ଲ ପଣ୍ଡା, ପୀତବାସ ମହାପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଫାଇଲେରିଆ ଔଷଧ ବଣ୍ଟନ ତାଲିମ

**ଆଠଗଡ଼,୨।୮(ସ୍ୱ.ପ୍ର.)**

ଆଠଗଡ଼ ବ୍ଲକ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ମେଘା ସେକ୍ଟରର ରାଜନଗର ପଞ୍ଚାୟତ କାର୍ଯ୍ୟାଳୟରେ ଆସନ୍ତା୮ରେ ହେବାକୁ ଥିବା ଫାଇଲେରିଆ ଔଷଧ ବଣ୍ଟନ କାର୍ଯ୍ୟକ୍ରମର ସଫଳତା ପାଇଁ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମେଘା ସେକ୍ଟରର ସ୍ୱାସ୍ଥ୍ୟ ପରିଦର୍ଶକ ମହମ୍ମଦ ଅସଲମଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପିସିଆଇ ସଂସ୍ଥାର ବ୍ଲକ ସଂଯୋଜକ ଦୀପନ ଦିଗଲ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି, ଆଶାକର୍ମୀ ଏବଂ ଗାଁକଲ୍ୟାଣ ସମିତି ଗୁଡିକ ଆନ୍ତରିକତାର ସହ କାର୍ଯ୍ୟ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ରାଜନଗର ସରପଞ୍ଚ ମହେନ୍ଦ୍ର ପରିଡ଼ା, ସମିତିସଭ୍ୟ ବିଭିନ୍ଦ୍ର ରଣାଙ୍କ ସମେତ ସମସ୍ତ ୱାର୍ଡ ମେମ୍ବର ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ■ ଶଶାଙ୍କ ଦଣ୍ଡାବନ୍ଧ କାର୍ଯ୍ୟ ଅଧାପନ୍ତରିଆ

# ୨ଶହ ଏକର ଜମିରେ ହୋଇପାରୁନି ଚାଷ

**ଖୁଣ୍ଟୁଣୀ,୨।୮(ଡି.ଏନ୍.ଏ.)**

ଆଠଗଡ଼ ବ୍ଲକ ଛଅଗାଁ ପଞ୍ଚାୟତର ଶଶାଙ୍କ ଗ୍ରାମଠାରେ ୨୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଦଣ୍ଡା ବନ୍ଧ କାର୍ଯ୍ୟ ଅଧାପନ୍ତରିଆ ହୋଇପଡିଛି। ଏ ନେଇ ୪ଗ୍ରାମର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଏହି ବନ୍ଧ ନିର୍ମାଣ ସରିଥିଲେ ମଧ୍ୟ ଏଥିରେ ବିଭାଗୀୟ କ୍ଷୁଦ୍ର ଜଳସେଚନ ଅଧିକାରୀ ଲୁହା ଶଟର ଲଗାଇ ନ ଥିବାରୁ ଉଦ୍‌ବୃତ୍ତ ବର୍ଷା ଜଳ ବନ୍ଧ ଡେଇଁ ତଳକୁ ପଳାଇ ମହାନଦୀରେ ମିଶିଯାଉଛି। ଜଳ ସଂରକ୍ଷଣ କରି ଚାଷୀଙ୍କ ଜମିକୁ ପାଣି ମଡାଇ ସେମାନଙ୍କୁ ଅଧିକ ଧାନ ଉତ୍ପାଦନ ପାଇଁ ପ୍ରୋତ୍ସାହନ ଦେବାକୁ କେନ୍ଦ୍ରଠାରୁ ରାଜ୍ୟସରକାରଙ୍କ ପର୍ଯ୍ୟନ୍ତ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି। ବାସ୍ତବକ୍ଷେତ୍ରରେ ତାହା କାର୍ଯ୍ୟକାରୀ ହେଉ ନ ଥିବା ଶଶାଙ୍କ ଗ୍ରାମର ଚାଷୀ ଜୟକୃଷ୍ଣ ସାହୁ କହିଛନ୍ତି। ଏହି ଦଣ୍ଡାବନ୍ଧ କାମ ସମ୍ପୂର୍ଣ୍ଣ ହେଲେ ଶଶାଙ୍କ, ଚରାଭଉଁରୀ, ବଳିପୁର ଓ



ଶଟର ଲାଗି ନ ଥିବା ଶଶାଙ୍କ ଗ୍ରାମର ଦଣ୍ଡାବନ୍ଧ।

କୁମାରପୁର ଗ୍ରାମର ଶତାଧିକ ଚାଷୀଙ୍କର ପ୍ରାୟ ୨ଶହ ଏକର ଜମିରେ ପାଣି ମାଡ଼ି ଚାଷ କାର୍ଯ୍ୟ ସୂଚାରୁରୂପେ ସମ୍ପନ୍ନ ହୋଇପାରନ୍ତା। ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ନୀତି ଯୋଗୁ ଏହି ଚାଷୀମାନେ ସେମାନଙ୍କ ବାର୍ଷିକ ଆହାର ହରାଇବାକୁ ଯାଉଥିବାରୁ ତାଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ଦଣ୍ଡାବନ୍ଧ ଯୋଗୁ ବାଲିଗରି, ଗାଡିବିଲ ଓ ମଟାଳ ଆଦି ୩ଟି ଗହୀରରେ ଥିବା ଶହ ଶହ ଏକର ଚାଷ ଜମିକୁ ପାଣି ମାଡ଼ିଆନ୍ତା। ବର୍ଷା ପରେ ଶଟର ନ ଲାଗିବାରୁ ପାଣି ସବୁ ବନ୍ଧ ତଳକୁ ଡେଇଁ ପଳାଇଯାଉଛି। ଏଥିଯୋଗୁ ଚାଷକାମରେ ବାଧାପ୍ରାପ୍ତ ହେଉଥିବା ଚାଷୀ ଅଚ୍ୟୁତାନନ୍ଦ ସାହୁ, ନରେନ୍ଦ୍ର ସାହୁ, ଅର୍ଜୁନ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଗତ ଜୁଲାଇ ୨୭ରେ ଚାଷୀମାନେ ପୁନର୍ବାର ବିଭାଗୀୟ ଅଧିକାରୀଙ୍କ ସମେତ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ନେଇ ଆଠଗଡ଼ କ୍ଷୁଦ୍ର ଜଳସେଚନ ନିର୍ବାହୀଯନ୍ତ୍ରୀ ହୃଦୟ କୁମାର ମହାପାତ୍ର କୁହନ୍ତି, ଏହି ଶଟର ଲଗାଇବା କାମ ପୂର୍ବରୁ ଆମ ବିଭାଗର ଥିଲା। ଏବେ ସରକାର ମେକାନିକାଲ ଉଇଙ୍ଗ୍‌ସକୁ ଏହି କାମ ଦେଇଛନ୍ତି। ଚାଷୀଙ୍କ ଅଭିଯୋଗପାଇ ସମ୍ପୃକ୍ତ ବିଭାଗକୁ ଚିଠି ଲେଖି ତୁରନ୍ତ ଶଟର ଲଗାଇବା ପାଇଁ କହିଛୁ। ଯଦି ଶଟର ଲାଗିବାରେ ବିଳମ୍ବ ହେବ ବନ୍ଧ ଉପରେ ଏକପଥର ବନ୍ଧ ଦେଇ ପାଣି ଅଟକାଇବାକୁ ଚେଷ୍ଟା କରିବୁ ବୋଲି ସେ କହିଥିଲେ।



ଅନ୍ୟର ଆନୁଗତ୍ୟରେ ରହିଥିବା ଦେଶ ବା
ଜାତି କେବେ ବି ଆଗେଇ ପାରିବ ନାହିଁ।
-ନେତାଜୀ ସୁଭାଷ ବୋଷ



## ସଂକ୍ଷେପରେ

### ଆକ୍ରମଣ: ୨ଭାଇ ଗିରଫ

କଟକ ଅଫିସ, ୨।୮: ଆକ୍ରମଣ ଅଭିଯୋଗରେ ବାଦାମବାଡି ପୋଲିସ ଶୁକ୍ରବାର ଦୁଇ ଭାଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବଳଭଦ୍ରପୁରର ଶିବ ରାଉତ ଏବଂ ସୁଜିତ କୁମାର ରାଉତ। ଅଭିଯୋଗ ଅନୁଯାୟୀ, ରାଣୀହାଟ ମାଳିସାହିର ସନ୍ତୋଷ ଖଟୁଆଙ୍କର ଛତ୍ରବଜାରରେ ଏକ ପରିବା ଦୋକାନ ରହିଛି। ଗୁରୁବାର ସକାଳେ ସନ୍ତୋଷ ଦୋକାନରେ ଥିବାବେଳେ ଶିବ ଓ ସୁଜିତ ଆସି ୧୦୦୦ ଟଙ୍କା ବଟି ମାଗିଥିଲେ। ସନ୍ତୋଷ ବଟି ନ ଦେବାରୁ ଦୋକାନ କରାଇ ଦେବୁନାହିଁ ବୋଲି ସେମାନେ ଧମକ ଦେଇଥିଲେ। ପରେ ସନ୍ତୋଷ ଦୋକାନ ବନ୍ଦକରି ଯାଉଥିବା ସମୟରେ ଦୁଇଭାଇ ତାଙ୍କୁ ଛତ୍ରବଜାର ପିଏଚଡି ଅଫିସ ସାମ୍ନାରେ ଅଟକାଇଥିଲେ। ସୁଜିତ୍ ନିଜ ଗାଡି ଚାବିରେ ଲାଗିଥିବା ଏକ ଛୋଟ ଛୁରିରେ ସନ୍ତୋଷଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ କାନ କଟିଯାଇଥିଲା। ଏ ନେଇ ସନ୍ତୋଷ ଗୁରୁବାର ରାତିରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

### ଘରୋଇ ବ୍ୟାଙ୍କ କର୍ମଚାରୀଙ୍କଠାରୁ ୭୬ହଜାର ଟଙ୍କା ଲୁଟ୍

କଟକ ସଦର, ୨।୮ (ଡି.ଏନ୍.ଏ.): କିଶୋରନଗର ଥାନା ଅନ୍ତର୍ଗତ କଟକ-ପାରାଦ୍ୱୀପ ରାସ୍ତାର ଶିଉଳି ନିକଟରୁ ଗୁରୁବାର ଦୁଇଜଣ ଦୁର୍ବୃତ୍ତ ଏକ ଘରୋଇ ବ୍ୟାଙ୍କ ମହିଳା କର୍ମଚାରୀଙ୍କଠାରୁ ୭୬ହଜାର ଟଙ୍କା ଲୁଟିନେଇଥିବା କଲରାବାଙ୍କ ଫାଣ୍ଡିରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା(ନଂ.୮୦/୧୯)ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ବନ୍ଧନ ବ୍ୟାଙ୍କ ରଘୁନାଥପୁର ଶାଖାର କର୍ମଚାରୀ ନିରୂପମା ପ୍ରଧାନ ଋଣ ଟଙ୍କା ଆଦାୟ ପାଇଁ ମାଣପୁର, ଅରଣା, ଶିଉଳି ଅଞ୍ଚଳକୁ ଯାଇଥିଲେ। ଟଙ୍କା ଆଦାୟ କରି ସ୍କୁଟିରେ ନିରୂପମା ବ୍ୟାଙ୍କ ଯାଉଥିବା ବେଳେ ଏକ ବାଇକ୍‌ରେ ଦୁଇ ଜଣ ଦୁର୍ବୃତ୍ତ ଆସି ହଠାତ୍ ତାଙ୍କ ଟଙ୍କା ବ୍ୟାଗକୁ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ବ୍ୟାଙ୍କ ପକ୍ଷରୁ ଫାଣ୍ଡିରେ ଏତଲା ଦିଆଯାଇଥିଲା।

### ଶୋଚନୀୟ ଅବସ୍ଥାରେ ଅଲାରପୁର-କମରପଦା ସଫେଇ ନାଳ

କଟକ ସଦର, ୨।୮ (ଡି.ଏନ୍.ଏ.): କଟକ ଡ୍ରେନେଜ ଡିଭିଜନ ଅନ୍ତର୍ଗତ ଅଲାରପୁର-କମରାପଦା-ବରୁଣେଇ ଡ୍ରେନେଜ କଟ(ସଫେଇ ନାଳ)ର ଅବସ୍ଥା ଶୋଚନୀୟ ହୋଇପଡିଛି। ବର୍ଷା ସମୟରେ ଜଳ ଗହିରରୁ ନିଷ୍କାସିତ ହୋଇପାରୁ ନ ଥିବାରୁ କମରପଦା ମୌଜାର ୫୦ଏକରରୁ ଉର୍ଦ୍ଧ୍ୱ ଜମିର ଧାନ ଫସଲ ନଷ୍ଟ ହେବାକୁ ବସିଲାଣି। ଏଥିପ୍ରତି ଦୃଷ୍ଟି ଦେବାକୁ ଗତ ୨୯ତାରିଖରେ କଟକ ସଦର ବ୍ଲକ ପରିସରରେ ଆୟୋଜିତ ଜନଶୁଣାଣି ଶିବିରରେ ପ୍ରାଶାନ୍ତ ପ୍ରଧାନ, ମଳୟ ପ୍ରଧାନ, ଗୌରାଙ୍ଗ ସାହୁ, ଉଲ୍ଲାସ ପ୍ରଧାନ ପ୍ରମୁଖ ଅଭିଯୋଗ କରିଥିଲେ। ପ୍ରାୟ ୧୦ବର୍ଷ ହେବ ସଫେଇ ନାଳକୁ ସଫା କରାଯାଉ ନ ଥିବା ଜଣାପଡିଛି। ଫଳରେ ଅଲାରପୁର, ଧରିଣା ଗହିରର ପାଣି ତାଳଦଣ୍ଡା କେନାଲ ସାଇଫନ ବାଟେ ବରୁଣେଇ ନିକଟ ହଂସୁଆ ନଦୀକୁ ନିଷ୍କାସିତ ହୋପାରୁନାହିଁ। ଅର୍ଚ୍ଛିଲ, ରାମକୁମାରପୁର, କଳନ୍ତିରା, ଶଙ୍ଖପୁର ଗ୍ରାମ ଦେଇ ଯାଉଥିବା ଡ୍ରେନେଜରେ ମାଛ ଧରାଳିମାନେ ଆଡିବନ୍ଧ କରିଥିବାରୁ ଜଳନିଷ୍କାସନ ମନ୍ଥର ହେଉଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ବର୍ଷାଜଳ ତଳିକିଆରିରୁ ମଧ ନିଷ୍କାସିତ ହୋଇପାରୁନାହିଁ। ଏଭଳି ପରିସ୍ଥିତିରେ ଡ୍ରେନେଜର ସଫେଇ କାମ କରିବା ପାଇଁ ଅନୁରୋଧ କରାଯାଇଛି। ଏ ନେଇ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାଏତରାୟ କୁହନ୍ତି, କଟକ ଡ୍ରେନେଜ ଡିଭିଜନର ନିର୍ବାହୀଯନ୍ତ୍ରୀଙ୍କୁ ସଫେଇ ନାଳକୁ ଖୋଲିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

### ଅଧାପକଙ୍କ ବିୟୋଗରେ ସ୍ମୃତି ସଭା

ଚୌଦ୍ୱାର, ୨।୮ (ଡି.ଏନ୍.ଏ.): କଖଡ଼ି ମହାବିଦ୍ୟାଳୟର ଓଡ଼ିଆ ଅଧାପକ ଡ. ଅମିତାଭ ବେହେରାଙ୍କ ବିୟୋଗରେ ଏକ ସ୍ମୃତିସଭା କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ରାଜକିଶୋର ଖଟୁଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଚନ୍ଦ୍ର ଶେଖର ପରିଡ଼ା, ବିଷ୍ଣୁ ଚରଣ ମହାରଣା, ଫକୀର ଚରଣ ସୀତାରାମ,ବସନ୍ତ ବିଶ୍ୱାଳ, ସୁଶାନ୍ତ ନାୟକ, ଶ୍ୱେତକାନ୍ତ ବେହେରା, କଖଡ଼ି ହାଇସ୍କୁଲର ପ୍ରଧାନଶିକ୍ଷକ ଶିବ ପ୍ରସାଦ ପତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବେହେରାଙ୍କ ସ୍ମୃତିଚାରଣ କରିଥିଲେ।

■ ଶଶାଙ୍କ ଦଣ୍ଡାବନ୍ଧ କାର୍ଯ୍ୟ ଅଧାପନ୍ତରିଆ

# ୨ଶହ ଏକର ଜମିରେ ହୋଇପାରୁନି ଚାଷ

ଖୁଣ୍ଟୁଣୀ, ୨।୮ (ଡି.ଏନ୍.ଏ.)

ଆଠଗଡ଼ ବ୍ଲକ ଛଅଗାଁ ପଞ୍ଚାୟତର ଶଶାଙ୍କ ଗ୍ରାମଠାରେ ୨୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଦଣ୍ଡାବନ୍ଧ କାର୍ଯ୍ୟ ଅଧାପନ୍ତରିଆ ହୋଇପଡିଛି। ଏ ନେଇ ୪ଗ୍ରାମର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଏହି ବନ୍ଧ ନିର୍ମାଣ ସରିଥିଲେ ମଧ ଏଥିରେ ବିଭାଗୀୟ କ୍ଷୁଦ୍ର ଜଳସେଚନ ଅଧିକାରୀ ଲୁହା ଶଟର ଲଗାଇ ନ ଥିବାରୁ ଉଦ୍‌ବୃତ୍ତ ବର୍ଷା ଜଳ ବନ୍ଧ ଡେଇଁ ତଳକୁ ପଳାଇ ମହାନଦୀରେ ମିଶିଯାଉଛି। ଜଳ ସଂରକ୍ଷଣ କରି ଚାଷୀଙ୍କ ଜମିକୁ ପାଣି ମଡାଇ ସେମାନଙ୍କୁ ଅଧିକ ଧାନ ଉତ୍ପାଦନ ପାଇଁ ପ୍ରୋତ୍ସାହନ ଦେବାକୁ କେନ୍ଦ୍ରଠାରୁ ରାଜ୍ୟସରକାରଙ୍କ ପର୍ଯ୍ୟନ୍ତ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି। ବାସ୍ତବକ୍ଷେତ୍ରରେ ତାହା କାର୍ଯ୍ୟକାରୀ ହେଉ ନ ଥିବା ଶଶାଙ୍କ ଗ୍ରାମର ଚାଷୀ ଜୟକୃଷ୍ଣ ସାହୁ କହିଛନ୍ତି। ଏହି ଦଣ୍ଡାବନ୍ଧ କାମ ସମ୍ପୂର୍ଣ୍ଣ ହେଲେ ଶଶାଙ୍କ, ଚରାଭଉଁରୀ, ବଳୀପୁର ଓ କୁମାରପୁର ଗ୍ରାମର ଶତାଧିକ ଚାଷୀଙ୍କର ପ୍ରାୟ ୨ଶହ ଏକର ଜମିରେ ପାଣି ମାଡ଼ି ଚାଷ କାର୍ଯ୍ୟ ସୁଚାରୁରୂପେ ସମ୍ପନ୍ନ ହୋଇପାରନ୍ତା। ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ନୀତି ଯୋଗୁ ଏହି ଚାଷୀମାନେ ସେମାନଙ୍କ ବାର୍ଷିକ ଆହାର ହରାଇବାକୁ ଯାଉଥିବାରୁ ତାଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ଦଣ୍ଡାବନ୍ଧ ଯୋଗୁ ବାଲିଗରି, ଗାଡିବିଲ ଓ ମଟାଳ ଆଦି ୩ଟି ଗହୀରରେ ଥିବା ଶହ ଶହ ଏକର ଚାଷ ଜମିକୁ ପାଣି ମାଡ଼ିଥାନ୍ତା। ବର୍ଷା ପରେ ଶର୍ଟର ନ ଲାଗିବାରୁ ପାଣି ସବୁ ବନ୍ଧ ତଳକୁ ଡେଇଁ ପଳାଇଯାଉଛି। ଏଥିଯୋଗୁ ଚାଷକାମରେ ବାଧାପ୍ରାପ୍ତ ହେଉଥିବା ଚାଷୀ ଅଚ୍ୟୁତାନନ୍ଦ ସାହୁ, ନରେନ୍ଦ୍ର ସାହୁ, ଅର୍ଜୁନ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଗତ ଜୁଲାଇ ୨୭ରେ ଚାଷୀମାନେ ପୁନର୍ବାର ବିଭାଗୀୟ ଅଧିକାରୀଙ୍କ ସମେତ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ନେଇ ଆଠଗଡ଼ କ୍ଷୁଦ୍ର ଜଳସେଚନ ନିର୍ବାହୀଯନ୍ତ୍ରୀ ହୃଦୟ କୁମାର ମହାପାତ୍ର କୁହନ୍ତି, ଏହି ଶଟର ଲଗାଇବା କାମ ପୂର୍ବରୁ ଆମ ବିଭାଗର ଥିଲା। ଏବେ ସରକାର ମେକାନିକାଲ ଉଇଙ୍ଗ୍‌ସକୁ ଏହି କାମ ଦେଇଛନ୍ତି। ଚାଷୀଙ୍କ ଅଭିଯୋଗପାଇ ସମ୍ପୃକ୍ତ ବିଭାଗକୁ ଚିଠି ଲେଖି ତୁରନ୍ତ ଶଟର ଲଗାଇବା ପାଇଁ କହିଛୁ। ଯଦି ଶଟର ଲାଗିବାରେ ବିଳମ୍ୱ ହେବ ବନ୍ଧ ଉପରେ ଏକ ପଥର ବନ୍ଧ ଦେଇ ପାଣି ଅଟକାଇବାକୁ ଚେଷ୍ଟା କରିବୁ ବୋଲି ସେ କହିଥିଲେ।



ଶଟର ଲାଗି ନ ଥିବା ଶଶାଙ୍କ ଗ୍ରାମର ଦଣ୍ଡାବନ୍ଧ।

# ବ୍ଲକ ଅଧ୍ୟକ୍ଷଙ୍କ ସରକାରୀ ଅଫିସ ଜବରଦଖଲ

## ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କଲେ ଲୋକପ୍ରତିନିଧି

ନରାଜ, ୨।୮ (ଡି.ଏନ୍.ଏ.)

ବାରଙ୍ଗ ବ୍ଲକରେ ସରକାରୀ ଅଧିକାରୀମାନଙ୍କ ପାଇଁ ସରକାରୀ ବାସଭବନ ନିର୍ମାଣ ହେଉ ନ ଥିବାବେଳେ ପୁରୁଣା ବାସଭବନରେ ସେମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ବାରଙ୍ଗ ବ୍ଲକର ଅଧ୍ୟକ୍ଷ ସରୋଜ କୁମାର ସାହୁ ବ୍ଲକର ଏକ ଅଫିସ ଗୃହକୁ ପ୍ରାୟ କିଛିମାସ ହେବ ପରିବାର ସହ ବ୍ୟବହାର କରୁଛନ୍ତି। ଯାହାକୁ କେନ୍ଦ୍ରକରି ଏଠାରେ ଆଇନଗତ ସମସ୍ୟା ଦେଖାଦେଇଛି। ତେଣୁ ସେହି ଅଫିସ ଗୃହକୁ ଛାଡିବା ପାଇଁ ସାଧାରଣରେ ଦାବି ହୋଇଛି। ତୁରନ୍ତ ଏହାର ପଦକ୍ଷେପ ଗ୍ରହଣ କରିବା ପାଇଁ ବାଙ୍କୀ-ବାରଙ୍ଗ ଯୁବ ପରିଷଦର ସଭାପତି ତୁଷାରକାନ୍ତ ଚକ୍ରବର୍ତ୍ତି, ଉପାଧ୍ୟକ୍ଷା ସୁମିତ୍ରା ବେହେରା, ସରପଞ୍ଚ ଯତୀନ୍ଦ୍ର କୁମାର ସାହୁ, ଶିଶିର କୁମାର ଜେନା, ସମିତିସଭ୍ୟ ଭୂପତି ଭୂଷଣ ପାଣି, ସଞ୍ଜୀବ କୁମାର ସାହୁ, ଦେବାଶିଷ ରାଉତ ଓ କୁନମୁନ ସଂ ପ୍ରମୁଖ ଜିଲାପାଳ କଟକ, ପ୍ରକଳ୍ପ ନିର୍ଦ୍ଦେଶକ ଜିଲାଗ୍ରାମ୍ୟ ଉନ୍ନୟନ ସଂସ୍ଥା କଟକଙ୍କୁ ବିଡିଓ ବାରଙ୍ଗଙ୍କ ଜରିଆରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ବାବଦରେ ବାରଙ୍ଗ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆକୁଳ ଚନ୍ଦ୍ର ମଲ୍ଲିକ ପଚାରିବାରୁ ସେ କିପରି ଏଠାରେ ରହୁଛନ୍ତି ସେ ବିଷୟରେ ମୁଁ କିଛି ଜାଣିନି। ପୂର୍ବରୁ ଏଥିପାଇଁ ଅଭିଯୋଗ ଆସିଥିଲା, ଏଥିପାଇଁ ମୁଁ ଉପରସ୍ଥ ଅଧିକାରୀଙ୍କୁ ଏହି ବିଷୟରେ ଜଣାଇଛି ବୋଲି କହିଛନ୍ତି। ଏ ନେଇ ବ୍ଲକ ଅଧ୍ୟକ୍ଷ ସାହୁ କୁହନ୍ତି, ମୋ ନାଁରେ ଯଦି କିଛି ଅଭିଯୋଗ ଅଛି, ତେବେ ପଞ୍ଚାୟତ ସମିତି ବୈଠକରେ ଆଲୋଚନା କରିପାରିବେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାବେ ମୋର ଏଠାରେ ସବୁବେଳେ କାମ ରହୁଥିବାରୁ ମୋର ଘରର ଆବଶ୍ୟକତା ଥିଲା। ସେଥିପାଇଁ ଏଠାରେ ମୁଁ ରହିଛି, ଏଥିପାଇଁ ଯଦି ଦେୟ ଦେବାକୁ ପଡେ, ତାହା ଦେବି।

# ବସ୍ତିବାସିନ୍ଦା ମିଳିତ ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର





ଜିଲାପାଳଙ୍କ ଅଫିସ ସମ୍ମୁଖରେ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ କରାଯାଉଛି।

କଟକ ଅଫିସ, ୨।୮

କୃଷକ ବଜାରରେ ବସ୍ତି ଉଚ୍ଛେଦ ଘୋଷଣା ଓ ପ୍ରଶାସନର ମନମୁଖି କାର୍ଯ୍ୟକଳାପ ବିରୋଧରେ ଶୁକ୍ରବାର ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ୨୦୧୭ରେ ରାଜ୍ୟ ସରକାର ବସ୍ତିବାସିନ୍ଦାଙ୍କ ସୁରକ୍ଷା ପାଇଁ ଆଇନ ପ୍ରଣୟନ କରିଥିଲେ। ଏହାଦ୍ୱାରା ବସ୍ତିବାସିନ୍ଦାମାନଙ୍କୁ ସୁରକ୍ଷା ଦେବା ସହ ବାସଗୃହ ଯୋଗାଇଦେବାକୁ ସରକାର ପ୍ରତିଶ୍ରୁତିଦେଇଥିଲେ। କିନ୍ତୁ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇନାହିଁ। ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ବସ୍ତି ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଜୁଳି, ପାଣି ବନ୍ଦ ପାଇଁ ମଧ ପ୍ରଶାସନ ଘୋଷଣା କରିଛି। ଜିଲା ପ୍ରଶାସନର ଏଭଳି ଅଗଣତାନ୍ତ୍ରିକ ନିଷ୍ପତ୍ତି ବିରୋଧରେ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ବସ୍ତି ନେତା ଦୀପକ ଦାସ, ସସ୍ମିତା ମହାନ୍ତି, ମହାନଗର ନାଗରିକ ମଞ୍ଚର ଆବାହକ ଚିତ୍ତରଞ୍ଜନ ମହାନ୍ତି, ପୂଜା ନାୟକ, ସୁକାନ୍ତୀ ସାହୁ, ଲିଙ୍ଗରାଜ ବାରିକ ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।

### ଫେରାର ଅଭିଯୁକ୍ତ ଗିରଫ

କଟକ ଅଫିସ, ୨।୮

ମର୍କତନଗର ଥାନା ପୋଲିସ ଶୁକ୍ରବାର ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସିଡିଏ ସେକ୍ଟର-୬ ହଇରାଣପୁର ବସ୍ତିର କୁନା ଦାସ। ସୂଚନା ଅନୁଯାୟୀ, ସିଡିଏ ସେକ୍ଟର-୭ ଅଞ୍ଚଳରେ ଏକ ଦୋକାନ କରିବାକୁ କେନ୍ଦ୍ରକରି ଜଗନ୍ନାଥ ବାରିକ ଓ କୁନାଙ୍କ ମଧ୍ୟରେ ବିବାଦ ରହିଥିଲା। ଏହାକୁ ନେଇ ଜଗନ୍ନାଥଙ୍କୁ କୁନା ଓ ତାର ସହଯୋଗୀ ଶିବନାୟକ, ମାନସ ବାରିକ ଆକ୍ରମଣ କରିଥିଲେ। ଏ ନେଇ ଜଗନ୍ନାଥଙ୍କ ଅଭିଯୋଗକ୍ରମେ ପୋଲିସ ଶିବ ଓ ମାନସ ଗିରଫ କରି ପୂର୍ବରୁ କୋର୍ଟ ଚାଲାଣ କରିଥିଲା। ମୁଖ୍ୟ ଅଭିଯୁକ୍ତ କୁନା ଫେରାର ଥିଲା। ଶୁକ୍ରବାର କୁନା ଘରେ ଥିବା ଖବରପାଇ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା।

# କନଷ୍ଟ୍ରକଶନ ମଜଦୁର ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

କଟକ ଅଫିସ, ୨।୮

ବିଭିନ୍ନ ଦାବି ନେଇ କନଷ୍ଟ୍ରକଶନ ମଜଦୁର ସଂଘ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ କଲ୍ୟାଣ ବୋର୍ଡରେ ପ୍ରତିନିଧିତ୍ୱ ପ୍ରଦାନ, ଜିଲା ଶ୍ରମ କାର୍ଯ୍ୟାଳୟରେ ପଞ୍ଜୀକରଣ ଏବଂ ଅନ୍ୟାନ୍ୟ ସହାୟତା ପାଇଁ ପଡ଼ି ରହିଥିବା ଆବେଦନପତ୍ରଗୁଡିକର ଫଇସଲା କରାଯିବା, ସମସ୍ତ ଜିଲା କାର୍ଯ୍ୟାଳୟରେ ପର୍ଯ୍ୟାପ୍ତ ଅଧିକାରୀ, କର୍ମଚାରୀ ଏବଂ କମ୍ପ୍ୟୁଟର ଅପରେଟର ନିଯୁକ୍ତି କରାଯିବା, ଶ୍ରମିକମାନଙ୍କର ସମସ୍ୟାର ସମାଧାନ ସହ ନିର୍ମାଣ ଶ୍ରମିକମାନଙ୍କୁ ୬୦ବର୍ଷ ପରେ ମାସିକ ୩୦୦୦ଟଙ୍କା ପେନସନ ପ୍ରଦାନ, ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ୫ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ସଂଘ ସାଧାରଣ ସମ୍ପାଦକ ଯୁଧିଷ୍ଠିର ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସଭାପତି କାହ୍ନୁଚରଣ ସାହୁ, ଉପସଭାପତି ନିହାର ରଞ୍ଜନ ଦାସ, ପୁଷ୍ପରାଜ ପଟ୍ଟନାୟକ, ଶୁଭେନ୍ଦୁ ନାୟକ, ପ୍ରଦୀପ ମହାନ୍ତି ପ୍ରମୁଖ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

# କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ





କେନ୍ଦ୍ରୀୟ ଟ୍ରେଡ ୟୁନିୟନ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ କରାଯାଉଛି।

କଟକ ଅଫିସ, ୨।୮

କେନ୍ଦ୍ର ସରକାରଙ୍କ ଶ୍ରମ ସଂକ୍ରାନ୍ତ ମଜୁରି, ପେଷାଗତ ସୁରକ୍ଷା ଓ ସୁସ୍ଥ କର୍ମ ପରିବେଶ ସଂକ୍ରାନ୍ତରେ ଆଣିଥିବା ବିଲ୍‌କୁ ଶ୍ରମିକମାନଙ୍କର ବହୁ ଅଧିକାରକୁ ବିଲୋପ କରୁଛି। ଏହି ବିଲ୍ ମାଲିକ ସପକ୍ଷବାଦୀ ହେବା ସହ ସର୍ବନିମ୍ନ ମଜୁରି ଦିନକୁ ୧୭୮ଟଙ୍କା ବୋଲି ଅବିହିତ କରାଯାଇଛି। ଏହାର ପ୍ରତିବାଦରେ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ମିଳିତ ମଞ୍ଚ ପକ୍ଷରୁ ଶୁକ୍ରବାର ସର୍ବଭାରତୀୟ ପ୍ରତିବାଦ ଦିବସ ଭାବେ ପାଳନ କରାଯାଇଥିଲା। ମଞ୍ଚ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ତୁରନ୍ତ ବିଲ୍‌କୁ ପ୍ରତ୍ୟାହାର କରିବା ପାଇଁ ଦାବି କରାଯାଇଛି। ବିକ୍ଷୋଭରେ ରାଜେନ୍ଦ୍ର ପ୍ରସାଦ ସିଂ, କିଶୋର ଜେନା, ରବିନାରାୟଣ ମଲିକ, ଅମରେନ୍ଦ୍ର ମହାନ୍ତି, ଖଗେଶ୍ୱର ସେଠୀ, ଗୋକୁଳାନନ୍ଦ ବେହେରା, ମନୋଜ ରଥ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।

■ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

# ବାପଘର ଆଣିଲେ ହତ୍ୟା ଅଭିଯୋଗ

ଚୌଦ୍ୱାର, ୨।୮ (ଡି.ଏନ୍.ଏ.)

ଚୌଦ୍ୱାର ପୌରପାଳିକା ୧୨ନଂ. ୱାର୍ଡ ଓଟିଏମ୍ କଲୋନୀରେ ଶୁକ୍ରବାର ଚୌଦ୍ୱାର ପୋଲିସ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ଉଦ୍ଧାର କରିଛି। ମୃତା ମହିଳା ହେଲେ ସୋମନାଥ ପତିଙ୍କ ସ୍ତ୍ରୀ ଝିଲି ପତି(୨୫)। ଅନ୍ୟପକ୍ଷରେ ଶାଶୁଘର ଲୋକ ତାଙ୍କୁ ହତ୍ୟା କରି ଟାଙ୍ଗି ଦେଇଛନ୍ତି ବୋଲି ଝିଲିର ଭାଇ ପ୍ରଦୀପ ତ୍ରିପାଠୀ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ମାମଲା (ନଂ.୨୪୮/୧୯)ରୁଜୁ କରି ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, ଚୌଦ୍ୱାର ପୌରପାଳିକାର ୮ନଂ. ୱାର୍ଡର ଝିଲି ୨୦୧୭ ରେ ସୋମନାଥଙ୍କୁ ବିବାହ କରିଥିଲେ। ଝିଲିଙ୍କ ଶାଶୁ ଗୁରୁବାର ରାତିରେ ତାଙ୍କ ବଡ଼ପୁଅ ରହୁଥିବା ଗୁରୁଡ଼ିଝାଟିଆ ଥାନା କପୁରସିଂ ଗ୍ରାମକୁ ଯାଇଥିଲେ। ଶୁକ୍ରବାର ସକାଳେ ଝିଲି ତାଙ୍କୁ ଫୋନ୍ କରି ଘରକୁ ଆସିବାକୁ କହିଥିଲେ। ଶାଶୁ ମଧ୍ୟାହ୍ନରେ ଘରକୁ ଫେରି ଝିଲି ଘର ଭିତରେ ଥିବା ଆଜବେଷ୍ଟଶ ତଳ ଲୁହା ଶେଣୀରେ ଦଉଡ଼ିରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ସେ ପାଖ ପଡ଼ୋଶୀଙ୍କୁ ଡାକିବା ସହ ଲୋକେ ଝିଲିଙ୍କୁ ତଳକୁ ଆଣିଥିଲେ। ଏହା ପରେ ପରିବାର ଲୋକ ଚିକିତ୍ସା ପାଇଁ ଝିଲିଙ୍କୁ କଟକ ବଡ଼ ମେଡ଼ିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡିକାଲରେ ରଖାଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି। ପ୍ରଦୀପଙ୍କ ଅଭିଯୋଗ ଅନୁଯାୟୀ, ସୋମନାଥ ମଦ୍ୟପାନ କରୁଥିବା ବେଳେ ଅନେକ ସମୟରେ ଝିଲିଙ୍କୁ ମାଡ଼ ମାରିବା ସହ ନିର୍ଯାତନା ଦେଉଥିଲେ। ସୋମନାଥ ମଦ୍ୟପାନ କରି ତାଙ୍କ ଭଉଣୀଙ୍କୁ ମାରିଦେଇଛନ୍ତି ବୋଲି ସେ ତାଙ୍କ ଅଭିଯୋଗପର୍ଦ୍ଦରେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ସକାଳେ ଝିଲି ତିଆରି କରିଥିବା ତରକାରି ପୋଡ଼ି ଯାଇଥିବାରୁ ଅଭିମାନରେ ତରକାରି ଫୋପାଡ଼ି ନ ଖାଇ କାର୍ଯ୍ୟକୁ ଯାଇଥିଲେ ବୋଲି ସୋମନାଥ କହିଛନ୍ତି।

### ସାଇକେଲ ଚୋରି, ଅଭିଯୁକ୍ତ ଗିରଫ

ଖୁଣ୍ଟୁଣୀ, ୨।୮ (ଡି.ଏନ୍.ଏ.)

ସାଇକେଲ ଚୋରି ଅଭିଯୋଗରେ ଗୁରୁଡିଝାଟିଆ ଥାନା ପୋଲିସ ଶୁକ୍ରବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଓରନ୍ଦା ଗ୍ରାମର ସରୋଜ ଦେହୁରୀ। ସୂଚନା ଅନୁଯାୟୀ, ଗତ ୨୧ତାରିଖରେ ଗୁରୁଡିଝାଟିଆ ଗ୍ରାମର ପବିତ୍ର ବାରିକଙ୍କ ସାଇକେଲ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଶୁକ୍ରବାର ଉକ୍ତ ସାଇକେଲକୁ ଗୁରୁଡିଝାଟିଆ ଅଞ୍ଚଳର ଜଣେ ବ୍ୟକ୍ତି ଚଲାଉଥିବା ଦେଖି ପବିତ୍ର ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କୁ ପଚାରିବାରୁ ସରୋଜ ତାଙ୍କୁ ଏହି ସାଇକେଲ ବିକ୍ରି କରିଥିବା କହିଥିଲେ। ଏହା ପରେ ପୋଲିସ ସରୋଜଙ୍କୁ ଓରନ୍ଦା ନିକଟରୁ ଗିରଫ କରିଥିଲା।

# ଦଳିତ ମହିଳା ମହାସଂଘର ତାଲିମ ଶିବିର

କଟକ ଅଫିସ, ୨।୮

ଲିଙ୍କରୋଡସ୍ଥିତ ଏକ ହୋଟେଲରେ ଡ. ବି.ଆର. ଆମ୍ବେଡକର ଦଳିତ ମହିଳା ମହାସଂଘ ପକ୍ଷରୁ ବୁଧବାର ମାନବାଧିକାର ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଦଳିତ ଅନୁସୂଚିତ ଜାତି ଓ ଜନଜାତିର ମହିଳାମାନଙ୍କର ସାମ୍ବିଧାନିକ ଅଧିକାର ବିଷୟରେ ଏଠାରେ ଅଲୋଚନା ହୋଇଥିଲା। ଏଥିରେ ଆମ୍ବେଡକର ଲୋହିଆ ବିଚାର ମଞ୍ଚର ନିର୍ଦ୍ଦେଶକ ସଂଗ୍ରାମ ମଲ୍ଲିକ ଯୋଗଦେଇ କହିଲେ, ଗୋଟିଏ ପଟେ ସମ୍ବିଧାନର ନିୟମ ଓ ଅନ୍ୟ ପଟେ ସାମାଜିକ ରୀତିନୀତି। ଦେଶରେ ଅସ୍ପୃଶ୍ୟତା ନିବାରଣ, ସମାନତା ଅଧିକାର ପାଇଁ ଆଇନ ତିଆରି ହୋଇଛି। ହେଲେ ଆଜି ବି ଦଳିତ ଅନୁସୂଚିତ ଜାତି ଓ ଜନଜାତିର ମହିଳାମାନେ ଅବହେଳିତ। ଏଥିପ୍ରତି ଜନସାଧାରଣ ସଚେତନ ହେବାର ଆବଶ୍ୟକତା ରହିଛି। ସଂଘର ଜିଲା ସଂଯୋଜିକା ରୀନା ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପଦ୍ମାବତୀ ନାୟକ, ହେମେନ୍ଦ୍ର ସାମଲ, ନୟନା ନାୟକ, ଡ. ଜୁଡିଥ ଆନେଲାଲଙ୍କ ସମେତ ସଂଘର ବହୁ ସଦସ୍ୟ ସଭାରେ ଉପସ୍ଥିତ ଥିଲେ।



କଟକ ରାଜେନ୍ଦ୍ରନଗରଠାରେ ଶୁକ୍ରବାର ପଦ୍ମିନୀ ରଥ ସ୍ମୃତି ସଭାରେ ଯୋଗଦେଇଥିବା ବ୍ୟକ୍ତିବୃନ୍ଦ।

# କଳିଙ୍ଗ ନଗର ବିକାଶ ପାଇଁ ଆରପିଡିଏସି ବୈଠକ

କଟକ ଅଫିସ, ୨।୮

ଯାଜପୁର ଜିଲା ଅନ୍ତର୍ଗତ କଳିଙ୍ଗନଗର ଅଞ୍ଚଳରେ ଅବସ୍ଥିତ ବିଭିନ୍ନ ଶିଳ୍ପ ସଂସ୍ଥାର ୭ମ ଥଇଥାନ ଏବଂ ପାରିପାର୍ଶିକ ଅଞ୍ଚଳ ବିକାଶ ଉପଦେଷ୍ଟା କମିଟି (ଆରପିଡିଏସି) ବୈଠକ ଶୁକ୍ରବାର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି)ଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆରଡିସି ଅନୀଲ କୁମାର ସାମଲ ଅଧ୍ୟକ୍ଷତା କରିଥିଲେ। କଳିଙ୍ଗନଗର ଅଞ୍ଚଳରେ ଥିବା ଟାଟା, ଜିନ୍ଦଲ, ମେସ୍କୋ, ଭିସା, ନୀଳାଚଳ ଇସ୍ପାତ, ରୋହିତ ଫେରୋ ଆଲଏସ, ବ୍ରାହ୍ମଣୀ ରିଭର ପେଲେଟସ୍ ସମେତ ନେସ୍କୋ ଏବଂ ଅନ୍ୟାନ୍ୟ ଶିଳ୍ପସଂସ୍ଥାର ସାମୂହିକ ବିକାଶ ଦିଗରେ ପଦକ୍ଷେପ ନେବା ସମ୍ପର୍କରେ ଆଲୋଚନା ହୋଇଥିଲା। ସ୍ଥାନୀୟ ଲୋକମାନଙ୍କୁ ଅଗ୍ରାଧିକାର ଭିତ୍ତିରେ କମ୍ପାନୀମାନେ ନିଯୁକ୍ତି ଦିଆଯିବା ଓ ଆବଶ୍ୟକ ନିଯୁକ୍ତି ସମ୍ବନ୍ଧରେ ଆରଡିସି ସାମଲ ସମୀକ୍ଷା କରିଥିଲେ। ନିଯୁକ୍ତି କ୍ଷେତ୍ରରେ ନିୟୋଜିତ ହେଉଥିବା କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜିଲେ ଶିଳ୍ପସଂସ୍ଥାମାନେ କିଭଳି ସକାରାତ୍ମକ ପଦକ୍ଷେପ ଗ୍ରହଣ କରୁଛନ୍ତି, ସେ ବିଷୟରେ ଆରଡିସି ସାମଲ କମ୍ପାନୀମାନଙ୍କର ପ୍ରତିନିଧିମାନଙ୍କଠାରୁ ପଚାରି ବୁଝିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଯନ୍ତ୍ରୀ ଉପସ୍ଥିତ ରହି ପ୍ରତ୍ୟେକ ମାସରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଶ୍ରମ ବିଭାଗ ଅଧିକାରୀ ଓ ନିୟୋଜନ ଅଧିକାରୀମାନେ ଶିଳ୍ପସଂସ୍ଥାଗୁଡିକର ନିଯୁକ୍ତି ସମ୍ବନ୍ଧୀୟ ସୂଚନା ପ୍ରଦାନ କରୁଛନ୍ତି ବୋଲି କହିଥିଲେ। ସରକାରଙ୍କ ଶିଳ୍ପ ନିଯୁକ୍ତି ଆଦେଶ ଅନୁଯାୟୀ, ସ୍ଥାନୀୟ ଲୋକମାନଙ୍କ ନିଯୁକ୍ତି ଉପରେ କମ୍ପାନୀ ପ୍ରତିନିଧିମାନେ ଗୁରୁତ୍ୱାରୋପ କରିଥିଲେ। କଳିଙ୍ଗନଗର ଅଞ୍ଚଳରେ ଶିଳ୍ପସଂସ୍ଥାଗୁଡିକ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟ ଜାରି ରହିଛି। ଏହି କାର୍ଯ୍ୟ ଜାରି ରଖିବାକୁ ଆରଡିସି କହିଛନ୍ତି। କମ୍ପାନୀଗୁଡିକ କଳିଙ୍ଗନଗର ଅଞ୍ଚଳରେ ରାସ୍ତା, ସଡକ ସୁରକ୍ଷା, ଟ୍ରାଫିକ ନିୟନ୍ତ୍ରଣ ଓ ଟ୍ରକ ଟର୍ମିନାଲର ବ୍ୟବସ୍ଥା କରୁଥିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ, ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ରାଜସ୍ୱ ଆୟୁକ୍ତଙ୍କ ଅତିରିକ୍ତ ସଚିବ ସଞ୍ଚିତା ଦାସ, ଯାଜପୁର ଜିଲାର ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ।



ବୈଠକରେ ଆରଡିସି ଅନିଲ କୁମାର ସାମଲ ଓ ଅନ୍ୟମାନେ।



ଅନ୍ୟର ଆନୁଗତ୍ୟରେ ରହିଥିବା ଦେଶ ବା
ଜାତି କେବେ ବି ଆଗେଇ ପାରିବ ନାହିଁ।
-ନେତାଜୀ ସୁଭାଷ ବୋଷ



## ସଂକ୍ଷେପରେ

### ଉଦ୍ଧାର ଶିଶୁ କିଶୋର ଶ୍ରମିକ ଘରକୁ ଫେରି ପାରୁନାହାନ୍ତି

**ଖୋର୍ଦ୍ଧା ଅଫିସ,୨।୮:** ହଜି ଯାଇଥିବା ଶିଶୁ, କିଶୋର ଶ୍ରମିକମାନଙ୍କୁ ଉଦ୍ଧାର ଓ ଥଇଥାନ ନିମନ୍ତେ ପରୀ ୩ କାର୍ଯ୍ୟକ୍ରମ ଖୋର୍ଦ୍ଧା ଜିଲାରେ ଚାଲୁ ରହିଛି। ତେବେ ଝାଡଖଣ୍ଡର ୨ରୁ ୩ଜଣ ଶିଶୁ ଓ କିଶୋର ଶ୍ରମିକ ଘରକୁ ନ ଫେରି ହଇରାଣ ହେଉଛନ୍ତି। ସେମାନେ ନିଜର ଜମାନ ବନ୍ଦି ଓ ଆଧାରକାର୍ଡ ଦାଖଲ କରିଥିଲେ ମଧ ସେମାନଙ୍କୁ ଛଡା ଯାଉ ନ ଥିବା ଅଭିଯୋଗ ହେଉଛି। ଏପରିକି ବାପା ମରି ଯାଇଥିବାର କୁହାଯାଉଥିଲେ ହେଁ ପିତାମାତାଙ୍କୁ ଆଣିବାକୁ କୁହାଯାଉଛି। ଏ ନେଇ ଶିଶୁ ମଙ୍ଗଳ କମିଟି(ସିଡବ୍ଲୁସି)ର ଅଧକ୍ଷ ଏନ୍. ତ୍ରିପାଠୀ କୁହନ୍ତି, ଉଦ୍ଧାର ଶିଶୁ ଓ କିଶୋର ଶ୍ରମିକ ଘରକୁ ଫେରିବାକୁ ହେଲେ ଆବଶ୍ୟକ ପ୍ରମାଣପତ୍ର ଦାଖଲ କରିବାକୁ ପଡିବ। ଯଦି ବାପା ମରି ଯାଉଛନ୍ତି ତେବେ ଚାଇଲ୍ଡ ଲାଇନ, ପୋଲିସ ଅବଗତ କରିବା ଦରକାର।

### ୪ ମାଙ୍କଡା ପଥର ବୋଝେଇ ଟ୍ରାକ୍ଟର ଜବତ

**ଖୋର୍ଦ୍ଧା ଅଫିସ,୨।୮:** ଖୋର୍ଦ୍ଧା ଜିଲାର ଜଙ୍କିଆ ଥାନା ପୋଲିସ କୋଲକତା-ମାଡ୍ରାସ ୧୬ ନଂ. ଜାତୀୟ ରାଜପଥର ଗୋଡିବନ୍ଧ ନିକଟରେ ୪ଟି ମାଙ୍କଡା ପଥର ବୋଝେଇ ଟ୍ରାକ୍ଟର ଶୁକ୍ରବାର ଜବତ କରିଛି। ଏଗୁଡିକ ତହସିଲକୁ ସ୍ଥାନାନ୍ତର କରାଯିବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି।

### ରୋଜା ପକ୍ଷରୁ ଶୋକସଭା

**ଜଟଣୀ,୨।୮(ଡି.ଏନ.ଏ.):** ଜଟଣୀସ୍ଥିତ ରେଲୱେ ସ୍କୁଲର ଦୁଇଜଣ ପ୍ରାକ୍ତନ ବିଦ୍ୟାର୍ଥୀ ବିନୋଦିନୀ ନାୟକ, ଭକ୍ତ ଭୂଷଣ ଦାସ ଓ ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ଦାସଙ୍କ ପରଲୋକ ହୋଇଯାଇଛି। ଏ ନେଇ ବିଦ୍ୟାଳୟ ପୁରାତନ ଛାତ୍ର ସଙ୍ଗଠନ (ରୋଜା) ପକ୍ଷରୁ ସ୍ଥାନୀୟ ଆକାଉଣ୍ଟସ୍ ରିକ୍ରେଏଶନ କ୍ଲବ ପରିସରରେ ଶୁକ୍ରବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। ରୋଜାର ସଭାପତି ଡ. ସଞ୍ଜୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଶୋକସଭାରେ ଉପସ୍ଥିତ ସଭ୍ୟମାନେ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ। ରୋଜାର ଉପଦେଷ୍ଟା ତଥା ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ ଦିବଂଗତ ବ୍ୟକ୍ତିତ୍ୱମାନଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ଏଥିର ଅନ୍ୟମାନଙ୍କ ମଧରେ ସୁବ୍ରତ କୁମାର ପଣ୍ଡା, ରାଧାମୋହନ ପଟ୍ଟନାୟକ, ଅରୁଣ କୁମାର ମହାନ୍ତି, ଶଙ୍କର ନାୟକ, ଜି. ହରିହର ରାଓ, ଶିଶିର କୁମାର ପାଢ଼ୀ, ସଞ୍ଜୟ କୁମାର ମହାନ୍ତି, ନିରଞ୍ଜନ ମିଶ୍ର, ପ୍ରଣତି ସ୍ୱାଇଁ, ନଳିନୀ କୁମାର ସ୍ୱାଇଁ, ସୁସ୍ମିତା ପ୍ରଧାନ, ଆଲତାଫ୍ ହୁସେନ ଜ୍ୟୋତି ଶଙ୍କର ମଙ୍ଗରାଜ ଓ ସାଧାରଣ ସମ୍ପାଦକ ଡ. ତପନ ମିଶ୍ର ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।

## ■ ଜଟଣୀ ମ୍ୟୁନିସିପାଲିଟି

# ୫ ଲକ୍ଷ ବାତ୍ୟା ଫନୀ ଟଙ୍କା ହଡ଼ପ

- ■ ଧରାପଡ଼ିବା ପରେ ଫେରାଉଛନ୍ତି ସମ୍ପୃକ୍ତ କର୍ମଚାରୀ
- ■ କାର୍ଯ୍ୟାନୁଷ୍ଠାନ ଘର ଶୂନ

**ଜଟଣୀ,୨।୮(ଡି.ଏନ.ଏ.)**

ବିଗତ ଦିନରେ ଲାଞ୍ଚ ନେବା, ଭଡ଼ା ଟଙ୍କା ହଡ଼ପ କରିବା ଆଦି ବିଭିନ୍ନ ଦୁର୍ନୀତିମୂଳକ କାର୍ଯ୍ୟ କରି ଜଟଣୀ ମ୍ୟୁନିସିପାଲିଟିର କେତେଜଣ କର୍ମଚାରୀ ଭିଜିଲାନ୍ସ ହାତରେ ଧରାପଡ଼ିବା ନଜିର ରହିଛି। ଲାଞ୍ଚ ନେବା ସମୟରେ ଲଳିତ କପୁର ନାମ୍ନୀ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ପୂର୍ବରୁ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ଏବେ ବାତ୍ୟା ଫନୀ ପାଇଁ ଆସିଥିବା ଟଙ୍କା ମଧ ଦାୟିତ୍ୱରେ ଥିବା ମ୍ୟୁନିସିପାଲିଟିର କେତେଜଣ କର୍ମଚାରୀ ଚଲୁ କରି ଦେଇଛନ୍ତି। ଯାଞ୍ଚ ସମୟରେ ସନ୍ଦେହ ହେବାରୁ ନିର୍ବାହୀ ଅଧିକାରୀ ଏହା ଜାଣି ପାରିଥିଲେ। ପରେ ଏପରି ଘଟଣା ପଦାକୁ ଆସିଛି। ବେନିୟମ ପନ୍ଥା ଅବଲମ୍ବନ କରି କେତେଜଣ କର୍ମଚାରୀ ପାଖାପାଖି ୫ ଲକ୍ଷ ବାତ୍ୟା ଫନୀ ଟଙ୍କା ହଡ଼ପ କରି ନେଇଛନ୍ତି। ତଦନ୍ତ ଚାଲିଥିବାରୁ ହଡ଼ପ ଟଙ୍କାର ପରିମାଣର ଆହୁରି ବଢ଼ିବାର ସମ୍ଭାବନା ରହିଛି।

ସୂଚନାଯୋଗ୍ୟ ବାତ୍ୟା ପରେ ରାଶନକାର୍ଡ଼ଧାରୀଙ୍କୁ ସହାୟତା ସ୍ୱରୂପ ୨ ହଜାର ଓ ପଲିଥିନ ବାବଦରେ ୫ ଶହ କରି ଅଢ଼େଇ ହଜାର ଟଙ୍କା ପ୍ରଦାନ କରାଯାଉଥିଲା। ହେଲେ ଅନେକ ରାଶନକାର୍ଡ଼ଧାରୀ ଅଢ଼େଇ ହଜାର କରି ଦୁଇଥର ତଥା ୫ ହଜାର ଟଙ୍କା ନେଇଥିବା ଯାଞ୍ଚ ସମୟରେ ଧରାପଡ଼ିଥିଲା। ଗୋଟିଏ ତାଲିକାରେ ରାଶନକାର୍ଡ଼ଧାରୀଙ୍କ ଦସ୍ତଖତ ଥିବା ବେଳେ ଅନ୍ୟ ଏକ ଖାତାରେ ସମାନ ନାମରେ ଟିପ ଚିହ୍ନଥିବା ଦେଖିବାକୁ ମିଳିଥିଲା। ବାତ୍ୟା କ୍ଷତିଗ୍ରସ୍ତଙ୍କ ପାଇଁ ଆସିଥିବା ସହାୟତା ଅର୍ଥ ରାଶିର ଖର୍ଚ୍ଚ ରିପୋର୍ଟ ସରକାରଙ୍କୁ ପ୍ରଦାନ ପାଇଁ ରେକର୍ଡ ପ୍ରସ୍ତୁତ ହେଉଥିବା ସମୟରେ ନିର୍ବାହୀ ଅଧିକାରୀଙ୍କ ନଜରକୁ ପ୍ରଥମେ ଏହା ଆସିଥିଲା। ଜଣେ ରାଶନକାର୍ଡଧାରୀଙ୍କ ଗୋଟିଏ ସ୍ଥାନରେ ଦସ୍ତଖତ ଓ ଅନ୍ୟଟିରେ ଟିପ ଚିହ୍ନ ଥିବା ଯାଞ୍ଚ ବେଳେ ସନ୍ଦେହକୁ ଅଧିକ ଦୃଢ଼ୀଭୂତ କରିଥିଲା। ଫଳରେ ଏହାର ତଦନ୍ତ ପାଇଁ କମ୍ୟୁନିଟି ଅର୍ଗାନାଇଜରଙ୍କୁ ନିର୍ବାହୀ ଅଧିକାରୀ ଦାୟିତ୍ୱ ଦେଇଥିଲେ। ସେମାନେ ଘରକୁ ଘର ବୁଲି ଏହାର ଅନୁଧାନ କରିଥିଲେ। ଆଲୁ ଖୋଳୁ ଖୋଳୁ ମହାଦେବ ବାହାରିବା ପରି ପ୍ରକୃତ ଘଟଣା ପଦାକୁ ଆସିଥିଲା। ପ୍ରଥମ ପର୍ଯ୍ୟାୟ ତଦନ୍ତ ସମୟରେ ୨୪୩ ଜଣଙ୍କ ନାମରେ ୨ ଥର ଲେଖାଏ ଟଙ୍କା ଉଠିଥିବା ନେଇ ଦେଖାଯାଇଥିବା ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର କହିଛନ୍ତି। ଟଙ୍କା ବାଣ୍ଟିବା ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କୁ ଏ ନେଇ ପଚରାଉଚୁରା କଲା ପରେ ହଡ଼ପ କରିଥିବା କର୍ମଚାରୀ ୪ ଲକ୍ଷ ୨୬ ହଜାର ଟଙ୍କା ଫେରସ୍ତ କରି ସାରିଲେଣି। ଆହୁରି ୩୦ ଜଣ ନାମରେ ହଡ଼ପ ହୋଇଥିବା ଟଙ୍କାକୁ ସମ୍ପୃକ୍ତ କର୍ମଚାରୀମାନେ ଶୀଘ୍ର ଫେରାଇବେ ବୋଲି ନିର୍ବାହୀ ଅଧିକାରୀ ମହାପାତ୍ର କହିଛନ୍ତି। ହଡପ କରି ଧରା ପଡ଼ିବା ପରେ ଟଙ୍କା ଫେରସ୍ତ କରିଥିବା କର୍ମଚାରୀଙ୍କ ବିରୋଧରେ ଏଯାବତ୍ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି କେତେଜଣ କଣ୍ଟ୍ରୋଲ ଡିଲର ଓ ମ୍ୟୁନିସିପାଲିଟି କର୍ମଚାରୀଙ୍କ ଅସାଧୁ ମେଣ୍ଟରେ ଲକ୍ଷାଧିକ ବାତ୍ୟା ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ ହେଉଛି। ଡିଲରମାନେ ରଖିଥିବା ଭୂତ ରାଶନକାର୍ଡ ମାଧ୍ୟମରେ ଟଙ୍କା ହଡ଼ପ କରାଯାଇଛି। ଏଥିରେ ମ୍ୟୁନିସିପାଲିଟିର କେତେଜଣ କର୍ମଚାରୀଙ୍କ ସମ୍ପୃକ୍ତି ରହିଥିବା ଅଭିଯୋଗରୁ ଜଣାପଡିଛି। ଏହାର ତଦନ୍ତ କରାଗଲେ ଆଉ ଏକ ବଡ଼ ଦୁର୍ନୀତିର ପର୍ଦ୍ଦାଫାଶ ହୋଇପାରନ୍ତା ବୋଲି ସାଧାରଣରେ ଦାବି ହୋଇଛି।



ରାସ୍ତାକଡରେ ପୋଲିସ ଷ୍ଟପ ପୋଷ୍ଟ ପଡିରହିଛି ।

## ■ ଟ୍ରାଫିକ ନିୟନ୍ତ୍ରଣରେ ଲାଗୁନି

# ଏଣେତେଣେ ପଡିଛି ପୋଲିସ ଷ୍ଟପ୍ ପୋଷ୍ଟ

**ଖୋର୍ଦ୍ଧା ଅଫିସ,୨।୮**

ଖୋର୍ଦ୍ଧା ସହରରେ ଟ୍ରାଫିକ ନିୟନ୍ତ୍ରଣରେ ଲାଗୁନି ପୋଲିସ ଷ୍ଟପ ପୋଷ୍ଟ। ଏହା ଅବ୍ୟବହୃତ ହୋଇ ଏଣେତେଣେ ପଡି ରହିଛି। ଗଜପତି ଛକଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଡିଥିବା ରାସ୍ତାରେ ୩ଟି ପୋଲିସ ଷ୍ଟପ ପୋଷ୍ଟ ଗଜପତି ଛକରେ ପଡି ନଷ୍ଟ ହେଉଛି। ସେହିପରି ଏନଏଚ କାର୍ଯ୍ୟାଳୟ ପରିସରରେ ଓ ଅନ୍ୟ ଗୋଟିଏ ଇଭିଏମ୍ ଷ୍ଟ୍ରଙ୍ଗ ରୁମ୍ ସମ୍ମୁଖରେ ଅନୁରୂପ ଭାବେ ପଡି ରହିଛି। ସେହିଭଳି ସହରର ବିଭିନ୍ନ ସ୍ଥାନରେ ରଖା ଯାଇଥିବା ଷ୍ଟପ ପୋଷ୍ଟ ଟ୍ରାଫିକ ନିୟନ୍ତ୍ରଣରେ ଲାଗୁ ନାହିଁ। ଏଗୁଡିକ ଟ୍ରାଫିକ ନିୟନ୍ତ୍ରଣରେ ବ୍ୟବହାର ନ କରି କେଉଁଥି ପାଇଁ ଏଣେ ତେଣେ ଫୋପଡା ଯାଇଛି ତାହାର କାରଣ ବୁଝାପଡୁନି।

# ରଘୁନାଥ ଜୁନିୟର ମହାବିଦ୍ୟାଳୟ ନବାଗତ ଶିକ୍ଷାର୍ଥୀଙ୍କୁ ସ୍ୱାଗତ


ସ୍ୱାଗତ ଉତ୍ସବରେ ଯୋଗ ଦେଇଥିବା ଛାତ୍ରୀଛାତ୍ର।

**ବୋଲଗଡ଼,୨।୮(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ଦେଉଳିସ୍ଥିତ ରଘୁନାଥ ଜୁନିୟର ମହାବିଦ୍ୟାଳୟରେ ନାମ ଲେଖାଇଥିବା ଚଳିତବର୍ଷର ୧ମ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ଶୁକ୍ରବାର ଏକ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୁକ୍ତଦୁଇ ୨ୟ ବର୍ଷ ଛାତ୍ରୀଛାତ୍ର ତଥା ଅନୁଷ୍ଠାନ ପକ୍ଷରୁ ନବାଗତଙ୍କ ନିମନ୍ତେ କଲେଜ ପରିସରରେ ଏହି ସ୍ୱାଗତ ଉତ୍ସବ ଆୟୋଜିତ ହୋଇଛି। ମହାବିଦ୍ୟାଳୟ ଅଧକ୍ଷ ତପନ କୁମାର ଜେନା କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ଛାତ୍ରୀଛାତ୍ରଙ୍କୁ ନୈତିକ ମୂଲ୍ୟବୋଧଭିତ୍ତିକ ଉପଦେଶ ପ୍ରଦାନ କରିଥିଲେ। ଶିକ୍ଷାର୍ଥୀମାନେ ଶୃଙ୍ଖଳିତ ଓ ସମୟାନୁବର୍ତ୍ତୀ ହେବା ସହ ଶିକ୍ଷା ଗ୍ରହଣ ପାଇଁ ବ୍ରତୀ ହେବାକୁ ମଞ୍ଚାସୀନ ଅତିଥିମାନେ ଦିଗ୍‌ଦର୍ଶନ ଦେଇଥିଲେ। ଏହି ଅବସରରେ ଯୁକ୍ତଦୁଇ ୧ମ ବାର୍ଷିକ କଳାରେ ଅଧ୍ୟୟନ କରୁଥିବା ୨୪୮ ଜଣ, ୧ମ ବାର୍ଷିକ ବିଜ୍ଞାନରେ ଅଧ୍ୟୟନ କରୁଥିବା ୩୨ ଜଣ ଛାତ୍ରୀଛାତ୍ରଙ୍କୁ ୨ୟ ବର୍ଷର ଛାତ୍ରୀଛାତ୍ରମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

# ଟ୍ରେନ୍ ଯାତ୍ରୀଙ୍କଠାରୁ ବ୍ୟାଗ୍ ଝାମ୍ପି ନେବା ଘଟଣାରେ ୨ ଗିରଫ

**ଜଟଣୀ,୨।୮(ଡି.ଏନ.ଏ.)**

ଟ୍ରେନ୍ ଯାତ୍ରୀଙ୍କଠାରୁ ଶୁକ୍ରବାର ବ୍ୟାଗ୍ ଝାମ୍ପି ନେଇ ପଳାଉଥିବା ଦୁଇ ଅଭିଯୁକ୍ତଙ୍କୁ ଖୋର୍ଦ୍ଧାରୋଡ଼ ଜିଆର୍‌ପି ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ନୟାଗଡ଼ ଜିଲା ନରେନ୍ଦ୍ରପୁର ଶରଣକୁଳ ଅଞ୍ଚଳର ପ୍ରଦୀପ ସାହୁ ଓ ଗଞ୍ଜାମ ଦିଗପହଣ୍ଡି ଥାନା ଅଞ୍ଚଳର ବ୍ୟମକେଶ ଚୌଧୁରୀ। ପୁରୀ-ରାଉରକେଲା ପାସେଞ୍ଜର ଟ୍ରେନ୍‌ରେ ପୁରୀ କୁମ୍ଭାରପଡ଼ା ଅଞ୍ଚଳର ସନ୍ଧ୍ୟାରାଣୀ ସେନାପତି ଓ ତାଙ୍କ ମାଆ ଯାତ୍ରା କରୁଥିଲେ। ଖୋର୍ଦ୍ଧାରୋଡ଼ ଓ ଭୁବନେଶ୍ୱର ଷ୍ଟେଶନ ମଧ୍ୟବର୍ତ୍ତୀ ରେଟଙ୍ଗ ଷ୍ଟେଶନ ନିକଟରେ ୨ ଦୁର୍ବୃତ୍ତ ଆସି ସନ୍ଧ୍ୟାରାଣୀଙ୍କଠାରୁ ବ୍ୟାଗ୍ ଝାମ୍ପି ନେଇଥିଲେ। ଟ୍ରେନ୍‌ରେ ଯାତ୍ରା କରୁଥିବା ଜଣେ ରେଳ କର୍ମଚାରୀ ତୁରନ୍ତ ରେଟଙ୍ଗ ଷ୍ଟେଶନ ମାଷ୍ଟର, ଜିଆର୍‌ପି ଓ ଆର୍‌ପିଏଫ୍ ଥାନାକୁ ଫୋନ୍ ମାଧମରେ ଜଣାଇଥିଲେ। ଫଳରେ ଜିଆର୍‌ପି ପୋଲିସ ଓ ଆର୍‌ପିଏଫ୍ ଯବାନ ପହଞ୍ଚି ବିଭିନ୍ନ ସ୍ଥାନରେ ଚଢ଼ାଉ କର ଏହି ଦୁଇ ଅଭିଯୁକ୍ତଙ୍କୁ ଧରିଥିଲେ। ଝାମ୍ପି ନେଇଥିବା ବ୍ୟାଗ୍‌କୁ ଜବତ କରି ସନ୍ଧ୍ୟାରାଣୀଙ୍କୁ ହସ୍ତାନ୍ତର କରିଥିଲେ। ଏହି ବ୍ୟାଗ୍‌ରେ ୧୩ ହଜାର ୨ ଶହ ଟଙ୍କା, ମୋବାଇଲ୍ ଓ ଅନ୍ୟାନ୍ୟ କାଗଜପତ୍ର ରହିଥିଲା। ଏ ନେଇ ନଂ. ୮୫/୧୯ରେ ମାମଲା ରୁଜୁ ହୋଇଛି।

### ପାଲା ଗାୟକଙ୍କ ବିୟୋଗରେ ସ୍ମୃତିଚାରଣ

**ଖୋର୍ଦ୍ଧା ଅଫିସ,୨।୮:**

ବରିଷ୍ଠ ପାଲା ଗାୟକ ବଂଶୀଧର ବାରିକ(୮୮)ଙ୍କ ବିୟୋଗରେ ଏକ ସ୍ମୃତିଚାରଣ ସଭା ଖୋର୍ଦ୍ଧାସ୍ଥିତ ମା' ବାଟମଙ୍ଗଳାଙ୍କ ପୀଠରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଖଣ୍ଡ ପୁରୀ ଜିଲାର ପାଲା ଗାୟକ ପରିଷଦ ପକ୍ଷରୁ ଆୟୋଜିତ ସ୍ମୃତି ଚାରଣ ସଭାରେ ଜିଲା ସଭାପତି ଗାୟକ ବ୍ୟାସ ଲକ୍ଷ୍ମୀଧର ଦାଶ ସଭାପତିତ୍ୱ କରିଥିଲେ। ଗାୟକ ଅରୁଣ ଚକ୍ରଧର ବାରିକ, ସାରସ ସୁଦର୍ଶନ ମହାପାତ୍ର, ଲମ୍ବୋଦର ବେହେରା, ପ୍ରଫୁଲ୍ଲ କୁମାର ଦାଶ, ମିହିର କୁମାର ଆଚାର୍ଯ୍ୟ, ଶ୍ୟାମସୁନ୍ଦର ତ୍ରିପାଠୀ ପ୍ରମୁଖ ସ୍ମୃତି ଚାରଣ କରିଥିଲେ। ସମ୍ପାଦକ ପ୍ରଭାତ କୁମାର ସାହୁ ସଭା ପରିଚାଳନା କରିଥିଲେ। ପ୍ରକାଶଥାଉ କି ବେଗୁନିଆ ବ୍ଲକ ସିକୋର ବରିଷ୍ଠ ପାଲାଗାୟକ ବଂଶୀଧରଙ୍କର ଗତ ମଙ୍ଗଳବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଥିଲା। ଗାଁ ଶ୍ମଶାନରେ ମୃତଦେହ ସଂସ୍କାର କରାଯାଇଥିଲା। ସେ ୫୪୩ ପାଲାମଞ୍ଚରେ ପାଲା ପରିବେଷଣ କରିଥଲେ। ଏ ଅବସରରେ ସିକୋଠାରେ ଅନୁଷ୍ଠିତ ଗୁରୁବାର ସ୍ମୃତିଚ ାରଣ ସଭାରେ ରାଜ୍ୟ ପାଲାଗାୟକ ଟ୍ରଷ୍ଟବୋର୍ଡର ଉପାଧକ୍ଷ ଚକ୍ରଧର ବାରିକ, ଅଖଣ୍ଡ ପୁରୀ ଜିଲା ପାଲାଗାୟକ ପରିଷଦର ଉପସଭାପତି ମନୋଜ ମିଶ୍ରଙ୍କ ସମେତ ପାଲାଗାୟକମାନେ ବଂଶୀଧରଙ୍କର ପାଲାଶୈଳୀ ଉପରେ ସ୍ମୃତି ଚାରଣ କରିଥିଲେ। ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

## ୫ ବ୍ରାଉନସୁଗାର ବ୍ୟବସାୟୀ ଅଟକ

# ଯୁବକମାନେ ପୋଲିସ ଜିମା ଦେଲେ

**ଖୋର୍ଦ୍ଧା ଅଫିସ,୨।୮**

କେରଙ୍ଗର ଯୁବକମାନେ ୫ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଅଟକ ରଖି ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଜିମା ଦେଇଛନ୍ତି। ଏଥିରୁ ସେକ୍ ହବିବ (୪୦) ଓ ସେକ୍ ଅମାନ(୩୮) ନାମକ ଦୁଇ ଯୁବକମାନେ କେରଙ୍ଗରେ ବ୍ରାଉନସୁଗାର ବିକ୍ରି କରି ଆସୁଥିଲେ ମଧ ପୋଲିସ କି ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉ ନ ଥିଲା। ଏ ନେଇ ବିଭିନ୍ନ ସମୟରେ ପୋଲିସ ଓ ଅବକାରୀ ବିଭାଗରେ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଥିଲେ ମଧ ସୁଫଳ ମିଳି ନ ଥିଲା। ଶେଷରେ ଯୁବକମାନେ ୨ ବ୍ୟବସାୟୀ ସମେତ ୩ ଖୁଚୁରା ବ୍ୟବସାୟୀଙ୍କୁ ଅଟକ ରଖିଥିଲେ। ଏମାନଙ୍କଠାରୁ କିଛି ବ୍ରାନସଗ୍ଗାର ପୁଡିଆ ମଧ ଜବତ କରିଛନ୍ତି।

# ଜିଲାସ୍ତରୀୟ ଗ୍ରୀନ ଆକଥନ୍ କାର୍ଯ୍ୟକ୍ରମ

**ଖୋର୍ଦ୍ଧା ଅଫିସ,୨।୮**

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଗ୍ରୀନ ଆକଥନ୍ କାର୍ଯ୍ୟକ୍ରମରେ ବୃକ୍ଷରୋପଣ କରାଯାଇଛି। ଖୋର୍ଦ୍ଧାର ସିଗ୍ମା ପବ୍ଲିକ୍ ସ୍କୁଲ ଓ ପ୍ରେରଣା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ଜ୍ୟୋତୀରୀନ୍ଦ୍ର ନାଥ ମିତ୍ର ଓ ଜିଲାପାଳ ସୀତାଂଶୁ କୁମାର ରାଉତ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ଏ ଉପଲକ୍ଷେ ଏକ ସଚେତନତା ଶୋଭାଯାତ୍ରାକୁ ଜିଲାପାଳ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପବ୍ଲିକ ସ୍କୁଲ ଅଧକ୍ଷା ମମତାଞ୍ଜଳୀ ପଟ୍ଟନାୟକ ପ୍ରେରଣାର ଅଧକ୍ଷଙ୍କ ନେତୃତ୍ୱରେ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପବ୍ଲିକ ସ୍କୁଲ ପକ୍ଷରୁ ବିଭିନ୍ନ ପରିବାରକୁ ଚାରା ବଣ୍ଟନ କରାଯାଇଥିଲା।


ଜିଲାପାଳ ସୀତାଂଶୁ କୁମାର ରାଉତ ଚାରା ରୋପଣ କରୁଛନ୍ତି ।

# ପରୀ ୩ରେ ୨ ଶିଶୁ କିଶୋର ଶ୍ରମିକ ଉଦ୍ଧାର

**ଖୋର୍ଦ୍ଧା ଅଫିସ/ବେଗୁନିଆ, ୨।୮(ଡି.ଏନ୍.ଏ.):**

ପୋଲିସ, ଜିଲା ଶ୍ରମ ବିଭାଗ, ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଏନ୍‌ଜିଓ ପକ୍ଷରୁ ଚାଲୁ ରହିଥିବା ମିଳିତ ଚଢ଼ାଉ ପରୀ ୩ରେ ଶୁକ୍ରବାର ୧୫ ଓ ୧୬ ବର୍ଷର ୨ ଶିଶୁ କିଶୋର ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ବେଗୁନିଆ ଥାନା ଅଞ୍ଚଳରେ ଚଢ଼ାଉର ୩ୟ ଦିବସରେ ଉଦ୍ଧାର ଶିଶୁଙ୍କୁ ଶିଶୁ ମଙ୍ଗଳ କମିଟି (ସିଡବ୍ଲୁସି)ରେ ହାଜର କରାଯାଇଥିଲା। ପରିବାର ଲୋକ ଆବଶ୍ୟକ କାଗଜାତ ଦଖାଲ କରି ଦୁଇ ଶିଶୁଙ୍କୁ ନେଇ ଯାଇଛନ୍ତି।

# ଚୋରି ଅଭିଯୋଗରେ ୨ ଗିରଫ

**ପାତ୍ରପଡା, ୨।୮ (ଡି.ଏନ.ଏ.):**

ଖଣ୍ଡଗିରି ଥାନା ପୋଲିସ ଶୁକ୍ରବାର ଚୋରି କରିବା ଅଭିଯୋଗରେ ୨ ଦୁର୍ବୃତ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ନୟାଗଡ ଜିଲା ରଣପୁର ଅଞ୍ଚଳରେ ସିଲୁ ନାଏକ, ଭରତପୁର ବସ୍ତି ଅଞ୍ଚଳର ରଞ୍ଜନ କୁମାର ନାଏକ। ଭରତପୁର ଅଞ୍ଚଳର କୃଷ୍ଣପ୍ରୀୟା ରାଉତ ଅଭିଯୋଗ କରିଥିଲେ। ତାଙ୍କ ଘରେ ପଶି ୨ ଦୁର୍ବୃତ୍ତ ଗ୍ୟାସ ସିଲିଣ୍ଡର ସହ ଆଲମିରାରୁ ଟଙ୍କା ଚୋରି କରିଥିଲେ। ଏ ନେଇ ନଂ. ୪୦୫/୧୯ରେ ମାମଲା ରୁଜୁ କରିଛି।

# ବେଗୁନିଆ ଭାଜପାର ସଦସ୍ୟ ସଂଗ୍ରହ ଅଭିଯାନ

**ବେଗୁନିଆ, ୨।୮ (ଡି.ଏନ.ଏ.)**

ବେଗୁନିଆ ବ୍ଲକ ଭାଜପା ପକ୍ଷରୁ ସଦସ୍ୟ ସଂଗ୍ରହ ଅଭିଯାନ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରତ୍ୟେକ ବୁଥ୍‌ରୁ ୭୫ ଜଣ ସଦସ୍ୟ ସଂଗ୍ରହ ଲୋଡା ବୋଲି ଅଭିଯାନ ଆରମ୍ଭ ହୋଇଛି। ପ୍ରାରମ୍ଭରୁ ଉତ୍ତର ଜୋନର ମଣ୍ଡଳ ସଭାପତି ଅଜୟ କୁମାର ମାର୍ଥାଙ୍କ ନେତୃତ୍ୱରେ ପୋଡାଡିହ ପଞ୍ଚାୟତର ଓସ୍ତପୁର ହନୁମାନ ମନ୍ଦିର ପରିସରରୁ ଏହି ଅଭିଯାନ ଆରମ୍ଭ ହୋଇଛି। ବ୍ଲକର ସମସ୍ତ ଗ୍ରାମକୁ ଯାଇ ଆଗାମୀ ନିର୍ବାଚନ କ୍ଷେତ୍ର ପ୍ରସ୍ତୁତ ପାଇଁ ଜନସାଧରଣଙ୍କର ସୁଖ ଏବଂ ଦୁଃଖର ସାଥୀ ହେବେ ବୋଲି ସ୍ଥିର କରାଯାଇଛି। ଭାଜପା ରାଜ୍ୟ ସମ୍ପାଦକ ଡ. ଯତୀନ ମହାନ୍ତି, ଦକ୍ଷିଣ ଜୋନର ସଭାପତି ସଞ୍ଜୟ ପ୍ରସାଦ ଛୁଆଳସିଂ, କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ରଜନୀକାନ୍ତ ଜଗଦେବଙ୍କ ସହ ପଞ୍ଚାୟତ ସ୍ତରୀୟ ସଭାପତି, ସମ୍ପାଦକ ଏବଂ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

# ଭିଜିଲାନ୍ସର ଗିରଫ ପକାଉନି ଫରକ

- ■ ୨ଜଣ ଫାଣ୍ଡି ଅଧିକାରୀ ଜେଲ ଯିବା ପରେବି ଆସୁନି ପରିବର୍ତ୍ତନ
- ■ ହାତଗୁଞ୍ଜା ନ ଦେଲେ ମିଳୁଛି ନିର୍ଯାତନା

**ଖୋର୍ଦ୍ଧା ଅଫିସ,୨।୮**

ଖୋର୍ଦ୍ଧା ପୋଲିସ ଜିଲାରେ ଭିଜିଲାନ୍ସର ଗିରଫଦାରୀ କିଛି ପ୍ରଭାବ ପକାଉନି। ୩ ବର୍ଷ ମଧରେ ବୋଲଗଡ ଥାନା ବାଙ୍କୋଇ ଫାଣ୍ଡିର ଏଏସ୍‌ଆଇ ନିରଞ୍ଜନ ମହାପାତ୍ର ଓ ସିକୋ ଫାଣ୍ଡି ଅଧିକାରୀ ମନମୋହନ ଜାଲି ୫ ହଜାର ଟଙ୍କା ଲେଖାଏ ଲାଞ୍ଚ ନେଇ ଜେଲ ଯାଇଥିଲେ। ଏହା ପରେ ପୋଲିସର ମାନସିକତାରେ ଆସୁନି ପରିବର୍ତ୍ତନ। ହାତଗୁଞ୍ଜା ନ ପାଇଲେ ପୋଲିସ ସେବା ଦେବା ବଦଳରେ ନିର୍ଯାତନା ଦେଇ ଚାଲିଛି। ଲୋକେ ଥାନା ଓ ଫାଣ୍ଡିକୁ ନ ଯାଇ ଚୁପ ରହୁଛନ୍ତି। ଆଉ କେତେଜଣ ବାରମ୍ବାର ଥାନା ଓ ଫାଣ୍ଡିକୁ ଦୌଡି ନ୍ୟାୟ ନ ପାଇ କୋର୍ଟର ଦ୍ୱାରସ୍ଥ ହେଉଛନ୍ତି। ମାମଲା ବଢ଼ିବା ଯୋଗ କୋର୍ଟର କାର୍ଯ୍ୟ ବିଳମ୍ବ ହେଉଛି।



" ବିନା ହାତଗୁଞ୍ଜାରେ ଥାନା ଓ ଫାଣ୍ଡିରେ କୌଣସି କାମ ହେଉନାହିଁ। ନିଜ କାମଟି କିପରି ସୁରୁଖୁରୁରେ ହେବ ସେଥିପାଇଁ ପୋଲିସ ମାଗୁଥିବା ଟଙ୍କା ଦେଇ ଅନେକ କାର୍ଯ୍ୟ ହାସ କରାଇ ନିଅନ୍ତି। ଏଣୁ ଅନେକ ପୋଲିସ କର୍ମଚାରୀ ଓ ଅଧିକାରୀଙ୍କ ମାସିକିଆ ଦରମାରେ ହାତ ବାଜେନି। ଉପୁରିରେ ସବୁ କିଛି ହୋଇଯାଏ। ଏଣୁ ଲାଞ୍ଚ ଖାଇବା ଅଧିକାଂଶ ପୋଲିସଙ୍କ ନିଶା ଓ ପେଶା ହୋଇଗଲାଣି। ଏହିସବୁ ଅଭ୍ୟାସ ସିକୋ ଫାଣ୍ଡି ଅଧିକାରୀ ମନମୋହନ ଜାଲିଙ୍କର ରହିଥିଲା। ଲୋକେ ଜାଲି ସାରଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ବହୁ ବିଳମ୍ବରେ ହେଲେ ଧୁ ବୋଲି ଦେଖାଇ ହୁଅନ୍ତି। ହେଲେ ବିନା ଲାଞ୍ଚରେ କୌଣସି କାର୍ଯ୍ୟ କରନ୍ତି ନାହିଁ। ପ୍ରକୃତ କଥା ହେଲା ଲାଞ୍ଚ ନ ଦେଲେ ଅଭିଯୋଗ ଗ୍ରହଣ କରାଯାଏନି। କେତେକ କ୍ଷେତ୍ରରେ ଚାପରେ ପୁଣି ହାତଗୁଞ୍ଜା ନେଇ ମାମଲା କରୁଛି। ଅନ୍ୟପକ୍ଷେ ଅପରପକ୍ଷଠୁ ଲାଞ୍ଚ ନେଇ ପାଲଟା ଅଭିଯୋଗ କରି କେସ୍‌କୁ ଦୁର୍ବଳ କରି ପକାଉଛି। ୨ ଜଣ ଭିଜିଲାନ୍ସ ଦ୍ୱାରା ଗିରଫ ହେଲା ପରେ ବି ଅନେକ ପୋଲିସ ସେମାନଙ୍କ ଲାଞ୍ଚ ଖିଆ ପ୍ରବୃତ୍ତିକୁ ବଦଳାଇ ପାରୁନାହାନ୍ତି।

**-ବିଭୂତି ଦାଶ, ସାମାଜିକ କର୍ମୀ, ବେଗୁନିଆ**



" ଏତଲା ଗ୍ରହଣ କରିବା ଓ ରୁଜୁ କରିବାକୁ ସବୁ ଥାନାକୁ କଡାକଡି ନିର୍ଦ୍ଦେଶ ରହିଛି। ବିଶେଷ କରି ଚୋରି, ରାହାଜାନି, ମହିଳା ସମ୍ପର୍କିତ ଘଟଣାରେ ପୋଲିସ ଏତଲା ରୁଜୁ ନ କରିବା ଏକ ଅଭ୍ୟାସ ଗତ ଧାରା। ଥାନା ଓ ଫାଣ୍ଡିରେ ଏତଲା ରଖୁ ନ ଥିବାରୁ ଅଧିକାଂଶ ଲୋକ ନିରାଶ ହୋଇ କୋର୍ଟରେ ଅଭିଯୋଗ କେସ୍ କରୁଛନ୍ତି। କୋର୍ଟ ନିର୍ଦ୍ଦେଶ ମୁତାବକ ଫୌଜଦାରି କାର୍ଯ୍ୟବିଧି ୧୫୬(ଗ) ଧାରା ମତେ ଥାନାକୁ ରେଫର କରାଯାଉଥିଲେ ମଧ ଅଧିକାଂଶ ଥାନା କୋର୍ଟର ଆଦେଶକୁ ଅଣଦେଖା କରି ମାମଲା ରୁଜୁ କରୁନାହାନ୍ତ। ଅନେକ କମ୍ପ୍ଲେନ କେଶ ମାସ ମାସ ଥାନାରେ ପଡି ରହୁଛି। ପୋଲିସର ଅସହଯୋଗ କାରଣରୁ କୋର୍ଟରେ ମାମଲା ବଢ଼ି ଅଯଥାରେ ସମୟ ଅପଚୟ ହେଉଛି। ପୋଲିସ ମୁଦଲାମାନଙ୍କ ଦ୍ୱାରା ପ୍ରଲୋଭିତ ହୋଇ ନୀରବ ରହୁଛନ୍ତି।

**ଅଜିତ୍ ପଟ୍ଟନାୟକ, ଆଇନଜୀବୀ**



" ସିକୋ ଫାଣ୍ଡି ଅଧିକାରୀଙ୍କ ବହୁ ବିଳମ୍ବରେ ହେଲେବି ଫସିଗଲେ। ଲାଞ୍ଚ ନେବା ତାଙ୍କର ଅଭ୍ୟାସରେ ପଡି ଯାଇଥିବାରୁ ବିନା ଲାଞ୍ଚରେ କୌଣସ କକାମା କରୁ ନ ଥିଲେ। ଲାଞ୍ଚ ପାଇଲା ପରେ ଅସମ୍ଭବକୁ ସମ୍ଭବ କରୁଥିଲେ। ଫଳରେ ଅଧିକାଂଶ କ୍ଷେତ୍ରରେ ଅଭିଯୋଗକାରୀ ନ୍ୟାୟ ପାଇବାରୁ ବଞ୍ଚିତ ହେଉଥିଲେ। ବାଦବାରବାଟି ଗାଁର ରାମଚନ୍ଦ୍ର ରାଉତରାୟଙ୍କ ଜମିରୁ କିଛି ଲୋକ ଧାନ କାଟି ନେଲେ। ଅଭିଯୋଗ ପରେ ମାମଲା ରଜୁ ହେଲା ନାହିଁ ବରଂ ଅଭିଯୋଗକାରୀଙ୍କୁ ମିଥ୍ୟା କେଶରେ ଫସାଇ ଦେବାର ଭୟଭିତ କରାଇ ଦୋଷୀଙ୍କୁ ଛାଡି ଦିଆଗଲା। ଜାଲଭାର ଗାଁର ବାସନ୍ତି ମଙ୍ଗରାଜଙ୍କୁ ମାରପିଟ୍ କରାଗଲା। ଘଟଣା ସମ୍ପର୍କରେ ଅଭିଯୋଗ ପରେ ବି ମୋକଦ୍ଦମା କରାଗଲାନି । ଫାଣ୍ଡି ଅଫିସରଙ୍କ ବିରୋଧରେ ଅଭିଯୋଗ କରାଗଲେ ତାଙ୍କୁ ସଟ୍ରୋଟ ଅଫିସର କହି ସୁରକ୍ଷା ଦିଆ ଯାଉଥିଲା। ଏବେ ଗିରଫ ପରେ ସତ୍ୟ ପଦାକୁ ଆସିଲା।

**ସଞ୍ଜୟ ପ୍ରସାଦ ଛୁଆଳସିଂ, ଦକ୍ଷିଣ ବେଗୁନିଆ ମଣ୍ଡଳ ଭାଜପା ସଭାପତି**



" ମୋ ଘର ଭିତରେ ପଶି ମୋତେ ଓ ମୋ ସ୍ୱାମିଙ୍କୁ ମାରପିଟ୍ କଲେ। ବାରିପଟୁ ଗଛ କାଟି ନେଲେ। ଶ୍ୱଶୁରଙ୍କୁ ପିଟି ହାତ ଭାଙ୍ଗିଲେ। ବାଧ ବାଧକତାରେ ମୋକଦ୍ଦମା ବିଳମ୍ବରେ କରାଗଲା। ହେଲେ କାଉଣ୍ଟର କେଶ କରି ପୁଅ ନାଁରେ ମୋକଦ୍ଦମା କରାଗଲା। ପୁଅଙ୍କ ଭବିଷ୍ୟତ ଅନ୍ଧାର କରିବାକୁ କହି ଡରାଇ ସମାଧାନ କରିବାକୁ ବାଧ କରାଇଲେ । ମା, ପୁଅ , ଶ୍ୱଶୁର, ସ୍ୱାମି ଜାମିନରେ ଆସିଲୁ । ଦୋଷ ନକରି ଫାଣ୍ଡି ଅଧିକାରୀଙ୍କ ଟାର୍ଗେଟରେ ଥିଲୁ । ଭୁଲ ଥିଲା ହାତଗୁଞ୍ଜା ଦେଇ ନ ଥିଲୁ। କଥା ନମାନି ସମାଧାନ କଲୁ ନାହିଁ।

**-କଳ୍ପନା ପ୍ରଧାନ, ରାଇମୂଳପାଟଣା**



“ ଅନ୍ୟର ଆନୁଗତ୍ୟରେ ରହିଥିବା ଦେଶ ବା ଜାତି କେବେ ବି ଆଗେଇ ପାରିବ ନାହିଁ।
-ନେତାଜୀ ସୁଭାଷ ବୋଷ



## ସଂକ୍ଷେପରେ

### ଘରଭଙ୍ଗା ସହାୟତା ସମ୍ପର୍କରେ ଜିଲାପାଳଙ୍କ ସମୀକ୍ଷା
## ତଦନ୍ତରେ ବାଧା ସୃଷ୍ଟି କଲେ କାର୍ଯ୍ୟାନୁଷ୍ଠାନ

ପୁରୀ ଅଫିସ, ୨।୮:ବାତ୍ୟା କ୍ଷତିଗ୍ରସ୍ତଙ୍କୁ ଘରଭଙ୍ଗା ସହାୟତା ପ୍ରଦାନ ସଂକ୍ରାନ୍ତରେ ଶୁକ୍ରବାର ଜିଲାପାଳ ବଲୱନ୍ତ ସିଂ ସମୀକ୍ଷା କରିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ଅଢେଇ ଲକ୍ଷ ହିତାଧିକାରୀଙ୍କୁ ସହାୟତା ଦିଆଯାଇଛି। ବାକି ଥିବା ଆପତ୍ତି ଅଭିଯୋଗଗୁଡ଼ିକର ତଦନ୍ତ କରି ଆସନ୍ତା ବୁଧବାର ସୁଦ୍ଧା ରିପୋର୍ଟ ଦେବାକୁ ଜିଲାପାଳ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକସ୍ଥଳେ ନିଜେ କ୍ଷେତ୍ର ପରିଦର୍ଶନ କରି ଅଭିଯୋଗଗୁଡ଼ିକର ତଦନ୍ତ କରିବାକୁ ତହସିଲଦାରମାନଙ୍କୁ କୁହାଯାଇଛି। ତଦନ୍ତରେ ବାଧା ସୃଷ୍ଟି କରୁଥିବା ଲୋକଙ୍କ ବିରେଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆବଶ୍ୟକସ୍ଥଳେ ସ୍ଥାନୀୟ ଥାନା ଅଧିକାରୀଙ୍କୁ ଅବଗତ କରାଯିବା ସହ ତଦନ୍ତକାରୀଙ୍କ ସହିତ ସୁରକ୍ଷା କର୍ମୀଙ୍କୁ ମଧ ମୁତୟନ କରାଯିବ। ସମ୍ପୂର୍ଣ୍ଣ କିମ୍ବା ଅଧିକାଂଶ ଭାଙ୍ଗିଥିବା ଘରଗୁଡ଼ିକର ହିତାଧିକାରୀଙ୍କ ଅଭିଯୋଗକୁ ଗୁରୁତ୍ୱ ଦେବା ଏବଂ କୌଣସି ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନ ପଡ଼ନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପୁରୀ ଖଜା ଜିଆଇ ଟ୍ୟାଗ ଲାଗି ପ୍ରୟାସ ହେଉ

ପୁରୀ ଅଫିସ, ୨।୮: ଓଡ଼ିଶା ରସଗୋଲାକୁ ମିଳିଛି ଜିଆଇ (ଜିଓଗ୍ରାଫିକାଲ ଇଣ୍ଡିକେଶନ୍) ଟ୍ୟାଗ୍। ଏବେ ପୁରୀ ଖଜାକୁ ଜିଆଇ ମାନ୍ୟତା ଲାଗି ଶ୍ରୀମନ୍ଦିର ପ୍ରଶାସନ ପଦକ୍ଷେପ ନେବାକୁ ଦାବି କରିଛି ଶ୍ରୀଜଗନ୍ନାଥ ସେନା। ଏ ନେଇ ଶୁକ୍ରବାର ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ଶ୍ରୀକ୍ଷେତ୍ର (ପୁରୀ) ଖଜାର ସ୍ୱତନ୍ତ୍ରତା ରହିଛି। ଏହି ଖଜା ଜିଆଇ ମାନ୍ୟତା ଲାଭ କଲେ, ଏହାର ଗୌରବ ବୃଦ୍ଧି ପାଇବା ସହ ବ୍ୟବସାୟୀଙ୍କ ଆର୍ଥିକ ଉନ୍ନତି ହୋଇପାରିବ। ସେହିପରି ଇସ୍କନ ଭକ୍ତଙ୍କ ଦ୍ୱାରା ଦେଶର ବିଭିନ୍ନ ସ୍ଥାନରେ ବିଭିନ୍ନ ସମୟରେ ରଥଯାତ୍ରା ଆୟୋଜନ କରାଯାଉଛି। ଏହା ଧର୍ମ ଓ ସଂସ୍କୃତି ବିରୋଧୀ। ଶ୍ରୀକ୍ଷେତ୍ରରେ ନିର୍ଦ୍ଦିଷ୍ଟ ସମୟରେ ରଥଯାତ୍ରା ଆୟୋଜନ ହୋଇଥାଏ। ମାତ୍ର ଇସ୍କନ ପକ୍ଷରୁ ବର୍ଷତମାମ ରଥଯାତ୍ରା ଆୟୋଜନ କରାଯାଉଛି। ଏହା ପରମ୍ପରା ବିରୋଧୀ। ତେଣୁ ଏଥିରେ ଅଙ୍କୁଶ ଲଗାଯାଉ। ଗଜପତି ମହାରାଜା, ଶଙ୍କରାଚାର୍ଯ୍ୟ, ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯାଇ ଆବଶ୍ୟକ ପଦକ୍ଷେପ ନେବାକୁ ପଟ୍ଟନାୟକ ଦାବି କରିଛନ୍ତି।

## ‘ନିଜେ ସ୍ୱଚ୍ଛ ରୁହ, ପରିବେଶକୁ ସ୍ୱଚ୍ଛ ରଖ’

ପୁରୀ ଅଫିସ, ୨।୮: ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପକ୍ଷରୁ ସ୍ୱଚ୍ଛ ଭାରତ ପଖୱାଡା ବା ସ୍ୱଚ୍ଛତା ପକ୍ଷ ଶୁକ୍ରବାର ଆରମ୍ଭ ହୋଇଛି। ଏଥିରେ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ସ୍ୱେଚ୍ଛାସେବୀମାନେ ସାମିଲ ହୋଇଛନ୍ତି। କାର୍ଯ୍ୟକ୍ରମରେ ଅଧକ୍ଷ ଡ. ଜଗବନ୍ଧୁ ମିଶ୍ର ସ୍ୱଚ୍ଛତା ପକ୍ଷ ପାଳନ ସମ୍ପର୍କରେ ବୁଝାଇଥିଲେ। ପ୍ରାଧାପକ ସୁବାସ ଚନ୍ଦ୍ର ଶତପଥୀ ସ୍ୱଚ୍ଛତାର ଉପକାରିତା ଓ ସୁସ୍ଥ ପରିବେଶ ଉପରେ ଆଲୋକପାତ କରିଥିଲେ। ନିଜେ ସ୍ୱଚ୍ଛ ରହିବା ସହ ପରିବେଶକୁ ସ୍ୱଚ୍ଛ ରଖିବା ଲାଗି ସେ ବିଦ୍ୟାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାର୍ଥୀମାନେ ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ଉପରେ ସଂକଳ୍ପ କରିଥିଲେ। ବିଭିନ୍ନ ଦିବସରେ ସ୍ୱଚ୍ଛତା ଶୋଭାଯାତ୍ରା, ସଚେତନତା କାର୍ଯ୍ୟକ୍ରମ, ପୋଷ୍ୟ ଗ୍ରାମରେ ସ୍ୱଚ୍ଛତାର ଅଗ୍ରଗତି କାର୍ଯ୍ୟ ଆଦି ହାତକୁ ନିଆଯାଇଛି ବୋଲି ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ହରପ୍ରିୟା ଦାଶ କହିଛନ୍ତି। ପ୍ରଥମ ଦିବସରେ ବିଦ୍ୟାର୍ଥୀମାନେ କଲେଜ କ୍ୟାମ୍ପସ ସଫେଇ କରିଥିଲେ।

## ଦ୍ୱାରିକାନାଥ ଜୟନ୍ତୀ ସମାରୋହ

ପୁରୀ ଅଫିସ, ୨।୮:ପୌର ନୋଡାଲ ହାଇସ୍କୁଲରେ ଶୁକ୍ରବାର ଶ୍ରୀକ୍ଷେତ୍ର ରତ୍ନ ତଥା ସାମାଜିକ କର୍ମୀ ଦ୍ୱାରିକାନାଥ ଦାସଙ୍କ ୯୮ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ଡ. ରାଧାକାନ୍ତ ମହାପାତ୍ର ସଭାପତିତ୍ୱ କରିଥିଲେ। ଅଧାପିକା ବାସନ୍ତୀ ମିଶ୍ର, ଅନୁଷ୍ଠାନର ସହସମ୍ପାଦକ ଜ୍ୟୋତିର୍ବିଦ ଅନାମ ଚନ୍ଦ୍ର ସାହୁ ଦ୍ୱାରିକାନାଥଙ୍କ ଜୀବନାଦର୍ଶ ସମ୍ପର୍କରେ କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ମିଶ୍ର, କବି ବିପିନ ବିହାରୀ ଦଳାଇ, ଉମେଶ ଚନ୍ଦ୍ର ଦାସ ଅତିଥି ଭାବେ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀ ରୋଜାଲି ପଲେଇ, ସୁନିତା ମହାପାତ୍ର, ଶାଶ୍ୱତ ମିଶ୍ର ଓ ହରିଶଙ୍କର ଜେନାଙ୍କୁ ପୁରସ୍କୃତ କରାଯାଇଥିଲା।

■ ଫନୀକୁ ପୂରିଲା ୩ ମାସ
# ଅଣ୍ଟା ସଳଖୁଛନ୍ତି ଉଚ୍ଚ ଶିକ୍ଷାନୁଷ୍ଠାନ

ପୁରୀ ଅଫିସ, ୨।୮:



ବାତ୍ୟା ଫନୀରେ ପୁରୀ ଜିଲାର ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସମେତ ବହୁ କଲେଜ କ୍ଷତିଗ୍ରସ୍ତ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଛାତ୍ରୀଛାତ୍ରଙ୍କ ଆଡମିଶନ ଓ ପାଠପଢା ନେଇ ଆଶଙ୍କା ପ୍ରକାଶ ପାଇଥିଲା। ତେବେ ସରକାରୀ ଅନୁଦାନକୁ ଅପେକ୍ଷା ନ ରଖି ଅନେକ କଲେଜ ନିଜସ୍ୱ ଉଦ୍ୟମରେ ଭିତ୍ତିଭୂମି ସଜାଡ଼ିବାକୁ ଉଦ୍ୟମ କରିଥିଲେ। ଶନିବାର ଫନୀକୁ ୩ମାସ ପୂରିବ। ଇତିମଧ୍ୟରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସମେତ ଅନେକ କଲେଜ ଧିରେ ଧିରେ ଅଣ୍ଟା ସଳଖି ପାରିଛନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାୟ ୩୮କୋଟି ଟଙ୍କାର କ୍ଷୟକ୍ଷତି ଘଟିଥିବା ନେଇ କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦିଆଯାଇଥିଲା। ବାତ୍ୟାରେ ୧ଲକ୍ଷ ୭୦ହଜାର କ୍ଷମତା ବିଶିଷ୍ଟ ପାଣିଟାଙ୍କି ଭୁଶୁଡ଼ି ପଡ଼ିଥିଲା। ୩ ଛାତ୍ରାବାସ ମଧ ପ୍ରଭାବିତ ହୋଇଥିଲା। ଏସିଆ ମହାଦେଶର ସବୁଠୁ ବଡ ଗ୍ରନ୍ଥାଗାର କୁହାଯାଉଥିବା ବିଶ୍ୱବିଦ୍ୟାଳୟ ଲାଇବ୍ରେରୀ ହଲର ବହୁ ମୂଲ୍ୟବାନ ପୁସ୍ତକ ସମେତ ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ପାଠ୍ୟପୁସ୍ତକ ଏବଂ ବହୁ ପ୍ରାଚୀନ ତାଳପତ୍ର ପୋଥି ନଷ୍ଟ ହୋଇଥିଲା। ବିଶ୍ୱବିଦ୍ୟାଳୟ ପରିସରସ୍ଥ ଗବେଷଣା କେନ୍ଦ୍ର ମଧ କ୍ଷତିଗ୍ରସ୍ତ ହୋଇଥିଲା। ମା’ ସରସ୍ୱତୀଙ୍କ ଫାଇବର ପ୍ରତିମୂର୍ତ୍ତି ଭାଙ୍ଗିଯାଇଥିଲା। ଶ୍ରେଣୀଗୃହ ଓ ଛାତ୍ରୀନିବାସ କ୍ଷତିଗ୍ରସ୍ତ ହୋଇଥିଲା। ଏଥିସହିତ ପ୍ରଶାସନିକ କୋଠା, ପରୀକ୍ଷା ନିୟନ୍ତ୍ରକ କକ୍ଷ, ରେଜିଷ୍ଟ୍ରାରଙ୍କ କକ୍ଷରେ ବାଲି ମାଡ଼ିଯାଇଥିଲା। ପ୍ରାୟ ୨୦ହଜାରରୁ ଊର୍ଦ୍ଧ୍ୱ ଝାଉଁ ଏବଂ ଅନ୍ୟ ବଡ ଗଛ ଉପୁଡ଼ି ପଡ଼ିଥିଲା। ବାତ୍ୟା ପରେ ବିଶ୍ୱବିଦ୍ୟାଳୟ ପରିବେଶ ସଜାଡିବାରେ ଲାଗିପଡ଼ିଥିଲେ କର୍ତ୍ତୃପକ୍ଷ। ଏବେ ଧିରେ ଧିରେ ଚିତ୍ର ବଦଳିବାରେ ଲାଗିଛି। ଆଚାର୍ଯ୍ୟ ବିଭାଗର ଛାତ୍ର ଅନିଲ କୁମାର ସାହୁ କହିଛନ୍ତି, ବିଶ୍ୱବିଦ୍ୟାଳୟରେ ମୋ କ୍ୟାମ୍ପସ ଅଭିଯାନ ଆରମ୍ଭ କରାଯିବା ଲାଗି ଚିନ୍ତା କରୁଛୁ। ଆଗାମୀ ଦିନରେ ବ୍ୟାପକ ଚାରାରୋପଣ ସହ କ୍ୟାମ୍ପସ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯିବ। ସେହିପରି ଏ ନେଇ କୁଳପତି ପ୍ରଫେସର ରାଧାମାଧବ ଦାଶ କହିଛନ୍ତି, ବାତ୍ୟା ପରେ ବିଶ୍ୱବିଦ୍ୟାଳୟକୁ ସଜାଡିବା କାମ ଆରମ୍ଭ ହୋଇଥିଲା। ଯୁଦ୍ଧକାଳୀନ ଭିତ୍ତିରେ ଶ୍ରେଣୀଗୃହ ମରାମତି କରାଯାଇଥିଲା। କ୍ୟାମ୍ପସର ସବୁଜ ପରିବେଶ ଲାଗି ବ୍ୟାପକ ଚାରାରୋପଣ କରାଯାଉଛି। ଧିରେ ଧିରେ ଏହା ସ୍ୱାଭାବିକ ସ୍ଥିତିକୁ ଫେରିବାରେ ଲାଗିଛି। ସେହିପରି ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ସୂରଜ ମଲ୍ଲ ଶାହା କଲେଜ, ପୁରୀ ସରକାରୀ ମହିଳା ମହାବିଦ୍ୟାଳୟ ଓ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ, ସଦାଶିବ ପରିସରରେ ବ୍ୟାପକ କ୍ଷତ ି ଘଟିଥିଲା। ଏସ୍‌ସିଏସ୍ କଲେଜର ବ୍ୟାପକ କ୍ଷତି ଘଟିଥିଲା। ଏହାର ପ୍ରଶାସନିକ କୋଠା, କମ୍ପ୍ୟୁଟର ଲ୍ୟାବ, ସାଇନ୍ସ ହଲ, ଲାଙ୍ଗୁଏଜ ଲ୍ୟାବ, ବିଜ୍ଞାନ ବିଭାଗ, ପରୀକ୍ଷା ବିଭାଗ, ନୂତନ କୋଠା କ୍ଷତିଗ୍ରସ୍ତ ହୋଇଥିଲା। ଅଧକ୍ଷଙ୍କ ବାସଭବନ ସମେତ ବହୁ ୪ ଛାତ୍ରାବାସ, ପାଚେରି ଭାଙ୍ଗିଥିଲା। କ୍ୟାମ୍ପସରେ ରହିଥିବା ବହୁ ଗଛ ଉପୁଡ଼ି ପଡ଼ିଥିଲା। ପ୍ରାୟ ୩୮କୋଟିର କ୍ଷୟକ୍ଷତି ରିପୋର୍ଟ ପ୍ରସ୍ତୁତ କରିଥିଲେ କଲେଜ କର୍ତ୍ତୃପକ୍ଷ। କଲେଜ ଅଧକ୍ଷା ପ୍ରଫେସର ସୁଜାତା ମିଶ୍ର କହିଛନ୍ତି, ବାତ୍ୟାରେ ବହୁ କ୍ଲାସରୁମ ଝରକା ଓ କବାଟ ନଷ୍ଟ ହୋଇଥିଲା। ତେବେ ପାଠପଢାରେ ଯେପରି ବ୍ୟାହତ ନ ହେବ ସେଥିପ୍ରତି ଦୃଷ୍ଟି ଦିଆଯାଇଥିଲା। ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ, ସଦାଶିବ ପରିସରସ୍ଥ ପ୍ରଶାସନିକ କୋଠା, କ୍ଲାସରୁମ, କମ୍ପ୍ୟୁଟର ଲ୍ୟାବ, ପାଚେରି ଏବଂ ଦୁଇ ଛାତ୍ରାବାସ କ୍ଷତି ଘଟିଥିଲା। ପ୍ରାୟ ୨କୋଟିର କ୍ଷତି ରିପୋର୍ଟ ପ୍ରସ୍ତୁତ କରିଥିଲେ କର୍ତ୍ତୃପକ୍ଷ। ପିଲାଙ୍କ ପାଠପଢା ପ୍ରଭାବିତ ନ ହେବା ନିମନ୍ତେ ପଦକ୍ଷେପ ନିଆଯାଇଥିଲା ବୋଲି କଲେଜ ଅଧକ୍ଷ ପ୍ରଫେସର ହରେକୃଷ୍ଣ ମହାପାତ୍ର କହିଛନ୍ତି। ସେହିପରି ପୁରୀ ସରକାରୀ ମହିଳା ମହାବିଦ୍ୟାଳୟରେ ପ୍ରାୟ ୨କୋଟିର କ୍ଷତି ଘଟିଥିଲା। କ୍ଲାସରୁମ, ଲାଇବ୍ରେରୀ ହଲ, ଛାତ୍ରୀନିବାସ ନଷ୍ଟ ହୋଇଥିଲା। ତେବେ ଚଳିତବର୍ଷ ଠିକ୍ ସମୟରେ ଆଡମିଶନ ଏବଂ ପାଠପଢା ଆରମ୍ଭ ହୋଇଛି ବୋଲି କଲେଜ ଅଧକ୍ଷ ଅଞ୍ଜଳି ଶୁକ୍ଳା କହିଛନ୍ତି।

## ୨୫୦ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ ପ୍ରଦାନ




ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଜଣେ ଦିବ୍ୟାଙ୍ଗଙ୍କୁ ଉପକରଣ ବାଣ୍ଟୁଛନ୍ତି।

ନିମାପଡ଼ା,୨।୮(ଡି.ଏନ୍.ଏ.):

ନିମାପଡ଼ାସ୍ଥିତ ପିଙ୍ଗଳାକ୍ଷୀ ପବ୍ଲିକ ୱେଲଫେୟାର ଅର୍ଗାନାଇଜେଶନ (ପି.ପି.ଡବ୍ଲ୍ୟୁ.ଓ) ପକ୍ଷରୁ ଏକ ସହାୟକ ପାଠ୍ୟ ଉପକରଣ ବଣ୍ଟନ ସମାରୋହ ଶୁକ୍ରବାର ସ୍ଥାନୀୟ ଟାଉନହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ୨୫୦ରୁ ଊର୍ଦ୍ଧ୍ୱ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ସି.ବି.ଏମ୍, ବି.ପି.ଏ, ଏସ.ଏସ.ଇ.ପି.ଡି, ପି.ପି.ଡବ୍ଲ୍ୟୁ.ଓ ଆଦି ଅନୁଷ୍ଠାନ ପକ୍ଷରୁ ସହାୟକ ପାଠ୍ୟ ଉପକରଣ ପ୍ରଦାନ କରାଯାଥିଲା। ଆୟୋଜିତ ସମାରୋହରେ ପିପିଡବ୍ଲ୍ୟୁଓ ସଭାପତି ରାଜକିଶୋର ସାବୁତ ଅଧକ୍ଷତା କରିଥିଲେ। ଅତିଥିଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଓଡ଼ିଶା ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ନିତିନ ଚନ୍ଦ୍ର, ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସମାଜ ସୁରକ୍ଷା ଅଧିକାରୀ ସନ୍ୟାସ ବେହେରା, ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀଚରଣ ପଟ୍ଟନାୟକ, ଓଡ଼ିଶା ସ୍ୱାଭିମାନ ମଞ୍ଚର ସଭାପତି ରାଧାକାନ୍ତ ଦାସ, ନିରୋଦ ବାଗ, ସ୍ୱତନ୍ତ୍ର ବିଇଡି କଲେଜ ଅଧକ୍ଷ ଗଗନ ବିହାରୀ ଦାଶ, ପିପିଡବ୍ଲ୍ୟୁଓର ପ୍ରଶାସନିକ ଅଧିକାରୀ ପଦ୍ମଲୋଚନ ମହାନ୍ତି ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ର ଉପଆଞ୍ଚଳିକ ନିର୍ଦ୍ଦେଶକ ଡ. ସନ୍ତୋଷ ପାଣିଗ୍ରାହୀଙ୍କୁ ପିପିଡବ୍ଲ୍ୟୁଓ ପକ୍ଷରୁ ରତ୍ନାକର ଦାଶ ସ୍ମୃତି ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଥିଲା। ସମାରୋହରେ ପ୍ରାୟ ୩ଶହ ଦୃଷ୍ଟିବାଧିତ ଛାତ୍ରୀଛାତ୍ର, ପିପିଡବ୍ଲ୍ୟୁଓର ସମସ୍ତ କର୍ମଚାରୀ ଯୋଗଦେଇଥିଲେ।

## ଦାନବୀର ବଡ଼େ ହରିହରଙ୍କ ୯୫ତମ ଶ୍ରଦ୍ଧାଞ୍ଜଳି ଉତ୍ସବ



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।

ପୁରୀ ଅଫିସ, ୨।୮:

ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ସେବକ ଦାନବୀର ବଡ଼େ ହରିହର ଗୁରୁଙ୍କ ୯୫ତମ ଶ୍ରଦ୍ଧାଞ୍ଜଳି ଉତ୍ସବ ଶୁକ୍ରବାର ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତନିବାସ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଦାନବୀର ବଡ଼େ ହରିହର ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଏହି ସ୍ମୃତିସଭାରେ ସଂସଦର ସଭାପତି ରବିନାରାୟଣ ଗୁରୁ ଅଧକ୍ଷତା କରିଥିଲେ। ବିଶିଷ୍ଟ ପ୍ରବକ୍ତା ମହନ୍ତ ସଚ୍ଚିଦାନନ୍ଦ ଦାସ ବାବାଜୀ ଏହାକୁ ଉଦ୍‌ଘାଟନ କରିଥିବାବେଳେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଦାନବୀରଙ୍କ ଘଟଣାବହୁଳ ଜୀବନୀ, ବଦାନ୍ୟତା, ସଂସ୍କୃତ ଶିକ୍ଷାର ପ୍ରସାର ପ୍ରତି ଅବଦାନ ତଥା ବହୁମୁଖୀ ବ୍ୟକ୍ତିତ୍ୱ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଏହି ଅବସରରେ ବରିଷ୍ଠ ସେବାୟତ କାହ୍ନୁଚରଣ ପୂଜାପଣ୍ଡା, ଲୋକନାଥ ସିଂହାରୀ, ରବିନାରାୟଣ ଖୁଣ୍ଟିଆ, ଓଡ଼ିଶୀ କଣ୍ଠଶିଳ୍ପୀ ଗୁରୁ ଚନ୍ଦ୍ରମଣି ଲେଙ୍କା ଏବଂ ସାମାଜିକ କର୍ମୀ ଯୁଗବ୍ରତ କର ପ୍ରମୁଖଙ୍କୁ ପ୍ରତିଭା ସମ୍ମାନ-୨୦୧୯ରେ ସମ୍ମାନିତ କରାଯାଇଥିଲା। ସମ୍ବର୍ଦ୍ଧନା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଯୁଗ୍ମ ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ସଂଯୋଜନା କରିଥିବାବେଳେ ଶେଷରେ ସଂଗଠନ ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା।

## ବ୍ୟବସାୟୀଙ୍କ ପରଲୋକ: କୋଣାର୍କ ବଜାର ବନ୍ଦ

କୋଣାର୍କ, ୨।୮(ଡି.ଏନ୍.ଏ.)

ଏକ ଦୁର୍ଘଟଣାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା କୋଣାର୍କର ଯୁବ ବ୍ୟବସାୟୀ ପିଙ୍କୁ ପାଇଟାଳଙ୍କ ଗୁରୁବାର ରାତିରେ ମୃତ୍ୟୁ ଘଟିଥିଲା। ଫଳରେ କୋଣାର୍କ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ହସ୍ପିଟାଲରୁ ତାଙ୍କ ମୃତଦେହ ଆସିବା ପରେ କୋଣାର୍କ ବ୍ୟବସାୟୀ ମହାସଂଘ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରାରେ ପୈତୃକ ଗାଁ କାଇମାଟିକୁ ନିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଦିନ ୧୨ଟାଠାରୁ ୪ଟା ପର୍ଯ୍ୟନ୍ତ କୋଣାର୍କ ଅଞ୍ଚଳର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ପିଙ୍କୁ ନିଜ ଝିଆରୀଙ୍କୁ ବସାଇ ବାଇକ୍‌ରେ ନିଜ ଘର କାଇମାଟି ଗ୍ରାମକୁ ଯାଉଥିବାବେଳେ କୋଣାର୍କ କାକଟପୁର ରାସ୍ତାରେ ଥିବା ମଦ ଦୋକାନ ସମ୍ମୁଖରେ ଅଧିକ ଗହଳି ଥିବାରୁ ଗାଡିଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ପିଙ୍କୁ ଗୁରୁତର ଅବସ୍ଥାରେ ୬ଦିନ ଚିକିତ୍ସିତ ହେବା ପରେ ତାଙ୍କର ମୃତ୍ୟୁ ଘଟିଛି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

■ ହତ୍ୟା ଅଭିଯୋଗ ଆଣିଲେ ବାପା
■ ୨ଜଣଙ୍କୁ ଅଟକ ରଖି ପୋଲିସର ପଚରାଉଚରା

ପୁରୀ ଅଫିସ, ୨।୮:

ପୁରୀ ସଦର ଥାନା ଅଧୀନ ରେବତୀରମଣ ଗ୍ରାମରୁ ଜଣେ ବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହକୁ ଶୁକ୍ରବାର ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ସୁଜାତା ପାତ୍ର (୨୫)। ତାଙ୍କ ୪ମାସର ଏକ ଶିଶୁକନ୍ୟା ରହିଛି। ଶାଶୁଘର ଲୋକେ ଏହାକୁ ଆତ୍ମହତ୍ୟା କହୁଥିବା ବେଳେ ଅଧିକ ଯୌତୁକ ପାଇଁ ଝିଅକୁ ହତ୍ୟା କରାଯାଇଥିବା ସୁଜାତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ୨ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଏତଲାରେ ଦର୍ଶାଯାଇଛି, ୩ବର୍ଷ ତଳେ ହନ୍ତୁକ ଗ୍ରାମର ସୁଜାତା ଖଡ଼ିପଦା ପାଖ ରେବତୀରମଣ ଗ୍ରାମର ସୁକାନ୍ତ ମହାପାତ୍ରଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ବେଳେ କନ୍ୟାଘର ପକ୍ଷରୁ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ତେବେ ବିବାହ ପରେ ଅଧିକ ଯୌତୁକ ଦାବି କରି ଶାଶୁ, ଶ୍ୱଶୁର, ସ୍ୱାମୀ ପ୍ରମୁଖ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ତାଙ୍କ ପରିବାର ଗରିବ ହୋଇଥିବାରୁ ସୁଜାତା ଏ ନେଇ ଅକ୍ଷମତା ପ୍ରକାଶ କରିଥିଲେ। ସେ ପରିବାର ଲୋକଙ୍କୁ ଏ କଥା ଜଣାଇଥିଲେ। ଏଭଳି ସ୍ଥିତିରେ ଶୁକ୍ରବାର ଭୋର ସମୟରେ ସୁଜାତା ନିଜ କୋଠରି ବନ୍ଦ କରି ପଙ୍ଖାରେ ଝୁଲି ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ ତାଙ୍କ ବାପଘରକୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଘଟଣା ସମ୍ପର୍କରେ ଜଣାଇଥିଲେ।

## ଶ୍ରମ ଆଇନ ସଂଶୋଧନ ବିଲ୍ ପ୍ରତ୍ୟାହାର ଦାବି

ପୁରୀ ଅଫିସ, ୨।୮:

କେନ୍ଦ୍ର ସରକାର ଶ୍ରମ ଆଇନ ସଂଶୋଧନ ବିଲ୍ ତୁରନ୍ତ ପ୍ରତ୍ୟାହାର ଲାଗି ସିପିଆଇ, ସିପିଆଇ(ଏମ୍) ଏବଂ ବିଭିନ୍ନ ଶ୍ରମିକ ସଙ୍ଗଠନ ଦାବି କରିଛନ୍ତି। ଏ ନେଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, କେନ୍ଦ୍ର ସରକାରଙ୍କ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ସାମାଜିକ ସୁରକ୍ଷା ସଂକ୍ରାନ୍ତ ୧୫ଟି ଆଇନକୁ ମିଶ୍ରଣ କରି ସାମାଜିକ ସୁରକ୍ଷା ଉପରେ ଲେବର କୋର୍ଡ ଆଣୁଛନ୍ତି। ଏହି ବିଲ୍ କାର୍ଯ୍ୟକାରୀ ହେଲେ ନିର୍ମାଣ ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ଯୋଜନା ବାଧାପ୍ରାପ୍ତ ହେବ। ଶ୍ରମ ମନ୍ତ୍ରଣାଳୟ ଜୁଲାଇ ୨୩ରେ ମଜୁରି କୋର୍ଡ ବିଲ୨୦୧୯ ଲୋକସଭାରେ ଆଗତ କରିଛନ୍ତି। ଏହାଦ୍ୱାରା ୧୩ଟି ଗୁରୁତ୍ୱପୂର୍ଣ୍ଣ ଶ୍ରମ ଆଇନ ଉଚ୍ଛେଦ ହୋଇଯିବ। କେନ୍ଦ୍ର ସରକାର ଏହାଦ୍ୱାରା ଶ୍ରମିକଙ୍କ ଅଧିକାରଙ୍କୁ ସଙ୍କୁଚିତ କରିବା ଲାଗି ଚକ୍ରାନ୍ତ କରୁଛନ୍ତି ବୋଲି ବିଭିନ୍ନ ଦଳ ଏବଂ ଶ୍ରମିକ ସଙ୍ଗଠନ ଅଭିଯୋଗ କରିଛନ୍ତି। ଭାରତୀୟ ଶ୍ରମ ସମ୍ମିଳନୀର ସର୍ବସମ୍ମତ ପ୍ରସ୍ତାବକୁ ଅଣଦେଖା କରାଯାଇଛି। କେନ୍ଦ୍ର ଶ୍ରମ ମନ୍ତ୍ରୀ ଜୁଲାଇ ୧୦ ତାରିଖରେ ଦୈନିକ ୧୭୮ ଟଙ୍କା (୨୬ଦିନ ପାଇଁ ୪୬୨୮ ଟଙ୍କା) ଘୋଷଣା କରିବା ଶ୍ରମିକ ସ୍ୱାର୍ଥ ବିରୋଧୀ ବୋଲି କୁହାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ଶ୍ରମିକ ନେତା ଜଗନ୍ନାଥ ଦେଓ, ଶରତ ରାୟଗୁରୁ, ଟୁନା ନାୟକ, ମନୋରଞ୍ଜନ ମହାରଣା, ବାହନ ପରିଡ଼ା, ବ୍ରଜବନ୍ଧୁ ପ୍ରଧାନ, ହରିହର ସେନାପତି, ପ୍ରଫୁଲ୍ଲ ମହାପାତ୍ର, ବିଦ୍ୟୁଲତା ପୃଷ୍ଟି, ପ୍ରଦୀପ ମହାନ୍ତି ଓ ବନମାଳୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଅବସରକାଳୀନ ସମ୍ବର୍ଦ୍ଧନା

କଣାସ, ୨।୮(ସ୍ୱ.ପ୍ର.)

ଣାସ ବ୍ଲକ ସହ ଶିକ୍ଷା ଅଧିକାରୀ ବୀରକିଶୋର ପ୍ରଧାନଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକମାନଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ ନିରଞ୍ଜନ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ତଥା ଶିକ୍ଷା ଅଧିକାରୀ ମୀନକେତନ ସାମନ୍ତରାୟ, ସାଧନ ସଂଯୋଜକ ବୈକୁଣ୍ଠନାଥ କୋଦମାସିଂହ, ସସ୍ମିତା ଜାଲି, ଶିଶିର ବେହେରା, ଗାନ୍ଧୀ ପରିଡା, ଅଲଷ୍ଟା ଶିକ୍ଷକ ସଂଘ ପକ୍ଷରୁ ବିଦ୍ୟାଧର ବିଶ୍ୱାଳ, ରଶ୍ମିରଞ୍ଜନ ପଶ୍ଚିମକବାଟ, ଅକ୍ଷୟ କୁମାର ରାୟସିଂହ ପ୍ରମୁଖ ଉପସ୍ଥିତ ଥିଲେ। ସାଧନ ସଂଯୋଜକ ମୃତ୍ୟୁଞ୍ଜୟ ଦକ୍ଷିଣରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯିବା ସହ ଅଲଷ୍ଟା କଣାସ ବ୍ଲକ ପକ୍ଷରୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା।

## ପଞ୍ଚାୟତ ଅଫିସରେ କାଗଜପତ୍ର ଅସୁରକ୍ଷିତ ନେଇ ହୋହଲ୍ଲା

ବ୍ରହ୍ମଗିରି, ୨।୮(ଡି.ଏନ୍.ଏ.)

ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ କୁଶୁବେଣ୍ଟି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ଓଡ଼ିଶା ଜୀବିକା ମିଶନ ସଭା ବହି ଅସୁରକ୍ଷିତ ଭାବେ ରଖାଯାଇଥିବା ଅଭିଯୋଗ କରି ଶୁକ୍ରବାର ମହିଳାମାନେ ପଞ୍ଚାୟତ କାର୍ଯ୍ୟାଳୟରେ ହୋହଲ୍ଲା କରିଥିଲେ। ଖବର ପାଇ ବ୍ରହ୍ମଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ପଞ୍ଚାୟତରେ ଜୀବିକା ମିଶନ ମାଧମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନ ଗଢ଼ିଉଠିଛି। ଏହି ସଂଘ ତରଫରୁ ମହାସଂଘ ଗଠନ ପାଇଁ ୧୬ଟି ଗ୍ରାମର ମହିଳା ଗୋଷ୍ଠୀଗୁଡ଼ିକ ୨୦ଟି ସଭା କରି ସେମାନଙ୍କ ରିଜୋଲ୍ୟୁଶନ ଖାତା ପଞ୍ଚାୟତ କାର୍ଯ୍ୟାଳୟରେ ପୈଠ କରିଥାନ୍ତି। ଶୁକ୍ରବାର ମହିଳା ମହାସଂଘର ବୈଠକ ହେବା ସମୟରେ କାର୍ଯ୍ୟାଳୟରେ ଥିବା ରିଜୋଲ୍ୟୁଶନ ଖାତାରେ ପୂର୍ବ ଲେଖାକୁ ଲିଭାଯାଇ ପୁନର୍ବାର ଲେଖାଯାଇଥିବାର ଦେଖିବାକୁ ମିଳିଥିଲା। ଏହା କିପରି ହେଲା ଏବଂ କିଏ କଲା ତାହା ଜଣାପଡ଼ି ନ ଥିଲା । ପଞ୍ଚାୟତ କାର୍ଯ୍ୟାଳୟରେ ସେମାନଙ୍କ କାଗଜପତ୍ର ସୁରକ୍ଷିତ ନ ଥିବାରୁ ମହିଳାମାନେ ହୋହଲ୍ଲା କରିଥିଲେ। ଖବରପାଇ ବ୍ରହ୍ମଗିରି ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ଏ ନେଇ ମହିଳାମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ଜଣାପଡିଛି।




ସୂଚନା ଅଧିକାର (ସଂଶୋଧନ) ବିଲ୍‌କୁ ସ୍ୱୀକୃତି ନ ଦେବା ଦାବିରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ବ୍ରହ୍ମଗିରି ବ୍ଲକ: ଶୀତଳଭଣ୍ଡାରରେ ଖୁସି ଯୋଜନା

ବ୍ରହ୍ମଗିରି, ୨।୮(ଡି.ଏନ୍.ଏ.)

ବିଦ୍ୟାଳୟମାନଙ୍କୁ ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବା ପାଇଁ ସରକାର ଯୋଜନା ପରେ ଯୋଜନା କରିଚାଲିଛନ୍ତି । କିନ୍ତୁ କେତେକ ଯୋଜନା କାଗଜପତ୍ରରେ ଚାଲିଥିବା ବେଳେ ଅନ୍ୟ କେତେକ ଶୀତଳଭଣ୍ଡାରରେ ରହିଯାଇଛି। ଛାତ୍ରୀମାନଙ୍କ ପାଇଁ ରାଜ୍ୟ ସରକାର ଖୁସି ଯୋଜନା ଆରମ୍ଭ କରିଛନ୍ତି। ଗତବର୍ଷ ରାଜ୍ୟ ସରକାର ପ୍ରତ୍ୟେକ ସରକାରୀ ବିଦ୍ୟାଳୟରେ ଏହି ଯୋଜନା କାର୍ଯ୍ୟକାରୀ ହେବ ବୋଲି ଘୋଷଣା କରିଥିଲେ। ଖୁସି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଦ୍ୟାଳୟସ୍ତରରେ ଛାତ୍ରୀମାନଙ୍କ ସୁସ୍ଥ ପରିବେଶ, ଉପସ୍ଥାନ ବୃଦ୍ଧି ସହ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା। ସରକାରୀ ଓ ସରକାରୀ ଆଡେଡ୍ ବିଦ୍ୟାଳୟମାନଙ୍କରେ ପଢୁଥିବା ୬ଷ୍ଠଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀମାନଙ୍କୁ ମାଗଣାରେ ନାପକିନ୍ ଯୋଗାଇଦେବେ। ଏଥିପାଇଁ ରାଜ୍ୟ ସରକାର ୫ ବର୍ଷ ମଧରେ ୪୬୬ କୋଟି ଟଙ୍କା ଖର୍ଚ୍ଚ କରିବାର ଲକ୍ଷ୍ୟ ରଖିଛନ୍ତି। ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରତ୍ୟେକ ବିଦ୍ୟାଳୟରୁ ଜଣେ ଜଣେ ଶିକ୍ଷୟିତ୍ରୀ ଗତ ଶିକ୍ଷାବର୍ଷରେ ତାଲିମପ୍ରାପ୍ତ ହୋଇଛନ୍ତି । ଏହାସହ ଏହି ଯୋଜନା ପାଇଁ ବିଦ୍ୟାଳୟମାନଙ୍କରେ ସ୍ୱତନ୍ତ୍ର ଶୌଚାଳୟମାନ ନିର୍ମାଣ କରାଯାଇଛି। ଦୁଃଖ ଓ ପରିତାପର ବିଷୟ ଏହି ଯୋଜନା ଘୋଷଣା ହେବାର ଏକ ବର୍ଷ ବିତିବାକୁ ଯାଉଛି, କିନ୍ତୁ ଏପର୍ଯ୍ୟନ୍ତ ବ୍ରହ୍ମଗିରି ବ୍ଲକରେ ଏହି ଯୋଜନା କାର୍ଯ୍ୟକାରୀ ହୋଇନାହିଁ। ଫଳରେ ୧୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀ ଏହି ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କରେ ବ୍ରହ୍ମଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରଣବ ପ୍ରକାଶ ପୂର୍ଣ୍ଣ କୁହନ୍ତି, ସ୍ୱାସ୍ଥ୍ୟକେନ୍ଦ୍ରରୁ ନାପକିନ୍ ନେଇ ବିଦ୍ୟାଳୟ ମାନଙ୍କରେ ପହଞ୍ଚାଇବା ଦାୟିତ୍ୱ ଯେଉଁ ଏଜେଣ୍ଟମାନଙ୍କୁ ଦିଆଯାଇଥିଲା ସେମାନଙ୍କ ଯୋଗୁ ଏହା ବିଳମ୍ୱ ହୋଇଛି। ଖୁବ୍‌ଶୀଘ୍ର ବିଦ୍ୟାଳୟ ମାନଙ୍କରେ ଏହା ବଣ୍ଟନ କରାଯିବ।